ଜୁଲାଇ ୨୦୨୦ • ୫୦ଟଙ୍କା

# ରେବତୀ

ଆମ ମାଟିର ଘର

website :
www.rebatee.in




New Product
HDPE Pipes
SAVE WATER!
WATER IS LIFE.
Agriculture / Irrigation / Industries / Domestic
Ohm PVC Pipes
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଦ୍ୱିତୀୟ ବର୍ଷ : ୯ମ ସଂଖ୍ୟା, ଜୁଲାଇ, ୨୦୨୦ ■ Vol-2, Issue : 9, July , 2020



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : **ଶିବରାଜ କର୍ଣ୍ଣ**
- ଚିତ୍ରକଳା : **ସଂଜୟ କୁମାର ରାଉଳ**
- ଲେ-ଆଉଟ୍ : **ଦିଲ୍ଲୀପ କୁମାର ସେଣ**
- ଅକ୍ଷର : **ନିରଞ୍ଜନ ସାହୁ**
- ରେବତୀ ନାମାଙ୍କନ : **ଶିଳ୍ପୀ ଶଶିକାନ୍ତ ରାଉତ**

**ସମ୍ପାଦକୀୟ କାର୍ଯ୍ୟାଳୟ**

ସମ୍ପାଦିକା : ରେବତୀ
ଓ.ଟି. ରୋଡ୍, ବାଲେଶ୍ୱର
ପିନ୍- ୭୫୬୦୦୧
ଫୋନ୍ : ୯୪୩୭୦୮୦୦୦୩
୭୦୦୮୮୪୫୯୨୦

**Editorial Office**

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920

E-mail : *rebati.rebati2018@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**


■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**

ସୂ ଚୀ ପ ତ୍ର

୨ୟ ବର୍ଷ ୯ମ ସଂଖ୍ୟା । ଜୁଲାଇ ୨୦୨୦ ।

ଆମ ମାଟିର ସ୍ୱର

୭ ସମ୍ପାଦକୀୟ : ଲଜ୍ଜା ହେଉ ଆଭୂଷଣ...: ସୁବାସିନୀ ଜେନା



୩୦



୨୪



୩୪

୯
ଦେବାଳୟ : ନୃସିଂହନାଥଙ୍କ..... : କୁଞ୍ଜବିହାରୀ ସାହୁ

୧୬
ପୁଷ୍ପବିତାନ : ରାତିର ଗଙ୍ଗଶିଉଳି : ଶ୍ୱେତା ରାଉତ

୨୦
ଅନୁଶୀଳନ-୧ : ଭୂତ ପ୍ରେତ ଓ ......: ଜଗନ୍ନାଥ ପ୍ରସାଦ ଦାସ


୨୪
ପର୍ଯ୍ୟଟନ-୧ : ମଠର ମହିମା : ସଂଗ୍ରାମ କେଶରୀ ପୃଷ୍ଟି

୨୯
ଅନୁଶୀଳନ-୨ : ପ୍ରାବନ୍ଧିକ ଚନ୍ଦ୍ରମୋହନ ଡ. ଜୟନ୍ତ କୁମାର ଦାସ

୩୪
ମୋ ଗାଁ-୧ : ଜଡ଼ିଦାର ଜାତକ : ଅନୀଲ କୁମାର ପାଢ଼ୀ

୩୯
ଧାରାବାହିକ ଉପନ୍ୟାସ : ଦାସେ ଆପଣେ ପବିତ୍ର ମୋହନ ଦାଶ

୪୬ ପର୍ଯ୍ୟଟନ-୨ : ସ୍ନେହଲତା ଦାସଲେଙ୍କା
୫୧ ଆଇନ୍‌କାନୁନ୍ : ସ୍ନିଗ୍ଧା ତ୍ରିପାଠୀ
୫୨ ପ୍ରେରଣା : ଶ୍ରୀଗୋବିନ୍ଦ
୫୪ ଦ୍ୱି-ପ୍ରଚ୍ଛଦ : ଶାଶ୍ୱତୀ ପଣ୍ଡା
୫୬ ସମକାଳ କବିତା : ସରୋଜ ବଳ
: ଅକ୍ଷୟ ପାତ୍ର
୫୭ : ସୁରେଶ କୁମାର ନାୟକ
୫୮ : ଲିପିକା ଦାସ
: ପିନାକୀ ମିଶ୍ର
୫୯ : ମମତା ସାହୁ
: ଶିପୁନ ଜେନା
୬୦ : ଉମାଶଙ୍କର ପାଳ
: ଜୟନ୍ତିକା
: ନୀଳମାଧବ କର
୬୧ : ଦେବଯାନୀ ତ୍ରିପାଠୀ
: ଅଙ୍ଗୁରବାଳା ପରିଡ଼ା
୬୨ : ଅମରେନ୍ଦ୍ର ମାଧବ ଦାଶ
: ମାନମୟୀ ରଥ
୬୩ : ପୂରବୀ ଶତପଥୀ
: ମମତା ପ୍ରିୟଦର୍ଶିନୀ ସାହୁ
୬୪ : ଯାଦବେନ୍ଦ୍ର ସାହା
: ଦେବ ପ୍ରସାଦ ଦାଶ



୯



୧୬










୬୫ ପଛ-ଝର୍କା : ନେତାଜୀ ଅଭିନନ୍ଦନ
୬୮ ଭଲ ବହି : ହିରଣ୍ମୟୀ ମିଶ୍ର
୭୪ ମୋ ଗାଁ-୨ : ପ୍ରଶାନ୍ତ ଦାସ
୭୯ କଥା-କାହାଣୀ : ସ୍ମୃତି ଦାସ
୮୪ ଗୃହ ସମସ୍ୟା : ଡକ୍ଟର ହରପ୍ରସନ୍ନ ଦାସ
୧୦୨ ଛାୟାଚିତ୍ର : ଶ୍ରୀଗୋବିନ୍ଦ





## ନିୟମିତ ବିଭାଗ


୮୮- ୯୯ ରୋଷେଇଶାଳ :
ରୋନାଲିସା ପଣ୍ଡା
ରିୟା ନନ୍ଦ
କାକଳି ଭଞ୍ଜ
ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀ
ସୁନନ୍ଦା ବେହେରା
ସୁଚେତା ନନ୍ଦ
୧୦୦ ଫ୍ୟାଶନ୍ : ସ୍ନିଗ୍ଧା ତ୍ରିପାଠୀ






୧୦୬ ଶେଷପୃଷ୍ଠା : ଲେଖକ ଓ ଲାମିନେସନ୍ : କୃଷ୍ଣ କୁମାର ମହାନ୍ତି









ପ୍ରଚ୍ଛଦ ଭାବନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ଫଟୋଗ୍ରାଫି : ଅଭିଷେକ ପଟ୍ଟନାୟକ, ଭୁବନେଶ୍ୱର
ପ୍ରଚ୍ଛଦ ଡିଜାଇନ୍ : ଶିବ୍‌ରାଜ୍ କମ୍ପ, ଟ୍ରେଣ୍ଡି ଗ୍ରାଫିକ୍ସ, ସୋନପୁର
ପ୍ରଚ୍ଛଦ ମଡେଲ୍ : ପ୍ରିୟଙ୍କା ମହାନ୍ତି, ଭୁବନେଶ୍ୱର
ଉଚ୍ଚତା : ୫ ଫୁଟ୍ ୪ ଇଞ୍ଚ୍
ଶିକ୍ଷା : ଏମ୍‌ବିବିଏସ୍
ବୃତ୍ତି : ଡାକ୍ତର
କଷ୍ଟ୍ୟୁମ୍ ଓ ମେକ୍‌ଅପ୍ : ମଧୁସ୍ମିତା ପଟ୍ଟନାୟକ
ସ୍ଥାନ : ଭୁବନେଶ୍ୱର


**ମଲାଟ କଥା :** ଲଜ୍ଜା ଆମ ନାରୀର ଏକ ଆଭୁଷଣ । ସେଥିପାଇଁ ଆମେ ନାରୀକୁ ଲଜ୍ଜାବତୀ ବା ବ୍ରୀଡ଼ାବତୀ ବୋଲି କହିଥାଉ । ଲାଜ କରିବା ବା ଲଜ୍ଜାଶୀଳା ହେବା ଗୁଣଟି ନାରୀର ଏକ ସ୍ୱଭାବ । ନାରୀର ଏକ ସହଜାତ ପ୍ରବୃତ୍ତି । ଏଇ ବିଶେଷ ଗୁଣଟି ନାରୀର ବାହ୍ୟ ସ୍ୱରୂପକୁ ମଧ୍ୟ ସୌନ୍ଦର୍ଯ୍ୟ ମଣ୍ଡିତ କରିଥାଏ । ନାରୀଟିଏ ପ୍ରତି ଏଇ ସ୍ୱଭାବ କାରଣରୁ ଅନେକଙ୍କ ଆଦର ବଢିଥାଏ । ଲଜ୍ଜାରେ ଆନତ ମୁହଁ ସହ ନିମୀଳିତ ଆଖିର ମୁଦ୍ରା ପୁରୁଷର ପ୍ରମୁଖ ଆକର୍ଷଣ କହିଲେ ଭୁଲ୍ ହେବ ନାହିଁ । ସୁତରାଂ ଯୁଗେ ଯୁଗେ ନାରୀର ଏ ଲଜ୍ଜାଶୀଳ ଭାବଟି ସମସ୍ତଙ୍କୁ ଆକର୍ଷି ଆସିଛି । ଆଜି ବି ନାରୀର ଏ ଗୁଣଟି ଅକ୍ଷୁର୍ଣ୍ଣ ରହିଛି । ଲଜ୍ଜା ନାରୀକୁ କେବଳ ଶ୍ରୀମଣ୍ଡିତ କରେନା, ତାହା କାରୀକୁ ମହିମାନ୍ୱିତ ମଧ୍ୟ କରେ । ନାରୀ ପ୍ରତି ସମ୍ମାନ ଓ ଭଲପାଇବା ବଢିଯାଏ ଏଇ ସ୍ୱଭାବଟିର ସହାବସ୍ଥାନ ଫଳରେ । ସେଇ ଲଜ୍ଜାର ଭାବଟି ଏଥର 'ରେବତୀ'ର ପ୍ରଚ୍ଛଦ ଭାବନା ।




## ପତ୍ରିକାର ମୂଲ୍ୟ ସାଧାରଣ ପାଠକକୁ ବାଧୁଛି

● ସତୁରୀ ଦିନର ସୁନ୍ଦର ବନବାସ ପରେ (ଲକ୍‌ଡାଉନ୍ ବାଧ୍ୟବାଧକତାରୁ) ଗାଁରୁ ଫେରିଲି ଭୁବନେଶ୍ୱର ଆଜି । କିଣି ଆଣିଲି, 'ରେବତୀ ଆମ ମାଟିର ସ୍ୱର', ପୁରୁଣା ବସ୍‌ଷ୍ଟାଣ୍ଡର ତପନ ମିଶ୍ର ଦୋକାନରୁ । ଆମୂଳଚୁଳ ପଢ଼ିଲି । ଯେହେତୁ ଦୋଳସଂଖ୍ୟା, ତେଣୁ ହୋଲି ଲେଖାଟି ଆଗ ପଢ଼ିଲି । ଚରିତ ଉପନ୍ୟାସରେ ଗୋପବନ୍ଧୁଙ୍କ ଜୀବନର ଘଟଣାସବୁ ଚଳଚ୍ଚିତ୍ର ପରି ପବିତ୍ର ମୋହନ ଦାଶ ଆଙ୍କି ଚାଲିଛନ୍ତି, ଆଗ୍ରହ ବଢୁଛି ଉତ୍କଳର ମଣିଙ୍କ ବିଷୟରେ ଅଧିକ ଜାଣିବାକୁ, ତା' ସହ କିଛି ବାସ୍ତବ ଫଟୋଚିତ୍ର । ଅନ୍ୟାନ୍ୟ ଲେଖା ଭିତରୁ 'ବ୍ରାହ୍ମଣୀର ଦୁଃଖ' ଓ 'ଇଟାଲି କଥା' ଇତ୍ୟାଦି, ଏଥର ଗୁଡ଼ାଏ ରାନ୍ଧଣାର ବିବରଣୀ କଷ୍ଟ ଦେଲା ମତେ, ଭିନ୍ନ ଭିନ୍ନ ଲେଖା ଭିତରେ ମଜା ଥାଏ ପାଠକର, ପୁରୁଣା ବଛାବଛା ଭଲ ଲେଖା ଛାପିଲେ, ନୂଆପିଢ଼ି କିଛି ପ୍ରେରଣା ପାଆନ୍ତେ । ଏବେ ଯିବା ଶେଷପୃଷ୍ଠାକୁ । ଲେଖକର ସ୍କେଲ୍‌କୁ, ପଢ଼ିସାରିଲା ପରେ ଲାଗିଲା, ମାପିବ କିଏ, ମାନକ କଣ ? ବାଛିବା, ଛାଣ୍ଟିବା ଗହନ କାମ । ସମସ୍ତେ ତ ନିଜ ହାତରେ ଚଉଦ ପା' । ମୋର ନିଜସ୍ୱ ଅନୁଭୂତି ଅଛି, ଥରେ ଗୋଟିଏ ପ୍ରତିଷ୍ଠିତ ପତ୍ରିକାର ସମ୍ପାଦକଙ୍କୁ ଲେଖାଟିଏ ଦେବାକୁ କଥାଛଳରେ କୋଡ଼ିଏ ବର୍ଷ ତଳେ କହିଥିଲି, ବଦଳରେ ପାରିଶ୍ରମିକ ନେବି କହିଥିଲି । ସିଧା ମତେ କିଛି କହିଲେନି ସିନା ପରେ ମୋର ବନ୍ଧୁମାନଙ୍କ ଠାରୁ ଶୁଣିଲି ଯେ ସେ ମୋତେ ବହୁତ ଅସମ୍ମାନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କଥା ସହ ମୁଁ କୋଉ ଲେଖକରେ ଗଣା ଯେ ପଇସା ମାଗିବି ବୋଲି କହିଥିଲେ । ଚୁପ୍ ରହିଲିନି, ପ୍ରତିବାଦ କଲି ସଭା ସମିତିରେ । ଲାଭ ହେଲାନି କିଛି । କିନ୍ତୁ ସେ ନରମିଲେ । କଥା ହେଉଛି କିଏ କେତେବଡ଼, ସେକଥା ଲେଖାରୁ ଧରାପଡ଼ିବ, ପାଠକ ତ ଆଗ କାଟିଦେବେ । ପାଠକର ରୁଚି ଏବଂ ନିଖୁଣ ସମ୍ପାଦନା ଓ ସାଲିସ୍ ବିହୀନ କାର୍ଯ୍ୟ ସମ୍ପାଦନ ପତ୍ରିକାର ମାନ ବୃଦ୍ଧି କରାଏ । ଯୋଉମାନେ ଲେଖାତଳର ପଦବୀ ଓ ପ୍ରତିଷ୍ଠାକୁ ପଢ଼ି ଲେଖା ଛାପନ୍ତି, ସେମାନେ ଅସଫଳ ହୁଅନ୍ତି । ଅନେକ ସ୍ଥାନରେ ଘଟି ସାରିଛି । ସୁତରାଂ ସାହିତ୍ୟର ପ୍ରକୃତ ସାଧକ କେବେ ନିଜ ଗୋଡ଼ରେ ନିଜେ ଚୋଟ ମାରିବନି । ଶେଷରେ କହିବି ପତ୍ରିକାର ମୂଲ୍ୟ ସାଧାରଣ ପାଠକକୁ ବାଧୁଛି, ଅନେକ ଲୋକ ଦାମ ପଢ଼ିବା ପରେ ବିମୁଖ ହେଉଛନ୍ତି, ତିରିଶ୍ ଥିଲା ଚାଳିଶ୍ କରିଥାନ୍ତେ, ସିଧା ପଚାଶକୁ ଯିବା ବର୍ତ୍ତମାନ ସାହିତ୍ୟିକ ପାଣିପାଗରେ ଉଚିତ୍ ହେଲାନି । ଦେଖିବେ, ଚିନ୍ତା କରିବେ । ଯେହେତୁ ପ୍ରଥମରୁ ସବୁ ସଂଖ୍ୟା କିଣୁଛି ଓ ରଖୁଛି ସାଇତି (ସାଇତି ଥିଲି ବୋଲି ତ ଏ ଲକ୍ ଡାଉନ୍‌ରେ ପଢ଼ିବାକୁ ପ୍ରଚୁର ସମୟ ମିଳିଲା) ।

**ଡକ୍ଟର ରାଜୀବ ଷଡଙ୍ଗୀ, ସୂର୍ଯ୍ୟନିଳୟମ୍, କୁମୁଡ଼ା ଜୟପୁର, କଟକ-୭୫୪୨୦୪**

**ଆମ ଉତ୍ତର :** ଆପଣଙ୍କୁ ଅଶେଷ ଧନ୍ୟବାଦ ଯେ ଆପଣ ଆମ ପତ୍ରିକାର ଜଣେ ନିୟମିତ ଦରଦୀ ଓ ଦୀକ୍ଷିତ ପାଠକ ଭାବରେ ଦାୟିତ୍ୱ ନିର୍ବାହ ପୂର୍ବକ ଆମକୁ ଆମର ଭଲ ଓ ମନ୍ଦ ଉଭୟ ଦିଗ ପ୍ରତି ସଚେତନ କରାଉଛନ୍ତି । ତେବେ ରୋଷେଇ ବିଷୟକ ଅଧିକ ଉପସ୍ଥାପନା ଆପଣଙ୍କୁ ଭଲ ଲାଗୁନାହିଁ ବୋଲି ଲେଖିଛନ୍ତି । ଆମେ ବିନମ୍ରତାର ସହ ସୂଚେଇ ଦେବାକୁ ଚାହୁଁ ଯେ ଏହା ଏକ ସାହିତ୍ୟଭିତ୍ତିକ ପତ୍ରିକା ନୁହେଁ । ଏହା ପାରିବାରିକ ପତ୍ରିକା । ତେଣୁ ଆମେ ପରିବାରର ସମସ୍ତଙ୍କ ରୁଚିକୁ ଚାହିଁ ଲେଖା ଦେଉଛୁ । ଅନେକ ଗୃହିଣୀ ଅଛନ୍ତି ସେମାନେ ରୋଷେଇ ପାଇଁ ଅନେଇ ବସିଥାନ୍ତି । ବାକି ଆପଣ ଯେଉ ମୂଲ୍ୟ କଥା ଉଠାଇଛନ୍ତି ସେ ବାବଦରେ ଏତିକି ଜାଣି ରଖନ୍ତୁ ଯେ, ପତ୍ରିକାର ଖର୍ଚ୍ଚ ତୁଳନାରେ ତାହା କିଛି ନୁହେଁ । ଆମେ ତଥାପି କ୍ଷତିରେ ପତ୍ରିକା ଯୋଗାଇ ଦେଉଛୁ । ଆଶା ପଚାଶ ଟଙ୍କା ଦେଇ ଏତେଗୁଡ଼ିଏ ଲେଖା ପାଇ ଖୁସି ହେବେ ।

## 'ରେବତୀ'ର ଗୁଣବତ୍ତା ଉଚ୍ଚମାନର

● 'ରେବତୀ'ର ଗୁଣବତ୍ତା ଖୁବ୍ ଉଚ୍ଚମାନର ହେଉଛି । ତ୍ୱରାନ୍ୱିତ ପ୍ରକ୍ରିୟା ହାର ତଥା ବେଗ ଖୁବ୍ କ୍ଷିପ୍ର ଅଛି । ଏମିତି ସଂବେଗ ରହିଲେ ଖାଲି ଓଡ଼ିଆ କାହିଁକି ଅଧିକନ୍ତୁ ସମଗ୍ର ଭାରତ ବର୍ଷରେ ଏକ ଦୃଷ୍ଟାନ୍ତମୂଳକ ପତ୍ରିକା ହେବାରେ କୌଣସି ପ୍ରତିବନ୍ଧକ ଆସିବା ଅସମ୍ଭବ ମନେହୁଏ । ମୁଁ ଜଣେ ପାଠକ-ଲେଖକୀୟ ବିଚାରବତ୍ତା ତଥା ସମ୍ପାଦକୀୟ ସମୀକ୍ଷକୀୟ ଦୃଷ୍ଟି ଓ ଦର୍ଶନ ନେଇ ପୁଣି କହୁଛି ଏପରି ସଂବେଗ ତଥା ନିଜ ଗୁଣବତ୍ତାର ବସ୍ତୁତ୍ୱ ଓ ବେଗକୁ ବଜାୟ ରଖିଲେ ସମଗ୍ର ଭାରତବର୍ଷରେ ପ୍ରଥମ ଧାଡ଼ିର ତାରକାଯୁକ୍ତ ପତ୍ରିକା ହେବା ଅନିବାର୍ଯ୍ୟ । ଆପଣଙ୍କ ପ୍ରଜ୍ଞା ଓ ନିରଳସ ପ୍ରଚେଷ୍ଟାର ସ୍ପର୍ଶ ଓ ସମ୍ପାଦିକା ସୁବାସିନୀ ମାଡ଼ାମ୍‌ଙ୍କ ଆକାଶ ପରି ବିଶାଳ ହୃଦୟବତ୍ତାର ପରିପ୍ରକାଶ ଓ ପରିବାରର ମୁଖ୍ୟ ତଥା ଅନ୍ୟାନ୍ୟ ସଦସ୍ୟମାନଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଭଲପାଇବା ଏହାର ପୃଷ୍ଠଦେଶରେ ରହିଛି ବୋଲି ମୋ ଦୃଢ଼ ନିଶ୍ଚିନ୍ତ ମନ୍ତବ୍ୟ । ତେବେ 'ରେବତୀ' ପାଇଁ ଶୁଭେଚ୍ଛା ତ ସବୁଦିନ ରହିଛି । ଖାଲି ଏଇ ପୃଷ୍ଠା ମାଧ୍ୟମରେ ଜ୍ଞାପନ କରୁଛି ଶୁଭମ୍ ଭବତୁ । ରେବତୀ ଯଶସ୍ୱିନୀ ହେଉ.... ଆପଣଙ୍କୁ ଆପଣଙ୍କ ବୌଦ୍ଧିକ ପ୍ରଚେଷ୍ଟାକୁ, ଶ୍ରମ ଓ ଯୋଗ୍ୟତାକୁ, ସ୍ନେହ, ମମତା, ପ୍ରଜ୍ଞା ଓ ଭଲପାଇବା ପରି ଅମୂର୍ତ୍ତ ମାନସର ମୂର୍ତ୍ତରୂପ ସୁବାସିନୀ ମାଡ଼ାମଙ୍କୁ ପ୍ରଜ୍ଞା, ଶାଳୀନତା ଓ ଧୈର୍ଯ୍ୟର ମୂର୍ତ୍ତି ଇଞ୍ଜିନିୟର ଶ୍ରୀଯୁକ୍ତ ରବୀନ୍ଦ୍ର ସାର୍‌ଙ୍କୁ...ତାଙ୍କ ମହାନ ହୃଦୟ ସହୃଦୟତାକୁ । ସମସ୍ତ ରେବତୀ ପରିବାରକୁ ।

**ଡକ୍ଟର ସନ୍ତୋଷ କୁମାର ନାୟକ,**
**ଓଇଏସ୍-୧, ସହକାରୀ ପ୍ରଫେସର୍ ଓ ବିଭାଗ ମୁଖ୍ୟ, ଅଧିସ୍ନାତକ ଓଡ଼ିଆ ବିଭାଗ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର**

## ଏକ ବ୍ୟାଧିମୁକ୍ତ ଲେଖକସମାଜ ଦରକାର

● ମାର୍ଚ୍ଚ ମାସ 'ରେବତୀ'ରେ କୃଷ୍ଣ କୁମାର ମହାନ୍ତିଙ୍କ ସମ୍ପାଦକୀୟ 'ଶେଷପୃଷ୍ଠା'ଟି ଖୁବ୍ ଭଲ ଲାଗିଲା । ଏତେ ଭଲ ଲାଗିଲା ଯେ ଲଗାତର ତିନିଥର ପାଠ କଲି । ଲେଖକୀୟ ପ୍ରତିଭାକୁ କେଉଁ ସ୍କେଲ୍‌ରେ ମପାଯାଏ ସତରେ ? କେଉଁ ଯନ୍ତ୍ରରେ ମାପିହୁଏ ସୃଷ୍ଟିର ଅନ୍ତର୍ନିହିତ ଉତ୍ତାପକୁ ? ଖୁବ୍ ସୁନ୍ଦର ଚିନ୍ତା ଧାରା ! ଶେଷର ଉଲ୍ଲିଖିତ ବ୍ୟାଧିଗୁଡ଼ିକ ବି ବେଶ୍ ଦୃଷ୍ଟି ଆକର୍ଷଣ କରେ । ଏକ ବ୍ୟାଧିମୁକ୍ତ ଲେଖକ ସମାଜ ଆଜିର ଆବଶ୍ୟକତା ନିଶ୍ଚୟ । ଅଶେଷ ଅଭିନନ୍ଦନ ଆପଣଙ୍କୁ ଏ ଲେଖାଟି ଲାଗି ।

**ଅଞ୍ଜଳି ସାହୁ**
**ଭୁବନେଶ୍ୱର**

## ଆମ ପାଇଁ ଡିଜିଟାଲ୍ ସଂସ୍କରଣ ସୁବିଧା

● ଡିଜିଟାଲ୍ ସଂସ୍କରଣର ସୁବିଧା ହେତୁ ଜୁନ ମାସର 'ରେବତୀ' ଝଟ୍ କରି ପାଇଗଲି । ଗାଁରେ ଥିବା ନନା ରଖନ୍ତି ମୋ ପାଇଁ । କବିତା ସବୁ ମନଛୁଆଁ । ଅଜୟ ସ୍ୱାଇଁ ବଂଶୀଧର ସାର୍‌ଙ୍କ ସହ ପରିଚୟ କରାଇ ଦେଲେ । ତାଙ୍କ ଲେଖା ପଢ଼ିବାର ଲୋଭ ତ ଥାଏ ସବୁବେଳେ । ଜଗନ୍ନାଥ ମହାପ୍ରଭୁଙ୍କ ଆଦେଶ ଓ ଇଚ୍ଛାରେ ପ୍ରକାଶିତ ସବୁ ଆଲେଖ ଭଲ ଲାଗିଲା । ସୁବାସିନୀ ମାଡ଼ାମଙ୍କ ନାରୀ ସଂଯମତା ଓ ସଂଗ୍ରାମ ସ୍ତମ୍ଭଟି ଭଲଲାଗିଲା । ଏତିକି ପଢ଼ିଛି । ପବିତ୍ର ମୋହନ ଦାଶଙ୍କ 'ଦାସେ ଆପଣେ' ଓ କବିତା ବାରିକଙ୍କ ଗପ 'ରେବତୀ ସୁମତି ଦେହମତି' ଶାନ୍ତିରେ ଉପଭୋଗ କରି ପଢ଼ିବି ।

**ପାରମିତା ଷଡ଼ଙ୍ଗୀ**
**ନବୀ ମୁମ୍ବାଇ**

## ରେବତୀ : ସର୍ବଭାରତୀୟ ସ୍ତରୀୟ ଅନନ୍ୟ ପତ୍ରିକା

● ସୁଦୂର ସମ୍ବଲପୁର ସହରରୁ ମୋର ନମସ୍କାର ଓ ଶୁଭେଚ୍ଛା ଗ୍ରହଣ କରନ୍ତୁ । ସଂଭ୍ରାନ୍ତ ପତ୍ରିକା 'ରେବତୀ ଆମ ମାଟିର ସ୍ୱର'ର ମୁଁ ଜଣେ ନିୟମିତ ପାଠକ । 'ରେବତୀ' ଏକ ସର୍ବ ଭାରତୀୟ ସ୍ତରର ଅନନ୍ୟ ଓଡ଼ିଆ ପତ୍ରିକା । ଏହାର ଆକର୍ଷଣୀୟ ପ୍ରଚ୍ଛଦପଟ୍ଟ ସହ ମସୃଣ କାଗଜରେ ସୁନ୍ଦର ଭାବେ ମୁଦ୍ରିତ ପୃଷ୍ଠାଗୁଡ଼ିକ ଖୁବ୍ ଲୋଭନୀୟ । ଏଥିରେ ପ୍ରକାଶ ପାଉଥିବା ଗଳ୍ପ, କବିତା, ପ୍ରବନ୍ଧ ଆଦି ଆହୁରି ଭାବୋଦ୍ଦୀପକ, ସରସ ଓ ହୃଦୟଗ୍ରାହୀ । ଏଇ ପତ୍ରିକାକୁ ଛୁଇଁଲେ, ପାଠକଙ୍କ ମନରେ ଏକ ଆତ୍ମବୋଧ ଜାତ ହୁଏ, ଆଉ ପଢି ସାରିଲେ, ହୃଦୟରେ ଏକ ଆତ୍ମ-ତୃପ୍ତି ଆସେ ।

**ଜନ୍ମେଜୟ ବାବୁ**
**ପଟ୍ଟନାୟକ ପଡ଼ା, ସମ୍ବଲପୁର-୧**

ସମ୍ପାଦକୀୟ

# ଲଜ୍ଜା ହେଉ ଆଭୂଷଣ ଚିରକାଳ

'ଲଜ୍ଜା' ନାରୀର ଏକ ଅମୋଘ ଅଳଙ୍କାର । ଏହାକୁ ବେଢ଼େଇ ହେଇ ନାରୀ ତା'ର ସୌନ୍ଦର୍ଯ୍ୟକୁ ଅକ୍ଷତ ରଖିପାରେ ଜୀବନକାଳ । କୁହାଯାଏ, ନାରୀର ଲଜ୍ଜା ହିଁ ତା'ର ପରିଚୟ । ଲଜ୍ଜା ନଥିବା ନାରୀକୁ, ଯେତେ ରୂପବତୀ ହୋଇଥିଲେ ହେଁ, ସମାଜ ତାକୁ ଭିନ୍ନ ଚକ୍ଷୁରେ ଦେଖିଥାଏ । ଲଜ୍ଜା ହିଁ ନାରୀକୁ ଦେଇଥାଏ ବିଶାଳ ଏକ ମର୍ଯ୍ୟାଦା । ଲଜ୍ଜାଶୀଳା ନାରୀର ସଦ୍‌ଗୁଣ ଓ ସଦାଚାର ସୁବାସିତ କରିଥାଏ ସମାଜକୁ, ପରିବାରକୁ । ସର୍ବୋପରି ତା'ର ଆଖପାଖ ବାତାବରଣକୁ । ନାରୀର ଏହି ଲଜ୍ଜା ଏତେ ଦୁର୍ମୂଲ୍ୟ ଯେ, ଏହାର ସୁରକ୍ଷା ପାଇଁ ସେ ଅତି ଚରମ ସୀମାକୁ ମଧ୍ୟ ଯାଇପାରେ । ତେବେ ଏହି ପରିପ୍ରେକ୍ଷୀରେ ଦ୍ୱାପର ଯୁଗର ସେଇ କୁରୁସଭାର ଦୃଶ୍ୟଟି ମନେ ପଡ଼ିଯାଏ, ଯେଉଁଠି ଗୋଟେ ପଟେ ନାରୀର (ଦ୍ରୌପଦୀ) ଲଜ୍ଜାକୁ ଭୂଲୁଣ୍ଠିତ ହେଉଥିବାର ଦୃଶ୍ୟ ଦିଶେ ତ ଅପରପକ୍ଷରେ ନାରୀର ଲଜ୍ଜା ନିବାରଣ ପାଇଁ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଆବିର୍ଭାବ ହୋଇଥିବା କଥା ଆମେ ଜାଣୁ । 'ମହାଭାରତ'ର ଏ ଦୃଶ୍ୟ ହିଁ ଆମକୁ ବୁଝେଇ ଦେବାକୁ ଯଥେଷ୍ଟ ଯେ, ମହାଭାରତୀୟ ପରମ୍ପରାରେ ନାରୀର 'ଲଜ୍ଜା' କେତେ ଦୁର୍ଲ୍ଲଭ । ସୁତରାଂ ଏହାର ସୁରକ୍ଷା ବା ନିବାରଣ ମଧ୍ୟ ତତୋଽଧିକ ତାତ୍ପର୍ଯ୍ୟପୂର୍ଣ୍ଣ ଏ ସମାଜ ପାଇଁ । ସବୁଠୁ ଯେଉଁ କଥାଟିକୁ ଆମେ ଅଣଦେଖା କରୁ ତା'ହେଲା, ନାରୀର ଲଜ୍ଜା ନିବାରଣ ନିମନ୍ତେ ସ୍ୱୟଂ ଭଗବାନ ହିଁ ଯୋଗାଇ ଦେଇଥିଲେ କୋଟିବସ୍ତ୍ର । ତେଣୁ ଆଜିର ସମୟରେ ନାରୀର ଲଜ୍ଜା କେବଳ ନାରୀର ନୁହଁ, ତାହା ପୁରୁଷ ପାଇଁ ମଧ୍ୟ ସେତିକି ଲଜ୍ଜାଜନକ । ଯଦି ପୁରୁଷ ରହୁଥିବା ସମାଜରେ ଜଣେ ନାରୀର ଲଜ୍ଜା-ହରଣ ହୁଏ, ତେବେ ପୁରୁଷଟି ପାଇଁ ଏହା ଠୁଁ ବଳି ଲଜ୍ଜାଜନକ କଥା ଆଉ କିଛି ନଥାଇପାରେ । ନାରୀର ଲଜ୍ଜାକୁ ନିବାରଣ କରିବାର ଦାୟିତ୍ୱ ଅଲିଖିତ ଭାବରେ ହିଁ ଈଶ୍ୱର ଦେଇଛନ୍ତି ପୁରୁଷ ସମାଜକୁ । ସେତିକି ଭରସା ଅନ୍ତତଃ ଈଶ୍ୱରଙ୍କର ଅଛି ଯେ, ନାରୀର ଆଭୂଷଣ 'ଲଜ୍ଜା'କୁ ଅନ୍ତତଃ କେବେ ଭୂଲୁଣ୍ଠିତ ହେବାକୁ ଦେବ ନାହିଁ ପୁରୁଷସମାଜ । ଏ ଏକ ଅନନୁଭବ୍ୟ ଶିହରଣ । ଏହାକୁ ହୃଦ୍‌ବୋଧ କରିବାର ଆବଶ୍ୟକତା ଅଛି ।

ଆଜି ଆମେ ଯେଉଁ ସମାଜରେ ବସବାସ କରୁଛୁ, ସେଠି ନାରୀର ଏ ଲଜ୍ଜା କେତେ ମାତ୍ରାରେ ସୁରକ୍ଷିତ ଆମେ ଜାଣିଛୁ । ଆମେ ଏକଥା ମଧ୍ୟ ଜାଣିଛୁ ଯେ, ନାରୀର ଲଜ୍ଜା ନାରୀକୁ ମହିୟସୀ କରି ତୋଳିଥାଏ । ଏ ଲଜ୍ଜା କେବଳ ନୁହେଁ ଆନତ ଆଚରଣରେ କାହାକୁ ବଶୀଭୂତ କରିବା । ବରଂ ଏ 'ଲଜ୍ଜା' ଭିତରେ ଭରି ରହିଛି ନାରୀର ତ୍ୟାଗ ଓ ତିତିକ୍ଷାର ମନ୍ତ୍ର । ତା'ର କର୍ମ ଓ ନିୟତି । ତା'ର ଇଚ୍ଛା ଓ ସ୍ୱାଚ୍ଛନ୍ଦ୍ୟ । ସବୁକିଛିର ଏକ ମିଶ୍ରିତ ସ୍ୱରୂପ ହିଁ ଲଜ୍ଜା । ଏ ଲଜ୍ଜାଟିକକୁ ତା'ଠୁ ଆମେ ବାହାର କରିନେଲେ, ନାରୀ ନିଥର, ନାରୀ ନିର୍ଜୀବ । ନାରୀ ଯେପରି ମୃତ । ସୁତରାଂ 'ଲଜ୍ଜା'ଟି ମାମୁଲି କୌଣସି ଏକ ସାମଗ୍ରୀ ଭାବି ଆମେ ନାରୀକୁ କଦାଚିତ୍ ଆମ ହାତର କଣ୍ଢେଇ ପରି ମନଇଚ୍ଛା ବ୍ୟବହାର କରିପାରିବା ନାହିଁ । ଏ ଦିଗଟି ପ୍ରତି ସଂବେଦନଶୀଳ ପ୍ରତ୍ୟେକଟି ମଣିଷ ଥରେ ନୁହଁ ସହସ୍ର ଥର ଭାବିବା ଉଚିତ ।

ଆଜିର ଏକବିଂଶ ଶତାବ୍ଦୀରେ ଆମେ ଯେତେବେଳେ 'ନାରୀ'କୁ ଭେଟୁଛୁ, ଏକ ନୂଆ କଳେବରରେ, ଏକ ଅଭୂତପୂର୍ବ ଚମକରେ, ଆମେ କସ୍ମିନ୍‌କାଳେ ଭୁଲିଯିବା ଉଚିତ ନୁହେଁ ଯେ, ନାରୀ ଆଜି ବି ସେଇ 'ରେବତୀ'ର ଖୋଳପା ଭିତରେ ବଞ୍ଚୁନାହିଁ ବୋଲି । ଆଜି ବି ନାରୀ ଭିତରେ କେଉଁଠି ନା କେଉଁଠି ରହିଛି ଶିକ୍ଷାର ଘୋର ଅଭାବ । ଉପଯୁକ୍ତ ବ୍ୟବସ୍ଥାରେ ବଢ଼ି ଉଠିବାରୁ ଆଜି ମଧ୍ୟ କେଉଁଠି ନା କେଉଁଠି ନାରୀଟି ବଞ୍ଚିତା । ତେବେ ଏହା ସତ୍ତ୍ୱେ ଖୁସିର କଥା ଯେ, ନାରୀର ବିକାଶ ପଥରେ ଏ ସମାଜ ତଥାପି ସାଥ୍ ଦେଇଛି । ନାରୀ ଶିକ୍ଷିତ ହୋଇଛି । ନାରୀ ନିଜ ଇଚ୍ଛାରେ ପ୍ରେମ କରିବାର ସ୍ୱାଧୀନତା ପାଇଛି । ନାରୀ ଆଜି ଏମିତି ସ୍ଥାନରେ ପଦାସୀନ ଅଛି, ଯେଉଁଠି ଦିନେ କେବଳ ପୁରୁଷମାନେ ହିଁ ଏକାଧିପତି ଥିଲେ । ଏହା ଆମପାଇଁ ଖୁସିର କଥା । ଗର୍ବ କରିବାର କଥା । ନାରୀ ଏବେ 'ରେବତୀ'ରୁ 'ରୁବି' ହୋଇପାରିଛି ।

ଗୋଟେ ପରିବାରରେ ହେଉ କି ସମାଜରେ, ଆମେ ସବୁବେଳେ ନରୀ ପୁରୁଷ ମିଶିକି ରହୁ । ନାରୀ ଓ ପୁରୁଷ ଭିତରେ କିଛି ବି ତାରତମ୍ୟ ନଥାଏ, କେବଳ ଶାରୀରିକ ଗଠନକୁ ଛାଡ଼ି । 'ଲଜ୍ଜା' କଥା ଉଠିଲେ କେବଳ ନାରୀ ହିଁ କାହିଁକି, ପୁରୁଷ ନୁହେଁ କାହିଁକି- ଏ ପ୍ରଶ୍ନ ମଧ୍ୟ ଉଙ୍କିମାରେ ଆମ ଭିତରେ । ଏ ବାବଦରେ କେବଳ ଏତିକି କହିହେବ ଯେ, ଶାରୀରିକ ଗଠନ ଶୈଳୀ ଦୃଷ୍ଟିରୁ ବସ୍ତ୍ର ପରିଧାନ ପୂର୍ବକ ଲଜ୍ଜା ନିବାରଣର ଯଥେଷ୍ଟ ଆବଶ୍ୟକତା ରହିଛି ନରୀ ପାଇଁ । କାରଣ ପୁରୁଷ ପାଇଁ ତାହା ଅପରିହାର୍ଯ୍ୟ ନୁହେଁ । ତେବେ ଆଜିର ସମୟରେ ବସ୍ତ୍ରକୁ କମ୍‌ରୁ କମ୍ ବ୍ୟବହାର କରି ପରିଧାନ ପ୍ରସ୍ତୁତ ହେଉଥିବା ଏବଂ ସେସବୁକୁ 'ଫ୍ୟାଶନ୍'ର ଆଖ୍ୟା ଦେଇ ଆଜିର ନରୀ ପିନ୍ଧୁଥିବା କଥା ବି ଦେଖା ଯାଉଛି । କିନ୍ତୁ 'ଲଜ୍ଜା' ନାମକ ଯେଉଁ ଦୁର୍ଲ୍ଲଭ ଗୁଣଟି ଯାହା ନାରୀ ସହିତ ନିହିତ, ତାକୁ ଦେହରୁ କାଢ଼ି ଫିଙ୍ଗିଦୋର ବିଶୃଙ୍ଖଳିତ ଆଚରଣ ଅବଶ୍ୟ ସ୍ପୃହଣୀୟ ହୋଇ ପାରିବନି ଏ ସମାଜରେ । ତେବେ ବି ନାରୀର ପରିଧାନ ଓ ଆଚରଣ କ୍ଷେତ୍ରରେ ନାରୀକୁ ଯଥେଷ୍ଟ ସ୍ୱାଧୀନତା ମିଳି ସାରିଛି କହିଲେ ଭୁଲ୍ ହେବନି । କିନ୍ତୁ 'ଲଜ୍ଜା'କୁ ଅକ୍ଷୁର୍ଣ୍ଣ ରଖିବା, ଲଜ୍ଜାଶୀଳା ହେବା କଥାଟି କିନ୍ତୁ ସବୁଠୁ ମହତ୍ୱପୂର୍ଣ୍ଣ । କାରଣ ଏହି ଲଜ୍ଜା ହିଁ ନାରୀକୁ ନାରୀ କରି ରଖିଛି । ନାରୀ ଯଦି ପ୍ରକୃତି, ତେବେ ପ୍ରକୃତି ବି ତିଷ୍ଠି ରହିଛି ଏଇ ନାରୀ ପାଇଁ । ଯେଉଁଦିନ 'ଲଜ୍ଜା'ଟି ଫିଙ୍ଗା ହୋଇଯିବ, ସେଦିନ ଲଜ୍ଜାହୀନତାର ଯେଉଁ ନୂଆ ଦିଗ୍‌ବଳୟ ଦିଶିବ, ତାହା କଦାପି ଆମର କାମ୍ୟ ନୁହେଁ ।

ଆସନ୍ତୁ, ଏ 'ଲଜ୍ଜା'ଭାବଟିକୁ ବଜାୟ ରଖିବା ଦିଗରେ ଆମେ ସମସ୍ତେ ଅଙ୍ଗୀକାରବଦ୍ଧ ହେବା ଏବଂ ଏକ ସୁସ୍ଥ ସମାଜ ଓ ପରିବାର ଗଠନରେ ଭାଗୀଦାର ହେବା ।

'କରୋନା' ମହାମାରୀର ପ୍ରକୋପ ଥିବାରୁ ଏ ସମୟରେ ସମସ୍ତଙ୍କୁ ସତର୍କ ରହିବାକୁ ଅନୁରୋଧ କରିବା ସହ **'ରେବତୀ'**ର ଏ ଡିଜିଟାଲ୍ ସଂସ୍କରଣକୁ ପୂର୍ବ ସଂଖ୍ୟା ପରି ଆଦରି ନେବାକୁ ନିବେଦନ ।



**ସମ୍ପାଦିକା**

# ରେବତୀ ର ନିୟମାବଳୀ

- 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡ଼ିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପାଠକମାନେ ପାଇବେ ।
- ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ସାହିତ୍ୟ ସହିତ ପରିବାର ଓ ଜନଜୀବନ ଉପଯୋଗୀ ସକରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ ।
- ନିଜ ବିଚାରରେ ଶ୍ରେଷ୍ଠ ବିବେଚିତ ଲେଖା (ଜେରକ୍ସ କପି ନୁହେଁ) ହିଁ ପଠାଇବାକୁ ପଡ଼ିବ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହିରଖୁଛି ।
- ଦୟାକରି କବିତା କିମ୍ବା ଗଳ୍ପ ସିଧାସଳଖ ପଠାନ୍ତୁ ନାହିଁ । କବିତା କିମ୍ବା ଗଳ୍ପ ଜାତୀୟ ଯେକୌଣସି ଲେଖା ପାଇଁ 'ରେବତୀ' ପକ୍ଷରୁ ହିଁ ଅନୁରୋଧ କରାଯାଏ । କବି ଓ ଗାଳ୍ପିକମାନେ ସେମାନଙ୍କର ଲେଖା ପଠାଇବା ପୂର୍ବରୁ ଦୟାକରି ସଂପାଦକଙ୍କ ସହ ପରାମର୍ଶ କରିନେବାକୁ ଅନୁରୋଧ ।
- ଗଳ୍ପ, କବିତା ବା ଫିଚର୍ ପଠାଇବାର ଛଅ ମାସ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଛଅ ମାସ ପରେ ଆପଣ ଲେଖାଟିକୁ ଅନ୍ୟତ୍ର ପଠାଇ ପାରିବେ । ମନୋନୀତ ହୋଇଥିବା ଲେଖାଟିକୁ ଅନ୍ୟତ୍ର ପ୍ରକାଶ କଲେ ଉକ୍ତ ଲେଖକଙ୍କର ଲେଖା ଦୁଇବର୍ଷ ପାଇଁ 'ରେବତୀ'ରେ ପ୍ରକାଶ ପାଇବ ନାହିଁ । ମନୋନୀତ ଲେଖାଟି ଆବଶ୍ୟକ ପଡ଼ିଲେ ସମ୍ପାଦିତ/ ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇବ ।
- ପ୍ରକାଶିତ ଲେଖା, ଫଟୋ, ଚିତ୍ରକଳା ଓ କଭର୍ ମଡ଼େଲିଂ ପାଇଁ କୌଣସି ପ୍ରକାର ପାରିତୋଷିକର ବ୍ୟବସ୍ଥା ନାହିଁ ।
- 'ରେବତୀ' ପାଇଁ ଆଲେଖ ବା ଫିଚର୍ ସବୁବେଳେ ଗ୍ରହଣୀୟ । ତେବେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକୁ ସିଡ଼ି ବା ଇ-ମେଲ୍ ମାଧ୍ୟମରେ କେବଳ ପଠାଇ ପାରିବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏହା ଫଟୋର ଗୁଣବତ୍ତା ହ୍ରାସ କରେଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶ ପାଇବ ।
- 'ବହି-ବିଚାର' ପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜି ଭାଷାରେ ପ୍ରକାଶିତ ନୂଆ ବହିର ଦୁଇ ଖଣ୍ଡ କପି ସହିତ ପୁସ୍ତକର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପଠାଇ ପାରନ୍ତି ।
- ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ଶୁଦ୍ଧି ବା ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ସହିତ ସି.ଡ଼ି. (କେବଳ ଆକୃତି) ବି କରି ପଠାଇଲେ ଭଲ । ପ୍ରତିଟି ଲେଖାରେ ନିଜର ନାମ ଓ ସ୍ୱାକ୍ଷର ରହିବା ବାଞ୍ଛନୀୟ ।
- ଲେଖା, ଫଟୋ, ସି.ଡ଼ି., ବହି ଆଦି କୌଣସି ପରିସ୍ଥିତିରେ ଫେରସ୍ତ ଦିଆଯିବ ନାହିଁ । ଦୟାକରି ସେପରି ଅନୁରୋଧ କରନ୍ତୁ ନାହିଁ ।
- 'ରୋଷେଇ', 'ଘରକରଣା', 'ବାଡ଼ିବଗିଚା' ଓ 'ସୌନ୍ଦର୍ଯ୍ୟ' ବିଭାଗ ପାଇଁ ଯେକୌଣସି ଆଗ୍ରହୀ ଗୃହିଣୀ/ମହିଳା, ସେ ଲେଖିକା ହୋଇନଥିଲେ ମଧ୍ୟ ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ । ଏସବୁ ସିଧାସଳଖ ଇ-ମେଲ୍‌ରେ ପଠାଇଲେ ଭଲ ।
- ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ ।
- 'ରେବତୀ'ରେ ପ୍ରକାଶିତ ସମସ୍ତ ଲେଖା, ଫଟୋ ବା ବିଷୟବସ୍ତୁର ସ୍ୱତ୍ତ୍ୱ ସଂପୃକ୍ତ ଲେଖକଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃପ୍ରକାଶନ ବା ପୁନଃମୁଦ୍ରଣରେ କିଛି କଟକଣା ନାହିଁ । ତେବେ ସଂପୃକ୍ତ ଲେଖକଙ୍କ ଅନୁମତି ନେବାକୁ ଅନୁରୋଧ ।
- ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ହେବେନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।
- ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଭାଗରେ ଦିଆ ଯାଉଥିବା ଉପଚାର ଏବଂ ରୋଷେଇରେ ପ୍ରକାଶ ପାଉଥିବା ଖାଦ୍ୟ ପ୍ରଣାଳୀଗୁଡ଼ିକୁ ଉପଯୋଗ କରିବା ପୂର୍ବରୁ ସେଗୁଡ଼ିକର ଉପଯୋଗିତାକୁ ନିଜେ ନିଜେ ପରଖି ନେବାକୁ ଅନୁରୋଧ । ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ପାଇଁ 'ରେବତୀ' ଦାୟୀ ରହିବ ନାହିଁ ।
- 'ରେବତୀ'ରେ ପ୍ରକାଶିତ ଯେକୌଣସି ଲେଖା ବା ଫଟୋ ସମ୍ବନ୍ଧୀୟ ଆପତ୍ତି, ଅଭିଯୋଗ ପ୍ରକାଶନର ତିନି ମାସ ମଧ୍ୟରେ ଆମ କାର୍ଯ୍ୟାଳୟକୁ ପଠାଇବାକୁ ହେବ । ଏ ଅବଧି ପରେ ଆପତ୍ତି, ଅଭିଯୋଗର ଉତ୍ତର ଦେବା ପାଇଁ ଆମେ ବାଧ୍ୟ ହେବୁ ନାହିଁ । 'ରେବତୀ' ସମ୍ବନ୍ଧୀୟ ଯେକୌଣସି ଆପତ୍ତି, ଅଭିଯୋଗ ଓ ବିବାଦର ବିଚାର କେବଳ ବାଲେଶ୍ୱର ନ୍ୟାୟାଳୟ ପରିସରଭୁକ୍ତ ।
- 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd**. ସପକ୍ଷରେ କରାଯିବ ।


ସମ୍ପର୍କ: ସମ୍ପାଦିକା, 'ରେବତୀ',
ରେବତୀ ମିଡ଼ିଆ ହାଉସ୍ ପ୍ରା. ଲିଃ.,
ଓ.ଟି. ରୋଡ୍, ବାଲେଶ୍ୱର-୭୫୬୦୦୧
ଫୋନ : ୯୪୩୮୭୭୮୦୫୨, ୭୦୦୮୮୪୫୯୨୦
ଇ-ମେଲ୍ : rebati.rebati2018@gmail.com

# ନୃସିଂହନାଥଙ୍କ ନିଆରା ପୀଠ



# ପୁଣ୍ୟତୀର୍ଥ ଶ୍ରୀଶ୍ରୀ ନୃସିଂହନାଥ




**କୁଞ୍ଜବିହାରୀ ସାହୁ**
ଏଲ୍.ଆଇ.ଜି-୧୫,ନୟାପଲ୍ଲୀ ବ୍ରିଟ୍ କଲୋନୀ
ଭୁବନେଶ୍ୱର- ୭୫୧୦୧୨
ଫୋନ: ୭୦୦୮୧୪୨୦୪୦


ଫଟୋ ସୌଜନ୍ୟ - ଗୁଗୁଲ୍

କଳା, ଐତିହ୍ୟ, ଭାସ୍କର୍ଯ୍ୟ, ସ୍ଥାପତ୍ୟ, ସଂସ୍କୃତି, ପରମ୍ପରାର ମଧୁର ଓ ମହାର୍ଘ୍ୟ ଆଲେଖ୍ୟ ବହନ କରିଛି ଉତ୍କୃଷ୍ଟ କଳାର ରାଜ୍ୟ ଉତ୍କଳ ବା ଓଡ଼ିଶା । ନିବିଡ ଅରଣ୍ୟାନିର ଲୁକ୍କାୟିତ ସ୍ଥାନ ହେଉ ଅବା ପାହାଡ ଗାତ୍ର- ସବୁଠି ରହିଛି ବିମୁଗ୍ଧ ଐତିହ୍ୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟବୋଧ । ପୌରାଣିକ, ଐତିହାସିକ ଏବଂ ଲୋକକଥାର ଅପାସୋରା କିମ୍ବଦନ୍ତୀ । ବିଶ୍ୱାସର କାନ୍‌ଭାସ୍‌ରେ ସାମ୍ପ୍ରତିକ ଚିତ୍ରର ନିଖୁଣ ପ୍ରତିଫଳନ । ଜନମାନସରେ ସ୍ମରଣୀୟ କରିବାର ଏକ ମଧୁରତମ ଆବେଗ । ଏମିତି ଏକ ଐତିହ୍ୟର ଉପଢୌକନରେ ବିମଣ୍ଡିତ ଗନ୍ଧମାର୍ଦ୍ଦନ ପର୍ବତ ଯୁଗେ ଯୁଗେ ପର୍ଯ୍ୟଟକମାନଙ୍କର ଦୃଷ୍ଟି ଆକର୍ଷଣ କରିପାରିଛି ।

## ଗମନାଗମନ

ବରଗଡ଼ ଠାରୁ ୬ ନମ୍ବର ଜାତୀୟ ରାଜପଥରେ ୨୫ କି.ମି. ସଡକ ପଥରେ ସୋହେଲା ଯିବାକୁ ହୁଏ । ତତ୍ପରେ ନୂଆପଡା-ଖରିଆର ରାସ୍ତାରେ ୮୫ କି.ମି. ପରେ ପଡ଼େ ପାଇକମାଳ ବ୍ଲକ । ସେଠାରୁ ତିନି କିଲୋମିଟର ଦୂରରେ **ନୃସିଂହନାଥ ମନ୍ଦିର** । ସେହିପରି ବଲାଙ୍ଗୀରରୁ ପାଟଣାଗଡ-ପଦମପୁର-ପାଇକମାଳ ଦେଇ ନୃସିଂହନାଥ ମନ୍ଦିର ଯିବା ପାଇଁ ସଡ଼କପଥର ମଧ୍ୟ ସୁବିଧା ଅଛି ।

ପବିତ୍ର ନୃସିଂହନାଥ ମନ୍ଦିରକୁ ପ୍ରଥମେ ସିଂହଦ୍ୱାର ବା ଲାୟନ୍ ଗେଟ୍ ଦେଇ ଯିବାକୁ ହୁଏ । ଏହି ଫାଟକ ଉପରେ ରହିଛି ଗଣେଶ ଦେବତାଙ୍କ ପ୍ରତିମୂର୍ତ୍ତି । ଗଣେଶଙ୍କ ପାଦ ପାଖରେ ମୂଷିକ ଦେବତା ବିରାଜିତ । ସୁନ୍ଦର ତଥା ଚିତ୍ରିତ ଫାଟକଟି ଭକ୍ତମାନଙ୍କୁ ବେଶ୍ ଆକର୍ଷିତ କରେ । ମହାଭାରତ ଯୁଦ୍ଧର ଚକ୍ରବ୍ୟୁହରେ ବୀର ଅଭିମନ୍ୟୁକୁ ସପ୍ତରଥୀ ବଧ କରିଥିଲେ । ଏ ସଂପର୍କିତ ଘଟଣାକୁ ପଦମପୁର ଖଇରାପାଲି ଗ୍ରାମର ଅର୍ଜୁନ ଗିଙ୍ଗିରା ନିର୍ମାଣ କରିଛନ୍ତି, ଯାହାକି ସିଂହଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁ ଭକ୍ତମାନଙ୍କରେ ଅନ୍ୟତମ ଆକର୍ଷଣ ।

## ଗନ୍ଧମାର୍ଦ୍ଦନର ପୃଷ୍ଠଭୂମି

ଗନ୍ଧମାର୍ଦ୍ଦନର ପ୍ରାକୃତିକ ଶୋଭା ଅତୀବ ରମଣୀୟ । ଧାର୍ମିକ, ପୌରାଣିକ ତଥା ଐତିହାସିକ ଦୃଷ୍ଟିକୋଣରୁ ଏହି ପର୍ବତ ସମଗ୍ର ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ରୂପେ ପରିଚିତ । ଗନ୍ଧମାର୍ଦ୍ଦନ ପର୍ବତର ସୁନ୍ଦର ସବୁଜ ପରିବେଷ୍ଟନୀ ଦୂରଦୂରାନ୍ତର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରେ । କେବଳ ଏତିକି ନୁହେଁ, କଳକଳ ହୋଇ ଝରି ଯାଉଥିବା ଝରଣାଗୁଡ଼ିକ ଖୁବ୍ ମନଲୋଭା ।

## ପୌରାଣିକ ପୃଷ୍ଠଭୂମି

ରାଜା ପରୀକ୍ଷିତ ଓ ଶୁକମୁନିଙ୍କ କଥୋପକଥନରୁ ଜଣାପଡ଼େ ଯେ, ରାମାୟଣ ପୁରାଣ ଅନୁଯାୟୀ ଲକ୍ଷ୍ମଣଙ୍କ ଶକ୍ତିଭେଦ ସମୟରେ ମୂର୍ଚ୍ଛିତ ଲକ୍ଷ୍ମଣଙ୍କୁ ଦେଖି ଅଗ୍ରଜ ଶ୍ରୀରାମଚନ୍ଦ୍ର ବିବ୍ରତ ହୋଇ ପଡ଼ିଲେ । କିଂକର୍ତ୍ତବ୍ୟବିମୂଢ଼ ହୋଇ ପ୍ରିୟ ଭକ୍ତ ହନୁମାନଙ୍କ ସାହାଯ୍ୟ ଲୋଡ଼ିଲେ ।





ବିଶଲ୍ୟକରଣୀ ଗୁଳ୍ମ ହି ଏକମାତ୍ର ଔଷଧ- ମନରେ ଚିନ୍ତା କରି ପ୍ରିୟ ଭକ୍ତ ହନୁମାନକୁ ଆଦେଶ ଦେଲେ ପ୍ରଭୁ ରାମଚନ୍ଦ୍ର । ପ୍ରଭୁଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇଲେ ଭକ୍ତ ହନୁମାନ । ପବନ ସୁତ ହନୁମାନ ଅବିଳମ୍ବେ ବିଭିନ୍ନ ସ୍ଥାନ ପରିକ୍ରମଣ କଲେ । ବିଶଲ୍ୟକରଣୀ ଗୁଳ୍ମକୁ ଚିହ୍ନି ନପାରି ହିମାଳୟର ଏକ ଅଂଶକୁ କାନ୍ଧରେ ବୋହି ଆକାଶ ମାର୍ଗରେ ଗତି କଲେ । ଏହି ସମୟରେ ତାହାର ଏକ ଅଂଶ ବିନ୍ଧ୍ୟଗିରିରେ ଖସି ପଡ଼ିଥିଲା । ତତ୍‌କ୍ଷଣାତ ବିନ୍ଧ୍ୟଗିରି ଥରି ଉଠିଲା । ପାହାଡର ମୁଖ୍ୟ ପ୍ରପାତ ପାଖରେ ମହାଋଷି କପିଳ ଯୋଗ ସାଧନାରେ ମଗ୍ନ ଥିଲା ବେଳେ ଏହି ଭୟଙ୍କର ଶବ୍ଦ ଶୁଣି ଚମକି ଉଠିଲେ । ଯୋଗ ବଳରେ କପିଳ ମୁନି ଘଟଣା ସମ୍ପର୍କରେ ଅବଗତ ହେଲେ । ଔଷଧୀୟ ବୃକ୍ଷରେ ଭରପୂର ହିମାଳୟ ପର୍ବତାଂଶ ବିନ୍ଧ୍ୟଗିରି ସହ ମିଶିଯିବାରୁ ବିନ୍ଧ୍ୟଗିରିକୁ ଗନ୍ଧଗିରି ନାମରେ ନାମିତ କରି ମହିମା ମଣ୍ଡିତ କଲେ । ଆଲୋଚନାର କଥାବସ୍ତୁ ହିଁ ଏହି ଗନ୍ଧମାର୍ଦ୍ଦନ ପର୍ବତ । ଯାହାକି ଯୁଗାନୁକ୍ରମେ ବରଗଡ଼ ଓ ବଲାଙ୍ଗୀର ଜିଲ୍ଲା ପାଇଁ ଦର୍ଶନୀୟ ସ୍ଥାନର ଭୂମିକା ଗ୍ରହଣ କରିଛି ।

## ଐତିହାସିକ ପୃଷ୍ଠଭୂମି

ଇତିହାସର ପୃଷ୍ଠାକୁ ଅବଲୋକନ କଲେ ଜଣାପଡେ ଯେ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ଗନ୍ଧମାର୍ଦ୍ଦନ ପର୍ବତମାଳା ଏକ ବୌଦ୍ଧପୀଠ ରୂପେ ଖ୍ୟାତିଲାଭ କରିଥିଲା । ବିଶ୍ୱବିଖ୍ୟାତ ବୌଦ୍ଧ ପଣ୍ଡିତ, ଦାର୍ଶନିକ ତଥା ଭେଷଜବିଜ୍ଞାନୀ ନାଗାର୍ଜୁନ ଏହି ବୌଦ୍ଧପୀଠର ମୁଖ୍ୟ ଥିଲେ । ଗୌତମୀଙ୍କ ପୁତ୍ର ସାତକର୍ଣ୍ଣୀ ମଧ୍ୟ ଏକ ବୌଦ୍ଧବିହାର ନିର୍ମାଣ କରିଥିଲେ ଯାହାକି ଚୀନ୍ ପରିବ୍ରାଜକ ହୁଏନ୍‌ସାଂଙ୍କ ଭ୍ରମଣ ବିବରଣୀରୁ ସୂଚନା ମିଳେ । ଏହି ଭ୍ରମଣ ବିବରଣୀରେ ଥିବା ପୋ..ଲୋ..ମୋ..ଲୋ..କି..ଲି କୁ ପରିମଳଗିରି, ଗନ୍ଧଗିରି ବା ଗନ୍ଧମାର୍ଦ୍ଦନ ବୋଲି ଐତିହାସିକମାନେ ଉଲ୍ଲେଖ କରିଛନ୍ତି ।

ଗନ୍ଧମାର୍ଦ୍ଦନ ପର୍ବତର ଉତର ଦିଗରେ ନୃସିଂହନାଥ ପୀଠ ଅବସ୍ଥିତ । ନୃସିଂହନାଥ ମନ୍ଦିର ଗାତ୍ରରେ ଚାରିଧାଡ଼ିର ଏକ ଶିଳାଲିପି ଉତ୍କୀର୍ଣ୍ଣ ହୋଇଛି । ଏହି ଶିଳାଲେଖରୁ ଅନୁମାନ କରାଯାଇପାରେ ଯେ ମନ୍ଦିରଟି ପାଟଣା ମହାରାଜ ବତ୍ସରାଜଦେବଙ୍କ ପୁତ୍ର ବୈଜଲଦେବଙ୍କ ଦ୍ୱାରା ବିକାରୀ ସମ୍ବତ୍ସରଦିନ ନିର୍ମିତ ହୋଇଥିଲା । ପ୍ରଖ୍ୟାତ ସାହିତ୍ୟିକ ସ୍ୱର୍ଗତଃ ସୁରେନ୍ଦ୍ର ମହାନ୍ତିଙ୍କ ଭାଷାରେ- ନରସିଂହନାଥ ଶିଳାଲିପି ଓଡିଆ ଭାଷା ଓ ଲିପିର ପ୍ରାଚୀନତମ ନିଦର୍ଶନ । ଏହା ସମଗ୍ର ଓଡ଼ିଶାର ଏକ ପ୍ରାକୃତିକ ଐତିହ୍ୟ ଓ ସମ୍ପଦ ରୂପେ ବିବେଚିତ । ଐତିହାସିକ ସ୍ୱର୍ଗତଃ ନବୀନ କୁମାର ସାହୁ ଏହି ମନ୍ଦିରକୁ ବୈଷ୍ଣବ ମତବାଦର ପ୍ରତୀକ ରୂପେ ଅନୁମାନ କରିଥିଲେ ମଧ୍ୟ ଏହା ବୌଦ୍ଧଧର୍ମ ସହ ଏକ ସୁସଂପର୍କ ସ୍ଥାପିତ ହୋଇ ପାରିଥିଲା । ସେହିପରି କଳା ବିଶେଷଜ୍ଞ ଚାର୍ଲସ ଫାବ୍ରୀଙ୍କ ମତରେ ଜଗମୋହନ ସ୍ତମ୍ଭ ଓ ଦ୍ୱାରଦେଶରେ ଚିତ୍ରଗୁଡିକ ଖଜୁରାହୋର କାରୁକାର୍ଯ୍ୟ ସହ ସାମଞ୍ଜସ୍ୟ ରହିଛି । ଜଗମୋହନରେ ଅପରିମାର୍ଜିତ ଓଡ଼ିଆ ଲିପିରୁ ୧୪୧୩ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ୧୪ ତାରିଖରେ ମନ୍ଦିର ତିଆରି ହୋଇଥିବା ପ୍ରମାଣ ମିଳେ ।

ବୃକ୍ଷ-ଲତା-ଗୁଳ୍ମ ଏପରିକି ଔଷଧୀୟ ବୃକ୍ଷରେ ଆଚ୍ଛାଦିତ ଗନ୍ଧମାର୍ଦନ ପର୍ବତ ଆଦିମ କାଳରୁ ପ୍ରସିଦ୍ଧି ଲାଭ କରିଛି । ଆୟୁର୍ବେଦ ଚିକିତ୍ସକମାନେ ଏହି ପର୍ବତରୁ ଔଷଧୀୟ ବୃକ୍ଷର ଅଶେଷ ସୁବିଧା ସୁଯୋଗ ପାଇଥିବାରୁ ଗନ୍ଧମାର୍ଦ୍ଦନ ପର୍ବତକୁ ଆୟୁର୍ବେଦୀୟ ବୈଦ୍ୟମାନଙ୍କର ସ୍ୱର୍ଗ ବୋଲି କହିଥାନ୍ତି । ଏହାର ଚାକ୍ଷୁଷ ପ୍ରମାଣ ରହିଛି ।

## ଶ୍ରୀ ଶ୍ରୀ ନୃସିଂହନାଥଙ୍କ କିମ୍ବଦନ୍ତୀମୂଳକ ଆଖ୍ୟାନ

ବିଡାଳ ନୃସିଂହନାଥଙ୍କ ମନ୍ଦିର ବରଗଡ଼ ଜିଲ୍ଲାର ପାଇକମାଳ ବ୍ଲକ୍‌ରେ ଅବସ୍ଥିତ । ଗନ୍ଧମାର୍ଦ୍ଦନ ପର୍ବତର ପାଦଦେଶରେ ମାର୍ଜାରକେଶରୀ ନୃସିଂହନାଥ (ମୁଖ ମାର୍ଜାର ଓ ଦେହ ସିଂହ) ବିରାଜିତ । ଏହା କେବଳ ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ନୁହେଁ ବରଂ ପଡ଼ୋଶୀ ରାଜ୍ୟବାସୀଙ୍କର ଆରାଧ୍ୟ ଦେବତା ରୂପେ ପରିଚିତି ପାଇ ଅସଂଖ୍ୟ ଶ୍ରଦ୍ଧାଳୁ ଭକ୍ତଙ୍କ ମନୋକାମନା ପୂର୍ଣ୍ଣ କରିପାରିଛି ।

୧. ଏକ ଲୋକକଥାନୁଯାୟୀ ଏହା ବିଶ୍ୱସନୀୟ ଯେ ଏକଦା ଗୋଦାବରୀ ନଦୀକୂଳରୁ ଅଳ୍ପଦୂରରେ ସୁବାହୁ ଜଙ୍ଗଲରେ ଆଶ୍ରମକରି ରହୁଥିବା ଉତୁଙ୍ଗ ଋଷିଙ୍କ କନ୍ୟା ମାଳତୀର ଅପରୂପ ସୌନ୍ଦର୍ଯ୍ୟରେ ଲଙ୍କା ନରେଶ ରାବଣ କାମପ୍ରବଣତା ପୂର୍ବକ ମାଳତୀକୁ ଧର୍ଷଣ କରି ନିକଟସ୍ଥ ଝରଣାରେ ଫୋପାଡ଼ିଦେଲା । ସେଠାରୁ କୌଶଳକ୍ରମେ ମାଳତୀ ଖସି ଆସି ନିଜ ଘରକୁ ବାହୁଡ଼ି ଯିବାକୁ ଉଦ୍ୟମ କଲା । ଆନମନା ହୋଇ ହଟ୍ଟକେଶ୍ୱର ଜଙ୍ଗଲରେ ପ୍ରବେଶ କଲା । ଦୈବସଂଯୋଗବଶତଃ ଗଣେଶଙ୍କ ବାହନ ମୂଷିକ ସେହି ଘୋର ଜଙ୍ଗଲ ଭିତରେ ବିଚରଣ କରୁଥିଲା । ଏକ ନାରୀର ବିକଳ କ୍ରନ୍ଦନ ଶ୍ରୁତିଗୋଚର ହେବାରୁ ସାହାଯ୍ୟର ହାତ ବଢ଼ାଇବା ଉଦ୍ଦେଶ୍ୟରେ ବିପର୍ଯ୍ୟସ୍ତ ନାରୀର ସମୀପରେ ଉପସ୍ଥିତ ହେଲା । ଦୁଃଖଦ ଘଟଣାକୁ ଆମୂଳଚୁଳ ବଖାଣି ନିଜ ଘରକୁ ଫେରାଇ ନେବା


ପାଇଁ ମୂଷିକ ସମ୍ମୁଖରେ ହାତ ପାତିଲା । ମୂଷିକ ସହାନୁଭୂତିର ପ୍ରତିଶ୍ରୁତି ଦେଲେ ବି ମାଳତୀର ଅପରୂପ ଲାବଣ୍ୟରେ ବିମୋହିତ ହୋଇ ପୈଶାଚିକ ଭାବେ ଚଉଷଠି ମୁଦ୍ରାରେ ରତିକ୍ରୀଡ଼ା କଲା ଓ ଆପଣା ଦେହର ଯୌନ-ଲାଳସାକୁ ଚରିତାର୍ଥ କଲା । ରାବଣ ଓ ମୂଷିକ ଦୈତ୍ୟର ମିଳିତ ସମ୍ଭୋଗରେ ମାଳତୀ ଗର୍ଭବତୀ ହୋଇ ମଣିଷ ଶରୀର ଓ ମୂଷା ମୁଣ୍ଡ ପରି ଏକ ବଳଶାଳୀ ଦୈତ୍ୟକୁ ଜନ୍ମ ଦେଲା । ସେହି ମୂଷିକ ଦୈତ୍ୟ ନିଜ ପରାକ୍ରମରେ ବୁଦ୍ଧିଶୂନ୍ୟ ହୋଇ ଆପଣା ମାଆର ବେକ ମୋଡ଼ି ଗିଳି ପକେଇଲା । ପରେ ପରେ ସୁବାହୁ ଜଙ୍ଗଲରେ ଦେବ ଦେବ ମହାଦେବଙ୍କୁ ଅବିଚଳିତ ଢଙ୍ଗରେ ତପସ୍ୟା କଲା । ଦେବଦେବ ମହାଦେବ ଅମାପ ଶକ୍ତିର ଅଧିକାରୀ ହେବା ପାଇଁ  ଆଶୀର୍ବଚନ ଦେଲେ ଓ ତା ନାମ ମୂଷିକ ଦୈତ୍ୟ ବୋଲି ନାମକରଣ କଲେ । ଏବଂ କହିଲେ ଯେ ବିଷ୍ଣୁ ଅଂଶୀ ଦେବତାଙ୍କ ସହ ଯୁଦ୍ଧ କଲେ ମୃତ୍ୟୁ ଅବଶ୍ୟମ୍ଭାବୀ ।

ବରପ୍ରାପ୍ତି ପରେ ମୂଷିକ ଦୈତ୍ୟର ଅତ୍ୟାଚାର ଭୀଷଣତର ହୁଅନ୍ତେ ସ୍ୱର୍ଗାଲୋକରେ ଭାଳେଣି ପଡ଼ିଲା । ସମସ୍ତ ଦେବଗଣ ବ୍ରହ୍ମାଙ୍କ ଅନୁଗତ ହୋଇ ମହାମାୟୀ ଦୁର୍ଗାଙ୍କ ଆଶ୍ରିତ ଲଭିଲେ । ଦେବୀଦୁର୍ଗା ସମ୍ମତି ପ୍ରଦାନ କଲେ । ଦେବୀ ଦୁର୍ଗା ମୂଷିକ ଦୈତ୍ୟ ସହ ଯୁଦ୍ଧ ଆରମ୍ଭ କରିବାକୁ ଅଗ୍ରସର ହୁଅନ୍ତେ, ତ୍ରିପାଳ ନାମକ ଏକ ଅସୁର ସହ ମୁହାଁମୁହିଁ ହେଲା । ତ୍ରିପାଳ ଅସୁର ବି ଦେବୀ ଦୁର୍ଗାଙ୍କ ରୂପ ଲାବଣ୍ୟରେ ଓ ଅହେତୁକ କାମନାରେ ନିଜର ସ୍ଥିତି ହରାଇ ବସିଲା। ଚତୁର ପଣିଆରେ ଦେବୀ ଦୁର୍ଗା କୁତ୍ସିତ ରୂପ ଧାରଣ କରି ତ୍ରିପାଳ ଅସୁର ଆଗରେ ଦଣ୍ଡାୟମାନ ହେଲା । ବିଚରା ଅସୁର କାମନାର ମୋହକୁ ଏଡ଼ାଇ ସୁବାହୁ ଜଙ୍ଗଲରେ ମୂଷିକାସୁରର ଶରଣ ପଶିଲା । ମୂଷିକ ଦୈତ୍ୟ ଶରଣାର୍ଥୀକୁ ଆଶ୍ୱାସନା ଦେଲା । ତ୍ରିପାଳ ଅସୁର ଦାମ୍ଭିକତାର ସହ ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ କଲା । ଦେବୀ ଦୁର୍ଗା ନିଜ ଶରୀରରୁ ଚଉଷଠୀ ଯୋଗିନୀ ସୃଷ୍ଟି କରି ତ୍ରିପାଳ ଅସୁରକୁ ବିନାଶ କଲେ । ଆଶ୍ଚର୍ଯ୍ୟର କଥା ଯେ, ଅସୁର ଏକ ବ୍ୟାଘ୍ର ରୂପ ଧାରଣ କରି ବିନୟର ସହ କହିଲା ସେ ଦେବୀଙ୍କ ଅଭିଶାପରୁ ମୁକ୍ତି ପାଇଛି । ଦେବୀଙ୍କ ବାହନ ହୋଇ ସେବା କରିବ । ପରେପରେ ଦେବୀ ଦୁର୍ଗା ବ୍ୟାଘ୍ରକୁ ବାହନ ରୂପରେ ରଖିଲେ ।

ଗୋଦାବରୀ ନଦୀକୂଳରେ ଦେବୀ ଦୁର୍ଗା ଓ ଚଉଷଠି ଯୋଗିନୀଙ୍କ କିଳିକିଳା ରଡ଼ି ଶୁଣି ମୂଷିକାସୁରେ ଛାତିରେ ଛନକା ପଶିଲା । ନିଜକୁ କ୍ଷୁଦ୍ରାତିକ୍ଷୁଦ୍ର ମୂଷାର ରୂପ ନେଇ ମୁଗୁନିଶିଳା ତଳେ ଲୁଚି ରହିଲା । ଦେବୀଙ୍କ ଦୃଷ୍ଟି ପଡ଼ିଲା ମୂଷା ଉପରେ । ଦେବୀଙ୍କ ହାତ ସ୍ପର୍ଶରେ ଅତିଶୟ ରାଗରେ ନିଜର ଅସଲ ରୂପ ଧାରଣକଲା । ବିଭିନ୍ନ ଆଳରେ ଯୁଦ୍ଧ କରି ନିରାଶ ହେଲେ ଦେବୀ । ଦେବତାମାନଙ୍କ ପାଖରେ ପହଂଚିଲେ । ଆସନ୍ନ ବିପଦ ଜାଣି ବ୍ରହ୍ମା ଓ ଅନ୍ୟ ଦେବଗଣ ପ୍ରଭୁ ରାମରୂପୀ ବିଷ୍ଣୁଙ୍କ ଶରଣାପନ୍ନ ହେଲେ । ଶ୍ରୀରାମଚନ୍ଦ୍ର ନିଜ ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ମୂଷିକ ଦୈତ୍ୟକୁ ନୃସିଂହ ରୂପରେ ସଂହାର କରିବେ ବୋଲି ଅଙ୍ଗୀକାରବଦ୍ଧ ହେଲେ ।

ଭଗବାନ ମୂଷିକ ଦୈତ୍ୟ ସହ ଯୁଦ୍ଧ ଘୋଷଣା କଲେ । ଭଗବାନଙ୍କ ବିକଟାଳ ରଡ଼ି ଶୁଣି ମୂଷିକ ଦୈତ୍ୟ ମାଛ ବେଶରେ ଗୋଦାବରୀ ନଦୀରେ ଆତ୍ମଗୋପନ କଲା । ଗୋଦାବରୀ ନଦୀର ପାଣି ପ୍ରଚଣ୍ଡ ନାଦରେ ବହିବାକୁ ଲାଗିଲା । ନିଜକୁ ବେଶି ସମୟ ଲୁଚାଇ ରଖି ପାରିଲାନି ନଦୀ ପ୍ରଖରେ ଜଳ ଭିତରେ । ଅସହାୟ ହୋଇ ବାହାରକୁ ବାହାରିଲା ମାତ୍ରକେ ଭଗବାନ ରାମଚନ୍ଦ୍ର ତା ବେକକୁ ମାଡ଼ି ବସିଲେ । ତଥାପି ମୁକୁଳିଗଲା ଦୈତ୍ୟ । ମନେପଡ଼ିଗଲା ମହାଦେବଙ୍କ ଆଶୀର୍ବଚନ । କ୍ଷୀପ୍ରଗତିରେ ପଳାୟନ କରି ମୂଷିକ ଦୈତ୍ୟ ପାତାଳପୁର, ସୁତାଳପୁର, ଭୂତାଳପୁର, ମହାତାଳପୁର, ରସାତଳପୁରରେ ଲୁଚି ରହିଲା । ଭଗବାନ ପଶ୍ଚାତ୍‌ଧାବନ କରିବାରୁ ଶେଷରେ ମୂଷିକ ଦୈତ୍ୟ ଗନ୍ଧଗିରି ପର୍ବତର ଶରଣାପନ୍ନ ହେଲା ଓ ମୂଷା ରୂପରେ ଗୋଟିଏ ଗାତରେ ଲୁଚି ରହିଲା । ଶରଣାର୍ଥୀକୁ ସାହାଯ୍ୟ କରିବା ସୃଷ୍ଟିର ନିୟମ ବୋଲି ଗନ୍ଧଗିରି କହିଲା । ଭଗବାନଙ୍କ କ୍ରୋଧ ଶାନ୍ତ କରିବା ପାଇଁ ବ୍ରହ୍ମାଙ୍କ ପରାମର୍ଶରେ ଦେବଗଣ ଲକ୍ଷ୍ମୀଙ୍କୁ ଭଗବାନଙ୍କ ସାମ୍ନାରେ ଉପସ୍ଥିତ କରାଇଲେ । ପ୍ରଭୁ ରାମଚନ୍ଦ୍ର ସେହି ଗାତର ଦ୍ୱାରଦେଶରେ ଜଗି ରହି ଗାତରୁ ମୂଷିକ ଦୈତ୍ୟ ବାହାରିବା କ୍ଷଣି ବଧ କରିବେ ବୋଲି ଅଭୟବାଣୀ ଦେଲେ । ମାତ୍ର ମୂଷିକ ଦୈତ୍ୟ ଗାତରୁ ବାହାରିଲା ନାହିଁ । ମୂଷିକର ଶତ୍ରୁ ଭାବରେ ଭଗବାନ ମାର୍ଜାର ବେଶରେ ଲୁଚି ରହିଲେ । ସେଇଦିନ ଠୁ ନୃସିଂହନାଥ ପୀଠରେ ଭଗବାନ ମାର୍ଜାର ବେଶରେ ପୂଜା ପାଇ ଆସୁଛନ୍ତି ।

୨. ସେହିଭଳି ଅନ୍ୟ ଏକ କିମ୍ବଦନ୍ତୀ ସ୍ମରଣ କରାଇ ଦିଏ ଯେ ଯମୁନା ଓ ହରି କନ୍ଧର ଅଲୌକିକ କାହାଣୀ । ଦିନେ ଯମୁନା ବଣ ଭିତରକୁ ଯାଇ ଫଳମୂଳ ସଂଗ୍ରହ କରୁଥିଲା ବେଳେ କନ୍ଦାଗାଡ ଝରଣା ପାଖରେ ଗୋଟିଏ ବେଲଗଛକୁ ପିଟକନ୍ଦା ପାହାଡଟିଏ ମାଡ଼ି ରହିଥିଲା । ଖଣତି ସାହାଯ୍ୟରେ ପିଟକନ୍ଦାର ଚେରକୁ ଖୋଜିବା ପାଇଁ ପ୍ରୟାସ କରନ୍ତେ, ସେହି କନ୍ଦାରୁ ରକ୍ତ ବାହାରିଲା । ଚକିତ ହେଲା ଯମୁନା । ମୂର୍ଚ୍ଛା ହୋଇଗଲା ତତ୍‌କ୍ଷଣାତ୍ । ଚେତା ପାଇଲା ପରେ ପ୍ରକୃତିସ୍ଥ



ହେଲା । କନ୍ଦାର ଚେର ନିମ୍ନଗାମୀ ଥିଲା । ଜିଜ୍ଞାସାପୂର୍ବକ ଖଣତି ପ୍ରହାର କଲା । ଏକ ଅଲୌକିକ ଉଦ୍ଭାବନରେ ଉଲ୍ଲସିତ ହୋଇ ଘରକୁ ଫେରିଗଲା ଅବିଳମ୍ବେ ।

ସ୍ୱାମୀଙ୍କୁ ସମସ୍ତ ବିଷୟ ଅବଗତ କଲା ଯମୁନା । ହରି କନ୍ଧ ମନରେ ଜିଜ୍ଞାସା ଭାବ ଉଦ୍ରେକ ହେଲା । ଦୁହେଁ ପୂର୍ବ ସ୍ଥାନକୁ ପ୍ରତ୍ୟାଗମନ କଲେ । ଦେଖିଲେ, ଉକ୍ତ ସ୍ଥାନରେ ଏକ କଳା ମୁଗୁନି ପଥରଟେ ପଡ଼ି ରହିଛ ଏବଂ ଗୋଟିଏ ବିରାଡି ବୋବାଉଛି । ନେପଥ୍ୟରୁ ଶୁଣାଗଲା– "ହରିଆ, ମୁଁ ତୁମ୍ଭ ପ୍ରତି ପ୍ରସନ୍ନ ହୋଇଛି । ମୋତେ ନେଇ ଏକ ମନ୍ଦିର ନିର୍ମାଣ କରି ପୂଜା କର ।

ଏହା ଶୁଣି କରି ହରି ତୋଷ ହେଲା ।"

"ଟୋକେଇରେ ବସ" ବୋଲି ପ୍ରଭୁଙ୍କୁ କହିଲା ।

ହରି କନ୍ଧ ଓ ଯମୁନା ଭକ୍ତି ମନରେ କଳା ମୁଗୁନି ପଥରକୁ ଟୋକେଇରେ ରଖି ଘରକୁ ନେଲେ । ଯମୁନାର ହୁଳହୁଳିର ମଧୁର ଶବ୍ଦରେ ବାଟଘାଟ ତଥା ପରିବେଶ ମଧୁମୟ ହୋଇ ଉଠୁଥିଲା । ଯେହେତୁ ଦୁହେଁ ଆଦିବାସୀ ଜନଜାତି ଥିଲେ, ସେମାନେ ନାରଙ୍ଗ, କମଳା ଓ କନ୍ଦା ଅର୍ପଣ କରି ପ୍ରଭୁଙ୍କୁ ପୂଜା କଲେ । ଏଥିରେ କୌଣସି ତନ୍ତ୍ରମନ୍ତ୍ର ବା ଷୋଡ଼ଶ ଉପଚାର ନଥିଲା । କେବଳ ଥିଲା ଦୁହିଁଙ୍କର ଅହେତୁକ ଭକ୍ତି ନିବେଦନ ।

ପିଠାକନ୍ଦା ଖାଅ ବୋଲି ବୋଇଲା ଶବର
ବାସନା ଘେନିଲେ ପ୍ରଭୁ ବ୍ରହ୍ମାଣ୍ଡ ଠାକୁର ।
ଶୁଣିକରି ନାରାୟଣ ଅଳପ ହସିଲେ



ବରମାଗି ଘେନ ବୋଲି ଶ୍ରୀମୁଖେ ବୋଇଲେ ।
ଶବରୁଣୀ ବୋଲେ– ଦେବ, ଯେବେ ବରଦେବ
ମୋ ଖଣନ୍ତି ଚିହ୍ନ ତୁମ୍ଭ ଶିରେ ରହିଥିବ ।
ତୁମ୍ଭର ମନ୍ଦିର ଅଗ୍ନି କୋଣେ ମୁହିଁ ଥିବି
ଏହି ଦେହେ ଯୁଗେ ଯୁଗେ ଦ୍ୱାରୀ ମୁହିଁ ହେବି ।
ଯେଉଁ ଦିନ ଦଇବରେ ହୋଇବ ଗ୍ରହଣ
ପୂଣ୍ୟବନ୍ତ ପ୍ରାଣୀ ମୋତେ ପାଇବେ ଦର୍ଶନ ।

ସେହି ମୁଗୁନି ପଥର ହିଁ ଆଲୋଚ୍ୟ ଶ୍ରୀ ଶ୍ରୀ ନୃସିଂହନାଥ ।

ଯମୁନାର ଭକ୍ତିପୂତ ଆରାଧନା ତଥା ଦେବ ବିଗ୍ରହ ପ୍ରାପ୍ତିର ଅଲୌକିକ ଘଟଣା ପାଟଣାର ମହାରାଜା ବୈଜଲ ଦେବଙ୍କ ଅବଗତି ହେଲା ପରେ ରାଜା ରାଣୀମାନଙ୍କ ସହ ଆସି ଦେବ ଦର୍ଶନ କଲେ । ସେମାନେ କୃତାର୍ଥ ମଣିଲେ ନିଜକୁ । ଯମୁନାର ଅନୁରୋଧ– ନୃସିଂହନାଥ ମନ୍ଦିରର ନିର୍ମାଣ ଗନ୍ଧଗିରିର ପାଦଦେଶରେ କରିବାକୁ ଯେଉଁ ଘରେ ଦେବ ବିଗ୍ରହ ପୂଜା ପାଉଥିଲେ । ରାଜା ଆଦେଶ ଦେଲେ । ପୂର୍ଣ୍ଣିମା ଦିନ ମନ୍ଦିର ପ୍ରତିଷ୍ଠା ହେଲା । ଭୋଗ ମଣ୍ଡପ ସନ୍ନିକଟ କାନ୍ଥରେ ଗୀତିକା ମାଧ୍ୟମରେ ସମସ୍ତ ବିବରଣୀ ଚିତ୍ରିତ ହୋଇଅଛି । ନୃସିଂହନାଥ ମନ୍ଦିରକୁ ଆଗମନ କଲେ ଖୁବ୍ ସହଜରେ ଜାଣିହେବ ।

## ଦୁଇଟି ପ୍ରତିମା ପୂଜା

ଅଧୁନା ନୃସିଂହନାଥ ମନ୍ଦିରରେ ଦୁଇଟି ପ୍ରତିମା ପୂଜା ପାଉଛି । ଯାହା ଜଣାପଡ଼େ ୧୯୨୧ ମସିହାରେ ମନ୍ଦିରର ପୂଜକ ଓ ଅନ୍ୟମାନଙ୍କ ମଧ୍ୟରେ ବଚସା ହୋଇଥିଲା । ଏ ସୁଯୋଗରେ କେହି ଜଣେ ଅସାମାଜିକ ଲୋକ ସିଂହାସନରୁ ଠାକୁରଙ୍କୁ ଉଠାଇ ନେଇଥିଲା । ମାତ୍ର ରାଜ୍ୟର ସୀମା ବାହାରକୁ ଯାଇ ପାରିନଥିଲା । ଜଣେ ପୋଲିସ ଅଧିକାରୀ ତଦନ୍ତ ଜାରି ରଖିଥିଲା ବେଳେ ୨୫.୯.୧୯୮୪ ମସିହା ରାତିରେ କେହି ଜଣେ ଅପରିଚିତ ବ୍ୟକ୍ତି ସୁଯୋଗ ଉଣ୍ଡି କଳା ମୁଗୁନି ପଥରର ବିଗ୍ରହକୁ ଚୋରି କରି ନେଇଗଲା ଅନେକ ଦୂରକୁ । ଯାହାହେଉ ସମ୍ବଲପୁର ରେଳଷ୍ଟେସନର ଏକ ବେଂଚ୍ ତଳୁ ଅପରିଚ୍ଛନ୍ନ ଅଖା ଭିତରୁ ବିଗ୍ରହର ସନ୍ଧାନ ମିଳିଲା । ରାଜାଙ୍କ ଆଦେଶରେ ନୂତନ ବିଗ୍ରହ ପ୍ରତିଷ୍ଠା କରାଗଲା । ଯଥାରୀତିରେ ଠାକୁରଙ୍କୁ ପୂଜା କରାଗଲା ।

## ବୈଶାଖୀ ମେଳା

ନୃସିଂହନାଥ ଧର୍ମପୀଠରେ ବର୍ଷକୁ ପ୍ରାୟ ୨୮ ଟି ପର୍ବ ପାଳିତ ହୋଇଥାଏ । ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀରେ ବୈଶାଖୀ ମେଳା ଅନୁଷ୍ଠିତ ହୁଏ; ଯାହାକି ବରଗଡ ଜିଲ୍ଲା ଓ ପଡୋଶୀ ରାଜ୍ୟର ଶ୍ରଦ୍ଧାଳୁ ଭକ୍ତମାନଙ୍କର ମନୋରଂଜନର ଖୋରାକ । ବୈଶାଖ ଶୁକ୍ଳ ଏକାଦଶୀ ସନ୍ଧ୍ୟାରେ ଅଧିବାସ ହୋଇଥାଏ । ଦ୍ୱାଦଶ ତିଥିରେ ବିଶ୍ୱଶାନ୍ତି ମହାଯଜ୍ଞର ଆରମ୍ଭ ପର୍ବ ପାଳିତ ହୁଏ । ଏକଲକ୍ଷ ପଚିଶ ହଜାର ବୀଜମନ୍ତ୍ର, ଜପ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥାଏ । ବୀଜମନ୍ତ୍ର ଜପ, ଗାୟତ୍ରୀ ମହାଯଜ୍ଞ ଓ ଆଲୋଚନା ଚକ୍ର ସଂଘଟିତ ହେବା ପରେ ଚତୁର୍ଦ୍ଦଶୀରେ ବୀଜମନ୍ତ୍ର ଜପ, ପ୍ରଭୁଙ୍କ ଜନ୍ମୋତ୍ସବ ନିଷ୍ଠା ଓ ତ୍ୟାଗପୂତ ମନୋଭାବରେ ପାଳନ କରାଯାଏ । ଆଦିବାସୀ ଓ କନ୍ଧ ସମାଜ ଦ୍ୱାରା ମନ୍ଦିରରେ ଧ୍ୱଜାରୋହଣ, ବୈଶାଖ ପୂର୍ଣ୍ଣମୀ ଦିନ ବିଶ୍ୱଶାଁ ମହାଯଜ୍ଞର ପୂର୍ଣ୍ଣାହୂତି ପଡେ ।

ନୃସିଂହନାଥ ମନ୍ଦିରରେ ବ୍ୟବହୃତ ସ୍ତମ୍ଭ ଓ ଐତିହାସିକ ଗ୍ରାମ ଗନିଆପାଲି (ବରଗଡ ଜିଲ୍ଲାର ପଦମପୁର ଠାରୁ ୨୦ କି.ମି. ପୂର୍ବରେ ଥିବା ଗ୍ରାମ) ଠାରୁ ମିଳିଥିବା ବୌଦ୍ଧ ମୂର୍ତ୍ତିର ଗଠନ ପ୍ରାୟ ସମାନ ଓ ଉଭୟ ବୌଦ୍ଧକାଳର ବୋଲି ଜଣା ପଡେ । ବୈଶାଖ ପୂର୍ଣ୍ଣମୀ ହେଉଛି ଭଗବାନ(ବୁଦ୍ଧଦେବ)ଙ୍କ ଜନ୍ମ ତିଥି, ବୁଦ୍ଧତ୍ୱ ପ୍ରାପ୍ତି ଦିନ ତଥା ପରିନିର୍ବାଣର ପୂଣ୍ୟ ଦିବସ । ମହାପଣ୍ଡିତ ନାଗାର୍ଜୁନଙ୍କ ସମୟରେ ଗନ୍ଧଗିରିରେ ବୁଦ୍ଧ ସମ୍ବତ୍ସର ବୈଶାଖ ପୂର୍ଣ୍ଣମୀରେ ପାଳିତ ହେଉଥିଲା । ପାଟଣାରାଜା ବାସଟାଙ୍କ କାଳରୁ ଗନ୍ଧମାର୍ଦ୍ଦନ ବୌଦ୍ଧପୀଠ ବୈଷ୍ଣବପୀଠରେ ରୂପାନ୍ତରିତ ହେଲା ଓ ସେହି ସମୟରୁ ବୈଶାଖ ମେଳାର ଆଭିମୁଖ୍ୟ ପରିବର୍ତ୍ତିତ

ହୋଇ ନୃସିଂହ ଚତୁର୍ଦ୍ଦଶୀରେ ପରିଣତ ହୋଇଛି । ଶୈବ, ବୈଷ୍ଣବ, ଗାଣପତ୍ୟ, ସୌର, କୌମାର ସମ୍ପ୍ରଦାୟର ଭକ୍ତ ମଣ୍ଡଳି ସମବେତ ହୁଅନ୍ତି । ଜପ, ତପ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ । ବୈଶାଖ ଚତୁର୍ଦ୍ଦଶୀ ତିଥି ପ୍ରଭୁଙ୍କ ଜନ୍ମଦିନ ହେତୁ ଶ୍ରୀ ଶ୍ରୀ ନୃସିଂହନାଥ ଉପବାସରେ ରହିଥାନ୍ତି ଓ ରାତ୍ରିରେ ପ୍ରଭୁଙ୍କୁ ପାଇଥିବା କନ୍ଧ ସମାଜଙ୍କ ଦ୍ୱାରା କନ୍ଦା ଭୋଗ ଅର୍ପଣ କରାଯାଇଥାଏ । ଏହି ବୈଶାଖୀମେଳାରେ ମୀନାବଜାର ପଡେ । ବିଭିନ୍ନ ମଜାଳିଆ ଖେଳକୁଦରେ ଭାଗ ନେଇ ଆଗନ୍ତୁକମାନେ ଭରପୂର ଆନନ୍ଦ ନିଅନ୍ତି । ଔଷଧୀୟ ବୃକ୍ଷର ଚେର-ମୂଳ, ଡାଳ, ଫଳର ବିପଣୀ ବସେ । ଉଠା ଦୋକାନୀମାନେ ଆଗନ୍ତୁକମାନଙ୍କୁ ସେମାନଙ୍କର ଚାହିଦା ମୁତାବକ ଜିନିଷ ବିକ୍ରୟ କରି ଲାଭବାନ ହୁଅନ୍ତି । ନିକଟରେ ଥିବା ଗୋଲାପ ବାଟିକାରେ ବୁଲାବୁଲି କରିବା ସହ ସୁଦୀର୍ଘ ହନୁମାନ ଠାକୁର (୨୦.୧୦.୨୦୧୦ରେ ଲୋକାର୍ପିତ) ଏବଂ ଶ୍ରୀକୃଷ୍ଣଙ୍କର ରାସଲୀଳାର ସମୂହ ଚିତ୍ରାବଳୀକୁ ଉପଭୋଗ କରନ୍ତି । ଏହାଛଡ଼ା ନିକଟରେ ଚାଲିଥିବା ସର୍କସକୁ ଦେଖି ଅଭିନୟ କରୁଥିବା କଳାକାରମାନଙ୍କ ନିଖୁଣ ପାରଦର୍ଶିତାକୁ ଉପଭୋଗ କରନ୍ତି । ବେଢ଼ା ବୁଲିଲା ବେଳେ ମାଙ୍କଡ଼ମାନଙ୍କର ଦୋରାମ୍ୟକୁ ସହଜରେ ଏଡ଼ାଇ ଦିଆଯାଇ ନ ପାରେ । ଟିକିଏ ଅସାବଧାନତା ହେଲେ ପର୍ଯ୍ୟଟକମାନଙ୍କ ହାତରୁ ନଡ଼ିଆ, କଦଳୀ ଭୋଗ ଛଡ଼େଇ ନେଇଯାଆନ୍ତି । ତେଣୁ ଭକ୍ତମାନେ ସଚେତନ ରହିଥାନ୍ତି ଏବଂ ମାଙ୍କଡ଼ମାନଙ୍କର ଅବାଧ ବିଚରଣକୁ ଉପଲବ୍ଧି କରିଥାନ୍ତି । ସମୟେ ସମୟେ କାନ୍ଥର ଫାଙ୍କରେ ନାଗସାପକୁ ଦେଖିବାକୁ ମିଳିଥାଏ । ତେଣୁ ଧାଡ଼ିରେ ଗଲାବେଳେ ଟିକିଏ ସାବଧାନତା ଅବଲମ୍ବନ କଲେ ଭଲ କଥା । ଥରେ ଯିଏ ଏହି ବୈଶାଖ ମେଳା ଦେଖିଛି, ସିଏ ସହଜରେ ଏ ମେଳାର ତାତ୍ପର୍ଯ୍ୟ ଓ ମହନୀୟତାକୁ ଉପଲବ୍ଧି କରିପାରିବ । ସୁନ୍ଦର ପରିବେଶକୁ ସୁନ୍ଦର ଭାବ ବିନିମୟ ପର୍ଯ୍ୟଟକମାନଙ୍କର । ଏକାଠି ରୋଷେଇ କରି ଖାଇବାରେ ଭରପୂର ମଜା ଉଠାନ୍ତି କିଛି ଆଗନ୍ତୁକ । ଯାନବାହାନର ଅପ୍ରତ୍ୟାଶିତ ଭିଡ଼କୁ ରୋକିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆ ଯାଇଥାଏ । ଯେହେତୁ ଜାଙ୍ଗଲିକ ପରବେଶରେ ଏହି ମେଳାର ଆୟୋଜନ ହୋଇଥାଏ, ବାସ୍ତବିକ ଏହି ମେଳାର ନିଆରା ଅନୁଭବ ବାରିହୋଇ ପଡ଼େ ସହଜରେ ।

## ପୂଜାବିଧି

ନୃସିଂହନାଥଙ୍କୁ ଲାଗିହୁଏ ପଖାଳ ଭୋଗ, ବୈଶାଖ ମାସରେ । ଅକ୍ଷି ତୃତୀୟା ଠାରୁ ଦଶମୀ ତିଥି ପର୍ଯ୍ୟନ୍ତ ଏହି ପଖାଳ ଭୋଗ ଲାଗି ହୋଇଥାଏ । ବାସୁମତୀ ଅରୁଆ ଚାଉଳରେ ପଖାଳ ପ୍ରସ୍ତୁତି କରି ଦହି ଓ ଟଭାପତ୍ରର ମିଶ୍ରଣ କରାଯାଇଥାଏ । ମାଟିପାତ୍ରରେ ପଖାଳ ସହ ଡାଲି, ଶାଗ, ଖଟା ଠାକୁରଙ୍କୁ ଭୋଗ ଲାଗି ହେଲା ପରେ ସମସ୍ତ ଭକ୍ତଙ୍କୁ ପରଷି ଦିଆଯାଏ । କିମ୍ବଦନ୍ତୀରୁ ଶୁଣାଯାଏ, ବୈଶାଖ ମାସରେ ଖରାରୁ ତ୍ରାହି ପାଇବା ପାଇଁ ହରି କନ୍ଧ ଓ ଯମୁନା କନ୍ଧ ଠାକୁରଙ୍କୁ ଭୋଗ ଅର୍ପଣ କରିଥିଲେ । ସେହି ବିଶ୍ୱାସକୁ ଆଧାର କରି ଆଜି ବି ନୃସିଂହନାଥଙ୍କ ପୀଠରେ ଠାକୁରଙ୍କୁ ପଖାଳ ଭୋଗ ଲାଗି କରାଯାଏ । ଯେଉଁଭକ୍ତ ଠାକୁରଙ୍କ ଅନ୍ନପ୍ରସାଦ ପାଇବାକୁ ଇଚ୍ଛୁକ ଥାଆନ୍ତି, ସେମାନଙ୍କୁ ଅଗ୍ରୀମ ଟିକେଟ କାଟିବାକୁ ହୋଇଥାଏ ।

ନୃସିଂହନାଥଙ୍କ ପୂଜାବିଧି ନୀତି ମୁତାବକ ହୋଇଥାଏ । ସକାଳ ୫ ଘଟିକା ସମୟରେ ମନ୍ଦିର ଖୋଲାଯାଏ । ଠାକୁରଙ୍କୁ ସ୍ନାନ କରାଯାଏ । ଦର୍ଶନ କରିବାର ବାଟଟି ସାମାନ୍ୟ ସଂକୀର୍ଣ୍ଣ ହୋଇଥିବାରୁ ଶାନ୍ତିଶୃଙ୍ଖଳାରେ ଭକ୍ତମାନେ ଧାଡି ବାନ୍ଧି ଠାକୁରଙ୍କ ଦର୍ଶନ କରିଥାନ୍ତି । ଚୁଡ଼ା ଭୋଗ, ଘିଅ, ଖେଚୁଡି ଭୋଗ, ରାଜଭୋଗ ବା ହରିହର ପଙ୍ଗତ ଭୋଗ, ବାଳଭୋଗ, ଯାମିନୀଭୋଗ ପରେ ପହୁଡ଼ ପଡ଼େ । ଦିବା ୧୨ ଘଟିକା ଠାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମନ୍ଦିର ବନ୍ଦ ରହେ । ଏହାପରେ ପୁଣି ପୂଜାର୍ଚ୍ଚନା ଓ ଭୋଗଲାଗି ହୋଇ ରାତି ୮ ଘଟିକା ମନ୍ଦିରର ପହଡ଼ ପଡେ ।


ଦିନ ଥିଲା ନୃସିଂହନାଥ ମନ୍ଦିରକୁ ମନ୍ଦିର ଟ୍ରଷ୍ଟ ଏବଂ ବାଳକ ପୂଜକ ଦ୍ୱାରା ପରିଚାଳନା କରା ଯାଉଥିଲା । ସମୟକ୍ରମେ ବାଳକ ପୂଜକର ପଦୋନ୍ନତି ପରେ ୨୦-୨୨ ବର୍ଷର ଯୁବକ ଯିଏ କି ଝରୁଆବ୍ରାହ୍ମଣ ବା ଆରଣ୍ୟକ ବ୍ରାହ୍ମଣ ସମ୍ପ୍ରଦାୟର ହୋଇଥିବ ଏବଂ ଚାହିଁଲେ ପରକ୍ଷଣରେ ବାହା ହୋଇପାରିବ, ଏଇଭଳି ଯୁବକ ପୂଜାରୀକୁ ପୂଜା ଦାୟିତ୍ୱ ଅର୍ପଣ କରା ଯାଉଥିଲା । ଏବେ ବି ଜଣେ ନାବାଳକ ମନ୍ଦିରରେ ପୂଜା କାର୍ଯ୍ୟ ବହନ କରୁଅଛି । ସମ୍ଭବତଃ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନକୁ ମୁଖ୍ୟ ସ୍ଥାନ ଦେବାଲାଗି ଏହି ପରମ୍ପରା ରହିଛି । ପରୋକ୍ଷ ଭାବରେ ଏହା ବୌଦ୍ଧ ଧର୍ମର ଐତିହ୍ୟପୂର୍ଣ୍ଣ ପରମ୍ପରାକୁ ସୂଚେଇ ଦିଏ ।



## ଦର୍ଶନୀୟ ସ୍ଥାନ

ଛତିଶଗଡର ଗଙ୍ଗାନଦୀ ସଦୃଶ ପାପହାରିଣୀ ଝରଣାରେ ସ୍ନାନ କଲେ ସମସ୍ତ ପାପ କ୍ଷୟ ହୋଇଯାଏ । ବିଶେଷକରି ଚନ୍ଦ୍ରଗ୍ରହଣ ବା ସୂର୍ଯ୍ୟପରାଗ ସମୟରେ ସ୍ନାନ କଲେ ଶହେ ଜନ୍ମରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି । ଗନ୍ଧମାର୍ଦ୍ଦନ ପର୍ବତ ଉପରୁ ଝରି ଆସୁଥିବା ଝରଣାର ନାମ ବିଭିନ୍ନ ସ୍ଥାନରେ କିମ୍ବଦନ୍ତୀ ଅନୁସାରେ ନାମିତ ହୋଇଛି ଓ ଉକ୍ତ ସ୍ଥାନମାନଙ୍କର ସ୍ୱତନ୍ତ୍ରତା ରହିଛି । ଯଥା: କପିଳଧାର, ଭୀମଧାର, ପଂଚୁପାଣ୍ଡବ ଧାର, ସୀତାକୁଣ୍ଡ,ଚାଲଧାର, ଗୋକୁଣ୍ଡ ଘାଟ, ବିନ୍ଧ୍ୟବାସିନୀ ଘାଟ, ତ୍ରିଦେବ ଘାଟ, ପିତୃପିଣ୍ଡ ଘାଟ, ଗଣପତି ଘାଟ, ପାହାଡୀ ଶିବଲିଙ୍ଗ ଘାଟ, ଗରୁଡ ଘାଟ, କବୀର ମଣ୍ଡପ ଇତ୍ୟାଦି ପୁରାଣ ବର୍ଣ୍ଣିତ ବୋଲି କଥିତ ଅଛି । ଭୀମଧାର ଝରଣା ନିକଟରେ ଭୀମଙ୍କର ଏକ ପାଦ ଚିହ୍ନ ରହିଛି । ଏହାକୁ ଭୀମପାଦ କୁହାଯାଏ । ଅଯୋଧ୍ୟାର ରାଜା ରାମଚନ୍ଦ୍ର ନିଜର ବନବାସ ସମୟରେ ପବିତ୍ର ଗଙ୍ଗାକୁ ଏଠାକୁ ଆଣିଥିଲେ ।

ପାପହାରିଣୀ କ୍ଷେତ୍ରରେ ପୌରାଣିକ କିମ୍ବଦନ୍ତୀକୁ ଅନୁଶୀଳନ କଲେ ଜଣାପଡେ ଯେ ଏକଦା ପୂର୍ଣ୍ଣିମୀ ରବିବାର ଦିନ ମହାଦେବ କ୍ଷୀର ସମୁଦ୍ରରେ ସ୍ନାନରତ ଥିଲାବେଳେ ସମୁଦ୍ର ତଟରେ ରଖିଥିବା କୁଶବଟୁକୁ ବଉଳା ଗାଈର ବାଛୁରୀ ଖାଇଦେବାରୁ ଶଙ୍କର ମହାଦେବ କ୍ରୋଧାନ୍ୱିତ ହୋଇ ବାଛୁରୀକୁ ପ୍ରହାର କରିଲେ । ବାଛୁରୀର ମୁଣ୍ଡଟି ଗଣ୍ଡି ଠାରୁ ଅଲଗା ହୋଇ ଶିବଙ୍କ ହାତ ମୁଠାରେ ଲାଖି ରହିଲା । ଏତଦ୍ୱାରା ମହାଦେବ ଗୋ-ହତ୍ୟାର ପାପ ବହନ କଲେ । ତୀର୍ଥାଟନ କଲେ ପାପ ଖଣ୍ଡନ ହେବ ବୋଲି ଜାଣି ପାରିଲେ ଏବଂ ଦୁଃଖଦ ସମୟରେ ଏକ ବ୍ରହ୍ମଚାରୀ କହିଲେ, ନୃସିଂହନାଥ ତୀର୍ଥକ୍ଷେତ୍ରରେ ଗଙ୍ଗାମାତା ଝରଣା ହୋଇ ପ୍ରବାହିତ ହେଉଥିବାରୁ ସେ ପୂଣ୍ୟ ଅର୍ଜନ କରିଛନ୍ତି । ସେହି ବ୍ରହ୍ମଚାରୀଙ୍କ କଥାନୁସାରେ ନୃସିଂହନାଥ ତୀର୍ଥକ୍ଷେତ୍ରକୁ ଗମନ କଲେ ମହାଦେବ । ନିଜ ଅଂଟାକୁ ଲୁଚାଇ ସ୍ନାନ କରିବାରୁ ବାଛୁରୀ ମୁଣ୍ଡ ତାଙ୍କ ପାପୁଲିରୁ ଖସି



ପାଣିରେ ସ୍ରୋତରେ ଭାସିଗଲା । ମହାଦେବ ଜାଣି ପାରିଲେ ଯେ ତାଙ୍କ ଗୋ-ହତ୍ୟା ପାପଖଣ୍ଡନ ହୋଇଛି । ଖୁସି ହୋଇଗଲେ ମହାଦେବ । ନିଜର ପାପଖଣ୍ଡନ ହୋଇ ପାରିଥିବାରୁ ତାଣ୍ଡବ ନୃତ୍ୟ କଲେ ଓ ଏହି ପବିତ୍ର ସ୍ଥାନକୁ ପାପହରଣ କ୍ଷେତ୍ର ରୂପେ ନାମକରଣ କରି କପିଳାସ ଗିରିକୁ ପ୍ରସ୍ଥାନ କଲେ ।  ଲୋକକଥା ଅନୁସାରେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟଗ୍ରହଣ ତିଥୀରେ ସ୍ନାନ କଲେ ଅବା ବୁଡ଼ ପକାଇଲେ ମଣିଷର ଶହେ ଜନ୍ମର ପାପକ୍ଷୟ ହୋଇଥାଏ । ଭୀମଧାରରେ ସ୍ନାନ କଲେ ବୈକୁଣ୍ଠପୁର ଗମନ ହୋଇଥାଏ । ଗଦାଧାରରେ ସ୍ନାନ କଲେ ରାଜ ସୁଖ ମିଳିଥାଏ । ଗୁପ୍ତଧାରରେ ସ୍ନାନ କଲେ ଗୁପ୍ତ ପାପ ଲୋପପାଏ । ସୀତାକୁଣ୍ଡର ପବିତ୍ର ପାଣିକୁ ଦେହରେ ମାଖିଲେ ମାତୃହରଣ ଓ ସୁରାପାନ ଦୋଷ ହଟିଯାଏ । ପଂଚୁପାଣ୍ଡବ ଘାଟରେ ସ୍ନାନ କଲେ ପରସ୍ତ୍ରୀ ହରଣ ଦୋଷ ଖଣ୍ଡନ ହୋଇଥାଏ । ପିତୃଘାଟରେ ସ୍ନାନ କି ପିଣ୍ଡଦାନ ଦେଲେ ଯମ ଭୟ ଦୂର ହୋଇ ପିତୃଲୋକମାନଙ୍କୁ ସ୍ୱର୍ଗରେ ସ୍ଥାନ ମିଳିଥାଏ । କହିବାକୁ ଗଲେ, ନୃସିଂହନାଥ ପୁଣ୍ୟତୀର୍ଥର ସକଳ ପ୍ରକାରର ପୁଣ୍ୟ ଅର୍ଜନ କରିବାର ସୁଯୋଗ ରହିଛି । ଭକ୍ତମାନଙ୍କର ଅଭିଳାଷ ପୂର୍ଣ୍ଣ ହେବାର ସମ୍ଭାବନା ବି ରହିଛି । ରାମଚନ୍ଦ୍ରଙ୍କ ବନବାସ ସମୟରେ ଅନେକ ଘଟଣା ଏଇଠି ଦେଖିବାକୁ ମିଳେ ।

ଏହି ପର୍ବତରେ ହିଂସ୍ର ଜୀବଜନ୍ତୁ ବାସ କରୁଥିଲେ ବି କେବେ କାହାର କ୍ଷତି କରନ୍ତି ନାହିଁ । ପର୍ବତ ଶିଖରରେ ହିଲ୍ ଟପ୍  ବିସ୍ତିର୍ଣ୍ଣ ସମତଳ । ଏଠାରେ ଏକ ରାଜମହଲ କେଉଁ କାଳରୁ ଅଛି, ଏବେ ସମସ୍ତଙ୍କର ରହସ୍ୟଘେରରେ । ଏହି ପର୍ବତରେ ଚାଲି ଚାଲି ଶ୍ରଦ୍ଧାଳୁ ଭକ୍ତମାନେ ଅପରପାର୍ଶ୍ୱରେ ଥିବା ହରିଶଙ୍କର ମନ୍ଦିରକୁ ଦର୍ଶନ କରିବାକୁ ଯାଆନ୍ତି । ଯିବା ପଥରେ ଏହି ରାଜମହଲରେ ସାମୟିକ ବିଶ୍ରାମ ନେଇଥାନ୍ତି  ଏବଂ ଜାଙ୍ଗଲିକ ସୌନ୍ଦର୍ଯ୍ୟ ଉପଭୋଗ କରନ୍ତି । ନିକଟରେ ଥିବା ପୋଖରୀରେ ରାଜାମାନେ ଯୁଦ୍ଧ ସମୟରେ ଆତ୍ମଗୋପନ କରୁଥିଲେ ବୋଲି ଶ୍ରୁତିଗୋଚର ହୁଏ । ସୁଦୀର୍ଘ ବୃକ୍ଷମାନଙ୍କର ସମାରୋହରେ ସ୍ଥାନଟି ଶୀତଳତାରେ ପରିପୂର୍ଣ୍ଣ ଥାଏ, ଯଦ୍ୱାରା ପର୍ଯ୍ୟଟକମାନେ ଖୁସି ମନାନ୍ତି । ଏଭଳି ପ୍ରାକୃତିକ ପରିବେଶ ବିରଳ ପରି ମନେହୁଏ ।

ନୃସିଂହନାଥ କ୍ଷେତ୍ରରେ ମାନସିକ ଗୁଆ ଓ ଅଖଣ୍ଡଦୀପ ସ୍ଥାପନ କରାଯାଏ । ଗୋ-ହତ୍ୟା, ସର୍ପହତ୍ୟା, ବିରାଡି ହତ୍ୟା ଇତ୍ୟାଦି ଦୋଷର ପ୍ରାୟଶ୍ଚିତ ଲାଗି ଏକ ସ୍ୱତନ୍ତ୍ର ବିଚାରାଳୟ (ମାର୍ଜରାକେଶରୀ ବିଚାରାଳୟ) ରେ ବିଚାର କରାଯାଏ । ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ଦଣ୍ଡ ସ୍ୱରୂପ ୭ ରୁ ୨୧ ଦିନ ଠାକୁରଙ୍କ ସେବା କରିବାର ଅନୁମତି ଦିଆଯାଏ । ଟ୍ରଷ୍ଟି ତରଫରୁ ବିଚାରପତି ରୂପେ ଜଣଙ୍କୁ ନିଯୁକ୍ତି ଦିଆଯାଇଥାଏ, ଯିଏ କି ଉପରୋକ୍ତ ଦୋଷର ବିଚାର କରିଥାନ୍ତି । ବିବାହ କାର୍ଯ୍ୟ ସଂପାଦନା ସହ ପତି-ପତ୍ନୀଙ୍କର ନାମ କପିକରଣ କରାଯାଇ ସାର୍ଟିଫିକେଟ୍ ପ୍ରଦାନ କରାଯାଏ ।

୩୨୩୪ ଫୁଟ୍ ଉଚ୍ଚତା ଗନ୍ଧମାର୍ଦ୍ଦନ ପର୍ବତର ଶାନ୍ତସୁନ୍ଦର ପରିବେଶ, ଲୋଭନୀୟ ଦୃଶ୍ୟ ଏବଂ ୨୨ଟି ଚିରସ୍ରୋତା ଝରଣାର ଅପୂର୍ବ ଲାବଣ୍ୟ ବିଭିନ୍ନ ପ୍ରାନ୍ତରର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ସହ ପଶ୍ଚିମ ଓଡ଼ିଶାର ସ୍ୱର୍ଗ କହିବାର ତାତ୍ପର୍ଯ୍ୟକୁ ସାକାର କରିଥାଏ । ସେହିଭଳି ଶ୍ରୀ ଶ୍ରୀ ନୃସିଂହନାଥ ପୁଣ୍ୟପୀଠ ସମଗ୍ର ପଶ୍ଚିମ ଓଡିଶାବାସୀଙ୍କ ସଂସ୍କୃତି ଏବଂ ପର୍ଯ୍ୟଟନର ମାପକାଠି ପାଲଟି ଯାଇଛି । ଏଭଳି ଆରଣ୍ୟକ ପରିବେଶ ଦର୍ଶକମାନଙ୍କ ମନରେ ଯେତିକି ପର୍ଯ୍ୟଟନର ଚିତ୍ର ଆଙ୍କି ପାରୁଛି, ସେହିଭଳି ଜିଜ୍ଞାସୁମାନଙ୍କ ମନରେ ଅନୁଭବ କରିବାର ରଙ୍ଗୀନ ଆଭାକୁ ବିଚ୍ଛୁରିତ କରିପାରୁଛି । ପାହାଡ଼ ଚଢ଼ିବାର ଅଦ୍ୟମ ଆଶାକୁ ଉଜ୍ଜୀବିତ କରିପାରୁଛି । ସ୍ରୋତସ୍ୱିନୀ ପାହାଡ଼ୀ ଝରଣାରେ ଆପଣାଛାଏଁ ଗାଧୋଇବାର ଖୋଲା ଆନନ୍ଦକୁ ସାଉଁଟି ଆଣି ପାରୁଛି । ପର୍ଯ୍ୟଟନ ବିଭାଗ, ଟ୍ରଷ୍ଟି ତରଫରୁ ନିର୍ମିତ ଅତିଥି ଭବନ, ଧର୍ମଶାଳା, କଲ୍ୟାଣ ମଣ୍ଡପରେ ରାତ୍ରି ଯାପନ କରି ଦୂରନ୍ତ ପର୍ଯ୍ୟଟକମାନେ କ୍ଲାନ୍ତି ଦୂର କରିଥାନ୍ତି । ସଂସ୍କୃତି ଓ ପର୍ଯ୍ୟଟନର ପୁଣ୍ୟତୀର୍ଥ ରୂପେ ଶ୍ରୀ ଶ୍ରୀ ନୃସିଂହନାଥ ଓଡ଼ିଶା ରାଜ୍ୟ ଏବଂ ଅନ୍ୟ



ଦୂରନ୍ତି ରାଜ୍ୟ ପାଇଁ
ନିଶ୍ଚିତ ଭାବେ ଅମୂଲ୍ୟ ଉପହାର, ଏହା ସ୍ୱୀକାର କରା ଯାଇପାରେ । ସର୍ବୋପରି ଗନ୍ଧମାର୍ଦ୍ଦନ ପର୍ବତର ଆକର୍ଷଣୀୟ ବିଭବ ଓ ନୃସିଂହନାଥ ମନ୍ଦିରର ମନୋଜ୍ଞ ପରିବେଶର ସୁରକ୍ଷା ନେବା ସମସ୍ତଙ୍କର ଏକାନ୍ତ କର୍ତ୍ତବ୍ୟ । ଯାହାହେଉନା କାହିଁକି, ସମୟର ସୁବର୍ଣ୍ଣ ସୁଯୋଗକୁ ହାତ ମୁଠାରେ ରଖି  ପାରିବାର ଏବଂ ବନ୍ଧୁବାନ୍ଧବଙ୍କ ସହ ଏଭଳି ପର୍ଯ୍ୟଟନସ୍ଥଳୀକୁ ଆସି ଭରପୂର ଆନନ୍ଦ ଉଠେଇବା ନିହାତି ଆବଶ୍ୟକ ।



# ରାତିର ଗଙ୍ଗଶିଉଳି

# ଦିବ୍ୟପୁଷ୍ପ ଗଙ୍ଗଶିଉଳି

**ଶ୍ୱେତା ରାଉତ**

ରାଉତ କମ୍ପ୍ଲେକ୍ସ, କଟକ ରୋଡ୍, ଭୁବନେଶ୍ୱର

ଫଟୋ ସୌଜନ୍ୟ : ଗୁଗୁଲ୍





▶ଲେଖିକା ଶ୍ୱେତା ରାଉତ

ଦେବଭୂମି ଭାରତରେ ଧର୍ମ, ଦର୍ଶନ, ପୂଜା, ଆରାଧନା, ସଂସ୍କାର ଓ ପରମ୍ପରା ପରି ମହନୀୟ ବିଭବ ଗୁଡ଼ିକ ହିଁ ମାନବକୁ ଦେବତ୍ୱର ଆସନରେ ଅଳଙ୍କୃତ କରିଥାଏ । ମନୁଷ୍ୟ ସହିତ କର୍ମସାଧନ ତଥା ସତ୍‌ପଥାନୁଗାମୀ ହେବା ପାଇଁ ଈଶ୍ୱରଙ୍କ ନିକଟରେ ଶରଣାପନ୍ନ ହୋଇ ନିଜକୁ ଭକ୍ତି ଭାବର ସହିତ ଈଶ୍ୱରଙ୍କ ଚରଣାବିନ୍ଦରେ ପୂଜା ଆରାଧନା ମାଧ୍ୟମରେ ସମର୍ପିତ କରିଥାଏ । ଧୂପ, ଦୀପ, ନୈବେଦ୍ୟ, ସିନ୍ଦୂର, ସହିତ ବିଭିନ୍ନ ରଙ୍ଗବେରଙ୍ଗର ସୁବାସିତ ପୁଷ୍ପ ଅର୍ପଣ କରି ଈଶ୍ୱରଙ୍କ ଆବାହନ କରିଥାଏ । ପବିତ୍ରତା, ଶୁଦ୍ଧତା, କୋମଳ, ପ୍ରେମ ଓ ସ୍ମରଣର ପ୍ରତୀକ ଫୁଲ ଈଶ୍ୱରଙ୍କ ଶୃଙ୍ଗାରର ଏକ ଅନନ୍ୟ ପରିପାଟୀ । ଗୋଟିଏ ଫୁଲ ପ୍ରକୃତିର ସମସ୍ତ ଉପାଦାନ- ବାୟୁ, ଜଳ, ଅଗ୍ନି, ମୃତ୍ତିକା ଓ ଇଥର ଧାରଣା କରିଥାଏ । ଅଗସ୍ତ୍ୟମୁନି ଫୁଲର ପ୍ରକାରଭେଦ ସମ୍ପର୍କରେ ଦେଇଥିବା ସୂଚନାରୁ ଜଣାଯାଏ ଜଗତରେ ୩୮ ହଜାର କୋଟି ପ୍ରକାର ଫୁଲ ଅଛି । ସେଥିରୁ ଦେବତାମାନଙ୍କ ପାଇଁ ୨୦ ହଜାର କୋଟି, ସିଦ୍ଧମାନବ ନିଜ ବ୍ୟବହାରରେ ୧୧ ହଜାର କୋଟି, ଔଷଧୀୟ ଉଦ୍ଦେଶ୍ୟରେ ୫ ହଜାର କୋଟି ରହିଥିବା ବେଳେ ଅସୁରମାନେ ଲୁଟି ନେଇଛନ୍ତି ୧ ହଜାର କୋଟି ଓ ଅବଶିଷ୍ଟ ୧ ହଜାର କୋଟି ପ୍ରକାରର ଫୁଲ ବିଷୟରେ ସଚେତନ ରହିଲେ ମାନବ ଗଣ । ଶାନ୍ତି ଓ ସମୃଦ୍ଧି ପାଇଁ ଈଶ୍ୱରଙ୍କୁ ଅର୍ପିତ ଫୁଲମାନ ଆକାଶର ତାରା ପରି ପ୍ରକୃତିକୁ ସୌନ୍ଦର୍ଯ୍ୟମୟ କରି ସଜାଇଥାନ୍ତି । ଏହି ଫୁଲମାନଙ୍କ ମଧ୍ୟରେ ଏକ ଦିବ୍ୟ, ଅଲୌକିକ ଫୁଲ ହେଉଛି : **ଗଙ୍ଗଶିଉଳି** ।

ରାତିରେ ଫୁଟି ସକାଳେ ଝଡ଼ି ପଡୁଥିବା ଏହି ଅଲୌକିକ ଫୁଲ ଗଙ୍ଗଶିଉଳି ଦେଖିବାକୁ ଯେତିକି ସୁନ୍ଦର ତାହାର ସୁବାସିତ ମହକ ମଧ୍ୟ ତଦୁର୍ଦ୍ଧ ମନୋମୁଗ୍ଧକର । ଶୁକ୍ଳ ପାଖୁଡ଼ା ଓ ନାରଙ୍ଗି ଡେମ୍ଫଯୁକ୍ତ ଫୁଲ ଗଙ୍ଗଶିଉଳି କେବଳ ପତ୍ର ଫୁଲ ନୁହେଁ ମୂଳ ସମେତ ପଞ୍ଚାଙ୍ଗ ବ୍ୟବହୃତ ହେଉଥିବା ଏକ ଦିବ୍ୟ ଔଷଧୀୟ ବୃକ୍ଷ । ଏହା ଏମିତି ଏକ ବୃକ୍ଷ ଯାହା ବନସ୍ପତିରେ ମୂଳ ଔଷଧି କେନ୍ଦ୍ରୀଭୂତ, ପୁଞ୍ଜିଭୂତ, ସମୁଚୟ ଦିବ୍ୟତାର ପ୍ରତୀକ, ଯାହାର ମୂଳରୁ ସମସ୍ତ ରୋଗ-ବ୍ୟାଧିକୁ ଲୋପ କରିବାର କ୍ଷମତା ତଥା ଯାହାର ଦିବ୍ୟ ସୁଗନ୍ଧ ସାରା ବଗିଚା, ସାରା ପରିବେଶକୁ ଏକ ଅଲୌକିକ ବାତାବରଣ ଉପଲବ୍ଧ କରାଇଥାଏ । ହିନ୍ଦୁ ବିଶ୍ୱାସ ଅନୁଯାୟୀ ସ୍ୱର୍ଗର ପାଞ୍ଚଟି ମନୋବାଞ୍ଛା ପୂରଣକାରୀ ଫୁଲ ମଧ୍ୟରୁ ଗଙ୍ଗଶିଉଳି ଗୋଟିଏ ଯାହା ସମୁଦ୍ର ମନ୍ଥନ ସମୟରେ ଦେବତାମାନଙ୍କୁ ପ୍ରାପ୍ତ ପଞ୍ଚଜଣ୍ୟ ରତ୍ନ ମଧ୍ୟରୁ ଏକାଦଶ ରତ୍ନ ଭାବେ ବିବେଚନା କରାଯାଏ । ମୁନିଋଷିମାନେ ନିଜର ବସ୍ତ୍ରକୁ ଗୈରିକ କରିବା ପାଇଁ ଗଙ୍ଗଶିଉଳି ଫୁଲକୁ ବ୍ୟବହାର କରିଥାନ୍ତି । ଏହି ଫୁଲର ବିଶେଷତଃ ହେଉଛି ଏହା



ରାତିରେ ଫୁଟେ, ସକାଳେ ଝଡ଼ିଯାଏ ଏବଂ ଫୁଲଗୁଡ଼ିକ ଗଛମୂଳରେ ନପଡ଼ି ଖୁବ୍ ଦୂରକୁ ଛିଟିକି ପଡ଼ିଥାଏ ।

## ନାମକରଣ ବିଭିନ୍ନ ସ୍ଥାନରେ

ଏହି ଅଲୌକିକ ଫୁଲ ଗଙ୍ଗଶିଉଳିକୁ ସଂସ୍କୃତରେ 'ଶୁକ୍ଲାଙ୍ଗୀ', 'ଶେଫାଳିକା', 'ରଜନୀହାର', 'ଶୀତମଞ୍ଜରୀ', ହିନ୍ଦୀରେ 'ହରଶୃଙ୍ଗାର', 'ପାରିଜାତ', ବଙ୍ଗଳାରେ 'ଶେଫାଲିକା', ମରାଠୀରେ 'ପାରିଜାଥକ୍', ଗୁଜୁରାଟୀରେ 'ଜୟପ୍ରଭାତୀ', କନ୍ନଡ଼ରେ 'ପାରିଯାଥା', ତାମିଲ୍‌ରେ 'ପାରିଜାତ', 'ପାଘାଲ', ତେଲୁଗୁରେ 'ପାରିଜାତପୁ', ଇଂରାଜୀରେ 'ଟ୍ରି ଅଫ୍ ସରୋ', 'ନାଇଟ୍ ଯସ୍ମିନ' ୟୁନାନୀରେ 'ହରିଶୃଙ୍ଗାର', ମାଲାୟଲମ୍‌ରେ 'ପାରିଜାତକମ୍' ଓ ଓଡ଼ିଆରେ 'ଶେଫାଳିଫୁଲ', 'ହରଶୃଙ୍ଗାର', 'ଗଙ୍ଗଶିଉଳି' କୁହାଯାଇଥାଏ । ବୈଜ୍ଞାନିକ ମାନଙ୍କର ଗବେଷଣା ଅନୁସାରେ ଜଣାଯାଏ ଗଙ୍ଗଶିଉଳି ବୃକ୍ଷର ଆୟୁ ୧୦୦୦ ରୁ ୫୦୦୦ ବର୍ଷ ପର୍ଯ୍ୟନ୍ତ । ଏହାର ପରିମାପ ୫୦ ଫୁଟ୍ ଓ ଉଚ୍ଚତା ୪୫ ଫୁଟ୍ ପର୍ଯ୍ୟନ୍ତ ଥାଏ । ଏପରି ଏକ ଗଙ୍ଗଶିଉଳି ବୃକ୍ଷ ଭାରତରେ ଦ୍ୱାପର ଯୁଗରୁ ଏଯାବତ୍ ରହି ଆସିଛି ବୋଲି ଲୋକମତ ଏବଂ ଇତିହାସରୁ ଜଣାଯାଏ । ଏହା ଉତ୍ତରପ୍ରଦେଶର ବାରବାଙ୍କି ଜିଲ୍ଲା ଅନ୍ତର୍ଗତ କେନ୍ତୁର ଗ୍ରାମରେ ଅବସ୍ଥିତ । ଏହି ଅଲୌକିକ ଗଙ୍ଗଶିଉଳି ବୃକ୍ଷର ରକ୍ଷଣାବେକ୍ଷଣ ଦାୟିତ୍ୱ ବର୍ତ୍ତମାନ ସ୍ୱୟଂ ଭାରତ ସରକାର ବହନ କରିଛନ୍ତି । ସାଂସ୍କୃତିକ ଓ ପୌରାଣିକ ଦୃଷ୍ଟିକୋଣ ଅନୁଯାୟୀ ମହତ୍ୱପୂର୍ଣ୍ଣ ଏହି ଦିବ୍ୟ ବୃକ୍ଷର ଅନେକ କିମ୍ବଦନ୍ତୀ ମାନ ରହିଛି ।

## କିମ୍ବଦନ୍ତୀ

ହିନ୍ଦୁ ବିଶ୍ୱାସ ଅନୁଯାୟୀ ସ୍ୱର୍ଗର ପାଞ୍ଚଟି ମନୋବାଞ୍ଛା ପୂରଣକାରୀ ଫୁଲ ମଧ୍ୟରୁ ଗଙ୍ଗଶିଉଳି ଅନ୍ୟତମ । ଯାହାର ସ୍ପର୍ଶ ମାତ୍ରକେ ଶରୀରର କ୍ଲାନ୍ତି ଦୂର ହେବା ସହିତ ମନ ଭିତରେ ଯୁକ୍ତାତ୍ମକ ଭାବଧାରାର ଅବତରଣ ହୋଇଥାଏ । ପୌରାଣିକ ମାନ୍ୟତା ଅନୁସାରେ ଏକଦା ଶ୍ରୀକୃଷ୍ଣ ନିଜର ପାଟରାଣୀ ରୁକ୍ମିଣୀଙ୍କ ସହିତ ଏକ ବ୍ରତୋପନୟନ ସମାରୋହରେ ଯୋଗ ଦେବା ପାଇଁ ଶ୍ୱେତକ ପର୍ବତକୁ ଆସିଥିଲେ । ନାରଦ ଭଗବାନ ଶ୍ରୀକୃଷ୍ଣଙ୍କୁ ସମ୍ମୁଖରେ ଦେଖି ହାତରେ ଧରିଥିବା ସ୍ୱର୍ଗର ଦିବ୍ୟପୁଷ୍ପ ଗଙ୍ଗଶିଉଳି ବା ପାରିଜାତକୁ ଶ୍ରୀକୃଷ୍ଣଙ୍କୁ ଅତି ଶ୍ରଦ୍ଧାର ସହିତ ଭେଟିଦେଲେ । ଶ୍ରୀକୃଷ୍ଣ ଏହି ଦିବ୍ୟପୁଷ୍ପକୁ ପାଖରେ ଥିବା ପାଟରାଣୀ ରୁକ୍ମିଣୀଙ୍କୁ ଦିଅନ୍ତେ ରୁକ୍ମିଣୀ ସଙ୍ଗେ ସଙ୍ଗେ ନିଜ ଗଭାରେ ସଜାଇ ନେଲେ । ନାରଦ ମଦନମୋହନ କୃଷ୍ଣଙ୍କ ଆଡ଼େ ସ୍ମିତହାସ୍ୟରେ ରୁକ୍ମିଣୀଙ୍କୁ ପ୍ରଶଂସା କରିବାକୁ ଯାଇ କହିଲେ, ରୁକ୍ମିଣୀ ଏହି ପୁଷ୍ପ ସଜାଇ ହେବା ପରେ ସମସ୍ତ ସପତ୍ନୀମାନଙ୍କ ଠାରୁ ଅଧିକ ସୁନ୍ଦର ଦିଶୁଛନ୍ତି । ଏକଥା ସତ୍ୟଭାମାଙ୍କର ଦାସୀମାନେ ଶୁଣି ସତ୍ୟଭାମାଙ୍କୁ ଜଣାଇଲେ । ଶ୍ରୀକୃଷ୍ଣ ଦ୍ୱାରିକା ଫେରିବା ପରେ ସତ୍ୟଭାମା ସ୍ୱର୍ଗରୁ ଗଙ୍ଗଶିଉଳି ବୃକ୍ଷ ଆଣିଦେବାକୁ ଜିଦ୍ ଧରି ବସିଲେ । ସମୁଦ୍ର ମନ୍ଥନରୁ ପ୍ରାପ୍ତ ଏକାଦଶ ରତ୍ନ ପାରିଜାତ ବା ଗଙ୍ଗଶିଉଳି ଇନ୍ଦ୍ରଙ୍କର ନନ୍ଦନବନରେ ଥାଏ ଏବଂ କେବଳ ଉର୍ବଶୀଙ୍କୁ ଏହାକୁ ସ୍ପର୍ଶ କରିବାର ଅଧିକାର ଥାଏ । ନର୍ତ୍ତକୀ ଉର୍ବଶୀ ନିଜର କ୍ଲାନ୍ତି ଦୂର କରିବା ପାଇଁ ପାରିଜାତ ବା ଗଙ୍ଗଶିଉଳିକୁ ସ୍ପର୍ଶ କରି ଇନ୍ଦ୍ର ଭବନରେ ନୃତ୍ୟ ପରିବେଷଣ କରନ୍ତି । ଶ୍ରୀକୃଷ୍ଣ ଏହି ବୃକ୍ଷକୁ ମାଗିବାରୁ ଇନ୍ଦ୍ର ମନା କରିଦେଲେ ଏବଂ ଶ୍ରୀକୃଷ୍ଣ ଇନ୍ଦ୍ରଙ୍କ ସହିତ ଯୁଦ୍ଧ କରି ଗଙ୍ଗଶିଉଳିକୁ ଜିତି ନେଲେ । ସତ୍ୟଭାମା ଅତ୍ୟନ୍ତ ଆନନ୍ଦର ସହିତ ନିଜ ବାଟିକାରେ ରୋପଣ କଲେ । କିନ୍ତୁ ସତ୍ୟଭାମାଙ୍କର ରୁକ୍ମିଣୀଙ୍କ ପ୍ରତି ଈର୍ଷା ଭାବ କାରଣରୁ ଶ୍ରୀକୃଷ୍ଣ ମାୟା କଲେ, ଗଙ୍ଗଶିଉଳି ସତ୍ୟଭାମାଙ୍କ ବାଟିକାରେ ଫୁଟିଲେ ମଧ୍ୟ ରୁକ୍ମିଣୀଙ୍କ ବାଟିକାରେ ଝଡ଼ିପଡ଼େ । ବୋଧହୁଏ ଏହା ହିଁ ଏକ ପୌରାଣିକ କାରଣ ହୋଇପାରେ ଯେଉଁଥିପାଇଁ ଶେଫାଳି ବା ଗଙ୍ଗଶିଉଳି ଗଛ ମୂଳରେ ନପଡ଼ି ଦୂରକୁ ଝଡ଼ି ପଡ଼ିଥାଏ ।

ଅନ୍ୟ ଏକ କିମ୍ବଦନ୍ତୀ ଏହା ମଧ୍ୟ କହିଥାଏ ଯେ, ଧୃତରାଷ୍ଟ୍ର ଯେତେବେଳେ ପାଣ୍ଡବମାନଙ୍କୁ ଅଜ୍ଞାତବାସ ଘୋଷଣା କଲେ ପାଣ୍ଡବମାନେ ମାତା କୁନ୍ତୀଙ୍କ





ସମେତ ଅରଣ୍ୟରେ ଦିନ କାଟିଲେ । ମାତା କୁନ୍ତୀ ମହାଦେବଙ୍କୁ ପୂଜା କରିବା ନିମନ୍ତେ ସ୍ୱର୍ଗର ପାରିଜାତ ପୁଷ୍ପ ଆଣିଦେବାକୁ ଇଚ୍ଛା ପ୍ରକଟ କଲେ । ଅର୍ଜୁନ ମାତାଙ୍କର ଇଚ୍ଛାର ପୂର୍ତ୍ତି କରିବାକୁ ଯାଇ ଏହି ବୃକ୍ଷକୁ ସ୍ୱର୍ଗରୁ ଆଣି କୁନ୍ତେର ଠାରେ ରୋପଣ କଲେ । କୁନ୍ତୀଙ୍କର ନାମ ଅନୁସାରେ ସେହି ସ୍ଥାନର ନାମ କୁନ୍ତେର ଏବଂ କୁନ୍ତୀ ପୂଜା କରୁଥିବା ମହାଦେବଙ୍କର ନାମ କୁନ୍ତେଶ୍ୱର ମହାଦେବ ଭାବେ ବିଶ୍ୱ ବିଦିତ । ଉତ୍ତରପ୍ରଦେଶରେ ଅବସ୍ଥିତ କୁନ୍ତେର ଗ୍ରାମର ଏହି ପାରିଜାତ ବା ଗଙ୍ଗଶିଉଳି ବୃକ୍ଷ ଅର୍ଜୁନଙ୍କ ଦ୍ୱାରା ରୋପିତ ବୋଲି ଇତିହାସରୁ ଜଣାଯାଏ । ବୈଜ୍ଞାନିକମାନଙ୍କର ଆକଳନ ଅନୁସାରେ କୁନ୍ତେର ଠାରେ ଅବସ୍ଥିତ ଏହି ଦିବ୍ୟ ପୁଷ୍ପ ୭୦୦୦ ବର୍ଷ ତଳର ଅନୁମେୟ କରାଯାଏ । ମହାଦେବ ହରଙ୍କର ଶୃଙ୍ଗାର କୁନ୍ତୀ ଏହି ଫୁଲରେ କରୁଥିବାରୁ ଏହାକୁ କେହି କେହି ହର ଶୃଙ୍ଗାର ଫୁଲ ବୋଲି କହିଥାନ୍ତି । ଶୁଣାଯାଏ ଏହି ବୃକ୍ଷ ମୂଳରେ ମୁହୂର୍ତ୍ତଟିଏ ବସିଗଲେ ସାରା କ୍ଳାନ୍ତି ଲାଘବ ହେବା ସହିତ ଶରୀର ସୁସ୍ଥ ଓ ନିରୋଗ ହୋଇଥାଏ । ପାରିଜାତ ଓ ଗଙ୍ଗଶିଉଳି ନାମକ ରାଜକୁମାରୀ ସହିତ ଜଡ଼ିତ । ରାଜକୁମାରୀ ପାରିଜାତ ସୂର୍ଯ୍ୟଙ୍କୁ ଗଭୀର ପ୍ରେମ, ପ୍ରୟାସ ଏବଂ ତପ କରିବା ସତ୍ତ୍ୱେ ସୂର୍ଯ୍ୟ ଦେବ ପାରିଜାତର ପ୍ରେମକୁ ସ୍ୱୀକାର କଲେ ନାହିଁ । ତେଣୁ ପାରିଜାତ କ୍ରୋଧରେ ଆତ୍ମହତ୍ୟା କରିଦେଲେ । ଯେଉଁ ସ୍ଥାନରେ ପାରିଜାତଙ୍କର ସମାଧି ତିଆରି ହେଲା ସେହି ସମାଧି ଉପରେ ଏକ ବୃକ୍ଷ ଉଦ୍ଭୂରି ଉଠିଲା । ସେହି ଦିନଠୁ ସେହି ବୃକ୍ଷ 'ପାରିଜାତ' ନାମରେ ନାମିତ ହେଲା । ବୋଧହୁଏ ଏହି କାରଣରୁ ପାରିଜାତ ବା



ଗଙ୍ଗଶିଉଳି ବୃକ୍ଷ ରାତିରେ ଦେଖିଲେ ଲାଗେ ଯେମିତି ସେ କାନ୍ଦି ଉଠୁଛି ଏବଂ ସକାଳେ ସୂର୍ଯ୍ୟଙ୍କୁ ଦେଖିଲେ ବିଭୋର ହୋଇ ଉଠିବା ପରି ମନେ ହୁଏ । ଇନ୍ଦ୍ରଲୋକରୁ ଆସିଥିବା ଏହି ଦିବ୍ୟ ବୃକ୍ଷ ଗଙ୍ଗଶିଉଳିରେ କେବେ ଫଳ ଧରେ ନାହିଁ । ଏହା ହିଁ ତା'ର ବିଶେଷତ୍ୱ । ଆୟୁର୍ବେଦ ପାଇଁ ଏହା ଏକ ଉପଯୋଗୀ ବୃକ୍ଷ ଓ ବ୍ୟାଧି ଦୂର କରିବା ପାଇଁ ପ୍ରକୃତିର ଏକ ଅନନ୍ୟ ଉପହାର କହିଲେ ଅତ୍ୟୁକ୍ତି ହେବ ନାହିଁ ।

### ଔଷଧୀୟ ବ୍ୟବହାର

ଅଥର୍ବ ବେଦରେ ଚମତ୍କାର ଭାବେ ବର୍ଣ୍ଣିତ ଗଙ୍ଗଶିଉଳି ସମ୍ବନ୍ଧରେ ଜାଣିଲେ ଯେତିକି ଆଶ୍ଚର୍ଯ୍ୟ ଲାଗେ ତା'ଠୁ ଅଧିକ ଆଶ୍ଚର୍ଯ୍ୟ ଲାଗେ ଗଙ୍ଗଶିଉଳିର ଉପଯୋଗିତା ଏବଂ ଆରୋଗ୍ୟ ଲାଘବର ଦିବ୍ୟଗୁଣ ହୃଦୟଙ୍ଗମ କଲେ । ଫୁଲ, ପତ୍ର, ମୂଳ ସମେତ ପଞ୍ଚାଙ୍ଗ ବ୍ୟବହୃତ ଗଙ୍ଗଶିଉଳିରେ ଆଣ୍ଟି-ଆରଥଟିକ୍, ଆଣ୍ଟି-ଭାଇରାଲ, ଆଣ୍ଟି ଫଙ୍ଗଲ, ଆଣ୍ଟି-ପାଇରେଟିକ୍ ଗୁଣମାନ ରହିଥିବାରୁ ଏହା ଆମର ପାକସ୍ଥଳୀ, ବୃକକ୍, ଉଚ୍ଚ ରକ୍ତଚାପ, ଧମନୀର ରକ୍ତ ସଞ୍ଚାଳନ, ସଂକ୍ରମଣ ଆଦି ନିୟନ୍ତ୍ରିତ କରି ଆରୋଗ୍ୟ କରିବାରେ ସାହାଯ୍ୟ କରିଥାଏ । ବିଶେଷ ଭାବେ ଏହା ମୁଣ୍ଡବିନ୍ଧା, ମ୍ୟାଲେରିଆ, ଟନ୍‌ସିଲ୍, କାନ ରୋଗ ଭଳି ନାନା ରୋଗରୁ ଉପଶମ ଦେଇଥାଏ । ଯେକୌଣସି ମୁଣ୍ଡବିନ୍ଧା ପାଇଁ ୫/୬ଟି ଗଙ୍ଗଶିଉଳି ଫୁଲକୁ ହାତରେ ମକଚି ଶୁଙ୍ଘିନେଲେ ତତ୍‌କ୍ଷଣାତ ଉପଶମ ମିଳେ । ଗଙ୍ଗଶିଉଳି ପତ୍ରରେ ଗୋଲମରିଚ ମିଶାଇ ବାଟି ଖାଲି ପେଟରେ ପିଇଲେ ମ୍ୟାଲେରିଆ, ସର୍ଦ୍ଦିକାଶ ଦୂର ହୁଏ । ଏହାର ପତ୍ରର ରସକୁ ମହୁ ସହିତ ମିଶାଇ ସେବନ କଲେ ଥଣ୍ଡାଜ୍ୱର ଭଲ ହୋଇଥାଏ । ଗଙ୍ଗଶିଉଳି ପତ୍ରର ରସ ସମସ୍ତ ପ୍ରକାର ପେଟରୋଗରୁ ମୁକ୍ତି ଦେଇଥାଏ । ଗଙ୍ଗଶିଉଳିର ମଞ୍ଜି ଚୂର୍ଣ୍ଣ କରି ପତଳା ପେଷ୍ଟ୍ ବନାଇ ମୁଣ୍ଡରେ ଲଗାଇଲେ ରୂପି ଦୂର ହୁଏ । ଏହି ପତ୍ରର ରସ, ମହୁ ଓ ଲୁଣ ମିଶାଇ ପାନ କଲେ ପେଟର କୃମି ଯନ୍ତ୍ରଣାରୁ ଉପଶମ ମିଳେ । ଏହି ରସକୁ ଉଷୁମ ପାଣିରେ ମହୁମିଶାଇ ଦିନକୁ ୩-୪ ଥର ପାନ କଲେ ଜ୍ୱର ଭଲ ହୋଇଥାଏ । ଗଙ୍ଗଶିଉଳିର ଶୁଖିଲା ଡାଳ ଝଡ଼ି ପଡ଼ିଥିଲେ ସେଥିରୁ ଛୋଟ ଖଣ୍ଡେ କାଟି ଧଳାସୂତା ଗୁଡ଼ାଇ ବେକରେ ପକାଇଲେ ଏକାଗ୍ରତା ବଢ଼ିଥାଏ ବୋଲି ଧାର୍ମିକ ଭାବନା ମଧ୍ୟ ରହିଛି । ଏହି ବୃକ୍ଷର ଛାଇରେ ବସି ପଡ଼ିଲେ କ୍ଳାନ୍ତି ଦୂର ହୋଇଥାଏ ବୋଲି ବିଶେଷଜ୍ଞମାନେ ମଧ୍ୟ ମତପୋଷଣ କରିଛନ୍ତି । ଏହି ଦିବ୍ୟ ବୃକ୍ଷ ଗଙ୍ଗଶିଉଳିକୁ ସ୍ପର୍ଶ କଲେ ସମସ୍ତ କ୍ଳାନ୍ତି-ଅବସାଦ ଦୂର ହୋଇଥାଏ ।

ବର୍ତ୍ତମାନ ଭାରତ ପୁଷ୍ପ ଉପାଦାନରେ ଉଲ୍ଲେଖନୀୟ ପ୍ରଗତି କରିଛି । ଦେଶର ପାଖାପାଖି ୧.୧୪ ଲକ୍ଷ ହେକ୍ଟର ଜମିରେ ଫୁଲ ଚାଷ କରାଯାଉଛି ଏବଂ ୬.୭୦,୦୦୦ ମେଟ୍ରିକ ଟନ୍ ଫୁଲ ଉତ୍ପାଦିତ ହେଉଛି । ଏହା ବ୍ୟତିରେକ ୧୩.୦୦୯୩ ମିଲିୟନ କଟା ଯାଇଥିବା ଫୁଲର ଉତ୍ପାଦନ ହେଉଛି । ସମକାଳୀନ ଫୁଲ ଗୋଲାପ, ପଦ୍ମ, ରଜନୀଗନ୍ଧା, କାର୍ନେସନ, ସୂର୍ଯ୍ୟମୁଖୀ ଆଦି ଯେଭଳି ଭାବେ ଫୁଲତୋଡ଼ା ପ୍ରସ୍ତୁତ ଉପଲକ୍ଷେ ବହୁଳ ଭାବେ ବ୍ୟବହାର ହେଉଛି ଠିକ୍ ସେହିପରି ଗଙ୍ଗଶିଉଳି ଭଳି ଏକ ଅଲୌକିକ ସୁଗନ୍ଧଯୁକ୍ତ, ଔଷଧୀୟ ବୃକ୍ଷ ବହୁଳ ଭାବେ ରୋପଣ କରି ପରିବେଶ ତଥା ମାନବ ସମାଜର ଉପଯୋଗରେ ଯତ୍ନବାନ ହେବା ଆମ ସମସ୍ତଙ୍କର ଦାୟିତ୍ୱ ରହିଛି । ସାହିତ୍ୟ ଜଗତରେ ଗଙ୍ଗଶିଉଳିକୁ ନେଇ ଅନେକ ସୃଜନାତ୍ମକ ସୃଷ୍ଟି ପରି ପ୍ରତିଟି ଅଗଣାରେ ଗଙ୍ଗଶିଉଳି ବିଚ୍ଛୁରିତ ହେଉ- କାମନା କରିବା ।

# ଭୂତ ପ୍ରେତ ଓ ବୈଦିକ ବିଜ୍ଞାନ



**ଜଗନ୍ନାଥ ପ୍ରସାଦ ଦାସ**

ଠିକଣା: ୧୦୪ ଶୁଭମ୍ ଏଲିଗେନ୍ସି, ସୂର୍ଯ୍ୟ ନଗର, ଭୁବନେଶ୍ୱର-୭୫୧୦୦୩


ଫୋନ୍ : ୦୬୭୪-୨୩୯୭୦୮୦

**ଖବର କାଗଜ ରିପୋର୍ଟ ଅନୁସାରେ ନିକଟରେ ଉତ୍ତରାଖଣ୍ଡ ଜଙ୍ଗଲ ବିଭାଗ ଦ୍ରୋଣଗିରି ପାହାଡ଼ରୁ ରାମାୟଣ ବର୍ଣ୍ଣିତ ସଞ୍ଜିବନୀ ବୁଟିର ସନ୍ଧାନ ପାଇଛନ୍ତି ।**

ଇତିହାସର ପ୍ରାକ୍ କାଳରେ ଯେତେବେଳେ ଆଦି ମଣିଷର ବୁଦ୍ଧିଶକ୍ତିର ଉଦ୍ଭବ ହେଲା, ସେ ବିଭିନ୍ନ ବିଷୟରେ ଚିନ୍ତା କଲା ଏବଂ ପ୍ରଶ୍ନ କରିବାକୁ ଆରମ୍ଭ କଲା । ସେ ଜାଣିପାରିଲା କିପରି ନିଆଁ ତିଆରି ହୁଏ, ପଥର ଫିଙ୍ଗି ଜନ୍ତୁକୁ ମାରି ଦିଆଯାଇ ପାରେ, ମଂଜି ପୋତିଲେ ସେଥିରୁ ଗଛ ବାହାରେ । କିନ୍ତୁ କେତେ ପ୍ରଶ୍ନ ତା'ର ବୁଦ୍ଧିର ବାହାରେ ରହିଲା, ଯଥା: ଦିନ ପରେ ରାତି, ରାତି ପରେ ଦିନ କାହିଁକି ହେଉଛି, ଆକାଶରୁ ବଜ୍ର ବିଜୁଳି ବର୍ଷା କିପରି ଆସୁଛି, ମଣିଷ କାହିଁକି ଜନ୍ମ ନେଉଛି, ବଢୁଛି ଓ ଶେଷରେ ମରି ଯାଉଛି, ଇତ୍ୟାଦି । ଏ ସବୁର ଉତ୍ତର ନ ପାଇ ସେ ଭାବିଲା ଯେ କିଛି ଭୂତପ୍ରେତ ବା ଦେବଦେବୀ ଅଦୃଶ୍ୟରେ ରହି ଏ ସବୁ ଘଟାଉଛନ୍ତି । ଏହି ବିଶ୍ୱାସରୁ କ୍ରମେ ଧର୍ମ ଜନ୍ମନେଲା ।

ସଭ୍ୟତାର ବିକାଶ ସହିତ ବିଜ୍ଞାନ ଆସିଲା ଓ ବୈଜ୍ଞାନିକମାନେ ଏସବୁ ପ୍ରଶ୍ନର ଉତ୍ତର ଦେବାକୁ ଆରମ୍ଭ କଲେ । କୋପର୍‌ନିକସ୍, ଗ୍ୟାଲିଲିଓ, ଡାର୍‌ୱିନ୍ ପ୍ରମୁଖ କିଛି ବୈଜ୍ଞାନିକ

ଫଟୋ ସୌଜନ୍ୟ : ଗୁଗୁଲ୍



ମୌଳିକ ପ୍ରଶ୍ନମାନଙ୍କର ବୈଜ୍ଞାନିକ ବ୍ୟାଖ୍ୟା ଦେଲେ, ଯାହା ମଣିଷର ଚିନ୍ତାଧାରକୁ ବଦଳାଇ ଦେଲା । ପୂର୍ବରୁ ଧର୍ମଭିତ୍ତିରେ ଯେଉଁସବୁ ଉତ୍ତର ଦିଆ ଯାଉଥିଲା, ଏହା ତା'କୁ ଭୁଲ୍ ପ୍ରମାଣିତ କଲା ।

ଆମେରିକା ହେଉଛି ବିଜ୍ଞାନ କ୍ଷେତ୍ରରେ ଗୋଟିଏ ଅତି ପ୍ରଗତିଶୀଳ ଦେଶ । କିନ୍ତୁ ଏଠାର ଲୋକମାନେ ଅଦ୍ଭୁତ ଭାବେ ବିଭିନ୍ନ ଅନ୍ଧବିଶ୍ୱାସର ବଶବର୍ତ୍ତୀ । ମତଗଣନାରୁ ଜଣାଯାଇଛି ଯେ ନିମ୍ନ ପ୍ରତିଶତ ଆମେରିକୀୟ ବିଭିନ୍ନ ବିଜ୍ଞାନ ଅସମ୍ମତ କୁସଂସ୍କାରରେ ବିଶ୍ୱାସ ରଖନ୍ତି:

ସ୍ୱର୍ଗର ଅସ୍ତିତ୍ୱ ୭୫ ପ୍ରତିଶତ

ଭୂତପ୍ରେତ ୪୨

ମିରାକଲ୍ ବା ଚମତ୍କାର ୭୬

ଈଶ୍ୱର ଓ ଦେବଦେବୀ ୮୨

ପୁନର୍ଜନ୍ମ ୨୦

ଜ୍ୟୋତିଷ ଓ ଭବିଷ୍ୟବାଣୀ ୩୦ ପ୍ରତିଶତ

୫୩ ପ୍ରତିଶତ ଆମେରିକୀୟ ବିଶ୍ୱାସ କରନ୍ତି ଯେ ବାଇବେଲ୍‌ରେ କୁହା ଯାଇଥିବା ମତେ ପୃଥିବୀ, ମଣିଷ ଓ ପ୍ରାଣୀ ଜଗତକୁ ଈଶ୍ୱର ଛଅ ଦିନରେ ସୃଷ୍ଟି କରିଥିଲେ । ଆମେରିକାର ଅନେକ ସ୍କୁଲ୍‌ରେ ୧୯୬୭ ମସିହା ପର୍ଯ୍ୟନ୍ତ ଏହି ବିବର୍ତ୍ତନବାଦ ବିରୋଧୀ ଶିକ୍ଷା ଦିଆ ଯାଉଥିଲା, ସେହି ବର୍ଷ ସୁପ୍ରିମକୋର୍ଟ ଏହାକୁ ଅସିଦ୍ଧ ଘୋଷଣା କରିବା ପର୍ଯ୍ୟନ୍ତ । ୪୪ ପ୍ରତିଶତ ଆମେରିକୀୟ ବିଶ୍ୱାସ କରନ୍ତି ଯେ ଆଗାମୀ ପଚାଶ୍ ବର୍ଷ ଭିତରେ ଯୀଶୁଖ୍ରୀଷ୍ଟ ପୁଣି ପୃଥିବୀ ପୃଷ୍ଠକୁ ଆସିବେ ମଣିଷର ବିଚାର କରିବା ପାଇଁ । ଆମ ଦେଶରେ ଏ ପ୍ରକାର ମତଗଣନା ବିଷୟରେ ଜଣା ନାହିଁ, ତେବେ ଆମେ ଏସବୁର ବହୁଳ ବିଶ୍ୱାସ ପ୍ରତି ମୁହୂର୍ତ୍ତରେ ଦେଖୁ । ମନ୍ଦିର, ମଠ, ମେଳା ମଉଛବ, ପୂଜାପାର୍ବଣ ଆମ ଜୀବନର ଅଙ୍ଗ । ଖବର କାଗଜରେ ପ୍ରତିଦିନ ରାଶିଫଳ ପ୍ରକାଶ ପାଏ । ଗୁଣି ଗାରେଡ଼ି କରିଥିବା ଯୋଗୁ ଗୁଣିଆ ଓ ଡାହାଣୀଙ୍କୁ ହତ୍ୟା କରାଯିବା ନିତିଦିନିଆ କଥା । ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଶିଶୁବଳି ଦିଆ ଯାଉଥିବାର ଖବର ପଢ଼ି ଆମକୁ ଆଶ୍ଚର୍ଯ୍ୟ ଲାଗେ ନାହିଁ । ଖବରକାଗଜ ପୃଷ୍ଠାରେ ବଶୀକରଣ କବଚ, ଦେଶୀ ଚିକିତ୍ସା ଓ ଜ୍ୟୋତିଷଙ୍କର ବିଜ୍ଞାପନ ବାହାରେ । କେବଳ ଗାଁଗଣ୍ଡାରେ ନୁହେଁ ସହରରେ ମଧ୍ୟ ମାଳ ମାଳ ଭଣ୍ଡ ବାବା ଦୋକାନ ଖୋଲି ବସିଛନ୍ତି ।

ଅନ୍ଧବିଶ୍ୱାସର ତିନିଟି ମୂଳସ୍ରୋତ ଅଛି ବୋଲି କୁହାଯାଇଥାଏ । ପ୍ରଥମରେ ଏହା ଜନ୍ମ ନିଏ ପୁରୁଣା ଆଚାରବିଚାରର ପରଂପରାରୁ । ତାକୁ କ୍ଷମତା ପ୍ରୟୋଗ କରି ପ୍ରସାରିତ କରାହୁଏ । ଏବଂ ଶେଷରେ ଏହାକୁ ଦୈବୀ ରୂପ ଦେଇ ବିଧିସମ୍ମତ କରାଯାଏ । ହିନ୍ଦୁ ଧର୍ମକ୍ଷେତ୍ରରେ ଦେଖିଲେ ଏଗୁଡ଼ିକ ହେଲା ପୂର୍ବ ପ୍ରଚଳିତ ଧାର୍ମିକ ଆଚାର ବ୍ୟବହାରର ନିରବଚ୍ଛିନ୍ନ କ୍ରମ, ବ୍ରାହ୍ମଣ ପଣ୍ଡା ପଢ଼ିହାରୀ ପୁରୋହିତଙ୍କର ସାମାଜିକ ପ୍ରତିଷ୍ଠା ଓ ଦୈବ ସମ୍ମତ ପୁରାଣ ଓ ଧର୍ମଗ୍ରନ୍ଥ । ଅନ୍ୟ ଧର୍ମମାନଙ୍କରେ ପାଦ୍ରି, ମୁଲ୍ଲା, ବାଇବେଲ୍ କୋରାନ୍‌ର ପ୍ରାଦୁର୍ଭାବ ଆହୁରି କଠୋର । ସଂଖ୍ୟା ଦୃଷ୍ଟିରୁ ହିନ୍ଦୁମାନଙ୍କର ଦେବଦେବୀ ପରିବାର ଅତି ବୃହତ୍ । ତେତିଶ୍ କୋଟି, ଦେବଦେବୀ ଓ ଅଗଣିତ ଗ୍ରାମଦେବତାଙ୍କ ବାହାରେ ନୂଆ ନୂଆ ଦେବଦେବୀ ବି ସୃଷ୍ଟି ହେଉଥାନ୍ତି, ଯଥା: ୧୯୭୫ରେ ଗୋଟିଏ ଅତି ବି-ଗ୍ରେଡ୍ ଫିଲ୍ମରୁ ଜନ୍ମ ନେଇଥିଲେ ଦେବୀ ସନ୍ତୋଷୀ ମା ।

ଦେବଦେବୀଙ୍କ ଯୋଗୁ ଆଉ କିଛି ହେଉ ନହେଉ, ଅଯଥା ପ୍ରଚୁର ଶ୍ରମ, ସମୟ ଓ ଅର୍ଥ ନଷ୍ଟ ହୋଇଥାଏ । ମଧ୍ୟଯୁଗୀୟ ଇଉରୋପ୍‌ରେ ଧର୍ମଯାଜକଙ୍କ ଆଗରେ ଗମ୍ଭୀର ପ୍ରଶ୍ନ ଥିଲା ଗୋଟିଏ ପିନ୍‌ର ମୁଣ୍ଡ ଉପରେ କେତେ ଜଣ ପରୀ ନାଚି ପାରିବେ । ବର୍ତ୍ତମାନ ପର୍ଯ୍ୟନ୍ତ ରୋମାନ୍ କ୍ୟାଥୋଲିକ୍‌ଙ୍କ ଭିତରେ ଯୁକ୍ତିତର୍କ ଲାଗି ରହିଛି ବ୍ୟାପଟାଇଜ୍ ହେବା ଆଗରୁ ଛୋଟ ପିଲାଟିଏ ମରିଗଲେ ତା'ର ଆତ୍ମା କୁଆଡ଼େ ଯିବ । ଓଡ଼ିଶାରେ ଏକ ବିରାଟ ସମସ୍ୟା ଯାହାର ଏ ପର୍ଯ୍ୟନ୍ତ ସର୍ବସମ୍ମତି ସମାଧାନ ହୋଇପାରୁ ନାହିଁ, ସେଇଠି ହେଲା ରଥ ଉପରେ କିଏ ଠାକୁରଙ୍କୁ ଛୁଇଁ ପାରିବ । ଗତ ନବକଳେବର ସମୟରେ ଓଡ଼ିଶା ଉଠୁଥିଲା ପଡୁଥିଲା । ଏ ସର୍କସ୍‌ରେ କେବଳ ପଣ୍ଡା ପୁରୋହିତ ନୁହନ୍ତି, ସର୍ବସାଧାରଣ ମଧ୍ୟ ପୂର୍ଣ୍ଣମାତ୍ରାରେ ସଂଶ୍ଳିଷ୍ଟ ଥିଲେ ।

ଅଗଣିତ ଦେବଦେବୀଙ୍କ ଭଳି ଭୂତପ୍ରେତଙ୍କର ମଧ୍ୟ ବିରାଟ ପରିବାର ଅଛି: ପିଶାଚ ପିଶାଚୀ, ଡାହାଣୀ, ବ୍ରହ୍ମରାକ୍ଷସ, ଚିରୁଗୁଣୀ, କୁଣ୍ଡାଭୂଷୁଣ୍ଡୀ ଇତ୍ୟାଦି ଇତ୍ୟାଦି । ଅନେକ ସଂପ୍ରଦାୟର ଲୋକ ପୃଥିବୀ ବାହାରେ ଏମାନଙ୍କର ଏକ ସ୍ୱତନ୍ତ୍ର ଜଗତ ଅଛି ବୋଲି ବିଶ୍ୱାସ କରନ୍ତି, ମରିଗଲା ପରେ ମଣିଷ ଯାଇ ସେଠାରେ ରହେ ବୋଲି ସେମାନଙ୍କର ଧାରଣା । ପୂଜାପାଠ, ମିଡ଼ିଅମ୍ ବା ମାଧ୍ୟମ, ସ୍ଫଟିକ ଗୋଲକ, ଉଜା ବୋର୍ଡ଼ ଇତ୍ୟାଦିର ସହାୟତାରେ ଏହି ସଂସାର ସହିତ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରା ଯାଇଥାଏ । ୧୯୦୩ରେ 'ଉତ୍କଳ ଦୀପିକା'ରେ ପ୍ଲାଞ୍ଚେଟ୍ ଯନ୍ତ୍ରରେ ଏପରି ଏକ ବିଜ୍ଞାପନ ପ୍ରକାଶ ପାଇଥିଲା:


ଆଉ ମୃତ୍ୟୁ ନାହିଁ! ବିଚ୍ଛେଦ ନାହିଁ । ଅଦ୍ଭୁତ ମଧ୍ୟରେ ଅଦ୍ଭୁତ । ପ୍ରେତ ଉପରେ ଏହାର ଅଦ୍ଭୁତ ପ୍ରଭାବ ଦ୍ୱାରା ମୃତ ମନୁଷ୍ୟ (ଯେତେ କାଳରୁ ମରିଥିଲେ ସୁଦ୍ଧା) ପ୍ରଦର୍ଶକ ଏବଂ ଦର୍ଶକମାନଙ୍କ ସମ୍ମୁଖକୁ ଆହୂତ ହୋଇପାରିବ ଏବଂ କେହି ଇଚ୍ଛା କଲେ ତାଙ୍କ ସଙ୍ଗେ ଖୋସ ଗପ କରି କେତେକ ଘଣ୍ଟା ଅତିବାହିତ କରିପାରିବେ ।

ମଜାର ବିଷୟ ଯେ ଏହି ପରାବାସ୍ତବ ପୃଥିବୀର ଜଣେ ପ୍ରମୁଖ ପ୍ରବକ୍ତା ଥିଲେ ଶେରଲକ୍ ହୋମ୍ସ୍ ସ୍ରଷ୍ଟା ଆର୍ଥର କନାନ୍ ଡୟଲ୍! ଅନେକ ସମୟରେ ଲୋକଙ୍କୁ ମରି ଯାଇଥିବା ଲୋକଙ୍କ ସହିତ ଯୋଗାଯୋଗ ସ୍ଥାପନ କରାଇବା ପାଇଁ ମିଡ଼ିଅମ୍ ବା ମାଧ୍ୟମମାନେ ଯାଦୁବିଦ୍ୟାର ସହାୟତା ନେଇଥାନ୍ତି । ଅନେକ ବାବା ଯାଦୁବିଦ୍ୟାରେ ପାରଙ୍ଗମ । ବିବିସିର ଗୋଟିଏ ଡକୁମେଣ୍ଟାରିରେ ଦେଖାଇ ଦିଆ ଯାଇଛି କେଉଁ ଉପାୟରେ ପୁଟପର୍ତ୍ତିର ସାଇବାବା ଶୂନ୍ୟରୁ ମୁଦି, ଶାଳଗ୍ରାମ ଇତ୍ୟାଦି ବାହାର କରୁଥିଲେ, ଓଡ଼ିଶାର ଜଣେ ଠକ କୁଆଡ଼େ ନିଜକୁ ବାବା ବୋଲାଇ ପ୍ରତିଷ୍ଠିତ କରିବା ପୂର୍ବରୁ ଦୁଇବର୍ଷର ମ୍ୟାଜିକ୍ ଟ୍ରେନିଂ ନେଇଥିଲା । ବାବାଜୀ, ତାନ୍ତ୍ରିକ, ଗୁଣିଆ ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ମ୍ୟାଜିକ୍‌କୁ ଏକ ପ୍ରଧାନ ଅସ୍ତ୍ର ଭାବରେ ବ୍ୟବହାର କରିଥାନ୍ତି । ମହାପୁରୁଷମାନଙ୍କ ବିଷୟରେ ମଧ୍ୟ ଏଭଳି ତଥ୍ୟମାନ ପ୍ରଚଳିତ କରାଯାଇଥାଏ, ଯଥା: ଯୀଶୁଖ୍ରୀଷ୍ଟଙ୍କର ମରିବା ପରେ ଜିଇଁବା, ମହମ୍ମଦଙ୍କର ପକ୍ଷୀରାଜ ଘୋଡ଼ାରେ ଚଢ଼ି ସ୍ୱର୍ଗକୁ ଯିବା ଇତ୍ୟାଦି ।

ନିକଟ ଅତୀତରେ ଅନେକ ଲୋକ ଗାନ୍ଧୀଙ୍କ ପାଖକୁ ରୋଗୀ ନେଇ ଆସୁଥିଲେ । ସେ ଛୁଇଁ ଦେଲେ ରୋଗ ଭଲ ହୋଇଯିବ ବୋଲି । ସାଇବାବାଙ୍କ ପାଖରେ ଭଲ ହୋଇଯିବା ଆଶାରେ ରୋଗୀଙ୍କ ଭିଡ଼ ଜମୁଥିଲା । ମଦର୍ ଟେରେସା ଏକ ଅସାଧ୍ୟ ରୋଗକୁ ଭଲ କରିଥିଲେ ବୋଲି ତଥ୍ୟ ଦିଆଗଲା । କାରଣ ମିରାକଲ୍ କରିଥିବା ଚର୍ଚ୍ଚ ଦ୍ୱାରା ସେଣ୍ଟ୍ ପଦବୀ ଦେବାର ଗୋଟିଏ ସର୍ତ୍ତ । ଆମର ମଧୁବାବୁଙ୍କ ବିଷୟରେ ମଧ୍ୟ ନିମ୍ନଲିଖିତ କାହାଣୀ ଅଛି:

ଜଣେ ଲୋକ ପିତଳ ପାତ୍ରଟିଏ ଧରି ତାଙ୍କ ପାଖକୁ ଆସି କହିଲା, ଏ ପାତ୍ରରେ ଆପଣ ଆଙ୍ଗୁଠିଟିକୁ ବୁଡ଼ାଇ ଦିଅନ୍ତୁ । ମୋ ସ୍ତ୍ରୀ ଅତ୍ୟନ୍ତ ଗର୍ଭକଷ୍ଟ ପାଉଛି । ମଧୁବାବୁ ସେ ପାଣିରେ ଆଙ୍ଗୁଠି ବୁଡ଼ାଇଲେ ଓ ଗର୍ଭିଣୀ ତାହା ପାନ କରିବା ପରେ ଶିଶୁଟିଏ ନିରାପଦରେ ଜନ୍ମ ଗ୍ରହଣ କଲା ।(ସୂର୍ଯ୍ୟନାରାୟଣ ଦାଶ, ଦେଶପ୍ରାଣ ମଧୁସୂଦନ) ସେହିପରି ଅରବିନ୍ଦଙ୍କ ବିଷୟରେ କୁହାଯାଏ ଯେ ସେ କୁଆଡ଼େ ନିଜର ଯୋଗ ସାଧନା ଦ୍ୱାରା ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଷ୍ଟାଲିନଗ୍ରାଡ୍ ଓ ବ୍ରିଟେନର ଯୁଦ୍ଧରେ ହସ୍ତକ୍ଷେପ କରିଥିଲେ ।

ଅଲୌକିକ କଥାରେ ସାଧାରଣଙ୍କର ସବୁବେଳେ ଆଗ୍ରହ ଥାଏ ଏବଂ କୌଣସି ବାବାଙ୍କର ଏ ବିଦ୍ୟା କଥା ଅତି ଶୀଘ୍ର ପ୍ରସାରିତ ହୋଇଯାଏ । ସେପ୍ଟେମ୍ବର ୧୯୯୫ରେ ଗଣେଶ ମୂର୍ତ୍ତି ଦୁଧ ପିଉଥିବା ଖବର ଗୋଟିଏ ଦିନରେ ସାରା ପୃଥିବୀରେ ପ୍ରସାରିତ ହୋଇ ଚହଳ ପକାଇଥିଲା । ଯେତେବେଳେ ରେଡ଼ିଓ ଟେଲିଭିଜନ ଇଣ୍ଟରନେଟ୍ ଇତ୍ୟାଦି ନଥିଲା, ସେତେବେଳେ ମଧ୍ୟ ମୁହଁରୁ ମୁହଁ



କଥା ଯାଇ ଏଭଳି ଖବର ଅତି ଶୀଘ୍ର ସବୁଆଡ଼େ ପହଞ୍ଚି ଯାଉଥିଲା । ୧୯୫୦ ବେଳକୁ ଅନୁଗୁଳର ମଫସଲ ଗାଁ ରନ୍ତଲାଇରେ ଗୋଟିଏ ପିଲାକୁ ନେପାଳୀ ବାବା ଆଖ୍ୟା ଦେଇ କିଛି ଭଣ୍ଡ ଲୋକ ଓଡ଼ିଶା ବାହାରୁ ମଧ୍ୟ ସେଠାକୁ ଭକ୍ତ ଆଣି ପାରିଥିଲେ ।

ଯେଉଁ ଲୋକମାନଙ୍କର ଜୀବିକାରେ ଅଧିକ ଅନିଶ୍ଚୟତା ଥାଏ, ଯଥା: ନେତା, ଅଭିନେତା ଓ ବ୍ୟବସାୟୀ, ସେମାନେ ସହଜରେ ଏଭଳି ବାବାମାନଙ୍କର ଶିକାର ହୋଇଥାନ୍ତି । ନିର୍ବାଚନ ଆଗରୁ ନେତାମାନଙ୍କ ସହିତ ଏମାନଙ୍କର ସଂପର୍କ ଆହୁରି ଘନିଷ୍ଠ ହୋଇଯାଏ । ଆମେରିକାର ରାଷ୍ଟ୍ରପତି ରେଗାନ୍‌ଙ୍କ ସ୍ତ୍ରୀ ନାନ୍‌ସି ତାଙ୍କ ପାଇଁ ଜ୍ୟୋତିଷଙ୍କ ପରାମର୍ଶ ନେଉଥିବା ସର୍ବବିଦିତ । ଆମ ଦେଶର ଅନେକ ନେତାଙ୍କର ଘରୋଇ ଗୁରୁ ଓ ଜ୍ୟୋତିଷ ଅଛନ୍ତି ଯାହାଙ୍କ ଉପଦେଶ ନେଇ ସେମାନେ ଦେଶକୁ ଚଳାନ୍ତି ।

ଏହି ବାବା ବା ଗୁରୁମାନଙ୍କର ନିଜ ଶିଷ୍ୟଙ୍କ ଉପରେ ଅସମ୍ଭବ କର୍ତ୍ତୃତ୍ୱ ଥାଏ, ଯାହାଦ୍ୱାରା ଗୁରୁ ଯାହା କହନ୍ତି ଭକ୍ତମାନେ ବିନା ପ୍ରଶ୍ନରେ ମାନିନିଅନ୍ତି । ବିଭିନ୍ନ ଆଶ୍ରମରେ ଚେଲାମାନେ ଗୁରୁଙ୍କ ଆଦେଶରେ ତାଙ୍କର ଶତ୍ରୁମାନଙ୍କୁ ହତ୍ୟା କରିବାର  ଅନେକ ଦୃଷ୍ଟାନ୍ତ ଅଛି । ୧୯୭ ରେ ଗୁରୁ ଜିମ୍ ଜୋନ୍‌ସ୍‌ଙ୍କର ଆଜ୍ଞାରେ ଦକ୍ଷିଣ ଆମେରିକାରେ ତାଙ୍କର ନ'ଶହ ଅନୁଗାମୀ ଆତ୍ମହତ୍ୟା କରିଥିଲେ । ଭଗବାନ ରଜନୀଶ ତାଙ୍କ ଫାଟକ ପାଖରେ ଠିକ୍ ଲେଖିଥିଲେ, ଭିତରକୁ ଆସିବା ଆଗରୁ ବାହାରେ ଜୋତା ଓ ବୁଦ୍ଧିକୁ ଛାଡ଼ି ଆସ । ଭବିଷ୍ୟତ ବିଷୟରେ ଜାଣିବା ପାଇଁ ସମସ୍ତଙ୍କର ଆଗ୍ରହ ଥାଏ ଏବଂ ଏହା ହିଁ ହେଉଛି ଜ୍ୟୋତିଷମାନଙ୍କର ସଫଳତା ଓ ଲୋକପ୍ରିୟତାର ମୂଳ । ଖବରକାଗଜମାନଙ୍କରେ ସେଥିପାଇଁ ପ୍ରତିଦିନ ରାଶିଫଳ ପ୍ରକାଶ ପାଏ ଏବଂ ଅନେକେ ଆଗ୍ରହର ସହିତ ଏହାକୁ ପଢ଼ନ୍ତି, ଯଦିଓ ସମସ୍ତେ ଜାଣନ୍ତି ପ୍ରତିଟି ରାଶିର ଫଳାଫଳ ପୃଥିବୀର ବାର ଭାଗରୁ ଏକ ଭାଗ ଲୋକଙ୍କ ପାଇଁ ପ୍ରଯୁଜ୍ୟ ହୋଇ ନପାରେ । ଏଭଳି ଜ୍ୟୋତିଷବିଦ୍ୟାକୁ ସମାଲୋଚନା କରି ବୈଜ୍ଞାନିକ ମେଘନାଦ ସାହା ଗଣକମାନଙ୍କ ବିଷୟରେ ଏପରି ମନ୍ତବ୍ୟ କରିଛନ୍ତି: ଗଣିକା ଓ ଗଣକ ଦୁହିଁଙ୍କର ଧର୍ମ ଏକ । ଦୁହେଁ ନିଜର ପଞ୍ଚାଙ୍ଗ ଦେଖାନ୍ତି । ଉଭୟେ ଲୋକଙ୍କ ମନକୁ ମୋହଗ୍ରସ୍ତ କରନ୍ତି । ବିଧାତା ଏହି ବିତ୍ତହରଣକାରୀଙ୍କୁ ତିଆରି କରିଛନ୍ତି ।

ଭବିଷ୍ୟଦ୍‌ବାଣୀର ଏକ ଚୂଡ଼ାନ୍ତ ଉଦାହରଣ ହେଲା ନସ୍‌ତ୍ରାଡ୍ରାମ୍‌ସ୍ (୧୬ଶ ଶତାବ୍ଦୀ)ଙ୍କର ଚାରିଧାଡ଼ିଆ ପଦ୍ୟାବଳୀ, ଯେଉଁଥିରେ ସେ ହିଟ୍‌ଲର୍, ବିଶ୍ୱଯୁଦ୍ଧ ଓ ଏପରିକି ୨୦୦୧ର ୯/୧୧କଥା ଲେଖି ଯାଇଛନ୍ତି ବୋଲି କୁହାଯାଏ । ଏ ସବୁ ଲେଖା ଅସ୍ପଷ୍ଟ ଓ ଅନିର୍ଦ୍ଦିଷ୍ଟ ଭଙ୍ଗୀରେ ଲେଖା ଯାଇଥାଏ ଯେଉଁଥିରୁ ବିଭିନ୍ନ ଅର୍ଥ ବାହାର କରାଯାଇପାରେ । ଆମର ଅଚ୍ୟୁତାନନ୍ଦ ମାଳିକାରେ ମଧ୍ୟ ଭବିଷ୍ୟବାଣୀ କରାଯାଇଛି, ଯାହାର ଗୋଟିଏ ଉଦାହରଣ ହେଲା: ଦେଖୁ ଦେଖୁ ସୈନ୍ୟବଳ ପଶିବେ ଧସାଇ / ଦିହୁଡ଼ି ଲାଗିବ ଦିନେ ଅଚ୍ୟୁତି କହଇ । / ଧରି ମାରୁଥିବେ ଜଣେ ଜଣେ ସୈନ୍ୟ ବଳ / ଧ୍ୱଂସିବେ ଯବନ ବଳ କରି ରଣଗୋଳ ।

ଏହାକୁ ଟାଣିଓଟାରି ସେପ୍ଟେମ୍ବର୨୯,୨୦୧୬ ରାତିରେ କାଶ୍ମୀର ସୀମାନ୍ତରେ ହୋଇଥିବା ସର୍ଜିକାଲ୍ ଷ୍ଟ୍ରାଇକ୍‌ର ଭବିଷ୍ୟଦ୍‌ବାଣୀ ବୋଲି କୁହା ଯାଇପାରେ ।

ଏହି ବାବାଜୀମାନେ ଭବିଷ୍ୟଦ୍‌ବାଣୀ କହିବା ବ୍ୟତୀତ ଆହୁରି ଏକ ବିପଜ୍ଜନକ କାମ ମଧ୍ୟ କରିଥାନ୍ତି, ତା'ହେଲା ରୋଗ ପାଇଁ ଔଷଧ ଦେବା । ସେମାନେ ଦେଉଥିବା ଜଡ଼ିବୁଟି, ଟୁଣ୍ଟୁଟୁଣ୍ଟୁକା ଉପରେ କୌଣସି ସରକାରୀ ନିୟନ୍ତ୍ରଣ ନାହିଁ ଏବଂ ଗାଁ ଗହଳରେ ଝଡ଼ାଫୁଙ୍କା ଅତି ପ୍ରଚଳିତ । ଓଡ଼ିଶାରେ ପ୍ରତିଦିନ ଖବର ମିଳେ ଛୋଟ ପିଲାଙ୍କୁ ଚେଙ୍କ ଦିଆ ଯାଉଥିବାର । ସହରମାନଙ୍କରେ ମଝିରେ ମଝିରେ ଖ୍ରୀଷ୍ଟିଆନ୍ ଫେଥ୍ ହିଲର୍ ବା ଆସ୍ଥା ଚିକିତ୍ସକ ଦେଖା ଦିଅନ୍ତି ଯେଉଁମାନେ ମନ୍ତ୍ର ପଢ଼ି ଅସାଧ୍ୟ ରୋଗକୁ ଉପଶମ କରିବାର ଦାବି ରଖନ୍ତି । ଓଡ଼ିଶାରେ ପାଦୁକା, ଚରଣାମୃତ, ମନ୍ତୁରା ଜଳର ଅବାଧ ପ୍ରଚଳନ ଅଛି । ସାପ କାମୁଡ଼ିଲେ ଓ ବର୍ତ୍ତମାନ ଜାପାନିଜ୍ ଏନ୍‌ସେଫାଲାଇଟିସ୍ ପାଇଁ ଲୋକେ ଡାକ୍ତରଖାନା ନଯାଇ ଗୁଣିଆ ଓ ଦିଶାରି ପାଖକୁ ଯାଉଛନ୍ତି ।

ଆଜିକାଲି ଆଲୋପାଥି ବଦଳରେ ଆଲ୍‌ଟରନେଟ୍ ବା ବିକଳ୍ପ ଔଷଧ କଥା କୁହା ଯାଉଛି ଯେଉଁଥିରେ ଆୟୁର୍ବେଦ, ୟୁନାନୀ ଓ ହୋମିଓପାଥି ଇତ୍ୟାଦି

ଅନ୍ତର୍ଭୁକ୍ତ । ଏସବୁ ପଦ୍ଧତିର ଯଥେଷ୍ଟ ଗବେଷଣା ଓ ବିକାଶ ହୋଇନାହିଁ ଏବଂ ବ୍ୟବହାର ଓ ପରୀକ୍ଷା ଦ୍ୱାରା ଏହି ପ୍ରଣାଳୀମାନ ପ୍ରମାଣିତ ହୋଇନାହାନ୍ତି । ଆଜିର ଆୟୁର୍ବେଦ ଓ ହଜାର ବର୍ଷ ତଳର ଆୟୁର୍ବିଜ୍ଞାନ ଭିତରେ କୌଣସି ପ୍ରଭେଦ ନାହିଁ । ହୋମିଓପାଥିର ମୂଳ ତତ୍ତ୍ୱ ହେଲା ଯେ ଯେତେ ପାଣି ମିଶାଇବ ଔଷଧର ଶକ୍ତି ସେତିକି ବଢ଼ିବ । ଏକଥା ଅବୈଜ୍ଞାନିକ ଏବଂ ଏହା ରସାୟନ ଓ ପଦାର୍ଥ ବିଜ୍ଞାନର ମୌଳିକ ତଥ୍ୟ ବିରୋଧୀ । ବର୍ତ୍ତମାନ ଆୟୁର୍ବେଦକୁ ଲୋକପ୍ରିୟ କରିବା ପାଇଁ ଉଗ୍ର ପ୍ରଚେଷ୍ଟା କରାଯାଉଛି । ନିକଟରେ ଉତ୍ତରାଖଣ୍ଡ ସରକାର ହନୁମାନ ବ୍ୟବହାର କରିଥିବା ମୃତ ସଂଜୀବନୀ ଗଛ ଖୋଜି ବାହାର କରିବା ପାଇଁ ଗୋଟିଏ କମିଟି ତିଆରି କରିଛନ୍ତି । ଯୋଗଗୁରୁ ରାମଦେବ ଏହି ଗଛର ସନ୍ଧାନ ପାଇବା ପରେ ଏହାର ପେଟେଣ୍ଟ୍ ପାଇଁ ଦରଖାସ୍ତ କରିଛନ୍ତି । ଆମ ଦେଶରେ ପ୍ରାଚୀନ କାଳରେ ଔଷଧ ଭଳି ଅନ୍ୟାନ୍ୟ ବିଷୟରେ ମଧ୍ୟ ଜ୍ଞାନ ଉପଲବ୍ଧ ଥିଲା । ଏ ବିଷୟରେ ବର୍ତ୍ତମାନ ଉତ୍ତେଜିତ ଆଲୋଚନା ହେଉଛି । ଭାରତୀୟ ବିଜ୍ଞାନର ଇତିହାସ ଅତି ପୁରୁଣା ଏବଂ ଏଥିରେ ସନ୍ଦେହ ନାହିଁ ଯେ ଏକ ସମୟରେ ଆମର ଜ୍ୟୋତିର୍ବିଦ୍ୟା, ଗଣିତ ଓ ଔଷଧ ଶାସ୍ତ୍ର ସାରା ପୃଥିବୀରେ ଅଗ୍ରଣୀ ଥିଲା ଏବଂ ଏସବୁ ପରେ ଇଉରୋପରେ ପହଞ୍ଚିଲା, ଆରବିକ ଅନୁବାଦ ମାଧ୍ୟମରେ । ଆମର ପ୍ରାଚୀନ ବିଜ୍ଞାନର କେତେକ କୃତିତ୍ୱ ହେଲା ଗଣିତ (ଭାସ୍କରାଚାର୍ଯ୍ୟଙ୍କ ସମୟରେ ତାଙ୍କ ଭଳି ଗଣିତଜ୍ଞ ସାରା ପୃଥିବୀରେ କେଉଁଠାରେ ନଥିଲେ ।) ଅଥର୍ବ ବେଦର ଚରକ ସଂହିତାରେ ମଣିଷ ଦେହର ଅଙ୍ଗପ୍ରତ୍ୟଙ୍ଗର ଜ୍ଞାନ, ଛାନ୍ଦୋଗ୍ୟ ଉପନିଷଦର ପ୍ରାଣୀମାନଙ୍କର ଶ୍ରେଣୀ ବିଭାଗ, ଶଲ୍ୟ ଶାସ୍ତ୍ର, ପାଳିକରି ଶସ୍ୟ ରୋପଣ, ଇତ୍ୟାଦି । ଏସବୁ ବିଷୟରେ ଗର୍ବ ଅନୁଭବ କରିବା ବଦଳରେ ଆମେ ଉଦ୍‌ଭଟ ଦାବି କରୁଛୁ ଯେ ପ୍ରାଚୀନ କାଳରେ ଆମର ଉଡ଼ାଜାହାଜ, କଂପ୍ୟୁଟର୍ ଓ ଆଣବିକ ଅସ୍ତ୍ର ଥିଲା । ଏଥିପାଇଁ ପୁଷ୍ପକ ବିମାନ ଓ ମହାଭାରତ ଯୁଦ୍ଧରେ ଅଶ୍ୱତ୍ଥାମା ଭବିଷ୍ୟତ ବଂଶଧରଙ୍କୁ ନିପାତ କରିବା ପାଇଁ ଅସ୍ତ୍ର ପ୍ରୟୋଗ କରିବା କଥା କୁହାଯାଏ । ଯଦି ବି ଯୁକ୍ତି ଛଳରେ ଏକଥା ମାନି ନିଆଯାଏ, ଶାସ୍ତ୍ରରେ ଏଭଳି କୌଣସି ବୈଜ୍ଞାନିକ ବ୍ୟାଖ୍ୟା ନାହିଁ ଯାହାଦ୍ୱାରା ଉଡ଼ାଜାହାଜ ବା କଂପ୍ୟୁଟର ତିଆରି କରାଯାଇ ପାରିବ । ୧୯୫୦ ଦଶକରେ ଏକ ବୈମାନିକ ଶାସ୍ତ୍ର ମିଳିଥିବାର ଦାବି କରାଯାଉଛି ଯେଉଁଥିରେ ଉଡ଼ାଜାହାଜ ତିଆରି କରିବା କଥା ଅଛି, ଏବଂ କର୍ଣ୍ଣାଟକ ସରକାର ଏହି ବିଷୟରେ ଗବେଷଣାକୁ ସାହାଯ୍ୟ କରୁଛନ୍ତି । ଆୟୁବେଦ ପାଇଁ ବର୍ତ୍ତମାନ କୁହାଯାଉଛି ଯେ ଏହାଦ୍ୱାରା କ୍ୟାନ୍‌ସର୍ ଏବଂ (ସମଲିଙ୍ଗୀ ରୋଗ) ଭଲ କରି ଦିଆଯାଇପାରିବ ।

ଅନ୍ୟ ଦିଗରେ କିଛି ହିନ୍ଦୁ ମୌଳବାଦୀ ବିରୋଧୀ ଆମର ପ୍ରାଚୀନ ସଫଳତାକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି । ଯଦିଓ ଶୂନ ଏବଂ ଦଶମିକ ପଦ୍ଧତି ଭାରତବର୍ଷରୁ ଆରମ୍ଭ ହୋଇଥିଲା ବୋଲି ସର୍ବବିଦିତ, ବର୍ତ୍ତମାନ କିଛି ଲୋକ ଚୀନକୁ ଏହାର ଜନ୍ମଦାତା ବୋଲି କହୁଛନ୍ତି ।

ଆମ ଦେଶରେ ବିଜ୍ଞାନର ପ୍ରଗତି ନହେବାର କାରଣ ହେଉଛି ଶାସ୍ତ୍ର ଓ ଗୁରୁଜନଙ୍କ ବିନା ପ୍ରଶ୍ନ ମାନିନେବାର ପରଂପରା । ବିଜ୍ଞାନ ସମୃଦ୍ଧ ହୁଏ ଗବେଷଣା କରି, ପରୀକ୍ଷା ନିରୀକ୍ଷା କରି ଏବଂ ବିଶେଷରେ ପ୍ରଶ୍ନ କରି । ଆମର ପୁରାତନୀ ପ୍ରଥାରେ ଗୁରୁଜନମାନଙ୍କୁ ପ୍ରଶ୍ନ କରାଯାଏ ନାହିଁ । ଗାର୍ଗୀ ବାରମ୍ବାର ପ୍ରଶ୍ନ କରିବାରୁ ଗୁରୁ ଯାଜ୍ଞବଲ୍କ୍ୟ କହିଲେ, ବେଶି ପ୍ରଶ୍ନ କଲେ ତମେ ତମର ମୁଣ୍ଡ ହରାଇବ ! ପ୍ରଶ୍ନ କରୁ ନଥିବାରୁ ଆମେମାନେ ଅମୁକ ଲୋକ କାହାର ପାଦୋଦକ ପିଇ ରୋଗମୁକ୍ତ ହୋଇଗଲା ସେଇ ଉଡ଼ା ଖବରରୁ ବାବାଙ୍କ ଡାକ୍ତରୀ ଦକ୍ଷତା ବିଷୟରେ ନିଃସନ୍ଦେହ ହୋଇଯାଉ ।




ଏଭଳି ପ୍ରଚଳନ ବିରୁଦ୍ଧରେ ବୁଦ୍ଧ କହିଥିଲେ, କୌଣସି ବିଷୟ କୁହାଯାଇଛି ବୋଲି ବା ସେଇଟି ପରଂପରାଭିତ୍ତିକ ବୋଲି ସେଥିରେ ବିଶ୍ୱାସ କରିବ ନାହିଁ; ଶିକ୍ଷକ ଯାହା କହୁଛନ୍ତି କେବଳ ତାଙ୍କୁ ସମ୍ମାନ ଦେଖାଇବା ପାଇଁ ସେଥିରେ ବିଶ୍ୱାସ କରିବ ନାହିଁ । ଗାନ୍ଧୀ ମଧ୍ୟ କହିଥିଲେ, ଯଦି ମତେ କୁହାଯାଏ ଯେ କୌଣସି ଶାସ୍ତ୍ର ଅସ୍ପୃଶ୍ୟତାକୁ ସମର୍ଥନ କରୁଛି, ମୁଁ ସେ ଶାସ୍ତ୍ରକୁ ପ୍ରତ୍ୟାଖ୍ୟାନ କରିବି । ଏ ବିଷୟରେ ନେହେରୁ ସବୁବେଳେ ସାଇଣ୍ଟିଫିକ୍ ଟେମ୍ପର୍ ବା ବୈଜ୍ଞାନିକ ଦୃଷ୍ଟିକୋଣ କଥା କହୁଥିଲେ ଯାହା ବର୍ତ୍ତମାନ ଆମ ସମ୍ବିଧାନର ୫୧(କ) ଅନୁଚ୍ଛେଦରେ ସ୍ଥାନ ପାଇଛି ।


ମଜାର କଥା ସେହି ନେହେରୁ ୧୯୪୪ରେ ଝିଅ ଇନ୍ଦିରାଙ୍କ ପାଖକୁ ଚିଠି ଲେଖିଥିଲେ ନବଜାତ ରାଜୀବ ପାଇଁ ଗୋଟିଏ ଶୁଦ୍ଧ ଜନ୍ମପତ୍ରୀ ତିଆରି କରିବାକୁ । ଏବଂ ଶେଷ ଜୀବନରେ ତାଙ୍କ ଜାଣତରେ ତାଙ୍କର ଆୟୁଷ ବଢ଼ାଇବା ପାଇଁ ପୂଜାପାଠ କରାଯାଇଥିଲା । ପରବର୍ତ୍ତୀ ସମୟରେ ଉଭୟ ଇନ୍ଦିରା ଓ ରାଜୀବ ଗାନ୍ଧୀ ବାବାମାନଙ୍କ ପାଖକୁ ଯାଉଥିଲେ । ଦୁହେଁ ୨୫୦ ବର୍ଷ ବୟସ୍କ ବୋଲି କୁହା ଯାଉଥିବା ଦେଓରାହ ବାବାଙ୍କ ପାଦକୁ ନିଜ ମୁଣ୍ଡ ଉପରେ ରଖି ତାଙ୍କର ଆଶୀର୍ବାଦ ନେଇଥିବାର ଖବର ଅଛି ।

ଶିକ୍ଷା ସୂଚନାର ପ୍ରଗତି ସତ୍ତ୍ୱେ କିନ୍ତୁ ଆମ ଦେଶରେ ବୈଜ୍ଞାନିକ ଦୃଷ୍ଟିକୋଣର ଯଥାଯଥ ବିକାଶ ହୋଇନାହିଁ ଏବଂ ଆମେ ପୌରାଣିକ କଥାକୁ ବିଜ୍ଞାନ ସହିତ ସମାନ ଆସନ ଦେଉ । ୨୦୧୪ରେ ଏକ ଭାଷଣରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ ଭାରତରେ ପ୍ଲାଷ୍ଟିକ୍ ସର୍ଜରି ଥିବା ପ୍ରମାଣିତ ହୁଏ ଗଣେଶଙ୍କ ଦୃଷ୍ଟାନ୍ତରୁ । ୨୦୧୫ ଭାରତୀୟ ବିଜ୍ଞାନ କଂଗ୍ରେସରେ ଜଣେ ଦାବି କଲେ ଯେ ବୈଦିକ ସମୟରେ ଜଣେ ଋଷି ଉଡ଼ାଜାହାଜ ଉଦ୍ଭାବନ କରିଥିଲେ । ଏସବୁ ଦେଖି ନୋବେଲ ବିଜେତା ରାମକୃଷ୍ଣନ ୨୦୧୬ ବିଜ୍ଞାନକଂଗ୍ରେସକୁ ଗୋଟିଏ ସର୍କସ୍ ଆଖ୍ୟା ଦେଇଥିଲେ, ଯେଉଁଠାରେ ଅତି କମ ବିଜ୍ଞାନ ଆଲୋଚିତ ହୁଏ । ସେଥିପାଇଁ କେତେକ ବୈଜ୍ଞାନିକ ଏହି କଂଗ୍ରେସକୁ ଭାଙ୍ଗି ଦେବାର ପ୍ରସ୍ତାବ ଦେଇଥିଲେ ।

ବୈଜ୍ଞାନିକ ଦୃଷ୍ଟିକୋଣରେ ବିଶ୍ୱାସ ରଖିଥିବା ଲୋକକୁ ଅନେକ ସମୟରେ ବ୍ୟକ୍ତିଗତ ପ୍ରଶ୍ନ ପଚରା ଯାଇଥାଏ, ଯଥା: ଆପଣ କଣ ମନ୍ଦିରକୁ ଯାଆନ୍ତି, ଆପଣ ଖବର କାଗଜରେ ରାଶିଫଳ ଦେଖନ୍ତି କି, କେବେ ହୋମିଓପାଥି ଔଷଧ ଖାଇଛନ୍ତି, ଭୂତପ୍ରେତକୁ କଣ ଆପଣଙ୍କ ଭୟ ନାହିଁ, ଇତ୍ୟାଦି । ଏହାର ଉତ୍ତର ହଁ ନା କେବେ କେବେ ବା ସଙ୍ଗଦୋଷରୁ ହୋଇପାରେ । ଭୂତରେ ବିଶ୍ୱାସ ନଥାଇ ମଧ୍ୟ ଜଣେ ଅନ୍ଧାରରେ ତଥାକଥିତ ଭୂତକୁ ଡରିପାରେ । ଗୁରୁଜନଙ୍କ ମେଳରେ ମନ୍ଦିରକୁ ଯାଇ ଠାକୁରଙ୍କୁ ହାତ ଯୋଡ଼ିବା ଈଶ୍ୱର ବିଶ୍ୱାସର ପ୍ରମାଣ ନୁହେଁ । ହୋମିଓପାଥି ଔଷଧ ମିଠା ଲାଗେ ବୋଲି ଖିଆ ଯାଇପାରେ । ଏବଂ ମୋଟ କଥା ହେଲା ଯେ ଏଇ ଲୋକଟି କଣ କଲା ନକଲା ବୈଜ୍ଞାନିକ ସତ୍ୟର ତା' ସହିତ କୌଣସି ସଂପର୍କ ନାହିଁ ।

କୁହାଯାଏ ଯେ ପରମାଣୁ ବୋମାର ଅନ୍ୟତମ ଉଦ୍ଭାବକ ଓ ନୋବେଲ ବିଜେତା ନୀଲସ୍ ବ'ରଙ୍କ କବାଟ ବନ୍ଧରେ ଗୋଟିଏ ଘୋଡ଼ା ନାଲ ଲାଗିଥିଲା ଯାହା ଶୁଭଙ୍କରୀ ବୋଲି ଧରାଯାଇଥାଏ । ଏହି କୁସଂସ୍କାରରେ ସେ ବିଶ୍ୱାସ କରନ୍ତି କି ବୋଲି ଜଣେ ତାଙ୍କୁ ପ୍ରଶ୍ନ କରିବାରେ ସେ କୁଆଡ଼େ କହିଥିଲେ, ମୁଁ ଶୁଣିଛି ଯେ ତମେ ବିଶ୍ୱାସ କର ବା ନକର, ଏଥିରୁ ଭଲଫଳ ମିଳିଥାଏ ।

ଏହି କାଳ୍ପନିକ ମଜା କଥାରେ ଯେଉଁ ସାରତତ୍ତ୍ୱ ଅଛି ତା' ହେଲା, ବୈଜ୍ଞାନିକ ସତ୍ୟ, କୌଣସି ବ୍ୟକ୍ତିବିଶେଷର ବିଶ୍ୱାସ ଅବିଶ୍ୱାସ ବଶବର୍ତ୍ତୀ ନୁହେଁ ।



# ମଠର ମହିମା

ବେଲପୁଞ୍ଜି ମଠ : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ୍‌ର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ । ଭାଗବତ ଧର୍ମର ପରିଚାୟକ ଏହି ସନାତନ ଧର୍ମପୀଠଟି ବେଲପୁଞ୍ଜି ଗ୍ରାମରେ ଥିବା କାରଣରୁ ଏହା ଜନମାନସରେ 'ବେଲପୁଞ୍ଜି ମଠ' ଭାବରେ ସୁପରିଚିତ । ଆଠମଲ୍ଲିକ ସହର ଠାରୁ ପଶ୍ଚିମ ଦିଗରେ ମାଧପୁର, ଗ୍ରାମ ମଧ୍ୟ ଦେଇ, ପ୍ରାୟ ବାର କିଲୋମିଟର ଗଲେ ପଡ଼େ ଏ ସ୍ଥାନ । ଦିନେ ଏ ସ୍ଥାନଟି ଥିଲା ବେଲପୁଞ୍ଜି ଗ୍ରାମଦେବୀଙ୍କ ପୀଠସ୍ଥଳୀ । ପୂର୍ବରୁ ଏଠାରେ ମା'ଙ୍କ ପାଖରେ ପଡୁଥିଲା ଛେଳି ବା ମେଣ୍ଢା ବଳି । ଲୋକଙ୍କ ମନ ଭିତରେ ବସାବାନ୍ଧି ରହିଥିବା 'ବଳି' ନାମକ ଅନ୍ଧବିଶ୍ୱାସକୁ ଦୂରେଇ ଦେବା ପାଇଁ ଏଠାକୁ ଜଣେ ସାଧୁଙ୍କ ଆବିର୍ଭାବ ଘଟିଥିଲା । ସେ ତାନ୍ତ୍ରିକ ନଥିଲେ କି ତାଙ୍କ ପାଖରେ ନଥିଲା ଅସାଧାରଣ ଶକ୍ତି । କିନ୍ତୁ ତାଙ୍କ ପାଖରେ ଥିଲା ଲୋକମାନଙ୍କୁ ପ୍ରଭାବିତ କରିବାର ସାମର୍ଥ୍ୟ । ତାହା ପୁଣି ସ୍ନେହ, ପ୍ରେମ ଓ ଧାର୍ମିକ ଭାବନାରେ । ସୁତରାଂ ବାବାଙ୍କ ଦ୍ୱାରା ପ୍ରଭାବିତ ହୋଇ ସେଇ ଗ୍ରାମରେ ପ୍ରଥମଥର ପାଇଁ ବନ୍ଦ ହୋଇ ଯାଇଥିଲା ବଳି ପରି ନୃଶଂସ ପ୍ରଥା ଓ ପରମ୍ପରା । ତା ବଦଳରେ ଗ୍ରାମଦେବୀଙ୍କ ପାଖରେ ଭୋଗ ଭାବରେ ଚଢ଼ାଗଲା କ୍ଷିରୀ-କାକରା ।

## ବାୟାବାବାଙ୍କ ମହିମା

ଏ ବାବାଙ୍କୁ ସମସ୍ତେ ଜାଣିଥିଲେ 'ବାୟାବାବା' ଭାବରେ । ଏଣେତେଣେ

# ସନାତନ ପୀଠ: ବେଲପୁଞ୍ଜି ମଠ


## ସଂଗ୍ରାମ କେଶରୀ ପୃଷ୍ଟି

ଶିକ୍ଷକ, କିଶୋରନଗର ସରକାରୀ ଉଚ୍ଚ ବିଦ୍ୟାଳୟ,
ରାଜକିଶୋରନଗର, ଅନୁଗୋଳ
ଫୋନ : ୯୪୩୭୫୪୭୧୪୬


ଫଟୋ ସୌଜନ୍ୟ : ଲେଖକ



▶ଲେଖକ ସଂଗ୍ରାମ କେଶରୀ ପୃଷ୍ଟି

ବୁଲୁଥିଲେ । ଯାହା କିଛି ପାଉଥିଲେ ଖାଉଥିଲେ । ତାଙ୍କ ପାଖରେ ଯେ କିଛି ମହିମା ଥିଲା ସେକଥା ସେ ନା କହୁଥିଲେ ନା ନିଜେ ବି ଜାଣିଥିଲେ । କହିବାକୁ ଗଲେ ଆତ୍ମପ୍ରଚାର ଠାରୁ ଊର୍ଦ୍ଧ୍ୱରେ ଥିଲେ ସେ । ଥରେ ଏମିତି ଏକ ଅଲୌକିକ ଘଟଣା ଘଟିଲା, ଯାହାଦ୍ୱାରା ସେ ଲୋକଙ୍କ ପାଇଁ ପାଲଟିଗଲେ ଭଗବାନ ।

ଦୁଇକୂଳ ଲଙ୍ଘି ମାଡ଼ି ଚାଲିଥିଲା ମହାନଦୀ । ନଦୀର ସେ କୂଳରେ ଥାଇ ଡଙ୍ଗା ଅପେକ୍ଷାରେ ଥା'ନ୍ତି ବାୟାବାବା । ନଦୀ ପାରି ହେଲେ ଯାଇ ସେ ଆଠମଲ୍ଲିକରେ ପହଞ୍ଚିବେ । କିଛି ସମୟ ପରେ ଡଙ୍ଗାଟିଏ ଆସିଲା । ଅପେକ୍ଷାରତ ଯାତ୍ରୀମାନେ ତୁରନ୍ତ ଡଙ୍ଗାରେ ବସିପଡ଼ିଲେ । ସମସ୍ତଙ୍କ ପରି ଡଙ୍ଗାରେ ଉପବେଶନ କଲେ ବାୟାବାବା । ଡଙ୍ଗା ଛାଡ଼ିବା ପୂର୍ବରୁ ନାଉରିଆ ଜଣ ଜଣ କରି ସମସ୍ତଙ୍କ ଠାରୁ ଅସୁଲ କଲା ଭଡ଼ା ପଇସା । ହେଲେ ବାୟାବାବାଙ୍କ ପାଖରେ ପଇସା ତ ଦୂରର କଥା ଫଟା ପାହୁଲାଟାଏ ବି ନଥିଲା । ପଇସା ଦେଇ ନ ପାରିବାରୁ ନାଉରିଆ ରାଗ ତମତମ ହୋଇ ତାଙ୍କୁ ଡଙ୍ଗାରୁ ତଳକୁ ଓହ୍ଲେଇ ଦେଲା । ବାୟାବାବା ଯେତେ ଗୁହାରୀ କଲେ ବି ନାଉରିଆ ଶୁଣିଲା ନାହିଁ । ନଦୀଘାଟରେ ବାବାଙ୍କୁ ଏକୁଟିଆ ଛାଡ଼ି ଦେଇ ସେ ମହାନଦୀର ନୀଳ ଢେଉରେ ନାଆ ମେଲିଦେଲା ।

ନଦୀକୂଳରେ ବାବା ଏବେ ସଂପୂର୍ଣ୍ଣ ଏକା । ହତାଶ ହୋଇ ଏକାଗ୍ର ଚିତ୍ତରେ ସେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରି ଗୀତ ବୋଲିଲେ:

ଜଗନ୍ନାଥ କାହିଁ ପାଇଁ, ତୁମ୍ଭ ଦୟା ହେଉ ନାହିଁ
ଅତି ଆରତେ ଡାକୁଛି, ମହାନଦୀ କୂଳେ ରହି ।
ନଦୀରେ ନମିଳେ ନାବ, ବଜାରେ ନମିଳେ ଠାବ
କାହିଁ ରହିବ ଗରିବ, ବସା ଖଣ୍ଡେ ମିଳୁ ନାହିଁ
ଲଗାଇଲ ପ୍ରେମ ଡୋରି, ଆଣିଲ ଉଚ୍ଚାଟ କରି
ଭବାର୍ଣ୍ଣବୁ କର ପାରି, କରୁଣା ନାବେ ବସାଇ ।
ଗରିବ ଡାକୁଛି ରଖ, ହରିଯାଉ ତା'ର ଦୁଃଖ
ଭଣେ ଅରକ୍ଷିତ ଦାସ, ଭବରୁ ମାଗୁଛି ତ୍ରାହି ।

ବାୟାବାବାଙ୍କ ଆକୁଳ ନିବେଦନ ଶୁଣିଲେ ପ୍ରଭୁ ଜଗନ୍ନାଥ । ସେ ଆଖି ଖୋଲିଲା ବେଳକୁ ନିଜକୁ ଆବିଷ୍କାର କଲେ ମହାନଦୀ ଅପର ପାର୍ଶ୍ୱସ୍ଥ ଏକ ବୃକ୍ଷତଳେ । ପ୍ରଭୁଙ୍କ ତାଙ୍କ ଉପରେ ଏ ଅପାର ମହିମା ଦେଖି ସେ ଯେତିକି ଆଶ୍ଚର୍ଯ୍ୟ ହେଲେ, ତା'ଠୁ ଅଧିକ ଭାଗ୍ୟବାନ ମନେକଲେ ।

କିଛି ସମୟ ଅନ୍ତେ ଯାତ୍ରୀପୂର୍ଣ୍ଣ ନାବଟି ଆସି କୂଳରେ ଲାଗିଲା । ସମସ୍ତେ ଡଙ୍ଗାରୁ ଓହ୍ଲାଇ ଦେଖନ୍ତି ତ ନଈକୂଳରେ ଥିବା ଏକ ଗଛମୂଳେ ବସିଛନ୍ତି ସେହି ବାୟାବାବା । ମୁହଁରେ ତାଙ୍କର ଲାଖି ରହିଛି ସେହି ଚିରାଚରିତ ସ୍ମିତହାସ୍ୟ ଟିକକ । ଏ ଅଲୌକିକ ଦୃଶ୍ୟ ଦେଖି ସମସ୍ତେ ହୋଇ ପଡ଼ିଲେ ଅଭିଭୂତ । ବାବାଙ୍କ ପାଖରେ ଯେ ଅସାଧାରଣ ମହିମା ରହିଛି- ଏହାକୁ ସେମାନେ ବିଶ୍ୱାସ କରିବାକୁ ବାଧ୍ୟ

ହେଲେ । ନାଉରିଆ ଭୟରେ ଥରୁଥାଏ । ସେ ବାବାଙ୍କ ପାଦ ତଳେ ଲମ୍ବ ହୋଇ ପଡ଼ିଯାଇ କ୍ଷମାଭିକ୍ଷା କଲା ।

## ବାୟାବାବାରୁ କଇଁଫୁଲ ବାବା

ଏ ଘଟଣା ପର ଠାରୁ ବାୟାବାବାଙ୍କ ମହିମା ସମଗ୍ର ଆଠମଲ୍ଲିକ ଅଞ୍ଚଳରେ ପ୍ରଘଟ ହୋଇଥିଲା । ବାବାଙ୍କ ପ୍ରକୃତ ନାମ ଥିଲା ଅରକ୍ଷିତ ଦାସ । ପରେ ସେ ଲୋକମୁଖରେ 'କଇଁଫୁଲ ବାବା' ଭାବରେ ପରିଚିତ ହେଲେ । ୧୯୩୩ ମସିହାରେ ବୈଦେଶ୍ୱର ଠାରେ ବାବାଙ୍କ ଆବିର୍ଭାବ ଘଟିଥିଲା । ୧୯୩୬ ମସିହା ବେଳକୁ ତାଙ୍କର ଅଲୌକିକ ମହିମା ଲୋକଲୋଚନକୁ ଆସିଥିଲା । ୧୯୪୫ ମସିହା ବେଳକୁ 'କଇଁଫୁଲ ବାବା' ପ୍ରଥମଥର ପାଇଁ ଆଠମଲ୍ଲିକ ବୌଦ୍ଧ ଅଞ୍ଚଳକୁ ଆସିଥିଲେ । ଏ ଅଞ୍ଚଳରେ ସେ ନୂଆ ହୋଇଥିବାରୁ ତାଙ୍କର ପ୍ରତ୍ୟେକଟି କଥା ଲୋକମାନଙ୍କୁ ପାଗଳର ପ୍ରଳାପ ପରି ଲାଗୁଥିଲା । ତେଣୁ ଲୋକମାନେ ତାଙ୍କୁ 'ବାୟାବାବା' ବୋଲି କହୁଥିଲେ । ଏଥିରେ ତାଙ୍କର ତିଳେ ହେଁ ଦୁଃଖ ନଥିଲା । ସେ ଗାଁ ଗାଁ ବୁଲି ସ୍ୱରଚିତ ଭଜନ ପରିବେଷଣ କରୁଥିଲା । ଗାଁ ଦାଣ୍ଡରେ ଗଲାବେଳେ ମୁହଁରୁ ତାଙ୍କର ଝରି ପଡୁଥିଲା:

ଅମରାବତୀ କଟକେ
ଦୁର୍ଭିକ୍ଷ ପଡ଼ିବ ମରିବେ ଲୋକେ, କଇଁଫୁଲ...
କର୍କକାଳ ନବ ଅଙ୍କେ, କଇଁଫୁଲ... ।
ଦଶଅଙ୍କରେ କାନ୍ତାର
ସେହିଦିନୁ ଟାଣ ବିକିର ଘର, କଇଁଫୁଲ..
ଫିରିଙ୍ଗି ଅନ୍ନ ଛତର, କଇଁଫୁଲ... ।
ଏଗାରେ ଅଗାଧ ହେବ
ବାର ନୟା ତେର ତୋରଣୀ ଦେବ, କଇଁଫୁଲ





ଚଉଦେ ହେଳ ହେବ, କଇଁଫୁଲ... ।

ସେତେବେଳେ ବାୟାବାବା ପରିବେଷଣ କରୁଥିବା ପ୍ରତ୍ୟେକଟି ଭଜନର ବୋଲି (ଘୋଷା) ଥିଲା 'କଇଁଫୁଲ' । ଏ କଇଁଫୁଲ ଗୀତ ପ୍ରତି ଆକୃଷ୍ଟ ହୋଇ ଲୋକମାନେ ଏଥର ବାବାଙ୍କୁ 'ବାୟାବାବା' ବଦଳରେ 'କଇଁଫୁଲ ବାବା' ଡାକିବା ଆରମ୍ଭ କଲେ । ଏଥର ତାଙ୍କର ଆଉ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହେଲା, କଇଁଫୁଲିଆ ବାବା । କଇଁଫୁଲ ପରି ବାବାଙ୍କ ମୁଖମଣ୍ଡଳ ଥିଲା ସ୍ୱଚ୍ଛ, ସରଳ, ନିରୀହ, ମନୋରମ ତଥା ସ୍ମିତହାସ୍ୟରେ ପରିପୂର୍ଣ୍ଣ । ଏହାପର ଠାରୁ ବାବାଙ୍କ ପାଖରେ ପ୍ରତ୍ୟହ ଭକ୍ତଙ୍କ ଭିଡ଼ ଜମିଲା । ମହାନଦୀ ଶଯ୍ୟାରେ ଭାଗବତ ନାମ ସଂକୀର୍ତ୍ତନ ଚାଲିଲା । ଭକ୍ତଙ୍କ ସଂଖ୍ୟା ଅଧିକ ହେବାରୁ ପ୍ରତି ବାରଜଣରେ ଗୋଟିଏ ସଂକୀର୍ତ୍ତନ ଦଳ ଗଢ଼ାହେଲା । କ୍ରମଶଃ ଗାଁ ଗାଁରେ ଗଢ଼ିଉଠିଲା ସଂକୀର୍ତ୍ତନ ମଣ୍ଡଳୀ ।

## ଆଠମଲ୍ଲିକକୁ ବାବାଙ୍କ ଆଗମନ

କୁହାଯାଏ, କଇଁଫୁଲ ବାବା ପୂର୍ବରୁ ବୈଦେଶ୍ୱରର ମହାଦେବ ଖଟୁଆଙ୍କ ଡଙ୍ଗାଘାଟ ଜଗୁଥିଲେ । ତାପରେ ସେ ଗୋପୀନାଥ ଚୌଧୁରୀଙ୍କ ଘରେ ରହି ଗୋରୁଗାଇ ଚରାଉଥିଲେ । ସେଠାରେ କିଛିଦିନ ଅବସ୍ଥାନ କଲା ପରେ ଆସିଥିଲେ ଆଠମଲ୍ଲିକ । ବାୟାଙ୍କ ପରି ଏଣେତେଣେ ଭଜନ ବୋଲୁବୋଲୁ ସେ 'ବାୟାବାବା'ରୁ 'କଇଁଫୁଲ ବାବା' ନାମରେ ପରିଚିତ ହେଲେ । ତାଙ୍କର ଭଦ୍ର ବ୍ୟବହାର ଓ ମଧୁର ଭଜନ ଛୁଇଁପାରିଥିଲା ସବୁରି ମନ ଓ ପ୍ରାଣ । ସମସ୍ତେ ଭଜନ ମଧ୍ୟରେ ଥିବା ଈଶ୍ୱରଙ୍କ ଗୁଢ଼ତତ୍ତ୍ୱକୁ ଉପଲବ୍ଧି କରି ପାରିଥିଲେ । ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲେ ସେ । ତାଙ୍କ ଉତ୍ସାହ ଓ ପ୍ରେରଣା ଯୋଗୁଁ ଆଠମଲ୍ଲିକର ପତ୍ୟେକଟି ଗାଁରେ ସଂକୀର୍ତ୍ତନ ମଣ୍ଡଳୀ ଗଢ଼ାହୋଇ ପାରିଥିଲା ।

ଆଠମଲ୍ଲିକ ସାରା ଘୁରିବୁଲି ଶେଷରେ ବାବା ବେଲପୁଞ୍ଜି ଗାଁରେ ମହାନଦୀ କୂଳରେ ଗ୍ରାମଦେବୀଙ୍କ ପୀଠରେ ରହିବାକୁ ମନସ୍ଥ କଲେ । ତେଣୁ ଭକ୍ତବୃନ୍ଦ

ଆନନ୍ଦରେ ସହିତ ତାଙ୍କ ପାଇଁ ଗଢ଼ିଦେଲେ ମଠଟିଏ । ଛୋଟ କୁଡ଼ିଆ ଭିତରେ ଆରମ୍ଭ ହେଲା ମଠ । ବାବା ନିଜେ ଏକ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ କରି ସକାଳ-ସଂଜରେ ଭକ୍ତମାନଙ୍କ ସହିତ ଗୀତା, ଭାଗବତ ଓ ଭଜନକୀର୍ତ୍ତନରେ ଲିପ୍ତ ରହିଲେ ।୧୯୪୯-୫୦ ମସିହାରେ ଗଢ଼ା ହୋଇଥିବା ବେଲପୁଞ୍ଜି ମଠକୁ ସମସ୍ତେ କହିଲେ 'କଇଁଫୁଲିଆ ବାବା ମଠ' । ମୁଖ୍ୟତଃ ଭାଗବତ ନାମ ଧର୍ମର ପ୍ରଚାରପ୍ରସାର ପାଇଁ ବାବା ବିଶେଷ ଗୁରୁତ୍ୱ ଦେଉଥିଲେ । ତାଙ୍କ ପାଖକୁ ଯିଏ ଆସିଲେ, ସେ ତାଙ୍କୁ ଭାଗବତ ପଢ଼ିବାକୁ ପରାମର୍ଶ ଦେଉଥିଲେ । ସବୁଠୁ ବଡ଼କଥା ହେଲା, ତାଙ୍କ ପାଖରେ ଜାତି, ଧର୍ମ, ବର୍ଣ୍ଣ, ଉଚ୍ଚନିଚ୍ଚର ବାଛବିଚାର ନଥିଲା । କଇଁଫୁଲ ବାବା ବଳିପ୍ରଥାକୁ ଘୋର ବିରୋଧ କରିବା ସହିତ ଘୃଣ୍ୟ ଜାତିପ୍ରଥାର ବିଲୋପ ସାଧନ କରିବା ନିମିତ୍ତ ଚେଷ୍ଟିତ ଥିଲେ । ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଉଦ୍ୟମରୁ ଓଡ଼ିଶାର ଘରେ ଘରେ ଭାଗବତ ଆଦୃତ ହେଲା ପରି ବାବାଙ୍କ ଉଦ୍ୟମରେ ଭଗବତ ନାମ ସଂକୀର୍ତ୍ତନ ଗାଁ ଗାଁରେ ବିସ୍ତାର ଲାଭ କରିପାରିଥିଲା ।

## ବ୍ୟକ୍ତିତ୍ୱ ହିଁ ଆକର୍ଷଣ

ମଠରେ ରହଣି କାଳରେ ତାଙ୍କ ବ୍ୟକ୍ତିତ୍ୱରେ ଆକର୍ଷିତ ହୋଇ ସମସ୍ତେ ଏଠାକୁ ଆସୁଥିଲେ । ତାଙ୍କ ସାନିଧ୍ୟ ଲାଭ କରୁଥିଲେ । ବାବା ତାଙ୍କ ଭାଷାରେ ସର୍ଜନା କରିଥିଲେ ଅନେକ ଭଜନ, କୀର୍ତ୍ତନ ଓ ଚଉତିଶା । ଯାହା ବେଶ୍ ଲୋକପ୍ରିୟ ହୋଇ ପାରିଥିଲା । ବାବା ଭଜନ ପରିବେଷଣ କରିବା ସମୟରେ ଭକ୍ତମାନେ ତାକୁ ମନେରଖି ଓ ପରେ ତାକୁ ପରିବେଷଣ କରୁଥିଲେ । କିଛି ଭକ୍ତ ବାବାଙ୍କ ମୁଖ ନିଃସୃତ ବାଣୀକୁ ଲେଖି ରଖୁଥିଲେ । ସେସବୁକୁ ନେଇ ପରବର୍ତ୍ତୀ ସମୟରେ ବ୍ରହ୍ମ ଅବଧୂତ ବାବାଙ୍କ ନାମରେ କିଛି ପୁସ୍ତକ ପ୍ରକାଶିତ ହୋଇଥିଲା । ତନ୍ମଧ୍ୟରୁ କଇଁଫୁଲ ଭଜନ, କଇଁଫୁଲ କୋଇଲି, କଇଁଫୁଲ ଜଣାଣ ଓ ଶ୍ରୀ ପୁସ୍ତକ ଅନ୍ୟତମ ।

ମାନବମନରେ ସତ୍ୟ, ଶାନ୍ତି, କ୍ଷମା ଜାଗ୍ରତ କରାଇବା ଥିଲା କଇଁଫୁଲ ବାବାଙ୍କ ଅନ୍ତର୍ନିହିତ ଉଦ୍ଦେଶ୍ୟ । ଅସହାୟଙ୍କ ପାଇଁ ସେ ସଠିକ୍ ମାର୍ଗ ଦର୍ଶନ କରାଇ ପାରୁଥିଲେ । ଜୀବନ ପଥରହରା ବ୍ୟକ୍ତିଙ୍କୁ ସେ ଆଣି ପାରୁଥିଲେ ବାଟକୁ । ସୁତରାଂ ସେ ଥିଲେ ସେମାନଙ୍କ ପାଇଁ ଭଗବାନ । ବାବାଙ୍କ ସଂପର୍କରେ ଅନେକ ଅଲୌକିକ କଥା ଓ କାହାଣୀ ଭକ୍ତଙ୍କ ମୁଖରୁ ଶୁଣିବାକୁ ମିଳିଥାଏ । ତାଙ୍କ ସାନିଧ୍ୟ ଲାଭକରିଥିବା ପ୍ରତ୍ୟେକଟି ବ୍ୟକ୍ତି ନିଜ ଜୀବନରେ ଘଟିଥିବା ସତ୍ୟ ଅଥଚ ଅଲୌକିକ ଘଟଣାକୁ ନେଇ ଗର୍ବିତ ମନେକରନ୍ତି ।

## ଚୋରୀ ପାଇଁ ପ୍ରାୟଶ୍ଚିତ

ଥରେ ବାବାଙ୍କ ପାଖକୁ ଧଳପୁର ଗାଁରୁ ଆସିଥିଲେ ଜଣେ ଭକ୍ତ । ସାଥିରେ ଆଣିଥିଲେ କିଛି ଭୋଗରାଗ ଓ ଦୁଇଟି ବାଇଗଣ । ସେଥିରୁ ଗୋଟିଏ କଳା ବାଇଗଣ ଓ ଅନ୍ୟଟି ଧଳା ବାଇଗଣ । ଏସବୁକୁ ବାବାଙ୍କ ପାଦତଳେ ଥୋଇ ଦେଇ ଲୋକଟି ମୁଣ୍ଡିଆ ମାରିଲା । ବାବା ବାଇଗଣ ଦୁଇଟିକୁ ଦେଖି ଚିହିଁକି ଉଠିଲେ- "ଆରେ ଏଥିରୁ ଗୋଟିଏ ତ ପୁଣ୍ୟ, ଆରଟି ପାପ ଭଳି ଦେଖା ଯାଉଛି । କଥା କ'ଣ ?

ଏକଥା ଶୁଣି ଲୋକଟି ଭୟରେ, ଲଜ୍ଜା ଓ ସଂକୋଚରେ ବାବାଙ୍କ ଗୋଡ଼ତଳେ ଲମ୍ବ ହୋଇ ପଡ଼ିଗଲା । ବଡ଼ ବିକଳ ହୋଇ କହିଲା, "କ୍ଷମା କରନ୍ତୁ ବାବା । ଏ ଧଳା ବାଇଗଣଟା ମୋ ବାଡ଼ିରୁ ଆଣିଛି ଆଉ କଳା ବାଇଗଣଟା ପଡ଼ିଶା ବାଡ଼ିରୁ ଚୋରି କରି ଆଣିଛି । ମୋତେ କ୍ଷମା କରି ଦିଅନ୍ତୁ । ଏମିତିକା ଭୁଲ୍ ଆଉ କେବେ ବି କରିବି ନାହିଁ । କେମିତି ପାପର ପ୍ରାୟଶ୍ଚିତ କରିବି ଦୟାକରି ସେ ବାଟ ବତାଇ ଦିଅନ୍ତୁ ।



ଶାନ୍ତ ଭାବରେ କଇଁଫୁଲ ବାବା କହିଲେ, ପଡ଼ିଶା ଘରର ଯେତେବେଳେ ବିବାହ-ବ୍ରତ ଭଳି କାମ ପଡ଼ିବ ସେତେବେଳେ ତ ତୋତେ ନିମନ୍ତ୍ରଣ କରିବେ । ତୁ ପୁଅ ଗୋଟିଏ କାମ କରିବୁ । ଚାଉଳ-ପନିପରିବା ଆଦି ଏକାଠି କରି ଭାରଟିଏ ନେବୁ । ସକାଳୁ ସନ୍ଧ୍ୟା ଯାଏଁ ମନଦେଇ ତାକୁ କାମରେ ସାହାଯ୍ୟ କରିବୁ । ହେଲେ ତା ଘରେ କିଛି ବି ଖାଇବୁ ନାହିଁ । ଖାଇବାକୁ ଡାକିଲେ ଖାଇ ସାରିଲିଣି ବୋଲି କହିବୁ । ଏମିତି କଲେ ତୁ କରିଥିବା ପାପ କଟିଯିବ ।

ବାବାଙ୍କ ବାଣୀର ପ୍ରଭାବ ଲୋକଟି ଉପରେ ପଡ଼ିଥିଲା । ପରବର୍ତ୍ତୀ ସମୟରେ ସେ ଏହାକୁ କାର୍ଯ୍ୟର ପରିଣତ କରି ଦେଖାଇ ଦେଇଥିଲା ମଧ୍ୟ । ଏହିପରି ଭାବରେ ବାବା ଭକ୍ତ ସମୁଦାୟଙ୍କ ମଧ୍ୟରେ ଭରିଦେଇ ଥିଲେ ସକରାତ୍ମକ ଚେତନା । ଯାହା ଜନମାନସକୁ କରିପାରିଥିଲା ପ୍ରଭାବିତ ।

କଇଁଫୁଲ ବାବା ତାଙ୍କ ଜୀବନର ଶେଷ ୨୫ବର୍ଷ 'ବେଲପୁଞ୍ଜି ମଠ'ରେ ଅତିବାହିତ କରିଥିଲେ । ଶେଷରେ ଜୀବନର ଅପରାହ୍ନରେ ୧୯୭୫ ମସିହା ଅଗଷ୍ଟ ମାସ ୧୧ ତାରିଖ ଶ୍ରାବଣ ଶୁକ୍ଳପକ୍ଷ ପଞ୍ଚମୀ ତିଥି ସୋମବାର ଦିନ ଇହଧାମ ତ୍ୟାଗ କରିଥିଲେ । ବାବାଙ୍କ ମୃତ୍ୟୁ ପରେ ତାଙ୍କୁ ମଠ ଭିତରେ ସମାଧି ଦିଆଯାଇଥିଲା । ପରେ ଭକ୍ତଙ୍କ ଦ୍ୱାରା ସେଠାରେ ନିର୍ମାଣ କରାଯାଇଥିଲା ତାଙ୍କ ସମାଧିସ୍ତୂପ । ବାବାଙ୍କ ବ୍ୟବହୃତ ଖଟ, ଟର୍ଚ୍ଚ ଲାଇଟ, କଠଉ ଆଦି ସାମଗ୍ରୀ ସମାଧି ପାଖରେ ରଖାଯାଇ ପୂଜାର୍ଚ୍ଚନା କରାଯାଉଛି ।

## ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର

ସୁନ୍ଦର ନୈସର୍ଗିକ ଶୋଭା ମଧ୍ୟରେ ରହିଛି 'ବେଲପୁଞ୍ଜି ମଠ' । ଶିମିଳି ଗଛର ସୁଶୀତଳ ଛାୟା ମଧ୍ୟରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ କଇଁଫୁଲିଆ ବାବାଙ୍କ ଏହି ସାଧନା ଓ ସମାଧିର ପୀଠସ୍ଥଳୀ । ମହାନଦୀ କୂଳସ୍ଥ ଅନେକ ଛାୟାପ୍ରଦ ବୃକ୍ଷ ପରିବେଷ୍ଟିତ ଏହି ମଠ ପରିସରରେ ରହିଛି ଏକ ବିରାଟ ପ୍ରାର୍ଥନା ପ୍ରକୋଷ୍ଠ, ଯାହାକି 'ରାସମଣ୍ଡପ' ନାମରେ ସୁପରିଚିତ । ମହାନଦୀ ମଠର ପଶ୍ଚିମ ଦିଗରୁ ବହିଆସି ଦକ୍ଷିଣକୁ ବୁଲି ପୂର୍ବଦିଗକୁ ପ୍ରବାହିତ ହେଉଛି । ଏଠାରୁ ହିଁ ଦେଖା ଯାଇଥାଏ ବୌଦ୍ଧ ଜିଲ୍ଲାର ଅନେକ ନଈକୂଳିଆ ଗାଁ ଓ ସୁଉଚ୍ଚ ପର୍ବତମାଳା । ମଠରୁ ନଦୀକୁ ଓହ୍ଲାଇବା ପାଇଁ ନିର୍ମିତ ହୋଇଛି ବାଇଶି ପାହାଚ । ସେଠାରୁ ତଳକୁ ଗଲେ ଆଖିରେ ପଡ଼ିଥାଏ ବିସ୍ତିର୍ଣ୍ଣ ବାଲୁକା ଶେଯ । ତା ପରେ ମହାନଦୀର ନୀଳ ଜଳରାଶି । ଏଠାକୁ ଆସୁଥିବା ଭକ୍ତ ନୌକା ବିହାରର ମଜା ଉଠାଇଥାନ୍ତି । ତରଙ୍ଗାୟିତ ନୀଳ ଢେଉରେ ଗଲାବେଳେ ନଦୀକୂଳସ୍ଥ ପ୍ରାକୃତିକ ସୌନ୍ଦର୍ଯ୍ୟ ମନରେ ଭରିଦିଏ ଅସୁମାରୀ ଆନନ୍ଦ । ମଠ ଠାରୁ ଉପର ଆଡ଼କୁ ନଦୀ ଭିତରେ ପ୍ରାୟ ଏକ କିଲୋମିଟର ଗଲାପରେ ନଦୀ ମଝିରେ ଗାଁଟିଏ ଦେଖିବାକୁ ମିଳିଥାଏ । ନାଁ ତାର 'ମର୍ଜାକୁଦ' । ପ୍ରବଳ ବନ୍ୟାରେ ମଧ୍ୟ ପାଣି ଏ ଗାଁକୁ ଛୁଇଁପାରେ ନାହିଁ । ଏହା ହିଁ ତା'ର ବୈଚିତ୍ର୍ୟ । ସୁତରାଂ ପର୍ଯ୍ୟଟକ ନୌକାବିହାର କାଳରେ ପାଣି ଭିତରେ ଥିବା ଏ ଗାଁର ଅପରୂପ ମାଧୁର୍ଯ୍ୟକୁ ଉପଭୋଗ କରିପାରିବେ ।

## ମଠରେ ପର୍ବ ପର୍ବାଣୀ

କଇଁଫୁଲ ବାବାଙ୍କ ମହାପ୍ରୟାଣ ତିଥି (ଶ୍ରାବଣ ମାସ

# ମତ ଓ ମନ୍ତବ୍ୟ



ଭାରତୀୟ ସଂସ୍କୃତିରେ ଭୋଗ ପରିବର୍ତ୍ତେ ତ୍ୟାଗର ମହିମା ଅତୁଳନୀୟ । ଏହି ତ୍ୟାଗର ମୂର୍ତ୍ତିମନ୍ତ ସାଧକ ଥିଲେ କଇଁଫୁଲ ବାବା । ତାଙ୍କ ଜୀବନାଦର୍ଶ ଓ ବାଣୀ ସମାଜକୁ ଉନ୍ନତ ମାର୍ଗରେ ପରିଚାଳିତ କରିବା ପାଇଁ କରିଛି ଉଦ୍‌ବୁଦ୍ଧ । ଛୁଆଁ ଅଛୁଆଁ ଭେଦଭାବ ଦୂରକରିବାରେ ତାଙ୍କ ଉଦ୍ୟମ ଥିଲା ଅତୀବ ପ୍ରଶଂସନୀୟ । ଆଜି ତାଙ୍କର ସ୍ଥୁଳ ଶରୀର ନଥିଲେ ମଧ୍ୟ ସୂକ୍ଷ୍ମ ଶରୀରରେ ବିରାଜମାନ ରହି ଏ ଜଗତକୁ ଦିଗ୍‌ଦର୍ଶନ ଦେଇ ଚାଲିଛନ୍ତି ।

**ଡ. ଫାଲ୍‌ଗୁନି ମହାନନ୍ଦିଆ**
**ଅବସରପ୍ରାପ୍ତ ସଂସ୍କୃତ ପ୍ରାଧ୍ୟାପକ, ରାଜେନ୍ଦ୍ର ମହାବିଦ୍ୟାଳୟ, ବଲାଙ୍ଗୀର**



ପରମପୂଜ୍ୟ ବିଶ୍ୱଗୁରୁ ସାଧୁ ଅବତାର କଇଁଫୁଲ ବାବା ଗୁପ୍ତ ଭାବରେ ସାଧନା କରି ୧୯୩୬ ମସିହାରେ ଲୋକଲୋଚନକୁ ଆସିଥିଲେ । ସେ ତାଙ୍କ ବାଟ, ଧର୍ମ, ବର୍ଣ୍ଣ, ବିଦ୍ୟାକୁ ଗୁପ୍ତ ରଖି ଅତିବଡ଼ି ଜଗନ୍ନାଥ ଦାସଙ୍କ ବିରଚିତ ପରମଶାସ୍ତ୍ର ଭାଗବତର ଜ୍ଞାନକୁ ଲୋକଙ୍କ ମଧ୍ୟରେ ପ୍ରଚାର କରି ବିଶେଷ ଆଦୃତ ଲାଭ କରିଛନ୍ତି । ମୁଖ୍ୟତଃ ଭାଗବତର ଏକାଦଶ ସ୍କନ୍ଧକୁ ଭକ୍ତଙ୍କ ମଧ୍ୟରେ ପାଠ କରାଇ କଳିଯୁଗରେ ମାୟା ସଂସାରରୁ ପାରହେବା ପାଇଁ ବାଟ ବଢ଼ାଇ ଯାଇଛନ୍ତି । ତାଙ୍କ ସଂସ୍ପର୍ଶରେ ଯେଉଁ ଭକ୍ତମାନେ ଯେତେ ଭାବରେ ଆସିଛନ୍ତି, ସେମାନେ ବାବାଙ୍କ ସଂସ୍ପର୍ଶରେ ସେତେ ଅନୁଭବ କରିଛନ୍ତି ।

**ଗୁରୁବାରିଆ ଛନ୍ଦ**, ଭକ୍ତ, ଦେବରାପାଲି, ଆଠମଲ୍ଲିକ, ଅନୁଗୋଳ



ସାଧୁ କଇଁଫୁଲ ବାବା ଥିଲେ ଜଣେ ନିଆରା ପୁରୁଷ । ଓଡ଼ିଆ ଭାଗବତର ଦୀର୍ଘ ବର୍ଷର ସାଧିତ ଓ ଶୋଧିତ ଅନନ୍ୟ ମୂଲ୍ୟବୋଧ ତାଙ୍କୁ ଚିର ଭାସ୍ୱର କରିରଖିଛି । ଅବତାରୀ କଇଁଫୁଲ ବାବା ଚାଲିଯାଇଥିଲେ ମଧ୍ୟ ସେ ଛାଡ଼ିଯାଇଥିବା ନିର୍ଲୋଭତା, ତ୍ୟାଗ, ମାନବିକତା, ସୁଶିକ୍ଷା, ସତ୍ୟ, ଶାନ୍ତି, ଦୟା, କ୍ଷମା, ଅସ୍ପୃଶ୍ୟତା ଦୂରୀକରଣ, ନାରୀଶିକ୍ଷା ତଥା ଅବକ୍ଷୟ ମୁଖୀ ସମାଜକୁ ସୁପଥ ଆଡ଼କୁ ଟାଣି ଆଣିବାର ପ୍ରୟାସର ଛାପ ଏବେ ମଧ୍ୟ ମାନବ ସମାଜରେ ପ୍ରବହମାନ ଗତିରେ ଆଗେଇ ଚାଲିଛି ।

**ଦେବରାଜ ନାୟକ**
ପ୍ରଧାନ ଶିକ୍ଷକ, ମାଧପୁର ହାଇସ୍କୁଲ, ଆଠମଲ୍ଲିକ, ଅନୁଗୋଳ



ବାବାଙ୍କ ଅନେକ ଭବିଷ୍ୟତବାଣୀ ସତ ହେବାର ସ୍ଥାନୀୟ ଲୋକେ କହନ୍ତି । ତେଣୁ ସେମାନଙ୍କ ଦୃଷ୍ଟିରେ ବାବା ଥିଲେ ତ୍ରିକାଳଦର୍ଶୀ । ଥରେ ରାଷ୍ଟ୍ରପତି ନିର୍ବାଚନ ସମୟରେ ସ୍ଥାନୀୟ ୪ ଦୟାନନ୍ଦ ହୋତା, ୪ ପୁଣ୍ଡରୀକାକ୍ଷ ରଥ ଓ ବଂଶୀଧର ପ୍ରଧାନ ମଠକୁ ଯାଇଥିଲେ । କଥା ପ୍ରସଙ୍ଗରେ ସେମାନେ ରାଷ୍ଟ୍ରପତି କିଏ ହେବେ ଜାଣିବାକୁ ଚାହିଁଥିଲେ । ଉତ୍ତରରେ ବାବା କହିଥିଲେ ଏଥର ଆମର ଜଣେ ଓଡ଼ିଆ ପୁଅ ରାଷ୍ଟ୍ରପତି ହେବ । ଶେଷରେ ତାଙ୍କ ବଚନ ସତ ହୋଇଥିଲା । ସେଥର ଭି.ଭି.ଗିରି ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଥିଲେ । ଏହିପରି ଅନେକ ଅଲୌକିକ ଘଟଣା ସହିତ ଆମ ପରିବାର ଜଡ଼ିତ ।

**କବି ସଂଘମିତ୍ରା ରଥ**, ଲୁଧିଆନା, ପଞ୍ଜାବ



ସବୁଜ ଶ୍ୟାମଳ ଭରା ନୈସର୍ଗିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ବେଲପୁଞ୍ଜି ମଠ ଆଧ୍ୟାତ୍ମିକ ତଥା ଅପୂର୍ବ ନୀରବତାରେ ଛାଇ ଯାଇଥାଏ ସକାଳରୁ ସଞ୍ଜ । ଏହାର ପ୍ରାକୃତିକ ସୁଷମାରାଜି ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ସହିତ ବଣଭୋଜି ପାଇଁ ଯୋଗାଇଥାଏ ଖୋରାକ । ମାନବୀୟ ଚେତନାର ବାର୍ତ୍ତାବହ, ଧୂଳିମାଟିରେ ସନ୍ଥଙ୍କ ଏହି ପୁଣ୍ୟପୀଠର ଉନ୍ନତି ନିମିତ୍ତ ପ୍ରଶାସନର ଶୁଭଦୃଷ୍ଟି ପଡ଼ିବା ଏକାନ୍ତ ଅପରିହାର୍ଯ୍ୟ ।

**ଆକାଶ ସାହୁ ,ସମ୍ପାଦକ: ଶତାବ୍ଦୀ ସାହିତ୍ୟ ସଂସଦ**
**ମାଧପୁର, ଆଠମଲ୍ଲିକ, ଅନୁଗୋଳ**


ଶୁକ୍ଳପକ୍ଷ ପଞ୍ଚମୀ) ହେଉଛି ବେଲପୁଞ୍ଜି ମଠର ଏକ ପ୍ରମୁଖ ପର୍ବ । ସେଦିନ ମହାନଦୀ ପୀଠରେ ଜମିଥାଏ ମେଳାର ଆସର । ନୟାଗଡ଼, ଦଶପଲ୍ଲା, ଖୋର୍ଦ୍ଧା, ଅନୁଗୋଳ, ବୌଦ୍ଧ, କଟକ, ଆଠମଲ୍ଲିକ, କିଶୋରନଗର ଓ ବଲାଙ୍ଗୀର ଅଞ୍ଚଳର ଭକ୍ତମାନଙ୍କ ସମାଗମରେ ଏହାର ପରିବେଶ ହୋଇଯାଏ ଚଳଚଞ୍ଚଳ । ଭଜନ, ସଂକୀର୍ତ୍ତନ ଓ ଧୂପଦୀପରେ ମୁଖରିତ ହୋଇ ଉଠେ ସମଗ୍ର ଅଞ୍ଚଳ । ଏତଦ୍‌ବ୍ୟତୀତ ଦଶହରା, ଶ୍ରାବଣ ପଞ୍ଚମୀ, ପ୍ରତ୍ୟେକ ମାସର ଚତୁର୍ଦ୍ଦଶୀ, ଫାଲ୍‌ଗୁନ ପଞ୍ଚମୀ (ବାର୍ଷିକ ଉତ୍ସବ) ଆଦି ଉତ୍ସବମାନଙ୍କରେ ଏଠାରେ ଭକ୍ତମାନଙ୍କର ଭିଡ଼ ଜମେ ।

କଇଁଫୁଲ ବାବାଙ୍କ ଉଦ୍ୟମରେ ସନାତନ ଧର୍ମର ଯେଉଁ ତିନୋଟି ମଠ ଗଢ଼ି ଉଠିଥିଲା ସେଗୁଡ଼ିକ ହେଲା, ବେଲପୁଞ୍ଜି ମଠ (ଆଠମଲ୍ଲିକ), ବୈଦେଶ୍ୱର ମଠ (କଟକ) ଏବଂ କଙ୍କଲା ମଠ (ବୌଦ୍ଧ) । ସନାତନ ଧର୍ମର ପ୍ରଚାର, ପ୍ରସାର ସାଙ୍ଗକୁ ଭାଗବତର ନୈତିକ ଚେତନା ଲୋକଙ୍କ ମନରେ ଭରିଦେବା ପାଇଁ ଏହି ମଠଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାରେ ସକ୍ଷମ ହୋଇପାରିଛି ।

ଦିନଥିଲା, କଇଁଫୁଲ ବାବାଙ୍କ ସାଧୁତା ଓ ଭାଗବତ ଭକ୍ତିଭାବନା ଦ୍ୱାରା ଆକୃଷ୍ଟ ହୋଇ ଦୂରଦୂରାନ୍ତରୁ ଶହଶହ ଭକ୍ତ ପାଦରେ ଚାଲିଚାଲି ଆସି ବା ଡଙ୍ଗାରେ ଆସି ବେଲପୁଞ୍ଜି ମଠରେ ପହଞ୍ଚିବା ଆଜିର ଦୁନିଆ ଆଖିରେ ଅସମ୍ଭବ ମନେ ହେଲେ ମଧ୍ୟ ବାସ୍ତବ ଥିଲା । ତେବେ ଆଜି ମଧ୍ୟ ସଞ୍ଜ ନଇଁଲେ ମହାନଦୀର ଶାନ୍ତ ବେଳାଭୂମି ଭଜନ, କୀର୍ତ୍ତନ, ଚଉତିଶାରେ ହୋଇ ଉଠେ ମୁଖରିତ । ମହାନଦୀ ଜଳର କୁଳୁକୁଳୁ ମୂର୍ଚ୍ଛନା ସାଙ୍ଗକୁ ନଦୀପଠାର ସୁଲୁସୁଲୁ ବାଆ ପୁଣି ତା ସହିତ ମୃଦଙ୍ଗର ଗୁରୁଗମ୍ଭୀର ସ୍ୱର ସମଗ୍ର ପରିବେଶକୁ କରିଦିଏ ଭକ୍ତିମୟ-ରସସିକ୍ତ । ପ୍ରକୃତିକୁ ଅତି ନିକଟରୁ ଉପଭୋଗ କରିବା ସହିତ ନଦୀପଠାରେ ଗଣ ବଣଭୋଜିର ଦୃଶ୍ୟ ମନରେ ଭରିଦିଏ ନିଆରା ଆନନ୍ଦ ।

ଭୁବନେଶ୍ୱର ଠାରୁ ୨୪୦ କି.ମି., କଟକରୁ ୨୨୦କି.ମି. ତଥା ଅନୁଗୋଳରୁ ୧୦୦ କିମି ଦୂରରେ ଅବସ୍ଥିତ ଆଠମଲ୍ଲିକ କମ୍ପଲା ଗ୍ରାମ ପଞ୍ଚାୟତର ‘ବେଲପୁଞ୍ଜି ମଠ’ର ଅନନ୍ୟ ଆକର୍ଷଣ ଉଭୟ ଭକ୍ତ, ପର୍ଯ୍ୟଟକ ଓ ପ୍ରକୃତିପ୍ରେମୀକୁ ବାନ୍ଧି ରଖିବାରେ ସମର୍ଥ ହୋଇପାରିଛି । ପର୍ଯ୍ୟଟନ ବିଭାଗ ଏ ପୀଠଟି ପ୍ରତି ଦୃଷ୍ଟି ଦେବା ଏକାନ୍ତ ଆବଶ୍ୟକ ।

# ପ୍ରବନ୍ଧ-ପୁରୁଷ: ଚନ୍ଦ୍ରମୋହନ



# ପ୍ରାବନ୍ଧିକ ଚନ୍ଦ୍ରମୋହନ ମହାରଣା



**ଡ. ଜୟନ୍ତ କୁମାର ଦାସ**
ସହକାରୀ ପ୍ରଫେସର: ଓଡିଆ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ଫୋନ : ୯୫୫୬୭୫୯୭୭୭୩

**ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରଂପରା ସଙ୍କଟମୟ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା ଏବଂ ଏହି ପରିସ୍ଥିତିକୁ ପ୍ରତିହତ କରିବା ପାଇଁ ଯେଉଁ କେତେଜଣ ପ୍ରଚଣ୍ଡ ପ୍ରତିଭାଧାରୀ ସାହିତ୍ୟିକ ଆଗେଇ ଆସିଥିଲେ ସେମାନଂକ ମଧ୍ୟରେ ଚନ୍ଦ୍ରମୋହନ ମହାରଣା ଥିଲେ ଅନ୍ୟତମ । ଗୋଟିଏ ଜାତିକୁ ଶିକ୍ଷାର ଆଲୋକରେ ଉଦ୍ଭାସିତ କରିବା ଉଦ୍ଦେଶ୍ୟରେ ପାଠ୍ୟ ପୁସ୍ତକ ପ୍ରଣୟନ କରିବା ସହିତ ଗୋଟିଏ ଭାଷାର ରକ୍ଷାକବଚ 'ବ୍ୟାକରଣ' ରଚନା କରି ନିଜ ଅସାମାନ୍ୟ କୃତିତ୍ୱର ପରିଚୟ ଦେଇଛନ୍ତି ସେ ।**

ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରଂପରା ସଙ୍କଟମୟ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା ଏବଂ ଏହି ପରିସ୍ଥିତିକୁ ପ୍ରତିହତ କରିବା ପାଇଁ ଯେଉଁ କେତେଜଣ ପ୍ରଚଣ୍ଡ ପ୍ରତିଭାଧାରୀ ସାହିତ୍ୟିକ ଆଗେଇ ଆସିଥିଲେ ସେମାନଂକ ମଧ୍ୟରେ ଚନ୍ଦ୍ରମୋହନ ମହାରଣା ଅନ୍ୟତମ । ଗୋଟିଏ ଜାତିକୁ ଶିକ୍ଷାର ଆଲୋକରେ ଉଦ୍ଭାସିତ କରିବା ଉଦ୍ଦେଶ୍ୟରେ ପାଠ୍ୟ ପୁସ୍ତକ ପ୍ରଣୟନ କରିବା ସହିତ ଗୋଟିଏ ଭାଷାର ରକ୍ଷାକବଚ 'ବ୍ୟାକରଣ' ରଚନା କରି ନିଜର ଅସାମାନ୍ୟ କୃତିତ୍ୱର ପରିଚୟ ଦେଇଛନ୍ତି । ତାଙ୍କ ରଚିତ ଓଡିଆ ବ୍ୟାକରଣ ପ୍ରଥମ ସୋପାନ ଓ ଦ୍ୱିତୀୟ ସୋପାନ ଓଡିଆ ସାହିତ୍ୟର ପ୍ରଥମ ମୌଳିକ ବ୍ୟାକରଣର ମର୍ଯ୍ୟାଦା ବହନ କରେ । ଏହା ସହ ସେ ବହୁ କବିତା ଓ ଗଳ୍ପ ରଚନା କରି ଓଡିଆ ସାହିତ୍ୟକୁ ସୁସମୃଦ୍ଧ କରିଛନ୍ତି । ତାଙ୍କର ସର୍ଜନଶୀଳତା ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ଦୃଷ୍ଟିରୁ ଖୁବ୍ ବଳିଷ୍ଠ ଓ ଉତ୍କୃଷ୍ଟ । ନିଜର ସାଧନା, ନିଷ୍ଠା ଓ ଏକାଗ୍ରତା ବଳରେ ଓଡିଆ ସାହିତ୍ୟର ପ୍ରତ୍ୟେକ ବିଭାଗକୁ ସରସ ସୁନ୍ଦର କରିଥିବା ଏହି ଯଶସ୍ୱୀ ସ୍ରଷ୍ଟା ଜନ୍ମଲାଭ କରନ୍ତି ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ରେମୁଣା ଥାନାର ପୁରୁଷୋତମପୁର ଗ୍ରାମରେ ଏକ ସ୍ୱର୍ଣ୍ଣକାର ପରିବାରରେ । ପରିବାରର ଦାରିଦ୍ର୍ୟ ଓ ପାରିପାର୍ଶ୍ୱିକ ପ୍ରତିକୂଳତା ତାଙ୍କୁ ଲକ୍ଷ୍ୟପଥରୁ ବିଚ୍ୟୁତ କରିପାରିନଥିଲା । ନିଜର ନିଷ୍ଠା ଓ ଏକାଗ୍ରତା ବଳରେ ପ୍ରଥମେ ଶିକ୍ଷକ ଓ ପରେ ହେଡମାଷ୍ଟର, ଡେପୁଟି ଇନ୍‌ସପେକ୍ଟର ଅଫ୍ ସ୍କୁଲସ ଏବଂ ପୁରୀ ଜିଲ୍ଲାର ଇନ୍‌ସପେକ୍ଟର ଅଫ୍ ସ୍କୁଲସ୍ ରୂପେ ଅବସ୍ଥାପିତ ହୋଇଥିଲେ ।

ଚନ୍ଦ୍ରମୋହନ ମହାରଣାଙ୍କ ଆଦର୍ଶ ଶିକ୍ଷକ ଥିଲେ ରାଧାନାଥ ଏବଂ ତାଂକର ଅତି ପ୍ରିୟ ଛାତ୍ର ଥିଲେ ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶ ପ୍ରମୁଖ । ଓଡିଆ ଭାଷାକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଫକୀରମୋହନଙ୍କୁ ଆଦର୍ଶ ଭାବେ ମାନି ଓଡିଆରେ ପାଠ୍ୟ ପୁସ୍ତକ ପ୍ରଣୟନର ଆବଶ୍ୟକତାକୁ ହୃଦୟଙ୍ଗମ କରିବା ସହିତ ସେଥିରେ ମନୋନିବେଶ କରିଥିଲେ । ଏହା ସହିତ ଛାତ୍ରଛାତ୍ରୀମାନଂକ ମଧ୍ୟରେ ସାହିତ୍ୟ ପ୍ରତି ଅନୁରକ୍ତି ଓ ମାତୃଭାଷା ପ୍ରୀତି ଜାଗ୍ରତ କରେଇବା ପାଇଁ ସେ ସର୍ବଦା ଉଦ୍ୟମ କରୁଥିଲେ । ମାତୃଭାଷାର ଉନ୍ନତି ନିମନ୍ତେ ଉତ୍କଳ ସାହିତ୍ୟ ସମାଜର ବାର୍ଷିକ ଅଧିବେଶନ (୦୫-୧୦-୧୯୨୬)ରେ ସଭାପତି ଭାବେ ଯୋଗଦେଇ ସେ କହିଥିଲେ- 'ଜାଗରଣର ଓ ଅଧ୍ୟବସାୟର ଅଭାବ ଆଉ ଯୋଡିଏ ଅନ୍ତରାୟ । ଏହି ଅନ୍ତରାୟ ମାତୃଭାଷା ପକ୍ଷରେ ଯେପରି ଅନ୍ୟ ଯାବତୀୟ ବିଷୟର ଉନ୍ନତି ପକ୍ଷରେ ସେହିପରି । ମୋହ, ଆଳସ୍ୟର ସନ୍ତାନ ଅଥବା ଜନକ, ତମୋ ଗୁଣ ସୁତରାଂ ଉନ୍ନତିର ଘୋର ଶତ୍ରୁ । ଏହା ମନୁଷ୍ୟର ମନକୁ ତିମିରାଚ୍ଛନ୍ନ କରି ରଖେ । କୃପାମୟଙ୍କ କୃପାରୁ ମାତୃଭାଷାର ଉନ୍ନତିରେ ଜାଗରଣର ଲକ୍ଷଣ ବର୍ତମାନ ଦେଖାଯାଉଅଛି । ଏହି ମହାସଭାରେ ଉପସ୍ଥିତ ଉତ୍କଳ ଜନନୀର କୃତୀ ସନ୍ତାନମାନେ ଏହି ଜାଗରଣର ସହାୟ ଅଟନ୍ତି । ସୁତରାଂ ମାତୃଭାଷାର ଉନ୍ନତି ସାଧନ ଥିଲା ତାଂକ ସାହିତ୍ୟ ସାଧନାର ଅନ୍ୟତମ ଆଭିମୁଖ୍ୟ ।' ଏହା ତାଂକର ମାତୃଭାଷା ପ୍ରୀତିର ପରିଚୟ ଦିଏ ।

ବ୍ୟାକରଣରେ ପାଣ୍ଡିତ୍ୟ ଥିବା ଏହି ଯଶସ୍ୱୀ ସାହିତ୍ୟିକଙ୍କ ପ୍ରବନ୍ଧ ରଚନା ଶୈଳୀ ନିୟମଯୁକ୍ତ, ସ୍ୱଚ୍ଛ ଓ ଭାବଗର୍ଭକ । ଅନାୟାସରେ ଓ ସ୍ୱାଭାବିକ ରୀତିରେ ସେ ନିଜର ବକ୍ତବ୍ୟ ପ୍ରକାଶ କରିଥାନ୍ତି । ପରିମାଣାତ୍ମକ ଦୃଷ୍ଟିରୁ ଗଳ୍ପ ଓ କବିତା ତୁଳନାରେ ତାଂକର ପ୍ରବନ୍ଧ ଖୁବ୍ କମ୍ । ସେ ସର୍ବମୋଟ ଏଗାରଟି ପ୍ରବନ୍ଧ ରଚନା କରିଛନ୍ତି । ସେଥିମଧ୍ୟରୁ ତିନୋଟି ଶିକ୍ଷା ସମ୍ବନ୍ଧୀୟ, ଚାରୋଟି ଜୀବନୀ ସଂବଳିତ, ତିନୋଟି ସାହିତ୍ୟ ରଚନା ପର୍ଯ୍ୟାୟଭୁକ୍ତ ଓ ଗୋଟିଏ ସ୍ୱପ୍ନକୁ ନେଇ । ଗୋଟିଏ ଦୁଇଟି ପ୍ରବନ୍ଧକୁ ବାଦ୍ ଦେଲେ ଅନ୍ୟ ପ୍ରବନ୍ଧଗୁଡିକର କଳେବର କ୍ଷୁଦ୍ର । ସ୍ୱଳ୍ପ ପରିମାଣରେ ପ୍ରବନ୍ଧ ରଚନା କରିଥିଲେ ମଧ୍ୟ ତାଂକର ପାଣ୍ଡିତ୍ୟ ଓ ବିଚକ୍ଷଣ ପ୍ରତିଭା ଯୋଗୁଁ ଚନ୍ଦ୍ରମୋହନ ବିଦଗ୍ଧ ମହଲରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିଲେ । ବିଭିନ୍ନ ବିଷୟରେ ତାଂକର ଅଭିଜ୍ଞତା ଓ ପାରଦର୍ଶିତା ଥିଲା । ଓଡିଆ ପ୍ରବନ୍ଧ ସାହିତ୍ୟର ଜନ୍ମ ଲଗ୍ନରେ ତାଂକର ଏହି ଅନନ୍ୟ ପ୍ରୟାସ ବାସ୍ତବିକ୍ ପ୍ରଶଂସାଯୋଗ୍ୟ । 'ଉତ୍କଳ ସାହିତ୍ୟ' ପତ୍ରିକାର ବିଭିନ୍ନ ସଂଖ୍ୟାରେ ତାଂକ ପ୍ରବନ୍ଧମାନ ପ୍ରକାଶିତ ହେଉଥିଲା । ଏହା ସହ ବିଭିନ୍ନ ସାରସ୍ୱତ ସଭାରେ ଯୋଗଦେଇ ଆମ ଭାଷା ଓ ସାହିତ୍ୟର ବିଭିନ୍ନ ଅଭାବ ସଂପର୍କରେ ସେ ସୂଚନା ଦେଉଥିଲେ । ଏହା ମଧ୍ୟ ପ୍ରବନ୍ଧାକାରରେ ପ୍ରକାଶିତ ହେଉଥିଲା । ଉତ୍କଳ ସାହିତ୍ୟ ସମାଜର ଏକବିଂଶ ବାର୍ଷିକ ଅଧିବେଶନରେ ସଭାପତି ଭାବେ ଯୋଗଦେଇ

ସେ କହିଥିଲେ– 'ଓଡିଶାରେ ପ୍ରଥମ ଶ୍ରେଣୀର ଶକ୍ତିଶାଳୀ ଲେଖକର ଆବିର୍ଭାବ ହୋଇନାହିଁ । ଶକ୍ତିଶାଳୀ ଲେଖକ ବ୍ୟକ୍ତିବିଶେଷର ରୁଚିରେ ଯେପରି ପରିବର୍ତନ ସଂପାଦନ କରାନ୍ତି, ଜାତିବିଶେଷର ରୁଚିରେ ସେହିପରି ନବଯୁଗର ପ୍ରବର୍ତନ କରାନ୍ତି । ଉତ୍କଳ ସାହିତ୍ୟରେ ଆଜିଯାଏ ଏତାଦୃଶ ଦିବସର ପ୍ରଭାତ ଦୃଷ୍ଟିପଥାରୂଢ ହୋଇନାହିଁ ।'

ଚନ୍ଦ୍ରମୋହନ ଗ୍ରନ୍ଥାବଳୀ ପ୍ରବନ୍ଧ ବିଭାଗରେ ସ୍ଥାନିତ ତାଙ୍କର ପ୍ରଥମ ପ୍ରବନ୍ଧର ଶୀର୍ଷକ ହେଉଛି 'ସାହିତ୍ୟ ପତ୍ରିକାର ଉପଯୋଗିତା' । ଏଥିରେ ସେ ସାହିତ୍ୟ ପତ୍ରିକାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଛନ୍ତି । ତାଂକ ମତରେ, ଜ୍ଞାନଲାଭ କରିବା ପାଇଁ ପୋଥି, ପୁସ୍ତକ ଓ ପତ୍ରିକାର ଆବଶ୍ୟକତା ରହିଛି । ମାତ୍ର; ପୋଥି ଓ ପୁସ୍ତକରୁ ଗୋଟିଏ ବିଷୟରେ ଜ୍ଞାନ ଲାଭ କରାଯାଇଥିବା ବେଳେ କେବଳ ପତ୍ରିକାରୁ ନାନା ବିଷୟରେ ଧାରଣା ମିଳିଥାଏ । ସୁତରାଂ ଖଣ୍ଡିଏ ପତ୍ରିକା ପାଠରୁ ନାନା ପୁସ୍ତକ ପାଠର ଜ୍ଞାନ ମିଳିପାରେ । ପୁଣି ବିଭିନ୍ନ ପ୍ରକାର ପୁସ୍ତକ କିଣିବାର ସାମର୍ଥ୍ୟ ସମସ୍ତଙ୍କର ନଥାଏ, ଅଥଚ ପତ୍ରିକା ଖଣ୍ଡିଏ କିଣିବା ସେହି ପରିମାଣରେ କଷ୍ଟସାଧ୍ୟ ନୁହେଁ । ଗୋଟିଏ ପତ୍ରିକାରେ ନାନା ବିଷୟକ ପ୍ରବନ୍ଧର ସମାବେଶ ଥିବାରୁ ବିଷୟ ପରିବର୍ତନ କିୟତ୍ ପରିମାଣରେ ମାନସିକ କ୍ଳାନ୍ତି ଦୂର କରିବା ସହିତ ଆଗ୍ରହ ସୃଷ୍ଟି କରିଥାଏ । ପତ୍ରିକା ମାଧ୍ୟମରେ ସର୍ଜନଶୀଳତା ବା ଲେଖିବାର ମାନସିକତା ବୃଦ୍ଧି ହୋଇଥାଏ । ଆହୁରି ମଧ୍ୟ ଏକାଧିକ ବ୍ୟକ୍ତି ମିଳିତ ହୋଇ ଖଣ୍ଡିଏ ପତ୍ରିକାର ଗ୍ରାହକ ହେବା ଅନେକ ସ୍ଥଳରେ ଦେଖାଯାଏ । କିନ୍ତୁ, ଏକାଧିକ ବ୍ୟକ୍ତି ମିଳିତ ହୋଇ ଖଣ୍ଡିଏ ପୁସ୍ତକ କିଣି ପଢିବାର ଉଦାହରଣ ବିରଳ ।

ପତ୍ରିକା ପାଠକମାନଂକ ମଧ୍ୟରେ ସର୍ଜନଶୀଳତା ବା ଲେଖିବାର ପ୍ରବଣତା ସୃଷ୍ଟି କରିଥାଏ । ପ୍ରାବନ୍ଧିକଙ୍କ ମତରେ– 'ପତ୍ରିକା-ପାଠର ଆଉ କେତେକ ସୁଫଳ ଏଠାରେ ଉଲ୍ଲେଖ କରାଯାଉଅଛି । ପାଠକମାନଂକ ମଧ୍ୟରୁ କାହାରି ମନରେ ରଚନାତ୍ମକ ପ୍ରବନ୍ଧର ପ୍ରଭାବ ସହଜରେ ଅଙ୍କୁରିତ ହୁଏ । ପୁସ୍ତକ-ପାଠରେ ସେପରି ହେଉଥିବାର ଦେଖାଯାଏ ନାହିଁ । ଏପରି ପାଠକ, ତନ୍ମଧ୍ୟରେ ବିଶେଷତଃ ତରୁଣ ବୟସ୍କପାଠକ ପ୍ରବନ୍ଧ ସହିତ ଲେଖକର ନାନା ଲିପିବଦ୍ଧ ଦେଖିବାକୁ ଅଭିଳାଷୀ ହୋଇ ରଚନାର 'ସିଦ୍ଧିରସ୍ତୁ' ଆରମ୍ଭ କରିଥାନ୍ତି । ଏପରି ଅଭିଳାଷ ସାହିତ୍ୟ ବିକାଶର ଅନୁକୂଳ, ଏଣୁ ସମ୍ବୋଧନୀୟ ।' (ଚନ୍ଦ୍ରମୋହନ ଗ୍ରନ୍ଥାବଳୀ, ପୃଷ୍ଠା– ୨୧୦) ପତ୍ରିକାର ଏହିପରି ବହୁ ଉପଯୋଗିତା ସଂପର୍କରେ ସୂଚନା ଦେଲେ ବି, ପ୍ରାବନ୍ଧିକ ପୁସ୍ତକକୁ ନ୍ୟୁନ ଦେଖେଇବାକୁ ଚାହିଁନାହାନ୍ତି । ଏ ସଂପର୍କରେ ସେ ସ୍ୱୀକାରୋକ୍ତି ପ୍ରଦାନ କରିଛନ୍ତି ଏହି ପ୍ରବନ୍ଧରେ– 'ଏହା ବୋଲି ପୁସ୍ତକ-ପାଠ ହେୟ ଓ ପତ୍ରିକା-ପାଠ ହିଁ ଉପାଦେୟ, ଏହା ବୋଲିବା ଆମ୍ଭମାନଙ୍କର ଅଭିପ୍ରାୟ ନୁହେଁ । ପୁସ୍ତକ-ପାଠରେ ମଧ୍ୟ ଉପଯୋଗିତା ଅଛି, କିନ୍ତୁ ତାହା ଅଦ୍ୟ ଅଲୋଚ୍ୟ ବିଷୟ ନୁହେଁ ।' (ଚନ୍ଦ୍ରମୋହନ ଗ୍ରନ୍ଥାବଳୀ, ପୃଷ୍ଠା– ୨୧୦)

ଶିକ୍ଷା ସଂବନ୍ଧୀୟ ତାଂକ ପ୍ରବନ୍ଧଗୁଡିକ ଖୁବ୍ ମାର୍ମିକ ଓ ଆକର୍ଷକ । ଛାତ୍ରଛାତ୍ରୀଙ୍କ ମେଧାଶକ୍ତିର ଉନ୍ନତି ପାଇଁ ଏହି ପ୍ରବନ୍ଧଗୁଡିକର ଆବଶ୍ୟକତା ରହିଛି । ଏହି ଧରଣର ପ୍ରବନ୍ଧଗୁଡିକ ହେଲା– 'ଭୂଗୋଳ ବିଦ୍ୟା', 'ବାଣିଜ୍ୟ' ଓ 'ଇତିହାସ' । ଏହି ପ୍ରବନ୍ଧର ଆଦ୍ୟରେ ସେ ପ୍ରତ୍ୟେକର ସଂଜ୍ଞା, ସ୍ୱରୂପ ନିର୍ଦ୍ଧାରଣ କରିଛନ୍ତି । ପ୍ରାବନ୍ଧିକ ଭୂଗୋଳକୁ ଭୂଗୋଳ ବିଜ୍ଞାନ କହିବା ସହିତ ଏହାକୁ ତିନି ଭାଗରେ ବିଭକ୍ତ କରି ଏହାର ଯଥାର୍ଥତା ପ୍ରତିପାଦନ କରିବାକୁ ଚେଷ୍ଟା କରିଛନ୍ତି । ୧) ଗାଣିତିକ, ୨) ରାଜନୀତିକ, ୩) ପ୍ରାକୃତିକ । ଚନ୍ଦ୍ରମୋହନଙ୍କ ମତରେ ସୌରଜଗତ ସହ ସଂପର୍କିତ ତଥ୍ୟ ଗାଣିତିକ, ମାନବ ସମାଜର ଆଚାର, ବ୍ୟବହାର, ଶିକ୍ଷା ଓ ମାନବକୃତ ଭୂପୃଷ୍ଠର ବୈଚିତ୍ର୍ୟ ରାଜନୀତିକ ଏବଂ ପ୍ରକୃତି ପରିବର୍ତନର ନୈସର୍ଗିକ କାରଣ ସଂପର୍କିତ ତଥ୍ୟ ହେଉଛି ପ୍ରାକୃତିକ ଭୁଗୋଳ ବିଜ୍ଞାନ । ଏହା ବ୍ୟତୀତ ଭୂଗୋଳ ବିଦ୍ୟା ସହିତ ଇତିହାସ, ଜ୍ୟୋତିର୍ବିଦ୍ୟା, ଭୂତତ୍ୱ ବିଦ୍ୟା, ଉଦ୍ଭିଦ ବିଦ୍ୟା, ଜୀବତତ୍ୱ ବିଦ୍ୟାର ଘନିଷ୍ଠତାକୁ ସ୍ୱୀକାର କରିବା ସହିତ ଇତିହାସ ଓ ଭୂଗୋଳ ବିଦ୍ୟାର ଘନିଷ୍ଠତା ଯେ ସର୍ବାଧିକ ତାହାର ସୂଚନା ଦେଇଛନ୍ତି । ଭୂଗୋଳ ବିଜ୍ଞାନର ଚର୍ଚ୍ଚା ଊନବିଂଶ ଶତାବ୍ଦୀର ପ୍ରଥମ ଦଶକରୁ ଆରମ୍ଭ ବୋଲି ପ୍ରାବନ୍ଧିକ ଚନ୍ଦ୍ରମୋହନ ମହାରଣା ଯୁକ୍ତି ଦର୍ଶାଇଛନ୍ତି । ୟୁରୋପୀୟମାନଂକର ରାଜ୍ୟ ବିସ୍ତାର, ବାଣିଜ୍ୟ, ଧନବୃଦ୍ଧି, ଧର୍ମପ୍ରଚାର, ଦେଶଭ୍ରମଣ, ନୂତନ ନୂତନ ଆବିଷ୍କାର ଲାଳସା ପାଇଁ ଭୂଗୋଳ ବିଜ୍ଞାନର ପୁଷ୍ଟିସାଧନ ହୋଇଛି ବୋଲି ପ୍ରାବନ୍ଧିକ ମତପୋଷଣ କରିଛନ୍ତି ।

'ବାଣିଜ୍ୟ' ପ୍ରବନ୍ଧରେ ବାଣିଜ୍ୟର ସଂଜ୍ଞା ନିରୂପଣ କରି ପ୍ରାବନ୍ଧିକ କହନ୍ତି– ଭିନ୍ନ ଭିନ୍ନ ଦେଶ ମଧ୍ୟରେ ମାନବ ସମାଜର ପ୍ରୟୋଜନୀୟ ଦ୍ରବ୍ୟମାନଂକର ଆଦାନ ପ୍ରଦାନକୁ ବାଣିଜ୍ୟ କୁହାଯାଏ । ମଣିଷର ଅସଂଖ୍ୟ ଅଭାବ ରହିଛି ଏବଂ ତାହା ପୂରଣ ପାଇଁ ସହସ୍ର ସହସ୍ର ଦ୍ରବ୍ୟର ଆବଶ୍ୟକତା ମଧ୍ୟ ରହିଛି, ଯାହା କୌଣସି ଜଣେ ବ୍ୟକ୍ତି ଦ୍ୱାରା ବା ରାଷ୍ଟ୍ର ଦ୍ୱାରା ପ୍ରସ୍ତୁତ ହୋଇନଥାଏ । ତେଣୁ ବାଣିଜ୍ୟ କାରବାରର ଆବଶ୍ୟକତା ଦେଖାଦେଇଛି । ପୂର୍ବରୁ ବିନା ମୁଦ୍ରାରେ ବାଣିଜ୍ୟ ହେଉଥିଲା, ଏବେ ମୁଦ୍ରା ବାହୁଲ୍ୟ ପାଇଁ ବାଣିଜ୍ୟର ବିସ୍ତାର ଘଟିଛି । ପ୍ରାବନ୍ଧିକଙ୍କ ମତରେ ଶିଳ୍ପୋନ୍ନତି ହେଲେ ବାଣିଜ୍ୟର ଶ୍ରୀବୃଦ୍ଧି ହୋଇପାରିବ । ଉପକୂଳବର୍ତୀ ଅଂଚଳରେ ଅଧିକ ବାଣିଜ୍ୟ କାରବାର ହୋଇଥାଏ । ପ୍ରାବନ୍ଧିକ ଏହି ପ୍ରବନ୍ଧରେ ପୃଥିବୀର, ଭାରତର ସର୍ବୋପରି ଓଡିଶାର ବିଭିନ୍ନ ବାଣିଜ୍ୟିକ ସ୍ଥାନର ନାମ ଉଲ୍ଲେଖ କରିଛନ୍ତି । ଏହା ସହିତ ବିଶ୍ୱର ସର୍ବୋତ୍କୃଷ୍ଟ ବାଣିଜ୍ୟିକ ସହରର ନାମ ମଧ୍ୟ ଉଲ୍ଲେଖ କରିଛନ୍ତି ।

ଉପରୋକ୍ତ ପ୍ରବନ୍ଧରେ ୟୁରୋପୀୟମାନଙ୍କ ବାଣିଜ୍ୟ ନିପୁଣତାକୁ ପ୍ରଶଂସା କରାଯାଇଛି । ପରେପରେ ଜାପାନୀମାନେ ହିଁ ୟୁରୋପୀୟମାନଂକ ସହିତ ସଫଳ ପ୍ରତିଯୋଗିତା କରିପାରିଛନ୍ତି । ପ୍ରାଚୀନ କାଳରୁ ଭାରତରେ ଉପନିବିଷ୍ଟ ପାରସୀ ଜାତିର ବାଣିଜ୍ୟ ପ୍ରତିଷ୍ଠା ଭାରତୀୟମାନଙ୍କର ଲୁପ୍ତ ବାଣିଜ୍ୟ-ଗୌରବ ଉଦ୍ଧାର କରିପାରିବ ବୋଲି ମନେ କରିଛନ୍ତି ପ୍ରାବନ୍ଧିକ । ସେହିପରି ଭାରତର ଯୋଧପୁର, ମାନ୍ଦ୍ରାଜ ପ୍ରଭୃତି ସହର ମଧ୍ୟ ବାଣିଜ୍ୟର ପ୍ରମୁଖ ସହର ଭାବେ ପ୍ରତିଷ୍ଠିତ ହୋଇପାରିଛି । ଜଣେ ବାଲେଶ୍ୱରବାସୀ ହିସାବରେ ଓଡିଶାର ମୁଖ୍ୟ ବାଣିଜ୍ୟିକ ସହର ବାଲେଶ୍ୱର ବିଷୟରେ ମତ ଦେବାକୁ ଏହି ପ୍ରବନ୍ଧରେ ସେ ଭୁଲିନାହାନ୍ତି । ବାଣିଜ୍ୟ କାରବାରରେ ବାଲେଶ୍ୱରର ସ୍ଥିତି ସଂପର୍କରେ ଚନ୍ଦ୍ରମୋହନଙ୍କ ମନ୍ତବ୍ୟ ହେଲା– 'ଉତ୍କଳରେ ବାଲେଶ୍ୱରବାସୀମାନେ ବାଣିଜ୍ୟ ସ୍ପୃହା ନିମନ୍ତେ ଖ୍ୟାତ ଥିଲେ । ମାତ୍ର ଭାରତର ପାଶ୍ଚାତ୍ୟ ଜାତିମାନଂକର ପ୍ରତିଯୋଗିତାରେ ବାଣିଜ୍ୟ-ଲକ୍ଷ୍ମୀ ସେମାନଙ୍କ ଠାରୁ ମେଲାଣି ଘେନିଲେଣି ।' (ଚନ୍ଦ୍ରମୋହନ ଗ୍ରନ୍ଥାବଳୀ, ପୃଷ୍ଠା– ୨୧୮)

'ଇତିହାସ' ଚନ୍ଦ୍ରମୋହନଙ୍କ ଏକ ଉଚ୍ଚକୋଟୀର ପ୍ରବନ୍ଧ । ଏଥିରେ ଗ୍ରୀସୀୟ ହାଇରଡଟସ୍‌ଙ୍କୁ ଇତିହାସର ଗୁରୁ ଆଖ୍ୟା ଦେବା ସହିତ ଇତିହାସର ଉପାଦାନ ଭାବରେ କିମ୍ବଦନ୍ତୀ ଓ ଜନଶ୍ରୁତିକୁ ଗ୍ରହଣ କରିଛନ୍ତି । ଇତିହାସର ଉପାଦାନ ଭାବେ ଦେବାଳୟ, ବନ୍ଧ, ସେତୁ, ମୁଦ୍ରା, ମୃତ ବ୍ୟକ୍ତିର ସମାଧି-ସ୍ଥାନ, ତାମ୍ର-ଫଳକ, ପ୍ରସ୍ତର-ଫଳକ, ସନନ୍ଦ ଇତ୍ୟାଦିକୁ ଗ୍ରହଣ କରିବା ସହିତ ମାଦଳାପାଞ୍ଜିକୁ ଉତ୍କଳର ଇତିହାସ ଭାବେ ଦର୍ଶାଇଛନ୍ତି । ମାତ୍ର; ଉପରୋକ୍ତ ଉପାଦାନଗୁଡିକ ମଧ୍ୟରୁ ତାମ୍ରଫଳକକୁ ସର୍ବୋତ୍କୃଷ୍ଟ ଭାବେ ଗ୍ରହଣ କରିଛନ୍ତି ପ୍ରାବନ୍ଧିକ । ପ୍ରାବନ୍ଧିକଙ୍କ ମତରେ ସ୍ୱଦେଶ, ସ୍ୱଜାତି ଓ ସ୍ୱବଂଶୀୟ ଲୋକମାନେ ଇତିହାସରେ ବିଜ୍ଞ ହେଲେ ମାନବ ଆପଣାର ଦାୟିତ୍ୱ ଓ ଅଧିକାର ଠିକ୍ ଭାବରେ ବୁଝିପାରେ । ଏହି ଅଭିଜ୍ଞତା ବ୍ୟକ୍ତି ବିଶେଷକୁ କୁକର୍ମ ଓ କୁପଥରୁ ନିବର୍ତାଇଅଛି । ଏହି ଅଭିଜ୍ଞତା ଇଂଲଣ୍ଡ ପରି ଏକ ଦେଶର ଶାସନ ତନ୍ତ୍ରକୁ ଦୃଢ ମୂଳଦୁଆ ପ୍ରଦାନ

କରିଛି । ଏହା ମଧ୍ୟ ଅନେକ ମହାତ୍ମାଙ୍କୁ ଆତ୍ମୋତ୍ସର୍ଗ ବ୍ରତରେ ଦୀକ୍ଷିତ କରିଅଛି । ଏହା ସହିତ ଗୋଟିଏ ଉନ୍ନତ ଜାତିର ଇତିହାସ ଗୋଟିଏ ହୀନବସ୍ଥ୍ୟ ଜାତି ମନରେ ଉତ୍ସାହ ସଂଚାର କରେ, ମନୋବଳ ବୃଦ୍ଧିକରେ ଓ ପଥ ପ୍ରଦର୍ଶନ କରେ । ପୁଣି ବର୍ତ୍ତମାନ ଯେଉଁ ଅଧଃପତିତ ଜାତିର ପୂର୍ବପୁରୁଷମାନେ ପ୍ରାଚୀନ କାଳରେ ଗରୀୟାନ ଥିଲେ, ସେ ଜାତି ଅତୀତ ଓ ବର୍ତମାନ ତୁଳନା କରି ଭବିଷ୍ୟତରେ ଲୁପ୍ତ ଗୌରବର ଉଦ୍ଧାର ନିମନ୍ତେ ପ୍ରୋତ୍ସାହିତ ହୋଇଥାଏ । ଏଥିରୁ ଇତିହାସର ଗୁରୁତ୍ୱ ପ୍ରତିପାଦନ କରିବା ପାଇଁ ଚେଷ୍ଟା କରିଛନ୍ତି ପ୍ରାବନ୍ଧିକ ।

ଚନ୍ଦ୍ରମୋହନଙ୍କ ମତରେ ଇତିହାସର କ୍ଷେତ୍ର ଅତି ବ୍ୟାପକ । ଯାହାର ଉତ୍ପତ୍ତି, ସ୍ଥିତି, ବିଲୟ ଅଛି ତାହା ଇତିହାସ ପର୍ଯ୍ୟାୟଭୁକ୍ତ । ରାଜା, ରାଜବଂଶ, ମାନବଜାତି ସବୁ ଏଥିରେ ଅନ୍ତର୍ଭୁକ୍ତ । ବିଭିନ୍ନ ଯୁଦ୍ଧର, ମାନବୀୟ ବିଭିନ୍ନ ଧର୍ମ ସଂପ୍ରଦାୟର, ବାଷ୍ପୀୟ ଯନ୍ତ୍ରର, ଚିତ୍ରବିଦ୍ୟା ଓ ସଂଗୀତ ଶାସ୍ତ୍ରର ଯେପରି ଇତିହାସ ଲେଖାଯାଏ ସେହିପରି ସୂକ୍ଷ୍ମ ବଟବୀଜ, ଧୂଳିକଣା ଓ ସୃଷ୍ଟିତତ୍ୱର ମଧ୍ୟ ଇତିହାସ ଲେଖା ଯାଇପାରେ । ମାତ୍ର ଇତିହାସ ଲେଖିବା ପାଇଁ ଅକ୍ଳାନ୍ତ ପରିଶ୍ରମ ଓ ଦୃଢ ଅଧ୍ୟବସାୟ ଜରୁରୀ ବୋଲି ପ୍ରାବନ୍ଧିକ ମତପୋଷଣ କରିଛନ୍ତି । ଇତିହାସ ଲେଖିବାରେ ସ୍ୱଚ୍ଛତା ଓ ସଚ୍ଚୋଟତା ଆବଶ୍ୟକ । ଏଥିରେ ମିଥ୍ୟା ଲେଖିଲେ ଆମର ଅତୀତ ଇତିହାସ କଳଂକିତ ହୋଇଥାଏ । ସତ୍ୟ ପ୍ରତି ଅଟଳ ଭକ୍ତି ଇତିହାସ-ପ୍ରଣେତାଙ୍କର ପ୍ରଧାନ ଲକ୍ଷଣ ହେବା ବିଧେୟ । ଇତିହାସ ଓ ତା ଅନ୍ତର୍ଗତ ମହାପୁରୁଷଙ୍କ ଜୀବନୀ ପାଠକଲେ ମନର ସଂକୀର୍ଣ୍ଣତା ଓ ଅହଂକାର ଦୂର ହୁଏ ଓ ପୂର୍ଣ୍ଣାଙ୍ଗ ଇତିହାସ ପାଠକଲେ ବିପୁଳ ଅଭିଜ୍ଞତା ଜନ୍ମେ ଓ ସଂସାର ଯାତ୍ରା ସୁଖମୟ ହୁଏ । ଏହି ପ୍ରବନ୍ଧ ମାଧ୍ୟମରେ ପ୍ରାବନ୍ଧିକ ଆମର ସଭ୍ୟତା, ସଂସ୍କୃତି, ଶାସ୍ତ୍ର-ପୁରାଣ, ସଂଗୀତ ଶାସ୍ତ୍ର, ଦର୍ଶନ ଶାସ୍ତ୍ର ପ୍ରଭୃତିର ଇତିହାସ ଲିପିବଦ୍ଧ କରିବାକୁ ସେ ବୁଦ୍ଧିଜୀବୀମାନଂକୁ ଆହ୍ୱାନ କରିଛନ୍ତି ।

ଓଡିଶାର ଚାରିଜଣ ବରେଣ୍ୟ ସାହିତ୍ୟିକଙ୍କ ସଂପର୍କରେ ସେ ରଚନା କରିଛନ୍ତି ଚାରୋଟି ପ୍ରବନ୍ଧ । ଏହି ଚାରିଜଣ ପ୍ରବାଦ-ପୁରୁଷ ହେଲେ ଶ୍ରୀଧର ସ୍ୱାମୀ, କବିବର ରାଧାନାଥ, ସରସ୍ୱତୀ ଫକୀରମୋହନ ଓ ବିଶ୍ୱନାଥ କବିରାଜ । ଶ୍ରୀଧର ସ୍ୱାମୀ ଏକ କ୍ଷୁଦ୍ର ପ୍ରବନ୍ଧ । ଏହି ପ୍ରବନ୍ଧରେ ସେ ଶ୍ରୀଧର ସ୍ୱାମୀଙ୍କ ଜନ୍ମ ବୃତାନ୍ତ ସହ ସାମାନ୍ୟ ସାହିତ୍ୟିକ କୃତୀର ବର୍ଣ୍ଣନା ଦେଇଛନ୍ତି । ବାଲେଶ୍ୱର ଜିଲ୍ଲାର ରେମୁଣା ପାର୍ଶ୍ୱବର୍ତୀ ବଡସୋନ ଓ ଗାଙ୍ଗାହାର ନାଦୀ କୂଳବର୍ତ୍ତୀ ମରେଇଗାଁ ଶ୍ରୀଧରଙ୍କ ଜନ୍ମଭୂମି । ସେ ଶ୍ରୀମଦ୍ ଭାଗବତ ଓ ଶ୍ରୀମଦ୍ ଭଗବତ ଗୀତାର ଟୀକାକାର । ଶ୍ରୀଧରଙ୍କ କୌଣସି ଲେଖା ପ୍ରକାଶିତ ହୋଇନଥିବାରୁ ଓ ତାଂକ ସଂପର୍କରେ କୌଣସି ସ୍ଥାନରେ ଆଲୋଚନା ନଥିବାରୁ ଚନ୍ଦ୍ରମୋହନ ଏହି ପ୍ରବନ୍ଧ ଲେଖିଛନ୍ତି ବୋଲି ସ୍ୱୀକାର କରିଛନ୍ତି । ଅନ୍ୟ ତିନୋଟି ଜୀବନୀ ପ୍ରବନ୍ଧର କଳେବର ଦୀର୍ଘ । ମାତ୍ର ସେଥିରେ ମଧ୍ୟ ସେହି ବରପୁତ୍ରମାନଂକର ଜନ୍ମ, ଜୀବନୀ ଓ ସେମାନଂକର ପ୍ରତିଭା ସଂପର୍କରେ ଆଲୋଚନା କରାଯାଇଛି ।

ପ୍ରାବନ୍ଧିକ ମନେକରନ୍ତି, ଯେକୌଣସି ବ୍ୟକ୍ତି ସମ୍ବନ୍ଧରେ ଆଲୋଚନା କରିବାର ଉପଯୁକ୍ତ ସମୟ ତାର ମୃତ୍ୟୁର ପର ମୁହୂର୍ତ । ଫଳରେ ସେ ବ୍ୟକ୍ତିକୁ ଉପଯୁକ୍ତ ସମ୍ମାନ ମିଳିପାରିବ । ସେମାନଙ୍କ ଜୀବଦ୍ଦଶାରେ ଯେଉଁମାନେ ସେମାନଂକ ସଂପର୍କରେ ଜାଣିନଥିବେ ବା ଜାଣିବାର ଅବକାଶ ପାଇନଥିବେ, ସେମାନେ ମୃତ୍ୟୁ ପରେ ଏହି ମହାନ୍ ଆତ୍ମାମାନଙ୍କ ସଂପର୍କରେ ଜାଣିବାର ସୁଯୋଗ ପାଇବେ ଓ ସେମାନଂକ ସାହିତ୍ୟ ପ୍ରତି, ଆମ ସମାଜ ପ୍ରତି ଏମାନଂକ ତ୍ୟାଗ ଓ ନିଷ୍ଠାକୁ ସମସ୍ତେ ସମ୍ମାନ ଦେବା ସହ ଏମାନଂକ ପଦାଙ୍କ ଅନୁକରଣ କରିବାକୁ ଅନେକେ ଆଗଭର ହେବେ । ସେହି ନ୍ୟାୟରେ ବୋଧହୁଏ ସେ ରାଧାନାଥଙ୍କ ଉଦ୍ଦେଶ୍ୟରେ ଲିଖିତ ପ୍ରବନ୍ଧଟିର ନାମକରଣ କରିଛନ୍ତି ’ପରଲୋକଗତ ରାଧାନାଥ ରାୟ’ । ଉକ୍ତ ପ୍ରବନ୍ଧରେ ରାଧାନାଥଙ୍କ ଛାତ୍ରାବସ୍ଥାର ଉତ୍କର୍ଷତା ଓ ପ୍ରଚଣ୍ଡ ଧୀଶକ୍ତିର ପ୍ରଶଂସା କରିବା ସହିତ ସେ ଯେ ଜଣେ ଖୁବ୍ ବିନୟୀ ସ୍ୱଭାବର ବ୍ୟକ୍ତି ଥିଲେ ତାହା ଦର୍ଶାଇଛନ୍ତି ପ୍ରାବନ୍ଧିକ । ରାଧାନାଥଙ୍କ ଏକ ଉକ୍ତିକୁ ଏଠାରେ ଉଦ୍ଧାର କରିଛନ୍ତି ଚନ୍ଦ୍ରମୋହନ । ‘ମୁଁ କିଛି ନୁହେଁ, ଏତିକି ମନେକଲେ ତ ଅହଙ୍କାର ମନରେ ସ୍ଥାନ ପାଇପାରିବ ନାହିଁ ।’ (ଚନ୍ଦ୍ରମୋହନ ଗ୍ରନ୍ଥାବଳୀ, ପୃଷ୍ଠା- ୨୩୪) ସେହିପରି ଫକୀରମୋହନ ମଧ୍ୟ ଦୟା ଓ କ୍ଷମାର ଅବତାର ଥିଲେ ବୋଲି ସେ ’ଫକୀରମୋହନ’ ପ୍ରବନ୍ଧରେ ଦର୍ଶାଇଛନ୍ତି । ‘ସାହିତ୍ୟ-ଦର୍ପଣକାର’ ପ୍ରବନ୍ଧରେ ବିଶ୍ୱନାଥ କବିରାଜଙ୍କ ପାଣ୍ଡିତ୍ୟକୁ ପ୍ରଶଂସା କରିବା ସହିତ, ସେ ଯେ ଜଣେ ଉତ୍କଳୀୟ ସେଥିପାଇଁ ଚନ୍ଦ୍ରମୋହନ ଗର୍ବ ଅନୁଭବ କରିଛନ୍ତି ।

ବିଶ୍ୱନାଥ କବିରାଜ ଜଣେ ବିଦ୍ୱାନ ଥିଲେ ଓ ଏକ ପଣ୍ଡିତ ବଂଶରେ ଜନ୍ମଗ୍ରହଣ କରିଥିଲେ । ସେ ଅଠରଟି ଭାଷାରେ ପାରଦର୍ଶିତା ଅର୍ଜନ କରିଥିଲେ । କାବ୍ୟର ପରିଭାଷା ବିଭିନ୍ନ ବିଦ୍ୱାନମାନେ ଭିନ୍ନଭିନ୍ନ ପ୍ରକାରେ ପ୍ରଦାନ କରିଛନ୍ତି ; ମାତ୍ର ‘ସାହିତ୍ୟଦର୍ପଣ’ରେ ବିଶ୍ୱନାଥଙ୍କ ସଂଜ୍ଞା- ବାକ୍ୟଂ ରସାତ୍ମକଂ କାବ୍ୟଂ, ସର୍ବାଧିକ ତାତ୍ପର୍ଯ୍ୟପୂର୍ଣ୍ଣ । ଏଥିରୁ ବିଶ୍ୱନାଥଙ୍କ ପାଣ୍ଡିତ୍ୱ ସ୍ପଷ୍ଟ ଅନୁମେୟ । ଏହିପରି ଭାବରେ ପ୍ରାବନ୍ଧିକ ଓଡିଶାର ବରପୁତ୍ରମାନଙ୍କର ସ୍ମୃତିଚାରଣ କରିବା ସହିତ ସେମାନଙ୍କୁ ମନେପକେଇବାର ପ୍ରାସଙ୍ଗିକତାକୁ ଏଠାରେ ଉପସ୍ଥାପନ କରିଛନ୍ତି ।

‘ସ୍ୱପ୍ନ’ ପ୍ରାବନ୍ଧିକ ଚନ୍ଦ୍ରମୋହନଙ୍କ ଏକ ସ୍ୱତନ୍ତ୍ର ପ୍ରବନ୍ଧ । ଏଥିରେ ସେ ସ୍ୱପ୍ନର ବିଭିନ୍ନ ଅବସ୍ଥା ସଂପର୍କରେ ବର୍ଣ୍ଣନା କରିବା ସହିତ କେତୋଟି ସ୍ୱପ୍ନର ମଧ୍ୟ ବ୍ୟାଖ୍ୟା କରିଛନ୍ତି । ନିଦ୍ରା ଓ ଜାଗରଣ ଭେଦରେ ପ୍ରାଣୀର ଦ୍ୱିବିଧ ଅବସ୍ଥା ସଂପର୍କରେ ସୂଚନା ଦେଇଛନ୍ତି । ନିଦ୍ରା, ସ୍ୱପ୍ନ ଓ ସୁଷୁପ୍ତି ଭେଦରେ ଦୁଇଭାଗରେ ବିଭକ୍ତ । ସ୍ୱପ୍ନ ହେଉଛି ଜାଗରଣ ଓ ସୁଷୁପ୍ତିର ସନ୍ଧିସ୍ଥଳ । ମଣିଷ ଜାଗ୍ରତ ଅବସ୍ଥାରେ ମଧ୍ୟ ସ୍ୱପ୍ନ ଦେଖିଥାଏ । ଚନ୍ଦ୍ରମୋହନ ପୁନଶ୍ଚ ସ୍ୱପ୍ନର କାରଣ ସଂପର୍କରେ ମଧ୍ୟ ସୂଚନା ଦେଇଛନ୍ତି । ଯଥା- ବାହ୍ୟକାରଣ ଓ ଅନ୍ତର୍ନିହିତ କାରଣ । ବାହ୍ୟକାରଣ ହେଉଛି ମଣିଷର ଦୈନନ୍ଦିନ ଜୀବନରେ ଘଟୁଥିବା ସମସ୍ତ ଘଟଣାବଳୀ । ଅଭ୍ୟନ୍ତରୀଣ କାରଣ ମଧ୍ୟ ଦୁଇପ୍ରକାର । ଯଥା- ମାନସିକ ଓ ଶାରୀରିକ । ମଣିଷର କ୍ରୋଧ, ବାତ୍ସଲ୍ୟ, ବାସନା ଇତ୍ୟାଦି ମାନସିକ କାରଣ । ବିଭିନ୍ନ ରୋଗର ଆଧିକ୍ୟ ମାନସିକ କାରଣ ଅଟେ । ସ୍ୱପ୍ନ ସମୟରେ ମନରର ଗତି ଅତି କ୍ଷୀପ୍ର । ଜାଗରଣ କାଳରେ ଅନୁଭୂତ ବିଷୟ ସ୍ୱପ୍ନରେ ସୁନ୍ଦର ରୂପେ ପୁନରନୁଭୂତ ହୁଏ । ମଣିଷର ଯେଉଁ ବିଷୟରେ ପ୍ରବଳ ଅଗ୍ରହ ଥାଏ ଏବଂ ଭାବୁଥାଏ ତାହା ସ୍ୱପ୍ନର ବିଷୟୀଭୂତ ହୁଏ । ଏହା ସହିତ କୃତ୍ରିମ ଉପାୟରେ ମଧ୍ୟ ନିଦ୍ରିତ ଲୋକର ସ୍ୱପ୍ନ ଜାତ କରାଯାଇପାରେ । ନେତ୍ରଚ୍ଛଦ ଉପରେ ଆଲୋକ-ରଶ୍ମି ପକାଇଲେ ଦାହର ସ୍ୱପ୍ନ ବିଷୟ ହେବ; ନିଦ୍ରିତ ଲୋକପାଖରେ ମୁଗ ପ୍ରଭୃତି ଭାଜିଲେ ଯୁଦ୍ଧର ସ୍ୱପ୍ନ ହୋଇପାରେ । ବିଶେଷକରି ଜାଗ୍ରତ ଅବସ୍ଥାରେ ମସ୍ତକ ବା ବକ୍ଷରେ ଆର୍ଦ୍ର ଓ ଶୀତଳ ପବନ ଲାଗିଲେ ଭୀଷଣ ସ୍ୱପ୍ନ ଅନୁଭୁତ ହୋଇଥାଏ ।

ସ୍ୱପ୍ନଦୋଷକୁ ନିବାରଣ କରିବାର ଉପାୟ ମଧ୍ୟ ଉପସ୍ଥାପନ କରିଛନ୍ତି ଚନ୍ଦ୍ରମୋହନ । ଶୀତଳ ବାୟୁ ସ୍ପର୍ଶରେ ଯେଉଁ ସ୍ୱପ୍ନ ହୁଏ, ଶଯ୍ୟାର ନିକଟରେ ବା କିଂଚିତ୍ ଦୂରରେ ଅଗ୍ନି ସଂସ୍ଥାପନ ଦ୍ୱାରା ତାହା ନିବାରିତ ହୁଏ । ବାୟୁର ଆଧିକ୍ୟରେ ଯେଉଁ ସ୍ୱପ୍ନ ହୁଏ, ଆର୍ଦ୍ର ବସ୍ତ୍ର ଦ୍ୱାରା ଦେହ ପୋଛି ଅଥବା ଶୀତଳ ଜଳ ପାନକରି ନିଦ୍ରିତ ହେଲେ ତାହାର ନିବାରଣ ହୋଇପାରେ । ଦୂଷିତ ବାଷ୍ପ ଦ୍ୱାରା ଉତ୍ପନ୍ନ ସ୍ୱପ୍ନ ହୋମ ଦ୍ୱାରା ନିବାରିତ ହୋଇଥାଏ । ଏହିପରି ଭାବରେ ପ୍ରାବନ୍ଧିକ ସ୍ୱପ୍ନର ଉତ୍ସ ଓ ତାହାର ନିରାକରଣର ପ୍ରକ୍ରିୟା ସଂପର୍କରେ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି ।

ସ୍ୱପ୍ନ ପ୍ରବନ୍ଧରେ ଚନ୍ଦ୍ରମୋହନ ଉଦାହରଣ ସ୍ୱରୂପ କେତୋଟି ସ୍ୱପ୍ନର ଅବତାରଣା କରିଛନ୍ତି । ସେଥିରୁ ଏଠାରେ ଗୋଟାଏ ସ୍ୱପ୍ନର ଆଲୋଚନା କରାଗଲା । ସ୍ୱପ୍ନଟି ଏହିପରି- ଇଂଲଣ୍ଡର କୌଣସି ଏକ ବୋର୍ଡିଂ ସ୍କୁଲରେ

ଗୋଟିଏ ପିଲା ପଢୁଥିଲା । ଛାତ୍ରାବାସର ନିୟମ ଅନୁଯାୟୀ ସମସ୍ତେ ଶୋଇଲା ପରେ କକ୍ଷଗୁଡିକୁ ବାହାରୁ ବନ୍ଦ କରିଦିଆଯାଏ । ଦିନେ ରାତିରେ ସେ ପିଲାଟିର ନିଦ ଭାଙ୍ଗିଲା ଏବଂ ସେ ଦେଖିଲା ତା ବାପା ତା ଶଯ୍ୟା ପାଖରେ ଦଣ୍ଡାୟମାନ । ସେ ଉଠୁଉଠୁ ତା ବାପାଙ୍କ ଆକୃତି ଧୀରେଧୀରେ ଦ୍ୱାରାଭିମୁଖୀ ହେଲା । ପିଲାଟି ତା ପଛେପଛେ ଗଲା ଓ ଦେଖିଲା ଦ୍ୱାରଟି ବନ୍ଦ । ପୁଣି ବିଛଣା ପାଖକୁ ଫେରିଲା ଦେଖିଲା କକ୍ଷ ଅନ୍ଧକାରମୟ । ସେ ବିସ୍ମିତ ହେଲା, ଡରିଗଲା । ଦୀପ ଜାଳି ଏହି ଘଟଣା ଲେଖି ସେ ପୁନର୍ବାର ଶୋଇ ପଡିଲା । ଶୋଇବାର କିଛିକ୍ଷଣ ପରେ ପୁଣି ସେହି ଘଟଣାର ପୁନରାବୃତ୍ତି ଘଟିଲା । ତାପରେ ସେ ଆଉ ଶୋଇ ପାରିଲା ନାହିଁ । ପିତା-ପୁତ୍ରଙ୍କ ବାତ୍ସଲ୍ୟ ପ୍ରବଳ ଥିଲା । ସକାଳୁ ଉଠି ସେ ଘରକୁ ଗଲା । ଜାଣିଲା ପୂର୍ବ ରାତ୍ରିର ପ୍ରଥମ ଦୁଇଥର ସେ ଯେତେବେଳେ ତା ବାପାଙ୍କ ମୂର୍ତ୍ତି ଦେଖିଥିଲା ତାର ରୁଗ୍‌ଣ ଓ ଶଯ୍ୟାଶାୟୀ ବାପା ତତାକୁ ଦେଖିବାକୁ ବ୍ୟାକୁଳ ହୋଇ ମୂର୍ଚ୍ଛା ଯାଇଥିଲେ ଏବଂ ତୃତୀୟ ଥର ସେ ଯେତେବେଳେ ତା ବାପାଙ୍କ ମୂର୍ତ୍ତି ଦେଖିଲା ସେହି ମୁହୂର୍ତ୍ତରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା । ଏହା ମାଧ୍ୟମରେ ପ୍ରାବନ୍ଧିକ କହିବାକୁ ଚାହିଁଛନ୍ତି ଯେ; ଆମ ପରିବାର, ଆମେ ସାମ୍ନା କରୁଥିବା ବିଭିନ୍ନ ପରିସ୍ଥିତି ଓ ଆମ ଚତୁର୍ପାର୍ଶ୍ୱ, ଯେଉଁମାନଂକ ସହିତ ଆମ ସଂପର୍କ ଘନିଷ୍ଠ ସେମାନଂକ ସୁବିଧା-ଅସୁବିଧା ଆମେ ସ୍ୱପ୍ନ ମାଧ୍ୟମରେ ଜାଣିପାରୁ ।

ଉତ୍କଳ ସାହିତ୍ୟର ସଂପାଦକ ଚନ୍ଦ୍ରମୋହନଙ୍କୁ ଏକ ପ୍ରବନ୍ଧ ଦେବାକୁ ବାରମ୍ବାର ଅନୁରୋଧ କରିଛନ୍ତି । ଏହାର ଉତ୍ତର ଦେବାକୁ ଯାଇ ସେ 'କୈଫିୟତ୍' ନାମକ ଏକ କ୍ଷୁଦ୍ର ପ୍ରବନ୍ଧ ରଚନା କରିଛନ୍ତି । ଏଥିରେ ସେ ଓଡିଶାର ସେହି ସମୟର ଅବସ୍ଥା ସାହିତ୍ୟ ବିକାଶର ଅନୁକୂଳ ନୁହେଁ ବୋଲି ଯୁକ୍ତି ଉପସ୍ଥାପନ କରିଛନ୍ତି । ଓଡିଶାର ଅତୀତର ସ୍ମୃତିଚାରଣ କରିବା ସହିତ, ଆଳସ୍ୟ ଓ ବ୍ୟସନରୁ ମୁକ୍ତ ନହେଲେ ଓଡିଶା ବିଦ୍ୟା ଗୌରବରେ ମହୀୟାନ୍ ହୋଇପାରିବ ନାହିଁ ବୋଲି ପ୍ରାବନ୍ଧିକ ମତପୋଷଣ କରିଛନ୍ତି ।

ପ୍ରାବନ୍ଧିକ ଚନ୍ଦ୍ରମୋହନ ମହାରଣାଙ୍କ ଶେଷ ପ୍ରବନ୍ଧ ଭାବରେ ସ୍ଥାନ ପାଇଛି ୦୫.୧୦.୨୬ ମସିହାରେ ଉତ୍କଳ ସାହିତ୍ୟ ସମାଜର ଏକବିଂଶ ବାର୍ଷିକ ଅଧିବେଶନର ପ୍ରଦାନ କରିଥିବା ଅଭିଭାଷଣ । ଯାହା ଏଠାରେ 'ଅଭିଭାଷଣ' ନାମରେ ସ୍ଥାନିତ । ଏହି ପ୍ରବନ୍ଧରେ ସେ ଓଡିଶା ସଂପର୍କିତ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଛନ୍ତି । ଓଡିଆ କହୁଥିବା ଲୋକେ ବା ଯେଉଁ ଓଡିଆମାନେ ଓଡିଶାର ପଡୋଶୀ ରାଜ୍ୟର ବାସିନ୍ଦା ହୋଇ ରହିଛନ୍ତି ସେହି ଅଂଚଳକୁ ଓଡିଶାରେ ମିଶେଇବାକୁ ସରକାରଙ୍କ ଉଦାସୀନତାକୁ ସେ ଦର୍ଶାଇଛନ୍ତି । ଏହା ସହିତ ଆମ ଭାଷାରେ ଇତିହାସ ଲେଖିବାକୁ ସେ ଆହ୍ୱାନ ଜଣେଇଛନ୍ତି । ଆମର ପଡୋଶୀ ରାଜ୍ୟ ବଙ୍ଗଳାର ମାତୃଭାଷା ପ୍ରୀତିକୁ ଉପସ୍ଥାପନ କରି ଓଡିଆମାନଙ୍କୁ ନିଜର ମାତୃଭାଷା ସଂପର୍କରେ ସଚେତନ କରିବାର ପ୍ରୟାସ କରିଛନ୍ତି । ମାତୃଭାଷାର ସ୍ଥିତି ସଂପର୍କରେ ବିଭିନ୍ନ ଯୁକ୍ତି ମାଧ୍ୟମରେ ଆକର୍ଷିତ କରିବାକୁ ଚେଷ୍ଟା କରିବା ସହିତ ପ୍ରାବନ୍ଧିକ ଚନ୍ଦ୍ରମୋହନ ଆଶାପୋଷଣ କରିଛନ୍ତି ଯେ- 'ସମସ୍ତେ ମନପ୍ରାଣ ଢାଳିଦେଇ ଲାଗି ପଡିଲେ ନିଶ୍ଚୟ ମାତୃଭାଷାର ଉନ୍ନତି ହେବ । ମାତୃ-ଭାଷାରେ ଅଭାବମାନଂକର ପୂରଣ ହେବ ଏବଂ ସଭ୍ୟ ଜଗତରେ ଉନ୍ନତ ଭାଷାମାନଂକ ସହିତ ସମାନ ଆସନରେ ବସିବାକୁ ଇଦାନୀଂ ଆମ୍ଭମାନଙ୍କର ଦୀନା ମାତୃଭାଷା ସମର୍ଥ ହେବ । ' (ଚନ୍ଦ୍ରମୋହନ ଗ୍ରନ୍ଥାବଳୀ, ପୃଷ୍ଠା-୨୬୫)


ଚନ୍ଦ୍ରମୋହନ ମହାରଣା ବ୍ୟାକରଣ ରଚନା ପାଇଁ ପାଠକ ସମାଜରେ ପରିଚିତି ଲାଭ କରିଥିଲେ ହେଁ କବିତା, ଗଳ୍ପ ଓ ପ୍ରବନ୍ଧ ରଚନା କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ବିଶେଷକରି ତାଙ୍କର ପ୍ରବନ୍ଧଗୁଡିକ ଯୁକ୍ତିନିଷ୍ଠ, ବିଶ୍ଳେଷଣାତ୍ମକ ଓ ଶିକ୍ଷାପ୍ରଦ । ସେ ବ୍ୟାକରଣ ସଚେତନ ଥିବାରୁ ତାଂକର ପ୍ରବନ୍ଧଗୁଡିକ ଥିଲା ତ୍ରୁଟିହୀନ । ଜଣେ ସୁଶିକ୍ଷକ ହୋଇଥିବାରୁ ତାଂକ ପ୍ରବନ୍ଧରେ ନୀତି ଓ ଆଦର୍ଶକୁ ବେଶୀ ପରିମାଣରେ ଗୁରୁତ୍ୱ ଦିଆଯାଇଛି । ପ୍ରାବନ୍ଧିକ ହେବାର ଅଭିଳାଷ ପାଇଁ ସେ ଏହି ପ୍ରବନ୍ଧ ସବୁ ରଚନା କରିନଥିଲେ । କେବଳ ଛାତ୍ରଛାତ୍ରୀମାନଂକୁ ଉପରୋକ୍ତ ବିଷୟରେ ସଚେତନ କରିବା ସହ ଓଡିଶାବାସୀଙ୍କୁ ଜାତୀୟତା, ମାତୃଭାଷା ପ୍ରୀତି, ସଭ୍ୟତା, ସଂସ୍କୃତି ସର୍ବୋପରି ନୈତିକ ମୂଲ୍ୟବୋଧରେ ଦୀକ୍ଷିତ କରେଇବା ଥିଲା ତାଙ୍କର ଉଦ୍ଦେଶ୍ୟ । ସେଥିପାଇଁ ସେ 'ଭୂଗୋଳ', 'ବାଣିଜ୍ୟ' ଓ 'ଇତିହାସ' ପ୍ରବନ୍ଧ ରଚନା କରି ଛାତ୍ରଛାତ୍ରୀମାନଙ୍କୁ ଏ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି ଓ 'କୈଫିୟତ୍' ଓ 'ଅଭିଭାଷଣ' ପରି ପ୍ରବନ୍ଧରେ ଉତ୍କଳୀୟତାରେ ସମସ୍ତଙ୍କୁ ଉଦ୍‌ବୁଦ୍ଧ କରିବାକୁ ଚେଷ୍ଟା କରିଛନ୍ତି । ବାସ୍ତବିକ୍ ଓଡିଆ ପ୍ରବନ୍ଧ ରଚନାର ଆଦ୍ୟ ସମୟରେ ପ୍ରାବନ୍ଧିକ ଚନ୍ଦ୍ରମୋହନ ମହାରଣାଙ୍କ ପ୍ରବନ୍ଧ ରଚନାର ସାଧୁ ଉଦ୍ୟମ ପାଇଁ ସଂପ୍ରତି ଓଡିଆ ପ୍ରବନ୍ଧ ସାହିତ୍ୟ ଆଜି ଏକ ସ୍ୱର୍ଣ୍ଣିମ ସମୟରେ ଉପନୀତ, ଏହା ନିଃସନ୍ଦେହରେ କୁହା ଯାଇପାରେ ।

**ସହାୟକ ଗ୍ରନ୍ଥସୂଚୀ:**
**୧-ଚନ୍ଦ୍ରମୋହନ ଗ୍ରନ୍ଥାବଳୀ- (ସଂ) ଅରବିନ୍ଦ ଗିରି**
**୨-ଚନ୍ଦ୍ରମୋହନ ପରିକ୍ରମା- ଚନ୍ଦ୍ରମୋହନ ସାହିତ୍ୟ ପରିଷଦ, ରେମୁଣା, ବାଲେଶ୍ୱର**

"Well Wisher"



# ଜଡ଼ିଦ୍ୱାର



ଲେଖକ ଅନୀଲ କୁମାର ପାଢ଼ୀ

## ଗାଁ ନା ମାଆ

**ଅନୀଲ କୁମାର ପାଢ଼ୀ**
ପ୍ରାଧ୍ୟାପକ: ଇଂରାଜୀ ବିଭାଗ
କୁଞ୍ଜବିହାରୀ ମହାବିଦ୍ୟାଳୟ, ବାରଙ୍ଗ, ଖୋର୍ଦ୍ଧା
ଫୋନ:୯୪୩୭୨୧୫୯୦୦


# ଜାତକ



ଗାଁ ଛୋଟ କି ବଡ଼ ହୋଇନଥାଏ । ଗାଁ ସବୁବେଳେ ଗାଁ । ମା' ! ସେହି ଗାଁ ଧୀରେ ଧୀରେ ଛାଡ଼ି ହୋଇଯାଏ । ବର୍ଷ ବର୍ଷ । କେବେ ସମୟ ହୁଏ, ସୁଯୋଗ ଆସେନା । କେବେ ସୁଯୋଗ ଆସେ ତ ସମୟ ହୁଏନା । ଗାଁର ଥୁଣ୍ଟା ତାଳଗଛ ବର୍ଷାପାଣିରେ ଭିଜିଭିଜି ମାଟିମନସ୍କ ହୁଏ । କାଠଖୁମ୍ପା ଚଢ଼େଇର ପିଢ଼ି ପରେ ପିଢ଼ି ବଦଳି ଯାଏ ! କେବେ, ଘର ଅଗଣାରେ ଠିଆ ପୋକଖିଆ ନଡ଼ିଆଗଛ ବାତ୍ୟାରେ ଭାଙ୍ଗିପଡ଼େ ତ କେବେ ବର୍ଷବର୍ଷ ଧରି ଗାଁଘରକୁ ଜଗିଥିବା ତେନ୍ତୁଳିଗଛ କଟା ହୋଇଯାଏ । ଆମ୍ବଗଛର ଯେଉଁ ଡାଳରେ ଦୋଳି ବନ୍ଧାଯାଏ ସେଇ ଡାଳ କଟାହୋଇ ଗଛଟି 'ଶୋଲେ' ସିନେମାର ଠାକୁର୍ ପରି ଦିଶେ !

ଗାଁ ! ଏ ଶବ୍ଦ ମା'ର ପ୍ରତିଶବ୍ଦ ! ମା' ନଥିଲେ କି ଗାଁ, ଗାଁ ନଥିଲେ କି ମା' ! ସେଇ ମା' ପରି ମୋ ଗାଁ **ଜଡ଼ିଦା** । ସୋର ବ୍ଲକ୍ ଠାରୁ ପଶ୍ଚିମକୁ ଜଡ଼ିଦା ମାଣିପୁର ରାସ୍ତାରେ ସାତ କିଲୋମିଟର ଗଲେ ପଡ଼େ ଆମ ଗାଁଛକ 'କୁଦମ୍‌ପଦା' । ଆମ ଗାଁକୁ ଏଇ ଗୋଟିଏ ରାସ୍ତା ନୁହେଁ । ବାଗୁଡ଼ି-ମଙ୍ଗଳପୁର ରସ୍ତାରେ ଯାଇ ପତଡାବଣ ନହେଲେ କୁମ୍ଭାରସାହି, ଗୁଜବାଟି ଓ ରୁଷ ଦେଇ ଆମ ଗାଁ ଛକରେ ପହଞ୍ଚି ହେବ । ଶେଷ ବାଟଟି ହେଲା ସୋର କଲେଜଛକରୁ କୁପାରୀ ରାସ୍ତାରେ ଯାଇ ରାଜବନ୍ଧ ନିକଟରୁ ଆଟପୁର ଓ ଖସାଗାଡ଼ିଆ ଦେଇ ଆସିହେବ ଆମ ଗାଁକୁ । ତେବେ, ଏବେକାର ସହଜ ଉପାୟ ହେଲା ଉତ୍ତରେଶ୍ୱର ଛକରେ ବସ୍‌ରୁ ଅବା ସୋର ଷ୍ଟେସନ୍‌ରେ ରେଳରୁ ଓହ୍ଲେଇ ଭଡ଼ା ଅଟୋ ମାଧ୍ୟମରେ ମାତ୍ର ଅଶୀ ଟଙ୍କାରେ ଆମ ଗାଁରେ ପହଞ୍ଚି ହେବ !

ଗାଁରେ ଶହେ ଘର । ପାଖାପାଖି ଚାରିଶ' ଭୋଟର୍ । ଆଗରୁ ପଞ୍ଚାୟତ ନଥିଲା, ଏବେ ଆମ ଗାଁ ଗୋଟାଏ ପଞ୍ଚାୟତ । ଷାଠିଏ ବର୍ଷର ଉର୍ଦ୍ଧ୍ୱ ପୁରାତନ





ସ୍କୁଲ୍‌ଟିଏ ଅଛି ଗାଁ ମଝିରେ । ପ୍ରଥମେ ପ୍ରାଇମେରୀ ଥିଲା ଏବଂ ଅନେକ ବର୍ଷ ତଳୁ ଏହା ମଧ୍ୟ ଇଂରାଜୀ ବିଦ୍ୟାଳୟକୁ ଉନ୍ନୀତ ହୋଇ ସାରିଛି । ଏହି ସ୍କୁଲ୍‌ରେ ମୋର ପ୍ରଥମରୁ ସପ୍ତମ ଯାଏଁ ପାଠପଢ଼ା । ଏହି କିଛିବର୍ଷ ତଳେ ଗାଁଛକ କୁଦମପଦାରେ ଆମ ଗାଁର ହାଇସ୍କୁଲ୍ ବି ସ୍ଥାପନା ସରିଛି । ଏବେ ସରକାରୀ ଯୋଜନାରେ ଗାଁ ଭିତରେ ପଡ଼ିଛି କଂକ୍ରିଟ୍ ରାସ୍ତା । ଗାଁର ଏକମାତ୍ର ମନ୍ଦିର ଜଡ଼େଶ୍ୱର ମନ୍ଦିର ଓ ଶ୍ରୀ ଶ୍ରୀ ଜଡ଼େଶ୍ୱରଙ୍କ ନାମ ଅନୁସାରେ ଆମ ଗାଁର ନାମ ଜଡ଼ିଦା । ଗାଁର କୁଳଦେବୀ ହେଉଛନ୍ତି ମା' ବଉଳାଣୀ । ବଡ଼ ପ୍ରତ୍ୟକ୍ଷ ଦେବୀ । ଗାଁରେ ବୋଧେ ସେ ଅଂଚଳର ସର୍ବପୁରାତନ ଲାଇବ୍ରେରୀଟିଏ ଅଛି । ଏବେ କେବଳ କନା ପଡ଼ିଛି, କର୍ପୂର ଉଡ଼ି ଯାଇଛି । କୈଶୋର ଓ ଆଦ୍ୟ ଯୌବନରେ ଅନନ୍ତ, ଉଦିତ, ରଂଜନ ଓ ମୁଁ ଏହାର ପୁର୍ନଉତ୍ଥାନ ପାଇଁ ଚେଷ୍ଟାକରି ବିଫଳ ହୋଇ ସାରିଛୁ ।

କୁଦମପଦାରୁ ଆମ ଗାଁର ଆରମ୍ଭ ଓ ଶେଷ ଆମ ଘର ପାଖରେ । ମଝିରେ ପଣ୍ଡାସାହି, କରସାହି, ବେହେରାସାହି, ପୁଷ୍ଟିସାହି, ପାଣିଗ୍ରାହୀସାହି, କାଣ୍ଡିସାହି ଓ ସବାଶେଷ ପାଢ଼ୀସାହି । ଆମ ଗାଁରେ ଦୁଇଟି ଜାତିର ଲୋକେ ରୁହନ୍ତି, ବ୍ରାହ୍ମଣ ଓ ବୈଶ୍ୟ । ଗାଁର କେତୋଟି ବିଶେଷ ପର୍ବ ପାଳିତ ହୁଏ, ଯେମିତି ଦୋଳ, ଶିବରାତ୍ରି, କାର୍ତ୍ତିକ ପୁନେଇଁ, ରଜ ଓ ହରିହାଟ । ଏସବୁ ହେଉଛି ଗାଁର ସମୂହ ପର୍ବ । ଏହାବାଦେ ବ୍ୟକ୍ତିଗତ ସ୍ତରରେ ବିଭିନ୍ନ ପର୍ବପର୍ବାଣି ପାଳିତ ହୁଏ ।

ସାକ୍ଷରତାରେ ଗାଁ ଅବଲ ନମ୍ବର । ଗାଁରୁ ଭିନ୍ନ ଭିନ୍ନ କ୍ଷେତ୍ରରେ ନାମକରା ଡାକ୍ତର, ଇଂଜିନିୟର, ବୈଜ୍ଞାନିକ, ବ୍ୟାଙ୍କ୍ ଅଫିସର୍, ଅଧ୍ୟାପକ ଓ ଲେଖକ/ ଲେଖିକା ବାହାରିଲେଣି । ହେଲେ, ଏଯାଏଁ ଆମ ଗାଁର ବୃତ୍ତି କହିଲେ ଶିକ୍ଷକତା । ପ୍ରାୟ ପ୍ରତି ତିନୋଟି ଘରରୁ ଜଣେ ଶିକ୍ଷକ ବାହାରିବେ । ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ବୃତ୍ତି ହେଲା କୃଷି ଓ ତୃତୀୟ ହେଲା କଲିକତାରେ ବିଭିନ୍ନ କାର୍ଯ୍ୟରେ ନିୟୋଜନ ହେବା । ପହିଲେ, ଗାଁସାରା କାଁ ଭାଁ ଟାଇଲ୍ ଛପରକୁ ଛାଡ଼ିଦେଲେ ମାଟିଘର ଓ ଚାଳଛପର ଥିଲା । ଏବେ ପ୍ରାୟ ନବେ ଭାଗ ଘର କଂକ୍ରିଟ୍ । ଆମେ ଯେଉଁମାନେ ଗାଁର ପୁରୁଣା ଗ୍ରାମବାସୀ, ସେମାନଙ୍କ ପାଇଁ ଗାଁ ଏକ କଲୋନୀର ରୂପ ନେଇଛି । ଶ୍ରୀ ନିରଞ୍ଜନ ପାଢ଼ୀ ଓ ଶ୍ରୀମତୀ ଦ୍ରୌପଦୀ ପାଢ଼ୀଙ୍କ ଔରସରୁ ଜାତ ମୁଁ । ମୋର ଡାକ ନାମ ଟିକନ । ଆମ ଘରର ଅଷ୍ଟମ ସନ୍ତାନ । ଜନ୍ମ ୧୯୬୯ ମସିହା ଅପ୍ରେଲ୍ ୯ ତାରିଖ । ମୋ ଉପରେ ଚାରିଭାଇ ଓ ତିନି ଭଉଣୀ ଓ ତଳେ ସାନଭାଇ । ନଅଟି ସନ୍ତାନଙ୍କ ଭିତରୁ ଦୁଇଝିଅ ଇହଧାମ ତ୍ୟାଗ କରି ସାରିଛନ୍ତି । ଏବେ ଆମେ ସାତ ଜଣ । ଛଅଭାଇ ଓ ଜଣେ ଭଉଣୀ । ଆମ କୁଳଦେବତା ଶ୍ରୀଶ୍ରୀଶ୍ରୀ ରଘୁନାଥ । କଥାକୁହା ଠାକୁର । ଡାକିଲେ 'ଉଁ' ବୋଲି ଜବାବ୍ ଦିଅନ୍ତି । ପ୍ରଭୁ ରଘୁନାଥ ହିଁ ଆମର ହର୍ତ୍ତାକର୍ତ୍ତା ଦୈବବିଧାତା । ସେ ଆମର ସାହା ଭରସା ।

ବାପା ଥିଲେ ମଙ୍ଗଳପୁର ଭୋଳେଶ୍ୱର ଏମ୍‌ଇ ସ୍କୁଲ୍‌ର ହେଡ଼ମାଷ୍ଟର୍ । ସେ ସମୟରେ ପାଟଣା ବିଶ୍ୱବିଦ୍ୟାଳୟରୁ ସ୍ନାତକ । ପଚାଶ ଦଶକରେ ଚାକିରି । ସେତେବେଳେ ବଡ଼ବଡ଼ ସରକାରୀ ଚାକିରିକୁ ପ୍ରତ୍ୟାଖ୍ୟାନ କରି ନିଜର ବିଧବା ମା'ର ଇଚ୍ଛାକୁ ସମ୍ମାନ ଜଣେଇ ସେ ମଙ୍ଗଳପୁରର ମାଷ୍ଟର୍ ହୋଇଗଲେ । ଲୋକେ ତାଙ୍କୁ ହେଡ଼ମାଷ୍ଟର୍ ବୋଲି ସମ୍ବୋଧନ ବି କରୁଥିଲେ ଓ ଆମମାନଙ୍କୁ ହେଡ଼ମାଷ୍ଟଙ୍କ ପୁଅ ଅବା ଝିଅ । ବାପା ସମଗ୍ର ଅଂଚଳରେ ସେ ସମୟରେ ସବୁଠାରୁ ପରିଚିତ ନାଁ ଥିଲେ ଓ ଲୋକେ ଆମଘରକୁ ଏକ ଖାନ୍ଦାନୀ ଘର ରୂପେ ବିବେଚନା କରୁଥିଲେ । ବାପାଙ୍କର ସର୍ବଶ୍ରେଷ୍ଠ ଭୂମିକା ଆମ ଅଂଚଳ ପାଇଁ ଥିଲା ସ୍କୁଲ୍ ପ୍ରତିଷ୍ଠା କରେଇବା । ଆମ ଗାଁ ସ୍କୁଲ୍ ପରି ବହୁ ଗାଁର ସ୍କୁଲ୍‌ର ପ୍ରତିଷ୍ଠାରେ ତାଙ୍କର ହାତ ଥିଲା ।



ଦୀର୍ଘଦିନ ଧରି ଶିକ୍ଷାମନ୍ତ୍ରୀ ଥିବା ଯଦୁନାଥ ଦାଶମହାପାତ୍ର ତାଙ୍କର ଘନିଷ୍ଠ ବନ୍ଧୁ ଥିଲେ । ଆମ ଅଂଚଳର ନବଜାଗରଣର ଶ୍ରେୟ ଯେ ବାପାଙ୍କୁ ଯିବ, ଏଥିରେ ଦ୍ୱିମତ ହେବାର ନାହିଁ । ମା' ହେଉଛି ଯଦୁବାବୁଙ୍କ ଗାଁ କୁଡ଼େଇର ଝିଅ । କହିବାକୁ ଗଲେ ମୋ ଅଜାଙ୍କ ଘର ଓ ଯଦୁବାବୁଙ୍କ ଘର ଭାୟାରା । ଯଦୁବାବୁଙ୍କ ପତ୍ନୀ ମୋ ମା'କୁ ନାନୀ ବୋଲି ସମ୍ବୋଧନ କରନ୍ତି । ହେଲେ, ମୋର ହେତୁ ହେବା ଦିନରୁ ରାଜନୀତି ଓ ରାଜନୀତିକ ଲୋକ ମୋତେ ଆଦୌ ଭଲ ଲାଗନ୍ତି ନାହିଁ । ଏହି ଅଭ୍ୟାସ ମୋର ଆଜିଯାଏଁ ଅଛି । ଯଦୁବାବୁ ଯେତେବେଳେ ଆମ ଗାଁକୁ ଆସୁଥିଲେ, ତାଙ୍କ ପଛେପଛେ ସୋର ଥାନାର ଅଧିକାରୀ, ବିଡ଼ିଓ ଓ ତହସିଲ୍‌ଦାର୍‌ଙ୍କ ସମେତ ସ୍ଥାନୀୟ ନେତା, ସୋର ଏନ୍‌ଏସିର ଚେୟାର୍‌ମ୍ୟାନ୍ ବି ଆମ ଘରକୁ ଆସୁଥିଲେ । ଆମ ମୁଖ୍ୟ ଘରର ସାମ୍ନାରେ ଆମ ଗୁହାଳକୁ ଲାଗି ରାସ୍ତା ସେପାଖରେ ଆମର ଆଉ ଗୋଟିଏ ବଖରା ଘର ଥିଲା । ସେଇଠି ଅତିଥିମାନଙ୍କ ସତ୍କାର କରା ଯାଉଥିଲା । ଲେମ୍ବୁ ସର୍ବତ୍‌ର, ଚା', ବିସ୍କୁଟ୍, ମିକ୍ସଚର୍, ମିଠା, ପକୁଡ଼ି– ଏମିତି କେତେ କଣ । ଅତିଥିମାନଙ୍କ ଆଗମନ ଯୋଗୁଁ ପାଟିରେ କିସମକିସମର ବ୍ୟଞ୍ଜନ ବାଜୁଥିଲା । ଆମ ଗାଁ ଓ ପାଖଆଖର ଗାଁର ଲୋକମାନଙ୍କର ଆମଘର ପ୍ରତି ସମ୍ମାନ ବି ବଢୁଥିଲା । ବୋଧେ, ପିଲାବେଳେ ମୋ ବାପାଙ୍କ ପ୍ରତି ଏ ସମ୍ମାନ ପ୍ରାୟ ଲୋକଙ୍କ ଭିତରେ ଆମ ପରିବାରର ସଦସ୍ୟମାନଙ୍କୁ ଏକ ସ୍ୱତନ୍ତ୍ର ଶ୍ରେଣୀରେ ପରିଣତ କରିଥିଲା । ପାଖଆଖର ଲୋକେ ଆମ ପ୍ରତି ଆନ୍ତରିକତା ବଦଳରେ ସମ୍ମାନ ଦେଖାଉଥିଲେ । ଆମେ ସନ୍ତାନମାନେ ହେଡ଼ମାଷ୍ଟ୍ରେଙ୍କ ପୁଅ ନାମରେ ନାମିତ ଥିଲୁ ଓ ଗାଁର ବିବାହ, ଭୋଜିରେ ଆମ ପାଇଁ ସ୍ୱତନ୍ତ୍ର ସ୍ଥାନ ନିରୂପିତ ହେଉଥିଲା । ଏହା କିନ୍ତୁ ମୋର ପସନ୍ଦ ନଥିଲା ।

ଆମଘର ଆଗରେ ବିସ୍ତୃତ ଧାନକ୍ଷେତ । ଆମଘରକୁ ଗାଁର ଆରମ୍ଭ ବା ଶେଷ ବି କୁହା ଯାଇପାରେ । ହେଲେ, ଆମ ଘର ନମ୍ବର ଥିଲା ୧ । ଆମ ଘରର ଭୌଗୋଳିକ ଅବସ୍ଥିତି ହିଁ ମୋ ଲେଖକ ଜୀବନର ପ୍ରଥମ ସ୍ଫୁଲିଙ୍ଗ ଥିଲା । ବର୍ଷାଦିନେ ମୋ କୋଠରୀ ସାନଘରର ଝରକା ଖୋଲି ଗାଜୁଥିବା ବର୍ଷା ଦେଖୁଦେଖୁ ମୁଁ ଆତ୍ମବିଭୋର ହୋଇ ଉଠୁଥିଲି । ଘୋଘୋ ଅନ୍ଧାର ଭିତରେ ହଠାତ୍ ବିଲଗୁଡ଼ାକ ବର୍ଷାପାଣିରେ ଭରିଯାଇ ଧଳା ଦିଶୁଥିଲେ । ବୋଧେ ପାଣିର ସେ ସ୍ୱକୀୟ ରଶ୍ମୀ ବିକିରଣରେ ଅନ୍ଧାରଲୁପ୍ତ ହୋଇଯାଇଥିବା ଛୋଟନାଳ, ବହର, ମଡ଼ାପଦା– ବଗିଚା ଆଦି ଝାପ୍‌ସା ହୋଇ ଦିଶିବା ଆରମ୍ଭ କରୁଥିଲେ । ବିଲ ମଝିର ଥୁଣ୍ଟା ତାଳଗଛଟି ଜ୍ୟୋତିରିଙ୍ଗଣମାନଙ୍କୁ ଧରି ହଠାତ୍ ଚାଲିବା ଆରମ୍ଭ କରୁଥିଲା । ମୁଁ ଭୟରେ ଝରକା ମୁଦି ଦେଉଥିଲି । ଖରାଦିନେ, ଆମେ ଗରମରୁ ରକ୍ଷା ପାଇବା ପାଇଁ ଆମ ବାରଣ୍ଡାରେ ସଉପ ପାରି, ମଶାରୀ ଟାଣି ଶୋଉଥିଲୁ । ସେତେବେଳେ ମଧ୍ୟରାତ୍ରିରେ ଆମ ଗାଁର ସବୁଠୁ ବଡ଼ ପଦ୍ମପୋଖରୀ ଉମାସାଗରର ଆଡ଼ିର କଣ୍ଟାବଣରୁ ଉଠି ଆସୁଥିଲା ଗୋଟେ ନିର୍ବାକ ଛବି । ସେ ମୋ ମଶାରୀ ବାହାରେ ବସି ଆସ୍ତେ ଆସ୍ତେ ମୋ ଦେହକୁ ଆଉଁସାଉଥିଲା । ମୁଁ ବିଛଣାରେ ଉଠି ବସୁଥିଲି । ସେତେବେଳେ ମୋର ରାଉରକେଲାରୁ ଆସିଥିବା କେହିଜଣେ ଭାଇ ଆମ କୂଅ ଚାନ୍ଦିନୀ ଉପରେ ବସି ବିଞ୍ଚଣାରେ ବିଞ୍ଚି ହେଉଥିବାର ଦୃଶ୍ୟ ମୋ ଆଖିରେ ପଡୁଥିଲା । ଶରତ ଋତୁରୁ ମାର୍ଗଶୀର ଯାଏ ହରେକ ପୂଜାପାର୍ବଣରେ ଆମ ଗାଁ ମୁଖରିତ ହୋଇଉଠେ । ଏଥିରେ ପ୍ରମୁଖ ଥାଆନ୍ତି ଆମ ଗାଁ ସ୍ତ୍ରୀଲୋକ । ମୋ ମା' ସେମାନଙ୍କ ନେତ୍ରୀ । ତାକୁ ବାବୁ ଝିଅ ବୋଲି ଅନେକେ ସମ୍ବୋଧନ କରନ୍ତି । ପୂଜାବିଧି ଇତ୍ୟାଦିରେ ମୋ ମାର ରାୟ ସର୍ବଶେଷ । ଏ ବଳ ମା'କୁ ମିଳୁଥାଏ ଆମର କୁଳଦେବତା ରଘୁନାଥଙ୍କ କୃପାରୁ । ହଁ ! ରଘୁନାଥ ! ଶାଳଗ୍ରାମ, ମୋ ଲେଖକ ଜୀବନର ସର୍ବମୁଖ୍ୟ ଚରିତ୍ର । ଠାକୁରଘରେ ଅନ୍ୟ ଠାକୁରାଣୀଙ୍କ ଗହଣରେ ଏକ ଛୋଟ ପିତ୍ତଳ ବିମାନରେ ବସିଥାନ୍ତି । ରାତିରେ ଖଇ, ଦିନରେ ଅରୁଆ ଅନ୍ନ ଓ ଶିଝା ଆଳୁ ତାଙ୍କ ଭୋଜନ । ବାପା ଠାକୁରପୂଜା କରିସାରିଲା ପରେ ସେଇ ଅରୁଆନ୍ନ ଖାଇବାକୁ ମୋର ପ୍ରବଳ ଲୋଭ ହୁଏ । ମା' କହେ ବଡ଼ ପ୍ରତ୍ୟକ୍ଷ ଦେବତା । ଡାକିଲେ କହନ୍ତି କଥା । ହେଲେ, ମୋତେ ଏକେଲା ଆମ ଠାକୁରଘର ଭିତରକୁ ପଶିବାକୁ ଡର ଲାଗେ । ଧୀରେ ଧୀରେ ଏଇ ଡର ଏକ ପ୍ରଚ୍ଛନ୍ନ ବିଭୁପ୍ରେମରେ ପରିଣତ ହୋଇଗଲା ।

ଗାଁରେ ଦୋଳ ଓ ଶିବରାତ୍ରୀ ପ୍ରଧାନ ପର୍ବ ହୋଇଥିଲେ ବି ସବୁଠାରୁ ଜାକଜମକରେ ପାଳିତ ହୁଏ ରଜ । ରଜରେ ପ୍ରାୟ ପ୍ରତ୍ୟେକଙ୍କର ଘରେ ଆମ୍ବଡାଳରେ ଝୁଲିଥାଏ ବାଉଁଶ ଦୋଳି । ଠାଏ ଠାଏ ବଡ଼ସାନ ହୋଇ ତାସ୍‌ପାଲିର ଦଳ ରୁଣ୍ଡ ହୋଇଥାନ୍ତି । ଆମର ଅନ୍ତ, ଉଦିତ, ଦାମକୁ ନେଇ ଗୋଟେ ଦଳ ପ୍ରାୟ ଉଦିତ ଘର ଭିତରେ ନୋଟିସ୍ ଓ ମାଗଣଖେଳରେ ମାତିଥାଉ । ରାତିରେ ସ୍କୁଲ୍‌ପଡ଼ିଆରେ ମୋର ରାଉରକେଲାରୁ ଆସିଥିବା ଭାଇ ଛୁଆନନାର ନିର୍ଦ୍ଦେଶରେ ଗାଁଲୋଙ୍କ ଦ୍ୱାରା ଯାତ୍ରା ହୁଏ । ଭାସ୍କର ପଣ୍ଡାର ଗୀତିନାଟ୍ୟ ପରେ ପରେ ଆରମ୍ଭ ହୁଏ କନ୍‌ସାଟ୍ । ତିନିଟା କନ୍‌ସାଟ୍ ପରେ ଯାତ୍ରା । ସ୍ମାରକ ବି ଥାଏ ଛୁଆନନା । ମଝିରେ ମଝିରେ ବୁଧିଆକକା ତାଙ୍କ ଧୋତି ଉପରେ କଷିକି ଗାମୁଛା ବାନ୍ଧି ପେଟ୍ରୋମାକ୍ସ ଲାଇଟ୍ ଓହ୍ଲେଇ ଆଣି





ପମ୍ପ୍ ଦେଇ ପୁଣି ଟାଙ୍ଗି ଦିଅନ୍ତି ।

ବର୍ଷା ଆରମ୍ଭରୁ ଚାକିରିରେ ଯୋଗଦାନ ପାଇଁ ଫେରିଯାନ୍ତି ଅର୍ଦ୍ଧାଧିକ ଲୋକ । ମୋର କକା, ମୋ ଭାଇମାନେ ସସ୍ତ୍ରୀକ ରାଉରକେଲା ଫେରିଯାନ୍ତି । କିଏ କଲିକତା, କିଏ ଭଦ୍ରକ କି ବାଲେଶ୍ୱର ଚାଲିଯାଏ । ଆମେ, ମନ୍ମଥ, ଟିକାନ୍ନା ଓ ମୁଁ ଘୋଡ଼ାଶାଳ ପୋଲ ପାର୍ ହୋଇ ଆମେ ଆମ ସ୍କୁଲ୍ ଜନାର୍ଦ୍ଦନ ଉଚ୍ଚ ବିଦ୍ୟାପୀଠରେ ପହଞ୍ଚୁ । ଆମ ହାଇସ୍କୁଲ୍‌କୁ ଲାଗି ବାପାଙ୍କ ସ୍କୁଲ୍ ଭୋଲେଶ୍ୱର ମଧ୍ୟଇଂରାଜୀ ବିଦ୍ୟାଳୟ । ବାପା  ଆମ ସ୍କୁଲ୍ ପରିଚାଳନା ସମିତିର ମୁଖିଆ । ତାଙ୍କର ଛାତ୍ରମାନେ ମୋର ସାର୍ । ସ୍କୁଲ୍‌ରୁ ଫେରିଲା ବେଳକୁ ଆମେ ଋତୁ ଅନୁସାରେ ଜାମୁ, ଖଜୁରୀ, କୋଳି କି ଆମ୍ବ, ପିଜୁଳି ବାଟରୁ ଖାଇ ଫେରିଥାଉ । ଘରେ ପଖାଳ ଖାଇସାରିବା ପରେ ଆରମ୍ଭ ହୁଏ ଆଲି, ଗୋଟିଡାବଳ, ବୋହୂଚୋରୀ, ବାଗୁଡ଼ି– ଏମିତି କେତେ କଣ୍ ।

ଆମ ଗାଁ ଠୁ ଦୁଇକିଲୋମିଟର ପଶ୍ଚିମକୁ ପତଡ଼ା ବଣ । ଶାଳଗଛର ଜଙ୍ଗଲ । ଏହି ଶାଳଜଙ୍ଗଲ ମାଣିପୁର ପଞ୍ଚାୟତ ପାଖରେ । ପତଡ଼ା ଜଙ୍ଗଲ ମୋ ସର୍ଜନଶୀଳ ଜୀବନର ଆଉ ଏକ ଅଙ୍ଗ । ଏହି ଜଙ୍ଗଲରୁ ହାତୀ, ହରିଣ, କଲରାପତରିଆ ବାଘ ଓ ଭାଲୁମାନେ ଆମ ଗାଁ ଆଡ଼କୁ ମାଡ଼ି ଆସନ୍ତି । ସବୁଠାରୁ ବେଶି ଆସନ୍ତି ହାତୀ । ଶୀତଦିନେ ଧାନ ଖାଇବା ପାଇଁ ।  ହାତୀ ଘଉଡ଼େଇବା ପାଇଁ ଆମ ଗାଁ ଲୋକେ ରାତି ଉଜାଗର ରୁହନ୍ତି । ଏଣୁ ପତଡ଼ା ଜଙ୍ଗଲ ଭିତରେ ସାଲୁବାଲୁ ବାଘଭାଲୁ ଓ ହାତୀ ଥିବେ ବୋଲି ଆମର କଳ୍ପନା କୁହେ । ସେହି ପତଡ଼ାରୁ କାଠ ସଂଗ୍ରହ କରି ମାଟିଆମାନେ ଗାଁକୁ ଗାଁ ବୁଲି ଜାଳେଣି କାଠ ବିକନ୍ତି । ସେମାନେ ଶାଳ ଦାନ୍ତକାଠି ସହ ମହୁଲ ଓ ଚାରକୋଳି ମଧ୍ୟ ବିକିଥାନ୍ତି । ସେହିମାନଙ୍କ ପାଖରୁ ପତଡ଼ା ଜଙ୍ଗଲର ବିଭିନ୍ନ ରହସ୍ୟମୟ କାହାଣୀ ଶୁଣି ଆମେ ଶିହରିତ ହୋଇ ଉଠୁ । ପତଡ଼ା ଜଙ୍ଗଲର ଶେଷରେ ନୀଳଗିରି ପାହାଡ଼ । ପାହାଡ଼ ଉପରେ ବିଜେ ଆମର ମୁଖ୍ୟ ଠାକୁରାଣୀ ମଣ୍ଡଳେଶ୍ୱରୀ । ବର୍ଷକୁ ଥରେ ସେଠି ପୂଜା ହୁଏ । ଆଗରୁ କାଳେ ସେଠି ନରବଳି ଦିଆ ଯାଉଥିଲା । ଜଗନ୍ନାଥ ସଡ଼କ ସେପଟୁ ଲୋକଟିଏକୁ ଆଣି ବଳି ଦିଆ ଯାଉଥିଲା ଯେ, ଏକଥା ଗୁଜବ ବୋଲି ଜଣା ପଡ଼ିଲା । ସେହିପରି ଆମ ଗାଁର ଉତ୍ତରକୁ, ମଙ୍ଗଳପୁର ଓ ବାଗୁଡ଼ି ପାଖରେ କିମ୍ବଦନ୍ତୀର ପାହାଡ଼ ଡମେଇରଣା ପାହାଡ଼ । ସେଠି ପଥରଟିଏ ଏମିତି ଥାଏ, ଦୂରରୁ ଜଣା ପଡୁଥାଏ ଯେମିତି ଲୋକଟିଏ ବନିଶି ପକେଇ ବସିଛି । ତା'ର ନାମ ଡମେଇରଣା । କୁହା ଯାଉଥିଲା ଯେ ଯେଉଁଦିନ ଡମେଇରଣାର ବନିଶିରେ ମାଛ ପଡ଼ିବ, ସେଦିନ ପ୍ରଳୟ ହୋଇଯିବ । ଏ ପାହାଡ଼ ଥିଲା ମୋ ଚେତନାକୁ ବିସ୍ତାରିତ କରିବାର ଅନ୍ୟତମ ଦିଗ ।


ମୋ ଗାଁ ଜଡ଼ିଦାରୁ ଆରମ୍ଭ ହୋଇଥିବା ମୋ ଜୀବନ ଆଜି ଯେନତେନ ପ୍ରକାରେ ଧାଇଁବା ଆରମ୍ଭ କରିଛି । ଆଉ ଏବେ ମୋର ଘର ଯେବେ ଭୁବନେଶ୍ୱରରେ, ସେତେବେଳେ ଭାରି ମନେପଡୁଛି ଗାଁର ଜହ୍ନରାତି, ପୁଚିଖେଳ, ବର୍ଷାରାତି, କାଗଜଡଙ୍ଗା ଭସେଇବା, ଖଇଁଚିରୁ ମାଛ ଆଣିବା, ସାଇକେଲ୍ ଟାୟାର୍ ଗଡ଼େଇବା, ଭୁତଗପ ଶୁଣିବା– ଏମିତି କେତେକଥା । ଆଜି ପ୍ରାୟ ପୁରୁଣାଲୋକ ଚାଲି ଗଲେଣି । ମୋ ବାପାମା, ଶିବ ଦାଦି, କାର୍ତ୍ତିକ କକା, ମୋ ନିଜ କକା, ସାନବାପା, ଦଦେଇ, ଗଣ୍ଟୁଆବାପା, ବୁଢ଼ୀମା, ଆଶାନୀ, ମହୋନଦୀ, ନୂଆମା– ଏମିତି ପର୍ଯ୍ୟାୟକ୍ରମେ ମାଣିପୁର ଓ ଆଟପୁର ପଂଚାୟତରୁ ମୁକୁଳି ଏବେ ନିଜେ ଗୋଟିଏ ପଂଚାୟତ । ମିନେରାଲ୍ ପାଣିର କାରଖାନାଟିଏ ବି ଖୋଲିଲାଣି କୁଦମପଦା ଛକରେ । ଗାଁ ମହାଦେବ ମନ୍ଦିର ପାଖରେ ଅନୁଷ୍ଠିତ ହେଉଥିବା ଦୋଳଯାତ ଏବେ କୁଦମପଦାକୁ ଉଠି ଆସିଲାଣି । ହୁଗୁଳି ଗଲାଣି



ଦୃଢ଼ ବନ୍ଧନ । ଏବେ ଗାଁ ଚଳାଉଛନ୍ତି ଏବେକାର ଯୁବପିଢ଼ି, ଯେଉଁମାନଙ୍କର ନା କାହା ପ୍ରତି ସମ୍ମାନବୋଧ ଅଛି ନା ଭଲପାଇବା । ଆପଣା ମହତ ଆପେ ରଖି କେବେ କେବେ ଗାଁକୁ ଯିବାକଥା ଯାହା । ରାଜନୀତିର ଦାଉପେଂଚରେ ଏକଦା ଭାଇଭାଇ ପରି ଚଳୁଥିବା ରୁଷ ଓ ଜଡ଼ିଦା ଗାଁ ଏବେ ଅହିନକୁଳ ସମ୍ବନ୍ଧରେ ବଂଧା । ତଥାପି ଗାଁ କଥା ମନେପଡ଼ିଲେ ମା' କଥା ବି ମନେପଡ଼େ । ସତରେ ଫେରି ଆସନ୍ତା କି ସେ ପୁରୁଣା ଦିନମାନ !

ଧାରାବାହିକ
ଚରିତ-ଉପନ୍ୟାସ

# ଦାସେ ଆପଣେ



## ୪

# ଦାସେ ଆପଣେ


**ପବିତ୍ର ମୋହନ ଦାଶ**

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮


ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ



▲ ଔପନ୍ୟାସିକ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡ଼ା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଳ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ସମାଜର ସାଧାରଣ କ୍ଷେତ୍ରରେ ନିଜକୁ ଉତ୍ସର୍ଗ କରିବା ଲାଗି ସଦା ତତ୍ପର ଗୋପ ଭିତରେ କିନ୍ତୁ ସମୁଦ୍ର ପ୍ରତି ଆକର୍ଷଣ ଅପ୍ରତିରୋଧ । ଦିନେ ମହୋଦଧି କୂଳର ବାଲିଶେଯ ଉପରେ ବସି ଦିଗନ୍ତର କେଉଁ ବିନ୍ଦୁ ଉପରେ ଦୃଷ୍ଟି ନିବଦ୍ଧ କରିଥାଏ ଗୋପ । ଢେଉଗୁଡିକର ଗର୍ଜନ ଓ ନୃତ୍ୟ ଭିତରେ ସେ ହୋଇ ପଡିଥାଏ ଆନମନା । ଅସ୍ତକାଳୀନ ସୂର୍ଯ୍ୟ କୌଣସି ପକ୍ଷପାତ ନ କରି ପାଣି ଓ ବାଲି ଉପରେ ଅଜାଡି ଦେଉଥାନ୍ତି କିରଣର ସୁବର୍ଣ୍ଣ । ବାସ୍ତବକୁ ନିରେଖିଲା ବେଳେ ଗୋପ ଯେତିକି ବସ୍ତୁନିଷ୍ଠ କଳ୍ପଲୋକରେ ହଜିଗଲା ବେଳେ ସେତିକି ଉନ୍ମୁକ୍ତ । ଗଭୀର ବ୍ୟାପକ, ଚିର ଆନ୍ଦୋଳିତ ସମୁଦ୍ର ସହ ଗୋପ କେମିତି ଅଲକ୍ଷ୍ୟରେ ଏକାତ୍ମ ହୋଇ ପଡିଥାଏ । ମନେ ହୁଏ ତା'ର ହୃଦୟ ଭିତରେ ଗରଜୁଛି ବିକ୍ଷୁବ୍ଧ ସମୁଦ୍ର । ଅନ୍ତର ବାହାର ଭିତରେ ପାର୍ଥକ୍ୟ ନାହିଁ । ସେ ଗର୍ଜନ ଅତି ନିରବତା ଭିତରେ ହିଁ ଶୁଣାଯାଇ ପାରିବ । ବାହାରେ ଢେଉ ପରେ ଢେଉ ଆକ୍ରମଣ କରି ଚାଲିଛନ୍ତି ସ୍ଥବିର ତଟ ଦେଶକୁ । ତାଳ ଦେଇ ଗୋପ ହୃଦୟରେ ଯେଉଁ ତରଙ୍ଗମାଳା ମୁଣ୍ଡ ଟେକୁଛନ୍ତି ସେ ସବୁକୁ ବର୍ଣ୍ଣିବାର ଭାଷା ଗୋପ ଅନେକ ସମୟରେ ପାଉ ନାହିଁ । ମନେ ହୁଏ ସତେ ଯେମିତି ଢେଉ ଗୁଡିକର ଉତ୍ତୋଳିତ ଫଣା ଥରକୁ ଥର ଦଂଶି ଚାଲିଛନ୍ତି ତା'ର ଅସ୍ତିତ୍ୱକୁ । ପାଠପଢା, ସାମାଜିକ କାର୍ଯ୍ୟ, ବୈବାହିକ  ଜୀବନ, ପିଲାଟି ଦିନୁ ମାତୃ ବିୟୋଗ , ଅଳପ ବୟସରେ ଆସିଥିବା ଅନେକ ଝଡ ଝଞ୍ଜା ଭିତରେ ଗୋପ କ'ଣ ଅସମୟରେ ପାକଳ ହୋଇଯାଇଛି ? ତା ବୟସର ସାଙ୍ଗ ସରିସା ଯେମିତି କୌତୁକମୟ ଆଦ୍ୟ ଯୌବନ ବିତାନ୍ତି ଗୋପ ସେମିତି ପାରେ ନାହିଁ । ଏଇନେ ବାଲି ଉପରେ ବସି ଟିକିଏ ଚପଳ ଟିକିଏ ଉଦ୍ଦାମ ହେବା ବଦଳରେ ଗୋପ କେମିତି ହୋଇ ପଡିଛି  ଭାବ ଗମ୍ଭୀର । ଏ ଅବସ୍ଥାରେ ମନ ଭିତରେ ଖେଳେ ସଂଘାତରୁ ଉଠୁଥିବା ଲହରୀ ମାଳା । ଆଗ ପଛ କ୍ରମ ଓ ସଂଗତି ରହିତ ହୋଇ ଝଟକି ଉଠେ କେତେ ଘଟଣାର ଘନଘଟା  । ଜୀବନର କେତେ କ୍ଷତ କେତେ ରକ୍ତସ୍ରାବ । ହେଲେ ଏ ସମୁଦ୍ର ପରି ସେଥିରେ ଢେଉ ଉଠିବା ବନ୍ଦ ହୁଏ ନା । ଜିଲ୍ଲା ସ୍କୁଲରେ ତା'ର କବିତା ଲେଖାକୁ ନେଇ ଘଟିଯାଇଥିବା ଆଲୋଡନ ଏବେ ବି ତା ହୃଦୟରେ ଦାରୁଣତମ ଆଘାତ ହୋଇ ରହେ । ସ୍ମୃତି ସତେଜ ହେଲା ମାତ୍ରେ ମନ ଗହନରେ କେତେ ଆଲୋଡନ ଉଠେ । କବି ରାଧାନାଥଙ୍କୁ ସେ ଗଭୀର ସମ୍ମାନ କରେ । ତା ବୋଲି କ'ଣ ତାଙ୍କୁ ପ୍ରତିକ୍ରିୟା କରାଯାଇ ପାରିବନି ? କେତେ ଧାଡିର ପ୍ରତିକ୍ରିୟାରେ ଜଣେ ପ୍ରବୀଣ କବି କ'ଣ ଏତେ ପ୍ରତିଶୋଧ ପରାୟଣ ହୋଇ ପାରନ୍ତି ? ଗୋପକୁ ଆଲୋଡିତ କରେ ସେ ସମୟର ମନସ୍ଥିତି । କେମିତି ସେ ବ୍ୟଥିତ ହୋଇ ଉଠିଥିଲା, କେମିତି ମାନସିକ ସଂଘାତରେ ପଡି ଛଟପଟ ହୋଇଥିଲା । ମନେ ବି ପଡେ ଘଟଣା କୁ ନେଇ କେମିତି ପୁରୁଷୋତ୍ତମ କ୍ଷେତ୍ର ପଡିଥିଲା ଉଠିଥିଲା । ଗଭୀର ସମ୍ମାନରେ ମୁଣ୍ଡ ନଇଁ ଯାଏ ସେମାନଙ୍କ ନିକଟରେ ଯେଉଁମାନେ ତା ଭଳି ବିଦ୍ୟାଳୟ ଛାତ୍ରଟିଏ ପାଇଁ କେତେ ପ୍ରକାରେ ସହାୟତା କରିଥିଲେ । ସେମାନଙ୍କ କଥା ମନେ ପଡିବା ମାତ୍ରେ ଝଟକି ଉଠେ ରାମଚନ୍ଦ୍ର ଦାସଙ୍କ ମୁହଁ ଆଉ ଗୋଟିଏ ଢେଉ ପରି । ତାଙ୍କ ସହ ସଂପର୍କ ତା ଭିତରେ ଜଗାଉଛି ଅପୂର୍ବ ଆହ୍ୱାନ । ତାଙ୍କରି ପ୍ରେରଣାର କାଉଁରୀ ଛୁଆଁ ତାକୁ ସମୁଦ୍ର ଭିତରେ ଜାହାଜ ବାହି ନେବାର ବଳ ଯୋଗାଇ ଚାଲିଛି । ଆସିଛି କେତେ ନୂଆ ସମ୍ପର୍କ । କେତେ ମହତ୍ ପ୍ରାଣ ବନ୍ଧୁ ଅରଜି ତା ଭିତରର କିଶୋରଟି ହଠାତ କେମିତି ଯୁବକ ହୋଇ ପଡିଛି । ନିଜ ଭିତରର  ନିଆଁ ଝୁଲଟି ପାଇଲା ପରେ ସେ ଆଲୁଅର ଆଗମନୀ ସ୍ୱପ୍ନ ଦେଖୁଛି । ଦେଶରେ କେତେ କ'ଣ ଘଟିବା ଆରମ୍ଭ ହୋଇଛି । ଭାରତୀୟଙ୍କର ତରଫରୁ କଂଗ୍ରେସ ଅନୁଷ୍ଠାନ  ଗଢା ହେଲାଣି । କାନରେ ପୁଣି ବାଜୁଛି ଜାତୀୟ ସ୍ତରର  କେତେ ଖବର । ଗୋରାଙ୍କ ଜୁଲମ କୁ ଯେ ପ୍ରଶ୍ନ କରି ହେବ ଏ ଭରସା ତା ମନରେ ଝଟକିଲାଣି । ସମୁଦ୍ରକୂଳେ ନିରୋଳାରେ ବସିଲେ ଗୋପ ଭିତରର  କବି ଜଣଙ୍କ ଜାଗିଉଠେ । ସବୁ କଥା ଏକାଠି ଦେଖି ତାକୁ ଲାଗେ ତା ଭିତରେ ମୁକ୍ତିକାମୀ ପକ୍ଷୀଟି ଡେଣା ଝାଡିବା ଆରମ୍ଭ କଲାଣି । ଏମିତି ନାନାଦି ଢେଉ ଉଠୁଥାଏ ଅନ୍ତର୍ଲୋକରେ । ପଶ୍ଚିମରେ ସୂର୍ଯ୍ୟ ଲୁଚୁଥାନ୍ତି ଧୀରେ ଧୀରେ । ହଠାତ ଛୋଟ ଗୋଟିଏ ଢେଉ ଗୋପର ପାଦ ଛୁଏଁ ନ ଛୁଏଁ ଫେରିଯାଏ । ପ୍ରକୃତିସ୍ଥ ହୋଇ ଗୋପ ଫେରିଆସେ ନିତାନ୍ତ ବ୍ୟକ୍ତିଗତ  ପାରିବାରିକ ଜୀବନକୁ । ଝଟକି ଉଠେ ମୋତିର ମୁହଁ । ବାଲ୍ୟ ବିବାହ ପରେ ମୋତି ତାଙ୍କ ଗାଁ ବାଙ୍ଗୁରୁବାରେ ହିଁ ରହିଥଲା । ପନ୍ଦର ବର୍ଷ ପରେ ଘର ଯୋଗ୍ୟା ହୋଇ ଆସିଥିଲା ସୁଆଣ୍ଡୋ । ମୋତି ପହିଲି ପାଳି ଆସିବା ଦିନର କଥା ମନେ ପଡେ ଗୋପର । ହାଁ ମୋ ଭାଇରେ ବହୁଦୁର ଯାଇରେ, ଖାଲ ପଡିଲାରେ, ହାଁ ମୋ ଭାଇରେ ସଳଖି ଚାଲରେ, ହାଁ ମୋ ଭାଇରେ ବହୁଦୂର ଯାଇରେ, ହାଁ ମୋ ଭାଇରେ ମିଠା ଭାତ ଖାଇରେ । ଏମିତି ଡାକ ମାରି ସବାରିଆ ବେହେରାଏ ନଇ ବନ୍ଧରୁ ଗଡିଥିଲେ ତାଙ୍କ ଗାଁ ଭିତରକୁ । ସେତେବେଳକୁ ଗୋପ ପଢିଲାଣି ଜିଲ୍ଲା ସ୍କୁଲରେ । ସବାରି ଭିତରେ ବସିଥିବା କନ୍ୟାଟିକୁ ନେଇ କେତେ ଉତ୍କଣ୍ଠା । ହେଲେ ଲୋକାଚାର ଦିଗରୁ ପାଖକୁ ଯିବା କଥା ନୁହେଁ । ମୁହଁରେ ଥାଏ ଲାଜ ଲାଜ ଗାମ୍ଭୀର୍ଯ୍ୟ । ତେଣେ ଶଙ୍ଖ ଶବ୍ଦ ସହ ଗାଁ ମାଇପିଙ୍କ ହୁଳହୁଳି ମିଶି ସୃଷ୍ଟି କରିଥାଏ ଅପୂର୍ବ ଭାବଲୋକ  । ଲମ୍ବା ଓଢଣା ଭିତରେ ଆପାଦ ମସ୍ତକ ଆବୃତ୍ତା ମୋତି ନଇଁ ନଇଁ ପାଦ ଗଣି ଗଣି  ସବାରି ଭିତରୁ ଘର ଆଡେ ମୁହାଁଇଲା । ଯୁବମନରେ କେତେ ଉନ୍ମାଦନା କେତେ କୌତୁହଳ । ହେଲେ ଦିନ ଆଲୁଅରେ କନ୍ୟାର ମୁହଁ ଦେଖା ଶାସନ ସଂସ୍କାର ଦିଗରୁ ଥିଲା ନିଷେଧ ।  ତେଣୁ ଅପେକ୍ଷା ଥିଲା ରାତିକୁ । ଗୋପ ପରେ ଆବିଷ୍କାର କରିଥିଲା କାନ୍ଦି କାନ୍ଦି ଗେଣ୍ଡା ଭଳି ଆଖି ଫୁଲି ଯାଇଥିଲା ମୋତିର । ଦୁଇ କିଶୋର ମନର ଆବେଗ ଅନୁରାଗ ଓ ନୀଡ ରଚିବାର ସ୍ୱପ୍ନରେ ପ୍ରଥମ ଦିନ ମାନ ବିତିଯାଏ । ଢେର ଦିନ ଯାଏଁ ସଣ୍ଣା ଦୃଷ୍ଟିକୋଣରୁ ମୋତି  ଅନ୍ୟ ଗରୁଜନମାନଙ୍କୁ ବି ସଳଖେ କଥା କହୁ ନ ଥିଲା । କେବେ ଠାର କେବେ ଚୁଚୁ ପୁଣି କେବେ ଚୁଡିର ଝମର ଝମର ଶବ୍ଦ ମାଧ୍ୟମରେ ପ୍ରକାଶ କରୁଥିଲା ମନ କଥା । ମୋତିକୁ ତାଙ୍କର କେହି ଜଣେ ଆତ୍ମୀୟା ତା ଶାଶୁଘର ଅନୁଭୂତିରୁ ହୁଏତ ଏ କଥା ଶିକ୍ଷା ଦେଇଥିଲା । ଘରେ ସ୍ୱଷ୍ଟ ଗଳାରେ ଗୁରୁଜନଙ୍କ ଆଗରେ କିଛି କଥା ପଚାରିଲେ କିଏ କିଏ ଭାବି ନେଉଥିଲେ ଯେ କନ୍ୟା ମୁହଁ ଉପରେ ଜବାବ ଦେଉଛି, ନମ୍ରତା ନାହିଁ ବାପ ମା ଚଳଣି ଶିକ୍ଷା ଦେଇ ନାହାନ୍ତି । ତେଣୁ ମୋତି ଯଥା ସମ୍ଭବ ନିଜ ସମ୍ଭ୍ରମ ରଖୁଥିଲା । ଏମିତି ଆରମ୍ଭ ହୋଇଥିଲା ଦାମ୍ପତ୍ୟ ଜୀବନର ଯୁଗଳ ଯାତ୍ରା । ଯୁଗଳ ଜୀବନ ବୋଇଲେ କ'ଣ ଭାବିଲେ ଗୋପକୁ ଏକାଦିକ୍ରମେ ହସ ଓ ଲାଜ ଲାଗେ । ସ୍କୁଲରୁ ଛୁଟି ମିଳିଲେ ଗାଁକୁ ଯିବା କଥା ।ନ ହେଲେ ବିଦ୍ୟା ଅର୍ଜନ ଦେଶ ଓ ଦଶ ପାଇଁ କାମର ସ୍ୱପ୍ନ ଭିତରେ ସମୟ ଦୌଡୁଥିଲା ଶ୍ରାବଣ ମାସର ଭାର୍ଗବୀ ବଢିପରି  । ହେଲେ ଆଜି ଲହରୀମାଳାକୁ ଚାହିଁ ଗୋପ ଭାବେ ତା ଜୀବନରେ କୌଣସି କଥା ସହଜେ ସରଳେ, ନିର୍ବିଘ୍ନରେ ଘଟି ନାହିଁ । ହୃଦୟ ଥରାଇ ଆଜି ବି ଭାସି ଉଠେ ଯୁଗଳ ଜୀବନର ପ୍ରଥମ ସନ୍ତକ ଜନିତ ଦୁର୍ଭାଗ୍ୟ, ସେତେବେଳେ ମୋତି ଅନ୍ତସତ୍ତ୍ୱା । ଗୋପ ମନରେ କେତେ ଆନନ୍ଦ କେତେ ଉଦ୍‌ବେଗ, ଉତ୍କଣ୍ଠା ।

ଯାରି ଭିତରେ ଘଟେ ଦୁର୍ଘଟଣା ଭାଇନା ନାରାୟଣ ଓ ପଡୋଶୀ ବାନାମ୍ବରଙ୍କ ଭିତରେ ଉପୁଜେ ତକରାଳ । କଳିର ଗୋଡ କଅଁଳେ । ଦୁଇ ପଡୋଶୀ ହାତାହାତି ହୁଅନ୍ତି । ହିତାହିତ ଜ୍ଞାନ ହରାଇ ନାରାୟଣ ଚାପୁଡାଏ ବଜାନ୍ତି ବାନାମ୍ବରଙ୍କ ଗାଲରେ । ଅଥାନରେ ଲାଗେ ଆଘାତ । ସେଇଠି ସେଇ ଅବସ୍ଥାରେ ବାନାମ୍ବରଙ୍କର ଛାଡିଯାଏ ପ୍ରାଣ । ଗାଁରେ ହାଲୋ ହୋଳି । ଅବସ୍ଥା ଅସମ୍ଭାଳ । ଗୋରା ଶାସନ, ପୁଲିସ ବୋଇଲେ ଉତ୍‌ଫଣ ତମ୍ପ । ଭୟରେ ଗାଁ ଛାଡି ପଳାନ୍ତି ଭାଇନା । ଯାଇ ଲୁଚନ୍ତି ବାଲିପୁଟ ମକଦ୍ଦମୀରେ । କଥା ମନେ ପକାଇ ଶିହରି ଉଠୁଥାଏ ଗୋପ, ଗାଁରେ ଥୟ କରାଯାଇଥାଏ ସମସ୍ତେ ଯେମିତି ପୁଲିସ୍‌କୁ କହିବେ ଯେ ଅକସ୍ମାତ୍ ବାତ ମାରିବାରୁ ହରି ଛାଡିଛନ୍ତି ବାନାମ୍ବର । ଏମିତି ସବୁ ଶିଖାଣ ଭିତରେ ଦୂରରୁ ଶୁଭିଲା ଘୋଡା ଟାପୁର ଶବ୍ଦ । ଆତଙ୍କ ଯେମିତି ଓଳାଇ ସଫା କରିଦେଇଥାଏ ଗାଁ ଦାଣ୍ଡ । ପୁଲିସର ଉଗ୍ର ଉତ୍ତେଜିତ ଚେହେରା । ଗାଁର ପୁରୁଷ ମାନେ କିଏ କୁଆଡେ ପଶିଛନ୍ତି ଗାତରେ । କେତେ ଜଳଦି ତୁଣ୍ଡ

ବାଇଦ ପହଂଚି ଗଲା ଥାନାରେ ? ସମସ୍ତେ ଭୟଭୀତ ତଟସ୍ଥ । ଶେଷରେ ଜେରାର ସମ୍ମୁଖୀନ ହେଲା ମୋତି । ବାରଣ୍ଡା ଉପରେ ଠିଆ ହୋଇ କବାଟରେ ଲାଠିକୁ ପିଟି ବରକନ୍ଦାଜ ପ୍ରଶ୍ନ କଲା

-ନାରାୟଣ ଦାସେ ତୁମର କ'ଣ ହୁଅନ୍ତି ?

-'ଦେଢଶୁର' କବାଟ ଫାଙ୍କରୁ ଓଢଣା ତଳୁ ଶୁଭିଲା ଆତଙ୍କିତ ଓ ଥତମତ ଉତ୍ତର ।

-ସେ କୁଆଡେ ଗଲେ ?

-ଘରେ ନାହାନ୍ତି । ଆହୁରି ଭୟ ବିଜଡିତ କଥା

-ତା ତ ଆମେ ଦେଖୁଚୁ । ହେଲେ ଏବେ ସେ କେଉଠି ?

-ମୁଁ କହି ପାରିବିନି ।

-ନିଜ ଦେଢଶୁର କୋଉଠି କହି ପାରୁନ । ବରକନ୍ଦାଜ ଗଳାରେ ଧମକ ।

-ଆଚ୍ଛା ବାନାମ୍ବର ଦାଶ ତୁମ ଘରର କ'ଣ ହେବେ ?

-ପଡିଶା, ଆମର କୁଟୁମ୍ବ ।

-ସେ କେମିତି ମଲେ ?

-ବାତ ମାରିଲା ସେ ମରିଗଲେ ।

-ତୁମ ଘରର ତାଙ୍କ ଘର ସହ ସମ୍ବନ୍ଧ କେମିତି ?

-ଭଲ ।

ମୋତି କାଳେ ଏତିକି କହିଲା ବେଳକୁ ଥରୁଥାଏ । ପ୍ରାଥମିକ ତଦନ୍ତ ସାରି ଘଟଣାସ୍ଥଳ ବୁଲି ବରକନ୍ଦାଜମାନେ ଚାଲିଗଲେ । ହେଲେ ମୋତିର କଅଁଳ ମନ ଉପରେ ଏ ଘଟଣାର ପଡିଲା ଗଭୀର ଛାପ । ମନ ଗହୀରରେ ଅବସାଦ ଘର କରିଗଲା । ରାତିରେ ଶୋଇବାକୁ ଗଲେ ଶୁଭିଲା ଘୋଡା ଟାପୁ ଆଉ ବରକନ୍ଦାଜର ଧମକପୂର୍ଣ୍ଣ ପ୍ରଶ୍ନବାଣ । ଦେଖାଗଲା ଭୀଷଣ ଚେହେରାମାନ । ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମ ହୋଇ ପଡିଲା ମଲା ପୁଅଟିଏ । ଏ ଖବର ଗୋପକୁ ଏକ ପ୍ରକାର ଦୋହଲାଇ ଦେଇଥିଲା । ମୋତିଠାରୁ ସବୁ ଶୁଣିଲା ପରେ ଗୋପ ମଲା ପିଲାଟି ପାଇଁ ଯେତିକି କଷ୍ଟ ପାଇ ନଥିଲା ସେତିକି ଘାଂଟି ହୋଇଥିଲା ମୋତିର ମାନସିକ ଅବସ୍ଥା ପାଇଁ । ଏବେ ସମୁଦ୍ର ଭିତରକୁ ଚାହିଁ ଗୋପ ପାଂଚୁଥାଏ ପାଖରେ ରହି ସବୁବେଳେ ଆଶ୍ୱାସିବା ବି ସମ୍ଭବ ନ ଥାଏ । ମୋତିକୁ ପ୍ରାୟ ସେଇଭଳି ଭଗ୍ନ ହୃଦୟରେ ଛାଡି ଆସିଥିଲା ଗୋପ । ଶେଷରେ ସେ ପ୍ରକୃତିସ୍ଥ ହୋଇଥିଲା ଆଉ ଗୋଟିଏ ପୁଅର ଜନ୍ମ ପରେ । ଦୁଃଖ ଭାରାକ୍ରାନ୍ତ ଏ ଢେଉଟି ଦୂରେଇ ଗଲା ପରେ ପୁଣି ଉଠେ ଆଉ କେତେ ପ୍ରକାରର ଢେଉ । ଢେଉ ସୁଖ ସ୍ମୃତିର ସଂକଳ୍ପର । ମନେପଡେ ଦଇତାପଡା ସାହିରେ ରାମଚନ୍ଦ୍ର ଦାସଙ୍କ ଘରର ଘଟଣା ।

ସେଦିନ କଚେରୀରୁ ଫେରି ଦଇତାପଡା ସାହିସ୍ଥିତ ନିଜ ବାସଭବନ ସଂଲଗ୍ନ ପାଠାଗାରରେ ସାଂଧ ବୈଠକୀରେ ଥାନ୍ତି ରାମଚନ୍ଦ୍ର । ପାଖରେ କେତେ ଜଣ ବିଦ୍ୟାର୍ଥୀ । କିଏ ଜିଲ୍ଲା ସ୍କୁଲର ଛାତ୍ର ତ କିଏ ସଂସ୍କୃତ ବିଦ୍ୟାଳୟର । ଲମ୍ବା ମେଜ ଉପରେ ଖେଳେଇ ହୋଇ ପଡିଥାଏ ବଙ୍ଗବାସୀ, ସଂଜୀବନି, ବସୁମତୀ, ଉତ୍କଳ ଦୀପିକା, ସମ୍ବାଦ ବାହିକା, ଦ ଷ୍ଟେଟ୍‌ସ୍‌ମ୍ୟାନ୍ ପରି ଓଡିଆ ବଙ୍ଗଳା, ଇଂରେଜୀ ଇତ୍ୟାଦି କେତେ ଭାଷାର ପତ୍ର ପତ୍ରିକା ମାନ । ଆଲମାରୀରେ ଥାକ ଥାକ ହୋଇ ସଜା ହୋଇଥାଏ କେତେ ଭାଷାର କେତେ ପ୍ରକାରର ବହି- କାବ୍ୟ, ନାଟକ, ଉପନ୍ୟାସ ଆଦି । ପିଲାଙ୍କ ଭିତରୁ କିଏ ଖବର କାଗଜ ପଢୁଥାଏ, କିଏ ଓଡିଆ ସାହିତ୍ୟ ପତ୍ରିକା ଆଉ କାହା ଆଖି ଠିରିକି ଥାଏ ବଙ୍ଗଳା ଉପନ୍ୟାସ ମାଳାରେ । ସେମାନଙ୍କ ସହ ରାମଚନ୍ଦ୍ର ପିଲା ହୋଇ ପଢାରେ ମନ ଲଗାଇ ଥାନ୍ତି । କଚେରୀରୁ ଫେରି କ୍ଳାନ୍ତ ହୋଇ ନାହାନ୍ତି ଅବା ।

ଗୋପର ଠିକ୍ ମନେ ଅଛି ସେ ଏଇବେଳେ ପହଁଚେ । ପ୍ରାୟ ପ୍ରତିଦିନ ତାକୁ ଦେଖୁଥିଲେ ମଧ୍ୟ ସେଦିନ ରାମ ଚନ୍ଦ୍ର ବଡ ଉଲ୍ଲସିତ ମନେ ହୁଅନ୍ତି । ଗୋପ ସହ ଥାନ୍ତି ଶିକ୍ଷକ ଦିବ୍ୟସିଂହ ମିଶ୍ରେ ଆଉ କେତେଜଣ ଜିଲ୍ଲା ସ୍କୁଲ ଛାତ୍ର । ଅଳ୍ପ ସମୟ ପରେ ଗୋପ ଉପରେ ଦୃଷ୍ଟି କେନ୍ଦ୍ରୀତ କଲା ପରେ ଟିକେ ଦୂରରେ ବସିଥିବା ଗୋଟିଏ ପିଲା ଆଡେ ଚାହିଁ କଥା ଆରମ୍ଭ କରନ୍ତି ସେ ।

-ଦେଖ ବାପ ବାସୁ : ଏ ହେଲେ ଗୋପବନ୍ଧୁ ଦାସ । ସତ୍ୟବାଦୀ ନିକଟ ସୁଆଣ୍ଡୋ ଗାଁରେ ଘର । ଜିଲ୍ଲାସ୍କୁଲର ଛାତ୍ର ସୁବକ୍ତା, ମେଧାବୀ ପୁଣି ସେବା ପରାୟଣ । ପ୍ରଚଣ୍ଡ ପ୍ରତିଭା ଆଉ ବିରାଟ ହୃଦୟର ଅଧିକାରୀ । ତାଙ୍କ ନନା ଦୈତାରୀ ମୋରି ପରି ମୁକ୍ତିଆର । ମୋତେ କଥା ଛଳରେ କହି ଯାଇଛନ୍ତି ଗୋପ ପୁରୀରେ ପଢୁଥିବା ଯାଏଁ ମୋର । ହଇହୋ ପୁରୀରୁ କଟକ ଗଲେ କ'ଣ ପର ହୋଇଯିବ ? ସମସ୍ତେ ଏ କଥା ଶୁଣି ହରଷ ହେଲେ । ପୁଣି କଥା ଚାଲିଲା ରାମ ଚନ୍ଦ୍ରଙ୍କର

-ପୁରୀ ଆସିବା ଦିନୁ ଗୋପ ଏଠିକି ଆସିବା ଥୟ । ଶିବଙ୍କୁ ଲାଗି ହେଉଥିବା ବେଲପତ୍ର ଖଣ୍ଡିଆ ହୋଇପାରେ ହେଲେ ଗୋପ ଆଗମନରେ ହେଳା ହେବ ନାହିଁ ।

- ଏ କଥା ଶୁଣି ଦିବ୍ୟସିଂହ ଅନୁମୋଦନ କରିବା ଭଙ୍ଗୀରେ ହସୁଥାନ୍ତି ପୁଣି ରାମ ଚନ୍ଦ୍ର କହିଲେ ।

-ଇଏ ବାସୁ ! ବାସୁଦେବ ରଥ । ଆମ ଗାଁର । ଏଠି ସଂସ୍କୃତ ବିଦ୍ୟାଳୟରେ ପଢେ ।

-ବାସୁ ଉଭୟ ଦିବ୍ୟସିଂହ ଓ ଗୋପଙ୍କୁ ନମସ୍କାର କରେ ।

-ଦିବ୍ୟସିଂହ ଆପଣେଙ୍କୁ ମୁଁ ଜାଣେ । ଗୋପଙ୍କ ବିଷୟରେ କେତେ କାହାଠୁ କେତେ ଭଲ ଭଲ କଥା ଶୁଣିଛି । ଆଜି ଜାଣି ସାକ୍ଷାତରେ ବାଂଛା ପୂରଣ ହେଲା । ଏକଥା କହିସାରି ଗୋପ ଉପରୁ ଆଖି ଫେରାଇ ପାରୁ ନ ଥିଲେ ବାସୁଦେବ । ସାକ୍ଷାତ ମାତ୍ରେ ଦୁହିଁଙ୍କ ଭିତରେ ଯେମିତି ଘଟି ଯାଇଥିଲା ନିରବ ଭାବ ବିନିମୟ ।

ବାସୁଦେବଙ୍କୁ ପ୍ରକୃତିସ୍ଥ କରିବାକୁ ଯାଇ ପଚାରିଲେ ରାମଚନ୍ଦ୍ର

-କ'ଣ ହେଲା ରେ ବାସୁ ।

-ନାଇଁ ଆପଣେ । ଇଏ ଗୋପବନ୍ଧୁ କି ଧୀର । କୋଉ କାଳର ଚିହ୍ନା ପରି ଲାଗୁଛନ୍ତି ।

-ଗୋପର ଠିକ ମନେ ଅଛି ଏ କଥାରେ ସେ ହସି ପକେଇଥିଲା ।

- ସେତିକି ବେଳେ ବାସୁ ଆଡେ ଦୃଷ୍ଟି ପକାଇ ଦିବ୍ୟସିଂହ କହିଥିଲେ

- ଏ ମହାଶୟଙ୍କ ପରିଚୟ ଏତେ ସଂକ୍ଷିପ୍ତ କରିଦେଲେ ଯେ ମୁକ୍ତିଆରେ ।

-ଇଏ ମୋର ଆଦରର ବାସୁ । ଆମ ଗାଁ ଭିଙ୍ଗାରପୁରର, କହିପାର ଆମ ପରିବାରର ପିଲା । ଇଛିପୁର ଭର୍ଣ୍ଣାକୁଲାର୍ ସ୍କୁଲ୍‌ରେ ପାଠ ପଢୁଥିଲା । ସେଠୁ ପାଠ ସାରି ଏବେ ସଂସ୍କୃତ ଟୋଲ୍‌ରେ ନାଁ ଲେଖାଇଛି । ରହଣି ଆମ ଘରେ । ଆଉ କ'ଣ ଜାଣିବାକୁ ଚାହୁଁଛନ୍ତି ମିଶ୍ର ଆପଣେ ? ଏତିକି କହି କଥା ବନ୍ଦ କରିଥିଲେ ରାମଚନ୍ଦ୍ର ।

ସମୁଦ୍ର ଗର୍ଜନ ଭିତରେ ଗୋପ ମନରେ ଏସବୁ କଥାର କୁଆରଭଙ୍ଗା ଚାଲିଥିଲା । ସେଦିନ ବାସୁ ସହ ମିଶି ସେ ବଡ ପ୍ରୀତ ହୋଇଥାଏ । ଭାବ ଆଦାନ ପ୍ରଦାନ ପରେ ବରାଦ ହୁଏ ଜଳଖିଆ । ଚୁଡାଭଜା, ଖଇ । ସମସ୍ତେ ମୁଠେ ମୁଠେ ପାଟିରେ ପକାଇବା ପରେ ରାମଚନ୍ଦ୍ର ପୁଣି ଦେଶକଥା ପକାନ୍ତି । ଗୋପ ଆସିବା ପରେ ସମଗ୍ର ପରିବେଶ କେମିତି ହୋଇଉଠେ ଆବେଶମୟ । ଜଳଖିଆ ସରେ । ଯେ ଯାହାର ପୁଣି ଲାଖି ଯାଆନ୍ତି ବହି, ପତ୍ର ପତ୍ରିକାରେ । ମଝିରେ ମଝିରେ ଦିବ୍ୟସିଂହଙ୍କର ପଦେ ଅଧେ ଉତ୍ସାହ ବଚନ ଶୁଭୁଥାଏ । ରାତି ଟିକେ ଗଭୀର ହୋଇଥାଏ ହଠାତ କାଳେସୀ ଲାଗିବା ପରି କ'ଣ ସବୁ କହିବା ଆରମ୍ଭ କଲେ ରାମଚନ୍ଦ୍ର ।

-ପିଲାଏ ! ତୁମେ ସବୁ ଶିକ୍ଷିତ । ଆଗକୁ ଆହୁରି ଉଚ୍ଚଶିକ୍ଷା ପାଇବ । ଏସବୁ ଖାଲି ସ୍ୱାର୍ଥ ପାଇଁ ନାଁ ଯା ପଛରେ ପରାର୍ଥ, ପରମାର୍ଥର କଥା ଅଛି ?

ପିଲାଏ ଏ ଅନହୂତି ପ୍ରଶ୍ନରେ କେମିତି ହଡବଡେଇ ଗଲେ । କିଛି ଗୋଟାଏ ତୁରନ୍ତ ଉତ୍ତର ଦେବାକୁ ସଭିଏଁ ଥତମତ । ପ୍ରାୟ ସମସ୍ତେ ଆସିଛନ୍ତି ନିମ୍ନ ମଧ୍ୟବିତ୍ତ ମଫସଲି ପରିବାରରୁ । ଅଧିକାଂଶଙ୍କର ସହର ଆସିବାରେ ଇଏ ପ୍ରଥ

ପିଢି । ସମସ୍ତଙ୍କ ବାପା ମାଆ ଚାହାନ୍ତି ପାଠ ପଢି ସାରି ପିଲାଏ ବଡ ପାହ୍ୟାର ବୃତ୍ତିରେ ମୁକରିର ହୁଅନ୍ତୁ । ପ୍ରାୟ ସମସ୍ତେ ଘରେ ଶୁଣିଛନ୍ତି "ପୁଅ ଯଦି ଯୋଗ୍ୟର ଧନ କାହିଁ ପାଇଁ ସଂଚୁ", ପୁଅ ଯଦି ଅଯୋଗ୍ୟର ଧନ କାହିଁ ପାଇଁ ସଂଚୁ" । ତେଣୁ ପ୍ରାୟ ସମସ୍ତେ ଚାହୁଁଥିବେ ଘରର ଆଧି ବଢାଇବେ ନିଜେ ଅୟସରେ ଚଳିବେ । ମୁକ୍ତିଆରେ ପ୍ରଶ୍ନର ଏ କଙ୍କଡାବିଛା ମାଳ ସେମାନଙ୍କ ଉପରକୁ ଛାଡିଦେଲେ କ'ଣ ପାଇଁ ? ଅସଲରେ ସେ କ'ଣ କହିବାକୁ ଚାହାନ୍ତି । ପିଲାମାନଙ୍କ ଠାରୁ ସେ କ'ଣ ଆଶା କରନ୍ତି । ଗୋପ କିନ୍ତୁ ସେଦିନ ଏ ପ୍ରଶ୍ନରେ ବଡ ଉଲୁସି ଉଠୁଥାଏ । ହିସାବ କିତାବର ଦେଢୀ ମହାଜନୀ ଯୁଗରେ ଜଣେ ପରିବାର ବାହାରର ଲୋକ ଏ ପ୍ରଶ୍ନ ପଚାରିବା ତାକୁ ବଡ ଉଷତ ଲାଗୁଥାଏ ।

ପିଲାଙ୍କ ହତବମ୍ଭ ଭାବ ଦେଖି ରାମଚନ୍ଦ୍ର ପୁଣି କହିଲେ ।

-ପିଲେ ପାଂଚ କରନି । ସହଜ ହୁଅ ସ୍ୱାଭାବିକ ହୁଅ । ମୁଁ ତୁମ ମାନଙ୍କୁ ସଂସାରତ୍ୟାଗୀ ବଇରାଗୀ ହୋଇ ହିମାଳୟ ଚାଲିଯିବାକୁ କହୁ ନାହିଁ । ଗୋରାଙ୍କର ଅନ୍ଧାଧୁନିଆ ଶାସନ ବିରୋଧରେ ଠେଙ୍ଗା ସଜିଲ କରି ବୁଲାଇବାକୁ ଉସୁକାଉ ନାହିଁ । ଗୋପନରେ ହତିଆର ପଜେଇବାକୁ ମସୁଧା କରୁନାହିଁ, କି ପେଟରେ ଓଦାକନା ପକାଇ ଦାତାକର୍ଣ୍ଣ ହୋଇ ପରୋପକାରରେ ମାତିବାକୁ ମନ୍ତ୍ରଣା ଦେଉନାହିଁ । ମୁଁ ତୁମ ମାନଙ୍କ ଠୁ ଯାହା ଚାହେଁ ତାହା ଅତି ସାମାନ୍ୟରୁ ବି ସାମାନ୍ୟ ।

-ଆପଣ କୁହନ୍ତୁ, ଯାହା ବି କୁହନ୍ତୁ ଆମେ ପ୍ରସ୍ତୁତ । କହିବାର ସୁଯୋଗ ପାଇବା ମାତ୍ରେ ତୁରନ୍ତ ଉତ୍ତର ଦିଏ ଗୋପ ।

-ସେମିତି ନୁହେଁ ଗୋପ ତୁମେ ମାନେ ସତ୍ୟ କରିପାରିବ ?

-ଆଜ୍ଞା । ଶୁଭିଲା ସମବେତ କଣ୍ଠସ୍ୱର ।

-ତୁମମାନଙ୍କ ଠୁ ମୋର ବେଶି କିଛି ମାଗୁଣି ନାହିଁ । ପ୍ରଥମ କଥା ତୁମେ ମାନେ ଆଗ ନିଜ ଶିକ୍ଷିତ ହେବ । ତାହା ସର୍ବାଗ୍ରେ ଆବଶ୍ୟକ ।

-ଆଜ୍ଞା ହେବୁ ।

-ପ୍ରତେକ ପାଂଚ ଲୋକଙ୍କୁ ଶିକ୍ଷିତ କରାଇବାର ଭାରନେବ । ସେମାନଙ୍କୁ ସତ୍ୟ କରାଇବ ସେମାନେ ଜଣକେ ପାଂଚ ଲେଖାଏଁ ଶିକ୍ଷିତ କରାଇବେ । ଏମିତି ହେଲେ ବରଷ ପାଂଚଟାରେ ଏ ମୁଲକରେ ଲକ୍ଷ ସଂଖ୍ୟାରେ ଶିକ୍ଷିତ ବାହାରିବେ ।

ଏ ଅଭିନବ ସ୍ୱପ୍ନ ଓ ସଂକଳ୍ପ କଥା ଶୁଣି ଗୋପ ନିଜେ ଆଚମ୍ବିତ ହୋଇଗଲା, ଅନ୍ୟମାନେ ତାଟକା ହୋଇ ଚାହିଁଥିଲେ ରାମଚନ୍ଦ୍ରଙ୍କୁ ।

କୁହୁକ ଲାଗିଲା ପରି କହିଥିଲେ – ଆମେ ଶପଥ କଲୁ । ସତ୍ୟ କଲୁ ଏ କଥା ଅକ୍ଷରେ ଅକ୍ଷରେ ପାଳିବୁ ।

– ମୁଁ କେହି ନୁହେଁରେ ପିଲେ । ତମେମାନେ ଯେ ମୋ ଉପରେ ଆସ୍ଥା ରଖିଚ ସେତିକିରେ ମୁଁ ପ୍ରୀତ । ତମ ମାନଙ୍କ ସଂକଳ୍ପ ଦେଖି ଲାଗୁଛି ଏ ଦେଶର ଜାଗରଣକୁ କେହି ଅଟକାଇ ପାରିବେ ନାହିଁ ।

-ସତ୍ୟ ସତ୍ୟ ତ୍ରିବାର ସତ୍ୟ – ଉତ୍ତର ଫେରାଇଥିଲେ ଗୋପ ସମେତ ସମସ୍ତ ବିଦ୍ୟାର୍ଥୀ ।

ଆଜି ଏ ସମୁଦ୍ରକୂଳେ ବି ଢେଉ ସହ ତାଳ ଦେଇ ଗୋପ ମନରେ ପ୍ରତିଧ୍ୱନିତ ହେଉଥାଏ ସେ ଶବ୍ଦ – ସତ୍ୟ ସତ୍ୟ ସତ୍ୟ ।

ସେଦିନ ପିଲାଏ ଗଲା ବେଳକୁ ରାତି ବାରଟା ପାଖାପାଖି । ଗଲାବେଳେ ପିଲା ମାନଙ୍କୁ ରାମଚନ୍ଦ୍ର ପଚାରୁଥାନ୍ତି କିଏ ଏଠି ଭାତ ମୁଠେ ଖାଇଦେଇ ଯାଅ । ସମସ୍ତେ ଜାଣିଥାନ୍ତି ରାମଚନ୍ଦ୍ର ସେତକ ନିଜ ଭୋଜନରୁ ଭାଗ କରିବେ ।

ଗୋପର ମନରେ ପୁଣି ଆସେ ଆଉ ଦିନକର ଘଟଣା । ସେ ଓ ବାସୁ ପେଟେ ଜଳଖିଆ ସାରି ପଢାରେ ମନ ଲଗାଇଥାନ୍ତି । ଦିହେଁ ପଢାରେ ନିମଗ୍ନ ଥିଲା ବେଳେ ରାମଚନ୍ଦ୍ର ଏକାବେଳେକେ ଦୁହିଙ୍କ ମୁଣ୍ଡ ଉପରେ ହାତ ରଖିଲେ ।

-ଆରେ ଗୋପ ଆରେ ବାସୁ ଦିହେଁ ମୋର ଅତି ଆଦରର ! ଦିହେଁ ମୋ ପାଇଁ ପ୍ରାଚ୍ୟ ଆଉ ପାଶ୍ଚାତ୍ୟ । ଗୋପ ପଢୁଚି ଇଂରାଜୀ ବାସୁ ତୋର ସଂସ୍କୃତ । ତୁମ ଦୁହିଙ୍କ ମିଳନ ମୋ ପାଇଁ ପାଶ୍ଚାତ୍ୟ ଆଉ ପ୍ରାଚ୍ୟର ସମ୍ମେଳନ । ଏ ସମନ୍ୱୟରୁ କେତେ କଥା ବାହାରିବ । ଦେଶର କେତେ କାମ ହୋଇ ପାରିବ ।

ମନେ ପଡେ ୧୮୯୬ର ଜୁନ ମାସ । କୁନ୍ ସାହେବ ପୁରୀର ଜିଲ୍ଲାପାଳ ଭାବେ ଯୋଗ ଦିଅନ୍ତି । ରାମଚନ୍ଦ୍ର ତାଙ୍କୁ ସମ୍ବର୍ଦ୍ଧନା ଦେବାକୁ ମନକରି ନିଜ ଦଇତାପଡା ସାହି ଘରକୁ ନିମନ୍ତ୍ରଣ କଲେ । ଦିନ ନିର୍ଦ୍ଧାରଣ ହୋଇଗଲା । କଥା ହେଲା ଗୋପ ଇଂରାଜୀରେ ଓ ବାସୁ ସଂସ୍କୃତରେ ତାଙ୍କୁ ସ୍ୱାଗତ ମୂଳକ ଅଭିଭାଷଣ ଦେବେ । ସେମାନଙ୍କ କହିବାର ମର୍ମ କ'ଣ ହେବ ସେ କିଛିଟା ସୂଚାଇ ଦେଲେ । ଯଥାରୀତି ପହଁଚିଲେ କୁନ୍ । ସଂହତ, ମାର୍ଜିତ, ସୁନିର୍ଦ୍ଦେଶିତ ଇଂରାଜୀ ଓ ସଂସ୍କୃତ ସ୍ୱାଗତ ସଂଭାଷଣରେ ସେ ମୁଗ୍ଧ ହୋଇ ପଡିଲେ । ଗୋପ ଓ ବାସୁଙ୍କ ସୌଜନ୍ୟବୋଧ ବି ତାଙ୍କୁ ବେଶ ଭଲ ଲାଗିଲା । ଉତ୍ତରରେ ସେ ଧନ୍ୟବାଦ ଦେଇସାରି ପଚାରିଲେ ।

-ମୁଁ ଆପଣ ମାନଙ୍କ ଲାଗି କ'ଣ କରିପାରେ ? ଯଦି କିଛି ପ୍ରସ୍ତାବ ଅଛି ଦିଅନ୍ତୁ । ହୁଏତ ଗୋପ ଓ ବାସୁ ମନରେ କିଛି ବିଧିବଦ୍ଧ ପ୍ରସ୍ତାବ ନ ଥିଲା । ମାତ୍ର ରାମଚନ୍ଦ୍ର ଥିଲେ ଯୋଜନାବଦ୍ଧ । ତାଙ୍କ ପ୍ରସ୍ତାବ ଶୁଣି ନିଜେ ଗୋପ ଆଶ୍ଚର୍ଯ୍ୟ ।

-ମହାମହିମ ଜିଲ୍ଲାପାଳ ମହୋଦୟ ପୁରୀ ସଂସ୍କୃତ ଟୋଲରେ ଗୋଟିଏ ପାଠାଗାରର ବ୍ୟବସ୍ଥା କରନ୍ତୁ । ଏଠି ପୁସ୍ତକର ଅଭାବ କହିଲେ ନ ସରେ ।

-ସମୁଦ୍ର କୂଳର ବାଲି ଖାଲି ଖାଲି ଲାଗୁଛି । ତାପ ନିୟନ୍ତ୍ରଣ ଆଉ ଜୁଆରରୁ ସୁରକ୍ଷା ପାଇଁ ଯଥେଷ୍ଟ ପରିମାଣର ଝାଉଁଗଛ ଲଗାଯାଉ ।

କୁନ୍ ଏ ଧରଣର ବିକାଶମୂଳକ ପ୍ରସ୍ତାବରେ ଖୁସି ହୋଇ ତୁରନ୍ତ ପାଠାଗାର ପାଇଁ ଓ ସମୁଦ୍ରକୂଳରେ





ଲକ୍ଷେ ଝାଉଁଗଛ ଲଗାଇବା ଉଦ୍ଦେଶ୍ୟରେ ଆବଶ୍ୟକ ଅର୍ଥ ମଂଜୁର କଲେ । ଏ ଖବର ପୁରୀ ବାସୀଙ୍କୁ ବଡ ଆନନ୍ଦଦାୟକ ବି ହେଲା । ସେ ଦିନ ଗୋପ ରାମ ଚନ୍ଦ୍ରଙ୍କଠାରୁ ଢେର କିଛି ଶିଖିବାକୁ ବାକି ରହିଛି ବୋଲି ବୁଝି ପାରିଲା ।

ଢେଉ ସହ ତାଳ ଦେଇ ମନେ ପଡେ କେତେ ଲଘୁ କଥା । ଲଘୁ ଅଥଚ ଭାବପୂର୍ଣ୍ଣ । ଅଦୂରରେ ସମୁଦ୍ରକୂଳେ ଭାଗବତକାରଙ୍କ ସାଧନାପୀଠ ସାତଲହଡି ମଠ । ତା ଜାତିର ଅତିପ୍ରିୟ କବି ସାଧକ । ତାଙ୍କ ରଚନାର ଅମୃତ ସେ ରଖିଛି ଆବାଲ୍ୟରୁ । ଚଖାଇଛି କେତେ କାହାକୁ । ସେଥିପାଇଁ ଗେପ ଗାଁରେ ଜ୍ୟେଷ୍ଠ ପୂର୍ଣ୍ଣିମାର ସାତଦିନ ପୂର୍ବରୁ ଭାଗବତ ହପ୍ତା ଆରମ୍ଭ କରେ । ଖରାଛୁଟି ହେତୁ ସୁବିଧା ହୁଏ । ଜାଗେଶ୍ୱରୀଙ୍କ ପାଖରେ ହପ୍ତା ବସେ ପ୍ରସାଦ ରନ୍ଧା ହୁଏ । ନିଜେ ଗୋପ ଆବୃତି କରେ ଏକାଦଶ ସ୍କନ୍ଦଯାଏ ଅମୂଳଚୂଳ । ଆଖିରୁ ଧାର ନିଗିଡି ପଡେ । ଉପଲବ୍ଧିର ଆନନ୍ଦ ।

ଆଖପାଖରୁ ପୁରୀ ସହରରୁ, ସାକ୍ଷୀଗୋପାଳରୁ କେତେ ବନ୍ଧୁ ଆସନ୍ତି । ହପ୍ତାରେ ଭାଗ ନିଅନ୍ତି, ଅଧ୍ୟାଏ ପାରାୟଣ କରନ୍ତି, ପ୍ରସାଦ ପାଇ ଫେରନ୍ତି ।

ଥରେ ଗାଈ ଅଡେଇ ନଇ ଦାଢରେ ଚାଲି ଯାଉଥାଏ ଟୋକାଟିଏ । ଗଉଡ ଟୋକାଟି ପାଇଁ ଗୋପ ମନରେ ଶରଧା ହେଲା ।

– ଆରେ ବାବୁ ଆ ଭାଗବତ ଶୁଣିବୁ । କଅଁଳ କଣ୍ଠରେ ଡକା ପକାଇଲା ଗୋପ ।

– ମୋର କୋଉ ଦିଅଁ ଉପରେ ଭରସା ନାହିଁ । ଗଉଡ ଟୋକାଟିର ସାଦାସିଧା ଉତ୍ତର ।

–ଗୋପ ତାଟକା – "ତୁ କାହାକୁ ତ ଡାକୁଥିବୁ । କିଏ ହେଲେ ତ ତୋର ଇଷ୍ଟଥିବ" ।

– ଯାହାଯୋଗୁ ମୁଁ ମୁଠେ ପଖାଳ ପାଏ ସିଏ ମୋର ଦିଅଁ ବାକୀ ସବୁ ଫିଅଁ ସାଆନ୍ତେ ।" କାହିଁକି କେଜାଣି ବଡ ମୁହଁଟାଣରେ ସିଏ ଦେଇଗଲା ଏମିତି ଉତ୍ତର ।

ଭାଗବତର ଆଲୁଅରେ ଉଜ୍ଜ୍ୱଳ ଗୋପ ମୁହଁରେ କିନ୍ତୁ ଏଥିପାଇଁ ବିରାଗ ନଥିଲା । ପାଖ ଲୋକେ ଭାବୁଥାନ୍ତି ମୁକ୍ତିଆରଙ୍କ ପଢୁଆ ପୁଅକୁ ଗଉଡ ଟୋକାଟି ଏମିତି ମୁହଁରେ ଜବାବ ଦେଲା । ହେଲେ ଗୋପ ସେତେବେଳକୁ ଭାଗବତର ଭାବ ଲୋକରେ –

ସକଳ ଘଟେ ନାରାୟଣ
ବସନ୍ତି ଅନାଦି କାରଣ ।

ତୁ ଯାହା କହିଲୁ ସତରେ ବାବୁ । ଅକ୍ଷରେ ଅକ୍ଷରେ ସତ । ଭାଗବତକାର ତାଙ୍କ ବାଗରେ ତୋରି କଥା କହିଛନ୍ତି । ଶୁଣିନୁ କର୍ମ ମୋହର ନିଜଗୁରୁ, ଉଦ୍ଧବ କେତେ ତୁ ପଚାରୁ ? ପିଲାଟି ବିଚରା ତାଟକା ହୋଇ କିଛି ବେଳେ ଚାହିଁଲା ଓ ଚାଲିଗଲା । ହେଲେ ସେ ଯିବାପରେ ଗୋପ ଭାବେ ଏ ମାଟିର ମଂଜରେ ଦର୍ଶନ ଅଛି । ତାହା ଶ୍ରମରୁ ବାହାରେ ଆରାମରୁ ନୁହେଁ । ଢେଉ ପରେ ଢେଉ ଉଠୁଥାଏ । ମନେ ପଡୁଥାଏ କେତେ କଥା କେତେ କ୍ଷତ କେତେ ଆଘାତ ।

ରୁଗ ରୁଗ କରୁଥାଏ ଆଉ ଗୋଟିଏ ଘଟଣା । ପୁରଷ୍ତମ କ୍ଷେତ୍ରର ରଥଯାତ । କେତେ କୁଆଡୁ ଯାତ୍ରୀ ଆସନ୍ତି । କିଏ ପଶ୍ଚିମା, କିଏ ଦକ୍ଷିଣୀ କିଏ ପଂଚୁକୋଶୀ କିଏ ବିଦେଶୀ । ସ୍ୱାସ୍ଥ୍ୟସେବା ବୋଲି ଏଠି କିଛି ନାହିଁ । ସେଥିକୁ ପୁଣି ଆଷାଢ ମାସ ଅନେକ ବେଳେ କାଦୁଅ ଗୁଣ୍ଡିଚା, ଏମିତି ଅବସ୍ଥା ବାଡି ପାଇଁ ଅନୁକୂଳ । ହଇଜା ଘୋଟେ ଅମଡା ଅପୋଡା ଭୁଇଁକୁ ତୀର୍ଥ କରି ଆସିଥିବା କେତେ ନିରୀହ ମୁର୍ଦ୍ଦାର ହୋଇ ଯାଆନ୍ତି ସ୍ୱର୍ଗଦ୍ୱାର । ବେଳେ ବେଳେ ସେ ଯାଏଁ ନେବାକୁ ସୁବିଧା ନ ଥାଏ । ରାସ୍ତାକଡରେ ମଡା ସଢେ । ବିଦେଶୀ ଗୋରା ସରକାରର ଏଥିକୁ ଭାଳେଣୀ ନାହିଁ । ଆପଦରେ ତ ତାଙ୍କର କିଛି ଯାଉ ନାହିଁ, ଲୋକେ ବି କିଛି ବୁଝନ୍ତି ନାହିଁ । ନିଜେ ଡାକି ଆଣନ୍ତି ନିଜର ବିନାଶ । ସ୍ୱାସ୍ଥ୍ୟସେବାରେ ଏ ବିପର୍ଯ୍ୟୟ ଦେଖି ଗୋପ ଗଢିଥିଲା ପୁରୀ ସେବା ସମିତି । ପଛରେ ପ୍ରେରଣା ରାମଚନ୍ଦ୍ର । ସିଏ ତ ଅମୃତହସ୍ତା । ତାଙ୍କ ହାତ ଲାଗିଲେ ସବୁ କୁଶଳ ସବୁ ସିଦ୍ଧି । ଲୋକେ କ'ଣ ମିଛକୁ କହନ୍ତି ସଗୁଣ ନିର୍ଗୁଣ ରାମଚନ୍ଦ୍ର ନାମ ସ୍ମରିଲେ ମିଳଇ ବଇକୁଣ୍ଠ ଧାନ । ଗୋପ ପାଦ କାଢୁ କାଢୁ ତା ସହ ଯୋଗ ଦେଇଥିଲା ହରି – ତଳ ଶ୍ରେଣୀର ଛାତ୍ର । ଗୋପ ଆଶ୍ଚର୍ଯ୍ୟ ହୁଏ । କ'ଣ ଦେଖି କେଜାଣି ହରି ତା କଥାକୁ ନିର୍ମାଲ୍ୟ ତୁଲ୍ୟ ଜ୍ଞାନ କରେ । ମିଶିଥିଲେ ଆହୁରି କେତେ ଛାତ୍ର ଯେତେବେଳେ ସଂକ୍ରମଣର ଭୟ, ଦାଣ୍ଡରେ ବୁଲିଲେ ହଇଜା ଘୋଟିବାର ଆତଙ୍କ ସେତେବେଳେ ସେମାନେ ଗୋପ ମତାଣରେ ପଡି ମଡା ଉଠାଇଥିଲେ । ସ୍ୱର୍ଗଦ୍ୱାର କି କଟକୀପେଣ୍ଠରେ ନେଇ ପୋଡିଥିଲେ । ଘର ଘର ବୁଲି ଲୋକଙ୍କୁ ଶିକ୍ଷା ଦେଲେ ରୋଗଠୁ ଦୂରରେ ରହିବା ଲାଗି ଆବଶ୍ୟକୀୟ ସତର୍କତା । ଲୋକେ ଚକିତ ହେଲେ । ପିଲାଙ୍କୁ ଧନ୍ୟ ଧନ୍ୟ କହିଲେ । କେହି କେହି ବାପ ମା ନିଜ ପିଲାଙ୍କୁ ଗୋପ ପାଲରେ ନ ପଡିବା ପାଇଁ ବି ଚେତେଇ ଦେଲେ ।

ଏମିତି ଅବେଳରେ ଗୋପର ମାଟ୍ରିକ ପଢୁଆ ବନ୍ଧୁ ଦିବାକର ଦାସ ପୁରୀ ମ୍ୟୁନିସିପାଲିଟି ତରଫରୁ ହୋଇଥିବା ଅବହେଳା କଥା ଷ୍ଟେଟସ୍ ମ୍ୟାନ କାଗଜରେ ଲେଖିଲା । ଗୋପ ମନେ ପକାଏ ସେଦିନର କଥା – ସାହସ କେତେ – ଯୋଉ ଶାସନରେ ସୂର୍ଯ୍ୟ ଅସ୍ତ ହୁଏନି ବୋଲି ପ୍ରବାଦ ଅଛି, ଯୋଉ ନାଲି ଆଖି ତଳେ ବାଘ ଛେଳି ଏକା ତୁଠରେ ପାଣି ପିଅନ୍ତି ସେ ବ୍ୟବସ୍ଥା ବିରୁଦ୍ଧରେ ପ୍ରତିବାଦ ପୁଣି ଲିଖିତ ।

ପ୍ରଶାସନ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ସଂପୂର୍ଣ୍ଣ ବିଫଳ । ମ୍ୟୁନିସିପାଲିଟି ତରଫରୁ ପ୍ରତିଷେଧକ ବ୍ୟବସ୍ଥା କରାଯାଇନାହିଁ ଏହା ସରକାରଙ୍କ ଦାୟିତ୍ୱହୀନତା । ଏଥିଯୋଗୁଁ ପ୍ରତିବର୍ଷ ଅନେକ ନିରୀହ ଯାତ୍ରୀ ମରୁଛନ୍ତି । ମଲା ପରେ ବି ମଡା ଉଠାଇବାରେ ଅବହେଳା ।

ଯେତେବେଳେ ଷ୍ଟେଟ୍ସ୍‌ମ୍ୟାନରେ ଏହି ମର୍ମରେ ସମ୍ବାଦ ପ୍ରକାଶିତ ହେଲା । ପୁରୀର ଶିକ୍ଷିତ ଲୋକେ ମନେ ମନେ ଖୁସି ହେଲେ । ଜଣେ କେହିତ ପ୍ରତିବାଦ କଲା । ଯୋଉ ସହରରେ ଭାଙ୍ଗ

ସାଙ୍ଗକୁ ଛେନା ରାବିଡି କ୍ଷୀରା ଖାଇ ଲୋକେ ନାହିରେ ତେଲ ପକାଇ ଅନନ୍ତ ଶୟନ କରନ୍ତି ସେଠୁ କେହି ଜଣେ ତ ଆଖିରେ ଆଖି ମିଶାଇ କଥା କହିଲା, ଓଜର ଆପତ୍ତି ବାଢ଼ିଲା ।

ସେଦିନର କଥା ମନେ ପଡିଲେ ଗୋପର ଅନ୍ତ ମନ୍ଥି ହୁଏ । ଦିବାକରର ପ୍ରତିବାଦ ହଜମ କରିପାରି ନ ଥିଲେ ପୁରୀର ଶ୍ୱେତାଙ୍ଗ ସିଭିଲ ସର୍ଜନ ଚାର୍ଲସ୍ ବେକ୍ । ଏ ସମ୍ବନ୍ଧୀୟ ସୂଚନା ଗୋପକୁ ଦେଇଥିଲେ ରାମଚନ୍ଦ୍ର

-ଜାଣ ଗୋପ ଦିବାକରର ଆଜି କି ଦଶା ହୋଇଛି ।

-ନା ଜାଣେନା କିଛି ଗୋଟାଏ ଆଶଙ୍କା କରି ଜବାବ ଦେଇଥିଲା ଗୋପ ।

-ସିଭିଲ ସର୍ଜନ ବେକ୍ ଷ୍ଟେଟସ୍‌ମ୍ୟାନ୍‌ର ଖବର ପଢି ଖପ୍‌ପା ।

-ତା ପରେ କ'ଣ ହେଲା ?

-ଭୟଙ୍କର ଜଘନ୍ୟ । ଦିବାକରକୁ ରାସ୍ତାରେ ଦେଖି ଅଟକାଇଲା । ସର୍ବସାଧାରଣରେ ଗାଳି ଗୁଲଜ କଲା ।

-ତା ପରେ ?

-ଦିବାକର ପ୍ରତିବାଦ କରିବାରୁ ତାକୁ ବେତରେ ପିଟିଲା । ଏବେ କହ ଗୋପ ଅପମାନିତ ବନ୍ଧୁ ପାଇଁ କ'ଣ କରାଯିବ ? ସେ ତ ସବୁରି ପାଇଁ ଲଢୁଥିଲା । ମେଡିକାଲ ଓ ପବ୍ଲିକ ହେଲ୍‌ଥ୍ ଅଥରିଟିଙ୍କୁ ସେମାନଙ୍କ କର୍ତ୍ତବ୍ୟ ବିଷୟରେ ଚେତାଇ ଦେଇଥିଲା ।

ସତ କହିବାକୁ ସାତ ବେତ । ଧିକ ଏ ପ୍ରଶାସନକୁ । ଏ ଅବଦମନ ଏ ଅନ୍ୟାୟ ଅସହ୍ୟ । ଏହାର ବିଧିବଦ୍ଧ ପ୍ରତିବାଦ ଲୋଡା- ଗୋପ ହୋଇ ଉଠିଥିଲା ଅଗ୍ନିଶର୍ମା ।

ତା ପରେ ନିଜର କେତେଜଣ ବନ୍ଧୁଙ୍କୁ ନେଇ ଦିବାକରକୁ ସାନ୍ତ୍ୱନା ଓ ଭରସା ଦେବାକୁ ତା ପାଖରେ ପହଂଚେ ଗୋପ । ତାକୁ କୁଣ୍ଢାଇ ଧରି ଅଶ୍ରୁମୋଚନ କରେ । ବନ୍ଧୁମାନେ କିନ୍ତୁ ଉତ୍ତପ୍ତ ଉତ୍‌କ୍ଷିପ୍ତ । ଗୋପ ଆଶଙ୍କା କରେ ଖବର ସାରା ସହର ରାଷ୍ଟ୍ର ହେଲାଣି କ୍ଷୁବ୍‌ଧ ଯୁବ ସମାଜ ପ୍ରତିଶୋଧ ପରାୟଣ । କେହି ହୁଏତ ବେକ୍‌କୁ ଲୁଚିକରି ଟେକା ପଥର ଫିଙ୍ଗିପାରେ, ଆଉ କିଏ ଏକୁଟିଆ ପାଇ ତାର ଜୀବନ ବି ନେଇପାରେ । ହେଲେ ଏପରି କଲେ ଦିବାକର ବା ପୁରୀ ବାସୀ କାହାର ସମ୍ମାନ ଫେରି ଆସିବ କି ? ଗୋପ ପାଇଁ ଏ ପ୍ରସଙ୍ଗରେ ଦିବାକର ଓ ପୁରୀ ବାସୀଙ୍କର ମର୍ଯ୍ୟଦା ଥିଲା ବଡ କଥା ।

ଦିବାକର ପଚାରେ - କୁହ ଗୋପ କ'ଣ ତୁମର ପରାମର୍ଶ ? ଅପମାନ, ଅମର୍ଯ୍ୟାଦାର ଏ ଜ୍ୱାଳା ଅସହ୍ୟ ।

-ଏ ଜ୍ୱାଳା କେବଳ ତୁମର ନୁହେଁ ଆମ ସମସ୍ତଙ୍କର, ତଳେଇ ଦେଖିଲେ ସାରା ପୁରୀ ସହରର ବା ଓଡିଆ ଜାତିର । ଏଥିପାଇଁ ଆମେ ଘାବରେଇ ନ ଯାଇ ଆଇନ ସମ୍ମତ ପ୍ରତିବାଦ କରିବା ।

-ତୁମେ ମାଜିଷ୍ଟ୍ରେଟ୍‌ଙ୍କ ପାଖେ ଅଭିଯୋଗ କରିବ ଲିଖିତ ଭାବେ ।

- ୟୁରୋପୀୟ ମାଜିଷ୍ଟ୍ରେଟ୍‌ଙ୍କ କ'ଣ ଆମ କଥା ବୁଝିବେ । ସେ ହୁଏତ ସିଭିଲ ସର୍ଜନକୁ ଘଂଟ ଘୋଡାଇବେ । ପ୍ରତିବାଦ ଚଷୁ କୁଟିବା ପରି ହେବନି ତ ?

-ଆମେ ଆଇନ ସମ୍ମତ ପ୍ରତିବାଦ କରିବା ତା ସହ ସହରର ରୋଷ ତାଙ୍କ ପାଖେ ପହଂଚିବା ଭଳି ପରୋକ୍ଷ ବ୍ୟବସ୍ଥା ବି କରିବା ।

ଶେଷରେ ତାହା ହିଁ ହେଲା । ନାହିଁ ନାହିଁ ହୋଇ ଗୋପ କଥାରେ ଦିବାକର ୟୁରୋପୀୟ ମାଜିଷ୍ଟ୍ରେଟଙ୍କ ପାଖେ ଲିଖିତ ଅଭିଯୋଗ କଲା । ଆଶଙ୍କା ଥାଏ ଫଳ ଓଲଟା ହେବନିତ । ମିଛ ଅଭିଯୋଗରେ ତାଙ୍କୁ ଫସାଇ ଦିଆ ଯିବନିତ ? ହେଲେ ବିଚାର ବେଳେ ଗୋପ ଓ ରାମଚନ୍ଦ୍ର ଏମିତି ପ୍ରତିକ୍ରିୟା ସଂଚାର କରାଇଲେ ଯେ ସହର ପଡିଲା ଉଠିଲା । ମାଜିଷ୍ଟ୍ରେଟ ତଦନ୍ତ କଲେ । ସତ୍ୟାସତ୍ୟ ଜାଣିବା ପରେ ଅଭିଯୋଗ ଏଡାଇବାକୁ ସାହସ ଜୁଟାଇ ପାରିଲେ ନାହିଁ । କାଳେ ପ୍ରଶାସନ ଉପରେ ଜନରୋଷ ପଡିବ, ତେଣୁ ଚାର୍ଲସ ବେକ୍‌ଙ୍କୁ ଦିଆଗଲା ସଳଖ ଆଦେଶ ।

- ନିଗୋସିଏଟ୍ ଆଣ୍ଡ କମ୍ପ୍ରମାଇଜ୍ ୱିଥ ମି. ଦିବାକର ଦାସ ।

ଆଦେଶନାମା ପରେ ଗୋପ ମନରେ କି ଆନନ୍ଦ । ନୈତିକତାର ବିଜୟ ଆଉ ସବୁ ବିଜୟ ଠାରୁ ବଡ ପରା । ବେକ୍ ନିଜ ଆଡୁ ଯୋଗାଯୋଗ କରନ୍ତି ଦଫା ରଫା ପାଇଁ । ଦିବାକର ଗୋପ ଓ ରାମଚନ୍ଦ୍ରଙ୍କ ପରାମର୍ଶ ଲୋଡେ । ଗୋପ ବୁଦ୍ଧି ଦିଏ ।

-ନିରୋଳାରେ କ୍ଷମା ପ୍ରାର୍ଥନା ଚଳିବ ନାହିଁ । ଯେଉଁ ଜାଗାରେ ଅପମାନ ଦେଇଥିଲେ ବେତ ମାରିଥିଲେ ସେଇ ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରିବାକୁ ହେବ ।


ତାହା ହିଁ ହେଲା । ପୁରୀର ଜନ ସାଧାରଣଙ୍କ ସମକ୍ଷରେ ରାଜରାସ୍ତା ଉପରେ ଦିବାକରକୁ ଚାହିଁ ଚାର୍ଲସ ବେକ୍ କହିଲେ - ଆଇ ଡୁ ଆପୋଲୋଜାଇଜ୍.....

- ସହରରେ କଥା ରଟିଲା - ସାଇବ ହାତ ଯୋଡିଲା ।

ଢେଉ ଉଠିବା ଅବିରାମ, ହେଲେ ଅନ୍ଧାର ଘୋଟି ଆସେ । ସମୁଦ୍ର ଭିତରୁ ମାଛଧରା ଡଙ୍ଗାର ଆଲୁଅ ଝଟକେ, ଗୋପ ଉଠେ । ଦେହରୁ ବାଲି ଝାଡେ । ଏଥର କ୍ଷେତ୍ର ଆଡକୁ ମୁଁହ । ନୀଳଚକ୍ର ଉପରେ ନେତ ଉଡୁଚି ଫରଫର । ଗୋପ ମନେ ମନେ ପ୍ରାର୍ଥନା କଲା ମହାବାହୁ କେବେ ଏ ଜାତିର ମର୍ଯ୍ୟାଦାର ପତାକା ଏମିତି ଉଡିବ ?

Well wishers


ପର୍ଯ୍ୟଟନ- ୨
ମଙ୍ଗଳାଯୋ


ତିର ମାୟା

# ମଙ୍ଗଳାଯୋଡ଼ି : ପକ୍ଷୀମାନଙ୍କର ଭୂସ୍ୱର୍ଗ

**ସ୍ନେହଲତା ଦାସଲେଙ୍କା**
ହରପ୍ରିୟା ରେସିଡେନ୍ସି, ଝାରପଡ଼ା, ଭୁବନେଶ୍ୱର
ଫୋନ : ୭୦୦୮୩୧୪୫୬୫

ଫଟୋ ସୌଜନ୍ୟ : ଲେଖିକା



▶ ଲେଖିକା ସ୍ନେହଲତା ଦାସଲେଙ୍କା

ଡିସେମ୍ବର ୨୫ର ଶୀତୁଆ ସକାଳ । ମୋ ବଡ଼ପୁଅ କାନ ପାଖରେ କହିଲା, "ଆଜି ମଂଗଳାଯୋଡ଼ି ଯିବା ?" ନିଦ ଛାଡ଼ିନଥିଲା ସଂପୂର୍ଣ୍ଣ । ବହଳ ଶୀତର ଆଶ୍ଲେଷରେ ସାଂକୁଡ଼ି ଶୁଂକୁଡ଼ି ଯାଇଥିବା ଅଳସୀ ଦେହଟା ଚଳଚଂଚଳ ହୋଇପଡ଼ିଲା ହଠାତ୍ । ଶୁଣିଥିଲି ମଂଗଳଯୋଡ଼ି ପକ୍ଷୀମାନଙ୍କର ଭୁସ୍ୱର୍ଗ ବୋଲି । ମାତ୍ର ଭୁବନେଶ୍ୱରରେ ରହୁଥିଲେ ମଧ୍ୟ କେବେ ବି ସ୍ୱଚକ୍ଷୁରେ ଦେଖିବାର ଅବକାଶ ହୋଇନଥିଲା । ଆଜିର ଏ ସୁବର୍ଣ୍ଣ ସୁଯୋଗକୁ ବିଲ୍‌କୁଲ୍ ହାତଛଡ଼ା କରିବାକୁ ଚାହୁଁନଥିଲି । ତୁରନ୍ତ ବାହାରି ପଡ଼ିଲୁ ଆମେ ସପରିବାର, ମଙ୍ଗଳାଯୋଡ଼ି ଅଭିମୁଖେ ।

ଆମ ଘର ଠାରୁ ମାତ୍ର ଅଡ଼ଷଠି କିଲୋମିଟର ଦୂରତାରେ ଏହି ନୈସର୍ଗିକ ସ୍ଥାନଟି ଅବସ୍ଥିତ । ଭୁବନେଶ୍ୱରରୁ ବ୍ରହ୍ମପୁର ଯାଉଥିବା ରାସ୍ତାରେ ଏହି ମଙ୍ଗଳାଯୋଡ଼ି ପକ୍ଷୀ ଅଭୟାରଣ୍ୟକୁ ଯିବାକୁ ହୁଏ । ଗାଡ଼ିରେ ଥିବା ଷ୍ଟେରିଓରୁ ବାଜୁଥିବା ଗୀତର ତାଳେ ତାଳେ ସମସ୍ତେ ଝୁମୁଥିବା ସମୟରେ ମୋ କାନରେ ଗୁଞ୍ଜରିତ ହେଉଥିଲା ଦୂର ଦୂରାନ୍ତରୁ ଆସୁଥିବା ପକ୍ଷୀମାନଙ୍କର ଅବୁଝା କଳରବ ।

ବ୍ୟସ୍ତ ଲାଗୁଥିଲା, କେମିତି ଶୀଘ୍ରଶୀଘ୍ର ପହଞ୍ଚିଯିବା ସେଠି । ଚାରିଆଡ଼େ ବିଛେଇ ପଡ଼ିଥିଲା କୁହୁଡ଼ିର ଆବରଣ । ତେଣୁ ଆମ ଗାଡ଼ିଟି ଟିକେ ମନ୍ଥର ଗତିରେ ଚାଲୁଥିଲା । ଏନ୍‌ଏଚ୍‌ରୁ ଝାପ୍‌ସା ଦିଶୁଥିଲା ବରୁଣେଇ ପାହାଡ଼ । ବରୁଣେଇ ପାହାଡ଼ର ଠିକ୍ ପାଖାପାଖି ଦୁଇଟି ପାହାଡ଼ ସତେକି କ୍ଳାନ୍ତ ହୋଇ ଶୋଇ ପଡ଼ିଛନ୍ତି ଆଣ୍ଠୁଭାଙ୍ଗି ବେକରେ ହାତକୁ ଢିରା ଦେଇ, ସେମିତି ଲାଗୁଥିଲା । ପ୍ରକୃତିର କି ସୁନ୍ଦର ବୈଚିତ୍ର୍ୟ ! ପୁଲକିତ ହୋଇ ପଡୁଥିଲା ମନ ।

ଏହାରି ଭିତରେ ଆମ ଗାଡ଼ି ଯାଇ ପହଞ୍ଚିଲା ଖୋର୍ଦ୍ଧା ସହର ଠାରୁ ୪୨ କିଲୋମିଟର ଦୂର 'ଟାଙ୍ଗୀ' ନାମକ ଜାଗାରେ । ଏଥର ଏନ୍‌ଏଚ୍‌ରୁ ଆମେ ଗଡ଼ିଗଲୁ ଟାଙ୍ଗୀ ଭିତରକୁ । ମହାବୀର ବଜାର ଦେଇ ମାତ୍ର ଚାରି କିଲୋମିଟର ଗଲା ପରେ ଆମେ ପହଞ୍ଚିଗଲୁ ମଙ୍ଗଳାଯୋଡ଼ି ଗାଁରେ । ଗାଁର ଶେଷମୁଣ୍ଡ ଆଡ଼କୁ ରାସ୍ତାର ଦୁଇ ପାର୍ଶ୍ୱରେ ଧାଡ଼ି ଧାଡ଼ି ହୋଇ ଘରଗୁଡ଼ିକ ସଜା ହୋଇଚି ଠିକ୍ 'ଜହ୍ନମାମୁଁ' ବହିର ଛବି ପରି । ଘରର ବାହ୍ୟ ପରିବେଶରୁ ସ୍ପଷ୍ଟ ଅନୁମାନ ଲଗାଯାଇ ପାରୁଥିଲା ଯେ ଏମାନେ ଧୀବର ସଂପ୍ରଦାୟର । ଧୀବର ବସ୍ତିର ମାତ୍ର କିଛି ଦୂରତାରେ ଦୃଷ୍ଟିଗୋଚର ହେଲା ବିସ୍ତୀର୍ଣ୍ଣ ଇଲାକା । ପ୍ରଥମେ ଲାଗୁଥିଲା ବୋଧହୁଏ ଏହା ପ୍ରକାଣ୍ଡ ଗୋଚରଭୂମି । ମାତ୍ର ପାଖକୁ ଗଲା ପରେ ଜଣାପଡ଼ିଲା ଏହା ପଙ୍କୁଆ ଦଳପୂର୍ଣ୍ଣ ବିସ୍ତିର୍ଣ୍ଣ ଜଳାଶୟ । କାଠୁଆ ଦଳରେ ଭରପୁର ଥିବାରୁ ଭ୍ରମ ସୃଷ୍ଟି ହେଉଥିଲା ସ୍ଥଳ ଅଞ୍ଚଳ ବୋଲି ।

ମଙ୍ଗଳା ଯୋଡ଼ିରେ ପହଞ୍ଚିଲା ପରେ ଯିଏ ଆମକୁ ସର୍ବପ୍ରଥମେ ସ୍ୱାଗତ କରିଥିଲା ସେ ଥିଲା Brahminy Selduck ବା ବ୍ରାହ୍ମିନୀ ସିଲ୍‌ଡକ୍ । କମଳାରଂଗର ପକ୍ଷଯୁକ୍ତ ପକ୍ଷୀଟି ଖୁବ୍ ସୁନ୍ଦର ଦେଖା ଯାଉଥିଲା । ଡିସେମ୍ବର ମାସ ହେଲେ ବି ଶୀତର ପ୍ରାବଲ୍ୟ ଖୁବ୍ କମ୍ ଥିବାରୁ ବୋଧହୁଏ





ବ୍ରାହ୍ମିନୀ ସିଲ୍ଡକ୍ ମାତ୍ର କେଇଜଣ ସଂଗୀକୁ ଧରି ଲଦାଖ୍‌ରୁ ଓଡ଼ିଶାକୁ ଆସିଚି ।

ପକ୍ଷୀମାନଙ୍କୁ ଖୁବ୍ ନିକଟରେ ଦେଖିବା ପାଇଁ ସେଠାରେ ବୋଟ୍‌ର ବ୍ୟବସ୍ଥା ରହିଚି । ବୋଟ୍‌ରେ ଯିବା ସମୟରେ କୋଳାହଳ କରିବା ମନା ଏବଂ ବୋଟ୍‌ରେ ଥିବା ଡଷ୍ଟ୍‌ବିନ୍‌କୁ ବ୍ୟବହାର କରି ପାରିବେ । ଆମ ସାଥୀରେ ଯାଇଥିବା ଗାଇଡ୍ ପୁରୁଷୋତ୍ତମ ବେହେରା ପ୍ରତ୍ୟେକ ପକ୍ଷୀମାନଙ୍କୁ ଚିହ୍ନେଇବା ସହ ସେମାନଙ୍କ ବିଷୟରେ ସମ୍ୟକ ଧାରଣା ଦେଉଥାନ୍ତି ।

ଚିଲିକାର ଗୋଟିଏ ଅଂଶ ଏହି ମଙ୍ଗଳାଯୋଡ଼ିରୁ ଚିଲିକାକୁ ଜଳପଥରେ ଗଲେ ମାତ୍ର ପାଞ୍ଚ କିଲୋମିଟର ଲାଗିବ । ଯନ୍ତ୍ରଚାଳିତ ବୋଟ୍ ଗୁଡ଼ିକ ମାଛ ଧରିବାକୁ ଚିଲିକା ଭିତରକୁ ଯାଉଥିବାରୁ ପକ୍ଷୀମାନଙ୍କ ମନରେ ଥିଲା ଭୟ ଓ ଛନକା । ଆମେମାନେ ଆଲୋଚନାରେ ମଗ୍ନଥିବା ସମୟରେ ଗୋଟିଏ ଗାଗନ୍ ଜଳକ୍ରୀଡ଼ା କରୁଥିବାର ସାନପୁଅ ଦେଖେଇ ଦେଲା ।

ନର୍ଦନ୍ ପିଣ୍ଟେଲ୍‌ମାନେ ବିରାଟ ଦଳବଦ୍ଧ ହୋଇ ଶୋଇ ପଡ଼ିଥିଲେ । ଆମମାନଙ୍କର ଉପସ୍ଥିତି ସେମାନଙ୍କ ଉପରେ କିଛି ପ୍ରଭାବ ପକାଇ ପାରିନଥିଲା । ଗୋଟିଏ ପିଣ୍ଟେଲ୍ ଆମକୁ ମୁଣ୍ଡଟେକି ଅନେଇଲା । ସତେକି ସେ କହିବାକୁ ଚାହୁଁଥିଲା, ଅପାଂକ୍ତେୟ ଅତିଥିମାନଙ୍କର ଏଠାରେ କିଛି ଆବଶ୍ୟକତା ନାହିଁ । ଆମ ଶୋଇବାରେ ବ୍ୟାଘାତ ନଘଟାଇ ଏଠାରୁ ପଳେଇ ଯାଅ ।

ଏଥର ଆମ ବୋଟ୍‌ଟି ଧିରେ ଧିରେ ଆଗକୁ ଅଗ୍ରସର ହେଲା । ବାଂଲାଦେଶ ଶ୍ରୀଲଙ୍କାରୁ ଆସିଥିବା ବ୍ଲାକ୍ ଉଇଙ୍ଗ୍‌ସ୍ଟିଲ୍ କେତୋଟି ଗୋଟିଏ ଗୋଡ଼ରେ ଛିଡ଼ା ହୋଇ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ମଗ୍ନ ଥିବା ପରି ପ୍ରତୀୟମାନ ହେଉଥିଲା । ଆମେମାନେ କଦବା ତାଙ୍କ ଗୁପ୍ତ ମନ୍ତ୍ରଣାକୁ କାନେଇବୁ ବୋଲି ଆମକୁ ଦେଖି ଖପ୍ କରି ଉଡ଼ିଗଲେ ।

ଗାଇଡ୍‌ଙ୍କ କହିବା ଅନୁଯାୟୀ, ପ୍ରାୟତଃ ଶହେ ପ୍ରଜାତିର ପକ୍ଷୀ ଶୀତଦିନେ ଏଠାରେ ଦେଖିବାକୁ ମିଳିଥାନ୍ତି । ତନ୍ମଧ୍ୟରୁ ପର୍ପୋଲ୍ ମୋର୍‌ହେନ୍‌ମାନେ ଆଉ ଏ ଜାଗା ଛାଡ଼ି ତାଙ୍କ ଦେଶକୁ ଯିବାକୁ ଚାହୁଁ ନାହାଁନ୍ତି । ପର୍ପୋଲ୍ ମୋର୍‌ହେନ୍ ଖୁବ୍ ସୁନ୍ଦର ଦେଖିବାକୁ । ବତକ ପରି ଲାଂଜ, ମାତ୍ର ଶରୀରର ରଙ୍ଗ ମୟୂର ପରି । ସୂର୍ଯ୍ୟଙ୍କର ସୁନେଲି କିରଣରେ ତାର ପକ୍ଷଗୁଡ଼ିକ ଲାଗୁଥିଲା ଆକର୍ଷକ ।

ଅନେକଗୁଡ଼ିଏ ପ୍ରଜାତିର ପକ୍ଷୀଙ୍କୁ ଦେଖିବା ପରେ ମଧ୍ୟ ମୋ ମନ ଖୋଜୁଥିଲା ଦକ୍ଷିଣରୁ ଆସୁଥିବା 'ରାଜ ହଂସରାଳୀ'କୁ । ମୁଁ ପିଲାଦିନେ ପଢ଼ିଥିବା ସେଲ୍‌ମା ଲାଗେରଲଫଙ୍କ କାହାଣୀର ରାଜହଂସରାଳୀ ମୋ ମନରେ ଘର କରିଦେଇଥିଲା । ନିଲସ୍ ଥମ୍‌କିନ୍ ବୋଲି ଗୋଟିଏ ଛୋଟ ପିଲାଟି ସେଇ ରାଜହଂସରାଳୀର ପିଠିରେ ବସି ପୃଥିବୀର





ଅନେକ ଦେଶକୁ ବୁଲିବାକୁ ଯାଇଥିଲା । ଏତେ ପକ୍ଷୀମାନଙ୍କ ମେଳରେ ରାଜହଂସରାଳୀକୁ ନପାଇ ମନଟା ଖୁବ୍ ଉଣା ହୋଇ ଯାଉଥିଲା । ଦୀର୍ଘ ଦେଢ଼ଘଣ୍ଟା ବୋଟ୍‌ରେ ବସି ଫେରନ୍ତା ସମୟରେ ନଳଗଛର ଛୋଟବୁଦା ଆଢୁଆଳରେ ସଫେଦ ଫରଫର ଶରୀରରେ ଧ୍ୟାନମୁଦ୍ରାରେ ଛିଡ଼ା ହୋଇଥିବା ପକ୍ଷୀଟି ଯେ ରାଜହଂସରାଳୀ, ମୁଁ ନିଃସନ୍ଦେହ ହୋଇଗଲି । ମନଟା କୁରୁଳି ଉଠିଲା । ଛୋଟ ପିଲା ପରି ଡାକ ପକାଇଲି ଆହ୍ୱା ଆହ୍ୱା । ବୋଧହୁଏ ମୋ କଥାକୁ ବୁଝିପାରିଲା କି କ'ଣ ମୁଣ୍ଡ ଟେକି ଅନେଇଲା । ଚୁପ୍‌ଚାପ୍ ଥିଲେ ବି ମୁଁ ମଧ୍ୟ ତା ମନର ଭାଷାକୁ ପଢ଼ି ପାରୁଥିଲି । ସତେକି ସେ କହୁଥିଲା, ନିଲସ୍ ଏବେ ବଡ଼ ହୋଇ ଦକ୍ଷିଣ ଆମେରିକାରେ ଅଛି । ମୁଁ ଏଠାରେ ଶୀତଛୁଟି କଟେଇ ସାରି ଦକ୍ଷିଣକୁ ଗଲେ ତମ ବିଷୟରେ ନିଲସ୍‌କୁ ନିଶ୍ଚୟ ଜଣେଇବି । ଆମ ବୋଟ୍‌ଟି ଆଖି ଉହାଡ଼ ହେଲା ପର୍ଯ୍ୟନ୍ତ ରାଜହଂସରାଳୀଟି ଆମକୁ ଅନେଇ ରହିଥିଲା ସେମିତି ।

ମଙ୍ଗଳାଯୋଡ଼ି ପକ୍ଷୀ ଅଭୟାରଣ୍ୟରେ ଏଥରର ପକ୍ଷୀମାନଙ୍କର କୋଳାହଳ ଆଗ ବର୍ଷମାନଙ୍କ ଠାରୁ ଯଥେଷ୍ଟ କମ୍ ଶୁଭା ଯାଉଥିଲା । ତଥାପି ଯୋଉ କେତୋଟି ବିଦେଶୀ ପକ୍ଷୀ ଆସିଥିଲେ ସେମାନଙ୍କ କାକଳି ସମଗ୍ର ଇଲାକାରେ ଆନନ୍ଦମୟତା ଭରି ଦେଉଥିଲା । ଖୁବ୍ ଅଳ୍ପ ପାଣି ଏବଂ ଅଧିକ କାଦୁଅ ଥିବା ଯୋଗୁଁ ବୋଟ୍ ଗୁଡ଼ିକ ସ୍ଥାନେ ସ୍ଥାନେ ଲାଖି ଯାଉଥିଲା । ଚିଲିକାକୁ ମାଛ ଧରିବା



ପାଇଁ ଧୀବରମାନେ ପ୍ରାୟତଃ ଏହି ମଙ୍ଗଳାଯୋଡ଼ି ପାଣିପଥରେ ଯାଆନ୍ତି । ଯେହେତୁ ଏହା କାଦୁଅ ପୂର୍ଣ୍ଣ ଅଞ୍ଚଳ, ତେଣୁ ଏଠାରେ ଅଧିକ ପରିମାଣରେ ପଙ୍କରେ ରହୁଥିବା ମାଛ, ଯଥା କଉ, ଗଡ଼ିଶା, ଚେଙ୍ଗ, ମାଗୁର ଦେଖିବାକୁ ମିଳେ । ପକ୍ଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ ମିଳି ଯାଉଥିବାରୁ ଚିଲିକାରୁ ଏଠାକୁ ଉଡ଼ି ଆସନ୍ତି । ଗେଣ୍ଡା ଏବଂ ଶୈବାଳ ଜାତୀୟ ଖାଦ୍ୟ ବି ପକ୍ଷୀମାନଙ୍କର ଅତି ପ୍ରିୟ ।

ପର୍ଯ୍ୟଟକମାନେ ଖୁବ୍ ନିକଟରୁ ପକ୍ଷୀମାନଙ୍କୁ ଦେଖିବା ପାଇଁ ପ୍ରତ୍ୟେକ ବୋଟ୍‌ରେ ବାଇନୋକୁଲାର୍‌ର ବ୍ୟବସ୍ଥା ରହିଛି । ଓଡ଼ିଶା ସରକାରଙ୍କ ତରଫରୁ ସେଠାରେ ଗୋଟିଏ ନିରୀକ୍ଷଣ ଗୃହ ମଧ୍ୟ ଅଛି । ପର୍ଯ୍ୟଟକମାନଙ୍କ ପାଇଁ କିଛି ନିୟମାବଳୀର ସୂଚନା ରହିଚି । ଯେମିତିକି ବୋଟ୍‌ରେ ଯିବା ସମୟରେ ଅଳିଆ ଆବର୍ଜନା ବାହାରକୁ ଫୋପାଡ଼ି ପାରିବେ ନାହିଁ । ପକ୍ଷୀମାନଙ୍କୁ ଖାଦ୍ୟ ଫୋପାଡ଼ି ନିଜ ଆଡ଼କୁ ଆକର୍ଷିତ କରି ପାରିବେ ନାହିଁ । ବଡ଼ପାଟିରେ କଥା କହି ପକ୍ଷୀମାନଙ୍କୁ ଭୟଭୀତ କରିବେ ନାହିଁ ଏବଂ ସବୁଠାରୁ ବଡ଼କଥା



ପକ୍ଷୀମାନଙ୍କର କିଛି ଅନିଷ୍ଟ କରିବେ ନାହିଁ । ସଂପୂର୍ଣ୍ଣ ରୂପେ ଏହା ଗୋଟିଏ ଶାନ୍ତ ପରିବେଶ ।

ମଙ୍ଗଳାଯୋଡ଼ିରେ ପର୍ଯ୍ୟଟକମାନଙ୍କ ପାଇଁ ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ଗୋଟିଏ ଦୁଇଟି ଛୋଟିଆ ହୋଟେଲ୍‌ର ବ୍ୟବସ୍ଥା ଅଛି । ପିଞ୍ଚରେ ତିଆରି ଦଲମା ଘେରା ଅସ୍ୱାସ୍ଥ୍ୟକର ପରିବେଶରେ ଖାଇବା ପାଇଁ ପର୍ଯ୍ୟଟକମାନେ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ସେଠାରୁ ଅନେକ ଦୂରତାରେ ଗେଷ୍ଟ୍ ହାଉସ୍ ରହିଥିବା ଯୋଗୁଁ ଲୋକମାନେ ଭୋକରେ ଆଉଟୁପାଉଟୁ ହୋଇ ଅସନ୍ତୋଷ ପ୍ରକାଶ କରନ୍ତି । ସରକାରଙ୍କ ତରଫରୁ ସେଠାରେ ଯଦି ଗୋଟିଏ ସୁନ୍ଦର ସ୍ୱାସ୍ଥ୍ୟକର ଭୋଜନାଳୟର ବ୍ୟବସ୍ଥା କରିବାର ପଦକ୍ଷେପ ନିଆ ଯାଆନ୍ତା । ପର୍ଯ୍ୟଟକମାନଙ୍କର ସେଠାକୁ ଯିବା ପାଇଁ ଆଗ୍ରହ ବଢ଼ନ୍ତା ।

ପ୍ରକୃତିର ସୌନ୍ଦର୍ଯ୍ୟମୟୀ ମଂଗଳାଯୋଡ଼ି ପକ୍ଷୀ ଅଭୟାରଣ୍ୟକୁ ଦେଖି ସାରିବା ପରେ ଆମେମାନେ ଆମ ଘରଆଡ଼କୁ ମୁହାଁଇଲା ସମୟରେ କଳାଧଳା ରଂଗର ହୁଇସ୍କରଡ୍‌ଟନ୍ କୁନିଚଢ଼େଇଟି ଗୋଟିଏ ଖମ୍ବ ଉପରେ ବସି ଆମକୁ ବିଦାୟ କାଳିନ ସମ୍ଭାଷଣ ଜଣାଉଥିଲା ।

ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପତ୍ତିଗତ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଆଇନକାନୁନ୍‌କୁ ନେଇ ଦେଉଛନ୍ତି ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି ।



# ଆଇନ ପରାମର୍ଶ - ୫



**ଆଡ୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ**
ଭୁବନେଶ୍ୱର ବାର୍ ଏସୋସିଏସନ୍
ଫୋନ : ୯୩୦୯୧୧୯୬୨୫

# ମହିଳାଙ୍କ ଅଧିକାର

ମହିଳାଙ୍କର ତ ରହିଛି ଅନେକ ଅଧିକାର । କିନ୍ତୁ ସମସ୍ତ ମହିଳା ଅଧିକାର ସମ୍ପର୍କରେ ବିଶେଷ ଅବଗତ ନଥାନ୍ତି । ଯେଉଁ ଅଧିକାର ସଂପର୍କରେ ସେମାନଙ୍କର ନିତାନ୍ତ ଜାଣିବା ଆବଶ୍ୟକ । ପୂର୍ବ ମାସରେ ଆମେ ମହିଳାଙ୍କ ଅଧିକାର ସମ୍ପର୍କରେ ବହୁତ କଥା ଜଣାଇଥିଲୁ, ଯଥା: ଘରୋଇ ହିଂସା, କର୍ମସ୍ଥଳରେ ଯୌନ ଉତ୍ପୀଡ଼ନ, କନ୍ୟାଭ୍ରୁଣ, ନାମ ସାର୍ବଜନୀନ ନକରିବା, ରାତିରେ ଗିରଫଦାରୀ ମନା ଏବଂ ସମାନ ବେତନ ଅଧିକାର ସମ୍ପର୍କରେ ଆଇନଗତ ଅନେକ ତଥ୍ୟ ସଂପର୍କରେ ଆଲୋଚନା କରିଥିଲୁ । ତେବେ ବର୍ତ୍ତମାନ ଭାଗ-୨ର ଶେଷ ପର୍ଯ୍ୟାୟରେ ଆସନ୍ତୁ ମହିଳାଙ୍କ ଅଧିକାର ଉପରେ ଆଉ କିଛି ଆଲୋଚନା କରିବା । ମହିଳାମାନେ ଆଇନ୍‌କାନୁନ୍ ସମ୍ପର୍କରେ ଅବଗତ ହୋଇ ଆଇନକୁ ସମ୍ପୂର୍ଣ୍ଣ ବୁଝିଲେ କିପରି ସେମାନେ କେବେହେଲେ ଠକାମିରେ ପଡ଼ିବେ ନାହିଁ, ସେ ସମ୍ପର୍କରେ ଏଥର ଜାଣିବା ।

**ମ୍ୟାଟର୍‌ନିଟି ରାଇଟ୍‌ସ୍:**

ମ୍ୟାଟର୍‌ନିଟି ବେନିଫିଟ୍ ଆକ୍ଟ ୧୯୬୧ ଅନୁସାରେ ପ୍ରତ୍ୟେକ କାର୍ଯ୍ୟରତ ମହିଳାଙ୍କର ମ୍ୟାଟର୍‌ନିଟି ବେନିଫିଟ୍ ଅଧିକାର ରହିଛି । ଜଣେ ଗର୍ଭବତୀ ମହିଳା ୯୬ ସପ୍ତାହ ପର୍ଯ୍ୟନ୍ତ 'ମ୍ୟାଟର୍‌ନିଟି ଲିଭ୍' ଅର୍ଥାତ୍ ମ୍ୟାଟର୍‌ନିଟି ପାଇଁ ଛୁଟି ନେଇ ପାରିବେ । ଏପରିସ୍ଥଳେ କୌଣସି ମହିଳାଙ୍କ ଦରମା କଟାଯିବ ନାହିଁ ।

**ଗରିମା ଓ ଶାଳୀନତା ଅଧିକାର**

କୌଣସି ସ୍ଥଳେ ଆରୋପୀ ଯଦି ଜଣେ ମହିଳା ତେବେ ତାଙ୍କ ଉପରେ କରାଯାଉଥିବା ମେଡ଼ିକାଲ ଟେଷ୍ଟ କୌଣସି ମହିଳାଙ୍କ ଦ୍ୱାରା କିମ୍ବା କୌଣସି ମହିଳାଙ୍କ ଉପସ୍ଥିତିରେ ହିଁ କରାଯାଇଥାଏ ।

**ମୁକ୍ତ କାନୁନ୍ ସହାୟତା ପାଇଁ ଅଧିକାର**

ଧର୍ଷଣର ଶିକାର ହୋଇଥିବା କୌଣସି ମହିଳାଙ୍କୁ ମୁକ୍ତ କାନୁନ୍ ସହାୟତା ପାଇବାର ସମ୍ପୂର୍ଣ୍ଣ ଅଧିକାର ଅଛି । ପୋଲିସ୍ ଥାନା ଅଧିକାରୀ ଲିଗାଲ୍ ସର୍ଭିସ ଅଥରିଟିଙ୍କ ଠୁ ଓକିଲ ବ୍ୟବସ୍ଥା କରାଇବାର ବ୍ୟବସ୍ଥା ରହିଛି ।

**ସମ୍ପତ୍ତି ଉପରେ ଅଧିକାର**

ହିନ୍ଦୁ ଉତ୍ତରାଧିକାର ଅଧିନିୟମ ଅଥବା ହିନ୍ଦୁ ସେସନ୍ ଆକ୍ଟ ଅନୁସାରେ ନୂଆ ନିୟମାନୁଯାୟୀ ପୁତ୍ରାନୁସମ୍ପତ୍ତି ଉପରେ ମହିଳା ଏବଂ ପୁରୁଷ, ଦୁହିଁଙ୍କର ସମାନ ଅଧିକାର ରହିଛି । ଯଦି ଆମେ ପିତାଙ୍କ ସମ୍ପତ୍ତି କଥା କହିବା ତେବେ ଭାରତର ଆଇନ ବ୍ୟବସ୍ଥା ଯେକୌଣସି ମହିଳାଙ୍କୁ ପିତାର ସମ୍ପତ୍ତିରେ ପୁରା ଅଧିକାର ଦେଇଥାଏ । ଯଦି ପିତା ନିଜ ସମ୍ପତ୍ତିର କୌଣସି ଘୋଷଣାପତ୍ର କରିନାହାଁନ୍ତି ତେବେ ତାଙ୍କର ମୃତ୍ୟୁ ପରେ ସମ୍ପତ୍ତିରେ ଝିଅର ମା' ଏବଂ ଭାଇମାନଙ୍କର ଯେତିକି ଅଧିକାର ମିଳେ ଝିଅଙ୍କୁ ମଧ୍ୟ ସେତିକି ଅଧିକାର ବା ସମାନ ଅଂଶ ମିଳେ । ଏହି ଅଧିକାର ବିବାହ ପରେ ମଧ୍ୟ ସେତିକି ଥାଏ । ବିବାହ ପରେ ଝିଅଙ୍କର ପତିର ସମ୍ପତ୍ତିରେ କୌଣସି ମାଲିକାନା ଅଧିକାର ତ ନଥାଏ କିନ୍ତୁ ବିବାହ ବିବାଦରେ ମହିଳାଙ୍କୁ ତାଙ୍କ ଚଳିବା ପାଇଁ ଖର୍ଚ୍ଚ ମିଳିଥାଏ । ପତିର ମୃତ୍ୟୁ ପରେ ପତ୍ନୀଙ୍କୁ ପିଢ଼ିର ସମ୍ପତ୍ତିର ଭାଗ ମଧ୍ୟ ମିଳେ । କିନ୍ତୁ ସେ ସମ୍ପତ୍ତି ପତିର ସ୍ୱଅର୍ଜିତ ସମ୍ପତ୍ତି ହୋଇଥିବା ଆବଶ୍ୟକ ।

**ଯଦି ପତି-ପତ୍ନୀ ଏକାଠି ରହିବାକୁ ଚାହୁଁନଥାନ୍ତି ତେବେ ଭରଣ ପୋଷଣ ଅଧିକାର**

ଯଦି ପତିପତ୍ନୀଙ୍କ ମଧ୍ୟରେ ଭଲ ସମ୍ପର୍କ ରହିନଥାଏ, ସେମାନେ ଯଦି ଏକାଠି ରହିବାକୁ ଚାହୁଁନଥାନ୍ତି, ତେବେ ସିଆର୍‌ପିସି ସେକ୍ସନ୍ ୧୨୫ ଅନୁସାରେ ପତ୍ନୀ ନିଜର ଏବଂ ନିଜ ପିଲାମାନଙ୍କ ଭରଣପୋଷଣ ମାଗି ପାରିବ । ଯଦି ଛାଡ଼ପତ୍ର ପର୍ଯ୍ୟନ୍ତ କଥା ପହଂଚି ଯାଏ, ତେବେ ହିନ୍ଦୁ ମ୍ୟାରେଜ୍ ଆକ୍ଟ ସେକ୍ସନ୍ ୨୪ ଅନୁସାରେ ମାସିକ ରାଶି ନିର୍ଦ୍ଧାରିତ ହୋଇଥାଏ । ଏହା ପତିର ମାସିକ ବେତନ ଏବଂ ଅର୍ଜିତ ସମ୍ପତ୍ତି ଅନୁସାରେ ନିର୍ଦ୍ଧାରଣ କରାଯାଏ ।

**ମୁକ୍ତ କାନୁନ୍ ବ୍ୟବସ୍ଥା**

ମହିଳାଙ୍କ ପାଇଁ କାନୁନ୍ ସହାୟତା ସମ୍ପୂର୍ଣ୍ଣ ଫ୍ରି ଅଟେ । ମହିଳାମାନେ ଅଦାଲତରୁ ସରକାରୀ ଖର୍ଚ୍ଚ ଓକିଲ ପାଇଁ ଅପିଲ୍ କରିପାରିବେ । ଏହା କେବଳ ଗରୀବ ମହିଳାଙ୍କ ପାଇଁ ନୁହେଁ, ଯେକୌଣସି ଆର୍ଥିକ ପରିସ୍ଥିତିରେ ଥିବା ମହିଳାଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ।

**ଅଭିଯୋଗ କେଉଁଠି କରିବେ ?**

Crime against women cellକୁ ଛାଡ଼ି ୧୦୦ ନମ୍ବର କିମ୍ବା ମହିଳା ହେଲ୍ପ ଲାଇନ୍ ନମ୍ବରରେ ୨ ଘଣ୍ଟା କଲ୍ କରିପାରିବେ କିମ୍ବା ପାଖ ପୋଲିସ୍ ଷ୍ଟେସନ୍‌ରେ ଅଭିଯୋଗ କରିପାରିବେ ।







**ଶ୍ରୀଗୋବିନ୍ଦ**
ସାନମଛୁଆଘାଇ, ଭଦ୍ରକ
ଫୋନ : ୭୦୦୮୯୧୩୫୮୯
ଫଟୋ ସୌଜନ୍ୟ : ଲେଖକ



# ସଫଳ ଚାଷୀ : ବାବୁନି

**ବାବୁନି ସାହୁ : ରାଜନୀତି ବିଜ୍ଞାନ, ସମାଜଶାସ୍ତ୍ର ଓ ସାମ୍ବାଦିକତା ପରି ତିନୋଟି ବିଷୟରେ ସ୍ନାତକୋତ୍ତର ପାଠ ପଢି ମଧ୍ୟ ପନ୍ଦର ଏକର ଜମିରେ ଧାନମୀନ ଓ ପନିପରିବା ଚାଷ କରି ସାଜିଛନ୍ତି ଏକ ବିରଳ ଉଦାହରଣ । ସେ ଜଣେ ନାରୀ ହୋଇ ମଧ୍ୟ ପୁରୁଷମାନେ କରୁଥିବା କାମରେ ମନୋନିବେଶ କରି ଅନ୍ୟପାଇଁ ପାଲଟିଛନ୍ତି ପ୍ରେରଣା ।**

ସମାଜରେ ପୁଅମାନେ ଯାହା କରି ପାରିବେ, ତାହା ଝିଅମାନେ ବି କରି ପାରିବେ, ଏହା ଅନେକଦିନ ଆଗରୁ ପ୍ରମାଣିତ କରି ସାରିଛନ୍ତି ଝିଅମାନେ । ଏମିତି କିଛି କାମ ଅଛି ଝିଅମାନେ କରିବାରେ ସାମର୍ଥ୍ୟ ଥିଲେ ସୁଦ୍ଧା ତାହା କରି ନଥାନ୍ତି । ମାତ୍ର ମାଟିରେ ମାଟି ହୋଇ, ନିଜ ଜୀବନକୁ ପାଣିକାଦୁଅରେ ମିଶେଇ, ଜଣେ ଉଚ୍ଚଶିକ୍ଷିତ ଝିଅ ଯେ ୧୫ ଏକର ବ୍ୟାପ୍ତ ଜମିରେ ଧାନ, ପନିପରିବା, ମାଛଚାଷ କରି ପାରିବ, ଏ କଥା କେହି ବିଶ୍ୱାସ କରିବ ! କିନ୍ତୁ ହଁ, ଏହା ସତ୍ୟ । ଏହା କମ୍ ବଡ଼ କଥା ନୁହଁ । ସବୁଠୁ ବଡ଼ କଥା ହେଲା ଯେଉଁମାନେ ମାତ୍ର ଦୁଇ ଅକ୍ଷର ପାଠଶାଠ ପଢୁଛନ୍ତି, ସେମାନେ ନିଜର ଭିଟାମାଟି ଛାଡ଼ି ଦାଦନ ଖଟିବାକୁ ବରଂ ଶ୍ରେୟ ମଣୁଛନ୍ତି, କିନ୍ତୁ ମାଟିକାଦୁଅରେ ନିଜର ବିଲବାଡ଼ିରେ କାମ କରି ଗୁଜୁରାଣ ମେଣ୍ଟାଇବାକୁ କେବେ ବି ଚାହୁଁ ନାହାନ୍ତି । କିନ୍ତୁ **ବାବୁନି ସାହୁ** ବିରଳ ଏକ ଦୃଷ୍ଟାନ୍ତ । ସେ ଏମିତି ଜଣେ ମହିଳା, ଯିଏ କି ତିନି ତିନୋଟି ବିଷୟରେ ସ୍ନାତକୋତ୍ତର କରି ମଧ୍ୟ ନିଜେ ବିଲବାଡ଼ିରେ କାମ କରି ଫସଲ ଉତ୍ପାଦନ କରୁଛନ୍ତି । କେବଳ ଏତିକି ନୁହେଁ, ଜଣେ ଭଲ କ୍ରିକେଟର୍ ହିସାବରେ ରାଜ୍ୟ ତରଫରୁ ଜାତୀୟସ୍ତରରେ ଖେଳି ସୁନାମ ଅର୍ଜନ କରିବା ସହ ସାମାଜିକ କାମରେ ନିଜ ଜୀବନକୁ ସେ ଉତ୍ସର୍ଗ କରି ଦେଇଛନ୍ତି ।

ଖୋର୍ଦ୍ଧା ବାଲିପାଟଣାର ନିଶ୍ଚିନ୍ତପୁର ଗ୍ରାମ । ଏଇ ଗ୍ରାମରେ ଜନ୍ମ ନେଇଥିବା ବାବୁନି ଯେ ଜଣେ ବହୁ ପ୍ରତିଭାର ଅଧିକାରିଣୀ ଏହା ଆଜି ଆଉ କାହାକୁ ଅଛପା ନାହିଁ । ପିଲାଟି ଦିନରୁ ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏହି ଚାଷବାସ ପ୍ରତି ମନ ବଳାଇଥିଲେ ବାବୁନି । ବାପାଙ୍କର ଇଚ୍ଛା ଥିଲା, ତାଙ୍କର କୌଳିକ ବୃତ୍ତିକୁ କେହି ଜଣେ ତାଙ୍କ ପରିବାରରେ ବଂଚାଇ ରଖୁ । ବାପାଙ୍କର ସେହି ଇଚ୍ଛାକୁ ପୂରଣ କରିବାକୁ ଯାଇ ବାବୁନି ଏବେ ୧୫ ଏକର ଜମିର ଜଣେ ସଫଳ ଚାଷୀ ଭାବରେ ନିଜର ସାମ୍ରାଜ୍ୟ ଗଢ଼ି ପାରିଛନ୍ତି । ତିନୋଟି ବିଷୟରେ ପି.ଜି. କରିଥିବା ବାବୁନି ଚାକିରି ପଛରେ ନଗୋଡ଼ାଇ ନିଜ ଗୋଡ଼ରେ ଛିଡ଼ା ହେବା ସହିତ ଅନେକଙ୍କୁ ଯୋଗାଇ ପାରିଛନ୍ତି କର୍ମନିଯୁକ୍ତି । ସେ ଯେମିତି ମାଟି ପାଇଁ ପାଗଳ, ସେମିତି ମାଆ ପାଇଁ ବି ପାଗଳ । ମାଟିର ବାସ୍ନା ଯେମିତି ତାଙ୍କୁ ବିଲକୁ ଟାଣି ଆଣେ, ଠିକ୍ ସେମିତି ମାଆଙ୍କ ପାଖରେ ସବୁବେଳେ ରହି ନିଜ ହାତରେ ସେବା ଯତ୍ନ କରିବା ପାଇଁ ସେ ଚାକିରିକୁ ଛି କରିଛନ୍ତି । ମାଟି କି ମାଆ କେବଳ ନୁହେଁ ସେ ସମାଜରେ ଅନ୍ୟ ମହିଳାଙ୍କ

### ସଂକ୍ଷେପରେ ବାବୁନି



ନାମ : ବାବୁନି ସାହୁ
ପିତା : ବଳରାମ ସାହୁ
ମାତା : ଚନ୍ଦ୍ରମଣି ସାହୁ
ଠିକଣା : ନିଶ୍ଚିନ୍ତପୁର, ବାଲିପାଟଣା
ଖୋର୍ଦ୍ଧା
ଶିକ୍ଷାଗତ ଯୋଗ୍ୟତା : ଏମ.ଏ.(ପଲିଟିକାଲ୍ ସାଇନ୍ସ), ଏମ.ଏ. (ସୋସିଆଲ ୱାର୍କ), ଏମ.ଏ. (ଜର୍ଣ୍ଣାଲିଜିମ୍)



ପାଇଁ ଯେମିତି ଉଦାହରଣ ପାଲଟିଛନ୍ତି, ଶିକ୍ଷିତଙ୍କ ପାଇଁ ମଧ୍ୟ ସାଜିଛନ୍ତି ସେମିତି ଆଇଡଲ୍ । ନିଜକୁ ସମାଜରେ ଦୃଢ଼ କରି ଛିଡ଼ା କରେଇବାକୁ ହେଲେ ଚାକିରି ନୁହେଁ ଅନେକ ମାଧ୍ୟମ ରହିଛି ଯାହା ଦ୍ୱାରା ନିଜେ ସ୍ୱାବଲମ୍ବୀ ହୋଇପାରିବେ । ବାବୁନି କଥାରେ ନୁହେଁ କାମରେ କରି ଦେଖାଇ ଦେଇଛନ୍ତି । ନିଜେ ବିଲରେ ହଳ କରିବା, ବିହନ ରୋଇବା, ଧାନ କାଟି ଅମଳ କରିବା ସହିତ ପୋଖରୀରେ ମାଛ ଚାଷ କରିବା ମଧ୍ୟ ତାଙ୍କର ଏକ ସଉକ । ନିଜେ ମାଟିକାଦୁଅରେ ଘାଣ୍ଟି ହୋଇ ଉଭୟ ଖରିଫ୍ ଓ ରବି ଧାନଚାଷ କରିବା ସହ ପନିପରିବା ଚାଷ କରି ଲୋକଙ୍କ ପାଇଁ ସାଜିଛନ୍ତି ଉଦାହରଣ । କେବଳ ସେତିକି ନୁହେଁ ଉଦ୍ୟାନକୃଷି ସହିତ ନିଜ ଫାର୍ମରେ ଲାଭଜନକ ଉପାୟରେ କଦଳୀ ସହିତ ମାଛ ଚାଷ କରି ଭଲ ଦୁଇପଇସା ମଧ୍ୟ ଅର୍ଜନ କରିପାରୁଛନ୍ତି ।



ସେ ସିନା ଝିଅ ହୋଇ ଜନ୍ମ ହୋଇଛନ୍ତି କିନ୍ତୁ ତାଙ୍କର ପ୍ରତ୍ୟେକଟି କାମ ପୁଅଙ୍କୁ ବରଂ ପଛରେ ପକାଇ ଦେଇଛି । ପୁଅଙ୍କ ଭଳି ଜାମାପ୍ୟାଣ୍ଟ୍ ପିନ୍ଧିବା ହେଉ ଅବା ବୁଲେଟ୍ ଚଢ଼ିବା ହେଉ, ତାହା ବି ତାଙ୍କର ଅନ୍ୟ ଏକ ସଉକ୍ । କେହି କେହି ତାଙ୍କୁ ବୁଲେଟ୍ ରାଣୀ ଡ଼ାକନ୍ତି ତ କେହି କେହି ଡ଼ାକନ୍ତି ବାବୁନି ବାବୁ । ଜୀବନରେ କେବେ ସାଲିସ୍ କରିବା ଶିଖିନାହାନ୍ତି । ସେଥିପାଇଁ ବାବୁନି ଗାଁରେ ହେଉ କି ବାହାରେ, ବିଭିନ୍ନ ଜନମଙ୍ଗଳ କାମ କରିବାରେ ପାରଙ୍ଗମ । କେହି ଜଣେ ଯଦି ବିପଦଆପଦରେ ବାବୁନିଙ୍କୁ ମନେ ପକାଇଲା, ସେ ଯାଇ ହାଜର ହୁଅନ୍ତି ତାଙ୍କ ଘରେ । ସେ ଜଣେ ମହିଳା ବୋଲି କେବଳ ମହିଳାଙ୍କ ପାଇଁ ଉଦାହରଣ ପାଲଟି ନାହାନ୍ତି, ଶିକ୍ଷିତ ବେକାରଙ୍କ ପାଇଁ ଯେମିତି ଆଦର୍ଶ ପାଲଟି ଯାଇଛନ୍ତି । ପାଠ ପଢ଼ିଲେ ଯେ କେବଳ ଚାକିରି କରିବାକୁ ପଡ଼ିବ, ତାହା ସେ ଭୁଲ୍ ପ୍ରମାଣିତ କରି ଦେଇଛନ୍ତି ।

ସେ କେବଳ ଚାଷୀ ନୁହଁନ୍ତି, ଭଲ କ୍ରିକେଟ୍ ଖେଳାଳି ମଧ୍ୟ । ଓଡ଼ିଶା ଟିମ୍‌ରେ ଥରେ ଅଧେ ନୁହେଁ, ୯ ଥର ଜାତୀୟ ସ୍ତରରେ ଖେଳିଛନ୍ତି । ସେ ଏହି ଚାଷବାସ ମାୟାରେ ପଡ଼ି ଖେଳକୁ ସିନା କ୍ୟାରିୟର କରି ନାହାନ୍ତି, କିନ୍ତୁ ଖେଳକୁ ଛାଡ଼ି ପାରିନାହାନ୍ତି ।

ରାଜନୀତିରେ ମଧ୍ୟ ସେ ଜଣେ ପୋଖତ ନେତ୍ରୀ । ସରପଞ୍ଚ ଓ ଜିଲ୍ଲା ପରିଷଦ ସଭ୍ୟ ଭାବରେ ମଧ୍ୟ ମନୋନୀତ ହୋଇ ଲୋକଙ୍କର ସେବା କରିବା ତାଙ୍କର ଆଉ ଏକ ସାମାଜିକ କାମର ଦିଗ ।

ସେ ଜଣେ ମହିଳା ହୋଇପାରନ୍ତି ସତ, କିନ୍ତୁ ତାଙ୍କର ଏଭଳି ଦୃଢ଼ ମନୋବଳ ଓ କର୍ତ୍ତବ୍ୟପରାୟଣତା, ତାଙ୍କୁ ସ୍ୱୟଂସିଦ୍ଧା ସଜାଇ ଦେଇଛି । ତାଙ୍କର ଏ କାହାଣୀ ଅନ୍ୟମାନଙ୍କ ପାଇଁ ପ୍ରେରଣା ହେବ, ଏହା ନିଃସନ୍ଦେହ ।




ଦ୍ୱି-ପ୍ରଚ୍ଛଦ
ଆମ ମାଟିର ସ୍ୱର
ମଡେଲ୍ : ଶାଶ୍ୱତୀ ପଣ୍ଡା
ଫଟୋଗ୍ରାଫି : ବିକାଶ କୁମାର
ଉଚ୍ଚତା : ୫ ଫୁଟ୍ ୨ ଇଞ୍ଚ୍
ଶିକ୍ଷା : ସାମ୍ବାଦିକତାରେ ସ୍ନାତକୋତ୍ତର
ବୃତ୍ତି : ମଡେଲିଂ
କଷ୍ଟ୍ୟୁମ୍ ଓ ମେକ୍ଅପ୍ : ଭାରତୀ ପଣ୍ଡା
ସ୍ଥାନ : ଲିଙ୍ଗରାଜ ମନ୍ଦିର ପାର୍କ, ଭୁବନେଶ୍ୱର

ଲେଣ୍ଡର

# ଜୁଲାଇ ୨୦୨୦

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

୦୧/୦୭/୨୦୨୦ : ବାହୁଡ଼ାଯାତ୍ରା
୦୫/୦୭/୨୦୨୦ : ବ୍ୟାସ ପୂର୍ଣ୍ଣିମା
୨୭/୦୭/୨୦୨୦ : ଗୋସ୍ୱାମୀ ତୁଳସୀଦାସ ଜୟନ୍ତୀ
୩୦/୦୭/୨୦୨୦ : ଝୁଲଣ ଯାତ୍ରାରମ୍ଭ, ଲକ୍ଷ୍ମୀନାରାୟଣ ବ୍ରତ

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |



# କାତି

## ସରୋଜ ବଳ

ମୁଁ ଖସି ଆସିଛି ସେଠୁ
ବଡ଼ କାଇଦାରେ

ପୋଖରୀଆଡ଼ିରେ ପୁରୁଣା କାତି ଛାଡ଼ି
ସାପ ଯେମିତି ବାହାରିଯାଏ
ବନବାସରେ

ବଦଳୁଥାଏ ଜଙ୍ଗଲ
ବଦଳୁଥାଏ ସମୟ
ରାସ୍ତାର ରଙ୍ଗ କ୍ରମେ
ସବୁଜରୁ ଧୂସର ହେଇ
ଧୂସରରୁ ନୀଳ ହେଇ
ନୀଳରୁ ଖଇରିଆ ହେଇ
ଚିତ୍‌ପଟାଙ୍ଗ୍ ପଡ଼ିଥାଏ ସେମିତି
ହେଲେ ବଦଳି ଯାଉଥାଏ ବାଟୋଇ

ଲୋକେ ଅଟକି ଯାଇଛନ୍ତି
ମୁଁ ଛାଡ଼ି ଆସିଥିବା କାତି ପାଖରେ
କିଏ ଫଟୋ ଉଠାଉଛି
କିଏ ଫାଟ ଖୋଜୁଛି
କିଏ ଫୁଟାଣି ମାରୁଛି ମୋତେ ଜାଣିଥିବାର

କାତିକୁ ଅନୁସରଣ କରିକରି
ଲୋକେ ଅନିଦ୍ରା, ସାରାରାତି
ଅଥଚ ମୋର କଣ
ଗୋଟାଏ ବୋଲି କାତି ?
ମୁଁ ତ ନିଜ ଠୁ ଦୂରେଇ ଆଣେ ନିଜକୁ
ଫି' ଦିନ, ଫି' ରାତି

ମୁହୂର୍ତ୍ତ ମୁହୂର୍ତ୍ତ ମୋର
କାତି ହେଇ ରହିଯାଉଛି ପଛରେ
ଯାହାସବୁ ଲେଖିଥିଲି ଡାଏରୀରେ
ଗାଇଥିଲି ପେଣ୍ଡାଲ୍‌ରେ
କହିଥିଲି ସଭାମଂଚରେ
ଯାହାସବୁ ପାଇଥିଲି, ହଜେଇଥିଲି
ଛୁଇଁଥିଲି, ଛଡ଼େଇଥିଲି
ଭୋଗିଥିଲି, ଭାଂଗିଥିଲି
ମନେନାଇଁ, ମନେନାଇଁ ମୋର

କେବଳ ମନେଅଛି
ମୁଁ କାତି ଛାଡୁଛି...
କାତି ଛାଡୁଛି ମାନେ, ଗତି କରୁଛି ❤

ନିର୍ଦ୍ଦେଶକ: ଟାଇମ୍‌ପାସ୍, ନୀଳକଣ୍ଠେଶ୍ୱର
ମାର୍ଗ, ବରମୁଣ୍ଡା, ଭୁବନେଶ୍ୱର-୩
ଫୋନ: ୯୯୩୮୫୩୯୩୭୯



Model : Deepika Das

# ସ୍ୱର

## ଅକ୍ଷୟ ପାତ୍ର


ପିଛା କରିକରି ସେଇ ସ୍ୱରର,
ଯାହା ହୃଦକନ୍ଦରରେ ତୋଳେ ଝଙ୍କାର
ତାଲୁରୁ ତଳିପା ନେସି ହୋଇଗଲା ପରେ ଆର୍ଦ୍ରତା
ଏକ ଅନୁକ୍ତ ଅଥଚ ଅଶ୍ଳୀଳ ଆବେଗର,
ଯାହା ଝୁଣ୍ଟି ପଡୁଥିବା ବେଳେ ପାଦ
ଭୋଗି ନିର୍ମମତା ଅନୁଦାର ରାସ୍ତାର
ଗୁଞ୍ଜରି ଉଠେ ଥରାଇ ମଞ୍ଜୀ
ଅନ୍ତସ୍ଥ ନିରବତାର,

ଯାହା ଅସ୍ଫୁଟ ଅଥଚ ବ୍ୟକ୍ତ ହେବାକୁ ଆରତ
ଶବ୍ଦଙ୍କର ନିରେଖି ଅଜବ ଅଭିସାର
ତନ୍ତ୍ରୀରେ ତନ୍ତ୍ରୀରେ ନିକ୍ୱଣିତ ହୁଏ ବାରବାର,
ଚାଲି ଆସିଲିଣି ଅନେକ ଦୂର
ଭେଟି ସାରିଲିଣି ବିମୁଖତା ନିଠୁର ବାସ୍ତବର !

ଆହା ! ସେଇ ରହସ୍ୟମୟ ସ୍ୱରର
ପିଛା କରିବାରେ ହିଁ ଯେ ନିହିତ ଥାଏ ଉଚ୍ଚାଟ
ଅବୁଝା ଅନ୍ତରର,
ସେଇ ସ୍ୱରର ଦରଦଭରା ଆବେଦନରେ ହିଁ
ସିକ୍ତ ଥାଏ ପ୍ରତିପଳ
ଘଟଣ ଅଘଟଣମୟ ଇହକାଳ,
ସେଇ ସ୍ୱରର ମୂର୍ଚ୍ଛନାରେ ହିଁ
ସଞ୍ଚରିତ ଥାଏ ବିଧୁରତା
ଭାବର ଅବ୍ୟକ୍ତତାରେ ତଟସ୍ଥ କଳାକାରିତାର !

ଚାଲି ଆସିଲା ପରେ ଅନେକ ଦୂର
ଭେଟି ସାରିବା ପରେ ଉତ୍କଟତା
ସାମ୍ପ୍ରାସ୍ଥ ବାସ୍ତବର
ପିଛା କରିକରି ସେଇ ସମ୍ମୋହକ
ଅର୍ନ୍ତଗତେ ନିରତ ଗୁଞ୍ଜରିତ ସ୍ୱରର
ଆଉ ବା ଚାରା କାହିଁ ଥାଏ
ତା' କତିରେ ସମର୍ପିତ
ତା' ମଧୁର ମାଦକତାରେ ଶିହରିତ
ଜୀବନକୁ ଭେଟିନଦେଇ ବିଭୋରତା
କଳାତ୍ମକ ଆତ୍ମ-ବିସ୍ମୃତିର ? ❤

ଅଧ୍ୟାପକ: ଇଂରାଜୀ ବିଭାଗ,
ହିନ୍ଦୋଳ ମହାବିଦ୍ୟାଳୟ
ଖଜୁରିଆକଟା, ଢେଙ୍କାନାଳ-୨୦
ଫୋନ : ୮୮୯୫୮୮୪୯୬୦



# ଜୋତା

## ସୁରେଶ କୁମାର ନାୟକ

ଦିଅଁ ଦେଖିବାକୁ କେମିତି ସାଆନ୍ତେ ?
କୋଉ କାଠରେ ତିଆରି ତମ
ଶୋଇବାଘର ପଲଙ୍କ ?
କୋଉ ପହର ନିଦରେ ସ୍ୱପ୍ନ ନାଚେ ଆଖିରେ ?
ପ୍ରତିବାଦର ବୀଜାଙ୍କୁରରେ
କି’ କଳା କଉଶଳରେ ଶେଷକୁ
ବଶମ୍ବଦତାର ଫୁଲ ଫୁଟେ ?
ବୁଝା ପଡ଼ିଲାନି ସେ ଗୁପ୍ତଭେଦ ।

ବଂଶାନୁକ୍ରମିକ ପଦଦଳିତ ହେବା
ଏକ ଦୈବୀକୂଟ
ନା ପିତୃପୁରୁଷଙ୍କ ଅବିମୃଶ୍ୟକାରିତାର
ଅସରନ୍ତି ଉପପାଦ୍ୟ ?

ରାସ୍ତା ବନ୍ଧୁର ହେଉ କି’ ଦୁର୍ଗମ
କଣ୍ଟାଝଣ୍ଟାର ଝିଙ୍ଗାସ
ଗୋଡ଼ିପଥରର କର୍କଶ ପୀଡ଼ାକୁ
ଛାତିରେ ସାଇତି
ତମ ଗନ୍ତବ୍ୟର ବିଶ୍ୱସ୍ତ ସାଥୀ ହୋଇଚି ।

ଅଗମ୍ୟରେ ଗମିଚ
ଅମଙ୍ଗ ହେଇନି
ଅବାଟ ମାଡ଼ିଚ
ଅନିଚ୍ଛା ଦେଖେଇନି
ଜୟ ବିଜୟଙ୍କ ପରି ଜଗି ଆସିଚି
ତମ ପାପର ମନ୍ଦିର ।

ମୋତେ ଢାଲ କରି
ତମେ ଜିତିଛ ଅନେକ ଯୁଦ୍ଧ
ସବୁ ସଂଘାତ ଓ ସଂଘର୍ଷର ରକ୍ତଛିଟା
ପ୍ରଥମେ ଲାଗିଛି ମୋ ମଥାରେ ।

ତହ ଛଳନାର ଅହିଂସ ମୁଖାତଳେ
ହିଂସାର ଜଘନ୍ୟ
କପଟତାର ନାମାବଳି ତଳେ
ବିକୃତ କାମୁକତାର
ନିରବ ଦର୍ଶକ ମୁଁ ।

ମନ୍ଦିର ବେଢ଼ା ବାହାରୁ ଫେରିଚି
ଫେରିଚି ବି ଦାରୀ ପିଣ୍ଡାରୁ,
ତମ ମୁଲାୟମ୍ ପାଦର ଲାତରେ
ନାବାଳିକା ଗର୍ଭିଣୀର ଗର୍ଭପାତ ଦେଖିଚି
ଦେଖିଚି ବି ନେହୁରା ହେଉଥିବା
ପାପୁଲିକୁ ଦଳିମନ୍ଥି
ଲହୁଲୁହାଣର ବିଭତ୍ସତା ।

ବାହାର ବାରଣ୍ଡାର ଅନ୍ଧାରକୋଣରେ ଥାଇ
ଅନ୍ତଃପୁରର ସୁକୁସୁକୁ କାନ୍ଦଣା ଶୁଣିଚି
ଶୁଣିଚି ବି ମାଧବୀ ସଞ୍ଜରେ
କେଳିକୁଞ୍ଜର ଖିଲିଖିଲି ହସ ।

ତମ ଅବଦମିତ ଇଚ୍ଛାର ଇନ୍ଦ୍ରପ୍ରସ୍ଥରୁ
କେହିଜଣେ ଶ୍ୱାନ-ସନ୍ଥୁ
ଇତସ୍ତତଃ କରିଦିଅନ୍ତା କି ମୋ ଅସ୍ତିତ୍ୱ
ଓଲଟା ଲେଖା ହୁଅନ୍ତା ଇତିହାସ,
ଭରତଙ୍କ ପରି କେହିଜଣେ
ଥାପନା କରିଦିଅନ୍ତା କି ମୋତେ
ସାମ୍ୟ ମୈତ୍ରୀର ନନ୍ଦୀଗ୍ରାମରେ,
ବିପରୀତ ଦିଗରେ ଗତିକରନ୍ତା ସମୟ ।

ହୁଏତ ବୈଷମ୍ୟର
କଳାବାଦଲ ଉହାଡ଼ୁ
ଉଙ୍କି ମାରନ୍ତା ସୂର୍ଯ୍ୟୋଦୟ ।



▶କବି ସୁରେଶ କୁମାର ନାୟକ

♥ପ୍ଲଟ୍ ନଂ- ୯୧, ଶତାବ୍ଦୀ ବିହାର, (କୃଷକ ବଜାର ପାଖ), ଅଭିନବ ବିଡ଼ାନାସୀ, କଟକ-୭୫୩୦୧୪ଟକ,
ଫୋନ:୬୩୭୨୭୯୪୫୦୬



ଫଟୋ ଲିପିକା ଦାସ

# ପ୍ରେମ ଚିଠି

## ଲିପିକା ଦାସ

ସହସ୍ର ବର୍ଷ ପରେ
ଡାକବାଲା ଡାକିଚି...
ମୋ ନାଁରେ ଚିଠି ଆସିଚି ।
ଆଃ...ଚିଠି...
ହେଲେ, ପ୍ରେରକର ନାଁ
ଏକ ହାଁ କାରୀ ପ୍ରଶ୍ନବାଚୀ ।

ଆହା....କେତେ ମିଠା ମିଠା
ଶବ୍ଦର ସରବତ ଏ ଅଜଣା ଚିଠି !
ମୁଁ କାଳେ ପାହାଡ଼ି ଝରଣା
ରାତିଫୁଲ ବାସ୍ନା
ଗ୍ରୀଷ୍ମଋତୁର ଅଚାନକ ବର୍ଷା
ବୁଝି ହେଉନଥିବା
ଅଥଚ ସରସ କବିତା ।

ସେ ସ୍ୱପ୍ନରେ ବି କାଳେ
ମୋ ନାଁ ଧରି ଡାକେ
ମୁଁ 'ଓ' କରେନି ଯଦିଓ
ତଥାପି ସେ ଡାକରେ
ତା ପୃଥିବୀ ଋତୁମତୀ ହୁଏ
ମୋ ନାଁ, ଋତୁପର୍ଣ୍ଣା ରଖିଚି ସେ ।

ଲେଖିଚି ମୁଁ କାଳେ...
ତା ଅରଣ୍ୟର ନିରବତା
ଆକାଶର ଏକାକୀତ୍ୱ
ନକ୍ଷତ୍ରରୁ ନକ୍ଷତ୍ର
ହଜାରେ ଆଲୋକ ବର୍ଷର ଦୂରତା ।

ଏସବୁରୁ ତରଙ୍ଗାୟିତ
ଖୁବ୍ ଗୋଟେ ଯନ୍ତ୍ରଣା
ପ୍ରେମପକ୍ଷୀ ପାଲଟେ ।
ପାଲଟା ପବନରେ ପ୍ରେମମଗ୍ନ ହୁଏ ।
ସେତେବେଳେ ମୋ ଛାଇ
କୋଉ ମନ୍ଦିରର ଗର୍ଭଗୃହ
ହେଇଯାଏ କେଜାଣି
ତା ଆତୁରତା ଅସ୍ପୃଶ୍ୟ ପରି
ଖରାର ପାହାଚରେ ବସିଥାଏ ।

କେତେ ଅଦ୍ଭୁତ, କେତେ ଆକର୍ଷକ
ପ୍ରେମଚିଠି ଯେ ଦେଖ ତ
ଟିକିଏ ବି ଅନ୍ଧାର ଖୋଜିନି
ଖୋଜିନି ଲୁହ, ରକ୍ତ କି ନିଆଁ ।
ଆର୍ଦ୍ର, ଅଥୟ ଅଥଚ...
ନିର୍ଣ୍ଣାୟକ ତା ଚତୁର୍ଦ୍ଦିଗ ।
ଶୂନ୍ୟତାରେ ବି
ପଲକରେ ପଲ୍ଲବିତ ପ୍ରେମ
ଛାତିରେ ତା'ର ରୋମାଞ୍ଚିତ ଆଷାଢ଼ ।

ଶେଷଧାଡ଼ି ଏମିତି ହିଁ
କେବଳ କ୍ରମଶଃ...
ଏବଂ ନିର୍ନିମେଷ ଅପେକ୍ଷାରେ
ଋତୁପର୍ଣ୍ଣାର ପ୍ରେମିକ ।

ପ୍ରଫୁଲ୍ଲ ନଗର, ୱାର୍ଡ଼ନଂ-୧୨
ବାରିପଦା, ମୟୂରଭଞ୍ଜ
ଫୋନ : ୮୮୯୫୦୭୪୫୪୫



ପ୍ରତୀକାତ୍ମକ : ଶାଶ୍ୱତୀ ପଣ୍ଡା

# ଏତେ ପାଖରେ ତୁମେ

## ପିନାକୀ ମିଶ୍ର

ରୁହ
ରାତି ଆହୁରି ବାକି ଅଛି ।

କଥା କ'ଣ ସରେ ।
ପବନ ଫେରେ, ବୋଇତ ଫେରେ
ଜହ୍ନ ବି ଫେରେ, ଫେରେ ରଇତ
ବେଶି ପାଖରେ ଥାଅ ତୁମେ
ତୁମେ ଗଳାପରେ ।

ମାଟିର ଛାତିରେ ବର୍ଷାର ତୀର
ବିଜୁଳିର ଗହଣା,
ବତୀଖୁଣ୍ଟ ଆଲୁଅରେ ମୁକୁଳା ମେଘର ନାଚ

ସଖୀ ତୁମେ କିଆଁ ଏତେ ଆନମନା ?

ଯିବାକୁ ରତରତ
ମାଟି କାନେଇଚି ବର୍ଷାର ଗୀତ
ପାଣିଫୋଟକା ପରି ଚୁମ୍ବନ
ତା' ବେସୁରା ତାଳରେ ଜହ୍ନିଫୁଲ, ଗୋହିରୀବାଟ
ତୁମେ ବି ଫିଟେଇ ଦିଅ ଆଶଙ୍କାର ଆଡ଼ିବନ୍ଧ
ମୁଁ ଶଙ୍ଖମୁଦ୍ରାରେ ସମୁଦ୍ର ପରଷିବି
ତୁମ ଅତନ୍ଦ୍ର ଆଖିରେ
ବର୍ଷା ଥାଇ ବି ଜଣାପଡୁ ନଥିବ
ନିମିଷେ ଝୁରିହେବାର ନିଃସର୍ତ୍ତ ଲଗ୍ନରେ ।

ତୁମ ଅଝଟପଣିଆକୁ ଚିନ୍ତା ନାହିଁ ମୋର
ମୁଁ ମାଟି ପରି ଶାନ୍ତ ସ୍ଥବିର
ଅନୁରାଗର ଶୁଦ୍ଧ ରୂପକାର ।

ରୁହ
ତୁମ ଭରସାର ଅନାବିଳ ସ୍ୱଚ୍ଛ ଜଳବିନ୍ଦୁର
ଶୁଭ୍ର ଅକ୍ଷରକୁ ମୁଁ ସାଇତି ରଖେ ଏଥର
କାଲିର ସକାଳ ମୋର ପ୍ରତିଦ୍ୱନ୍ଦ୍ୱୀ ହେବା ଆଗୁଁ
ମୁଁ ସାରି ଦେଇଥିବି
ଲାବଣ୍ୟ ଚମକ ନାଟମନ୍ଦିର ।

ଶୁଭ୍ରଜ୍ୟୋତ୍ସ୍ନା, ଜେଲ୍‌ରୋଡ଼
କେନ୍ଦୁଝର-୧
ଫୋନ : ୯୪୩୮୧୧୮୩୯୭



ଫଟୋ ପିନାକୀ ମିଶ୍ର

# ଗୋପନୀୟତା

**ମମତା ସାହୁ**

ବଣିଆ ଦୋକାନ ଆଗରେ
ନାଲିଆ କାଗଜରେ
ଗୁଡ଼େଇ ହୋଇଥିବା ପୁଡିଆଟାଏ

ଶହେ ହଳ ଆଖି... ତା ଏପାଖେ ସେପାଖେ
ଗୋଟାଇ ନେବାକୁ ଖଞ୍ଜରେ ପଞ୍ଜରେ
ଫାଟି ଯାଆନ୍ତା କି ବ୍ଲାଉଜ୍‌ର ବୋତାମ
ଛାତିରେ ଚମକ ଦେଇ
ଅହେତୁକ ଖସି ପଡନ୍ତା କି ଶାଢ଼ିର କାନି

ହୋଇପାରେ ନୀଳିମା ଦେବୀ, ନୀଳ ମାଷ୍ଟ୍ରାଣୀ
ବା ଗାଁର ଅପାଠୋଇ ନୀଳ ଲୋ ନିଆଁ ଲୋ ଚୁଲି
ସମସ୍ତଙ୍କୁ ମହରଗ ଅଦେଖା ଧନର ପେଡି ।

ଧୂଳିଖେଳ ଖପରାଡିଆଁ ପରେ ପରେ
ଆସେ ଏହି ଗୋପନୀୟତା
ଅନ୍ତଃର୍ବାସ ଖୋଜା ଚାଲେ ....

ଋତୁପାଳିଙ୍କିରେ ବସନ୍ତ
ଫୁଲିଲା ଛାତିରେ ନଖ ବିଦାରେ
ବଢ଼ିଲା ଝିଅର ମାଆ
ମଳି ଛଡେଇବା ବାହାନାରେ
ଆଖି ବୁଲେଇ ଦେଖିନିଏ
କେହି ନଖାଘାତ, ଦନ୍ତାଘାତ କରିନାହାନ୍ତି ତ ?





ସଜେଇ ଦିଏ ଛାତିର କାନି ।

ସାହି ପଡିଶାରେ ଟୁପୁରୁ ଟାପୁରୁ
କାହାକୁ କ'ଣ ବା ହିସାବ ଦେବ
ଗଣି ପାରେନା ସମୟର ପୃଷ୍ଠା
ଉତ୍ତାଳ ଢେଉ ମାଡରେ କାକୁସ୍ଥ ଦ୍ୱୀପ ପରି
ସେ ଲଟକି ଥାଏ
ଭୋଗୁଥାଏ ନିୟତ ନିରତ
ଆକ୍ରୋଶର ଛାଟ

ତଥାପି ସଜାଡୁଥାଏ କାନି
କେବେ ଖୋଲିନଥାଏ ଛାତିତଳ ବେଦନା
ଗୋପନୀୟତାକୁ ଢାଙ୍କିବ ବୋଲି । ♥

ଅଧ୍ୟାପିକା: ସମାଜବିଜ୍ଞାନ,
ଜଗନ୍ନାଥପୁର, ଭଦ୍ରକ
ଫୋନ: ୯୮୬୧୧୫୩୩୬୪

# ନିହାତି ନଷ୍ଟ କଥା

**ସିପୁନୁ ଜେନା**

ସଂଚରି ଯାଇଥିବା ବାସ୍ନା
ଏବେ ପତିଆରା ଜମେଇ
ବେଶ୍ ରୋମାଞ୍ଚରେ
ଦେହର ବଲ୍କଳ ଖୋଲିବାରେ ବ୍ୟସ୍ତ ଅଛି...

ଯୋଉଠି ସବୁସୁଖ ଭାବେ
ସେଇଠି ବେଳେବେଳେ
ଗର୍ତ୍ତ ଭିତରକୁ ପଶିବା ନିଶାରେ
ମାତାଲ୍ ମନଟା ହଜିଯାଏ
ଆଉ ଗୋଟେ ଭିନ୍ନ ବାଟରେ...

ପରସ୍ତ ପରସ୍ତ ଖୋଲି
ସବୁ ନକ୍ସାକୁ ପଢ଼ିବା ନିଶାରେ
ଏ ଯୋଉ ନିଶା ଉତୁରି ପାରେ
ଅବା ମସ୍‌ଗୁଲ୍ ହେଇପାରେ
ଆଉ ଟିକେ ମଜ୍ଜିବା ଲୋଭରେ ।

ଘୋଡ଼େଇ ଦେଇଥିବା ମାନସାଙ୍କକୁ
ବେଳେବେଳେ ଖୋଜିବାକୁ ପଡ଼େ
ଧୋଇଥିବା ଲୁଗାର ବାସ୍ନାରେ ।

ସବୁ ତାତିକୁ ନିଜ ଭିତରକୁ
ଶୋଷି ନେଲା ପରେ
ଶୀତଳ ସ୍ପର୍ଶର ମାଦକତା
ବ୍ୟଗ୍ରତାରେ ଉଷ୍ଣତାକୁ ଭରିଦିଏ
ଦରଆଉଜା ସ୍ୱପ୍ନ ଭିତରେ
କୋଉଠି ଟିକେ ବାସ୍ନା
ଘଡ଼ିଏ ବାଟ ଉଣ୍ଡି ବସେ ।

କିଛି ବାକି ଅଛି ବୋଲି
ଗହଳ ବନରେ ବି ଖୋଜେ
ଟିକେ ନିରବତା
ଯାହା ନିହାତି ନଷ୍ଟ କଥା... ! ♥

ତର୍କାବେଢ଼ା, କଡ଼ଲା, ମେରାମଣ୍ଡଳୀ,
ଢେଙ୍କାନାଳ-୭୫୯୧୨୧,
ଫୋନ :୮୭୬୩୦୭୦୫୩୫





ଫଟୋ ଉମାଶଙ୍କର ପାଲ

# ପତ୍ରଝଡ଼ା


## ଉମାଶଙ୍କର ପାଲ


ଚାଳିଶା' ଚଷମା ତଳୁ
ଏବେ ତୁମ ମୁହଁର ଦାଗ
ବେଶ୍ ସ୍ପଷ୍ଟ ଦିଶେ
ନେପଥ୍ୟରେ ସମୟ ଲୁଚି ଲୁଚି ହସେ ।

ତୁମର ନା' ଅଛି ତାତି
ନା' ମୋର ତାକତ୍
ମିଠା ଅତୀତକୁ ଝୁରୁଛି
ବଳକା ଆୟୁଷ ।

କୁଆଡ଼େ ଗଲା
ଓଢ଼ଣା ତଳର ଲାଜଲାଜ ହସ
ରାତିର ପ୍ରତୀକ୍ଷାରେ ପ୍ରୀତିର ମଧୁରାସ
ଏବେ ତୁମେ ମଉଳୁଥିବା ପଳାଶ
ଅପରାହ୍ନର ଆକାଶରେ ମୋ ବୟସ ।

ତୁମେ ଆଉ ଲବଣୀ ପିତୁଳା ନୁହଁ
କି ମୁଁ ତତଲା ଲୌହଦଣ୍ଡ
ଜଞ୍ଜାଳ ନିଆଁରେ ଜଳିଜଳି ତୁମେ କଳାକାଠ
ସଂସାର ନାଆ ବାହିବାହି
ଥକି ଗଲାଣି ମୋ କାତ ।

ଦେହର ଉପବନରୁ
ବିଦାୟ ନେଉଛି ବସନ୍ତ
ଏ ତ' ପତ୍ରଝଡ଼ା ବେଳର
ବିବର୍ଣ୍ଣ ମୁହୂର୍ତ୍ତ । ♥


ଜାଗମରା, ଭୁବନେଶ୍ୱର-୭୫୧୦୩୦
ଫୋନ:୯୫୫୬୮୮୮୭୦୮


# ଜୁଆରିଆ ସ୍ମୃତି


## ନୀଳମାଧବ କର




ଜାୟାକୁ ଜାବୁଡ଼ି ଧରି
ମୁଁ ତମ କଥା ହିଁ ଭାବୁଛି
ଝାଉଁଗଛ ଭିତରେ ଭିତରେ
ଛାଣି ହେଇ
ଜୁଆରର ଶବ୍ଦ ସବୁରେ
ମୁଁ ତମକୁ ଖୋଜୁଛି

ଭୁଲିବାକୁ ହେବ ବୋଲି (ବୋଧେ)
ତମକୁ ମୁଁ ବାରମ୍ବାର
ମନେ ପକଉଛି । ♥


ଓଲ୍ଭରହାମ୍ପଟନ୍, ୟୁକେ


# ରେବତୀର ସଂସାର


## ଜୟନ୍ତିକା


ସିନ୍ଦୂରା ଫିଟି ନଥିଲା ତଥାପି
ଦଲକାଏ ପବନ ସାଥିରେ କଥାଟି ଭାସିଆସିଲା,
'ତମେ ନାହଁ' ବୋଲି ସଭିଏଁ କହିଲେ
ମତେ ଶୁଣିବାକୁ ହେଲା ।

ହେ ଗଗନ ପବନ ନିର୍ବାକ ହୁଅ,
ହେ ନଈନାଳ ଶୁଖିଯାଅ ସବୁ,
ହେ ଦାରୁଦେବତା ମିଛ ହୋଇଯାଅ ।

ଯଦି ଏସବୁ ସତ ହୋଇନପାରେ
ତେବେ ବାସୁଭାଇ ବଞ୍ଚିଛି ।

ଏ ଦେହରେ ଆତଯାତ ନୀରବ ନିଶ୍ୱାସ ତମେ,
ବହୁଅଛ ନିରବଧି ରକ୍ତରେ କୋଷରେ,
ତମପାଇଁ ସୂର୍ଯ୍ୟ ଉଏଁ ଫୁଲ ଫୁଟେ ଦିନରାତି ହୁଏ,
ଦେହ କେବେ କୋଉଠି ବି ପ୍ରାଣବିନା ବଞ୍ଚି ରହିପାରେ ?

ତମେ ଅଛ ବୋଲି ସିନା
ଏବେବି ମୁଁ ଆଗପରି ଅଛି,
ସାଇତି ରଖିଛି ସବୁ ଘରଦ୍ୱାର ଲୁଗାପଟା,
ସଭିଙ୍କ ଆଢୁଆଳରେ
ସଞ୍ଜବେଳେ ପୁରାଣ ପଢୁଛି ।

ରେବତୀ ବଞ୍ଚିଛି ପିଲା ପିଚିକାଙ୍କୁ ଧରି
ସଂସାର ପାତିଛି ପାଖ ଅଙ୍ଗନବାଡ଼ିରେ
ସଭିଙ୍କ ଠୁ ଟିକେ ଭିନ୍ନ, ଉଦାସ ଅନ୍ୟମନସ୍କ ହୋଇ
ଦିନରାତି ଏକାକାର କରି
ଗହଗହ ସଂସାର ଭିତରେ ।

ସିନ୍ଦୂରା ଫିଟି ନଥିଲା ତଥାପି । ♥


କଥାକାର-୧୬୧, ଶୈଳଶ୍ରୀବିହାର
ଭୁବନେଶ୍ୱର
ଫୋନ: ୮୭୬୩୯୯୮୪୯୮




ଫଟୋ ଜୟନ୍ତିକା



▶ ଫଟୋ ଦେବଯାନୀ ତ୍ରିପାଠୀ

# ଏତେ କାଇଁ ମନେପଡ଼ ତୁମେ ବର୍ଷାରେ

## ଦେବଯାନୀ ତ୍ରିପାଠୀ

ଆଃ ବର୍ଷା
ଜାଣିଛ ଆଜି ସକାଳୁ ନିର୍ଧୁମ୍ ବର୍ଷୁଚି ଆକାଶ
ସାପ ପରି ଶୋଇଛି ପିଚୁ ରାସ୍ତା
ବେହାଲ୍ ବେଦମ୍
ଆଉ ତୁମେ ମନେ ପଡୁଛ ଏତେ ବେଶି ?
ଯେମିତି କୋଉଠି ବି ନିସ୍ତାର ନାହିଁ
ଆକାଶର ମୁହଁ କେମିତି କାନ୍ଦ କାନ୍ଦ ଦିଶୁଚି
ଗଛ ପତ୍ର ପାଣି ପବନ ସବୁ ଧୂଆଁ ଧୂଆଁ

ଲାଗୁଛି ଯେମିତି ତୁମେ ଏଇଠି କୋଉଠି ଅଛ
ଖୁବ୍...ଖୁବ୍ ପାଖରେ

ତୁମେ କୁହନା ? ଧାରେ ଲୁହ ବୋହିଗଲେ
ତୁମ ଆଖିରୁ ଅଭିମାନରେ
ନାକ ଅଗ ଦେଇ ଚିକ୍‌ଚିକ୍ ବୁନ୍ଦାଏ ଲୁହ, ଓଠକୁ ଛୁଇଁ
ଲାଗେ ଯେମିତି ଏଇନା ଘୋଟିଯିବ କଳାହାଣ୍ଡିଆ ମେଘ
ଆକାଶର ମୁହଁ ଦିଶିବ ଭାରି ଭାରି
ଠିକ୍ ତୁମ ମୁହଁ ପରି !

ଏଇ ତ ମୁଁ ସକାଳୁ ବସିଛି ଚା' କପ୍ ଧରି
ସିଙ୍କ୍‌ରେ ଗଦାଏ ବାସନ
ସବୁ ଅସଜଡ଼ା ବିପର୍ଯ୍ୟସ୍ତ
ମନ ଲାଗୁନି କୋଉଠି

ଚା' କପ୍‌ରୁ ଉଠୁଚି ଧୂଆଁ
ସେ ଧୂଆଁ କୁଣ୍ଡଳୀରେ ଆଙ୍କି ହେଇଯାଉଛି ତୁମ ମୁହଁ
ଛୁଇଁଦେଲେ ଯେମିତି ଚହଲି ଯିବ
ଭିଜିଯିବ ମୋ ଅନ୍ତର ଗୋଟାପଣେ...

ଶୁଖି ଆସିଥିବା ଘା'ରେ ପରଳ ପଡ଼ିଲାଣି
ଆଃ ତଥାପି ଧାରେ ଲୁହରେ ଧୋଇ ହେଇଯିବ
ତାଜା ଲାଗିବ ଠିକ୍ ଆଗ ପରି...

କହ ତ ଏତେ କାଇଁ ମନେପଡ଼ ତୁମେ
ବର୍ଷାରେ ?
ଯେମିତି ତୁମେ ଖୋଜ ମୋତେ ଭିଜା ଭିଜା
ଓଦା ଓଦା ରାତିରେ...
ଖୋଜ ?

♥ ୨୬୩୦, ହାଲନ୍ ଷ୍ଟ୍ରୀଟ, ଆଇଡାହୋ ଫଲ୍ସ
ଆଇଡାହୋ, ଯୁକ୍ତରାଷ୍ଟ୍ର ଆମେରିକା



# ଲୁହ

## ଅଙ୍ଗୁରବାଳା ପରିଡ଼ା

ନା, ଆଉ ହବନି ।
ଗୋଟେ ଫଟାହାଣ୍ଡିକୁ
ଗୋଇଠା ମାଇଲା ପରି
ଲଥ୍ କରି ସେ ବସି ପଡ଼େ ଚଟାଣରେ ।

କୋହ ଉଠେଇ ବହି ଆସେ ଲୁହ,
ଜରାୟୁ ଚିରି ନିଗିଡ଼ି ଯାଏ ପାଞ୍ଚଦିନ ।
ଅଛୁଆଁ, ଅସ୍ପୃଶ୍ୟ ହୋଇ
କୋଡ଼େ କପାଳ,
ଅନ୍ୟମାନଙ୍କ କଥା ଛାଡ଼
ପ୍ରିୟଲୋକ ବି ଅଯୋଗ୍ୟ ଭାବି
ମୁହଁ ଆଡ଼େଇ ଫେରିଯାଏ ।

ଲୁହ ଆଖିରୁ ଝରେ ଅଧରକୁ
ଲୁଣିବିଷକୁ ପିଏ ଓଠ
ଯେମିତି ଶୁଦ୍ଧକର୍ମରେ କରୁଛି
ଅନ୍ତୁଠରେ ପାପ ପଇଠ ।

ଥରକୁ ଥର ଶୁଖୁଥାଏ ଲୁହ,
ଶୁଦ୍ଧ ସ୍ନାନ ସାରି ସଜାଡ଼େ ଭୋଗଡାଲା
ମନକୁ ଅଞ୍ଜଳି କରି
ମନ୍ଦିର ପାହାଚ ଚଢ଼ି
ପଶେ ଗର୍ଭଗୃହରେ ।
ଦେହରେ ନିଆଁ ଲଗେଇ
ଜଳାଏ ଆଶାର ଦୀପ,
ମନ୍ମନ ହୋଇ ଗାଏ
ସନ୍ତାନ ଗୋପାଳ ମନ୍ତ୍ର ।

ଯେତିକି ମାନ୍ତ୍ରିକ ତାର ସ୍ୱର,
ତହୁଁ ବଳି ମର୍ମାହତ
ତାର ସଂଗୁପ୍ତ ସ୍ୱାକ୍ଷର ।

ଖରାଦିନିଆ ଟୁବିଗାଡ଼ିଆର
ଅରାଏ ପଙ୍କ କାଦୁଅରେ ଛଟପଟ ମାଛ ପରି
ଲହୁଲୁହକୁ ବୋଳି ହୋଇଥାଏ ବନ୍ଧ୍ୟା,
ଦ୍ୱୈତ କଷ୍ଟକୁ ସହୁଥାଏ ଏକା ଏକା
ଯେମିତି ବାଦଲର ବିନ୍ଦୁଏ ବରଷା ବିନା
ବାଞ୍ଝର ବସୁଧା । ♥

ବି-୧୨, ସେକ୍ଟର-୧୮, ରାଉରକେଲା-୩
ଫୋନ : ୯୪୩୮୦୫୭୫୭୮



▶ ଫଟୋ ଅଙ୍ଗୁରବାଳା ପରିଡ଼ା

# ମୋହନ ଦାସ

## ଅମରେନ୍ଦ୍ର ମାଧବ ଦାଶ



ଫଟୋ ଅମରେନ୍ଦ୍ର ଦାଶ

ତମକୁ ନେଇ ଚାଲେ
ଅନେକ ତର୍କ
ଅନେକ ତର୍ଜମା,
ସମୟେ ସମୟେ ଉଠେ ବି
ଅନେକ ପ୍ରଶ୍ନ...

ସବୁ ପ୍ରଶ୍ନ ମଝିରେ
ଲୁଚିଥାଏ କିଛି
ଅକାଟ୍ୟ ଯୁକ୍ତି,
ରହିଥାଏ କିଛି
ବଳିଷ୍ଠ ପ୍ରମାଣ,
ଦିଶୁଥାଏ କିଛି
ନିଷ୍ଠୁର ବାସ୍ତବତା
ଉହ୍ୟଥାଏ କିଛି
ତୀବ୍ର ଅସନ୍ତୁଷ୍ଟି ।

ତମ ତ୍ୟାଗ
ତମ ତପସ୍ୟା
ତମ ଅରଟ
ତମ ଅହିଂସା
ତମ ଅସହଯୋଗ
ତମ ଅନଶନ
ତମ ସତ୍ୟାଗ୍ରହ
ତମ ସଂରକ୍ଷଣ
କାଠଗଡ଼ାରେ ଠିଆ ହୁଏ ବି
ଅନେକ ସମୟ ।

ତମ ନ୍ୟାୟ
ତମ ନିଷ୍ପତ୍ତି
ତମ ଧର୍ମ
ତମ ନିରପେକ୍ଷତା
ତମ ନୀତି
ତମ ନୈତିକତା
ତମ ଆହ୍ୱାନ
ତମ ଅସ୍ମିତା
ପାଖରେ ଅଟକିଥାଏ
ଗୋଟେ ବିରାମ ଚିହ୍ନ
ଅନେକ ପ୍ରହେଳିକା ନେଇ ।

ଏତେ ସବୁ ପରେ ବି
ସେମାନେ ଥା'ନ୍ତି ତମ ସହ
ମାନୁଥା'ନ୍ତି ତମ ଦିଆ
ମାନବିକ ମୂଲ୍ୟବୋଧର ମନ୍ତ୍ର
ଘୋଷୁଥା'ନ୍ତି ଦିନରାତି ତମ ନାଁ
ଗାଉଥା'ନ୍ତି ଅହର୍ନିଶ ତମ ଗୁଣ
ଚାଲୁଥା'ନ୍ତି ତମ ପ୍ରଦର୍ଶିତ ପଥ
ଛାତି ଫୁଲଉଥା'ନ୍ତି ଦାୟାଦ ବୋଲି ତମର...

ସେମାନେ ଜାଣନ୍ତି
କିଛି ପ୍ରଶ୍ନର ଉତ୍ତର ନଥାଏ
କିଛି ଜିଜ୍ଞାସା,
ଜିଜ୍ଞାସା ହୋଇ ରହିଥାଏ
ତଥ୍ୟପୂର୍ଣ୍ଣ ବକ୍ତବ୍ୟ ବି
କେବେକେବେ ଫିକା ଦିଶେ
ଯେହେତୁ ସବୁ ପ୍ରଶ୍ନର ଊର୍ଦ୍ଧ୍ୱରେ ଥାଅ ତମେ
ଯେଉଁଠି ଗୋଟେ ହସ ହସ ମୁହଁ ଛଡ଼ା
ଆଉ ଯେତେ ଯାହା ତୁଚ୍ଛ ପଡ଼ିଯାଏ... ♥

ପ୍ଲଟ୍ ନଂ ୧୩୦୨/ଏ (ପ୍ରା), ୟୁନିଟ୍-୪,
ଶାସ୍ତ୍ରୀନଗର, ଭୁବନେଶ୍ୱର-୭୫୧୦୦୧
ଫୋନ : ୯୪୩୭୩୫୯୯୪୫

---

# ମହାମାରୀ ପରେ

## ମାନମୟୀ ରଥ

ପୁରୁଣା ପୃଥିବୀ ପୁରୁଣା ହୋଇ ରହେନା
ଅନିଶ୍ଚିତତା ନୂଆ ଶାସକ ହୋଇ ଓହ୍ଲାଏ
ମରଣ ନୁହେଁ, ଆତଙ୍କ ଭୂତାଣୁ ହୋଇ
ବ୍ୟାପି ବ୍ୟାପିଯାଏ ।

ଯୁକ୍ତି ଆସ୍ଥା କେହି ଆରାଧ୍ୟ ହୋଇ ରହନ୍ତି ନାହିଁ
ପୂଜା ଫୁଲ ଅବ୍ୟବହୃତ ରହେ ।
ନିଜ ଜାଲରେ ଛନ୍ଦି ହୋଇ ପଡ଼େ ସଭ୍ୟତା
ଶତ୍ରୁ ଖୋଜୁ ଖୋଜୁ ସକାଳ ହୁଏ
କୋଟି କୋଟି ମାରଣାସ୍ତ୍ର ଥାଇ
ମଣିଷ ହାୟ ! ଯୁଦ୍ଧ ହାରିଯାଏ !

ଅକାଳକୁ ଅକାଳ କହିବାକୁ
ନିଅଁଣ୍ଟ ପଡ଼େ ଶବ୍ଦ
ଆଶ୍ୱାସନାର ସବୁ କବିତା
ବ୍ୟର୍ଥତାରେ ମୁହଁ ଲୁଚାଏ
ଅତିମାରୀର ଅରାଜକତା
ଆମକୁ ଚିହ୍ନାଏ ଆମ ଅସହାୟତା
ଦୟା, କ୍ଷମା ବଜାରରେ ଅଚଳ ହୁଏ ।
ଚନ୍ଦ୍ରପକ୍ଷ ରାତିରେ
ନାଚନ୍ତି ଲମ୍ବା ଲମ୍ବା କଳା ଛାଇ
ଆଶାର ନକ୍ଷତ୍ର ଛାଇଁ ଉଭେଇ ଯାଏ ।

ଫଜେରା ଫାଟିଲେ ବଦଳିଯାଏ ସବୁ
ହେଲେ ପ୍ରବୃତ୍ତି
ଯଥାରୀତି କୁଣ୍ଡଳୀ ମାରି
ଶୋଇ ରହେ ।
ଫଜେରା ଚିହ୍ନାଏ ।♥

ଅଧ୍ୟକ୍ଷା: ସେଣ୍ଟ୍ ଜାଭିଅର୍ କିଡ୍ସ
ବାଲିପୁଟ, ପୁରୀ-୭୫୨୦୪୫
ଫୋନ : ୯୪୩୯୮୦୪୯୦୪



ଫଟୋ : ଉତ୍ସଙ୍ଗ



ଫଟୋ ମାନମୟୀ ରଥ



ଫଟୋ ପୂରବୀ ଶତପଥୀ

# ମୁଁ ଏବେ ତୁମ ସ୍ୱନର ପ୍ରେମରେ ବଂଶୀବାଦକ


## ପୂରବୀ ଶତପଥୀ


ଏଠିତ ଏକ ଅଦ୍ଭୁତ ସହଭାଗିତାର ସହାବସ୍ଥାନ
ତଳକୁ ତଳକୁ ଲମ୍ବି ଚାଲିଥିବା
ଗୋଟେ ପାଦ ଜଳରେ
ତ ଆଉ ପାଦଟିଏ
ଶଙ୍ଖନାଦ ହୁଳହୁଳିରେ ଥାପି
କେହିଜଣେ ପୂର୍ବାଭିମୁଖୀ
ପଶ୍ଚିମ ଦ୍ୱାରରେ ।

ଧନଧାନ୍ୟ ସନ୍ତାନର ଗୃହଲକ୍ଷ୍ମୀ
ସୌଭାଗ୍ୟର ବୀର ରାଜଲକ୍ଷ୍ମୀ
ଶିବାଳୟରେ ଶ୍ରୀଯନ୍ତ୍ର
କି ଅଦ୍ଭୂତ !

ଏବେ ଯେବେ ଆଲୋକର ବିଶ୍ରାମର ବେଳ
ରତରତ ଗୋଧୂଳିର ପରେ
ପାନପାତ୍ରରେ ଜହ୍ନରସ
ଦାଉଦାଉ ଜଳିବାର ବେଳ ।

ଏ ବେଳ ତ ଅଭିଶପ୍ତ ବନ୍ଧନରୁ ବାହାରି
କେଇ ମୁହୂର୍ତ୍ତ ପାଇଁ
ଜୀବନ୍ୟାସ ପାଇବାର ବେଳ ।

ମନ୍ଦିର ତୋରଣରେ ଅପରୂପ ଖାକ୍ରାର ଶୈଳୀ
ଦେହଳୀରେ ଦ୍ୱାରପାଳ ପତିପତ୍ନୀ
ପାଳକ ଓ ରକ୍ଷକ ମୁଦ୍ରାରେ ।
ଗର୍ଭଗୃହରେ ଧୂପ-ଦୀପର ବିଭୋର ବାସ୍ନା
ଏଣେ ମନ୍ଦିରର ବେଢ଼ା ବୁଲୁବୁଲୁ
ନାସା ଲଗ୍ନ ହୋଇ ଭାସି ଆସେ
କାହା ଦେହର ଭୁରୁଭୁରୁ ଗନ୍ଧ ।

ଗନ୍ଧର୍ବୀ, କିନ୍ନରୀ, ଯକ୍ଷୀଣି !
କାହା ବାସ୍ନା ? ନାଗକନ୍ୟା !
ମନ୍ଦିର ଗାତ୍ର ତେଜି ଉଠିବସନ୍ତି ସେମାନେ
ବୀଣାଜିଣା କଣ୍ଠ ସାଧନାରେ,
ଆରିସୀରେ, ଅପରୂପ ଲାବଣ୍ୟରେ
ଗନ୍ଧ ଚନ୍ଦନ ପୁଷ୍ପମାଲ୍ୟ ଘେନି
ସ୍ୱାଗତର ହସ ହସି ହାତ ଧରି ଟାଣି ନିଅନ୍ତି
ଏକ ବିମୁଗ୍ଧ ସାମ୍ରାଜ୍ୟକୁ ।

ସ୍ୱତଃ ଏକ ନିମୀଳିତ ମୁଦ୍ରାରେ
ଏକସଙ୍ଗେ ଶିଥିଳ ଓ ଚଳଚଞ୍ଚଳ
ହୋଇଉଠେ ମୁଁ
ଦେବାଳୟ ଗାତ୍ରର ନିଟୋଳ ଅଙ୍ଗ
ଓ ତ୍ରିବଳିର ଦେହ ମାନ ଛୁଇଁ
ସମ୍ମୋହିତ, ସମାଧି ନିବିଷ୍ଟ ।

ସେଇ ମୁହୂର୍ତ୍ତରେ
ଯେଉଁ ଏକ ପୁରୁଷର ସ୍ୱର ଉଚ୍ଚରିତ;
ସେ ସ୍ୱନ ତ ତୁମର !
ଆଉ ମୁଁ !

ମୁଁ ଏବେ ତୁମ ସେଇ ସ୍ୱନର ପ୍ରେମରେ
ବଂଶୀବାଦକ । ♥


ରାସୋଲ, ଢେଙ୍କାନାଳ-୭୫୯୦୨୧
ଫୋନ : ୮୮୪୭୮୨୫୬୮୮




ଫଟୋ : ଉପହାର

# ମୁଁ ମୋତେ ଖୋଜିବା ବେଳେ


## ମମତା ପ୍ରିୟଦର୍ଶିନୀ ସାହୁ


'ମୁଁ', ମୋତେ ଖୋଜିବା ବେଳେ
ଉଭା ହେଲେ ଦୁଇ ହଳ ପାଦ,
ତଳି ଚମ ଛିଣ୍ଡି ଝରୁଥିଲା ରୁଧିର,
ତଥାପି କରୁଥିଲେ ଘୋଷଣା...
ଯିବା ଚାଲ ଆଗକୁ ଖୁବ୍ ଆଗକୁ ।

'ମୁଁ', ମୋତେ ଖୋଜିବା ବେଳେ
ଶୁଷ୍କ ହାତ ଚାରି ଥର ଥର କରି
ସାଉଁଳୁ ଥିଲେ ମୁଣ୍ଡର ଅଲରା କେଶ ତକ,
ନିଃସଂଗତାର ପରିଧିରୁ ଟାଣୁଥିଲେ ମୋ ହାତ ।

'ମୁଁ', ମୋତେ ଖୋଜିବା ବେଳେ
ଆଉଜେଇ ନେଲା ସେ ଛାତି,
ଯା'ର ଅମୃତର ଝର ବିଜୁଳି ଭରିଥିଲା ପିଣ୍ଡରେ
ଆରେକ ଦେଇଥିଲା ବିଶ୍ୱାସ ।

'ମୁଁ', ମୋତେ ଖୋଜିବା ବେଳେ
କୋଟରଗତ ସେ ଦୀପ ଦୁଇହଳ
ପୋଶେ ପୋଶେ ଚାଉଳ ଧରି
ଦିକି ଦିକି ଜଳି ଉଜ୍ଜ୍ୱଳି ଯିବାକୁ
ନିର୍ଦ୍ଦେଶନାମା ଜାରି କଲେ ।

'ମୁଁ', ମୋତେ ଖୋଜିବା ବେଳେ
ମନ, ହୃଦ, କଣ୍ଠେ ଶୁଭୁଥିଲା ଦୁଇ ନାମ
ଏକ ନାମେ ଆକାଶର ବିଶାଳତା
ଆରେକରେ ସ୍ୱର୍ଗୀୟାନୁଭୂତି,
ଜୀବ ଥିବା ଯାଏଁ ଗାଉଥିବି
ସେ ନାମ ଦ୍ୱୟର ଗୁଣକୀର୍ତ୍ତି । ♥


ଓଡ଼ିଆ ଅଧ୍ୟାପିକା: ସରକାରୀ ଏସ୍‌ଏସ୍‌ଡି,
ଏଚ୍‌ଏସ୍‌ଏସ୍,
+୨ ବିଜ୍ଞାନ ମହାବିଦ୍ୟାଳୟ,
ବାଲିଶଙ୍କରା, ସୁନ୍ଦରଗଡ




ଫଟୋ ଉତ୍ସ ମମତା ପ୍ରିୟଦର୍ଶିନୀ ସାହୁ

# ମୁହୂର୍ତ୍ତେ ବଂଚିବା ପାଇଁ

## ଯାଦବେନ୍ଦ୍ର ସାହା

ପ୍ରିୟତମା !
ଆଜିକାଲି ଏବେ ତୁମେ ଅଛ କେଉଁଠି
ବିଳାସପୂର୍ଣ୍ଣ ତୁମ ରାଜଉଆସର
ଚାକଚକ୍ୟ ଅଟ୍ଟାଳିକାରେ
ନା, ଆଉ ପୁଣି କାହା ମାୟା କି ମୋହରେ ?

ତୁମ ସହ ମୋର ଖୁବ୍‌ଦିନ ହେଲା ଭେଟ ହୋଇନାହିଁ
ଥରେ ହେଲେ ବୁଲି ଆସ ଆମଘର ଆଡ଼େ
ହେଲେ, ଏତିକି ନିଶ୍ଚିତ ରୁହ ଯେ'
ମୁଁ ପ୍ରେମର କଥା କହିବିନି
କି ଓଠରେ ଓଠ ଯୋଡ଼ି
ଦେହରେ ଦେହ ମିଶାଇ
କେମିତି ଗାଇବାକୁ ହୁଏ ଗୀତ...

ବରଂ, ମୁଁ ତୁମକୁ ଦେଖାଇ ଦେବି
ତୁମର ସେଇ ରାଜଉଆସ ପଛ ପଟେ
ବୁଢ଼ୀଟିଏ ଭୋକ ଉପାସରେ ରହିରହି
କେମିତି ଗତକାଲି ଅସମୟରେ ଗଲା ମରି ।

ତୁମ ଉଆସ ପଛପଟ ଗଳିର
ଶେଷମୁଣ୍ଡେ ରହୁଥିବା ବଇଠାରୁ
ଦାଦନ ଖଟିବାକୁ ଗଲା ତିନିମାସ ପାଇଁ ଯେ...
ଆଉ ଘରକୁ ଫେରିବା ହେଲାନି !

ତମ ଘରେ ହଳିଆ ଥିବା
ସେଇ ମଙ୍ଗଲୁ ମାଝୀର
ଅବସ୍ଥା କ'ଣ ହେଲା ହାଇଦ୍ରାବାଦରେ
ବନ୍ଧା ପଡ଼ିଥିବା କଂଟ୍ରାକ୍ଟର୍ ପାଖରେ...
ଜାଣିଛ ?

ଆସ ପ୍ରିୟତମା !
ମୁଁ ତୁମକୁ ଭଲଭାବେ ଦେଖାଇଦେବି
ମକାରୁ ବତୁର ନବଢ଼ିଲା ଝିଅକୁ
ଏଇ ଗତ କିଛିମାସ ତଳେ
ସେଇ ଘୋର କଳାରାତିରେ
ତୁମ ଉଆସର
କେଉଁ ଗୋଟାଏ ଅନ୍ଧାରୀ କୋଣରେ
କ'ଣ ସବୁ ଘଟିଗଲା ତା' ସହ ?

ଥରୁଟିଏ ଖାଲି ହେଲେ ଆସ,
ତୁମର ମୂଲ୍ୟବାନ କିଛି ସମୟକୁ
ଅଳିଆ ଗଦାରେ ଫିଙ୍ଗିଦେଇ
ଆମଘର ଆଡ଼କୁ ବୁଲିଆସ ଥରେ...
ତୁମର ସେଇ ବିଳାସପୂର୍ଣ୍ଣ ରାଜଉଆସ ଭୁଲି
ମୁଁ ତୁମକୁ ଠିକ୍-ଠିକ୍ ଦେଖାଇଦେବି...
ମରିମରି କେମିତି ଜିଇଁବାକୁ ହୁଏ
ପୁଣି, ସେଇ ମୁହୂର୍ତ୍ତ ଟିକକ ଜିଇଁଯିବା ପାଇଁ
ମଣିଷମାନଙ୍କୁ କେମିତି
ପ୍ରତି ମୁହୂର୍ତ୍ତରେ ମରିବାକୁ ହୁଏ ।

♥ କେସିଙ୍ଗା, କଳାହାଣ୍ଡି
ଫୋନ: ୯୯୩୮୭୧୧୭୦୫


ଫଟୋ: ଯାଦବେନ୍ଦ୍ର ସାହା



# ମୁଁ ବଦଳି ଯାଇଛି

## ଦେବ ପ୍ରସାଦ ଦାଶ

ସେତେବେଳେ ମୁଁ ପାଗଳ ଥିଲି,
କିନ୍ତୁ ଏବେ ମୁଁ ସେ ପାଗଳାମୀ ଛାଡ଼ି ଦେଇଛି

ଆଜିକାଲି ମୁଁ ମୋ ନିଜ ଛାଇକୁ ବି ବିଶ୍ୱାସ କରୁନି,
ନିର୍ଭେଜାଲ୍ ହସ, ମନ, ବିଶ୍ୱାସଟିଏ ମୁଁ ଆଉ ଖୋଜୁନି,
ମିଛି ମିଛିକା ସ୍ୱପ୍ନରେ ଭାସି ଯାଉନି,
ବନ୍ଧନର ମାୟାରେ ବାୟା ହେଉନି

ଦୁଃଖ-ବିପଦରେ ଭାଙ୍ଗି ପଡୁନି,
ଏ ଦୁନିଆ ଏ ସଂସାରରୁ କିଛି ପାଇନାହିଁ ବୋଲି
ଅଭିଯୋଗ ଆଉ କରୁନି,
କାହାକୁ ଈଶ୍ୱର ବୋଲି ଭାବି ତାର ମିଛ ପ୍ରତିଶ୍ରୁତିରେ
ଭଳି ଯାଇ ତାର ସ୍ତୁତି ଗାନ କରୁନ,
କାହା ଛଳନା-ପ୍ରତାରଣା ବି ବେଶି ବାଧୁନି,

ଆଜିକାଲି ଏକାଏକା ମୁଁ ଅକାରଣରେ ବାହାରେ ବୁଲୁନି,
କେଉଁଠି ବସି ଗୁଲିଖଟି କରୁନି,
ବାଚାଳ ପରି ଗପୁନି, ହସୁନି,
କି ଟିକେଟିକେ କଥାରେ ଲୁଚିଲୁଚି କାନ୍ଦୁନି,
ପରିଚିତ ଲୋକ ପଛର ଅପରିଚିତ ମତଲବ
ବି ଆଉ ଅଛପା ଲାଗୁନି,
କାହା ସ୍ନେହ, ଶ୍ରଦ୍ଧା, ପ୍ରେମରେ ବି ମନ ତରଳୁନି,
ବେଶି ଭାବପ୍ରବଣ ହେଉନି,
କି କାହାଠାରୁ ମିଛ ପ୍ରବଞ୍ଚନା ନେଉନି । ♥

ଗୋପାଳସାଗର, ଜଗତସିଂହପୁର

# ରାଜନୀତିର ରେଖାଚିତ୍ର



ଓଡ଼ିଶାକୁ ନେଇ ଓଡ଼ିଆ ? ନା ଓଡ଼ିଆଙ୍କୁ ନେଇ ଓଡ଼ିଶା ? କାହାର ଓଡ଼ିଶା ? କେବେଠୁ ଓଡ଼ିଶା ? ଝର୍କା ଖୋଲି ପଛକୁ ଚାହିଁଲେ ଆଖି ପାଏନି । କାଇଁ କେତେ ହଜାର ବର୍ଷ ତଳର ଇତିହାସ । ଆମେ ଆମ ଗୌରବୋଜ୍ଜ୍ୱଳ ଇତିହାସକୁ ନେଇ ଗର୍ବ କରୁଛୁ, ଛାତି ଫୁଲଉଛୁ, ଇତିହାସ ଉପରେ ଆଉଜି ଦମ୍ଭର ସହ ଠିଆ ହଉଛୁ; ଅଥଚ କେବେ ଆମେ ନିରେଖି ଦେଖିଛୁ କି ଆମ ଅତୀତକୁ, ଓଲଟେଇଛୁ କି ତା'ର ଅନାଲୋଚିତ ଅଧ୍ୟାୟମାନଙ୍କୁ । ଇତିହାସ, ଯାହା କେବଳ ରାଜା-ରାଜୁଡ଼ାଙ୍କ କୀର୍ତ୍ତିକଳାପ ନୁହେଁ କି, ବିଜୟ-ପରାଜୟର ଦସ୍ତାବିଜ୍ ନୁହେଁ । ଇତିହାସ ଯାହା ଲୋକମାନଙ୍କର, ଲୋକମାନଙ୍କୁ ନେଇ; ନିଜର ପରିଚୟ ଓ ଅସ୍ତିତ୍ୱ ପାଇଁ ମାଟି-ମଣିଷମାନଙ୍କ ସଂଗ୍ରାମ ଓ ସଂଘର୍ଷର କାହାଣୀ । ସମୟ ଆସିଛି ପଛକୁ ଫେରି ଚାହିଁବାର । ସାଉଁଟିବାକୁ ସେଇ ଅପାସୋରା ଚରିତ୍ରମାନଙ୍କୁ ଯେଉଁମାନେ ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇ ଗଢ଼ିଛନ୍ତି ଆମ ଜାତିକୁ, କାନ୍ଧରେ ବୋହିଛନ୍ତି ତା'ର ପରିଚୟକୁ । କଥାକାର ଓ ସ୍ତମ୍ଭକାର ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ଓଡ଼ିଶା' ଏକ ଅଭିନବ ପ୍ରୟାସ ଲୋକଙ୍କୁ କେନ୍ଦ୍ରରେ ରଖି ଅତୀତ ଓଡ଼ିଶାର ସମାଜ-ସଂସ୍କୃତି-ରାଜନୀତିର ଗତିପଥ ନିର୍ଣ୍ଣିତ କରିବା ଦିଗରେ । ସୁଦୀର୍ଘ ଇତିହାସର ଯାତ୍ରାପଥରେ ଅନନ୍ତ କାଳଧରି ବାଟ ଚାଲୁଥିବା ଓଡ଼ିଆ ଓ ଓଡ଼ିଶାକୁ ନେଇ ଏ ଅନ୍ତରଙ୍ଗ ଲୋକ-ଗାଥା ଧାରାବାହିକ ଭାବେ ପରଷି ଦେଉଛୁ ।



## ॥ ଭାଗ-୧୩ ॥




**ନେତାଜୀ ଅଭିନନ୍ଦନ**

ଆସିଷ୍ଟାଣ୍ଟ ପ୍ରଫେସର, ରାଜନୀତି ବିଜ୍ଞାନ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୭୫୩୦୦୩
ଫୋନ୍ : ୯୦୪୦୦୦୩୧୨୩


ଫଟୋ ସୌଜନ୍ୟ : ଗୁଗୁଲ୍

# ଶ୍ରୀମନ୍ଦିର ଖୋଲିଲା; ବିପଦ ଘନେଇଲା

କାଳିଆ ହସୁଥିଲା ନା କାନ୍ଦୁଥିଲା ?
ନା ତଟସ୍ଥ ହୋଇ ସବୁ ଦେଖୁଥିଲା ?
ଅତ୍ୟାଚାର, ଲୁଣ୍ଠନ, ଧ୍ୱଂସର ତାଣ୍ଡବଲୀଳା ।
ଭୂଲୁଣ୍ଠିତ ମନ୍ଦିର, ଭୂଲୁଣ୍ଠିତ ଭକ୍ତ ।
କାଳରାତି ସତେ ଅବା ପାହୁନଥିଲା ।

କାଳିଆ କ'ଣ ଚାହୁଁନଥିଲା ଯେ, ଓଡ଼ିଶାରେ ଶାନ୍ତି ସ୍ଥାପିତ ହେଉ; ଧର୍ମ ପ୍ରତିଷ୍ଠା ହେଉ; ଆଉ ଲୋକମାନେ ପୁଣି ଅଣ୍ଟା ସଳଖି ଠିଆ ହୁଅନ୍ତୁ; କୋଣାର୍କ, ଲିଙ୍ଗରାଜ, ଶ୍ରୀମନ୍ଦିର ଗଢ଼ିଥିବା ଓଡ଼ିଆ ଜାତି ପୁଣି ସମୃଦ୍ଧି ପଥରେ ଅଗ୍ରସର ହେଉ ବୋଲି ।

କାଳିଆ କିନ୍ତୁ କେବଳ ଭାଗ୍ୟ ଲେଖୁଥିବା ଓ ଦଣ୍ଡ ବିଧାନ କରୁଥିବା ଠାକୁର ନଥିଲା, ସେ ନିଜେ ମଧ୍ୟ ଅନ୍ୟ ମଣିଷମାନଙ୍କ ଭଳି ଭାଗ୍ୟ ଭୋଗୁଥିଲା । ସେଥିପାଇଁ ତ କାଳିଆକୁ କୁହାଯାଏ ମଣିଷ-ଠାକୁର । ମଣିଷଙ୍କ ଭଳି ସେ ସୁଖ-ଦୁଃଖ ଭୋଗେ । ଭକ୍ତଙ୍କ ପାଇଁ ବଡ଼ଦାଣ୍ଡକୁ ଓହ୍ଲାଏ ତ, ଆକ୍ରମଣରୁ ରକ୍ଷା ପାଇବା ପାଇଁ ବଣ ଜଙ୍ଗଲରେ ବର୍ଷ ବର୍ଷ ଧରି ଲୁଚେ, ପାତାଳି ହୁଏ ।

କୁଳୁ କୁଳୁ ହୋଇ ବହିଯାଉଥିଲା ଚିଲିକାର ପାଣି । ଚିଲିକାର ପାଣିରେ ବି ବହି ଯାଉଥିଲା ଓଡ଼ିଆଙ୍କ ଆବେଗ, ସ୍ୱାଭିମାନ ଓ ସାମର୍ଥ୍ୟ । ଚିଲିକା କୂଳରେ କାଳିଆ ଅପେକ୍ଷା କରି ରହିଥିଲା । କେବେ ଭକ୍ତଙ୍କଠୁ ଡକରା ଆସିବ, ଆଉ ସେ ଶ୍ରୀମନ୍ଦିର ଫେରିବ ।

ଅବଶ୍ୟ ବାଣପୁରରେ ଠାକୁରେ ଭଲରେ ଥିଲେ । ବାଣପୁର ରାଜା ଜଗନ୍ନାଥ ହରିଚନ୍ଦନ ଚତୁର୍ଦ୍ଧା ମୂରତିଙ୍କୁ ବଙ୍କାଡଗଡ଼ ପାଖରେ ନିରାପଦରେ ରଖେଇଥିଲେ । ତାଙ୍କ ପାଇଁ ନୀତିକାନ୍ତି ଖଞ୍ଜି ଦେଇଥିଲେ । ସକାଳ-ସଂଜରେ ପୂଜା ଅଳତି ହେଉଥିଲା । ପୂଜକ-ସେବକ ରୀତିମତ ସେବା କରୁଥିଲେ ଭୋଗ ଲାଗୁଥିଲା, ଆଖ ପାଖ ପାଞ୍ଚଖଣ୍ଡ ଗାଁର ଲୋକେ ପ୍ରସାଦ ପାଉଥିଲେ । ଭଜନ କୀର୍ତ୍ତନ ହେଉଥିଲା । କବି ଲୋକନାଥ ବିଦ୍ୟାଧର ଲେଖିଲେ:

ଯେଉଁ ଜଗନ୍ନାଥ ପଦ ଧ୍ୟାନେ, ଦେଖିନାହାନ୍ତି ଯୋଗୀନ୍ଦ୍ର ଜନେ / ଯେଉଁ ବାଣପୁର ନୃପ ପରସାଦେ, ଦେଖିଲେ ସକଳ ଜନେ ହେ ସୁଜନେ / ନାମ ଜଗନ୍ନାଥ କାନ୍ତ ମୂର୍ତ୍ତି, କୀର୍ତ୍ତି ପୂର୍ଣ୍ଣ ଧବଳିତ କ୍ଷିତି / ଭୋ ହରିଚନ୍ଦନ ଶାନ୍ତି, ଗୋପୀଜନବଲ୍ଲଭ ସେବା ମତି ହେ ସୁଜନେ ।

ଏମିତି ଏମିତିରେ ପନ୍ଦର ବର୍ଷ ବିତିଗଲା । ୧୭୦୭ରେ ଆଉରଙ୍ଗଜେବର ମୃତ୍ୟୁ ହେଲା ତ ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କର ଫେରିବାର ବାଟ ପିଟିଲା ।

ମହାପ୍ରଭୁ ମହାସମାରୋହରେ ଶ୍ରୀମନ୍ଦିର ଫେରିଲେ । ଧୂପ ଅବକାଶ ବିଧି ଯଥାବିଧି ପାଳିତ ହେଲା । ଘଣ୍ଟ କାହାଳୀ ବାଜିଲା ।ଝାଞ୍ଜ ମୃଦଙ୍ଗରେ ବଡ଼ଦାଣ୍ଡ ପ୍ରକମ୍ପିତ ହେଲା । ଏକାଦଶୀରେ ମହାଦୀପ ଉଠିଲା ।

ଭକ୍ତମାନେ ମନ ପୁରେଇ କାଳିଆ ଠାକୁରଙ୍କୁ ଦେଖିଲେ । ଏତେ ଦିନକେ ଭକ୍ତଙ୍କୁ ଦେଖି ଚକାଆଖିରୁ ବି ଲୁହ ନିର୍ଗତ ହେଲା ଯେ ରତ୍ନ-ସିଂହାସନ ଓଦା ହେଲା ।

ମହାମିଳନର ସେ ମୁହୂର୍ତ୍ତ ଥିଲା ଅପୂର୍ବ । ଅଭୂତପୂର୍ବ । ଓଡ଼ିଆଙ୍କ ହାତରେ ଶାସନ ଦଣ୍ଡ ଥାଉ କି ନଥାଉ, ସିଂହାସନରେ ମହାପ୍ରଭୁ ଅଧିଷ୍ଠିତ ହେଲେ ।





ବର୍ଷ ବର୍ଷ ଧରି ନିର୍ଯାତିତ ଓଡ଼ିଆଙ୍କ ହୃଦୟରେ ପ୍ରାଣ ସଂଚାରିତ ହେଲା । ବିଧର୍ମୀଙ୍କ ଆକ୍ରମଣରୁ ରକ୍ଷା ପାଇ କାଳିଆ ଠାକୁର ଭଲରେ ଭଲରେ ଶ୍ରୀମନ୍ଦିର ଫେରିଆସିଲେ; ଏଇ ଅଶ୍ୱାସନା ଥିଲା ଓଡ଼ିଆଙ୍କ ସମ୍ବଳ ।

ଆଉରଙ୍ଗଜେବ୍‌ଙ୍କ ମୃତ୍ୟୁ ପରେ ମୋଗଲ ସାମ୍ରାଜ୍ୟର ପତନର ପର୍ବ ଆରମ୍ଭ ହେଲା । ପ୍ରାଦେଶିକ ଶାସନକର୍ତ୍ତା ବା ସୁବାଦାରମାନେ ଏଣିକି ଦିଲ୍ଲୀ ସମ୍ରାଟଙ୍କ ଆଧିପତ୍ୟ ମାନିବାକୁ ପ୍ରସ୍ତୁତ ନଥିଲେ । ସେମାନେ ନିଜର ସ୍ୱାଧୀନତା ଘୋଷଣା କଲେ । ସେମାନଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିବା ବା ସେମାନଙ୍କୁ ପ୍ରତିରୋଧ କରିବାର ସାମର୍ଥ୍ୟ ଆଉରଙ୍ଗଜେବ ପରବର୍ତ୍ତୀ ଅପରାଗ ଶାସକଙ୍କ ପାଖରେ ନଥିଲା ।

ମୁର୍ସିଦ୍ କୁଲି ଖାଁ ନିଜକୁ ବଙ୍ଗ-ବିହାର-ଓଡ଼ିଶାର ନାଜିମ୍ ବୋଲି ଘୋଷଣା କଲେ ଏବଂ ନିଜ ଜ୍ୱାଇଁ ସୁଜାଉଦ୍ଦିନ ମହମ୍ମଦ ଖାଁଙ୍କୁ ଓଡ଼ିଶାର ନାଏବ ନାଜିମ୍ (ଉପ ସୁବାଦାର) ଭାବରେ ନିଯୁକ୍ତି ଦେଲେ । ଶ୍ୱଶୁର ଓ ଜାମାତାଙ୍କ ମଧ୍ୟରେ ସଂପର୍କ ଭଲ ଥିଲା । ଦୁଇ ଜଣ ମିଶି ଶାସନକୁ ଠିକ୍ ବାଟକୁ ଆଣିବାକୁ ଚେଷ୍ଟା କଲେ । ନୂଆ ଶାସକଙ୍କର ମୂଳ ଲକ୍ଷ୍ୟଥିଲା ଅଧିକରୁ ଅଧିକ ରାଜସ୍ୱ ଆଦାୟ କରିବା । କୁଲି ଖାଁ ବଂଗଳାରୁ ଜାଗିର ପ୍ରଥା ଉଠେଇଦେଇ ଓଡ଼ିଶାରେ ଜାଗିର ପ୍ରଥା ପ୍ରଚଳନ ଆରମ୍ଭ କଲେ । ବଂଗଳାରେ ଜାଗିର ହରେଇଥିବା ଲୋକଙ୍କୁ ଓଡ଼ିଶାରେ ଥଇଥାନ କରାଗଲା, ତେଣିକି ଓଡ଼ିଶାକୁ ବଂଗାଳିମାନଙ୍କ ଆସିବା ଆରମ୍ଭ ହେଲା । ସମାଜ ଓ ଶାସନ ବ୍ୟବସ୍ଥାରେ ସେମାନଙ୍କ ଆଧିପତ୍ୟ ବଢ଼ିବାରେ ଲାଗିଲା; ଯାହାକି ପରବର୍ତ୍ତୀ ଦେଢ଼ଶହ-ଦୁଇଶହ ବର୍ଷ ଯାଏଁ ବଜାୟ ରହିଲା । କେବଳ ସେତିକି ନୁହେଁ, ମେଦିନୀପୁରର ଓଡ଼ିଆ ବହୁଳ ଛକଳା ଅଂଚଳକୁ




ଉତ୍କର୍ଷ ଆମ ମାଟିର ସ୍ୱର



ବଂଗଳା ସୁବାରେ ମିଶେଇ ଦିଆଗଲା ।

ଅବଶ୍ୟ ମୁର୍ସିଦ କୁଲି ଖାଁଙ୍କ ସମୟରେ ମଠ-ମନ୍ଦିର ଉପରେ ଆକ୍ରମଣ ବନ୍ଦ ହୋଇଗଲା । ଧର୍ମକୁ ଆଧାର କରି ଚାଲିଥିବା ବିଦ୍ୱେଷ ନୀତି ଓ ହିନ୍ଦୁ-ବିରୋଧୀ ଅତ୍ୟାଚାର ମଧ୍ୟ ବନ୍ଦ ହେଲା । ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଫାଟ ଯୋଡ଼ିବା ପାଇଁ ପଦକ୍ଷେପ ନିଆଗଲା । କଟକ ସହରରେ ସୁଜାଉଦ୍ଦିନ କଦମ ରସୁଲ ମସଜିଦ୍ ନିର୍ମାଣ କରେଇଥିଲେ, ଯେଉଁଠି ଉଭୟ ହିନ୍ଦୁ ଓ ମୁସଲମାନ ପ୍ରାର୍ଥନା କରିବା ପାଇଁ ଏକାଠି ହେଉଥିଲେ । ତାଙ୍କରି ସମୟରେ କାଇପଦରର ବୁଖାରୀ ସାହେବ ପୀଠ ମଧ୍ୟ ସ୍ଥାପିତ ହୋଇଥିଲା, ଯେଉଁଠିକି ଆଜି ବି ବହୁ ସଂଖ୍ୟାରେ ଲୋକ ଯାଉଛନ୍ତି । ଓଡ଼ିଶା ଓ ବଙ୍ଗରେ ସତ୍ୟନାରାୟଣ ପୂଜାର ପ୍ରଚଳନ ହେଲା ଏବଂ ଭଦ୍ରକରେ ମୋଗଲ ତାମସାର ପ୍ରସାର ମଧ୍ୟ ହେଲା । ଭାଷା, ଧର୍ମ, ଅଂଚଳ ନିର୍ବିଶେଷରେ ଲୋକ ଲୋକଙ୍କ ସହ ଯୋଡ଼ି ହେଲେ । ବିଭେଦର ପାଚିରୀ ଭାଂଗିଲା । ଧାର୍ମିକ ସଦ୍‌ଭାବର ନୂଆ ପର୍ବ ଉଦ୍‌ଘାଟିତ ହେଲା ଏହି ସମୟରେ ।

୧୭୨୭ରେ ମୁର୍ସିଦ କୁଲି ଖାଁଙ୍କର ମୃତ୍ୟୁ ହେଲା ଏବଂ ସୁଜାଉଦ୍ଦିନ ନିଜକୁ ବଂଗଳାର ନାଜିମ ବୋଲି ଘୋଷଣା କଲେ । ତାଙ୍କ ପୁଅ ତକି ଖାଁ ଓଡ଼ିଶାର ନାଏବ ନଜିମ ପଦରେ ଅଧିଷ୍ଠିତ ହେଲେ । ସୁଜାଉଦ୍ଦିନଙ୍କ ଅବୈଧ ପୁତ୍ର ତକି ଖାଁ ଥିଲେ ଧର୍ମାନ୍ଧ, ଅଥଚ ବିଚକ୍ଷଣ ସମର ବିଶାରଦ । ସୁଜାଉଦ୍ଦିନ ବଂଗ ସାମ୍ରାଜ୍ୟ ସମ୍ଭାଳିଲାବେଳକୁ, ତକି ଖାଁ ପାଲଟିଲେ ଓଡ଼ିଶାର ସର୍ବେସର୍ବା । ୧୭୨୭ରୁ ୧୭୩୪ - ସାତବର୍ଷ ତାଙ୍କରି ହାତରେ ଥିଲା ଶାସନ ଡୋରି । ଏହି ସମୟରେ ବଂଗର ସ୍ୱାର୍ଥ ସମ୍ମୁଖରେ ଓଡ଼ିଶାର ସ୍ୱାର୍ଥକୁ ବଳି ପକେଇ ଦିଆଯାଇଥିଲା । ଓଡ଼ିଶାର ରାଜନୈତିକ ସୀମାରେଖା ବହୁ ପରିମାଣରେ ସଂକୁଚିତ ହୋଇ ଯାଇଥିଲା । ବାଲେଶ୍ୱର କେତେକ ଅଂଚଳ ବଂଗଳାକୁ ସ୍ଥାନାନ୍ତରିତ ହୋଇଗଲା । ଦକ୍ଷିଣରେ ଅନେକ ଓଡ଼ିଆ ବହୁଳ ଅଂଚଳକୁ ହାଇଦ୍ରାବାଦର ନିଜାମ ଅଧିକାର କରିନେଲେ । ଗଂଜାମ ଜିଲ୍ଲା ସହିତ ଚିଲିକା ହ୍ରଦ ପର୍ଯ୍ୟନ୍ତ ବିସ୍ତୃତ ଭୂଖଣ୍ଡ ତାଙ୍କ ଅଧିକାରଭୁକ୍ତ ହେଲା । ପୂର୍ବରୁ ଏହି କ୍ଷେତ୍ର ଖୋର୍ଦ୍ଧା ରାଜାଙ୍କ ଶାସନାଧୀନ ଥିଲା ।

## ଧର୍ମ ହାତରେ ଶାସନ ଡୋରି

ତକି ଖାଁଙ୍କ ଅମଳରେ ପୁଣି ଧର୍ମ ସବାର ହେଲା ଶାସନ ଉପରେ । ଧର୍ମ ହାତରେ ରହିଲା ଶାସନ ଡୋରି । ପୁଣି ମଠ-ମନ୍ଦିର ଉପରେ ଲୋଲୁପ ଦୃଷ୍ଟି ପଡ଼ିଲା । ପୁଣି ଆରମ୍ଭ ହେଲା ବିଦ୍ୱେଷ ଓ ଅତ୍ୟାଚାରର ପର୍ବ । ଯଦିଓ ଓଡ଼ିଶାରେ ମୁସଲମାନଙ୍କ ସଂଖ୍ୟା ଏତେ ଅଧିକ ନଥିଲା, ତକି ଖାଁଙ୍କ ସମୟରେ ଉପକୂଳ ଓଡ଼ିଶାରେ ଅନେକଗୁଡ଼ିଏ ମୁସଲମାନ କୀର୍ତ୍ତି ସ୍ଥାପିତ ହେଲା । ବାଲେଶ୍ୱର, ରେମୁଣା, ଯାଜପୁର, ପିପିଲିରେ ଅନେକ ଦରଘା, ମସଜିଦ୍ ନିର୍ମାଣ ହେଲା । ହିନ୍ଦୁ ଧର୍ମକୁ ନଷ୍ଟ କରିଦେବା ହିଁ ଥିଲା ମୂଳ ଲକ୍ଷ୍ୟ ।

ଖୋର୍ଦ୍ଧା ସାମ୍ରାଜ୍ୟ ଉପରେ ବିପଦର କଳା



ବାଦଲ ଘନେଇ ଆସିଲା । ଖୋର୍ଦ୍ଧାର ଆଭ୍ୟନ୍ତରୀଣ ରାଜନୈତିକ ସ୍ଥିତି ଆଦୌ ଭଲ ନଥିଲା । ଖୋର୍ଦ୍ଧା ରାଜା ଗୋପୀନାଥ ଦେବଙ୍କୁ ଷଡ଼ଯନ୍ତ୍ର କରି ହତ୍ୟା କରାଯାଇଥାଏ । ମାଦଳା ପାଞ୍ଜି ଅନୁସାରେ, 'ଅ୧୦ଙ୍କ ମେଷ ୨୮ ଦିନ ଦିଆନ ସୟଦ୍ ବେଗ୍, ଖୋଜା କୃଷ୍ଣ ନରେନ୍ଦ୍ର ଓ ବେନୁ ଭ୍ରମରବର ରାଏ - ଏ ତିନି ଜଣ ସୂର୍ଯ୍ୟ ଉଦୟ ବେଳକୁ ଖୁରୁଧା ନହରରେ ପଶି ଗୋପୀନାଥ ଦେବଙ୍କୁ ହତ୍ୟା କରିଥିଲେ ।' କ୍ଷମତା ପାଇଁ ଏ ଥିଲା ଆଉ ଏକ ଅନ୍ଧାରି ଷଡ଼ଯନ୍ତ୍ର । ଯେଉଁଥିପାଇଁ ଗୋପୀନାଥ ଦେବ ନୃଶଂସ ହତ୍ୟାକାଣ୍ଡର ଶିକାର ହେଲେ ।

ଗୋପୀନାଥଙ୍କ ଅନ୍ତେ ତାଙ୍କ ସାନଭାଇ କେଶବ ରାଏ ରାମଚନ୍ଦ୍ର ଦେବ ଗାଦିରେ ବସିଲେ । ହେଲେ, କ୍ଷମତାକୁ ନେଇ କନ୍ଦଳ ଓ ଷଡ଼ଯନ୍ତ୍ର ଚାଲିଥାଏ । ପାଇକମାନେ ବିଦ୍ରୋହ ଓ ପରସ୍ପର କ୍ଷମତା ଯୁଦ୍ଧରେ ମାତିଥାନ୍ତି । ଚାରିଆଡ଼େ ଭୟ ଓ ଅରାଜକତାର ବାତାବରଣ । ତେଣେ ରାମଚନ୍ଦ୍ର ଦେବ ନିଜ ସ୍ଥିତି ଦୃଢ଼ କରିବାପାଇଁ ପ୍ରାଣପଣେ ଚେଷ୍ଟା କରୁଥାନ୍ତି । ବାହାରେ ବଇରି, ଘର ଭିତରେ ବଇରି । ପାଦେ ପାଦେ ବିପଦ; ନା ସମ୍ବଳ ଅଛି, ନା ସୈନ୍ୟବଳ । କେବଳ ଯାହା କାଳିଆ ଭରସା ।

ଏଇ ରାମଚନ୍ଦ୍ର ଦେବଙ୍କୁ ନାୟକ କରି ସୁରେନ୍ଦ୍ର ମହାନ୍ତି ଲେଖିଥିଲେ ତାଙ୍କ ପ୍ରସିଦ୍ଧ 'ନୀଳଶୈଳ' ଉପନ୍ୟାସ । ଏଇ ରାମଚନ୍ଦ୍ର ଦେବଙ୍କୁ ନେଇ କେତେ କାହାଣୀ, କିମ୍ବଦନ୍ତୀ ଓ ବିବାଦ, ଅପବାଦ । ସେ ସବୁ ଆରଥରକୁ...।



ଭିନ୍ନ ଦୃଷ୍ଟି

# ଗପରେ ଗପରେ ଗାୟକ



▶ ପୁସ୍ତକର ଲେଖକ ତପନ ମହାପାତ୍ର



# ନାୟକର ନାଁ ନବକିଶୋର


**ହିରଣ୍ମୟୀ ମିଶ୍ର**

ଠିକଣା : ପ୍ଲଟ୍ ନଂ- ୪୫୯, ବିଏମ୍‌ସି ଲେନ୍ ୧୩, ଫ୍ଲାଟ୍ ୩୦୧,
ନୂଆସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨
ଫୋନ :୭୮୯୪୭୪୪୦୦୧


ଫଟୋ ସୌଜନ୍ୟ : ଲେଖିକା

ଜୀବନ ଠୁ ବଳି ବଡ଼ ଗପ ଆଉ କଣ ଥାଇପାରେ ?

ଗୀତର ଗାୟକଙ୍କୁ ଗପର ନାୟକ ଭାବେ ବାଛି ନେଇଥିବା ଗାଳ୍ପିକ ତପନ ମହାପାତ୍ରଙ୍କର ଅନୁଚ୍ଚାରିତ ପ୍ରଶ୍ନ ଯେମିତି ଇଏ !

୨୦୧୯ ମସିହାର ପ୍ରଥମ ଭାଗରେ କବି ଭାରତ ମାଝିଙ୍କର ଗୋଟିଏ ଫେସ୍‌ବୁକ୍ ପୋଷ୍ଟରୁ ଏଇ ବହିଟି ସଂପର୍କରେ ମୁଁ ପ୍ରଥମେ ସୂଚନା ପାଇଥିଲି । 'ଜୀବନରେ ବରଂ ସାଲିସ୍ ହେଉ, ସାହିତ୍ୟରେ ନହେଉ'- ଏ ଆପ୍ତ ବାକ୍ୟରେ ବିଶ୍ୱାସୀ ଗାଳ୍ପିକ ତପନ ମହାପାତ୍ରଙ୍କର ସବୁ ସଂକଳନ ମୋ ପାଖରେ ଅଛି । କିନ୍ତୁ ଏ ବହିଟି ସେଯାଏଁ ମୁଁ ଦେଖି ନଥାଏ । ଜଣେ ସମସାମୟିକ, ଭଲ ଗାଳ୍ପିକ ଭାବରେ ତଥା ଶ୍ରଦ୍ଧାସ୍ପଦ ଅନୁଜ ଭାବରେ ସେ ଓ ତାଙ୍କର ଲିଖିତ ଗଳ୍ପ, ଉଭୟ ମୋର ପ୍ରିୟ । ପୋଷ୍ଟରୁ ଜାଣିଲି ଯେ ବହିଟି ୨୦୧୮ରୁ ପ୍ରକାଶିତ ହେଲାଣି । ସାଂଗେ ସାଂଗେ ତପନ୍‌ଙ୍କୁ ଫୋନ୍ କରି ବହିଟି ପଢ଼ିବାକୁ ମୋର ଆଗ୍ରହ ଜଣେଇଲି । ସଂଯୋଗବଶତଃ ଗାଳ୍ପିକା ସୁନନ୍ଦା ପ୍ରଧାନ ତା' ପରଦିନ ହିଁ ତପନଙ୍କ ଘରକୁ ଯାଇଥିଲେ, ତାଙ୍କ ହାତରେ ଆସିଗଲା ମୋ ପାଇଁ ବହି । ପ୍ରଥମେ ଦୃଷ୍ଟିରେ ପଡ଼ିଲା ଗୋଟେ ଇଅର୍‌ଫୋନ୍‌ର ଚିତ୍ର ଥିବା ବି. ଶୁଭ୍ରାଂଶୁଙ୍କ ଦ୍ୱାରା ଅମିତ ରଙ୍ଗୀନ ପ୍ରଚ୍ଛଦ ଓ ଶୁଭ୍ରାନିଲ୍ ପ୍ରକାଶନୀର ନାଁ । ବହିର ପଛପଟ ପ୍ରଚ୍ଛଦରେ ଉଭୟ ଗାଳ୍ପିକ ଓ ଗପ ନାୟକଙ୍କର ସଂକ୍ଷିପ୍ତ ସୂଚନା ।

ପ୍ରଥମେ ଏତେ ଛୋଟ କଳେବରର ବହିଟି ଦେଖି ମୁଁ ଭାବି ପାରିଲିନି ଯେ ସତରେ ଏ ବହିଟି ଏତେ ପ୍ରଭାବଶାଳୀ ହୋଇଥିବ । ତା'ପରେ ଇଏ ତ ଗପ ନୁହେଁ, ଜୀବନ କଥା । ଗାୟକ ଓ ସଂଗୀତକାର ଶ୍ରୀ ନବକିଶୋର ମିଶ୍ରଙ୍କର ଜୀବନୀକୁ ନେଇ ଲିଖିତ ଜୀବନକଥା । ଉପନ୍ୟାସିକା ବା ନଭେଲା ବି କୁହାଯାଇପାରେ । ବହିଟି ପଢ଼ିବାକୁ ଆରମ୍ଭ କଲେ ଏକାଥରକେ ସରିଯିବ ନିଶ୍ଚୟ । ସମୁଦାୟ ୪୭ ପୃଷ୍ଠାର ବହି । ମୁଖବନ୍ଧରେ ପ୍ରତିଷ୍ଠିତ କବି ଶ୍ରୀ ହରିହର ମିଶ୍ରଙ୍କ ଦ୍ୱାରା ଲିଖିତ ଛଅ ପୃଷ୍ଠାର ଅଗ୍ରଲେଖ ଆଉ ପୃଷ୍ଠାଟିଏ ଲେଖକଙ୍କର ଉତ୍ସର୍ଗପତ୍ର, ପ୍ରକାଶକଙ୍କ ପତ୍ର- ଏମିତି ସବୁ ମିଶାଇଲେ ଛୋଟ ସାଇଜ୍‌ର ୫୪ପୃଷ୍ଠାର ବହିଟିଏ । ଅଥଚ ବହିଟି ନିଃସନ୍ଦେହରେ ଆପଣଙ୍କୁ ଚୁମ୍ବକ ଭଳି ଟାଣି ଧରିବ, ପଢି ସାରିବାର ଅନେକ ସମୟ ଯାଏଁ, ହୁଏତ ଅନେକ ଦିନ ଯାଏଁ ବି ହୋଇପାରେ ।

ପ୍ରଥମଥର ପଢ଼ିସାରିବା ପରେ ଆପଣ ପୁଣିଥରେ ପଛକୁ ଫେରିବେ । ପୁଣିଥରେ ଦେଖିବେ ଏ ବହିର ପ୍ରତି ଶବ୍ଦରେ, ପ୍ରତି ପୃଷ୍ଠାରେ ଜଣେ ଉତ୍ସର୍ଗୀକୃତ ସଂଗୀତ ସାଧକର ନିରୁତା ସତକଥା ପାଠକମାନଙ୍କ ଆଗରେ ପରଷି ଦେବାରେ ଗାଳ୍ପିକ ତପନଙ୍କର ନିବିଡ଼ ନିଷ୍ଠାପରତା । ଲେଖା ହୋଇଥିବା ଅନୁଭବ, ବିଚାର, ଚିନ୍ତାଧାରା ତଳେ ଲୁଚି ରହିଥିବା କେତେକେତେ ଅଲେଖା କଥାସବୁ ସ୍ପଷ୍ଟ ଦିଶିବେ






▶ଆଲେଖ୍ୟ ଲେଖିକା ଡକ୍ଟର ହିରଣ୍ମୟୀ ମିଶ୍ର

ପାଠକମାନଙ୍କୁ । ବହିଟିକୁ ଶେଷକରିବା ପରେ ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ କହିଥିବା ସେ କାଳଜୟୀ ଧାଡ଼ିଟି ମନେ ପଡ଼ିଲା: "ଆମର ଆସନ୍ତା ପିଢ଼ିମାନେ ବିଶ୍ୱାସ କରିପାରିବେନି ଯେ ଏ ଧରାପୃଷ୍ଠରେ ଏମିତି ଜଣେ ରକ୍ତମାଂସର ଦେହଧାରୀ ମଣିଷ ବିଚରଣ କରିଥିଲେ ।" ଠିକ୍ ସେଇକଥା, ସତରେ ତ, ଏ ବହିଟିକୁ ନ ପଢ଼ିଥିଲେ ମୁଁ ଓ ମୋ ପରି ଆହୁରି ଅନେକେ ଆଦୌ ବିଶ୍ୱାସ କରି ପାରିବେନି ଏମିତି ଜଣେ ସରସ୍ୱତୀଙ୍କର କରୁଣାପ୍ରାପ୍ତ, ପ୍ରତିଭାଦୀପ୍ତ ମଣିଷ ଏତେ ସରଳ ଜୀବନ ଯାପନ କରି ନିଜକୁ ଲୋକଲୋଚନ ଠୁ ଦୂରେଇ ରଖିଛନ୍ତି ଅନେକ ବର୍ଷ ଧରି । ଆମ ସମୟରେ ବଂଚୁଥିଲେ ବି, ଆମକୁ ଖୁବ୍ ଭଲ ଲାଗିଥିବା, ଏତେ ଭଜନ ଗାଇଥିଲେ ବି ଆମେ କେତେ କମ୍ ଜାଣିଛୁ ଏହି ଗାୟକଙ୍କ ସଂପର୍କରେ ?

କବି ତପନ ପଟ୍ଟନାୟକଙ୍କ ରଚିତ 'ମୁଁ ଆସିଛି ଦେଖି ମୋ କଳାବଦନକୁ' ଭଜନ ଓଡ଼ିଶାର ଘରେ ଘରେ ପରିଚିତ । ସମ୍ଭବତଃ ଓଡ଼ିଶାରେ ଏମିତି କେହି ଜଗନ୍ନାଥପ୍ରେମୀ ବା ଭଜନପ୍ରିୟ ଶ୍ରୋତା ନଥିବେ ଯେ ଏଇ ଗୀତଟିକୁ ଶୁଣି କେବେ ଥରେ ନିଜେ ଗୁଣୁଗୁଣେଇ ନଥିବେ । ଗାୟକ ନବ କିଶୋରଙ୍କର ଦରଦୀ କଣ୍ଠରେ ଏହି ଭଜନଟି ଗୋଟିଏ ସମୟରେ ଲୋକପ୍ରିୟତାର ଶୀର୍ଷରେ ଥିଲା । କେବଳ ଏହି ଗୋଟିଏ ଭଜନ ନୁହେଁ, ସେ ଗାଇଥିବା 'ହଂସ ଖେଳୁଛିରେ କଳ୍ପବଟରେ ରହି', 'ଗୁରୁ ଆଜ୍ଞା ଖଟି ହୋ ଚାଟ', 'ଅନାମରୁ ନାମ ଜନମ ହୋଇ, ଚିତାକଟା ସରୁ ଓଠରେ କାଳିଆ', 'ଧନକୁ ନଦେଖିଲେ ଦଣ୍ଡେ', ଆଦି ଅନେକ ଭଜନ ଆକାଶବାଣୀରେ ନିୟମିତ ଭାବେ ବାଜୁଥିଲା । ତାଙ୍କ ସ୍ୱରରେ ଛାନ୍ଦ 'ତୋ ହାତ ସୁନାମୁଦିରେ ଲେଖା ଏ ମୋ ନାଁ' ଓ ପଲ୍ଲୀଗୀତ 'ଭଲା ପଧାନ ପୁଅ କାଳିମାଟିକୁ ଗଲା' ଆଦି ଗୀତ ବି ଖୁବ୍ ଲୋକପ୍ରିୟତା ଅର୍ଜନ କରିଥିଲା । ଅଥଚ ନବକିଶୋର ମିଶ୍ରଙ୍କର ଜୀବନକୁ କେତେଜଣ ବା ଦେଖିଛନ୍ତି ପାଖରୁ ?

ମୋର ମନେହୁଏ ଯେକୌଣସି କଳ୍ପନା ପ୍ରସୂତ କାହାଣୀ, ଭଙ୍ଗାଗଢ଼ାର ସେ ବୌଦ୍ଧିକ ବିଳାସ ଠୁ ଏମିତି ଜଣେ ପରଦା ଆଢୁଆଳରେ ରହି ଯାଇଥିବା ଦିବ୍ୟସ୍ରଷ୍ଟାଙ୍କୁ ପାଠକମାନଙ୍କ ଆଗରେ ଦେଖେଇବା ଯେକୌଣସି ଲେଖକ ପାଇଁ ଏକ ସ୍ମରଣୀୟ ଅନୁଭବ । ଏଇ ଛୋଟିଆ ବହିଟି ଓଡ଼ିଆ ସାହିତ୍ୟର ଏକ ନୂତନ ସମ୍ଭାବ୍ୟ ଦିଗକୁ ନିର୍ଦ୍ଦେଶ କରେ । ମୋର ପାଠକୀୟ ଆଖିକୁ ଏ ବହିର ଚାରିଟି ବିନ୍ଦୁ ବହିର ସ୍ୱତନ୍ତ୍ରତା ଭାବରେ ଦିଶିଲେ ।

ପ୍ରଥମତଃ ବହିଟି 'ପ୍ରଥମ ପୁରୁଷ' ବା 'ମୁଁ'ରେ ଲେଖା ହେଇଛି, ଯେମିତିକି ଏଠି ଗାଳ୍ପିକ ଗୌଣ, ନିଜ ଗପ ଶୁଣଉଥିବା ଗାୟକ ହିଁ ପ୍ରକୃତରେ ମୁଖ୍ୟ । ଚରିତ୍ରର ଆତ୍ମନେପଦୀ ଏ ବହିର ବିଶେଷତ୍ୱ । ଆରମ୍ଭ ହେଉଛି ନବକିଶୋର ମିଶ୍ରଙ୍କର ବୋଉଙ୍କ କଥାରୁ । ବୋଉଙ୍କ କୋଳରେ ବସି ସେ ଶୁଣିଛନ୍ତି ଛାନ୍ଦ, ଚଉପଦୀ, କେଶବ କୋଇଲି, ରାମାୟଣ ଆଦି । ବୋଉଙ୍କର ଆଗ୍ରହ ଥିଲା ସେ

## ପ୍ରକାଶକ ଅନୀଲ କୁମାର ପଣ୍ଡାଙ୍କ ଅଭିବ୍ୟକ୍ତି

"ଅନୀଲ୍ ! ଚାଲ ଜଣଙ୍କ ଘରକୁ ଯିବା । ଆରେ, ଏତେ ପଚାରୁଛ କ'ଣ ଗଲେ ବଳେ ଜାଣିବନି । ଗାଡ଼ି ବାହାର କର ।"

"ରଖ..ରଖ, ଏଇଠି ରଖ । ଆରେ, ଭିତରକୁ ଆସ ।"

"ଭାଇନା ! ନମସ୍କାର । ଏ ହେଉଛି ଅନୀଲ୍, ଆମ ଯୁବ କଥାକାର । ଭଲ ଗପ ଲେଖୁଛି ।

ଅନୀଲ୍ ! ଏ ହେଉଛନ୍ତି ନବ ଭାଇନା । କଣ୍ଠଶିଳ୍ପୀ ନବକିଶୋର ମିଶ୍ର । ଆସିଛି ଦେଖି ମୋ କଳା ବଦନକୁ.. । ଆଶ୍ଚର୍ଯ୍ୟ ହେଉଛ କ'ଣ ? ବସ, ଭାଇନାଙ୍କ ଠୁ ଗୀତ ଶୁଣିବା ।"

ସେଦିନ ଗାଳ୍ପିକ ତପନ ମହାପାତ୍ର ଭାଇଙ୍କ ମୁହଁର ଏକଥା, ମୋତେ ନବ ଭାଇନାଙ୍କ ସହ ଯୋଡ଼ିଥିଲା । ସେ ଯୋଡ଼ିବାକୁ ଅଧିକ ଶକ୍ତ କରିଥିଲା, ଭାଇନାଙ୍କ ତେନ୍ତୁଳି ଫ୍ଲେଭର୍ ଚକ୍‌ଲେଟ୍ । ଆସିଲା ବେଳେ ଭାଇନା ସ୍ନେହରେ ହାତକୁ ବଢ଼ାଇ ଦେଇଥିଲେ । ନୟାଗଡ଼ବାସୀ ହୋଇ ମଧ ପୂର୍ବରୁ ମୁଁ ନବଭାଇନାଙ୍କୁ ଦେଖିନଥିଲି, ଯାହା କେବଳ ତାଙ୍କ ଗୀତ ଶୁଣିଥିଲି । ଏମିତି କିଛିଦିନ ମିଳାମିଶା ପରେ ଯେବେ ଜାଣିଲି, ତପନ ଭାଇ ନବ ଭାଇନାଙ୍କ ଜୀବନକୁ ନେଇ ଏକ ଭିନ୍ନ ଓ ସ୍ୱତନ୍ତ୍ର କାମ କରୁଛନ୍ତି, ମୋ ମନରେ ବଢ଼ି ଯାଇଥିଲା ଉତ୍ସୁକତା । ଭାଇଙ୍କ ଲେଖାକୁ ଡିଟିପି ଆଳରେ ମାଗି ଆଣିଥିଲି । ମନେ ମନେ ଭାବିଥିଲି, ତାଙ୍କରି ହାତରେ ଗଢ଼ା ଶୁଭ୍ରାନିଲ୍ ପ୍ରକାଶନରେ ଏହା ଛପା ହେବ ।

ଏଥିପାଇଁ ସାନ ଭାଇ କବି ଓ ଗାଳ୍ପିକ ଶୁଭ୍ରାଂଶୁ ବିଶ୍ୱାଳ ସହ ଅନେକ ଥର ଆଲୋଚନା ପରେ ବହିକୁ କେଉଁ ଢଙ୍ଗରେ କରାଯିବ, ଡିଜାଇନ୍ କିପରି ହେବ କଭର ପେଜ୍ କିପରି ହେବ, ତାହାର ସମାଧାନ ହୋଇଥିଲା । ଇଚ୍ଛା ଥିଲା ଲେଖା ଯେପରି ଗୋଟେ ଭିନ୍ନ ଶୈଳୀରେ ହୋଇଛି, ଠିକ୍ ସେହିପରି ବହିଟି ମଧ ଗୋଟେ ଭିନ୍ନ କରିବା । ଏଣୁ ବହିକୁ ଏକ ସ୍ୱତନ୍ତ୍ର ସାଇଜ୍‌ରେ ତିଆରି କରାଗଲା ଏବଂ ତାହାର କଭର୍ ପେଜ୍‌ଟି ପାଇଁ ଶୁଭାଂଶୁକୁ ଅନେକ ରାତି ଅନିଦ୍ରା ହେବାକୁ ପଡ଼ିଲା । ପ୍ରଥମ ମୁଦ୍ରଣରେ ଏହାର ପାଂଚ ଶହ କପି ଛପା ଯାଇଥିଲା । ସେଥିରୁ ବେଶ୍ କିଛି ଖଣ୍ଡ ବିକ୍ରି ହୋଇଥିବା ବେଳେ ଅଳ୍ପ କିଛି ଉପହାର ଭାବେ ବଣ୍ଟା ଯାଇଛି । ଆଉ ମାତ୍ର କେଇ ଖଣ୍ଡ ବଳକା ଅଛି । ଏହା ଖୁବ ଶିଘ୍ର ପୁନଃ ମୁଦ୍ରଣ କରାଯିବ ।

ହଁ, ସବୁଠାରୁ ବଡ଼କଥା ହେଉଛି, ଆଜି ପର୍ଯ୍ୟନ୍ତ ଯେଉଁମାନେ ବହିଟି ପଢ଼ିଛନ୍ତି, ସେମାନେ ଏହାକୁ ଏତେ ମାତ୍ରାରେ ପ୍ରଶଂସା କରିଛନ୍ତି ଯେ, ତାହା କହିବା ବାହୁଲ୍ୟ । ବହିର ଡିଜାଇନ୍‌କୁ ନେଇ ମଧ ଅନେକ ପ୍ରଶଂସା ମିଳିଛି । ଗାୟକ ନବ ଭାଇନାଙ୍କ ପାଇଁ ତପନ ଭାଇ ଯେଉଁ ପ୍ରୟାସ କରିଛନ୍ତି ଏବଂ ଯେଉଁ ସ୍ୱତନ୍ତ୍ର ଢଙ୍ଗ ଆପଣାଇଛନ୍ତି, ଆଗାମୀ ପିଢ଼ି ଏହି ଭିନ୍ନ ଶୈଳୀକୁ ଆପଣାଇବେ ବୋଲି ମନେ ହେଉଛି ।

ସବୁଠାରୁ ବଡ଼ କଥା ହେଉଛି, ଏହି ବହିଟିକୁ ଲେଖକ ନୟାଗଡ଼ର ସଂଗୀତ ସାଧକମାନଙ୍କୁ ଉତ୍ସର୍ଗ କରିଛନ୍ତି । ନୟାଗଡ଼ ମାଟି କଳା, ସାହିତ୍ୟ ଓ ସଂସ୍କୃତିର ମାଟି । ଏହି ମାଟିରେ ଅନେକ ସାହିତ୍ୟିକ, କଣ୍ଠଶିଳ୍ପୀ ତଥା ଅନେକ ସ୍ୱନାମଧନ୍ୟ ବ୍ୟକ୍ତି ଜନ୍ମ ଗ୍ରହଣ କରିଛନ୍ତି । ହେଲେ ଏହି ମାଟି ମଣିଷଙ୍କୁ ନିରିଖେଇ ଓଡ଼ିଆ ଭାଷାସାହିତ୍ୟକୁ ଲେଖକ ଏହି ବହି ଜରିଆରେ ଏକ ନୂଆ ଦିଶା ଦେଇଛନ୍ତି । 'ଛବି ମଣିଷ', 'କାଉଁରି ପାନିଆ', 'ବିସ୍ମୟ ଏକ ବିନ୍ଦୁ', 'ଏଠି ପ୍ରଜାପତି ନାହିଁ' ଭଳି ଗଳ୍ପ ପୁସ୍ତକ ଏବଂ 'ଝିଅ ଠାରୁ ଉଧାର୍ ଆଣି' ଭଳି ଭିନ୍ନ ଶୈଳୀର ପୁସ୍ତକ ପାଠକଙ୍କୁ ଦେଇ ସାରିବା ପରେ ଲେଖକଙ୍କ ଏହି ସୃଷ୍ଟି ଅନନ୍ୟ । ଯାହାକି, ନୟାଗଡ଼ ମାଟିରେ ଜନ୍ମଗ୍ରହଣ କରିଥିବା ଏମିତି ଜଣେ ଗାୟକଙ୍କୁ ଆହୁରି ଅନେକ କାଳ ଏହି ବହି ପରିଚିତି ଦେଇ ପାରିବ । ନବ ଭାଇନାଙ୍କ ଜୀବନରେ ଘଟିଥିବା ପ୍ରତ୍ୟେକ ଘଟଣାକୁ ତାଙ୍କ ମୁହଁରୁ ଛଡ଼ାଇ ଗଳ୍ପ ଢଙ୍ଗରେ ପାଠକଙ୍କୁ ତପନ ଭାଇ ପରଷିଥିବା, ଏହି ଏକକ ଗଳ୍ପ ପୁସ୍ତିକା 'ମୋ ଗପରେ ଗୀତର ଗାୟକ' ଆହୁରି ଅନେକ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା ।



## ନବକିଶୋରଙ୍କ ଅଭିମତ




ସଂଗୀତ ଶାସ୍ତ୍ରରେ ସମ୍ୟକ ଧାରଣା ଥାଇ ତପନ ବାବୁଙ୍କର ବିଭିନ୍ନ ପ୍ରଶ୍ନର ମୋ ବୁଦ୍ଧି ମତେ ଯାହା ସବୁ ଉତ୍ତର ଦେଇଛି, ତାହା ସମ୍ପୂର୍ଣ୍ଣ ଭାବେ କେତେ ଦୂର ଠିକ୍ କି ଭୁଲ୍ ତାହା, ଏ ପର୍ଯ୍ୟନ୍ତ ଜାଣି ନାହିଁ। ଯଦି, ଭୁଲ୍ ଥାଏ ସେଥିପାଇଁ ସଂଗୀତ ଶାସ୍ତ୍ର ଜ୍ଞାନୀମାନଙ୍କ ଠାରୁ କ୍ଷମା ମାଗୁଛି। ଏ ପର୍ଯ୍ୟନ୍ତ କୌଣସି ପାଠକଙ୍କ ଠାରୁ କୌଣସି ପ୍ରକାର ଭୁଲ୍ ବିଷୟ ମୋ ନଜରକୁ ଆସି ନାହିଁ। ତପନ ବାବୁ କାହିଁକି ଏପରି ପ୍ରୟାସ କରି ମୋ ବିଷୟରେ ଲେଖିଲେ ସେ କଥା ବି ଭଲଭାବେ ଜାଣି ନାହିଁ। ଗୋଟିଏ ସାହିତ୍ୟ ସଭାରେ କହିଥିଲେ, ମୋ ଲେଖାର ହିରୋ ହେଉଛନ୍ତି ନବକିଶୋର ମିଶ୍ର। ମୋ ମତରେ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ପୁଙ୍ଖାନୁପୁଙ୍ଖ ଲେଖିବା କଷ୍ଟକର ବ୍ୟାପାର। ଏହି ବହିଟିକୁ ପଢ଼ିଲେ, ନୟାଗଡ଼ର ୭୦ ବର୍ଷ ତଳର ସାଂସ୍କୃତିକ ଇତିହାସ ବିଷୟରେ ଆଂଶିକ ଧାରଣ ହୋଇ ପାରିବ। ନୟାଗଡ଼ରେ ରାଜାଙ୍କ ଶାସନ ଦୁର୍ବଳ ହେବା ସମୟରେ ମୁଁ ଜନ୍ମ ହୋଇନଥିଲି। ଏଣୁ ଜନ୍ମ ବେଳୁ ଏ ପର୍ଯ୍ୟନ୍ତ ଯାହା ଧାରଣା ଥିଲା, ତାକୁ ନେଇ ଏବଂ ଗୀତକୁ ନେଇ ମୁଁ ଉତ୍ତର ଦେଇଛି। ନୟାଗଡ଼ ମାଟି ଏକ ସାଂସ୍କୃତିକ ଭରା ମାଟି। ଏଣୁ ଏହି ବହି ଜରିଆରେ ମୁଁ ଦେଇଥିବା ଉତ୍ତର ଗୁଡ଼ିକ ଯଦି ଭବିଷ୍ୟତ ପିଢ଼ି ପାଇଁ ଉପକାରରେ ଆସେ, ତାହାଲେ ମୁଁ ନିଜକୁ ଧନ୍ୟ ମନେ କରିବି। ଶେଷରେ ଲେଖକ ଓ ପ୍ରକାଶକଙ୍କର ଏ ପ୍ରୟାସ ପାଇଁ ମଙ୍ଗଳ କାମନା କରିବି।

## ମଲାଟ ପଛର କଥା

ପ୍ରଚ୍ଛଦ ଏକ କୌତୁହଳ। ଦିନ ଥିଲା ଏ କୌତୁହଳକୁ ରୂପ ଦେଉଥିଲା ଶିଳ୍ପୀ ରଙ୍ଗତୂଳୀରେ। ବର୍ତ୍ତମାନ କିଛି କିଛି ପ୍ରଚ୍ଛଦ ସେମିତି ହେଉଛି ମାତ୍ର ଅଧିକ ପ୍ରଚ୍ଛଦ କମ୍ପ୍ୟୁଟର୍‌ରେ ତିଆରି କରା ଯାଉଛି। ତା' ପାଇଁ ନାନା ସଫ୍ଟୱେର୍ ମଧ୍ୟ ଅଛି। ଫଟୋଶପ୍‌ରେ ମଧ୍ୟ ତିଆରି ହେଇପାରୁଛି। ମତେ ଫଟୋଶପ୍ ବାବଦରେ କିଛି କିଛି ଜଣାଥିଲା, ହୁଏତ ସେଇ କାରଣ ପାଇଁ ପ୍ରଚ୍ଛଦ ଆଙ୍କିବାର (ତିଆରିବାର) ଆଗ୍ରହ ମୋ ଭିତରେ ଥିଲା।

ସମୟ ଆସିଲା, ପ୍ରଥମଥର ପାଇଁ ମୁଁ ପ୍ରଚ୍ଛଦଟିଏ ତିଆରିଲି- 'ମୋ ଗପରେ ଗୀତର ଗାୟକ' ଶୀର୍ଷକ ପୁସ୍ତକ ପାଇଁ। ପ୍ରଥମ ଚେଷ୍ଟା ଭଲ ହେଉ, ସମସ୍ତଙ୍କ ପସନ୍ଦ ଆସୁ। କେବଳ ଏଇ ଆଶାରେ ମୁଁ ତିନୋଟି ପ୍ରଚ୍ଛଦ ତିଆରିଥିଲି। ସେଥିରୁ ଏଇଟିକୁ ବଛାଗଲା। ଏ ପ୍ରଚ୍ଛଦଟି ପାଇଁ ମତେ ବେଶ୍ କିଛି ଲେୟାର୍‌କୁ ଏପାଖ-ସେପାଖ କରିବା ପାଇଁ ପଡ଼ିଥିଲା। ଶୀର୍ଷକକୁ ଆଖି ଆଗରେ ରଖି ପ୍ରତୀକ ଭାବରେ ମୁଁ ଏକ ଇୟର୍‌ଫୋନ୍‌କୁ ଯୋଡ଼ିଥିଲି। ଯେଉଁ ଦୁଇଟିକୁ ବାଦ୍ ଦିଆଗଲା, ତା ଠୁ ଏଇ ପ୍ରଚ୍ଛଦଟିକୁ ଅଧିକ ପସନ୍ଦ କରିଥିଲେ ଉଭୟ ଗାଳ୍ପିକ ଓ ପ୍ରକାଶକ। ସେଥିପାଇଁ ଉଭୟଙ୍କୁ ଅଶେଷ ଧନ୍ୟବାଦ।



**ବି. ଶୁଭ୍ରାଂଶ**
ମଧୁବନ, ଗୋଳଗୋଳା, ନୟାଗଡ଼
ଫୋନ : ୯୩୪୮୬୦୯୧୧୩

ନିଜେ ହାରମୋନିଅମ୍ ଧରି ଗୀତ ଗାଇବେ। ବଡ଼ଭାଇ ସ୍ୱର୍ଗତ ରାଜକିଶୋର ମିଶ୍ର ଗୀତ ଗାଇଥିଲେ, ବେଞ୍ଜୋରେ ବଜଉଥିଲେ ପୁରୁଣା ହିନ୍ଦୀ 'ନାଗୀନ୍' ଚଳଚ୍ଚିତ୍ରର ଗୀତ 'ମନ୍‌ଡୋଲେ ମେରା ତନ୍‌ଡୋଲେ'। ଘର ବାହାରେ ରାମଲୀଳା, କଣ୍ଢେଇ ନାଚ, ଦଣ୍ଡନାଚ, ଥିଏଟର୍। ସ୍କୁଲ୍‌ରେ ସାର୍‌ମାନଙ୍କର ଆଗ୍ରହରେ ଗୀତବୋଲା ଓ ଏମିତିରେ ବ୍ରଜେନ୍ଦ୍ର ହାଇସ୍କୁଲ୍‌ରେ ପାଠପଢ଼ା ସମାପ୍ତ। ଗାୟକ ନବକିଶୋରଙ୍କର ପିଲାଦିନ ଓ ସଂଗୀତ ପ୍ରତି ଆଗ୍ରହ କେମିତି ଧୀରେ ଧୀରେ ବଢ଼ିଛି, ଏସବୁ ଏଇ ପ୍ରଥମ ବିନ୍ଦୁର କଥା।

ଦ୍ୱିତୀୟ ବିନ୍ଦୁଟି ହେଉଛି ଏ ବହିର ନାୟକଙ୍କ ସରଳତା ଓ ସରଳପଣ। ସରଳତାଟି ଦିଶୁଥାଇପାରେ ଗାଳ୍ପିକଙ୍କୁ, କିନ୍ତୁ ସରଳପଣ ପାଠକମାନେ ତାଙ୍କ ନିଜ ଶବ୍ଦରେ ପଢ଼ନ୍ତୁ- "ଗୋଟେ ବଡ଼କଥା ପଚାରିଲେ ହୋ ତପନ! ରେଡ଼ିଓ ଶୁଣିଲି କେଉଁଠୁ? ସେତେବେଳେ କଣ ସମସ୍ତଙ୍କ ଘରେ ରେଡ଼ିଓ ଥିଲା କି? କାଁ ଭାଁ କେତେ ଜଣଙ୍କ ଘରେ। ଆମ ଘରେ ତ ଲାଇନ୍ ନଥିଲା। ରେଡ଼ିଓ କହିଲେ ଗୋଟେ ବଡ଼ ଜିନିଷ ତା' ଘରେ ଅଛି ବୁଝା ହେଉଥିଲା... ଜାଣିଲେ ଖୁସି ହେବ, ମୁଁ ସେଇ ରେଡ଼ିଓ ପଇସାରେ ହିଁ ରେଡ଼ିଓ କିଣିଲି।"

ଆକାଶବାଣୀ ତରଫରୁ ଭାରତର ବିଭିନ୍ନ ଜାଗାରେ କନ୍‌ସର୍ଟ କରି ନବକିଶୋର ପାଇଥିଲେ ତିନିଶହ ଟଙ୍କା। ଗାୟକଙ୍କର ପ୍ରଥମ ରୋଜଗାର। ସେଥିରେ ସେ କିଣିଥିଲେ ପ୍ରଥମ ରେଡ଼ିଓ। ପାରିବାରିକ ଦାରିଦ୍ର୍ୟ ଓ ଅସୁବିଧାକୁ ନେଇ ତାଙ୍କ ସ୍ୱରରେ କୋଉଠି ହେଲେ ଟିକିଏ ବି ଅଭିଯୋଗ ନାହିଁ। ଯେମିତି ଗାୟକର ଜୀବନ କେବଳ ସଂଗୀତକୁ ନେଇ। ସେଇକଥା ସବୁ ହିଁ ସେ କହିଛନ୍ତି ଅକପଟ ଭାବରେ।

ତୃତୀୟ ବିଶେଷ ଦିଗଟି ହେଉଛି ସେ କାଳଜୟୀ ଗୀତଟି ଗାଇବାର ଅନୁଭବ। କେତେକେତେ ମହାଯାତ୍ରୀମାନଙ୍କୁ ମନେ ପକାଇଛନ୍ତି ଗାୟକ। ଗୀତିକାର ତପନ ପଟ୍ଟନାୟକଙ୍କ ସହ ନବକିଶୋରଙ୍କର ଦେଖାହୁଏ ପ୍ରଫୁଲ୍ଲ ମହାନ୍ତିଙ୍କ ଘରେ ହେଉଥିବା ବୈଠକରୁ। ସେତେବେଳକୁ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ହେଇ ସାରିଥାନ୍ତି କବି ତପନ ପଟ୍ଟନାୟକ।

ନବକିଶୋର ସ୍ମୃତିଚାରଣ କରନ୍ତି: "ମୋର ରେଡ଼ିଓରେ ଗୀତ ବୋଲିବାର ଅଛି। ଆମେ ତାଙ୍କ ଗୀତ ଧରିଲୁ। 'ଆସିଛି ଦେଖି ମୋ କଳାବଦନକୁ' ମୋ ଷ୍ଟାଇଲ୍‌ରେ ଗାଇଲି। ପ୍ରଫୁଲ୍ଲ ସାର୍ ବି ରାଜି ହେଇଗଲେ। କିନ୍ତୁ 'ମୁଁ' ଶବ୍ଦଟାକୁ କେମିତି ଉଚ୍ଚାରଣ କରିବି ସେ ଶିଖେଇଲେ। 'ମୁଁ' ମୁଁ କହି ସେ କେତେଥର ଗୁଣୁଗୁଣୁ ହୋଇ ମୋତେ ତା'ର ଅର୍ଥ ବୁଝେଇଲେ। ହାରମୋନିଅମ୍ ଧରାଇଲେ। ତା ସହିତ ସବୁ ଅଳଙ୍କାର ସେ ଗୀତରେ ଖଞ୍ଜିଲେ। ଯେଉଁଥିପାଇଁ ଏ ପ୍ରଥମଧାଡ଼ି 'ମୁଁ ଆସିଛି ଦେଖି ମୋ କଳାବଦନକୁ' ଶୁଣୁ ଶୁଣୁ ଶ୍ରୋତା ମୁଗ୍ଧ ହେଇଗଲେ।"

ନବକିଶୋର ନିଜ ଗାୟନରେ ଗୌରବଗାନ କରି ନାହାନ୍ତି, ବରଂ ପ୍ରଫୁଲ୍ଲ ମହାନ୍ତିଙ୍କର ଅବଦାନକୁ ମନେ ରଖିଛନ୍ତି ସେ ଭଜନର ସଫଳତା ପଛର କାରଣ ଭାବେ।

ଏ ବହିର ଚତୁର୍ଥ ସ୍ୱତନ୍ତତା ପାଇଁ ଗାଳ୍ପିକ ତପନ ମହାପାତ୍ରଙ୍କୁ ଯେତେ ପ୍ରଶଂସା କଲେ ବି କମ୍ ହେବ। ନବକିଶୋର ମିଶ୍ରଙ୍କ ଭଳି ଜଣେ ଆତ୍ମ ପ୍ରଚାର ବିମୁଖ ବ୍ୟକ୍ତିଙ୍କ ଜୀବନ ଯାତ୍ରାର ଏତିକି କଥା ପାଠକମାନଙ୍କ ଆଗରେ ରଖିବା ପାଇଁ ତାଙ୍କର ଧୈର୍ଯ୍ୟ ଓ ପରିଶ୍ରମ ଅନୁମେୟ। ଏ ବହିରେ ସେ କେବଳ ଜଣେ ଯୋଗ୍ୟତମ ଗାୟକଙ୍କର ପୂଜା କରିନାହାନ୍ତି, ନୟାଗଡ଼ର ସଂଗୀତ ଓ ସଂସ୍କୃତିର ଇତିହାସକୁ ସମାନ୍ତରାଳ ଭାବରେ ପାଠକମାନଙ୍କ ସାମ୍ନାକୁ ଆଣି ପାରିଛନ୍ତି।

ନୟାଗଡ଼ ସହରର ତତ୍କାଳୀନ ସଂଗୀତପ୍ରେମୀମାନଙ୍କ ଘରେ ହେଉଥିବା ନିୟମିତ ସଂଗୀତର ବୈଠକୀ ସବୁ ସେତେବେଳେ ଭାବର ଆଦାନପ୍ରଦାନ, ସ୍ନେହ, ଆଗ୍ରହ, ଧର୍ମଦର୍ଶନ, ସଂଗୀତର ଗୁରୁଶିଷ୍ୟ ପରମ୍ପରା, ଏସବୁ ପାଇଁ

# ପୁସ୍ତକର ଲେଖକ ତପନ ମହାପାତ୍ରଙ୍କ ଅଭିମତ

କାହିଁକି ?

'କାହିଁକି'କୁ ନେଇ ଗୋଟେ ଗପ ଲେଖିଥିଲି । ଯେଉଁଥିରେ, ଗପ ନାୟକ ଜଣେ ଗାଳ୍ପିକ । ଯେ କି ଘରେ ବାହାରେ କାର୍ଯ୍ୟାଳୟରେ ସବୁଠି ଏଇ ଗୋଟିଏ ପ୍ରଶ୍ନ 'କାହିଁକି'କୁ ସାମ୍ନା କରୁଛି ଓ ଶୁଣି ଶୁଣି ଗପ ନାୟକ ବିରକ୍ତ ହୋଇ ଯାଉଛି । ଶେଷରେ ବହୁଥର ଗପ ମାଗି ମାଗି ନିରାଶ ହେବା ପରେ ଜଣେ ସମ୍ପାଦକଙ୍କର ସେଇ ଏକା ପ୍ରଶ୍ନକୁ ସାମ୍ନା କରୁଛି, "ଆପଣ ଲେଖି ପାରୁନାହାନ୍ତି କାହିଁକି ?"



ଗପ ନାୟକ ବିରକ୍ତ ହୋଇ ଯାଉଛି । ଅଥଚ ପରେ ହୃଦ୍‌ବୋଧ କରୁଛି : ପ୍ରତି କାହିଁକିରେ କେବଳ କୈଫିୟତ୍ ନୁହେଁ ବରଂ ଥାଏ ଆବେଗ ଓ ଅନୁରାଗ । ପ୍ରେରଣା ଓ ଆହ୍ୱାନ ।

ସୁଖ୍ୟାତ ଗାଳ୍ପିକା ହିରଣ୍ମୟୀ ମିଶ୍ରଙ୍କର ମୋ ଲାଗି ଏଇ 'କାହିଁକି ?' ଉପରୋକ୍ତ ପର୍ଯ୍ୟାୟର । "କାହିଁକି ଭାବିଲ ଜଣେ ଗାୟକଙ୍କୁ ନେଇ ଲେଖିବାକୁ ଏମିତି ଗୋଟେ ବହି – ମୋ ଗପରେ ଗୀତର ଗାୟକ ?"

ସତ କହୁଛି; ଏମିତି ଅନେକ କାହିଁକିର ଉତ୍ତର ମୁଁ ଦେଇ ପାରେନି । ଖୋଜିଲେ ବି ପାଇପାରେନି । ଧରନ୍ତୁ, ଥରେଥରେ କେବେ କିଛି ଖୁସି ଖବର ନଥିବ, ମନ ଗଗନରେ ପବନ ପରି ବୁଲୁଥିବ । ଆଉ କେବେ, ଦୁଃଖ ନଥିବ ମନ ଛାଁ କୁ ଛାଁ ଘାଣ୍ଟି ହେଉଥିବ ।

ଏ କାହିଁକିର ଉତ୍ତର କଣ ?

ଏ ଭାବନା ସବୁ ଆସେ କୁଆଡୁ...ଯାଏ ବି...କୁଆଡ଼େ ? କାହିଁକି ମୁଁ ଧରି ପାରୁନି କି ବୁଝି ପାରୁନି ଏମିତି ସୁଖଦୁଃଖର ଅନେକ କାରଣମାନଙ୍କୁ ? ନିଜ ଅନୁଭବରେ ସହଜ ଲାଗୁଥିବା ପ୍ରଶ୍ନଟିର ସରଳ ଉତ୍ତରଟିଏ ବି ମୁଁ ପାଇପାରି ନାହିଁ ଏ ପର୍ଯ୍ୟନ୍ତ । ଏ 'କାହିଁକି'ର ଉତ୍ତର କଣ ଦେବି ?

ତେବେ, ମୁଁ ଯେତେବେଳେ ତାଙ୍କୁ ପାଖରୁ ଦେଖିଲି, ବିଶ୍ୱାସ କରି ପାରିଲିନି, ଏ ସେଇ । ଯେତେବେଳେ ତାଙ୍କୁ ବେଶି ଶୁଣିଲି ବି ବିଶ୍ୱାସ କରି ପାରିଲିନି, ଏ ସେଇ । ଏପରିକି ତାଙ୍କ ସହ ବହୁବାର ମିଶିଲା ପରେ ବି ମୁଁ ଭାବି ପାରୁନଥାଏ ଏ ସେଇ । କେମିତି ବିଶ୍ୱାସ କରିବି ଯେ, ମୁଁ ଯେଉଁ କେତୋଟି ଭଜନକୁ ଏକାଏକା ବେଳେ ସବୁଠୁ ବେଶି ଗୁଣୁଗୁଣୁ ହୋଇଛି ତା' ଭିତରେ ଅଛି ଏ ଗୀତ– "ମୁଁ ଆସିଛି ଦେଖି...ମୋ କଳା ବଦନକୁ...କଳା ବଦନକୁ ମୋର ସୁନାର ଧନକୁ...ମୁଁ ଆସିଛି ଦେଖି..." ଯେଉଁ ଗୀତର ଗାୟକ କଣ ଏମିତି ସାଦାସିଦା । ରେଡ଼ିଓରେ ଶୁଣିଥିବା ସେ ସୁମଧୁର ସ୍ୱର ଓ ନିକଟରୁ ଶୁଣୁଥିବା ସ୍ୱରରେ ଭିତରେ ଯେଉଁ ଟିକିଏ ଫାଙ୍କ ତା' କଣ ବୟସର ଦାଉ ! ଅଭ୍ୟାସର ଅନିୟମିତତା ! ନା' ଆଉ କିଛି ?

ଏମିତି ଗୁଡ଼ାଏ ପ୍ରଶ୍ନ ପଚାରି ଯେଉଁ ଉତ୍ତର ପାଉଥିଲି ସେଥିରେ ଥିଲା କିଛି ସନ୍ତୋଷ କିଛି ଅସନ୍ତୋଷ । ଯାହା ଭୟଙ୍କର । ଅଥଚ ଏ ବହି କଣ ତାଙ୍କୁ ନେଇ ଧାଡ଼ିଏ ଲେଖିବି ଏମିତି ଚିନ୍ତା ବି ମୋ ମନକୁ ଆସି ନଥିଲା । ସେମିତି ବହୁବାର ମିଶିବା ପରେ ତାଙ୍କୁ ନେଇ କାମଟିଏ କରିବି ଭାବି ଯେତେବେଳେ ତାଙ୍କୁ ଦେଖିଲି, ମୋ ଭିତରେ ଗୋଟେ ଭଲପାଇବା ବଢ଼ି ଯାଇଥିଲା ଓ କେତେକ ନୂଆ ପ୍ରଶ୍ନ ମନକୁ ଆସୁଥିଲା । ଅଥଚ ଟିପାଟିପି କରି ତାଙ୍କୁ ପୁଳେ ପ୍ରଶ୍ନ ଦେଇ ଆସିବା କି ବାଧ୍ୟରେ ଗୋଟେ ପ୍ରଶ୍ନ ପଚାରି ଦେବା ମୋର ପସନ୍ଦ ନଥିଲା । ବରଂ ସେ ଦେଖା ହେଲେ ଯାହା କଥା ହେଉଥିଲୁ କି ମୁଁ ପଚାରି ଦେଉଥିଲି, ତାଙ୍କ ଉତ୍ତରକୁ ମୁଁ ମୋ ସୁବିଧାରେ ଖାତାରେ ଟିପି ଦେଉଥିଲି ।

ଥିଲା ପ୍ରକୃଷ୍ଟ ସ୍ଥାନ । ଅଥଚ ଏତେ ବୈଠକୀ ସତ୍ତ୍ୱେ ପରସ୍ପର ଭିତରେ ବାଦ କି ପ୍ରତିଯୋଗିତା ନଥାଏ ।

ଯଦୁମଣି କଳା ବିକାଶ କେନ୍ଦ୍ର, ନୟାଗଡ଼ରେ ସିନେମା ପରମ୍ପରା, ଚାରିପଟେ ତମ୍ବୁ ପକେଇ ହେଉଥିବା ସିନେମା, କେତେକେତେ ସ୍ମୃତିଚାରଣ । ଜଣେ ମଣିଷର ଜୀବନରେ କେତେ ସ୍ଥାନ, କେତେ ପରମ୍ପରା, କେତେ ସୁଖ, ପୁଣି କେତେ ସଂଘର୍ଷର ସମନ୍ୱୟ । ବିଶେଷକରି କେତେକେତେ ସମଧର୍ମୀଙ୍କର ନାଁ ସେ ନେଇଛନ୍ତି, ସମ୍ଭବତଃ ତାଙ୍କର ଜୀବନର ପରିଚିତ ଚଉହଦୀରୁ ସେ ଗୋଟିଏ ବି ଗୁରୁତ୍ୱପୂର୍ଣ୍ଣ ନାଁକୁ ବାଦ୍ ଦେଇ ନାହାନ୍ତି । ଗାୟକ ହେବା ପରେ ବି ସଂଗୀତ ସଂପର୍କିତ ଶାସ୍ତ୍ରଜ୍ଞାନ ଟିକିଏ ପାଇଁ ନବ କିଶୋର ମିଶ୍ରଙ୍କର ଥିଲା ପ୍ରବଳ ବ୍ୟାକୁଳତା । ସେଇ ବ୍ୟାକୁଳତା ହିଁ ତାଙ୍କୁ ପହଞ୍ଚେଇ ଦେଇଛି ଶାସ୍ତ୍ରଜ୍ଞ ଗୁରୁ ରଜନୀ ସାର୍, ନିମାକାନ୍ତ ରାଉତ, ରଜନୀକାନ୍ତ ମହାପାତ୍ର ଇତ୍ୟାଦିଙ୍କ ପାଖରେ ।

ବହିର କଥା ଏମିତି ପ୍ରବାହିତ ହେଉଛି, ଯେମିତି ଗପ ଲେଖୁଥିବା ମଣିଷଟି ସେଠି ପୁରା ଅନୁପସ୍ଥିତ । କେତେବେଳେ ପରଦା ପଛରୁ ଶୁଭି ପୁଣି ନଶୁଭିବା ପରି ଦିଶୁଛି ପ୍ରଶ୍ନଟିଏର ମୁହଁ । ଯେମିତି ସେ ପ୍ରଶ୍ନ ନବ କିଶୋରଙ୍କୁ ପାଠକଟିଏ ପଚାରୁଛି ବା ପଚାରିବାକୁ ଚାହୁଁଛି । ଗାୟକ ନବକିଶୋର ପୁଣି ଆରମ୍ଭ କରୁଛନ୍ତି, ଯୋଉଠି ଛାଡ଼ିଥିଲେ ସେଇଠୁ ।

ନୟାଗଡ଼ କଲେଜ୍‌ର ସଂସ୍କୃତିସଂପନ୍ନ ଅଧ୍ୟକ୍ଷ ଓ ମ୍ୟାନେଜ୍‌ମେଣ୍ଟ୍‌ର ସଭ୍ୟମାନେ ଗାୟକ ଭାବେ ପରିଚିତି ପାଇସାରିଥିବା ନବକିଶୋରଙ୍କୁ କଲେଜ୍‌ରେ କିରାଣୀ ଭାବେ ନିଯୁକ୍ତି ଦେଇଥିଲେ । କଲେଜ୍‌ର ସହକର୍ମୀମାନେ ତାଙ୍କୁ ଗାୟକ ଭାବେ ଯଥେଷ୍ଟ ସମ୍ମାନ ଦେଇଛନ୍ତି, ସେଥିପାଇଁ କଲେଜ୍‌ର ଏ ଚାକିରୀ ତାଙ୍କୁ ଚାପଗ୍ରସ୍ତ କରିନି ।

ବହିଟିକୁ ପଢ଼ିଲେ ସତରେ ବିଶ୍ୱାସ ହେବ ନାହିଁ ଯେ ନବକିଶୋର ମିଶ୍ରଙ୍କ ଭଳି ମଣିଷମାନେ ଏବେ ବି ଅଛନ୍ତି, ଆମ ଜାଣିବାର ଆଢୁଆଳରେ ? ଜୀବନର କେତେ ଗୂଢ଼ କଥାକୁ କେତେ ସହଜ ଭାବରେ ସେ କହି ଦେଇଛନ୍ତି । କେତେକେତେ ଜଟିଳ ତତ୍ତ୍ୱକୁ କଥାବାର୍ତ୍ତାର ସହଜପଣରେ ପ୍ରକାଶ କରିଛନ୍ତି । ପୁଣି କେତେ କୋମଳ ସେ ମଣିଷର ମନ ଭିତରଟି । ଏଇ ଧାଡ଼ିଗୁଡ଼ିକୁ ଦୃଷ୍ଟି ଦିଅନ୍ତୁ– "ବସନ୍ତ ଋତୁର ନିଶୂନ୍ ସମୟରେ କେଉଁ ପତ୍ରସନ୍ଧିରେ ଲୁଚି ଶାନ୍ତ ପରିବେଶ ଭିତରେ କୋଇଲି ତାନ କରୁଥିବ; କହିଲ କେମିତି ଲାଗିବ ତମକୁ ତପନ ! କୋଇଲିର ସ୍ୱର ଉପଲବ୍ଧି ପାଇଁ ଗୋଟେ ଶାନ୍ତ ପରିବେଶ ଦରକାର । ସେମିତି ଶାନ୍ତ ପରିବେଶରେ ପରିବେଷଣ ସଙ୍ଗୀତର ଅଲଗା ମାଧୁର୍ଯ୍ୟ ଥାଏ । ସେଇ ମାଧୁର୍ଯ୍ୟ ପ୍ରତି ମୁଁ ଯତ୍ନଶୀଳ ।"

ସଂଗୀତର ଅନ୍ତରାତ୍ମାକୁ ଖୋଜି, ସେଇ ମାଧୁର୍ଯ୍ୟ ପ୍ରତି ଏତେ ଯତ୍ନଶୀଳ ମଣିଷଟି ପୁଣି ଅଭିମାନରେ ପ୍ରଶ୍ନ କରେ ଯେ, "କାହିଁକି ମୋ ପିଲାମାନେ ସଙ୍ଗୀତକୁ କ୍ୟାରିଅର୍ କରିଥାନ୍ତେ ? ହଁ, ମୋ ସାନପୁଅ ଦୀପକ୍ ମିଶ୍ର

ଯାହା ନବ ଭାଇନା ନିଜେ ବି ଜାଣୁ ନଥଲେ ।

ଥରେ ଥରେ ତାଙ୍କ ଠାରୁ କଥା ଆଦାୟ କରିବାକୁ କିଛି ପଚାରି ଦେଲେ ସେ ଏତେ ତରତର ହେବେ କି କାର୍ଯ୍ୟବ୍ୟସ୍ତ ଦେଖାଇବେ ଯେ ମୁଁ ଉତ୍ତର କଣ ପାଇବି ଭଲମନ୍ଦ କଥା ପଦେ ବି ହୋଇ ହୁଏନି । କେବେ ତାଙ୍କ ସମସ୍ୟା ସହିତ ନିଜେ ଯୋଡ଼ି ହୋଇ ଯାଇଛି ମୋ କାମକୁ ପଛରେ ରଖି । ଆଉ ଏମିତି ବି ହୋଇଛି, ସେ ଘରୁ ଆସୁଥିବେ କି ବଜାରରୁ, ମୁଁ ପାନ ଦୋକାନରେ ଠିଆ ହୋଇଥିବି । ଦୂରରୁ ଦେଖି ତାଙ୍କ ଲାଗି ସାଦା ପାନ କି ଚକୋଲେଟ୍ ହାତରେ ଧରି ଅପେକ୍ଷା କରିଥିବି । ଅଥଚ ସେ ମୋତେ ଦେଖି ନଦେଖିଲା ପରି ଚାଲି ଯାଉଥିବେ । ଡାକି ଦେବାରୁ ପାଖକୁ ଆସିବେ । କହିବେ, ହେଇଟି ତପନ! ମୁଁ ତମକୁ ଦେଖି ନଦେଖିଲା ପରି ଚାଲି ଯାଉଥିଲି ମ ।

: କାହିଁକି ? ମୁଁ କଣ ଅସୁବିଧାରେ ପକାଉଛି କି ?

: ନାଇଁ ହୋ...କାଳେ ପୁଣି ଗୋଟେ ପ୍ରଶ୍ନ ପଚାରି ଦେବ ? ମୋତେ ତ ଡର ଲାଗିଲାଣି ।

ଆମେ ଉଭୟ ହସୁ । ପାନ ଖାଉ । ଯାଉ । କିନ୍ତୁ ଗୋଟେ ଗୋଟେ ଭାବନା ନେଇ ଯାଉ । ସେ ଭାବନାର ଫସଲ ଏ 'ମୋ ଗପରେ ଗୀତର ଗାୟକ' ।

ମୋ ଲେଖା ସରିଲା । କିଛିଟା ବ୍ୟକ୍ତିଗତ ପ୍ରଶ୍ନ ଓ ଜନ୍ମ ତାରିଖ, ବୟସ କି କେଉଁ ଗାୟକ ପ୍ରିୟ ଆଦିର ପ୍ରଶ୍ନକୁ ଗୋଟେ ଖାତାରେ ଟିପି ଶେଷ ବେଳକୁ ତାଙ୍କୁ ଦେଇ ଆସିଲି । ସେ ଉତ୍ତରକୁ ମେଳାଇ କାମଟି ସାରିବି । କିନ୍ତୁ ଖାତା କାହିଁ? କେବେ ଘରେ ତାଲା ତ କେବେ ଭାଇନା ଯାଇଥାନ୍ତି ତଇଲା । କେବେ ଭୁବନେଶ୍ୱର କି ବଜାର । ଶେଷରେ ଖାତା ମିଳିଲା । ସବୁ ସଜାଡ଼ି ହାତ ଲେଖାଟି ନେଇ ପଢ଼ାଇଲି ।

ସେ ଖୁସି ହେଲେ । ପ୍ରଶଂସା କଲେ ପରିଶ୍ରମକୁ । ହେଲେ ମୁଁ ଯେତେବେଳେ କହିଦେଲି, "ଭାଇନା ଆହୁରି ଗୁଡ଼େ କଥା ପଚାରିବାକୁ ରହିଗଲା ।"

ସେ ମୋ ମୁହଁକୁ ଟିକେ ଚାହିଁ ରହିଲେ । ଆଶ୍ଚର୍ଯ୍ୟ ହେଲା ପରି ପଚାରିଲେ, "ହେଁଓ ଆହୁରି ପ୍ରଶ୍ନ ରହିଗଲା ? ଆହେ ! କେତେ ପ୍ରଶ୍ନ ଆଉ ପଚାରିଥାନ୍ତ ?"

ଯାହାଙ୍କୁ ନେଇ ମୋର ଏତେ ଶୋଷ, ତାଙ୍କ ଠାରୁ ମୁଁ କିଛିଟା ଅବଶୋଷ ଆଶା କରୁଥିଲି । ଅଥଚ ତାଙ୍କର ଏ ସନ୍ତୁଷ୍ଟିକୁ ବୁଝି ମୁଁ ବୁଝି ପାରୁନଥାଏ, ଭାବି ପାରୁନଥାଏ ଏ ସେଇ । ମୋ ଗପର ଗାୟକ ବିଶିଷ୍ଟ କଣ୍ଠଶିଳ୍ପୀ ନବ କିଶୋର ମିଶ୍ର ।

ତେବେ ଏ ବହି କାହିଁକି ?

କାହିଁକି ଗପ ସବୁବେଳେ ଗୋଟେ ମନଗଢ଼ା ହେବ ? ଗପରେ ଗପରେ ଗୋଟେ ଗୀତ କାହିଁକି ବୋଲି ନହେବ ? ଜଣେ ବରିଷ୍ଠ, ବିଶିଷ୍ଟଙ୍କୁ ପାଖରେ ପାଇ ଗୋଟେ କାମ କାହିଁକି କରି ନହେବ ? ସମ୍ଭବତଃ ଏମିତି ଗୁଡ଼େ 'କାହିଁକି' ଆଧାରିତ ହୋଇଥିବ ସେ ବେଳର ଯୋଜନାରେ ।

ଏ ଲେଖାଟି ପଢ଼ି ଯୁବ ଗାଳ୍ପିକ ଅନୀଲ ପଣ୍ଡା ବହିଟି କରିବାକୁ ପ୍ରସ୍ତାବ ଦେଲେ । "ଆରେ ବାବୁ, ତମେ ଏ ବହି କରି କଣ କରିବ? କାହିଁକି କରିବ?'' ସେ ଶୁଣିବାକୁ ନାରାଜ । ଗାଳ୍ପିକ ଶୁଭ୍ରାଂଶୁ ବିଶ୍ୱାଳଙ୍କୁ କହି କଭର ଡିଜାଇନ କରାଇଲେ । କଟକରେ ନେଇ ବହିଟି ଛପାଇ ଆଣିଲେ । ବହିଟି ଦେଖି ମୋତେ ବି ଖୁସି ଲାଗିଲା । ଚାହୁଁଥିଲି ଏ ବହି ଗୋଟେ ଅଲଗା ପ୍ରକାରର ଦେଖାଯାଉ । ପ୍ରଥମ ଦେଖାରେ ମୋତେ ସେମିତି ଲାଗିଲା । ସେମାନଙ୍କୁ ଖୁବ୍ ସ୍ନେହ ଓ ଆଶୀର୍ବାଦ ।

ବହୁ ଦୁଃଖ ବି ମୋର ।

ମୁଁ ଆସିଛି ଦେଖି...ଭଜନଟିକୁ ସଜାଇଥିବା ସଂଗୀତଜ୍ଞ ଅଧ୍ୟାପକ ପ୍ରଫୁଲ୍ଲ ମହାନ୍ତିଙ୍କ ସହ ବହୁ ଅନ୍ତରଙ୍ଗ ଭାବରେ ମିଶିଥିଲେ ବି ଏ ଗୀତ କି ଗାୟକଙ୍କ ବିଷୟରେ ତାଙ୍କ ଠାରୁ କିଛି ସଂଗ୍ରହ କରି ପାରିଲିନି । ଏ କାମ ବେଳକୁ ସେ ସ୍ୱର୍ଗବାସୀ । ବହୁ ଉଦ୍ୟମ କଲି ଲେଖକ ତପନ ପଟ୍ଟନାୟକଙ୍କ ଠାରୁ କିଛି ମତାମତ ଆଣି ଖଞ୍ଜି ଦେବି । ମାତ୍ର ବିଫଳ ହେଲି । ତପନ ଭାଇଙ୍କୁ ବି ମୁଁ ଏ ବିଷୟରେ ଅଧିକ କିଛି ପଚାରିଲିନି । ଖୁସିର କଥା ପରମ ପୂଜ୍ୟ ପ୍ରଖ୍ୟାତ କବି ହରିହର ମିଶ୍ରଙ୍କୁ ଅନୁରୋଧ କରି ତାଙ୍କ ଠାରୁ କିଛି ସ୍ମୃତି ବହିଟିରେ ସାଇତି ପାରିଲି । ପ୍ରଫୁଲ୍ଲ ମହାନ୍ତି, ତପନ ପଟ୍ଟନାୟକ ଓ ହରିହର ମିଶ୍ରଙ୍କୁ ବାଦ୍ ଦେଇ ନବକିଶୋର ମିଶ୍ରଙ୍କ ବିଷୟରେ କେମିତି କହିଥାନ୍ତି ? ସେଥିଲାଗି ଯେତିକି ଭାବିଛି ସେ ସମୟର ନୟାଗଡ଼ ସଂଗୀତ ପରମ୍ପରା ଖଞ୍ଜି ଦେବାକୁ ବି ସେତିକି ଚେଷ୍ଟା କରିଛି ।

ସବୁଠୁ ବେଶି ଚେଷ୍ଟା ଥିଲା, କେମିତି କୋଉ ଶୈଳୀରେ ତାଙ୍କ ଜୀବନୀକୁ ଉପସ୍ଥାପିତ କରିବି । ଯାହାକୁ ଜଣେ ପଢ଼ି ବସିଲେ ଗୋଟେ ଗପ ପରି ଲାଗୁଥିବ । ଦୂର ଅଦୂରରୁ ଗୀତଟିଏ ଶୁଭୁଥିବ । ପାଠକଙ୍କ ପ୍ରୀତି ହେତୁ ଭାବୁଛି ମୋର ଏ ପ୍ରୟାସ ବୃଥା ଯାଇନି । କାରଣ କିଛି ଲେଖିବା ପୂର୍ବରୁ ନିଜେ ଜଣେ ପାଠକ ହୋଇ ଭାବେ । ଲେଖି ସାରିଲା ପରେ ପାଠକ ହୋଇପଡ଼େ । ଲେଖିଲା ବେଳେ କଣ ଜଣେ ଲେଖକ ହୋଇ ଲେଖେ କି ? କେଜାଣି ସବୁବେଳେ ମୋତେ ଏମିତିଗୁଡ଼େ ପ୍ରଶ୍ନ ଛନ୍ଦନ୍ତି ।

ବନ୍ଧୁ କବି ପବିତ୍ର ମୋହନ ଦାଶ ଏ ବହିଟିକୁ ଚାହିଁ ପଚାରିଲେ, ତମେ ଏ ଗୀତ ତାଙ୍କ ଠାରୁ ଶୁଣିଛ, ରାଧା ଦାମୋଦର ଜପ କରନ୍ତି କେବେ... ଚଉରା ମୂଳକୁ ସାଜନ୍ତି କେବେ....ହବିଷ ଅର୍ଘ୍ୟକୁ ସାରୁ ଓଉ ଡାଲି କଦଳୀପତ୍ରରେ ଭୁଞ୍ଜନ୍ତି କେବେ... ଶୁଣିଛ ଏ ଗୀତ, କିଏ ଯୋଗୀ ଭିକାରି... କିଏ କୋଠା ଅମାରି... କିଏ ପ୍ରଭୁ ପଥଚାରୀ ଅଛ ଶୁଣ ହେ....

ଜଣେ ଶ୍ରୋତାଙ୍କ ଆଗ୍ରହକୁ ମୁଁ ଅନୁଭବ କରି ପାରୁଥିଲି । ଏମିତି ଗୁଡ଼େ ଗୀତ...କାଳୁପଡ଼ା ଗାଡ଼ି ଚାଲେ ଢକ...ଢକ...ଆଦିକୁ ନେଇ ଯେଉଁ କାମ ସବୁ ଆଉ କେବେକୁ ଅଛି ସେଥିରେ ନିଷ୍ଠେ ଯୋଡ଼ିବାକୁ ଚାହିଁବି ଶୁଭଚିନ୍ତକଙ୍କ ପରାମର୍ଶ । ଆଶା, କୁଣ୍ଠା କରିବେନି ।

ଗୋଟେ ଭଲ ବହି ଭାବରେ ଏ ବହିଟି ଆଣି କିଛି କହିବାର ସୁଯୋଗ ଦେଇଥିବାରୁ ଗାଳ୍ପିକ ହିରଣ୍ମୟୀ ମିଶ୍ର ଓ 'ରେବତୀ'କୁ ମୋର ପ୍ରେମ ଓ ପ୍ରଣାମ ।

ଶ୍ରୀବିହାର, ଖୋର୍ଦ୍ଧା-୭୫୨୦୫୬
ଫୋନ : ୯୪୩୮୦୧୨୨୮୬

ଭଲ ଗୀତ ବୋଲୁଛି । କିନ୍ତୁ ସଂଗୀତକୁ ସେ କାହିଁକି କ୍ୟାରିଅର୍ କରିବ ?"

ନିଜ ଜନ୍ମମାଟିକୁ ନିବିଡ଼ ଭାବରେ ଭଲପାଇଥିବା, ସଂଗୀତର ମାଧୁର୍ଯ୍ୟ ପାଖରେ ଆଜୀବନ ବଂଧା ପଡ଼ିଥିବା ନବକିଶୋର ଶିଶୁସୁଲଭ ନିରୀହତାରେ ପୁଣି ସ୍ୱୀକାର କରନ୍ତି ଯେ, ସେ ଥୟ ହେଇ ରହି ପାରୁନଥିବା ଅଥୟ ମଣିଷ । ସର୍ଜନଶୀଳ ମଣିଷଟି ଚିରକାଳ ଅସ୍ଥିର । ତେଣୁ ସେ ଥୟରେ ବସି ପାରନ୍ତିନି ବେଶି ସମୟ । ଚକମକିଆ ବେଶପୋଷାକ ବା ସୁଟ୍, ଟାଇ ପିନ୍ଧି ସେ ଗୀତ ଗାଇ ପାରନ୍ତିନି । ସେ ଜାଣନ୍ତି ଯେ ଗାୟକର ଭୂଷଣ ତା'ର ଗୀତ, ବାହ୍ୟ ବେଶଭୂଷା ନୁହେଁ ।


ଏମିତିଆ ମଣିଷ ଜଣେ ଗାୟକ ଶ୍ରୀ ନବକିଶୋର ମିଶ୍ର । ବହିର ଶେଷଧାଡ଼ିଟି କଥା ଟିକିଏ କହିଦେଇ ପାଠକମାନଙ୍କ ବିଚାରକୁ ଛାଡ଼ି ଦେବି ମୋର ଏ ଆଲେଖ୍ୟ । ସମାଲୋଚନା ନୁହେଁ, ସମୀକ୍ଷା ନୁହେଁ, ଜଣେ ସାଧାରଣ ପାଠକ ଭାବେ ବି ଯେ କେହି ଅଟକି ଯିବ ଏଇ ଶେଷ ଧାଡ଼ି ପାଖରେ ।

"ମୋର ପ୍ରିୟ, ମୋର ଲୋଭ ସବୁ କେବଳ ଗୋଟିଏ ଉପରେ, ମୂର୍ଚ୍ଛନାଭରା କଣ୍ଠରେ ଗୀତଟିଏ ଗାଇଦେବା ।"

ଅଛନ୍ତିକି ଏମିତି ଆଉ ଜଣେ କେହି ? କେତେ କେତେ ସମ୍ଭାବ୍ୟ ପ୍ରିୟ ଚିଜ ଭିତରୁ ଏମିତି କଥାଟିଏ କହି ଏହି ସଂଗୀତ ତପସ୍ୱୀ ଆୟୁଷ୍ମାନ କରିଦେଇଛନ୍ତି ତପନ ମହାପାତ୍ରଙ୍କର ଏଇ ବହିଟିକୁ । ଜଣେ ନିହାତି ଆତ୍ମପ୍ରଚାର ବିମୁଖ, ଆପଣାର ବିଶ୍ୱାସ ଓ ଢଙ୍ଗରେ ଜୀବନ ବଂଚୁଥିବା ନିରଳସ ସଂଗୀତ ସାଧକଙ୍କୁ ସାହିତ୍ୟର ପାଠକମାନଙ୍କ ସାମ୍ନାକୁ ଆଣିବାରେ ଗାଳ୍ପିକଙ୍କର ନିଷ୍ପାପର ପ୍ରୟାସ ବହିଟିକୁ ଖୁବ୍ ଜୀବନ୍ମୟ କରିଦେଇଛି । କିନ୍ତୁ ପଢ଼ି ସାରିବାର ଅନେକ ଦିନ ପରେ ବି, ଏଇ ଶେଷଧାଡ଼ି ପାଖରେ ଅଟକିଯିବ ଦରଦୀ ପାଠକ, ଏମିତିକି ନିଷ୍ଠୁରତମ ପାଠକର ଆଖିରୁ ବି ଝରି ଯାଇପାରେ ଦି' ବୁନ୍ଦା ଲୁହ । ଗାଳ୍ପିକଟିର ସ୍ୱପ୍ନ ତ ସେତିକି !



# ସ୍ମୃତିରେ ସଜଡ଼ା
# ଶିରାପୁ



# ମୋ ଗାଁ ଶିରାପୁର


**ପ୍ରଶାନ୍ତ ଦାସ**

ବାଗବୃନ୍ଦାବନ, ବାଲେଶ୍ୱର-୧

ଫୋନ : ୯୮୫୩୧୫୫୬୦୧


ଫଟୋ ସୌଜନ୍ୟ : ଲେଖକ



ଲେଖକଙ୍କ ପୈତୃକ ଘର



ଧାଉଁଥିବା ସମୟକୁ ଅଟକାଇ ହୁଏନି । ତା ଧାଇଁବା ବାଟରେ ବଦଳି ଯାଏ ସବୁକିଛି । ବଦଳିବା ଋତୁ ଭଳି ଏବେ ବଦଳି ଯାଇଛି ନିଜ ଜୀବନର ଚିତ୍ର । କିନ୍ତୁ ଅପାଶୋରା ରହିଯାଇଛି ଅତୀତ ଓ ନିଜ ଭିତରେ ପାଲଟି ଯାଇଛି ମଧୁଝରା ସ୍ମୃତି । ମନେପଡୁଛି ଶୈଶବ, ମୋ ମା' ଓ ମୋ ଗାଁ । ଯେଉଁ ଗାଁର ଧୂଳିମାଟିର ପଣତରେ ମୁହଁ ପୋଛି ପୋଛି ମୋର ଶୈଶବ ହଜିଯାଇଛି ଓ ସମୟର ସ୍ରୋତରେ ଗାଁ ବି ବଦଳି ଯାଇଛି । ଏବେ ବି ସେହି ଜନ୍ମମାଟି ମୋର ଗାଁ ମୋ ପାଇଁ ସ୍ପନ୍ଦନ, ଶିହରଣ, ଆବେଗ ଓ ଉଚ୍ଛ୍ୱାସ । କବିବର ରାଧାନାଥ ରାୟଙ୍କ ଜନ୍ମମାଟି ସୋର କେଦାରପୁର ଓ ମୋ ଗାଁ ମୋ ଜନ୍ମମାଟି ସୋର **ଶିରାପୁର** । ମୋ ଗାଁରୁ ଚାହିଁଲେ କବିବରଙ୍କ ଗାଁ ଦିଶେ । ମଝିରେ ଖାଲି କିଛି ଲମ୍ବା ଧାନକ୍ଷେତର ବ୍ୟବଧାନ । ଗୋଟିଏ ଦୁଇଟି ଓସାରିଆ ହିଡ଼ ଦୁଇ ଗାଁକୁ ସଂଯୋଗ କରିଛି । ସେହି ଗାଁରେ ମୋର ଜନ୍ମ । ପ୍ରକୃତରେ ମୋ ଗାଁର ନାମ ଥିଲା ପଟଣେ ସିରାପୁର କିନ୍ତୁ ପରବର୍ତ୍ତୀ ସମୟରେ ଖାଲି ଶିରାପୁର ହୋଇ ରହିଯାଇଛି । ମନେପଡୁଛି ଶୈଶବର କଥାସବୁ । ଚାରି କିମ୍ବା ପାଞ୍ଚ ବର୍ଷ ବୟସରୁ ମୋ ଗାଁର ଚିତ୍ର ମୋ ଆଖି ଆଗରେ ନାଚିଯାଉଛି । ଆମର ଗୋଟିଏ ଛୋଟ ଚାଳଘର ଥିଲା । କାନକୁଲି କଣ୍ଟାଗଛରେ ଘରବାଡ଼ି ସବୁ ବାଡ଼ଘେରା ହୋଇଥିଲା । ଆଗରେ ବାଉଁଶ କୁଣିର ତିଆରି ତାଟିଟିଏ । ଗୁଂଗାଇ ବଳଦ ପାଇଁ ଗୁହାଳ ଘର । ଧାନକୁଟା ପାଇଁ ଢିଙ୍କିଶାଳ ଓ ଜାଳ ରଖିବା ପାଇଁ ଘଷିପଲା ଆମ ମାଟି ଘରଟିକୁ ଘେରି ରଖିଥିଲା । ସ୍ୱର୍ଗତଃ ପିତା ହରେକୃଷ୍ଣ ଦାସ ପୋଲିସ୍ ବିଭାଗର ଅଧିକାରୀ ଥିଲେ । ଥିଲେ ଖୁବ୍ କର୍ତ୍ତବ୍ୟପରାୟଣ । କହୁଥିଲେ, ପିଲାଛୁଆଙ୍କୁ ପାଖରେ ରଖିଲେ ଶୃଙ୍ଖଳାରେ ପୋଲିସ କର୍ତ୍ତବ୍ୟ ସମ୍ପାଦନ କରିହେବ ନାହିଁ । ତେଣୁ ସାନବେଳୁ ଆମେସବୁ ରହି ଯାଇଥିଲୁ ସେଦିନର ସେ ନିପଟ ମଫସଲ ଗାଁରେ । ମା' ମଥାରେ ଥିଲା ଆମମାନଙ୍କର ଲାଳନପାଳନ ଠୁ ଆରମ୍ଭ କରି ଜମିବାଡ଼ି ଓ ଘରର ସମସ୍ତ ଦାୟିତ୍ୱ । ସ୍ୱର୍ଗତଃ ମା' ହେମାଙ୍ଗିନୀ ଦାସଙ୍କ ତ୍ୟାଗ ଓ ଦୂରଦୃଷ୍ଟି ଆମକୁ ମଣିଷ ରୂପେ ଗଢ଼ି ତୋଳିବାରେ ସହାୟକ ହୋଇଥିଲା । ମା' ଥିଲେ ଆମ ଗାଁ ଜମିଦାର ବଂଶର ଝିଅ । ଯେଉଁ ବଂଶର ଗଂଗା, ଯମୁନା, ସରସ୍ୱତୀ ଭଳି ଜାହାଜ ସମୁଦ୍ରରେ ବଣିଜ ପାଇଁ ଭାସୁଥିଲେ ଆଉ ଥିଲା ହାତୀଶାଳ, ଘୋଡ଼ାଶାଳ ଓ ସିଂହଦ୍ୱାର, ସେସବୁର ମୁଁ ପ୍ରତ୍ୟକ୍ଷଦର୍ଶୀ । ବଳଦ ଗାଡ଼ିରେ ବସି ସେମାନେ ସୋରକୁ ଆଜକୁ ୩୫ବର୍ଷ ପୂର୍ବରୁ ପାଠ ପଢ଼ିବାକୁ ଆସୁଥିଲେ । ମୋର ବୁଢ଼ୀମା ସ୍ୱର୍ଗତା ସୁମତି ଦାସ ବୈଷ୍ଣବଧର୍ମ ଗ୍ରହଣ କରି ମାଳା ଗଡ଼ାନ୍ତି ଓ ବର୍ଷକୁ ଛଅ ମାସ ପୁରୀରେ କଟାନ୍ତି । ମୋର ଦୁଇ ଭଉଣୀ ସୁବାସିନୀ, ଉତ୍ତରା ଓ ବଡ଼ଭାଇ ସନ୍ତୋଷ ଦାସ ସହରରେ  ରହୁଥିଲେ । କେବଳ ମୋର ମଝିଆ ଭାଇ ପ୍ରଦୀପ୍ତ ଦାସ ମୋ ସହ ଗାଁରେ ରହୁଥିଲେ । ଆମ ଗାଁକୁ ସଡ଼କ ରାସ୍ତା ନଥାଏ । ନଈଁଯୁଡ଼ି ଓ କ୍ଷେତର ହିଡ଼ରେ ଆମର ଗମନାଗମନ । ଘରର ଫାଟକ ଡେଇଁ ପଡ଼ିଲେ ନଇଁଯୁଡ଼ି ଓ ନଇଁଯୁଡ଼ିରେ ବର୍ଷକୁ ପାଞ୍ଚରୁ ଛଅ ମାସ ପାଣିର ସ୍ରୋତ । ସେହି ପାଣି ସୁଅରେ ଚବର ଚବର ହୋଇ ଘରୁ ସବୁ ଆଡ଼କୁ ଯିବାକୁ ପଡ଼େ । ବର୍ଷାପାଣି ସୁଅ ଥିବା ବେଳେ ପ୍ରତ୍ୟହ ରାତିରେ ଗ୍ରାମବାସୀମାନେ ଘର ଆଗ ନଇଁଯୁଡ଼ିରୁ ମାଛ ଧରନ୍ତି । ସାନବେଳେ ମା, ବୁଢ଼ୀମା, ଭାଇ କାଖରେ କିମ୍ବା ଆମ ଘରର ମୂଲିଆ ହରିଦାଦାର କାନ୍ଧରେ ପ୍ରାୟ ମୁଁ ଯିବା ଆସିବା କରୁଥାଏ । ଗାଁର ଶେଷ ମୁଣ୍ଡରେ ଏକ ସ୍କୁଲ ଥାଏ, ଯାହା ଆମ ଘର ଠାରୁ ଏକ କିଲୋମିଟରରୁ ଅଧିକ ଦୂର ହେବ । ତେଣୁ ମୋ ବଡ଼ଭାଇ ସ୍କୁଲ୍ ଯାଏ ଓ ମୁଁ ସିଲଟ୍ ଖଡ଼ି ଧରି ବନାମାଷ୍ଟ୍ର ଚାଟଶାଳୀକୁ ଯାଏ । ବନାମାଷ୍ଟ୍ରଙ୍କ ଚାଟଶାଳୀ ଆମ ଗାଁର ଖୁବ୍ କମ ପିଲାଙ୍କର ଶିକ୍ଷା ମନ୍ଦିର ଥିଲା । ତାଳବରଡ଼ା ଆସନ ଓ ଗୋଟିଏ କନା ବସ୍ତାନୀରେ ଆମେ ବନାମାଷ୍ଟ୍ରଙ୍କ ଚାଟଶାଳୀକୁ ପାଠ ପଢ଼ିବାକୁ ଯାଉଥିଲୁ । ଧାଡ଼ି ଧାଡ଼ି ହୋଇ ବସି ଯାଉଥିଲୁ । ଅଧା ଠୁ ପଣକିଆ, ମିଶାଣ ଏକ ଏକ ଦୁଇ ଅନେକ ପାଠ ।  ବନାମାଷ୍ଟ୍ରେ ବେତ ଧରି ମଝିରେ ମଝିରେ ଦୁଇ ଦୁଇ ପାହାର କଅଁଳ ପିଠିରେ ପିଟି ଦେଉଥିଲେ ବି । ଗାଁର ଧୂଳିଦାଣ୍ଡ ସମସ୍ତଙ୍କର ଧାନଖଳା ଯେଉଁଟା କି ଆମମାନଙ୍କର ଖେଳପଡ଼ିଆ ଥାଏ । ଜଣେ ଦୁଇଜଣଙ୍କର ଦିସ୍ତାଘର ଥାଏ ଆଉ ସମସ୍ତଙ୍କର ଚାଳଘର । ପୋଖରୀ ପାଣି ଆଣି ପିଇବାକୁ ପଡୁଥାଏ । ଗାଁ ମୁଣ୍ଡରେ ଗ୍ରାମ ଦେବତୀ ବଉଳାଣୀ ଦେବୀଙ୍କ ମନ୍ଦିର । ମଝିରେ ହରିହାଟ ଘର । ବର୍ଷକୁ ଯେତେ ଜାନିଯାତରା ସେହି ହରିହାଟ ପଦାରେ ହୁଏ । ସାନବେଳେ ତାହା ଥିଲା ଆମର ଆନନ୍ଦର ମୁହୂର୍ତ୍ତ । ସବୁଠୁ କାହା ଘରର କିମ୍ବା ଗାଁର ବିପତ୍ତି ପାଇଁ ଗ୍ରାମଦେବୀଙ୍କ ପାଖରେ ମାଜଣା ହୁଏ । ଦାସି (କାଳିସୀ) ଆସି ବେତ ଧରି ପ୍ରତିକାର କଥା କୁହେ । ଶତପ୍ରତିଶତ ଗାଁଲୋକ ତାକୁ ବିଶ୍ୱାସ କରନ୍ତି । ଗାଆଁରେ ୯୦% ପ୍ରତିଶତ ଲୋକ ଗରିବ । ଘରେ ପ୍ରାୟ ଖାଇବାକୁ ନଥାଏ । ଦେହରେ ପିନ୍ଧିବାକୁ ଯଥେଷ୍ଟ ଲୁଗା ନଥାଏ । ମୋର ମନେଅଛି ମୋ ମା' ପ୍ରତିଦିନ ରାତିରେ ଅଧସେରେ ଚାଉଳ ଅଧିକ ନେଇ ଭାତ ରାନ୍ଧେ । କାରଣ ରାତିରେ ଭୋକରେ ଉପାସ



ଥିବା ଗାଁ ଲୋକ ସିଲଭର ବେଲା ଧରି ପଖାଳ ମାଗିବାକୁ ଆସନ୍ତି । ଧାନ କରଜ ନେଇ ମୂଳରେ ସୁଝି ଦିଅନ୍ତି । ଶୀତଦିନେ ପୁରୁଣା ପିନ୍ଧାଲୁଗା ପାଇଁ ମାଗିବାକୁ ଆସନ୍ତି । ଏତେ ଅଭାବ ଦୁଃଖ ସତ୍ତ୍ୱେ ଗାଁରେ ଆନନ୍ଦ ଥିଲା । ବାରମାସେ ତେର ପର୍ବ ପାଳନ ବେଳେ ପିଠା କ୍ଷୀରୀ– ମାଗିବା ପାଇଁ ଗରିବ ଲୋକଙ୍କର ଆମଘରେ ଭିଡ଼ ଥାଏ । ସବୁଦିନ ସଂଧ୍ୟାରେ ଗାଁ ହରିହାଟ ଘରେ କୀର୍ତ୍ତନ ହୁଏ । ଭାଗବତ ପଢ଼ା ଯାଏ । ସବୁ ବୟସର ଲୋକମାନେ ଏକାଠି ହୋଇ ଧର୍ମଚର୍ଚ୍ଚା କରନ୍ତି । ପିଲାମାନେ ଚୁଡ଼ା ଭୋଗ ଖାଇବା ପାଇଁ ଧାଡ଼ିବାନ୍ଧି ଠିଆ ହୋଇଥାନ୍ତି । ଗାଁର ଚାରିପାଖକୁ ଘେରି ରହିଥାଏ ଧାନକ୍ଷେତ । ଖୁବ୍ କମ୍ ଲୋକଙ୍କର ଥିଲା ଅଧିକ ଜମି । ସେଇମାନଙ୍କ ଜମିରେ ମୂଲ ଲାଗନ୍ତି ଗ୍ରାମବାସୀ । ବାଡ଼ିରେ ପନିପରିବା ଚାଷ ଓ କ୍ଷେତବର୍ଷା ଦିନେ କ୍ଷେତରୁ ମାଛ ଧରି ନିଜର ଗୁଜୁରାଣ ମେଣ୍ଟାନ୍ତି ଗାଁ ଲୋକ । ଆମ ଗାଁ ଶିରାପୁରର ଶେଷ ମୁଣ୍ଡରେ ପ୍ରତ୍ୟକ୍ଷ ଦେବୀ 'ଦାଣ୍ଡ ଖେଳାଇ'ଙ୍କ ମନ୍ଦିର । ଯେଉଁ ମନ୍ଦିର ଓ ଦେବୀଙ୍କ କଥା କବିବର ରାଧାନାଥ ତାଙ୍କ ରଚନାରେ ସ୍ଥାନିତ କରିଛନ୍ତି । ଜନଶ୍ରୁତି ମିଳେ, ସେହି ମନ୍ଦିରକୁ ଓ ଦେବୀଙ୍କ ଦର୍ଶନ ଓ ଆଶୀର୍ବାଦ ପାଇଁ କବିବର ରାଧାନାଥ ଅନେକ ବାର ଆସନ୍ତି । ଛଅଫୁଟର ଅଧିକ ଉଚ୍ଚର ଦେବୀ ବଡ଼ ପ୍ରତ୍ୟକ୍ଷ ଓ ଭକ୍ତଙ୍କର ଅଗାଧ ବିଶ୍ୱାସ । ପୂଜକମାନେ କହନ୍ତି ସେ କୀଚକେଶ୍ୱରୀଙ୍କ ଭଉଣୀ । ସେହି ଦେବୀଙ୍କ ଆଗରେ ଉଡ଼ାଯାତ୍ରା । ଦୋଳଯାତ୍ରାରେ ହଜାର ହଜାର ଲୋକଙ୍କ ସମାଗମ ହୁଏ । ପାଞ୍ଚଶହରୁ ଅଧିକ ବର୍ଷ ତଳର ସେହି ଦେବୀ ମନ୍ଦିର । ମୋ ମା'ଙ୍କ ବଂଶଧର ଜମିଦାର ଦୁର୍ଲଭାନନ୍ଦ ମହାପାତ୍ର ସେହି ମନ୍ଦିର ଦେବୀଙ୍କ ପ୍ରତ୍ୟକ୍ଷଦର୍ଶନ ପାଇଁ ତିଆରି କରିଥିଲେ ବୋଲି କଥା ରହିଛି ଓ ସେହି ମନ୍ଦିରକୁ ନେଇ ଡଃ ମନ୍ମଥ ପ୍ରଧାନ ବହୁ ସ୍ତମ୍ଭ ଲେଖିଛନ୍ତି । ସୌଭାଗ୍ୟକୁ ମୋ ପତ୍ନୀ ବି ସେହି ଜମିଦାର ପରିବାରର ବଂଶଧର । ଆମ ଗାଁର ମୂଳାପଦା ନାମରେ ଏକ ବିରାଟ ଖେଳପଡ଼ିଆ ଅଛି ଯେଉଁଠି ମୋର ଶୈଶବରୁ ଏଯାବତ୍ ଏକ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ହୋଇ ଆସୁଛି । ସେହି ପଡ଼ିଆରେ ଫୁଟ୍‌ବଲ୍ ଖେଳି ଖେଳି ମୋ ଶୈଶବ ବିତିଛି ।

ମୋ ବୟସ ପ୍ରାୟ ସାତବର୍ଷ ହେବା ବେଳକୁ ସେଇ ନଇଁଯୁଡ଼ିର ଛାତି ଉପରେ ମାଟି ସଡ଼କଟିଏ ହେଲା । ବର୍ଷାଦିନେ ଅନେକ କାଦୁଅ । ସେହି କାଦୁଅରେ ଯିବା ଆସିବା । ଗାଁ କ୍ଷେତର ଶେଷ ମୁଣ୍ଡରେ କାଂଶବାଂଶ ନଦୀ । ନଦୀରେ ମାଛ ଧରିବାର ନିଶା ନିଆରା । ବର୍ଷକୁ ଥରେ ଦୁଇଥର ବନ୍ୟା ଆସେ । ବନ୍ୟାଜଳ କିନ୍ତୁ ଗାଁ ଛୁଏଁନା । କ୍ଷେତକୁ ପ୍ଲାବିତ କରି ଫେରିଯାଏ । ଗାଁର ଗୋରୁଗାଈ ଚରିବା ପାଇଁ ଏକ ଗାଈଦାଣ୍ଡି ଅଛି । ସବୁ ଗାଁଲୋକ କ୍ଷେତକୁ ସେହି ରାସ୍ତା ଦେଇ ଯିବା ଆସିବା କରନ୍ତି । ବର୍ଷାଦିନ ଚାଲିଗଲା ପରେ ଗାଈଦାଣ୍ଡିରୁ ପ୍ରଚୁର ମାଛ ଧରାଯାଏ । ଶୈଶବରେ ସାଙ୍ଗସାଥି ମେଳରେ ଖେଳ, ବାଗୁଡ଼ି, ଗଛ ବାଗୁଡ଼ି, ଗୁଟି ଡାବୁଲ, ଆଳି, ଲୁଚାଲୁଚି, ବୋହୂଚୋରି, କନାଗୁଡ଼ା ବଲ୍ ଖେଳ ଏବେ ବି ସ୍ମୃତିପଟରେ ଛବି ହୋଇ ରହିଛି ।





ଅବସର ପରେ ବାପା ଆସି ଗାଁରେ ରହିଲେ । ସବୁବେଳେ କହୁଥିଲେ ଆମ ଗାଁର ଚାଟଶାଳୀ ବ୍ୟତୀତ କେବେ ପ୍ରାଥମିକ ସ୍କୁଲ୍‌ଟିଏ ହେବ । ବାପାଙ୍କ ମୃତ୍ୟୁ ପରେ ତାଙ୍କ ଇଚ୍ଛାପୂର୍ଣ୍ଣ ହେଲା । ମୋ ମା' ଜମି ଦାନ କରି ଏକ ପ୍ରାଥମିକ ସ୍କୁଲ୍ ପ୍ରତିଷ୍ଠା କରିବାରେ ସହଯୋଗ କଲେ । ସବୁଜିମା ଭରା ମୋର ଶୈଶବର ଗାଁ ଏବେ ତାର ରଂଗ ଚିତ୍ର ବଦଳାଇବାରେ ଲାଗିଛି । ଆମ୍ବତୋଟାରେ ଆଉ ଆମ୍ବଗଛ ନାହିଁ । ତାଳବାଡ଼ି ଫାଙ୍କା । ବିଲ ମଝିରେ ପରିବା ବାଡ଼ି ଜଗିବା ପାଇଁ ମିଛଭୂତ ଏବେ କାହାଣୀ । ବାଡ଼ଗଛରୁ ବାଦୁଡ଼ି ପିଜୁଳି ଖାଇବାକୁ ରାତିରେ ବନ୍ଦ କରିବା ପାଇଁ ଗଛରେ ଟିଣବନ୍ଧା ଓ ସାମଗ୍ରିକ ଭାବେ ଗାଁରେ ଥିବା ପୋଖରୀ ଗଡ଼ିଆମାନଙ୍କରୁ ମାଛଧରା, ଏବେ ଖାଲି ସ୍ମୃତି । ସେହି ମାଟି ଅଛି । କିନ୍ତୁ ବଦଳି ଯାଇଛି ପରିବେଶ ଓ ପରିସ୍ଥିତି । ଗାଁର ଚଳଣି । ମାଟିଘର ଓ ଉଚ୍ଚାପିଣ୍ଡା ଏବେ ଗାଁରେ ସ୍ୱପ୍ନ । ଯେଉଁଠି ନଈଁଯୋଡ଼ିର ପାଣି ଚାଲିଥିଲା ଆମ କଅଁଳ ପାଦ ସବୁ ପାଣି କାଦୁଅରେ ଚବଚବ ହେଉଥିଲା, ଏବେ ସେଠି ପକ୍କା ରାସ୍ତା । ସଂଜ ଆସିଲେ ଘରେ ଘରେ ଜଳି ଉଠୁଥିଲା ପିମ୍ପା, ଚିମିନି ଓ ଲଣ୍ଠନ । ମିଂଜି ମିଂଜି ଲାଲି ରଂଗର ଆଲୁଅରେ ଆମେ ପଢୁଥିଲୁ ପାଠ । ମା' ରାନ୍ଧୁଥିଲା ଭାତ । ବୁଢ଼ୀମା' ଗୁହାଳଘରେ ଗୋରୁଙ୍କୁ ଖାଇବା ପାଇଁ ଦେଉଥିଲା କୁଟା । କାଁ ଭାଁ ଅଂଧାରୁଆ ଗାଁ ସଡ଼କରେ ଲଣ୍ଠନ ଧରି ଚାଲୁଥିଲେ ବାଟୋଇ । ସାପ ଡରରେ ମାରୁଥିଲେ ଜୋର୍ ଜୋର୍‌ରେ ତାଳି । ଗାଉଥିଲେ ଗୀତ । ଏବେ କିନ୍ତୁ ତାହା ନାହିଁ । ବିଜୁଳି ଆଲୁଅରେ ଝଲସି ଉଠୁଛି ଗାଁ ଦାଣ୍ଡ, ରାସ୍ତା, ଘର ଅଗଣା । ଦାଣ୍ଡ ପିଣ୍ଡାରୁ କାଁ ଭାଁ ଅନ୍ଧାରରେ ଭାସି ଆସୁଥିବା ମର୍‌ଫି ରେଡ଼ିଓରୁ ବିବିଧ ଭାରତୀ ଗୀତ ବଦଳରେ ଏବେ ଘରେ ଘରେ ଟିଭିରୁ ହିନ୍ଦୀ ଗୀତ, ସିରିଏଲ୍‌ର ସଂଳାପ ଶୁଭେ । ଲୋକଙ୍କର ଚାଲିଚଳଣର ଅଭୂତପୂର୍ବ ପରିବର୍ତ୍ତନ । ଗେଞ୍ଜି ପିନ୍ଧିବାକୁ ପାଉନଥିବା କଳା ମଚମଚ ଦେହ ଆଉ ଦେଖିବାକୁ ମିଳୁନି । ଏବେ ସମସ୍ତଙ୍କ ଦେହରେ ଦାମୀ ପୋଷାକ । ଭୋକରେ କେହି ଆଉଟୁ ପାଉଟୁ ହେଉ ନାହିଁ । ସମସ୍ତଙ୍କ ଘରେ ପେଟପୁରା ରୁଚିକର ଖାଦ୍ୟ । ସତରେ ଦୁଃଖ-ଅଭାବ-ଅନାଟନ କଣ ଭୁଲି ଗଲେଣି ବର୍ତ୍ତମାନର ଗାଁଲୋକ । ଅର୍ଥନୈତିକ ବିକାଶଧାରାରେ ଗାଁ ବି ହୋଇଛି ସାମିଲ । ସମସ୍ତେ ଭଲ ଓ ସୁଖରେ ବସବାସ କରୁଛନ୍ତି । ପାଠ ପଢ଼ି ବଡ଼ମଣିଷ ହେବାର ସ୍ୱପ୍ନ ଦେଖୁଛନ୍ତି ।




ଆମ ଶିରାପୁର ଗାଁର ଆମ ପରିବାରଟି ହିଁ ବିଶେଷ ପାଠୁଆ ପରିବାର ଥିଲା । ମୋ ବଡ଼ଭାଇ ସନ୍ତୋଷ ଦାସ ସେ ଗାଁର ପ୍ରଥମ ଗ୍ରାଜୁଏଟ୍ ଆଉ ମୁଁ ପ୍ରଥମ ଏମ.ଏ. । ଏବେ କିନ୍ତୁ ସବୁଠି ଶିକ୍ଷାମୟ ପରିବେଶ । ଆମ ଗାଁରୁ ଯୁବକମାନେ ବିଦେଶ ଯାଇ ଅଧିକ ଅର୍ଥ ଉପାର୍ଜନ କରୁଛନ୍ତି । ମାଟିଘର ବଦଳରେ ସମସ୍ତଙ୍କ ପ୍ରାୟ ପକ୍କାଘର । ଯେଉଁ ଗାଁରେ କାଁ ଭାଁ କିଛି ଲୋକଙ୍କ ପାଖରେ ସାଇକେଲ୍ ଥିଲା, ଏବେ ଘରେ ଘରେ ମୋଟର ସାଇକେଲ୍, କାର୍ ବି କମ୍ ନାହିଁ । ଯେଉଁ ଗାଁକୁ ରିକ୍ସାଟିଏ ଆସି ପାରୁ ନଥିଲା, ସେଇ ଗାଁ ରାସ୍ତାରେ ଏବେ ସହର ଭଳି ଗାଡ଼ିମଟର ଯାତାୟତ । ସବୁ ବିକାଶ ଓ ପ୍ରଗତି ସହ ବଡ଼ ଦୁଃଖର କଥା ଧିରେ ଧିରେ ବଦଳି ଯାଉଛି ଗ୍ରାମ୍ୟ ପରିବେଶ । ଆଭିଜାତ୍ୟ, ଆଡ଼ମ୍ବର ଓ ଅହଂକାରର ଜୟଯାତ୍ରା ଭିତରେ ମରିଯିବାକୁ ଯାଉଛି ଗ୍ରାମ୍ୟ ଆତ୍ମୀୟତାର ଆନନ୍ଦ, ସରଳପଣ । ସଂକୀର୍ଣ୍ଣ ରାଜନୈତିକ ଦଳଭିତ୍ତିକ ଚିନ୍ତାଧାରା ଗାଁର ଆତ୍ମାକୁ ନଷ୍ଟ କରି ଦେଲାଣି ।

ବେଳେବେଳେ ଆଖି ଆଗରେ ଭାସୁଥିବା ମୋ ଶୈଶବର ଗାଁ ଓ ଏବେର ଗାଁ ଭିତରେ ଅନେକ ବ୍ୟବଧାନ । ଗାଁର ଲୋକକଥା, ଲୋକଗୀତ ଓ ଲୋକ ସଂସ୍କୃତି ଓ ପରମ୍ପରା ପାଳନ ଆଧୁନିକ ଢଙ୍ଗରେ ହେବା ଯୋଗୁଁ ରଜଦୋଳି, ହୋଲିପର୍ବ, ଗାଁ ଯାତରା ମୌଳିକତା ହରାଇବାରେ ଲାଗଛି । ଏବେ ବି ମୋ ଗାଁ ଛାତିରେ ଲେଖା ମୋ ନାଁ : ଘର ଦାଣ୍ଡଧୂଳିରେ ମୋ ମା'ର ସ୍ପର୍ଶ ଓ ଦାଣ୍ଡପିଣ୍ଡାରେ ବୁଢ଼ୀମା'ର ମାଳା ଗଡ଼ାଇବା ଭଜନ ମୋର ଜୀବନର ଗୀତା ।

କଥା-କାହାଣୀ

# ସ୍ୱର୍ଣ୍ଣଚୂଡ଼



## ସ୍ମୃତି ଦାସ

ମାଣିଖମ୍ବ, ବାଲେଶ୍ୱର-୭୫୬୦୦୩
ଫୋନ : ୮୪୫୭୯୩୪୭୭୨




ସେ ଦେଖୁଥିଲା ମହାସାଗରକୁ, ଦୂରରୁ ଦୂରରୁ ବହୁ ଦୂରରୁ ଥାଇଣ ମଥାନ ଟେକି । ସେ ଥିଲା ରତ୍ନଗର୍ଭା । ଆଖି ପାଉ ନଥିଲା ତା ଗର୍ଭକୁ ନିରୀକ୍ଷଣ କରିବାକୁ । ତଥାପି ସେ ଦେଖୁଥିଲା ତା ବେଗକୁ । ଯେତେବେଳେ ସେ ତା' ବେଗରେ ଆବେଗ ଭରୁଥିଲା, ସେ ଉତ୍‌ଫୁଲ୍ଲିତ ହୋଇ ଉଠୁଥିଲା ଦୂରପାହାଡ଼କୁ ଛୁଇଁବାକୁ । ଛୁଇଁପାରୁ ନଥିଲା । ଭଟ୍ଟା ହୋଇ ଫେରି ଯାଉଥିଲା । ଏମିତି ବାରମ୍ବାର ବିଫଳ ହୋଇ ସେ ସଫଳତାକୁ ଛୁଇଁବାକୁ ଚେଷ୍ଟା କରୁଥିଲା । ହେଲେ ତା' ଆବେଗ ଓ ଭାବାବେଗ କେତେ ପ୍ରଚଣ୍ଡ ଥିଲା ତାହା ତା ପ୍ରନିୟାରୁ ଜଣାପଡୁଥିଲା ରୂପରଂଗରେ ବି ସେ ଝଲସି ଉଠୁଥିଲା । ଚଞ୍ଚଳ ଥିଲା ସେ । ତଡ଼ିତ୍ ବେଗରେ ସେ କହୁଥିଲା କଥା ଓ କାହାଣୀ । ତା' ଛଳରେ ପାହାଡ଼କୁ ଛୁଇଁବାର ଇଚ୍ଛା ମଧ୍ୟ ଉଙ୍କି ମାରୁଥିଲା । ପୁଣି ଫେରି ଯାଉଥିଲା ତା' ନିଜ ସୀମାରେଖାକୁ ତା ସୀମାର ଆବଦ୍ଧତାକୁ । ମଝି ଦରିଆର ମଧ୍ୟ ସ୍ଥଳରେ ତା ସ୍ଥିତି ମଧ୍ୟରେ ବେଳେବେଳେ ସ ଧ୍ୟାନମଗ୍ନ ହେଉଥିଲା । ପୁଣି ଏକ ନୂତନ ଶକ୍ତିର ଉତ୍ସ ନେଇ ସେ ପିଟୁଥିଲା ତା ମଥାନବେଳା ଭୂଇଁ ଉପରେ । ଝାଉଁବଣ ଦୋହଲି ଉଠୁଥିଲା, ଶଙ୍ଖ ଶାମୁକାର ଭେରୀ ବାଜି ଉଠୁଥିଲା । ତଟକୂଳ ଲୋହିତବର୍ଣ୍ଣା ହୋଇ ଉଠୁଥିଲା ଏକ ନୂତନ ସମ୍ଭାବନାକୁ ନେଇ । ସେଥିରେ ଥିଲା ଜୀବନୀ ଶକ୍ତି, ଜୀବକୋଷର ଗୋଷ୍ଠୀ ସମୂହ, ଗୋଷ୍ଠୀ ବଦ୍ଧତାରେ ବିଶ୍ୱାସୀ । ଏମାନେ ସମସ୍ତେ ଜୀବନ ଥିଲେ ।

ଏ ବିବିଧତା ଭରା ଜୀବନରେ ବେଳେବେଳେ ସାଗର ପାନ କରୁଥିଲା, ଅଭିମାନ କରୁଥିଲା । ତେଣୁ ସେ ନୀରବି ଯାଉଥିଲା, ଭଟ୍ଟା ପଡୁଥିଲା । ଯେତେବେଳେ ନିର୍ଜନ ସୈକତର ବେଳାଭୂମି ପରେ ବିରହ ବିଧୂରା ରାଗିଣୀ ବାଜୁଥିଲା, ସେତେବେଳେ କିଏ ଯେମିତି କହି ଦେଉଥିଲା କାନେ କାନେ ଚୁପି ଚୁପି 'ଆକାଶ କଇଁଆ ଚିଲିକା ମାଛ' । ହଠାତ୍ ସମୁଦ୍ର ଯେମିତି ବିଦ୍ରୋହ କରୁଥିଲା, ବିଳପି ଉଠୁଥିଲା ଏବଂ ଜୀବନତରୀକୁ ବୁଡ଼ାଇ ଦେବାର ପ୍ରୟାସ କରୁଥଲା ।

ସମୁଦ୍ର ଅଶାନ୍ତ ହେଉଥିଲା । ତାକୁ ଶାନ୍ତ କରିବ କିଏ ? ନହେଲେ ଖଣ୍ଡ ପ୍ରଳୟ ହେବ । ଘୂର୍ଣ୍ଣିବାତ୍ୟା ସୃଷ୍ଟିହବ । ଧନଜୀବନ କ୍ଷତିଗ୍ରସ୍ତ ହେବ । ଘମାଘୋଟ ବର୍ଷା ଲଗାତର ଲଘୁଚାପର ବର୍ଷା ଚାରିଦିନ ଧରି । ସେ ବର୍ଷୁଥିଲା । ସମ୍ଭବତଃ ଏହି ମେଘ ସମୁଦ୍ରଦୂତ ସାଜି ସେ ଛୁଉଁଥିଲା ପାହାଡ଼କୁ ଏବଂ ବୁଣୁଥିଲା କାମନାର ନିଆଁ । ସେ ପାହାଡ଼ର ଅଙ୍ଗରେ ନଥିଲା ସେ ନିଆଁ । ଥିଲା କିନ୍ତୁ ଏକ ଧୂଆଁର ଆଭାସ, ଧୂଆଁଳିଆ ଭାବ । ହେଲେ ତାର ଏ ଚିରାଚରିତ ଭାବ ମଧ୍ୟରେ ଦୂରଦେଶୁ ପାହାଡ଼ର ଆରପଟୁ ସଂଧ୍ୟାର ପ୍ରଦୀପ ଜଳେ ଯେତେବେଳେ, ସେତେବେଳେ ଆଶାର ପ୍ରଦୀପ ସାଜି ସାଗର ତା ବିବିଧତାର ତୂଳୀରେ ରଂଗରୂପ ଆଙ୍କେ ବାଦଲ ଦେହେ । ଏବଂ କହେ: ନେଇ ଯାଆରେ ମେଘ ମୋ ସନ୍ଦେଶ ମୋ ପ୍ରିୟା ପାଶେ । ବାଦଲ ଭାସିଯାଏ

### କାହାଣୀ ପଛର କାହାଣୀ

ଏ କାହାଣୀ ପଛର କାହାଣୀକୁ ଆଜି ଯଦି ଆମେ ଅନୁଧ୍ୟାନ କରିବା ତେବେ ଏହା ପଛରେ ଏକ ସଚେତନତାର କଥା ସାମ୍ନାକୁ ଆସେ । ସେକଥା ନୀଳଗିରି ଉପଖଣ୍ଡରେ ଥାଏ । ଯାହା ମୋ ଜନ୍ମସ୍ଥାନ । ମୁଁ ଯେତେବେଳେ ୟୁ.ପି.ସ୍କୁଲ୍‌ରେ ପଢୁଥିଲି ସେତେବେଳେ ପ୍ରାୟତଃ ଦେଖେ କିଛି ଆଦିବାସୀ ଯୁବକମାନେ ( ୨ ରୁ ୩ ହେବେ) ଧନୁଶର ଧରି ଆମ ଘର ସାମ୍ନାରେ ଆସି ପହଞ୍ଚି ଡାକ ପକାନ୍ତି । ଏହା ଶୁଣି ମା' ଦାଣ୍ଡ ଦୁଆର ମୁହଁକୁ ଯାଆନ୍ତି ଏବଂ ସେମାନେ ଯାହା କହନ୍ତି ତାହାକୁ ଶୁଣି ପୁଣି ମା' ବାବାଙ୍କୁ ଆସି କହନ୍ତି । ତୃତୀୟ ପର୍ଯ୍ୟାୟରେ ସେମାନେ ବାବାଙ୍କ ନିକଟକୁ ଆସନ୍ତି ଏବଂ ବାବା ସେମାନଙ୍କୁ କହନ୍ତି କି, ତୁମମାନଙ୍କ ଖାଇବା ମୁତାବକ ଗୁଣ୍ଡୁଚି ମୂଷା ଶିକାର କରିବ, ତା ଠୁଁ ଅଧିକ ଶିକାର କରିବ ନାହିଁ । କାରଣ ଏମିତି ତମେମାନେ ମାରିଖାଉ ଖାଉ ତାଙ୍କ ବଂଶ ଲୋପ ପାଇ ଯାଇଥିବ । ତାପରେ ସେମାନେ ବାବାଙ୍କ କଥାରେ ସହମତି ପ୍ରକାଶ କରି ବାଡ଼ିରେ ପଶି ଗୁଣ୍ଡୁଚି ମୂଷା ଶିକାର କରନ୍ତି । ପୁଣି କେବେ ଆଦିବାସୀ ସ୍ତ୍ରୀଲୋକମାନେ ଆସନ୍ତି ଆମ ଘରକୁ ଏବଂ କହନ୍ତି ତୋ ଗଡ଼ିଆରୁ ଗେଣ୍ଡା ନେବା । ବାବା ହଁ ମାରନ୍ତି ସେମାନଙ୍କୁ ସେହି ସମାନ ସର୍ତ୍ତ ରଖି । ଏହି ଘଟଣାମାନ ମୋ ପିଲାଦିନରୁ ହିଁ ମୋ ଚେତନାରେ ସଂଚିତ ହୋଇ ରହିଥାଏ । ବେଳେବେଳେ ତାହା ଉଙ୍କି ମାରେ ପ୍ରାବଲ୍ୟ ହୋଇ କିନ୍ତୁ ହୁଏତ ଉପଯୁକ୍ତ ସମୟ ଆସି ନଥିବାରୁ ତାହାର ପରିପ୍ରକାଶର ସୁଯୋଗ ମିଳିନଥିଲା । ସେତେବେଳେ ଯେଉଁ ପରିବେଶ ପ୍ରତି ସଚେତନତାର କଥା ତୃଣମୂଳ ସ୍ତରରେ ରହି ବାବା କରୁଥିଲେ, ତାହା ମୋ ଭିତରେ ଏକ ସଚେତନତାର ବୀଜ ବୁଣି ହୋଇ ରହିଥିଲା । ଆଜି ତାହା ଅଙ୍କୁରୋଦ୍‌ଗମ ହେବାରେ ଲାଗିଲା ଏବଂ ନୀଳଗିରି ପାହାଡ଼ର ଓ ସେ ଅଂଚଳର ଜଂଗଲର ଅବକ୍ଷୟ ରୂପ ଦେଖି କେମିତି ଏକ ଅପାରଗତାର ଗ୍ଲାନିବୋଧ ମନରେ ଆସେ, ତାହାକୁ ଦୂର କରିବାକୁ ଯାଇ ଏ କାହାଣୀର ସୃଷ୍ଟି ।

ସ୍ମୃତି ଦାସ

ନୀଳ ଗଗନର ତଳେ ତଳେ ପାହାଡ଼ର ପାଶେ । ପାହାଡ଼ର ମଥାନ ଛୁଇଁ ଯାଇ ବର୍ଷିଯାଏ । ପାହାଡ଼ର ଦେହମନ ଭିଜାଇ ଦିଏ ଅଦିନିଆ ଝର ଝର ବର୍ଷାରେ, ପାହାଡ଼ ଭିଜିଲେ ସେଠି ଭିଜିଯାଏ ରେଣୁ, ଅଣୁ । ସବୁଠି ସତେଜତା ଭରେ, ପ୍ରଫୁଲ୍ଲତା ଆସେ । ରଂଗରୂପ ବଦଳେ ଚିର ସବୁଜିମା ସାଜେ । ବଣ ମଲ୍ଲୀର ମହକ ଛୁଟେ । ଭୁରୁଭୁରୁ ମହକ ଭରା ପବନ ଭାସିଯାଏ ନୀଳଦରିଆର ଆରପାଶେ । ହେନା ହସେ ଯୁଇଯାଇ ଫୁଟେ । ଶାଳଫୁଲ ଆଖି ତରାଟେ, ପାହାଡ଼ ସୂର୍ଯ୍ୟଙ୍କ ସ୍ୱର୍ଣ୍ଣିମ ଆଭାରେ ଦେହ ପଖାଳେ, ଆଇନାରେ ମୁହଁ ଦେଖେ । ଶୃଙ୍ଗାର ରଚେ । ଗଭାରେ ମଲ୍ଲୀ ଖୋସେ । କପାଳରେ, ସିନ୍ଥିରେ ଗୁଞ୍ଜାକୁ ଗୁନ୍ଧିମନ୍ତ କରେ । ନାସିକାରେ ତିଳଫୁଲ ସଜାଏ । କର୍ଣ୍ଣରେ କୃଷ୍ଣଚୂଡ଼ାକୁ କୁଣ୍ଡଳୀ କରେ । ଆବକ୍ଷ ଲମ୍ବିତ ମାଳା ଗୁନ୍ଥେ ଧାତ୍ରୀକୁ ସାଉଁଟି, ରୁଦ୍ରାକ୍ଷକୁ ବାଜୁରେ ତାଇତକରେ, କୋଇଲି ସୂତାକୁ କଟୀବନ୍ଧରେ ଚନ୍ଦ୍ରାହାର କରେ, ଝୁମୁରୀପତ୍ରକୁ ପାଟବସ୍ତ୍ର କରେ । ଅଂଗେ ଅଂଗେ ରଂଗ ଭରେ ଗନ୍ଧା ହଳଦୀ ଲଗାଇ, ଭୁରୁଭୁରୁ ବାସି ଉଠେ । ଜୀବନ ହୋଇ ଉଠେ ଅପୂର୍ବ ମାଦକତା ଭରା, ଉନ୍ମାଦନା ଭରା, ପୁଲକ ଭରା ।

ଏଣେ ସାଗର ଅଥୟ ହେଉଥିଲା କୂଳ ଲଙ୍ଘୁଥିଲା, ଉତ୍ତାଳ ହେଉଥିଲା । ପାହାଡ଼କୁ ଆମନ୍ତ୍ରଣ କରୁଥିଲା ଏବଂ କହୁଥିଲା, "ଆଗୋ ପ୍ରିୟତମା, ନାହିଁ ତମ ଉପମା, ତୁମେ ଚିର ସବୁଜିମା ନବ ଯୌବନା ।" ସାଗର ଜାଣେ ତା ଗର୍ଭରେ ଅନ୍ୟକୁ ସମାଧିସ୍ଥ କରିବାର କଳାକୌଶଳକୁ । ସେ ତା କଳାରେ ଦ୍ୱାରିକା ବା ସମାଧିସ୍ଥ କରିପାରିଛି ଯେମିତି, ସେମିତି ଲକ୍ଷ୍ମୀନାରାୟଣଙ୍କୁ ଅନନ୍ତ ଶୟନରେ ଶାୟିତା କରିପାରିଛି ମଧ୍ୟ । ସାଗର ବାର୍ତ୍ତା ପଠାଉଥିଲା ମରୁତର ସୁଲଳିତ ତାନରେ । ପ୍ରତ୍ୟୁତ୍ତର ନିରୁତ୍ତର ତାର କଥା କହୁଥିଲା । ଏଥିରେ ଉତ୍ତେଜିତ ସାଗର ଫେନିଳ ଆଭା ହୋଇ କହୁଥିଲା ମୁଁ ଯେତିକି ପ୍ରଶସ୍ତ ସେତିକି ଗଭୀର । ମୁଁ ଯେତିକି ସଂଯତ ସେତିକି ଅସଂଯତ, ମୁଁ ଯେତିକି ଉଚ୍ଛନ୍ନ, ସେତିକି ପ୍ରତିପନ୍ନ, ମୁଁ ଯେତିକି ସମର୍ପିତ, ସେତିକି ଉହାଡ଼କ । ମୁଁ ଭାବକୁ ନିକଟ...ଇତ୍ୟାଦି ଇତ୍ୟାଦି । ଏତକ କହି ସାଗର ପ୍ରୀତି ଲଗାଇଲା, ରାଣ ପକାଇଲା, ଭବର ଡୋରି ବାନ୍ଧିଲା । ସାଗର ଦେଲା ପ୍ରୀତି ଉପହାର ଭାବର ଗହଣା ଦୂର ପାହାଡ଼କୁ । ଶାମୁକ ପିଠିରେ ମୁକ୍ତାରେ ଅକ୍ଷର ସଜାଡ଼ି ଶବ୍ଦମାନ ଲେଖି ଭାବ ପ୍ରକାଶିଲା । ପ୍ରବାଳର ମାଳା ସଜାଡ଼ିଲା ।

ଦିନକୁ ଦିନ ଭାବ ବିକଶିଲା, ଭାବର ଜୁଆର ଆସିଲା ଲହଡ଼ି ଭାଙ୍ଗିଲା । କେତେ ଆଳାପ କଲା, ବିଳାପ କଲା, ଏମିତି କେତେ ଭାବଭଙ୍ଗୀ ଦେଖାଇଲା । ସତରେ ସାଗର ଠାରେ ଏକ ନୈସର୍ଗିକ ଶକ୍ତି ଥାଏ ଯାହା ଫଳରେ ସମସ୍ତେ ଆକର୍ଷି ଯାଆନ୍ତି । ତା ଗଭୀରତାରେ ବୁଡ଼ ପକାଇବାରେ ଚେଷ୍ଟା କଲେ କିନ୍ତୁ ନିଜ ଅସ୍ତିତ୍ୱର ବିଲୋପ ଘଟିବାର ପୂର୍ଣ୍ଣମାତ୍ରାରେ ଆସ୍ଥା ଥାଏ । ତେଣୁ ତା ତଟକୂଳ ତା ଝାଉଁବଣ ନିରାପଦ ଓ ସୁରକ୍ଷିତ । ତଥାପି ତ ସାଗର ରତ୍ନଭଣ୍ଡାର, ରତ୍ନାକର । ତାକୁ ମନ୍ଥିଲେ ଅମୃତର ଭାଣ୍ଡ ମିଳେ ଦୁର୍ଲ୍ଲଭତା ପ୍ରାପ୍ତ ହୁଏ, ଦେବତ୍ୱ ପ୍ରାପ୍ତ ହୁଏ, ଅମରତ୍ୱ ଲବ୍ଧ ହୁଏ । ତେଣୁ ତେଣୁ ସାଗର ପରିପୂର୍ଣ୍ଣତାର ପରିଭାଷାରେ ଝୁମେ । ଅନ୍ଧାର ରାତ୍ରୀରେ ବି ସେ ଝିଲ୍‌ମିଲ୍ କରେ । ଅନେକ ଅଜଣା କଥାରେ ଠିକଣା ରଖେ । କିନ୍ତୁ ସେ ସର୍ବଦା ପକ୍ଷର ଆବକ୍ଷ ବନ୍ଧନରେ ସ୍ଥିର ଏବଂ ଅସ୍ଥିର ଚେତନାରେ ପରିମାର୍ଜିତ ଓ ପରିବର୍ଦ୍ଧିତ ହୋଇଥାଏ ।

**ସେହି ସୂତ୍ରାନୁଯାୟୀ ସମୟ ଚକ୍ରରେ ଋତୁ ବଦଳେ, ବର୍ଷା ଆସେ, ପ୍ରକୃତିର ରୂପରେଖ ବଦଳେ । ତା ସହିତ ଭାବର ଋତୁ ମଧ୍ୟ ବଦଳେ । ଗ୍ରୀଷ୍ମ ଆସେ ପ୍ରଚଣ୍ଡ ରୌଦ୍ରତାପ ନେଇ, ତୃଷ୍ଣା ମରୀଚିକା ହୋଇ ଏବଂ ଅଗ୍ନିର ସ୍ଫୁଲିଙ୍ଗ ହୋଇ । ସେହି ସ୍ଫୁଲିଙ୍ଗକୁ ସୂତ୍ର ରୂପେ ଧାରଣ କରେ- ସ୍ୱର୍ଣ୍ଣଚୂଡ଼ ।**

ସେହି ସୂତ୍ରାନୁଯାୟୀ ସମୟ ଚକ୍ରରେ ଋତୁ ବଦଳେ, ବର୍ଷା ଆସେ, ପ୍ରକୃତିର ରୂପରେଖ ବଦଳେ । ତା ସହିତ ଭାବର ଋତୁ ମଧ୍ୟ ବଦଳେ । ଗ୍ରୀଷ୍ମ ଆସେ ପ୍ରଚଣ୍ଡ ରୌଦ୍ରତାପ ନେଇ, ତୃଷ୍ଣା ମରୀଚିକା ହୋଇ ଏବଂ ଅଗ୍ନିର ସ୍ଫୁଲିଙ୍ଗ ହୋଇ । ସେହି ସ୍ଫୁଲିଙ୍ଗକୁ ସୂତ୍ର ରୂପେ ଧାରଣ କରେ- ସ୍ୱର୍ଣ୍ଣଚୂଡ଼ । ପ୍ରତ୍ୟେକଥର ଗ୍ରୀଷ୍ମର ଆଗମନରେ ସେ ସ୍ୱର୍ଣ୍ଣଚୂଡ଼ର ଆଭାକୁ ଓ ତାର ଗର୍ଭକୁ ଜଳାଏ । କ୍ରମଶଃ ତାହା ହୁତୁହୁତୁ ହୋଇ ମାଡ଼ିଚାଲେ ତା ଅଙ୍ଗ ପ୍ରତ୍ୟେଙ୍ଗକୁ ଦୂର ପାହାଡ଼ ସୁନ୍ଦର ଭଳି ଏ ଦୃଶ୍ୟ ଦୂରକୁ ଭାରି ମନୋରମ ଦୃଶ୍ୟ ପାଲଟି ଯାଏ । ହେଲେ ଏ ନିଆଁ ତା ସର୍ବାଙ୍ଗରେ କେତେ ଅମୂଲ୍ୟ ସମ୍ପଦକୁ ନଷ୍ଟ କରି ଦେଇଥାଏ । ଅସୀମ ଧୈର୍ଯ୍ୟର ସହ ସେ ଗ୍ରୀଷ୍ମକୁ ଯୁଝି ନିଜ ଗର୍ଭକୁ କେତେକାଂଶରେ ସୁରକ୍ଷିତ ରଖିପାରେ । ତଥାପି ଏ ସ୍ୱାର୍ଥାନ୍ୱେଷୀ ମଣିଷ ମାନେ ସ୍ୱାର୍ଥରେ ବଶୀଭୂତ ହାଇ ଅନ୍ୟ ଏକ ଜୀବନ ସ୍ୱର୍ଣ୍ଣଚୂଡ଼କୁ ଧ୍ୱସ୍ତବିଧ୍ୱସ୍ତ କରି ତା ସ୍ୱର୍ଣ୍ଣିମ ଆଭାକୁ ଧୂମ୍ରାଭମୟ କରିପକାନ୍ତି । ଏଥିରେ ସ୍ୱର୍ଣ୍ଣଚୂଡ଼ର ଜାନୁ ବିଦୀର୍ଣ୍ଣ ହୁଏ । ରକ୍ତ ଧାର ଧାର ହୋଇ ବୋହି ଚାଲେ, ଖଣ୍ଡବିଖଣ୍ଡିତ ଅଂଶମାନ ଛିଟିକି ପଡ଼ନ୍ତି ଏଣେତେଣେ । ତେଣୁ ସ୍ୱର୍ଣ୍ଣଚୂଡ଼ ଏ ପ୍ରକାରର ବାରମ୍ବାର ଆଘାତରେ ଏକ ଅବକ୍ଷୟତାର ଆକଳନ କରି ଭୟ ଓ ଆଶଙ୍କାରେ ଜୀବନ କାଟୁଥିଲା ବେଳେ ଏ ଅସଚେତନ ଜଗତବାସୀ ତାକୁ ବିକଳାଙ୍ଗ କରି ଏକ ଭିନ୍ନ ରୂପ ଦେଉଥିଲେ । ତଥାପି ଏକ ନବଜାଗରଣର ନବଉନ୍ମେଷ ପାଇଁ ସେ ଆଶା ଓ



ଆକାଂକ୍ଷା ନେଇ ଜୀବନ ଜିଉଁଥିଲା ଏକ ଅନ୍ଧାରି ମୂଳକରେ । ଏ ମୂଳକ ଆଲୋକିତ ହୁଏ ଯେତେବେଳେ ପ୍ରଭାତର ଆବାହନୀ ଶଙ୍ଖବାଜି ଉଠେ, କାକଳିର କୂଜନ ଶୁଭେ । ସ୍ୱର୍ଣ୍ଣଚୂଡ଼ର ସ୍ୱର୍ଣ୍ଣିମ ଆଭା ବାଳ ଅରୁଣିମାର ଆଭାରେ ସ୍ୱର୍ଣ୍ଣଦୀପ୍ତ ହୋଇଉଠେ; ସେତେବେଳେ ଅସରନ୍ତି ଆଶା ମାନ ନବପ୍ରଭାବରେ ଅସଂଖ୍ୟ ଆଲୋକ ରେଣୁ ହୋଇ ସର୍ବତଃ ବିଛୁଡ଼ି ପଡ଼ନ୍ତି । ଆଶା ଆକାଂକ୍ଷା ସୁଖଦୁଃଖ

ଭରା ଏ ଜୀବନରେ ସ୍ୱର୍ଣ୍ଣଚୂଡ଼ର ଏହା ନିତ୍ୟନୈମିତ୍ତିର କଥା ହୋଇ ଯାଇଥାଏ । ଏତେ ସତ୍ତ୍ୱେ ସେ କିନ୍ତୁ ଜଗତବାସୀଙ୍କୁ ତା ଠାରୁ ଅନ୍ତର କରେ ନାହିଁ । ଏ ଜଗତବାସୀଙ୍କୁ ସୁରକ୍ଷିତ ରଖିବା ପାଇଁ ନିଜ ହୃଦକନ୍ଦରରେ ସୁରକ୍ଷା କବଚକୁ ସୁରକ୍ଷିତ ରଖିଛି । ଏହା ସର୍ବଦା ତୀକ୍ଷ୍ଣ ନଜର ରଖେ ଶତ୍ରୁଙ୍କର ଯୋଜନାକୁ ପଣ୍ଡ କରିଦେବାକୁ । ସେ ତ ପ୍ରକୃତିଟିଏ, ପ୍ରକୃତ ସତ୍ତାର ଆକାରଟିଏ, ଶକ୍ତି ସ୍ୱରୂପିଣୀ ଜଗତ୍‌ଜନନୀ ସେ । ସେ କିନ୍ତୁ କ୍ଷତ ବିକ୍ଷତ ଆତ୍ମାଟିଏ । ସେ ବର୍ଣ୍ଣଚ୍ୟୁତ, ଧୂଳି ଧୂସରିତ ଦେହଟିଏ । ସେଥିପାଇଁ କଥାରେ ଅଛି– ପଙ୍ଗୁ ଲଙ୍ଘୟତେ ଗିରି । କିନ୍ତୁ ସାଗରକୁ କିଏ ଲଙ୍ଘିପାରେ ? ତା ମଧ୍ୟରେ ଏକ ମାନସିକ ଦ୍ୱନ୍ଦ୍ୱ ଉପୁଜେ । ସେଥିରୁ ଜନ୍ମ ନିଏ ଏକ ସନ୍ଦୀହାନ ମନ । ସେ ସନ୍ଦୀହାନ ମନ ସ୍ୱର୍ଣ୍ଣଚୂଡ଼ର ସ୍ୱର୍ଣ୍ଣିମ ଆଭା ମଧ୍ୟରେ ଆତଯାତ ହୁଏ । ସେ ଧ୍ୟାନମଗ୍ନ ହୁଏ । ସେ ମଗ୍ନତା ମଧ୍ୟରେ ସେ ଚେତନ ତାର ଉର୍ଦ୍ଧ୍ୱ ସ୍ତରରେ ଉପନୀତ ହୁଏ । ଧିରେ ଧିରେ ମନକୁ ଚୈତନ୍ୟ ଆୟତ କରେ । ମନରେ ସୁଶୀତଳ ସମୀରଣ ଉତ୍ତରାୟଣ ଗତିରେ ପ୍ରବାହିତ ହୁଏ । ତାପରେ ଏକ ଚକ୍ର ଘୁରେ ଏକ ଧ୍ୱନି ସୃଷ୍ଟି ହୁଏ, ଆଦିଧ୍ୱନି ସକଳ ଶକ୍ତିର ଉତ୍ସ, ତା ଚେତନାରେ ଅହରହ ପ୍ରହାର କରି ତାକୁ କିଛି ଚେତାଇ ଦେବାକୁ ଚେଷ୍ଟା କରେ । ଏତିକିବେଳେ ଚେତନା ଜାଗ୍ରତ ହୁଏ, ବିସ୍ମୃତି ଗର୍ଭରୁ କିଛି ସ୍ୱର୍ଗୀୟ ଚେତନାର କଥା ମନେ ପଡ଼ିଯାଏ, ସେ ବିଶାଳତାର ପରିଭାଷାରେ ସୀମାହୀନ ଆକାଶକୁ ଚାହେଁ । ଗ୍ରୀଷ୍ମର ଆକାଶରେ ପୂର୍ଣ୍ଣିମାର ଜହ୍ନ । ତା ଚାରିପାଖେ ଗ୍ରହ ନକ୍ଷତ୍ର, ଗ୍ରହାଣୁ ପୁଞ୍ଜ ଓ ଛାୟା ପଥ । ଆଖିଲାଖି ଯାଏ ଛାୟା ପଥ ପଥେ ପଥେ କାହିଁ କେତେଦୂର । ସେ ଦୂରତ୍ୱକୁ ଆଖି ପାଏ ନାହିଁ । ଆଖି ଖୋଜେ ଏହାର ଅନ୍ତ କେଉଁଠି ? ଏ ଅସମାହିତ ପ୍ରଶ୍ନକୁ ଖୋଜୁ ଖୋଜୁ ଅନ୍ୟ ଏକ ପ୍ରଶ୍ନ ଚିହ୍ନ ତାର ରୂପରେଖ ନେଇ ଆକାଶରେ ଉପଭାସିତ ହୋଇ ସାରିଥାଏ । ଅତ୍ରି, ଅଙ୍ଗିରା, ପୁଲହ, ପୁଲସ୍ତ, କତ୍ରୁ, ମାରିଚ ଓ ବିଶିଷ୍ଟଙ୍କୁ ନେଇ ସପ୍ତର୍ଷି ମଣ୍ଡଳର ପ୍ରଶ୍ନବାଚୀ ଚିହ୍ନ ଅନେକ ଗୂଢ଼ ତତ୍ତ୍ୱକୁ, ଚିହ୍ନାଇ ଦେଇଥାଏ । ଏହି ପ୍ରଶ୍ନବାଚୀ ସପ୍ତର୍ଷି ମଣ୍ଡଳ ବିଶିଷ୍ଟଙ୍କ ପାଖରେ ଯେଉଁ ନକ୍ଷତ୍ରଟି ମିଟ୍ ମିଟ୍ କରେ ସେ ବିଶିଷ୍ଟଙ୍କ ସ୍ତ୍ରୀ । ତାଙ୍କ ଯୋଗ୍ୟ ପଣରେ ଯୁଗ୍ ଯୁଗ ଧରି ସ୍ଥାନିତ ହୋଇଛନ୍ତି । ଏହା ଏକ ମହାନୁଭବର କଥା । ଏମିତି କେତେ ମହାନୁଭବର କଥା ମଧ୍ୟରୁ ଅନ୍ୟ ଏକ ମହାନୁଭବର କଥା ସେଦିନ ସ୍ୱର୍ଗରୁ ମର୍ତ୍ତ୍ୟବାସୀ ସମସ୍ତେ ଅନୁଭବ କରିଥିଲେ । ଯାହା ଅତ୍ରିଙ୍କର ସ୍ତ୍ରୀ ସତୀ ଅନସୂୟାଙ୍କର ସତୀତ୍ୱ ପରାକାଷ୍ଠାକ ସ୍ମରଣ କରି ଦେହ ପୁଲକିତ ହୋଇ ଉଠେ । ପାଷାଣୀ ଦେହରେ ଜୀବନ ସଂଚରି ଉଠେ । ଏହି ସଂଚରଣ ମଧ୍ୟରେ ଏକ କଲ୍ୟାଣର କଥା ଆସେ, କଲ୍ୟାଣକାରୀ ସଂହିତାର ରଚୟିତା ମହର୍ଷି ଅତ୍ରିଙ୍କର ଏହି ମହର୍ଷି ଅତ୍ରି ଓ ତାଙ୍କ ସ୍ତ୍ରୀ ଅନସୂୟା ବରପ୍ରାପ୍ତ । ସେମାନେ ଦେବ ଅଂଶରୁ ଜାତ ସନ୍ତାନ ପ୍ରାପ୍ତ ହେବେ, ଏ ଆଶୀର୍ବାଦରେ ବିହ୍ୱଳିତ ବିଗଳିତ ଆତ୍ମା ସେମାନଙ୍କର ସମୟର ସୁଧାସ୍ରୋତରେ ଯୁଗ ପରେ ଯୁଗ ଗଡ଼ି ଚାଲିଲା ! ଆକାଂକ୍ଷିତ ଯୁଗ ପାଇଁ ।

ଆଜି ସେ ଯୁଗ ଆସନ୍ନ । କିଛି ସିଦ୍ଧ ସାଧନାର କଥାକୁ ନେଇ କିଛି ଦର୍ପ ଅହଂକୁ ନେଇ । ଆଜିର ସ୍ୱର୍ଗପୁରୀ ଯେଉଁଠି ରମ୍ଭା ମେନକା ଇତ୍ୟାଦି ଅପ୍ସରୀ ମାନେ, ପାରିଜାତ ପୁଷ୍ପ ପରି ଶୋଭା ପାଆନ୍ତି, ଯେଉଁଠି ସ୍ୱର୍ଗୀୟ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାନ୍ତି ଦେବାଦେବୀମାନେ ବାସ କରି । ସେ ଦେବଲୋକରେ ଆଜି ଏକ ଚାପାଗୁଞ୍ଜରଣ ଗୁଞ୍ଜରି ଉଠିଛି । ଆଭାସ ମିଳେ ଏକ ପ୍ରତିଦ୍ୱନ୍ଦ୍ୱିତାର ଭାବ । କାହା ସହିତ ଏ ପ୍ରତିଦ୍ୱନ୍ଦ୍ୱିତା ସ୍ୱର୍ଗର ଦେବୀ ଲକ୍ଷ୍ମୀ, ସରସ୍ୱତୀ ଓ ପାର୍ବତୀ କରନ୍ତି ? ଏମାନେ ପରା ବିଶ୍ୱବ୍ରହ୍ମାଣ୍ଡରେ ତିନିଲୋକରେ ସତୀ ଅଟନ୍ତି । ସେମାନଙ୍କର ଗର୍ବକୁ ଖର୍ବ କରିବାକୁ କିଏ ଧୃଷ୍ଟତା କରୁଅଛି । ସେ ମର୍ତ୍ତ୍ୟରେ ମହର୍ଷି ଅତ୍ରିଙ୍କ ପତ୍ନୀ 'ଅନସୂୟା' । ଯିଏ କି ସତୀ 'ଅନସୂୟା', ଜାଣନ୍ତି ଦେବଗଣ ଅନସୂୟା ସତୀ ବୋଲି । ତେଣୁ ତ ଏହା ପ୍ରମାଣ କରି ତିନି ଦେବୀ ଲକ୍ଷ୍ମୀ, ସରସ୍ୱତୀ ପାର୍ବତୀଙ୍କୁ ଚେତାଇ ଦେବାକୁ ଚାହାଁନ୍ତି ସେମାନେ । ତେଣୁ ଏହି ତିନି ଦେବତା ଏକ ଉପାୟ ଅବଲମ୍ବନ କରିବାକୁ ଯାଇ ଛଦ୍ମତାର ଛଳନା କରନ୍ତି । ଯାହା ପୂର୍ବର ଛଳନା ପରି । ସମୁଦ୍ର ମନ୍ଥନରୁ ଯେଉଁ ଅମୃତ ଭାଣ୍ଡ ଲବ୍ଧ ହେଲା । ତାହା ଦେବତାମାନେ ଚତୁରତା ସହ ଉଦରସ୍ଥ କରିନେଇ ଅସୁରଗଣଙ୍କୁ ଦେଇଥିଲେ ବିଷଭାଣ୍ଡ । ଅବଶ୍ୟ ଏହା ପଛରେ ଏକ ମହତ ଉଦ୍ଦେଶ୍ୟ ନିହିତ ଥିଲା । ଯାହା ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଅର୍ଥାତ୍ ଆସୁରିକ ଶକ୍ତିରୁ ଜଗତକୁ ରକ୍ଷା କରିବା ପାଇଁ । ମର୍ତ୍ତ୍ୟ ଆଜି ସୌଭାଗ୍ୟ ମଣ୍ଡିତ ହେବ । ଏହି ତିନି ଦେବତା ଆଜି ଛଦ୍ମରୂପରେ ମର୍ତ୍ତ୍ୟରେ ଅତ୍ରିମୁନୀଙ୍କ ଆଶ୍ରମରେ ଅତିଥି ହେବେ । ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଅତ୍ରି ମୁନିଙ୍କ ସ୍ତ୍ରୀ ଅନସୂୟା ଅତିଥି ସତ୍କାର କରିବେ । ସମସ୍ତ ଅତିଥି ସ୍ୱହସ୍ତରେ ସମାଧାନ କରିବେ । ସ୍ଥିତପ୍ରଜ୍ଞା ଅନସୂୟା ଏକ ସୁଦୃଢ଼ ମାନସିକତାକୁ ନେଇ ସେ ପ୍ରମାଣିତ କରିବେ ନିଜର ବ୍ୟକ୍ତିତ୍ୱକୁ ଯେ ସେ ସ୍ୱତନ୍ତ୍ର, ସେ ଏକନିଷ୍ଠ, ସେ ଅଦ୍ୱିତୀୟ, ସେ ସତୀ । ଏହା ଅବଶ୍ୟ ସେହି ଦେବଗଣ ହିଁ ପ୍ରମାଣିତ କରାଉଥାନ୍ତି । 'କରି କରାଉଥାଏ ମୁହିଁ ମୋ ବିନୁ ଅନ୍ୟଗତି ନାହିଁ ।' ଏହି ସୂତ୍ରାନୁଯାୟୀ ସ୍ୱର୍ଗରୁ ଅବତରଣ କରନ୍ତି ଦେବତ୍ୱର ପରିଭାଷାରେ ଅନେକ ତାତ୍ତ୍ୱିକତାକୁ ସଂଗୁପ୍ତ ରଖି ତିନି ଦେବତା ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ସ୍ୱର୍ଗରୁ ଅବତରଣ କରନ୍ତି ଦୁନ୍ଦୁଭିର ତାଳେ ତାଳେ ମର୍ତ୍ତ୍ୟଲୋକକୁ । ଦ୍ୱିଜବର ବେଶରେ ଛଦ୍ମ ରୂପରେ ଅତ୍ରିଙ୍କ ଆଶ୍ରମରେ । ସିଦ୍ଧି ସାଧନା ତ୍ୟାଗ ସହନଶୀଳତା, ବିଶ୍ୱସ୍ତତାର ଆସ୍ତରଣରେ ଗଢ଼ା ଏ ଆଶ୍ରମ । ଯେଉଁଠି ପ୍ରତ୍ୟହ ଅତ୍ରିଙ୍କର ସ୍ତ୍ରୀ ଅନସୂୟାଙ୍କର ପବିତ୍ର ଜଳ ସିଞ୍ଚନରେ ଆଶ୍ରମ ପବିତ୍ର ହୋଇଥାଏ । ସେହି ଆଶ୍ରମ ଆଜି ସୌଭାଗ୍ୟମୟ ହୋଇ ଯାଇଛି ତିନି ଦେବତାଙ୍କ ଆଗମନରେ । ଆଜି ଏହି ପବିତ୍ରମୟ ପରିବେଶରେ ଏକ ଉର୍ଦ୍ଧ୍ୱତାର ଚେତନା ସ୍ତର ପ୍ରବହମାନ । ଏହି ସ୍ତରର ଆସ୍ତରଣରେ ଯିଏ ଅବଗାହନ କରିଛି, ସେ ତ ପବିତ୍ର ମନ୍ଦାକିନୀ ଧାର ହୋଇ ଯାଇଛି । ଆଜି ସେହି ସତ୍ୟବଚନର ଆଧାରରେ ଏହି ଦ୍ୱିଜବରମାନଙ୍କୁ ଅନସୂୟା ସ୍ୱହସ୍ତରେ ଆପ୍ୟାୟିତ କରିବେ । ସେ ପୁଣି ବିନା ବସ୍ତ୍ରରେ କୋଳରେ ବସାଇ ନିଜ ବକ୍ଷରୁ ସୁଧାପାନ କରାଇବେ ସେମାନଙ୍କୁ । ଏ ପ୍ରକାର କଥା ତାଙ୍କ ଭିତରେ ଭରି ଦେଇଛି କିନ୍ତୁ ବାତ୍ସଲ୍ୟ ରସ । ମନପ୍ରାଣ ତାଙ୍କ ମାତୃପଣରେ ବିଗଳିତ ହୋଇ ଉଠିଛି । ପବିତ୍ରଗଙ୍ଗର ଘନଶ୍ୟାମ ରୂପ ଭଳି, ଏତିକିବେଳେ ଦ୍ୱିଜବରମାନେ କାୟୋମନୋ ବାକ୍ୟରେ ଶୁଦ୍ଧପୂତ ହୋଇ ଆଶ୍ରମରେ ଉପସ୍ଥିତ । ଏଣେ ପରୀକ୍ଷାର ବେଳ ତପସ୍ୱିନୀ ଅତ୍ରିଙ୍କ ସ୍ତ୍ରୀ ପରୀକ୍ଷା କ୍ଷେତ୍ରରେ । ତାଙ୍କର ସଘନ କେଶରାଶି ଆପାଦମସ୍ତକ ଢାଙ୍କି ଦେଉଥିବା ବେଳେ ଏକଭାବ, ମାତୃତ୍ୱର ଭାବରୁ ଯେଉଁ ଆବେଗ ସୃଷ୍ଟି ହେଉଥିଲା, ସେଥିରୁ ଅମୃତର ସୁଧା ଝରି ପଡୁଥିଲା, ମାତୃତ୍ୱର ହାତ ଲମ୍ବି ଯାଉଥିଲା ସାକ୍ଷାତ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ଆଡ଼କୁ । ଦିବ୍ୟପୁରୁଷ ସେମାନେ ଧିରେ ଧିରେ ଦେବଶିଶୁ ପାଲଟି ଯାଉଥିଲେ ସତୀ ଅନସୂୟାଙ୍କ ପୂଣ୍ୟତାର ସ୍ପର୍ଶରେ । ସତୀ ଅନସୂୟା ପରିପୂର୍ଣ୍ଣତାର ପରିଭାଷାରେ ମାତା ସାଜି ନିଜ ବକ୍ଷରୁ ଅମୃତ ଝରକୁ ପାନ କରାଉଥିଲେ ପରିତୃପ୍ତିରେ, ପରମ ଆନନ୍ଦ ଓ ପରମ ତୃପ୍ତିରେ ମାତୃକ୍ଷୀର ପାନ କରୁଥିଲେ ଦେବତାରୁ ଦେବଶିଶୁ ପାଲଟିଥିବା ତିନି ଦେବତା । ତା ସହିତ ପରମ ଶାନ୍ତିରେ ଖେଳୁଥିଲେ ମଧ୍ୟ ମାତୃ କୋଳରେ ଅର୍ଥାତ୍ ଅନସୂୟାଙ୍କ କୋଳରେ । ସ୍ୱୟଂ ଦେବତାଗଣ ଯେଉଁଠି ଶାନ୍ତି । ସେଠି ବିଶ୍ୱ ବ୍ରହ୍ମାଣ୍ଡରେ ମଧ୍ୟ ଶାନ୍ତି ବିରାଜମାନ । ତେଣୁ ତ ସେ ବିଶ୍ୱବିଜୟିନୀ ସତୀ ଅନସୂୟା । ଏଣେ ତିନି ଦେବୀ ବ୍ରହ୍ମା, ବିଷ୍ଣୁ ମହେଶ୍ୱରଙ୍କର ସ୍ତ୍ରୀ ଲକ୍ଷ୍ମୀ, ସ୍ୱରସ୍ୱତୀମାନେ ପତିମାନଙ୍କୁ ଖୋଜି ଖୋଜି ମର୍ତ୍ତ୍ୟରେ ଅନସୂୟାଙ୍କ ପାଖରେ ଅତ୍ରିଙ୍କ ଆଶ୍ରମରେ ଆସୀନ ହୋଇ ସେମାନଙ୍କର ସ୍ୱାମୀମାନଙ୍କର ସନ୍ଧାନ ପଚାରନ୍ତେ, ଅନସୂୟା କୋଳରେ ଖେଳୁଥିବା ତିନି ଶିଶୁଙ୍କୁ ଦେଖାଇ ଦେଇ କହିଥିଲେ: ଏହିମାନେ ହିଁ ଆପଣମାନଙ୍କର ସ୍ୱାମୀଗ । ଆଶ୍ଚର୍ଯ୍ୟ ହୋଇ

ଯାଇଥିଲେ ସେମାନେ । ତିନି ଶିଶୁଙ୍କୁ ଚିହ୍ନିବେ କିପରି ସମସ୍ତେ ତ ଏକାପରି ଦେଖା ଯାଉଥିଲେ । ତେଣୁ ଏମାନଙ୍କ ମଧ୍ୟରୁ କିଏ କାହାଙ୍କର ସ୍ୱାମୀ ଅଟନ୍ତି ? ଅଡୁଆ ପରିସ୍ଥିତିରେ ପଡ଼ିଯାଇ ଥିଲେ ଦେବୀମାନେ, ଅସହାୟ ହୋଇ ଯାଇଥିଲେ । ସତୀ ସହାୟତା କରିଥିଲେ ନିଜର ସତୀତ୍ୱର ପରାକାଷ୍ଠାରେ ପବିତ୍ର ଜଳ ସିଞ୍ଚନ କରି ପୁଣି ଶିଶୁରୁ ପୂର୍ବାବସ୍ଥାକୁ ଫେରାଇ ଆଣିଥିଲେ । ଦେବତାମାନେ ନିଜ ନିଜ ସ୍ୱରୂପ ଫେରି ପାଇ ଦେବୀମାନଙ୍କ ସହିତ ସ୍ୱର୍ଗାଲୋକକୁ ଫେରି ଯାଇଥିଲେ । ଯାଆ ଆଗକୁ ପୁରାଣ ଶୁଣାଏ ପୌରାଣିକ କଥାମାନ, ଲୋକ କଥାମାନ, ଯାହା ଏମିତି ଅନେକ କଥା ଗାଥା ହୋଇ ଚିରଦିନ ରହିଯାଏ । ଯୁଗଯୁଗ ଧରି ଅନେକ ଯୁଗ ପର୍ଯ୍ୟନ୍ତ । ଆଜି ଏ ଯୁଗରେ ବାଜି ଉଠୁଥିଲା ଦୂର ଘଞ୍ଚ ବନାନୀ ମଧ୍ୟରୁ ମୃଦଙ୍ଗର ଗୁରୁଗମ୍ଭୀର ଗୁମ୍‌ଗୁମ୍‌ର ଶବ୍ଦ । ସ୍ୱର୍ଗ, ମର୍ତ୍ତ୍ୟ ପାତାଳକୁ ପ୍ରକମ୍ପିତ କରି ତାହା ସ୍ୱର୍ଣ୍ଣ ଚୂଡ଼ରେ ପ୍ରତିଧ୍ୱନିତ ହେଉଥିଲା । ଭକ୍ତିର ଅର୍ଘ୍ୟ ଥାଳି ଥିଲା ସମ୍ମୁଖରେ ।

ଦୀପ ଜଳୁଥିଲା, ଘଣ୍ଟା ବାଜୁଥିଲା, ଧୂପଝୁଣାର ମହକରେ ମହକି ଉଠୁଥିଲା ବଣ ଜଂଗଲ ଘେରା ଏ ଅଂଚଳ । ଏ ପବିତ୍ରତାର ମହକ ଉର୍ଦ୍ଧଗାମୀ ହେଉଥିଲା ଏବଂ ସ୍ୱର୍ଣ୍ଣଚୂଡ଼ ପ୍ରାର୍ଥନା କରୁଥିଲା 'ଭୂଧାରଚଣ୍ଡୀ'ଙ୍କୁ ନମଃ 'ମା ଭୂଧାରଚଣ୍ଡୀ' ଅଭୟ ପ୍ରଦାୟିନୀ । ଏତିକିବେଳେ ମନ୍ଦିରର ଚୂଳୀରେ ଉଡୁଥିଲା ବାନା ଫରଫର ହୋଇ । ଆଦି ସ୍ୱର ଓଁକାରର ନାଦ ଶୁଭୁଥିଲା । ସୁରକ୍ଷାର ଚକ୍ର ଘୁରୁଥିଲା । ଦେବୀ ପ୍ରଦକ୍ଷିଣ କରୁଥିଲେ ଗଡ଼ର ଚତୁର୍ଦ୍ଦିଗରେ ଖଣ୍ଡ ଉପଖଣ୍ଡରେ । ସର୍ବତଃ ସାତ୍ତ୍ୱିକର ବାତାବରଣ ଏହି ବାତାବରଣ ସ୍ୱର୍ଣ୍ଣଚୂଡ଼ର ମନକୁ ଆୟତ୍ତ କରୁଥିଲା । ପାଷାଣ ଦେହରେ ମଧ୍ୟ ଚେତନା ଜାଗ୍ରତ ହୋଇ ଚେତାଇ ଦେଉଥିଲା ଜୀବନର ପ୍ରକୃତ ଅର୍ଥକୁ । ଏତିକିବେଳେ ସ୍ୱର୍ଣ୍ଣଚୂଡ଼ ଚେତନାଦୀପ୍ତ ହୋଇ ଉଠୁଥିଲା । ଚେତନାର ଉର୍ଦ୍ଧ୍ୱୋତ୍ତର ସ୍ତରରେ ରହି ସେ ଶୁଣୁଥିଲା ଶାଶ୍ୱତର ବାଣୀ । ଯାହା ଚିରନ୍ତନ । ଏ ଜୀବନ କେବଳ ଅଳିକ କ୍ଷଣିକ । ସେ ଏ ଜୀବନରେ ପଥ ହୁଡ଼ିଥିବା ଜୀବଟିଏ । ଏ ଜୀବନରେ ମଧ୍ୟରେ ନିଜର ଆତ୍ମୀୟ ସ୍ୱଜନଙ୍କୁ ନେଇଥିବା ନଥିବାର ଲୁଚକାଳି ଦେଖାଉଥିବା ଏ ଜୀବନ କେତେବେଳେ କାହାକୁ ସଂଯୁକ୍ତ କରେ ତ ଆଉ କାହାକୁ ବିଯୁକ୍ତ କରେ । ଏହି ରୀତି ତ ଜୀବନକୁ ବିଷାଦଗ୍ରସ୍ତ କରାଏ । ସ୍ୱର୍ଣ୍ଣଚୂଡ଼ ମୋହ ମାୟା ପୂର୍ଣ୍ଣ ଏ ସଂସାରରେ ରହି ଭାବି ଚାଲେ ଏ ପରିପୂର୍ଣ୍ଣତାର ଜୀବନରେ ଅପୂର୍ଣ୍ଣତାର ଭାବନା କାହିଁକି ଆଜି ଆସୁଛି ଏଠାରେ ! ସେ ତ ମିଳନର ମଧୁର ଗୀତ ଗାଇଛି ଦିବାରାତ୍ରୀ । ହେଲେ ତାର ପୂର୍ଣ୍ଣ ଜୀବନ ପାତ୍ରରେ କଣ ରହିଗଲା ଅପୂର୍ଣ୍ଣ ? ଯାହା ବିଷାଦ ଭରେ ଏ ଜୀବନରେ । ତେଣୁ ତା ଜୀବନ ଅବସାଦର ତରଣୀ ଭାସିଚାଲେ । ମନ ସନ୍ତାପିତ ହୁଏ, ଏକ ପୂର୍ଣ୍ଣତାର ସ୍ୱାଦ ଖୋଜେ । ଯାହା ପାଇଁ ତା ପାଖରେ ମାନସମ୍ମାନ, ସ୍ୱାଭିମାନ, ଦର୍ପ, ଗର୍ବ ଆଜି ବୃଥା ହୋଇଯାଏ । ମନ କହେ ତାର ସେତେ କେତେ ଅଜ୍ଞାନୀ ! ସେ ମରଣଶୀଳ ଦୁନିଆରେ ରହି ମୁଢ଼ ବଣି ପାଲଟି ଯାଇଛି । ଆଜି ଯାହାର, କାଲି ସେ କାହା ତାହାକୁ ନେଇ ଭ୍ରମରେ ଜୀବନ କଟାଇ ଦେବାର ଅନୁତାପ ତାକୁ ଆତ୍ମସମୀକ୍ଷା କରିବାକୁ ଚେତନା ସଚେତନ କରାଇଛି । ତେଣୁ ବେଳ ଥାଉ ଥାଉ ତା ମାନସ ହଂସ ଚିରନ୍ତନ ସତ୍ୟର ସନ୍ଧାନରେ ବାହାରି ପଡ଼ିବ । ସେଥିପାଇଁ ସେ ପରମାର୍ଥକଙ୍କ ବନ୍ଦନାର ମଧୂର ମୂର୍ଚ୍ଛନା ତୋଳୁଛି । ଏ ମାନସ ହଂସ ଯଥାଶୀଘ୍ର ମର୍ତ୍ତ୍ୟ ଧାମ ଛାଡ଼ି ଚାଲିଯିବ ଦୂର ପାରାବାରକୁ । ସେଠାରେ ସେ ଭାସି ଭାସି ଦୂରକୁ ବହୁ ଦୂରକୁ କୂଳ ଲଙ୍ଘି ଚାଲିଯିବ ହୈମଗିରିକୁ ।

ଶେଷରେ ସେଦିନ ମାଳିକାର ଭବିଷ୍ୟବାଣୀ ସତ୍ୟ ହେବ । 'ବାଇଶି ପାବଚ୍ଛେ ମୀନ ଖେଳିବ' ଇତ୍ୟାଦି ଇତ୍ୟାଦି କଥାମାନ । ଏକଥା ସେହି ଦିନ ହିଁ ସତ୍ୟରେ ପରିଣତ ହେବ, ଯେବେ ସ୍ୱର୍ଣ୍ଣଚୂଡ଼ ପାହାଡ଼କୁ ସାଗର ଛୁଇଁବ, ସେବେ ପ୍ରଳୟ ହେବ ! ସୃଷ୍ଟିର ବିନାଶ ଘଟିବ । ତା' ପୂର୍ବରୁ ସ୍ୱର୍ଣ୍ଣଚୂଡ଼ର ମାନସ ହଂସ ବେଳ ଥାଉ ଥାଉ ଉଡ଼ି ଯାଇଥିବ, ଲଙ୍ଘି ଯାଇଥିବ ଭବ ପାରାବାରକୁ ସର୍ବଶେଷରେ ସେ ହିମଗିରିର ଶୀତଳ ସ୍ପର୍ଶରେ ଜଡ଼ ପାଲଟି ଯାଇଥିବ । ଏ ଭବସଂସାରରେ ରହି ଯାଇଥିବ କେବଳ ସେହି ସ୍ଥାଣୁ ପଥର ଦେହଟି । ସେଥିରେ ନଥିବ ଜୀବନ । ସେ ପଥରରେ ଯୁଗଯୁଗ ଧରି ଜଗି ବସିଥିବା ବହୁ ପ୍ରତୀକ୍ଷିତ ଡୁବେଇ ରଣା ବନଶୀ କଣ୍ଟା ଧରି ପ୍ରତୀକ୍ଷାର ଅନ୍ତକରି ସାଗର ବୁକୁରୁ ମୀନ ଧରୁଥିବ । ଏତିକିବେଳେ ପ୍ରତି ପ୍ରଭାତରେ ସ୍ୱର୍ଣ୍ଣଚୂଡ଼ର ସ୍ୱର୍ଣ୍ଣିମ ଆଭା ଝଲସି ଉଠୁଥିବ ଏକ ଦିବ୍ୟ ଚେତନାର ବାର୍ତ୍ତା ଦେଇ ।



গৃহ সমস্যা

# ହସଖୁସିର ପରିବାର - ୧୫

**ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।**

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

### ସମସ୍ୟା: ୧

ମୁଁ ବିବାହିତା । ଘରର ଗୋଟିଏ ବୋଲି ବୋହୂ । ମୁଁ ବିବାହ କରିବା ଆଜିକୁ ଦୁଇ ବର୍ଷ ହୋଇଗଲାଣି । ମୋର ସ୍ୱାମୀ ଘରର ବଡ ପୁଅ । ତା ତଳକୁ ତାଙ୍କର ଦୁଇ ଭାଇ ଓ ଗୋଟିଏ ଭଉଣୀ ଅଛନ୍ତି । ଭଉଣୀ ବିବାହ କରି ତାଙ୍କ ସ୍ୱାମୀଙ୍କ ସହିତ ରାଉରକେଲାରେ ରହୁଛନ୍ତି । ଘରେ ମୁଁ, ମୋର ସ୍ୱାମୀ, ଦୁଇ ଦିଅର ଓ ଶାଶୁ, ଶ୍ୱଶୁର ରହୁଛୁ । ମୋର ଦୁଇ ଦିଅରଙ୍କ ଭିତରୁ ଜଣେ କଲେଜରେ ଅଧ୍ୟାପକ ଓ ଆଉ ଜଣେ ପାଠ ପଢୁଛନ୍ତି । ମୋର ଶ୍ୱଶୁର ଚାକିରିରେ ଅଛନ୍ତି । ମୋର ସ୍ୱାମୀ ଚାକିରି ନ କରି ନିଜର ବିଜିନେସ୍ କରୁଛନ୍ତି । ପ୍ରାୟତଃ ସେ ରାତି ଡେରିରେ ହିଁ ଘରକୁ ଫେରନ୍ତି । ସେ ଦିନରେ ନିଜର ବିଜିନେସ୍ ସମ୍ଭାଳୁ ଥିବାବେଳେ ସଂଧ୍ୟାରେ ପାର୍ଟି, କ୍ଲବ୍ ଇତ୍ୟାଦି ଯାଇଥାନ୍ତି । ପଚାରିଲେ କୁହନ୍ତି ମୁଁ ଯୁଆଡେ ବି ଯାଉଛି ମୋର ବିଜିନେସ୍ ସମ୍ବନ୍ଧୀୟ କାମରେ ଯାଉଛି । ଲୋକଙ୍କ ସହିତ ପରିଚିତ ନ ହେଲେ ବ୍ୟବସାୟ କିପରି ଆଗକୁ ବଢିବ । ତେଣୁ ମୁଁ ମଧ୍ୟ ସେଥିରେ କିଛି କୁହେ ନାହିଁ । କିନ୍ତୁ ଧୀରେ ଧୀରେ ତାଙ୍କର ଏହା ଅଭ୍ୟାସଗତ ହୋଇ ଗଲାଣି । ସେ ରାତିରେ ଡେରିରେ ଘରକୁ ଫେରିବା ସହିତ ମଦ୍ୟପାନ ମଧ୍ୟ କରୁଛନ୍ତି । ଅନେକ ସ୍ଥାନରୁ ମୁଁ ଶୁଣିବାକୁ ପାଉଛି ଯେ ସେ କ୍ଲବ୍‌ରେ ଜୁଆ ମଧ୍ୟ ଖେଳୁଛନ୍ତି । ହେଲେ ଘରଲୋକ ତାଙ୍କୁ ବୁଝାଇବା ପରିବର୍ତ୍ତେ ମୋତେ ହିଁ ସବୁ ଦୋଷ ଦେଉଛନ୍ତି । ତାଙ୍କ ମତରେ ମୁଁ ହିଁ ଏସବୁ ପାଇଁ ଦାୟୀ ଏବଂ ମୁଁ ତାଙ୍କୁ ବୁଝାଉ ନାହିଁ । ମୁଁ ସ୍ତ୍ରୀ ହିସାବରେ ମୋର କର୍ତ୍ତବ୍ୟ ଠିକ୍‌ରେ କରୁନାହିଁ । ଯଦି ମୁଁ ସ୍ୱାମୀଙ୍କୁ କିଛି ବୁଝାଇବାକୁ ଚେଷ୍ଟା କରୁଛି ସେ ମୋତେ ନିଜ ସୀମା

▼ପିନାକୀ ମିଶ୍ରଙ୍କ ହସଖୁସିର ପରିବାର





**ଡକ୍ଟର ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।

www.drhpdas.com

**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଲୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

ଭିତରେ ରହିବାକୁ ବାରମ୍ବାର ଉପଦେଶ ଦେଉଛନ୍ତି । ନଚେତ କିଛି ଅନର୍ଥ ହୋଇଯିବ ବୋଲି କହୁଛନ୍ତି । ମୁଁ କିଛି ବୁଝି ପାରୁନି । ଅନେକ ମାନସିକ ଭାରସାମ୍ୟ ଭିତରେ ରହୁଛି । ମୋ ବାପାମାଆଙ୍କୁ ଏ ସବୁ ବିଷୟରେ କହି ତାଙ୍କୁ ଅଧିକ କଷ୍ଟ ଦେବାକୁ ଚାହୁଁନି । ମୋତେ ଟିକେ ଏସବୁ ସହିତ ଲଢିବାର ସାହସ ଦିଅନ୍ତୁ ।

**ସମୀକ୍ଷା ମହାନ୍ତି,** ଖୋର୍ଦ୍ଧା

**ସମାଧାନର ସୂତ୍ର:**

ଆପଣଙ୍କ ପରିବାରରେ ଯେଉଁ ପରିସ୍ଥିତି ତାହା ଆହୁରି ଅନେକ ପରିବାରରେ ବି ଦେଖା ଯାଉଛି । ଏଥିପାଇଁ ଆଦୌ ବିଚଳିତ ହୁଅନ୍ତୁ ନାହିଁ । ପ୍ରତ୍ୟେକ ଶିକ୍ଷିତ ପରିବାରରେ ବାପାମାଆମାନେ ପୁଅଝିଅଙ୍କର ଉଚ୍ଚ ଶିକ୍ଷା ସହିତ ସେମାନଙ୍କ ଭଲ ଚାକିରିର ସ୍ୱପ୍ନ ବି ଦେଖିଥାନ୍ତି । ଆପଣଙ୍କ ପିଲାମାନେ ପାଠ ପଢିଲେ ଏବଂ ବିଦେଶରେ ଭଲ ଚାକିରି କରି ରହିଲେ । ଏହା ସେମାନଙ୍କ ପାଇଁ ଏକ ସାଧାରଣ ଘଟଣା । ଆପଣ ଠିକ୍ ଲେଖିଛନ୍ତି ଯେ ଆରମ୍ଭରେ ଏସବୁ ବହୁତ ଖୁସି ଲାଗେ ଏବଂ ଆମେ ଅନ୍ୟମାନଙ୍କ ଆଗରେ ଅତି ଗର୍ବରେ ଏହା କହିବୁଲୁ । ଆପଣଙ୍କ ପରିବାରର ଯେଉଁ ସମସ୍ୟା ବିଷୟରେ ଲେଖିଛନ୍ତି ତାହା ଆଜିକାଲି ଅନେକ ପରିବାରରେ ଦେଖିବାକୁ ମିଳୁଛି । ବାହାଘର ପୂର୍ବରୁ ଅନେକ ଖରାପ ଗୁଣ ଥିଲେ ବି ବାହାଘର ପରେ ସେସବୁ ପାଇଁ ବୋହୂକୁ ଦୋଷ ଦେବା ଏକ ସାଧାରଣ ଘଟଣା ହୋଇ ସାରିଲାଣି । ଆପଣ ମାତ୍ର ଦୁଇ ବର୍ଷ ହେଲା ଏହି ଘରକୁ ବୋହୂ ହୋଇ ଆସିଛନ୍ତି । ଆପଣ ସ୍ୱାମୀଙ୍କର ଯେତିକି ଗୁଣ ଜାଣିଛନ୍ତି ତାହା ଠାରୁ ବେଶି ତାଙ୍କର ଘର ଲୋକମାନେ ଜାଣିଛନ୍ତି । ଆପଣଙ୍କ ଶାଶୁ ଶ୍ୱଶୁର ପୁଅ ସହିତ ଯେତିକି ନିକଟତର ଅବା ଖୋଲାଖୋଲି କଥା ହୋଇ ପାରିବେ ତାହା ଆପଣଙ୍କ ପକ୍ଷେ ସମ୍ଭବ ନ ହୋଇପାରେ । ଦୁର୍ଭାଗ୍ୟର କଥା ଯେ ସେମାନେ ପୁଅର ଏହି ଆଚରଣର କିଛି ପ୍ରତିକାର କରିବା ପରିବର୍ତ୍ତେ ଆପଣଙ୍କୁ ଦୋଷ ଦେଉଛନ୍ତି । ଭଉଣୀ ଭିଣୋଇ ଓ ଅନ୍ୟ ଦୁଇ ଭାଇ ବି ଚାହିଁଲେ ତାଙ୍କୁ ବହୁତ ଭଲ ଭାବରେ ବୁଝାଇ ପାରିବେ । ଯେତେହେଲେ ବି ସେମାନଙ୍କ ଭିତରେ ରକ୍ତର ସଂପର୍କ ରହିଛି । ଆପଣ ଯେତିକି ବୁଝାଇବା କଥା ତାହା ବୁଝାଇ ସାରିଛନ୍ତି । ସ୍ୱାମୀଙ୍କର କିଛି ପରିବର୍ତ୍ତନ ହେବା ପରିବର୍ତ୍ତେ ସେ ଆପଣଙ୍କ ଉପରେ ବିରକ୍ତ ହେଉଛନ୍ତି ଏବଂ ଧମକ ବି ଦେଇ ସାରିଲେଣି । ଏହି ପରିସ୍ଥିତିରେ ଆପଣଙ୍କୁ ତିନିଟି କାମ କରିବାକୁ ହେବ । ପ୍ରଥମଟି ହେଲା ଯେ ଆପଣ ସ୍ୱାମୀଙ୍କର ଏହି ବ୍ୟବହାରରେ ତାଙ୍କୁ ଦୋଷ ଦିଅନ୍ତୁ ନାହିଁ ଅବା କୌଣସି ପ୍ରକାରର ଅସନ୍ତୋଷ ପ୍ରକାଶ କରନ୍ତୁ ନାହିଁ । ଦ୍ୱିତୀୟରେ ମନଦୁଃଖ କରି ସବୁବେଳେ ଚିନ୍ତିତ ଅବସ୍ଥାରେ ରୁହନ୍ତୁ ନାହିଁ । କିମ୍ବା ଶାଶୁ ଶ୍ୱଶୁର, ଦିଅର ଓ ନଣନ୍ଦମାନେ ଏଥିପାଇଁ କିଛି କରୁ ନାହାନ୍ତି ବୋଲି ମନଦୁଃଖ କରନ୍ତୁ ନାହିଁ ଅବା ଅସନ୍ତୋଷ ପ୍ରକାଶ କରନ୍ତୁ ନାହିଁ । ତୃତୀୟରେ ଆପଣଙ୍କ ବାପଘରେ ବି ଏ ବିଷୟରେ କିଛି କୁହନ୍ତୁ ନାହିଁ । ଆପଣଙ୍କ ବନ୍ଧୁବାନ୍ଧବରେ ଯିଏ ଆପଣଙ୍କ ସ୍ୱାମୀଙ୍କର ଅତି ନିକଟତର ଥିବେ ତାଙ୍କର ସାହାଯ୍ୟ ନିଅନ୍ତୁ । ନଣନ୍ଦଙ୍କ ସହିତ ବି ଆପଣ ଆଲୋଚନା କରି ପରାମର୍ଶ ନେଇ ପାରନ୍ତି । ସ୍ୱାମୀଙ୍କ ସହିତ ଭଲ ବ୍ୟବହାର କରି ତାଙ୍କର ମନ ଜିଣିବାକୁ ଚେଷ୍ଟା କରନ୍ତୁ । ଆପଣଙ୍କ ସ୍ୱାମୀ ଯେଉଁ କାର୍ଯ୍ୟ କରୁଛନ୍ତି ତାହା ଠିକ ନୁହେଁ ବୋଲି ତାହା ସେ ମଧ୍ୟ ଜାଣିଥିବେ । ସମୟ ଆସିବ ସେ ନିଶ୍ଚୟ ବୁଝି ପାରିବେ ଓ ଅନୁତାପ କରିବେ । ଆପଣ ନିଜ ଉପରେ ଆତ୍ମବିଶ୍ୱାସ ରଖନ୍ତୁ ।

**ସମସ୍ୟା: ୨**

ମୁଁ ଜଣେ ଯୁକ୍ତ ତିନି କଳା ଶେଷ ବର୍ଷର ଛାତ୍ର । ମୁଁ ବହୁତ ଭଲ ପାଠ ପଢେ । ଦଶମରେ ଓ ଯୁକ୍ତ ଦୁଇରେ ବହୁତ ଭଲ ମାର୍କ ମଧ୍ୟ ରଖିଥିଲି । ତଥାପି ଆଗକୁ ସିଭିଲ ସର୍ଭିସ ପରୀକ୍ଷା ଦେବାର ପ୍ଲାନ୍ କରିଥିବାରୁ ବିଜ୍ଞାନ ନ ପଢି କଳାରେ ପାଠ ପଢିଲି । କଲେଜରେ ପଢିବା ପରେ ମୋର ବହୁତ ସାଙ୍ଗ ହେଲେ । ଅନେକ ସାଙ୍ଗ ମୋର ବହୁତ ଅନ୍ତରଙ୍ଗ ମଧ୍ୟ ହେଲେ । ସେ ଭିତରେ ଜଣେ ବନ୍ଧୁ ଦୁଇ ବର୍ଷ ତଳେ ଅକାଳରେ ସଂସାର ଛାଡି ଚାଲିଗଲେ । ତା'ପରେ ମୋତେ ବହୁତ ଏକୁଟିଆ ଲାଗୁଛି । କୌଣସି କାମରେ ମୋର ମନ ଲାଗୁନି । ଏହି ଦୁଇ ବର୍ଷରେ ମୋ ଭିତରେ ଅନେକ ପରିବର୍ତ୍ତନ ଆସି ଯାଇଛି । ଯାହା ମୁଁ ନିଜ ବିଷୟରେ ଭାବିଲେ ହିଁ ଜାଣି ପାରୁଛି । କିନ୍ତୁ ମୁଁ ମୋ ଘରେ କାହାକୁ ପ୍ରକାଶ କରି ପାରୁନି । ମୋର ଏବେ ଆଉ ସେ ସାହସ ପାଉନି ଏବଂ ସିଭିଲ୍ ସର୍ଭିସ ପରୀକ୍ଷା ଦେବାକୁ ଇଚ୍ଛା ବି ହେଉନି । ଏପରିକି ମୋର ବିଷୟଗତ ପାଠ ବି ପଢିବାକୁ ମୋର ଆଗ୍ରହ ଆସୁନି । ମନ ସବୁବେଳେ ବିଚଳିତ ରହୁଛି । ମନରେ ଅନେକ ଅହେତୁକ ଭୟ ଆସୁଛି । କେତେବେଳେ ଲାଗୁଛି ଯଦି ଏ ଜୀବନ ଏପରି କ୍ଷଣସ୍ଥାୟୀ ତେବେ କାହିଁକି ନିଜ ନିଜ ଭିତରେ ଏତେ କମ୍ପିଟିସନ ଅବା କଳିଝଗଡା ଇତ୍ୟାଦି ହେଉଛି । କାହିଁକି ପରସ୍ପର ଭିତରେ ଏତେ ରାଗରୋଷ ହିଂସା ଇତ୍ୟାଦି ରହୁଛି । ଏହିପରି ଅନେକ କିଛି ଭାବନା ମନକୁ ଆସି ମୋତେ ବ୍ୟତିବ୍ୟସ୍ତ କରି ଦେଉଛି । ଘରେ ମଧ୍ୟ ସମସ୍ତେ ମୋର ପରିବର୍ତ୍ତନ ଦେଖି ବ୍ୟସ୍ତ ହେଉଛନ୍ତି । ଘରେ ସମସ୍ତେ ଭାବୁଛନ୍ତି ମୋତେ ବୋଧେ କିଛି



ପ୍ରମୋଦ ପ୍ରଧାନଙ୍କ ହସଖୁସିର ପରିବାର

▼ସବ୍ୟସାଚୀଙ୍କ ହସଖୁସିର ପରିବାର



ଭୂତପ୍ରେତ ଲାଗିଛି ଅବା କେହି ଗୁଣିଗାରେଡି କରିଛି । ସେମାନେ ଅନେକ ଗୁଣିଆ ଏବଂ ତାନ୍ତ୍ରିକ ପାଖକୁ ମଧ୍ୟ ଯାଉଛନ୍ତି । ଯାହାକି ମୋତେ ଆଦୌ ଭଲ ଲାଗୁନି । ଜାଣିପାରୁନି ତାଙ୍କୁ ମୁଁ ମୋ ମନର କଥାକୁ କିପରି ବୁଝାଇବି । ମୋତେ କାହାରି ସହିତ ମିଶିବାକୁ ଇଚ୍ଛା ହେଉନି କି କୌଣସି କାମ କରିବାକୁ ବି ଆଗ୍ରହ ଆସୁନି । ଏହା ମଧ୍ୟ ଜାଣି ପାରୁନି ଘର ଲୋକଙ୍କୁ ମୋତେ ବୁଝାଇବା ଦରକାର କି ନିଜକୁ ବୁଝାଇବା ଦରକାର । ବଡ ସଙ୍କଟରେ ପଡି ଯାଇଛି । ଦୟାକରି ମୋତେ ଟିକେ ଉପଯୁକ୍ତ ରାସ୍ତା ବତାନ୍ତୁ ।

**◣ସନ୍ତୋଷ ସାହୁ,** ନୟାଗଡ

**ସମାଧାନର ସୂତ୍ର :**

ତୁମେ ଯାହା ସବୁ ଲେଖିଛ ସେଥିରୁ ଜଣା ପଡୁଛି ଯେ ତୁମର ମାନସିକ ଅବସାଦ ବହୁ ପରିମାଣରେ ବଢି ଯାଇଛି । ତୁମେ ଭଲ ପାଠ ପଢୁଥିଲ ଏବଂ ଭବିଷ୍ୟତରେ ସିଭିଲ ସର୍ଭିସ୍ ପରୀକ୍ଷା ଦେବା ପାଇଁ ନିଜର ମାନସିକ ପ୍ରସ୍ତୁତି କରି ସାରିଥିଲ । ଏହା ହିଁ ତୁମର ବଳିଷ୍ଠ ଆତ୍ମବିଶ୍ୱାସ ଓ ମନୋବଳର ପ୍ରମାଣ ଦିଏ । କିନ୍ତୁ ଏକ ନିର୍ଦ୍ଦିଷ୍ଟ ଘଟଣା ଯୋଗୁଁ ତୁମର ମନ ବିଷାଦଗ୍ରସ୍ତ ହୋଇଗଲା । ଯାହା ଧୀରେ ଧୀରେ ତୁମ ମନରେ ଅବସାଦ ସୃଷ୍ଟି କଲା । ଫଳରେ ବିଭିନ୍ନ ପ୍ରକାରର ନକରାତ୍ମକ ଭାବନା ଏବେ ତୁମ ମନକୁ ଆସୁଛି । ଅବସାଦଗ୍ରସ୍ତ ମନୋଭାବ ଯୋଗୁଁ ତୁମ ବ୍ୟବହାରରେ ମଧ୍ୟ ଅନେକ ପରିବର୍ତ୍ତନ ଦେଖାଗଲା । ଏଣୁ ପରିବାରର ଲୋକମାନେ ଯାହା ଭାବୁଛନ୍ତି ତାହା ସ୍ୱାଭାବିକ କଥା । ସକାରାତ୍ମକ ମନୋଭାବ ଥିବା ପିଲାଟି ଭିତରେ ହଠାତ ନକାରାତ୍ମକ ଭାବନା ଓ ଆଚରଣ ଦେଖିଲେ ପରିବାର ଲୋକେ ନିଶ୍ଚିତ ଭାବରେ ଚିନ୍ତିତ ହେବେ । ଏହାର ପ୍ରତିକାର କରିବା ପାଇଁ ସେମାନେ ନିଜ ବୁଦ୍ଧି ମୁତାବକ କାର୍ଯ୍ୟ ମଧ୍ୟ କରିବେ । ଏଥିପାଇଁ ସେମାନଙ୍କୁ ଦୋଷ ଦେବା ଉଚିତ ନୁହେଁ । ତୁମର ଏକ ଅନ୍ତରଙ୍ଗ ବନ୍ଧୁର ମୃତ୍ୟୁରେ ତୁମେ ଏପରି ଭାଙ୍ଗି ପଡିଛ । ଜନ୍ମ ଓ ମୃତ୍ୟୁ ମଣିଷର ନିଜ ଇଚ୍ଛା ଅନୁସାରେ ହୁଏ ନାହିଁ । ଜନ୍ମ ଯେପରି ସତ୍ୟ ମୃତ୍ୟୁ ବି ସେହିପରି ସତ୍ୟ । ତୁମେ ତୁମର ବନ୍ଧୁଙ୍କୁ ଅତ୍ୟଧିକ ଭଲ ପାଉଥିଲ ବୋଲି ଆଜି ମର୍ମାହତ ହୋଇ ପଡିଛ । ଏହାଦ୍ୱାରା ତୁମର ହିଁ କ୍ଷତି ହେଉଛି । ତୁମେ ଯଦି ନିଜକୁ ସେତିକି ଭଲ ପାଉଥାଅ ତେବେ ନିଜର ଆଉ କ୍ଷତି କର ନାହିଁ । ଏ ସଂପର୍କରେ ନିଜ ସହିତ ସକରାତ୍ମକ ମନୋଭାବ ନେଇ କଥା ହୁଅ । ଆଉ କେହି ଅନ୍ତରଙ୍ଗ ବନ୍ଧୁ ତୁମର ଥିଲେ ତାଙ୍କ ସହିତ ପରାମର୍ଶ କର । ପ୍ରକୃତ ବନ୍ଧୁଟିଏ ହିଁ ଏହି ସମୟରେ ତୁମ ମନୋବଳକୁ ଦୃଢ କରିବା ସହିତ ତୁମ ମନରେ ଆଶାର ସଂଚାର କରିପାରିବ । ନିଜର ଏହି ମନୋଭାବ ଦ୍ୱାରା ତୁମେ ତୁମ ପରିବାର ଲୋକଙ୍କୁ ମଧ୍ୟ ଦୁଃଖ ଦେଉଛ । ଏସବୁ ବିଷୟରେ ଗଭୀର ଭାବରେ ଚିନ୍ତନ କଲେ ହିଁ ତୁମେ ନିଜକୁ ସୁଧାରି ପାରିବ । କାରଣ ତୁମ ପାଖରେ ସେହି ପ୍ରତିଭା ରହିଛି । ତାକୁ କେବଳ ଜାଗ୍ରତ କରିବାକୁ ହେବ । ସକାରାତ୍ମକ ବହି ଓ ଲେଖା ପଢିବାର ଅଭ୍ୟାସ କର । ଟେଲିଭିଜନ୍‌ରୁ ସକାରାତ୍ମକ ପ୍ରୋଗ୍ରାମ ଦେଖିଲେ ଆହୁରି ଭଲ ହେବ । ଜୀବନରେ ଏହିପରି ଅଘଟଣ ଘଟେ କିନ୍ତୁ ସେସବୁକୁ ଆମକୁ ଦୃଢ ମନୋବଳ ସହିତ ମୁକାବିଲା କରି ଆଗକୁ ମାଡିଯିବାକୁ ହେବ ।

**ସମସ୍ୟା: ୩**

ମୁଁ ବାପାମାଆଙ୍କର ଗୋଟିଏ ପୁଅ । ମୋର ଆଉ ଗୋଟିଏ ବଡ ଭଉଣୀ ବି ଅଛି । ସେ ଚାକିରି କରି ବେଙ୍ଗାଲୁରରେ ରହୁଛି । ଘରେ କେବଳ ମୁଁ, ମାଆ ଓ ବାପା । ମୋର ଭଉଣୀ ବହୁତ ଭଲ ପାଠ ପଢୁଥିଲା । ତେଣୁ ତାକୁ ପାଠ ସରିବା ସଙ୍ଗେ ସଙ୍ଗେ ଚାକିରି ମିଳିଗଲା । ମୁଁ ଏବେ ଯୁକ୍ତ ଦୁଇ ପଢୁଛି । ବାପାମାଆଙ୍କର ଇଚ୍ଛା ମୁଁ ଭଲ ପାଠ ପଢି ଡାକ୍ତର ବା ଇଜିନିୟରଟେ ହୁଏ । ମୋର କିନ୍ତୁ ପାଠ ପଢାରେ ସେତେ ଆଗ୍ରହ ନାହିଁ । ମୋତେ ରୋଷେଇ କରିବାକୁ ବହୁତ ଭଲ ଲାଗେ । ମୁଁ ଘରେ ବିଭିନ୍ନ ପ୍ରକାର ରୋଷେଇ ଘରୋଇ ଉପାୟରେ ତିଆରି କରିବାକୁ ଭଲ ପାଏ । ସେଥିପାଇଁ ମୁଁ ୟୁଟ୍ୟୁବରେ ଏହି

▼ଡୋଲା ଗୁହନିୟୋଗୀଙ୍କ ହସଖୁସିର ପରିବାର



ବିଷୟଗତ ବିଭିନ୍ନ ଲୋକଙ୍କର ଚ୍ୟାନେଲ ବି ଦେଖେ । ବିଭିନ୍ନ ନୂଆ ନୂଆ ରୋଷେଇ କରି ସାଙ୍ଗସାଥି ତଥା ବାପାମାଆଙ୍କୁ ବି ଖାଇବାକୁ ଦିଏ । କିନ୍ତୁ ଘରେ କେହି ହେଲେ ମୋର ଏହି କାମକୁ ପ୍ରଶଂସା କରନ୍ତି ନାହିଁ । ସେମାନଙ୍କ ମତରେ ଆଗ ପାଠ ପଢି ଭଲ ଚାକିରି କର ତାପରେ ଅନ୍ୟ କଥା । ମୋ ମାଆ ମୋତେ ସବୁବେଳେ କୁହନ୍ତି ରୋଷେଇ ଝିଅ ପିଲାଙ୍କ କାମ । ତୁ ପୁଅଟେ ହେଇ କାହିଁକି ଏଥିରେ ନିଜର ସମୟ ନଷ୍ଟ କରୁଛୁ । ସେ ମୋତେ ସବୁବେଳେ ମୋ ବଡ ଭଉଣୀର ଉଦାହରଣ ଦିଅନ୍ତି । ଯାହା ମୋତେ ଆଦୌ ଭଲ ଲାଗେ ନାହିଁ । କିନ୍ତୁ ମୁଁ ନିଜ ମନକଥା କାହାରିକୁ କହି ପାରେ ନାହିଁ । ବେଳେ ବେଳେ ମୋର ଅନେକ ସାଙ୍ଗ ମଧ୍ୟ ମୋତେ ଏହି ରୋଷେଇକୁ ନେଇ ଥଟ୍ଟା ପରିହାସ କରନ୍ତି ଯାହା ମୋତେ ବହୁତ କଷ୍ଟ ଦିଏ । ମୁଁ ଚାହେଁ ଏହି ରୋଷେଇରେ ହିଁ ମୋର କ୍ୟାରିୟର କରିବାକୁ । ଯାହା ମୁଁ ଘରେ କାହାକୁ ବି ମନଖୋଲି କହି ପାରୁନି । କାହିଁକି ଏହିପରି ଅନେକ ସମୟରେ ବାପାମାଆମାନେ ନିଜର ଇଚ୍ଛାକୁ ପିଲାମାନଙ୍କ ଉପରେ ଲଦି ଦିଅନ୍ତି ତାହା ବି ମୁଁ ବୁଝି ପାରୁନି । ମୁଁ ଏସବୁଥିରୁ ବାହାରି ନିଜ ଇଚ୍ଛାରେ ନିଜର ଭବିଷ୍ୟତ ଗଢିବାକୁ ଚାହୁଁଛି । ଦୟାକରି ମୋତେ ରାସ୍ତା ବତାନ୍ତୁ ।

**◣ସ୍ୱାତୀ ପ୍ରିୟଦର୍ଶିନୀ,** ଯାଜପୁର

**ସମାଧାନର ସୂତ୍ର :**

ଗୋଟିଏ ଦୃଷ୍ଟିରୁ ଦେଖିଲେ ଆପଣ ଯାହା ଲେଖିଛନ୍ତି ତାହା ଅତି ଆନନ୍ଦର କଥା । ଆପଣଙ୍କ ଘରକୁ ବନ୍ଧୁବାନ୍ଧବ ଅବା ନିଜ ଲୋକମାନେ ଆସିଲେ ଆପଣଙ୍କ ସ୍ୱାମୀ ସବୁ କାମ କରି ଦେଉଛନ୍ତି । ଆପଣଙ୍କୁ କିଛି କରିବାକୁ ପଡୁ ନାହିଁ । ଏଣୁ ଆପଣ ଭଗବାନଙ୍କୁ ପ୍ରାର୍ଥନା କରନ୍ତୁ ଯେ ସବୁ ଦିନ ଆପଣଙ୍କ ଘରକୁ ଏହିଭଳି ଲୋକ ଆସୁଥାନ୍ତୁ । ଅନେକ ପରିବାରରେ ବନ୍ଧୁବାନ୍ଧବ ବା ଅତିଥିମାନେ ଆସିଲେ ସ୍ୱାମୀ ଆରାମରେ ବସି ସ୍ତ୍ରୀଙ୍କୁ ବିଭିନ୍ନ କାମର ଆଦେଶ ଦିଅନ୍ତି । କାମଟି ଠିକ ସମୟରେ ନ ହୋଇ ପାରିଲେ ଅନ୍ୟମାନଙ୍କ ସାମ୍ନାରେ ସ୍ତ୍ରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରନ୍ତି । ଏହାଦ୍ୱାରା ଘରେ ତିକ୍ତତା ବଢିଯାଏ । ଆପଣଙ୍କ ମନଦୁଃଖର କାରଣ ହେଉଛି ଯେ ଆପଣଙ୍କ ବାପଘର ଓ ଶ୍ୱଶୁର ଘରର ଲୋକମାନେ ଭାବୁଥିବେ ଯେ ଆପଣ କିଛି କରୁ ନାହାନ୍ତି । ସେଥିପାଇଁ ଆପଣ ମାନସିକ ଅଶାନ୍ତିରେ ଛଟପଟ ହେଉଛନ୍ତି । ଆପଣ ମନେ ରଖିବା ଉଚିତ ଯେ ଆମ ବିଷୟରେ କିଏ କଣ ଭାବିଲା ସେ ବିଷୟରେ ଚିନ୍ତିତ ହେବାଟା ମୂର୍ଖାମିର ପରିଚୟ । କାରଣ ଆପଣ ନିଜେ କଣ କରୁଛନ୍ତି ତାହା ଆପଣ ନିଜେ ଭଲକରି ଜାଣନ୍ତି । ପ୍ରତ୍ୟେକ ବ୍ୟକ୍ତି ନିଜର କାମ ପାଇଁ ନିଜ ପାଖରେ ଉତ୍ତରଦାୟୀ । ଏଣୁ ଆପଣ ମନଦୁଃଖ କରିବା ପରିବର୍ତ୍ତେ ଅନ୍ୟମାନଙ୍କ ସାମ୍ନାରେ ସ୍ୱାମୀଙ୍କର ବହୁତ ପ୍ରଶଂସା କରନ୍ତୁ । ଆପଣଙ୍କ ସ୍ୱାମୀ ପ୍ରତ୍ୟେକ ଦିନ ଆପଣଙ୍କୁ ଏହିପରି ଘରର ସବୁ କାମରେ ସାହାଯ୍ୟ କରୁଛନ୍ତି ବୋଲି ଅନ୍ୟମାନଙ୍କ ସମ୍ମୁଖରେ କୁହନ୍ତୁ । ତାଙ୍କ ପରି ସ୍ୱାମୀ ପାଇ ଆପଣ ଭଗବାନଙ୍କ ପାଖରେ କୃତଜ୍ଞ ବୋଲି ବି କୁହନ୍ତୁ । ଏହା ବି ସତ ଯେ ଅନେକ ଘରେ ସ୍ୱାମୀମାନେ କିଛି କାମ କରନ୍ତି ନାହିଁ । ଏଣୁ ପ୍ରକୃତରେ ଏସବୁ ଦେଖି ଆପଣ ଖୁସି ହେବା ଦରକାର । କେବେ ବି ଭୁଲ୍‌ରେ ଏ ସଂପର୍କରେ ସ୍ୱାମୀଙ୍କର ଦୋଷ କାଢନ୍ତୁ ନାହିଁ ଅବା ତାଙ୍କ ସହିତ ଯୁକ୍ତି କରନ୍ତୁ ନାହିଁ । କଥାରେ ଅଛି କାନ୍ଦୁଥିବ ଯାହା ପାଉଥିବ ବାନ୍ଧୁଥିବ । ଏଣୁ ସ୍ୱାମୀ ଆପଣଙ୍କ ଘରର ଯେଉଁ ସବୁ କାମ କରୁଛନ୍ତି ସେଥିରେ ଖୁସି ହୁଅନ୍ତୁ । ନିଜ ମୁଣ୍ଡ ଥଣ୍ଡା ରଖନ୍ତୁ ଓ ଆନନ୍ଦରେ ଦିନ କାଟନ୍ତୁ ।

# ଓଡ଼ିଆ ଘରର ବ୍ୟଞ୍ଜନ



# ଘରୁଆ ବ୍ୟଞ୍ଜନ




ରୋନାଲିସା ପଣ୍ଡା
ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧
ଫୋନ: ୭୦୦୮୪୮୬୭୩୮


ଫଟୋ ସୌଜନ୍ୟ : ଲେଖିକା

## ପନିର୍ ଦିଲ୍‌ଖୁସ୍



**ଆବଶ୍ୟକ ସାମଗ୍ରୀ :** ପନିର- ୨୦୦ ଗ୍ରାମ କଞ୍ଚାଲଙ୍କା- ୧, ଲଙ୍କାଗୁଣ୍ଡ-୧/୨ଚାମଚ, ଟମାଟୋ-୩ଟା, ଜୀରା- ୧ ଚାମଚ, କସ୍ତୁରୀ ମେଥି ୧/୨ଚାମଚ, ପିଆଜ-୧, ଲବଙ୍ଗ ୨ଟା, ମହୁ- ୨ ଚାମଚ, କାଜୁ-୫/୬ଟା, ହଳଦୀ- ୧/୨ଚାମଚ, ତେଲ-୫ ଚାମଚ, ଘିଅ-୧ଚାମଚ, ଲୁଣ- ସ୍ୱାଦ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପନିରକୁ ଛୋଟ ଛୋଟ କାଟି ଲୁଣ ଦିଆ ଉଷୁମ ପାଣିରେ ପକାଇ ୧୦ମିନିଟ ପରେ କାଢ଼ି ଦିଅନ୍ତୁ । ୧ ଚାମଚ ତେଲ କଡ଼େଇରେ ପକାଇ ଚୁଲି ଉପରେ ବସାନ୍ତୁ । ତେଲ ଗରମ ହେଲେ ଲବଙ୍ଗ ପିଆଜ କଟା, କଞ୍ଚାଲଙ୍କା, କାଜୁ ଟାଟୋ କଟା ଅଳ୍ପ ଲୁଣଦେଇ ଭାଜନ୍ତୁ । ୫/୬ମିନିଟ ପରେ ଟମାଟୋ ସିଝିଗଲେ ଥଣ୍ଡାକରି ମିକ୍‌ସର୍‌ରେ ବାଟି ଦିଅନ୍ତୁ । ଏକ କଡ଼େଇରେ ତେଲ ଗରମ କରି ଜୀରା ପକାନ୍ତୁ । ପରେ ହଳଦୀ ଏବଂ ଲଙ୍କା ଗୁଣ୍ଡ ପକାଇ ସଙ୍ଗେ ସଙ୍ଗେ ତିଆରି ହୋଇଥିବା ପେଷ୍ଟକୁ ପକାନ୍ତୁ । ଅଳ୍ପ ପାଣି ଦେଇ ୫/୬ମିନିଟ ଘୋଡ଼େଇ ଦିଅନ୍ତୁ, ପରେ ପନିର ପକାଇ ଆବଶ୍ୟକ ଅନୁସାରେ ଲୁଣ ପକାନ୍ତୁ । ଶେଷରେ ୨ ଚାମଚ ମହୁ ପକାଇ ଚୁଲା ବନ୍ଦ କରି ଦିଅନ୍ତୁ । ଅନ୍ୟ ଏକ କଡ଼େଇରେ ଘିଅ ପକାଇ କସ୍ତୁରୀ ମେଥି ପକାଇ ତରକାରୀରେ ପକାନ୍ତୁ ଏବଂ ସର୍ଭ କରନ୍ତୁ ।

## ସାରୁ ଗ୍ରେଭି ମସଲା



**ଆବଶ୍ୟକ ସାମଗ୍ରୀ :** ସାରୁ - ୫୦୦ଗ୍ରାମ, ଆଳୁ-୨ଟା, ପିଆଜକଟା- ୧ଟା, ଅଦା ରସୁଣ ବଟା-୩ ଚାମଚ, ଶୁଖିଲା ଲଙ୍କା-୨ଟା, ଟମାଟୋ-୨ଟା କଟା, ଧନିଆଗୁଣ୍ଡ-୧ଚାମଚ, ଡାଲଚିନି-୧ଟା, ହଳଦି ଗୁଣ୍ଡ-୧/୨ଚାମଚ, ଜୁଆଣି-୧ଚାମଚ, ଲୁଣ ସ୍ୱାଦ ଅନୁସାରେ, ଲଙ୍କାଗୁଣ୍ଡ ୧/୨ ଚାମଚ, ବେସନ-୧ ଚାମଚ, ଶୋରିଷ ତେଲ ୧୦୦ମି.ଲି, ଜିରା-୧ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପିଆଜ ଓ ଶୁଖିଲା ଲଙ୍କାର ପେଷ୍ଟ ତିଆରି କରନ୍ତୁ । ସାରୁ ଓ ଆଳୁର ଚୋପା ଛଡ଼ାଇ, ପୋଛି ତାକୁ କାଟି ଗରମତେଲରେ ଭାଜି କାଢ଼ି ଦିଅନ୍ତୁ । ସେହି ତେଲରେ ଜିରା ଏବଂ ଜୁଆଣି ପକାନ୍ତୁ ଏହାପରେ ଲଙ୍କା ଗୁଣ୍ଡ ହଳଦୀ ଗୁଣ୍ଡ ପକାଇ ସଙ୍ଗେ ସଙ୍ଗେ ପିଆଜ ବଟା ପକାନ୍ତୁ । ପିଆଜ ଭାଜି ହୋଇ ଗଲେ କଟା ଟମାଟୋ ଓ ଲୁଣ ପକାନ୍ତୁ । ୧/୩ ମିନିଟ୍ ପରେ ଅଦାର ସୁଗବଟା, ଧଣିଆ ଗୁଣ୍ଡ ଓ ବେସନ ପକାନ୍ତୁ । ମସଲା ଟିକେ କସିହୋଇ ଗଲେ ଭଜା ଆଳୁ ସାରୁ ପକାଇ ପାଣି ଦେଇ ଘୋଡ଼େଇ ଦିଅନ୍ତୁ । ୧୦/୧୫ ମିନିଟ ପରେ ଗ୍ୟାସ ବନ୍ଦ କରି ଗରମ ମସଲା ଓ ଧନିଆପତ୍ର ଦେଇ ସରଭ କରନ୍ତୁ ।

## ସାହୀ ବାଦାମ ଭେଣ୍ଡି

**ଆବଶ୍ୟକ ସାମଗ୍ରୀ :** ଭେଣ୍ଡି ୩୦୦ଗ୍ରାମ, ବାଦାମ-୫୦ଗ୍ରାମ, ଚାର୍‌ମଗଜ-୧ଚାମଚ, ଗୋଟା ଧନିଆ- ୩ ଚାମଚ, ତେନ୍ତୁଳି ମଣ୍ଡ-୨ ଚାମଚ, ହଳଦୀଗୁଣ୍ଡ ୧ ଚାମଚ, ଲଙ୍କାଗୁଣ୍ଡ-୧ ଚାମଚ, କଞ୍ଚାଲଙ୍କା- ୨ଟା, ଭୃସୁଙ୍ଗପତ୍ର-୫/୬ଟା, ସୋରିଷ ତେଲ, ୧ କପ୍, ଫୁଟଣ-୧ଚାମଚ, ଚିନି-୧ଚାମଚ, ଲୁଣ- ନିଜ ଆବଶ୍ୟକ ଅନୁସାରେ ।



**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଭେଣ୍ଡିକୁ କାଟି ତାକୁ ଗରମ ତେଲରେ ଫ୍ରାଏ କରିକି କାଢ଼ି ଦିଅନ୍ତୁ । ବାଦାମ, ଚାର୍‌ମଗଜ, ଗୋଟା ଧନିଆକୁ ଶୁଖିଲା ଭାଜି ଥଣ୍ଡା ହେବାକୁ ଦିଅନ୍ତୁ । ଏଥିରେ କଞ୍ଚାଲଙ୍କା ଏବଂ ଅଳ୍ପ ପାଣି ଦେଇ ଏହାର ପେଷ୍ଟ ତିଆରି କରନ୍ତୁ । କଡ଼ାଇରେ ତେଲ ଗରମ କରନ୍ତୁ ଏବଂ ସେଥିରେ ଭୃସୁଙ୍ଗା ପତ୍ର, ଫୁଟଣ, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ ଦେଇ ତିଆରି ହୋଇଥିବା ପେଷ୍ଟକୁ ଭଲକରି ଘାଣ୍ଟି ଦିଅନ୍ତୁ । ଏହାପରେ ସେଥିରେ ତେନ୍ତୁଳି ମଣ୍ଡ, ଚିନି ଏବଂ ଲୁଣ ପକାନ୍ତୁ । ଏଥିରେ ଟିକେ ପାଣି ଦେଇ ଫୁଟିବାକୁ ଦିଅନ୍ତୁ । ଗ୍ରେଭି ପ୍ରସ୍ତୁତ ହୋଇଗଲେ ସେଥିରେ ପୂର୍ବରୁ ଭଜା ହୋଇଥିବା ଭେଣ୍ଡି ପକାଇ ଦିଅନ୍ତୁ ଏବଂ ୨/୩ ମିନିଟ୍ ପରେ ବନ୍ଦ କରି ଦିଅନ୍ତୁ । ଧନିଆ ପତ୍ର ଉପରେ ରଖି ଗରମ ଗରମ ପରଷି ଦିଅନ୍ତୁ ।

## ମନ୍ଦାର ଫୁଲ ସର୍ବତ୍

**ଆବଶ୍ୟକ ସାମଗ୍ରୀ :** ୩ଟା ମନ୍ଦାରଫୁଲ ପାଖୁଡ଼ା, ମହୁ ୨ଚାମଚ, ଲେମ୍ବୁ-୨/୪ଟା ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମନ୍ଦାରଫୁଲ ପାଖୁଡ଼ା କାଢ଼ି ଧୋଇ ଦିଅନ୍ତୁ । ଏହାପରେ ଗୋଟିଏ ପାତ୍ରରେ ଗୋଟେ ଗ୍ଲାସ୍ ପାଣି ନିଅନ୍ତୁ ଏବଂ ଗ୍ୟାସ୍ ଚୁଲାରେ ବସାନ୍ତୁ । ପାଣି ଉଷୁମ ହୋଇଗଲେ ସେଥିରେ ମନ୍ଦାର ପାଖୁଡ଼ା ପକାଇ ଦିଅନ୍ତୁ ଏବଂ ଗ୍ୟାସ୍‌କୁ ବନ୍ଦ୍ କରି ଦିଅନ୍ତୁ । ତାପରେ ଗୋଟିଏ ଗ୍ଲାସ୍‌ରେ ଛାଣି ଦିଅନ୍ତୁ ଏବଂ ମହୁ ଓ ଲେମ୍ବୁ ରସ ପକାଇ ପରଷନ୍ତୁ ।



# ଦେଶୀ ବ୍ୟଞ୍ଜନର ବାସ୍ନା



# ଦୁଇଟି ବ୍ୟଞ୍ଜନ





**ରିୟା ନନ୍ଦ**
ପ୍ଲଟ୍ ନଂ- ୧୯୬୭, ଚୌଧୁରୀ କଲୋନୀ,
ଚିନ୍ତାମଣିଶ୍ୱର, ଚିନ୍ତାମଣିଶ୍ୱର ମନ୍ଦିର ପାଖ,
ଭୁବନେଶ୍ୱର-୭୫୧୦୦୬
ଫୋନ :୯୪୩୯୭୨୪୩୦୦

ଫଟୋ ସୌଜନ୍ୟ : ଲେଖିକା

## ଛତୁ ପତ୍ରପୋଡ଼ା

**ଆବଶ୍ୟକ ସାମଗ୍ରୀ :** ଛତୁ- ୫୦୦ ଗ୍ରାମ, ସୋରିଷ, ଲଙ୍କା, ଜୀରା, ରସୁଣ ବଟା- ୫/୬ ଚାମଚ, କଞ୍ଚା ଲଙ୍କା ୧ଟା, ହଳଦୀ ଗୁଣ୍ଡ-୧ଛୋଟ ଚାମଚ, ସୋରିଷ ତେଲ, ପିଆଜ ୧ଟା, ବିଲାତି ୧ଟା(ଚୁନାଚୁନା), ଗୋଟା ରସୁଣ-୨ଟା, ଲୁଣ ସ୍ୱାଦ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଛତୁରେ ଲୁଣ ହଳଦୀ ପକେଇ ସନ୍ତୁଳିବେ । ତାପରେ ଛତୁରୁ ପାଣି ମରିଗଲା ପରେ ସେଥିରେ ବଟା ମସଲା, ଚୁନାଚୁନା ପିଆଜକଟା, ବିଲାତି ଏବଂ ଗୋଟା ରସୁଣ ଏବଂ କଞ୍ଚାଲଙ୍କା ପକାଇ ଗୋଳାଇ ଦେବେ । ଅଳ୍ପ ଲୁଣ ଦେଇ ଆଉ ଟିକେ ଗୋଳେଇ ଉପରେ ସୋରିଷ ତେଲ ଦେବେ । ପରିଶେଷରେ ଏହାକୁ ଶାଳପତ୍ରରେ କିମ୍ବା ଅନ୍ୟକିଛି ପତ୍ରରେ ଭଲଭାବେ ବାନ୍ଧି ଚୁଲି କିମ୍ବା ଗ୍ୟାସ୍‌ରେ କଡ଼େଇରେ ତେଲ ମାରି ବସେଇ ଦେବେ । ଅଧଘଣ୍ଟାରୁ ଚାଳିଶ ମିନିଟ୍ ଭିତରେ ପ୍ରସ୍ତୁତ ହୋଇଯିବ ପତ୍ରପୋଡ଼ା ।

## କଖାରୁ ଶାଗ ବରା

**ଆବଶ୍ୟକ ସାମଗ୍ରୀ :** କଖାରୁ ପତ୍ର ୪ଟା, ବେସନ ୫/୬ ବଡ଼ ଚାମଚ, ଲଙ୍କା ଗୁଣ୍ଡ-୧ ଛୋଟ ଚାମଚ, ଜୀରାଗୁଣ୍ଡ ୧ଛୋଟ ଚାମଚ, ହଳଦୀ ଗୁଣ୍ଡ-୧ ଛୋଟ ଚାମଚ, ଅଦା ରସୁଣ ପେଷ୍ଟ - ୧ ଚାମଚ, ଲୁଣ ସ୍ୱାଦ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବେସନରେ ଅଳ୍ପ ପାଣି ଦେଇ ବହଳିଆ କରି ଗୋଳାନ୍ତୁ । ଲଙ୍କାଗୁଣ୍ଡ, ଜୀରାଗୁଣ୍ଡ, ହଳଦୀଗୁଣ୍ଡ, ଅଦା ରସୁଣ ପେଷ୍ଟ ଓ ଲୁଣ ଗୋଳାଇ ରଖିବେ । କଖାରୁ ପତ୍ରରେ କିଛି ବେସନ ଲଗେଇ ଚଉତି ଦିଅନ୍ତୁ । ପୁଣିଥରେ ସମାନ ପ୍ରଣାଳୀରେ ଆଉ କିଛି ବେସନ ଲଗେଇ ଆଉ ପରସ୍ତେ ଚଉତି ଦିଅନ୍ତୁ । ପରିଶେଷରେ ବେସନରେ ଗୋଳେଇ ଛାଣନ୍ତୁ । ହେଇଗଲା କଖାରୁ ଶାଗର ବରା । ଗରମ ଗରମ ଖାଆନ୍ତୁ ।



# ସ୍ୱତନ୍ତ୍ର ରାନ୍ଧଣା



# ସାଗୁ ଦାନାର ଦୁଇଟି ବ୍ୟଞ୍ଜନ





**କାକଳି ଭଞ୍ଜ**

ବି-୩୦୧, ଷ୍ଟାଫ୍ କ୍ୱାର୍ଟର୍, ସିକ୍କିମ୍ ମଣିପାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ୍ ସାଇନ୍ସ୍, ତଡ଼ଙ୍ଗ, ଗାଙ୍ଗଟକ

ଫୋନ : ୯୪୭୪୭୯୯୩୬୧


ଫଟୋ ସୌଜନ୍ୟ : ଲେଖିକା

## ସାଗୁ ପାଏସ୍




**ଆବଶ୍ୟକ ସାମଗ୍ରୀ :** ୧ କପ୍ ବଡ଼ ଦାନା ଶାଗୁ, ୧ ଲିଟର କ୍ଷୀର, ସ୍ୱାଦ ପାଇଁ ଚିନି, ବାଦାମ, ତେଜପତ୍ର ।

**ପ୍ରସ୍ତୁତି ପ୍ରଣାଳୀ:** ଶାଗୁ ସାରାରାତି ପାଣିରେ ଭିଜେଇ ରଖନ୍ତୁ ଓ ସକାଳେ ପାଣିରୁ ଛାଣି ଦିଅନ୍ତୁ । ପ୍ରଥମେ ଗ୍ୟାସ୍‌ରେ କ୍ଷୀରକୁ ଫୁଟାନ୍ତୁ । ସେଥିରେ ଚିନି ପକେଇ କ୍ଷୀର ବହଳିଆ ହେବା ଯାଏଁ ଫୁଟାନ୍ତୁ । କିଛି ତେଜପତ୍ର ପକାନ୍ତୁ ଫୁଟେଇଲା ବେଳେ । ଏହା ସୁଗନ୍ଧିତ କରିବ ପାଏସ୍‌କୁ । ଅନ୍ୟ ଏକ ଫ୍ରାଇଂପ୍ୟାନ୍‌ରେ ପାଣିରେ ଭିଜେଇଥିବା ଶାଗୁକୁ ଏକ ଚାମଚ୍ ଘିଅରେ ଭାଜନ୍ତୁ । ଶାଗୁ ଟ୍ରାନ୍ସପରେଣ୍ଟ୍ ନଦେଖା ଯିବା ପର୍ଯ୍ୟନ୍ତ ଭାଜିବେ । ଏଥର ଏହି ଭଜା ଶାଗୁକୁ ପୂର୍ବରୁ ବହଳିଆ ଫୁଟା କ୍ଷୀରରେ ମିଶେଇ ଆଉ କିଛି ସମୟ ଫୁଟାନ୍ତୁ । କିଛି ବାଦାମ୍ ମିଶାନ୍ତୁ । ତା'ପରେ ଅଳେଇଚ ଗୁଣ୍ଡ ପକେଇ ଓହ୍ଲେଇ ରଖି ଥଣ୍ଡା ହେବା ପରେ ପରଷନ୍ତୁ ।

## ସାଗୁଦାନା ବରା

**ଆବଶ୍ୟକ ସାମଗ୍ରୀ :** ତେଲ, ଏକ କପ୍ ସାଗୁଦାନା, ୪ଟି ସିଝା ଆଳୁ, ଅଧକପ୍ ବାଦାମ, କଂଚାଲଙ୍କା, ଅଦା ପେଷ୍ଟ, ଧନିଆପତ୍ର, ଲୁଣ ସ୍ୱାଦ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସାଗୁଦାନାକୁ ଦୁଇଘଣ୍ଟା ପାଣିରେ ଭିଜାଇ ରଖନ୍ତୁ । ଏବେ ବାଦାମ ମଂଜିକୁ ଅଳ୍ପ ଭାଜି ଦିଅନ୍ତୁ । ଏହାପରେ ବାଦାମ ମଂଜିରୁ ଚୋପା ଛଡ଼ାଇ ଗ୍ରାଇଣ୍ଡିଂ କରିଦିଅନ୍ତୁ । ଏବେ ସିଝା ଆଳୁକୁ ଭଲ ଭାବେ ଚକଟି ଦିଅନ୍ତୁ । ଏଥିରେ ଏବେ ସାଗୁଦାନାକୁ ଭଲ ଭାବେ ଛାଣି ପକାଇ ଦିଅନ୍ତୁ । ପରେ ଏଥିରେ କଂଚାଲଙ୍କା, ଅଦା ପେଷ୍ଟ, ଧନିଆପତ୍ର ଏବଂ ସ୍ୱାଦାନୁସାରେ ଲୁଣ ପକାଇ ଭଲଭାବେ ମିଶାଇ ଦିଅନ୍ତୁ । ଏହି ମିଶ୍ରଣକୁ ନେଇ ଛୋଟ ଛୋଟ ବଲ୍ କରି ତେଲରେ ଛାଣି ଦିଅନ୍ତୁ । ଏହାକୁ ସୁନେଲୀ ରଙ୍ଗ ହେବା ପର୍ଯ୍ୟନ୍ତ ଛାଣନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ସାଗୁଦାନା ବରା । ଏହାକୁ ଚଟଣି ସହିତ ଖାଇ ପାରିବେ ।



# କୋବିର କିମିଆଁ



# ଦୁଇଟି ବ୍ୟଞ୍ଜନ




**ଜ୍ୟୋସ୍ନାରାଣୀ ତ୍ରିପାଠୀ**

କାଶିପୁର, କେନ୍ଦୁଝର

ଫୋନ : ୯୪୩୮୭୯୦୨୭୦


ଫଟୋ ସୌଜନ୍ୟ : ଲେଖିକା

## ବନ୍ଧାକୋବି ପିଠା



**ଆବଶ୍ୟକ ସାମଗ୍ରୀ :** ଗୋଟିଏ ବନ୍ଧାକୋବି, ୧୦୦ଗ୍ରାମ୍ ଅରୁଆ ଚାଉଳ, ଗୋଟେ ପିଆଜ, ୨ଟା ରସୁଣ, ଅଳ୍ପ ଜୀରା ଓ କଞ୍ଚା ଲଙ୍କା, ୧୦୦ଗ୍ରାମ୍ ତେଲ, ସ୍ୱାଦ ଅନୁସାରେ ଲୁଣ, ଅଳ୍ପ ହଳଦୀ ଓ କିଛି ଧଣିଆ ପତ୍ର ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବନ୍ଧାକୋବିକୁ ଛୋଟ ଛୋଟ କରି କାଟିନେବା । ଅରୁଆ ଚାଉଳ, ପିଆଜ, ରସୁଣ, ଜୀରା, କଞ୍ଚାଲଙ୍କାକୁ ବାଟିନେବା । ଦେଖିବେ ଆଣଟି ଯେମିତି ମୋଟ ବା ବହଳିଆ ହୋଇ ରହିବ । ଏହାପରେ କଟା ବନ୍ଧାକୋବିରେ ଲୁଣ, ହଳଦୀ ଓ ବଟା ଆଣକୁ ଭଲଭାବେ ଗୋଳେଇ ନେବା । ତାଓ୍ୱାରେ ତେଲ ଗରମ କରି ସେଥିରେ ବଟା ଆଣକୁ ଗୋଲ୍ କରି ତାଓ୍ୱାରେ ଭାଜିବା । ପିଠାଟି ଲାଲ୍ ହେବା ପର୍ଯ୍ୟନ୍ତ ଓଲଟ ପାଲଟ କରି ଭାଜିନେବା । ଏହାପରେ ଏହାକୁ ଓହ୍ଲାଇ ଗରମ ଗରମ ପରଷିବା ।

## ଫୁଲକୋବି ନଡ଼ିଆ ରସ

**ଆବଶ୍ୟକ ସାମଗ୍ରୀ :** ଗୋଟିଏ ଫୁଲକୋବି, ଗୋଟେ ନଡ଼ିଆ, ୧୫୦ଗ୍ରାମ ପିଆଜ, ୭ ପାଖୁଡ଼ା ରସୁଣ, ଖଣ୍ଡେ ଛୋଟ ଅଦା, କିଛି ଶୁଖିଲା ଲଙ୍କା, ୫ ଗ୍ରାମ ଗରମ ମସଲା ଗୁଣ୍ଡ, ୨୦ ଗ୍ରାମ ଟମାଟୋ, ୧୦୦ ଗ୍ରାମ ମଟର ମଞ୍ଜି, ୧୦୦ ଗ୍ରାମ ତେଲ, ୧୫୦ଗ୍ରାମ ଆଳୁ, ୧୦ଟା କିସ୍‌ମିସ୍, କିଛି ଧଣିଆପତ୍ର, ଆବଶ୍ୟକୀୟ ମୁତାବକ ଲୁଣ ଓ ହଳଦୀ ଗୁଣ୍ଡ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପିଆଜ, ରସୁଣ, ଅଦା, ଶୁଖିଲା ଲଙ୍କା, କିଛି ନଡ଼ିଆ କୋରାକୁ ଭଲ ଭାବେ ବାଟି ନେବା । ଟମାଟୋକୁ ଛୋଟ ଛୋଟ କରି କାଟିନେବା । ଆଳୁକୁ ଚୋପା ଛଡ଼ାଇ ଛୋଟ ଛୋଟ କାଟି ତେଲରେ ଛାଣିନେବା, ଏହାପରେ ପିଆଜକୁ ଲାଲ୍ କରି ଭାଜି ସେଥିରେ ଟମାଟୋ କଟା, ବଟା ମସଲା, ଲୁଣ ଓ ହଳଦୀ ଦେଇ କଷି ନେବା । ଏହାପରେ ଅନ୍ୟ ଏକ ପାତ୍ରରେ କିଛି ନଡ଼ିଆ କୋରାକୁ ପାଣିରେ ଫେଣ୍ଟି ଏଥିରୁ ନଡ଼ିଆ ରସ ବାହାର କରିନେବା । ସେହି ରସକୁ ତରକାରୀରେ ପକାଇ ୫ ମିନିଟ୍ ଫୁଟାଇବା । ତାପରେ ଓହ୍ଲାଇ ଦେବା । ଏହାପରେ ଏଥିରେ କଟା ଧଣିଆ ପତ୍ର ଦେଇ ପରଷିବା ।



# ଦୁଇଟି ମିଷ୍ଟାନ୍ନ ରାନ୍ଧଣା



# ଦୁଇଟି ମିଷ୍ଟାନ୍ନ



**ସୁନନ୍ଦା ବେହେରା**
ମାଇନିଂ ରୋଡ଼, କେନ୍ଦୁଝର

ଫଟୋ ସୌଜନ୍ୟ : ଲେଖିକା


## ଛେନାପୋଡ଼



**ଆବଶ୍ୟକ ସାମଗ୍ରୀ :** କ୍ଷୀର ୧.୫ ଲିଟର୍, ସୁଜି, ଚିନି, କାଜୁ, କିସ୍‌ମିସ୍, ଅଳେଇଚ ୪/୫ଟି, ଗୁଆ ଘିଅ / ରିଫାଇନ୍ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ଛେନାପୋଡ଼ ତିଆରି ପାଇଁ ପ୍ରଥମେ ୧.୫ ଲିଟର କ୍ଷୀରକୁ ଛିଣ୍ଡାଇ ଛେନା ତିଆରି କରି ଚାଲୁଣି ସାହାଯ୍ୟରେ ଛାଣି ନେବା । ଧ୍ୟାନ ରଖିବା ଛେନାରୁ ଯେମିତି ପାଣି ପୁରା ନିଗିଡ଼ି ନଯାଏ । ଏବେ ଛେନାକୁ ଗୋଟେ ବାଉଲ୍‌ରେ ରଖି ହାଲ୍‌କା ଥଣ୍ଡା ହେବା ପାଇଁ ଛାଡ଼ି ଦେବା । ଥଣ୍ଡା ହେଇଗଲେ ତାକୁ ଚାମଚ୍ କିମ୍ବା ହାତ ସାହାଯ୍ୟରେ ଦଳି ନରମ କରିନେବା । ଏବେ ସେଥିରେ ତିନି ଚାମଚ୍ ସୁଜି ଆଉ ସ୍ୱାଦ ଅନୁସାରେ ଚିନି ଦେଇ ଗୋଳେଇ ୧୫ ମିନିଟ୍ ପାଇଁ ରଖିଦେବା । ୧୫ ମିନିଟ୍ ପରେ ୨ ଚାମଚ୍ ଘିଅ / ତେଲ ଏଥିରେ ମିଶେଇବା । ନିଜ ପସନ୍ଦ ମୁତାବକ କାଜୁ କିସ୍‌ମିସ୍ ଖଣ୍ଡ ଓ ଅଳେଇଚ ଗୁଣ୍ଡ ଏଥିରେ ମିଳେଇ ଗୋଳେଇବା । ଏବେ ଏକ ଆଲୁମିନିୟମ୍ କଣ୍ଟେନର୍ (କେକ୍ ପ୍ରସ୍ତୁତ କରାହେଉଥିବା ପାତ୍ର) ନେଇ, ସେଥିରେ ଅଳ୍ପ ତେଲ ବା ଘିଅକୁ ପାତ୍ରରେ ଭଲକରି ବୋଳିଦେବା ଓ ବଟର୍‌ପେପର୍‌ରେ ରଖିବା, ଏଥର ତିଆରି ହେଇଥିବା ଛେନାକୁ ପାତ୍ରରେ ଢାଳିବା ଏବଂ ମାଇକ୍ରୋୱେଭ୍‌ରେ ୪୫ ମିନିଟ୍ ପର୍ଯ୍ୟନ୍ତ ୧୮୦ ଡିଗ୍ରୀରେ ବେକ୍ ହେବାକୁ ଛାଡ଼ିଦେବା । ୪୫ ମିନିଟ୍ ପରେ ସୁଇଚ୍ ଅଫ୍ କରି ଦେଖନ୍ତୁ ପ୍ରସ୍ତୁତ ହେଇ ଯାଇଥିବ ସ୍ୱାଦିଷ୍ଟ ଛେନାପୋଡ଼ ।

## ରାବିଡ଼ି ମାଲପୁଆ



**ଆବଶ୍ୟକ ସାମଗ୍ରୀ :** ୧ଲିଟର କ୍ଷୀର, ମଇଦା ୪୦ ଗ୍ରାମ, ଚିନି ୨କପ୍, ଗୁଜୁରାତି ୭/୮ଟି, ୧/୨ଗୁଆଘିଅ / ରିଫାଇନ୍ ତେଲ, ଅଳ୍ପ କାଜୁ ପିସ୍ତା ବାଦାମ ଓ ପାଣି ।

**ପ୍ରସ୍ତୁତି ପ୍ରଣାଳୀ :** ରାବିଡ଼ି ମାଲପୁଆ ପ୍ରସ୍ତୁତ କରିବା ପାଇଁ ଗୋଟେ ଲିଟର କ୍ଷୀର ନେଇ ଚୁଲାରେ ବସେଇ ଫୁଟାଇବା । କ୍ଷୀର ଅଧା ହେବା ପର୍ଯ୍ୟନ୍ତ, କ୍ଷୀର ଗାଢ଼ ହେଲା ପରେ ଏହାକୁ ଅଲଗା ଏକ ପାତ୍ରରେ କାଢ଼ି ଥଣ୍ଡା ହେବା ପାଇଁ ଛାଡ଼ିଦେବା । ଥଣ୍ଡା ହେଲା ପରେ ଏଥିରେ ମଇଦା ୪୦ ଗ୍ରାମ୍ ନେବା ଓ ଅଳ୍ପ ଅଳ୍ପ କରି ଭଲ ଭାବେ କ୍ଷୀରରେ ମିଶେଇବା । ଆଣଟିକୁ ଏପରି କରିବା ଯେମିତି ଏହା ଅତ୍ୟଧିକ ପତଳା ବା ଅତି ବହଳିଆ ନହୁଏ । ଏଥର ପ୍ରସ୍ତୁତ କରିବା ସିରା । ସିରା ପାଇଁ ଚିନି ଦୁଇ କପ୍‌ରେ ଦେଢ଼ କପ୍ ପାଣି ଏକ ପାତ୍ରରେ ଦେଇ ଚୁଲାରେ ବସେଇ ଫୁଟାଇବା । ଏଥିରେ ପକେଇବା ୪/୫ଟି ଗୁଜୁରାତିର ଗୁଣ୍ଡ ତଥା ୨ଟି ଗୋଟା ଗୁଜୁରାତି । ସିରା ବହଳିଆ ହେଇଗଲେ ଚୁଲାରୁ ଓହ୍ଲାଇ ଅଲଗା ରଖିଦେବା । ଏଥର ଚୁଲାରେ ଆଉ ଏକ ପ୍ୟାନ୍ ବସେଇ ଅଧା କପ୍ ଘିଅ ବା ରିଫାଇନ୍ ତେଲ ଗରମ କରିବା । ତେଲ ଗରମ ହେଇଗଲେ ଆଂଚ ମଧ୍ୟମରେ ରଖି ପୂର୍ବ ପ୍ରସ୍ତୁତ ଆଣକୁ ଡଙ୍କି ସାହାଯ୍ୟରେ ଅଳ୍ପ ଅଳ୍ପ ଢାଳି ମାଲପୁଆ ଆକାର ଦବା । ଧ୍ୟାନ ରଖିବା, ଏହାକୁ ଚକୁଳି ପରି ଉପରୁ ପ୍ରେସ୍ କରାଯାଏ ନାହିଁ ଏବଂ ଗୋଟେ ପ୍ୟାନ୍‌ରେ ଏକାବେଳେ ତିନୋଟିରୁ ଅଧିକା ଦବା ନାହିଁ । ମାଲପୁଆ ଗୁଡ଼ିକର ଉଭୟ ପାର୍ଶ୍ୱ ଭଲ ଭାବେ ଛାଣିନେବା ଏବଂ ଏହାକୁ ବାହାରକୁ କାଢ଼ି ପୂର୍ବ ପ୍ରସ୍ତୁତ ସିରାରେ ୨/୩ ମିନିଟ୍ ବୁଡ଼େଇ ରଖି ଅଲଗା ପ୍ଲେଟ୍‌କୁ କାଢ଼ି ନେବା । ଏଥର ପିସ୍ତା ବାଦାମ୍ ଓ କାଜୁ ଖଣ୍ଡ ଉପରେ ପକେଇ ସଜେଇ ଗରମ ଗରମ ପରଷି ଦିଅନ୍ତୁ ସ୍ୱାଦିଷ୍ଟ ମାଲପୁଆ ।

# ଓଡ଼ିଆ ରାନ୍ଧଣା



# ଦୁଇଟି ବ୍ୟଞ୍ଜନ




**ସୁଚେତା ନନ୍ଦ**

ତ୍ରିଶୁଳିଆ, କଟକ

ଫୋନ: ୭୭୪୯୮୪୫୦୦୭


ଫଟୋ ସୌଜନ୍ୟ : ଲେଖିକା



## ପଣସ କୋଫ୍‌ତା

**ଆବଶ୍ୟକ ସାମଗ୍ରୀ :** ଗୋଟିଏ ଛୋଟ କଷି ପଣସ, ଲୁଣ, ହଳଦୀ, ବେସନ, ଛାଣିବା ପାଇଁ ତେଲ, ବଟା ପିଆଜ, ଟମାଟୋ ବଟା, ଲଙ୍କାଗୁଣ୍ଡ, ଗରମ ମସଲା, ପାଣି ।


**ପ୍ରସ୍ତୁତି ପ୍ରଣାଳୀ:** ପଣସକୁ ଛୋଟ ଛୋଟ ଖଣ୍ଡ କରି କାଟି ଲୁଣ, ହଳଦୀ ଦେଇ ସିଝାଇ ଦିଅନ୍ତୁ । ଖୁବ୍ ଭଲ ଭାବେ ସିଝିଗଲା ପରେ ଥଣ୍ଡା କରି ହାତରେ ଚକଟି ଦେଇ ଛୋଟ ଛୋଟ ଗୋଲା ପ୍ରସ୍ତୁତ କରନ୍ତୁ । ସେଇ ଗୋଲାଗୁଡ଼ିକୁ ଗରମ ତେଲରେ ଛାଣି ଏକ ପାତ୍ରରେ ରଖନ୍ତୁ । ତା'ପରେ କଡ଼ାଇରେ ସାମାନ୍ୟ ତେଲ ଗରମ କରି ବଟା ପିଆଜ, ବଟା ଟମାଟୋ, ଲୁଣ, ହଳଦୀ, ଗରମ ମସଲା ଦେଇ କଷନ୍ତୁ । ମସଲା କଷିବା ପରେ ସାମାନ୍ୟ ପାଣି ଦେଇ ଏକ ସୁନ୍ଦର ଗ୍ରେଭି ପ୍ରସ୍ତୁତ କରନ୍ତୁ । ଗ୍ରେଭି ଟିକେ ଫୁଟି ଆସିଲେ କୋଫ୍‌ତାଗୁଡ଼ିକୁ ତା' ମଧ୍ୟରେ ପକାନ୍ତୁ । ବର୍ତ୍ତମାନ ଗ୍ୟାସ୍‌ଷ୍ଟୋଭ୍ ବନ୍ଦ୍ କରି ବ୍ୟଞ୍ଜନକୁ ଓହ୍ଲାଇ ଆଣନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ପଣସ କୋଫ୍‌ତା । ଦହି ସହିତ ଗରମାଗରମ କୋଫ୍‌ତାର ମଜା ନିଅନ୍ତୁ ।

## ବିଟ୍ ରାଇସ୍

**ଆବଶ୍ୟକ ସାମଗ୍ରୀ :** ଗୋଟିଏ ବଡ଼ ବିଟ୍, ଗୋଟେ ଗିନା ଉଷୁନା ଚାଉଳ, ଲୁଣ, ହଳଦୀ, ଭୁର୍ଷୁଙ୍ଗା ପତ୍ର, ରିଫାଇନଡ୍ ତେଲ ଓ ପାଣି ।

**ପ୍ରସ୍ତୁତି ପ୍ରଣାଳୀ:** ବିଟ୍‌କୁ ଅତି ଛୋଟ ଛୋଟ କରି କାଟି ରଖନ୍ତୁ । ପ୍ରେସର୍ କୁକର୍ ଗରମ ହେବା ପରେ ସାମାନ୍ୟ ତେଲ ଦେଇ ସେଥିରେ ଜିରା, ଭୃର୍ଷୁଙ୍ଗା ପତ୍ର, ଗୋଟେ ଚାମଚ୍ ହଳଦୀ ଗୁଣ୍ଡ, ଅଧା ଚାମଚ୍ ଲୁଣ ଏବଂ କଟା ଯାଇଥିବା ବିଟ୍‌କୁ ପକାନ୍ତୁ । ଏସବୁ ଟିକେ ଭାଜି ହୋଇ ଆସିବା ପରେ ଗୋଟେ ଗିନା ଚାଉଳ (ପୂର୍ବରୁ ଧୁଆ ହୋଇ ରଖା ଯାଇଥିବା) ପକାଇ ଟିକେ ଭାଜନ୍ତୁ । ସବୁକୁ ଭଲ ଭାବେ ମିଶାଇ ଆବଶ୍ୟକ ଅନୁସାରେ ପାଣି ଦିଅନ୍ତୁ । ପାଣି ଓ ଚାଉଳର ଅନୁପାତ ୩:୧ ହେବା ଜରୁରୀ ଅର୍ଥାତ୍ ତିନିଗିନା ପାଣିରେ ଗୋଟେ ଗିନା ଚାଉଳ । ତିନିଟି ହୁଇସିଲ୍ ଦେବା ପରେ ଗ୍ୟାସ୍‌ଷ୍ଟୋଭ୍ ବନ୍ଦ୍ କରି ଦିଅନ୍ତୁ । ଏହି ବିଟ୍ ରାଇସ୍‌କୁ ଅନ୍ୟାନ୍ୟ ବ୍ୟଞ୍ଜନ ଓ ଚାରୁ ସହିତ ଖାଇ ପାରିବେ । ଯେମିତି ପୁଷ୍ଟିକର ସେମିତି ସୁସ୍ୱାଦୁ ମଧ୍ୟ ।

ସୁସ୍ୱାଦୁ ଖାଦ୍ୟ ଖାଇବାର ଇଚ୍ଛା ପ୍ରାୟ ସମସ୍ତଙ୍କର ଥାଏ । ମାତ୍ର ସନ୍ତୁଳିତ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଶରୀର ପାଇଁ ଅପରିହାର୍ଯ୍ୟ । ସମୟେ ସମୟେ ପ୍ରଚୁର ପରିମାଣର ଖାଦ୍ୟ ଖାଇବା ସତ୍ତ୍ୱେ ଶରୀରରେ ହିମୋଗ୍ଲୋବିନ୍‌ର ମାତ୍ରା କମିବାର ଦେଖାଯାଏ । ସେଥିପାଇଁ ଆମକୁ ଆମର ଦୈନନ୍ଦିନ ଜୀବନରେ ଆବଶ୍ୟକ ପୋଷକତତ୍ତ୍ୱରେ ଭରପୂର ଖାଦ୍ୟ ଚୟନ କରିବା ଦରକାର । ମଧ୍ୟାହ୍ନ ଭୋଜନରେ ଆମେ ପ୍ରାୟତଃ ଭାତ ହିଁ ଖାଉ । ଯଦି ସାଧାରଣ ଭାତ ବଦଳରେ ସପ୍ତାହରେ ୨/୩ ଥର ବିଟ୍ ରାଇସ୍ ଖାଇ ହେବ ତେବେ ଅତି ଉପାଦେୟ । ଶରୀରରେ ଆଇରନ୍‌ର ମାତ୍ରା କମିବାର ପ୍ରଶ୍ନ ହିଁ ଉଠିବନି ।



# ଫେବ୍ରିକ୍ ଆର୍ଟ ପରିଧାନ



# ଆର୍ଟ କମ୍ବିନେସନ୍ ୱିଥ୍ ଟେକ୍ସଟାଇଲ୍







ତିନୋଟି ଅକ୍ଷରର ଚିତା 'ଫ୍ୟାଶନ୍', ଯାହାର ପରିଧି ବିସ୍ତୃତ ଭାବେ ବ୍ୟ ସାରା ବିଶ୍ୱରେ ବ୍ୟାପ୍ତ । ଲୁପ୍ତ ହୋଇ ବସିବାକୁ ଯାଇଥିବା ଆମ ସଂସ୍କୃତି ପରମ୍ପରା ମଧ୍ୟ ଫ୍ୟାଶନ୍ ମାଧ୍ୟମରେ ସଂଗୃହୀତ ହୋଇ ସାରା ବିଶ୍ୱ ଜନମାନସରେ ବିଦିତ ହେଉଛି ।

ସ୍ୱତନ୍ତ୍ର ଭାବେ କହିବାକୁ ଗଲେ ଡିଜାଇନର୍‌ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ତାଙ୍କ ସ୍ପର୍ଶରେ ନୂତନ କାରୁକାର୍ଯ୍ୟ ଫ୍ୟାଶନ୍‌ରେ ଝଲସୁଛି । ସେହି କାରୁକାର୍ଯ୍ୟରେ ଓଡ଼ିଶାର ସଂସ୍କୃତି ଓ ପରାମ୍ପରା ମଧ୍ୟ ପ୍ରସ୍ଫୁଟିତ ହେଉଛି । ଏଥରର ଫ୍ୟାଶନ୍ ଆପଣମାନଙ୍କୁ ଏକ ନିଆରା ଅନୁଭବ ଦେବ ବୋଲି ଆଶା କରୁଛି ।

## ଆର୍ଟ କମ୍ବିନେସନ୍ ୱିଥ୍ ଟେକ୍ସଟାଇଲ୍ କ'ଣ ?

ଫେବ୍ରିକ୍ ଅର୍ଥାତ୍ କପଡ଼ା, କପଡ଼ା ଉପରେ ଆର୍ଟ, ଯାହାକୁ ପେଣ୍ଟିଂ କହୁଛେ, କରାଯାଇ ଏହାକୁ ଯେଉଁ ଲୁକ୍ ଦିଆଯାଇ ଟେକ୍ସଟାଇଲ୍ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଏ, ତାହାକୁ ଆର୍ଟ କମ୍ବିନେସନ୍ ୱିଥ୍ ଟେକ୍ସଟାଇଲ୍ କୁହାଯାଉଛି ।

ମନ୍ଦିରର କାରୁକାର୍ଯ୍ୟ ହେଉ କି ଭଗବାନଙ୍କ ଲୀଳା, କପଡ଼ା ଉପରେ ସମ୍ପୂର୍ଣ୍ଣ କାରୁକାର୍ଯ୍ୟର ନିଖୁଣ କଳା ଯେଉଁ ଆର୍ଟ ମାଧ୍ୟମରେ ପ୍ରଦର୍ଶିତ ହୋଇଥାଏ ତାହା ଆର୍ଟ କମ୍ବିନେସନ୍ ୱିଥ୍ ଟେକ୍ସଟାଇଲ୍ । ଏହାକୁ ଦୁଇ ପ୍ରକାର କରାଯାଏ । ପ୍ରାକୃତିକ ରଙ୍ଗର ପେଣ୍ଟିଂ ଏବଂ ଅନ୍ୟଟି କୃତ୍ରିମ ରଙ୍ଗର ପେଣ୍ଟିଂ । କୃତ୍ରିମ ରଙ୍ଗର ପେଣ୍ଟିଂ କମ୍ ସମୟ ଲାଗୁଥିବା ବେଳେ ପ୍ରାକୃତିକ ପେଣ୍ଟିଂ ଅଧିକ ସମୟ ଲାଗିଥାଏ ।

## କେଉଁ ପ୍ରକାର ଆର୍ଟ ପ୍ରଦର୍ଶନ କରାଯାଏ

ଉଭୟ ମଡ଼ର୍ଣ୍ଣ ଏବଂ ପାରମ୍ପରିକ ଚିତ୍ର କପଡ଼ା ଉପରେ କରାଯାଏ । ପାରମ୍ପରିକରେ ମନ୍ଦିର, ଭଗବାନ, ସଂସ୍କୃତି, ପରମ୍ପରା ଭିନ୍ନ ଭିନ୍ନ ଜିନିଷ ସ୍ଥାନ ପାଇଥାଏ ।




**ସ୍ନିଗ୍ଧା ତ୍ରିପାଠୀ**

ବିଶ୍ରାନ୍ତୱାଡ଼ି, ପୁନେ, ମହାରାଷ୍ଟ୍ର

ଫୋନ : ୯୩୦୯୧୧୯୬୨୫


ଫଟୋ ସୌଜନ୍ୟ : ଲେଖିକା

## ଆମ ଡିଜାଇନର୍ କୁହନ୍ତି

**●ଆର୍ଟ କମ୍ବିନେସନ୍ ଟେକ୍ସଟାଇଲ୍‌ର ଗୁରୁତ୍ୱ କେତେ ? ଏଥିରେ କେଉଁ ଆର୍ଟ ସ୍ଥାନ ପାଏ ?**

: ଏମ୍ବ୍ରୋଡାରି ପରି ଏହାର ଡିମାଣ୍ଡ୍ ମଧ୍ୟ ଅଧିକ । ଏଥିରେ ସାଧାରଣତଃ ମଡ଼ର୍ଣ୍ଣ ଆର୍ଟ ଏବଂ ଟ୍ରାଡ଼ିସନାଲ୍ ଆର୍ଟ ସ୍ଥାନ ପାଏ ।

**●ଆପଣ ଆପଣଙ୍କର ଟେକ୍ସଟାଇଲ୍ ଉପରେ କେଉଁ ପ୍ରକାର ପେଣ୍ଟିଂକୁ ସ୍ଥାନ ଦେଉଛନ୍ତି ?**

: ମନ୍ଦିର ପ୍ରତିମୂର୍ତ୍ତି ଯଥା: ଓଡ଼ିଶାର ଜଗନ୍ନାଥ ମନ୍ଦିର, କୋଣାର୍କ ମନ୍ଦିର, ରାଜାରାଣୀ ମନ୍ଦିର ଇତ୍ୟାଦି । ମୋ ପେଣ୍ଟିଂରେ ସାଧାରଣତଃ ଓଡ଼ିଶାର ପଟ୍ଟଚିତ୍ର, ପଶ୍ଚିମବଙ୍ଗର କାଲିଘାଟ୍ ପେଣ୍ଟିଂ, ମିଥିଳାର ମଧୁବନି ପେଣ୍ଟିଂକୁ ସ୍ଥାନ ଦେଉଛି ।

**●କେଉଁ ରଙ୍ଗରେ ପେଣ୍ଟିଂ କରାଯାଏ ଓ କିପରି ?**

: ଦୁଇ ପ୍ରକାର ପେଣ୍ଟିଂ ହୁଏ । ପ୍ରାକୃତିକ ରଙ୍ଗ ଓ କୃତ୍ରିମ ରଙ୍ଗର ପେଣ୍ଟିଂ ! ପ୍ରାକୃତିକ ରଙ୍ଗରେ ପ୍ରାକୃତିକ ଉପାୟରେ ଯେଉଁ ରଙ୍ଗ ଆସେ, ଯଥା: ପୋଡ଼ା ନଡ଼ିଆରୁ କଳା, ଶାମୁକା ଆଉ ଚୂନରୁ ଧଳା, ହଳଦୀରୁ ହଳଦିଆ ରଙ୍ଗ, ହରିଡ଼ାରୁ ଲାଲ୍ ରଙ୍ଗ ଇତ୍ୟାଦି ସୃଷ୍ଟି ହୋଇଥାଏ ।

**●କେତେ ସମୟ ଲାଗିଥାଏ ?**

: କୃତ୍ରିମ ରଙ୍ଗ ଆକ୍ରିଲିକ୍‌ରେ ହୋଇଥାଏ । ଏହା ଗୋଟେ ଦିନରେ ହୋଇଯାଏ । ପ୍ରାକୃତିକ ରଙ୍ଗର ପେଣ୍ଟିଂ ଅଧିକ ସମୟ ଲାଗିଥାଏ ।



**●ଏହାର ମୂଲ୍ୟ କେତେ ଆସୁଛି ?**

: କମ୍‌ରୁ ନେଇ ଅଧିକ ମୂଲ୍ୟ ପର୍ଯ୍ୟନ୍ତ ରହୁଛି । ପ୍ରାକୃତିକ ରଙ୍ଗରେ ହେଉଥିବା କପଡ଼ାର ମୂଲ୍ୟ ଅଧିକ ଆସିଥାଏ ତେଣୁ ସମସ୍ତେ କିଣି ପାରିନଥାନ୍ତି । ସାଧାରଣତଃ ୭୦୦ ରୁ ୭୦,୦୦୦ ପର୍ଯ୍ୟନ୍ତ ଶାଢ଼ି ଏବଂ ଦୁପଟା ଉପଲବ୍ଧ ।

**●ଏହାକୁ କେତେଦୂର ଲୋକ ଗ୍ରହଣ କରୁଛନ୍ତି ?**

: ବିଦେଶରେ ବହୁତ ଲୋକ ଏହାକୁ ପସନ୍ଦ କରନ୍ତି । ଅନ୍ୟାନ୍ୟ କପଡ଼ା ଠୁ ଏହା ପିନ୍ଧିବାରେ ଏକ ସ୍ୱତନ୍ତ୍ରତା ଲାଗେ । ବିଶେଷକରି ମୋର କଷ୍ଟମର୍‌ମାନଙ୍କ ମଧ୍ୟରେ ବିଦେଶର ଅଭିନେତା ଏବଂ ନୃତ୍ୟଶିଳ୍ପୀମାନେ ଅଧିକ ପସନ୍ଦ କରିଥାନ୍ତି । କେବଳ ବିଦେଶରେ ନୁହେଁ ଏହା ସମ୍ପୂର୍ଣ୍ଣ ଦେଶରେ ସମସ୍ତଙ୍କ ଚକ୍ଷୁ ବିସ୍ଫାରିତ କରୁଛି ।

**ଦେବବ୍ରତ ପାଲ**, ଫ୍ୟାଶନ୍ ଡିଜାଇନର, ମୁମ୍ବାଇ

# ଅଦ୍ୱିତୀୟା ଦିବ୍ୟା



# ଭଲ କାହାଣୀ ଥିବା ସିନେମାକୁ ଦର୍ଶକ ବେଶି ଭଲପାଆନ୍ତି : ଦିବ୍ୟା





ସାକ୍ଷାତ୍ : **ଶ୍ରୀଗୋବିନ୍ଦ ଓ କୃଷ୍ଣ କୁମାର ମହାନ୍ତି**
ଫଟୋ ସୌଜନ୍ୟ : ଦୀପ୍ତି ମହାନ୍ତି ଓ ଗୁଗୁଲ୍



ଓଡ଼ିଆ ସିନେମାର ସେ ନୂଆ ଦିଗ୍‌ବଳୟ । ଭାବପ୍ରବଣତା ତାଙ୍କ ମନତଳର ମେଘାଳୟ । ଶୃଙ୍ଖଳା ଓ ସଂସ୍କାର ତାଙ୍କ ସଂପଦ । ନାଚର ନିୟତିରେ ଗଢା ତାଙ୍କ ପରିଚୟର ପାଦଟୀକା । ଗୁଣୁଗୁଣୁ ଗୁଂଜନ ଭିତରେ ସେ ଫୁଟାଇ ପାରନ୍ତି ଶାସ୍ତ୍ରୀୟତାର ସିମ୍ଫୋନି । ଜନ୍ମ ପୂର୍ବରୁ ଥୟ ଯାହାଙ୍କ ଭାଗ୍ୟର ଭୂଗୋଳ, ସେ ହେଲେ ଆମ ସିନେମାର ଅଲ୍ୟଳୀ ଦିବ୍ୟା । ଦିବ୍ୟା ମହାନ୍ତି । ୨୦୦୦ରେ ଭୁବନେଶ୍ୱର ଠାରେ ଜନ୍ମଗ୍ରହଣ କରିଥିବା ଦିବ୍ୟା ଜଣେ ଶାସ୍ତ୍ରୀୟ ନୃତ୍ୟାଙ୍ଗନା ଭାବରେ ମଧ୍ୟ ପରିଚିତା । ଓଡ଼ିଶୀ ଓ କଥକ ନୃତ୍ୟ ଶିଖିଥିବା ଏହି ଅଭିନେତ୍ରୀ ଜଣକ ତିନିବର୍ଷ ବୟସରେ ବି ମଂଚରେ ଛିଡ଼ା କରେଇ ଦେଲେ ବାଦ୍ୟର ତାଳେ ତାଳେ ସ୍ୱତଃ ନାଚି ଦେଇଥିଲେ ବୋଲି ନାଚ ପ୍ରତି ଅହେତୁକ ଅନୁକଂପା ଥିବା ତାଙ୍କ ମାଆ ଦୀପ୍ତି ମହାନ୍ତି ମନେପକାଇ କହିବା ବେଳେ ଏବେ ବି ମୁଗ୍ଧ ହୋଇ ଯାଆନ୍ତି । ଦିବ୍ୟା ଷ୍ଟାଣ୍ଡାର୍ଡ଼ ଓ୍ୱାନ୍‌ରେ ପଢୁଥିବା ବେଳେ 'ବୁମ୍‌ସାକାଲାକା'ର ବିଜେତା ହୋଇଥିଲେ । 'ଜୟ ମା ଲକ୍ଷ୍ମୀ' ସିରିଏଲ୍‌ରେ ଅଭିନୟ କରି ପ୍ରସିଦ୍ଧ ହୋଇଥିବା ଦିବ୍ୟାଙ୍କୁ ସୁଯୋଗ ମିଳିଥିଲା ତେଲୁଗୁ ସିରିଏଲ୍ 'ନାତିଚରାନି'ରେ ସେଠାକାର ସୁପର୍‌ଷ୍ଟାର୍‌ମାନଙ୍କ ଗହଣରେ ଅଭିନୟ କରିବାକୁ, ଯେତେବେଳେ ସେ ଏକାଦଶ ଶ୍ରେଣୀର ଛାତ୍ରୀ । ଇଚ୍ଛା ଥିଲା ଦିବ୍ୟାଙ୍କର ଯେ, ଓଡ଼ିଆ ଫିଲ୍ମ ଯଦି କରିବେ ତେବେ ଅଶୋକ ପତି ନିର୍ଦ୍ଦେଶକ ହୋଇଥିବେ ଓ ବାବୁଶାନ୍ ଥିବେ ହୀରୋ । ଇଚ୍ଛା ପୂରଣ ହେଲା ୨୦୧୮ରେ, 'ସୁନ୍ଦରଗଡ଼ର ସଲମାନ ଖାନ୍'ରେ କଲେ ଏଣ୍ଟ୍ରି । ଦିବ୍ୟା ନିଜେ ଭଲ ଅଭିନେତ୍ରୀଟେ ହେବାକୁ ଚାହାନ୍ତି । ତେଣୁ ସେ ୨୨ଟିରୁ ଅଧିକ ଅଫର୍ ଛାଡ଼ିଛନ୍ତି ଫିଲ୍ମରେ ନିଜ କ୍ୟାରେକ୍ଟର୍ ଭଲ ନଥିବାରୁ । ବେଶ୍ ହସଖୁସିର ଝିଅଟିଏ ଦିବ୍ୟା, କିନ୍ତୁ ଖୁବ୍ ବେଶି ରିଆକ୍ଟିଭ୍ ନୁହନ୍ତି । ଇଣ୍ଟ୍ରୋଭର୍ଟ ସ୍ୱଭାବର ସେ ସବୁବେଳେ ବାପାଙ୍କର ଗେହ୍ଲା । ମାଆ ତାଙ୍କର ସବୁଠୁ ଭଲ ସାଙ୍ଗ । ସେଇପରି ଜଣେ ସୁଶ୍ରୀ ଓ ସୁଶୀଳା ଅଭିନେତ୍ରୀ ଦିବ୍ୟାଙ୍କ ସହିତ 'ରେବତୀ'ର ଏଥରର ଆଳାପ ।





**▲ଏଣ୍ଟ୍ରି ଲାଇଫ୍ କେତେ ଷ୍ଟ୍ରଗ୍ଲିଂ ଥିଲା ?**

▲ଏଣ୍ଟ୍ରି ଲାଇଫ୍ ତ ନିଶ୍ଚିତ ଭାବରେ କଷ୍ଟ ସମସ୍ତଙ୍କ ପାଇଁ ଥାଏ, କାରଣ ଏହି ସମୟରେ ନୂଆ ଦୁନିଆରେ ପାଦଦେବା ବେଳକୁ ଲାଗେ ଯେ କେତେ ନିଜକୁ ସେହି ଚରିତ୍ରକୁ ନେଇ ପ୍ରମାଣିତ କରିବାକୁ ପଡ଼ିବ । ତରଙ୍ଗ ସିନେ ପ୍ରଡ଼କ୍ସନ୍‌ର 'ଜୟ ମା ଲକ୍ଷ୍ମୀ' ସିରିଏଲ୍‌ର ଅଡ଼ିସନ୍ ପାଇଁ ଯାଇଥିଲି, ସେତେବେଳେ ମୋତେ ସିଲେକ୍ସନ୍ ତ କରା ଯାଇଥିଲା । ତା ପରେ ମୋତେ ସିନେମା ପାଇଁ ମଧ୍ୟ ଅଫର୍ ଆସିଥିଲା ।

**▲ପ୍ରଥମ ଅଫର୍ କାହା ଠାରୁ ପାଇଥିଲେ ?**

▲ପ୍ରଥମେ ମୋତେ ତରଙ୍ଗ ସିନେ ପ୍ରଡ଼କସନ୍‌ରୁ 'ସୁନ୍ଦରଗଡ଼ର ସଲମନ ଖାନ୍' ସିନେମା ପାଇଁ ଅଫର୍ ଆସିଥିଲା ।

**▲ପରିବାରର ସବୁଠୁ ବଡ଼ ସପୋର୍ଟର୍ କିଏ ?**

▲ପରିବାରରେ ମୋ ବାବା ଆଉ ମାମା ମୋର ବଡ଼ ସପୋର୍ଟର୍ । ମାମା ମୋତେ ସୁଟିଂ ସେଟ୍ ଠାରୁ ଆରମ୍ଭ କରି ସବୁବେଳେ ମୋ ପାଖେ ପାଖେ ରହିବା ବେଳେ ବାବା ମୋ ଅଭିନୟର ବେକ୍‌ବୋନ୍ ହୋଇ ରହିଥାନ୍ତି । ଉଭୟଙ୍କର ପ୍ରଚେଷ୍ଟା ହିଁ ମୋତେ ଆଗକୁ ଯିବାକୁ ସାହାଯ୍ୟ କରିଛି ।

**▲ ଅଭିନୟ ସହିତ ଷ୍ଟଡ଼ିକୁ କେତେ ଗୁରୁତ୍ୱ ଦିଅନ୍ତି ?**

▲ଷ୍ଟଡ଼ିକୁ ସବୁବେଳେ ଗୁରୁତ୍ୱ ଦେଇ ଆସିଛି, ତା ସହିତ ଅଭିନୟକୁ ବି । ମୁଁ ଛୋଟବେଳୁ ଓଡ଼ଶୀ ଶିଖୁଥିଲି, ସେଥିପାଇଁ ଅଭିନୟ ପ୍ରଥମରୁ ମୋର ରୁଚି ନଥିଲେ ବି ପରବର୍ତ୍ତୀ ସମୟରେ ଅଭିନୟକୁ ଗୁରୁତ୍ୱ ଦେଇ ଭଲ କରିବା ପାଇଁ ଚେଷ୍ଟା କରିଥିଲି ।

**▲ଲଭ୍ ସ୍ୱିକ୍ୱେନ୍ସ ସିନେମାରେ କ୍ଲିକ୍ କରିପାରିବେ ବୋଲି ଭାବୁଛନ୍ତି କି ?**

▲ଦର୍ଶକ ଯେ ଖାଲି ଲଭ୍ ସ୍ୱିକ୍ୱେନ୍ସର ସିନେମା ଦେଖିବେ ସେମିତି କିଛି ମାନେ ନାହିଁ । ଦର୍ଶକ ସବୁବେଳେ ଭଲ କାହାଣୀର ସିନେମା ଦେଖିବାକୁ ପସନ୍ଦ କରନ୍ତି । ସେହି କାରଣରୁ ଯେଉଁ ସିନେମା ଦର୍ଶକଙ୍କୁ ଭଲ ଲାଗିବ, ତାହାକୁ ଗ୍ରହଣ କରିବି । ସେମିତି କିଛି ନାହିଁ ଯେ ଲଭ୍ ସ୍ୱିକ୍ୱେନ୍ସକୁ ଗ୍ରହଣ କରିବି ।

**▲ଓଡ଼ିଆ ସିନେମାର କାହାକୁ ଆଇଡ଼ଲ୍ ଭାବେ ଗ୍ରହଣ କରିବେ ?**

▲ଆଇଡଲ୍ ଭାବେ ଜଣକୁ କାହାକୁ ଭାବିନି । ଢ଼େର୍‌ସାରା ଓଡ଼ିଆ ଇଣ୍ଡଷ୍ଟ୍ରୀରେ ରହିଛନ୍ତି, ଯାହାଙ୍କର ଅଭିନୟରୁ ଅନେକ କିଛି ଶିଖିବାକୁ ମିଳେ । ବିଶେଷକରି ବାବୁସାନ, ଅର୍ଚ୍ଚିତା, ଅପରାଜିତାଙ୍କ ପରଫର୍ମାନ୍ସ ମୋତେ ବେଶି ବ୍ୟକ୍ତିଗତ

## ଅକ୍ଷରେ ଦିବ୍ୟା



ନାମ : ଦିବ୍ୟା ମହାନ୍ତି
ପିତା : ମନୋଜ କୁମାର ମହାନ୍ତି
ମାତା : ଦୀପ୍ତି ମହାନ୍ତି
ସ୍ଥାନ : ଭୁବନେଶ୍ୱର
ପ୍ରିୟରଙ୍ଗ : ବ୍ଲାକ୍ ଆଣ୍ଡ୍ ହ୍ୱାଇଟ୍
ପ୍ରିୟଖାଦ୍ୟ : ଘର ତିଆରି ଖାଦ୍ୟ
ପ୍ରିୟ ମଣିଷ : ପରିବାରର ସମସ୍ତ ସଦସ୍ୟ
ପ୍ରିୟଦିନ : ଓଡ଼ିଶୀ ନାଚରେ ସ୍କୋଲାର୍‌ସିପ୍ ପାଇବା ଦିନ
ପ୍ରିୟ ବହି : ସବୁ ଭଲବହି
ପ୍ରିୟସ୍ଥାନ : ଶିରିଡ଼ି
ଧାରାବାହିକ : ତରଙ୍ଗରେ 'ଜୟ ମା ଲକ୍ଷ୍ମୀ'
ସିନେମା : ସୁନ୍ଦରଗଡ଼ର ସଲମନ ଖାନ୍, ତୁ କହିଦେ ଆଇଲଭ୍ ୟୁ, ବାଳ, ଚୁମ୍ବକ, ପ୍ରେମ ଏଟିଏମ୍ (ରିଲିଜ ଅପେକ୍ଷାରେ)

ଭାବେ ଭଲ ଲାଗେ ।

**▲ମ୍ୟୁଜିକାଲ ହିଟ୍ ସିନେମା ପାଇଁ କେତେ ଦରକାର ?**

▲ମ୍ୟୁଜିକାଲ୍ ହିଟ୍ ସିନେମାକୁ ତ ନିଶ୍ଚିତ ଭାବରେ ଲୋକପ୍ରିୟ କରାଏ । ଟ୍ରେଲରରେ କିମ୍ବା ୟୁଟ୍ୟୁବ୍‌ରେ ପ୍ରଥମେ ଦର୍ଶକ ଗୀତକୁ ହିଁ ଦେଖିଥାନ୍ତି, ଯାହା ଫଳରେ ସେମାନେ ସିନେମା ପ୍ରତି ଆକୃଷ୍ଟ ହୋଇଥାନ୍ତି । ସିନେମାରେ ମ୍ୟୁଜିକ୍ ଗୋଟେ ଆକର୍ଷଣୀୟ ବିଭାଗ, ଯାହାଦ୍ୱାରା ଦର୍ଶକ ସିନେମା ପରେ ଦେଖେ, ପ୍ରଥମେ ମ୍ୟୁଜିକ୍‌ରୁ ହିଁ ସିନେମା ଭିତରକୁ ପ୍ରବେଶ କରେ ।

**▲ ଅଭିନୟ ଆଉ ଜବ୍- କାହାକୁ ଗୁରୁତ୍ୱ ଦେବେ ?**

▲ବର୍ତ୍ତମାନ ଯଦି ଏହି ପ୍ରଶ୍ନ ମୋତେ ପଚାରିବେ, ନିଶ୍ଚିତ ଭାବରେ କହିବି- ମୁଁ ଅଭିନୟକୁ ହିଁ ପସନ୍ଦ କରିବି ।





କାହିଁକି ନା ଦର୍ଶକମାନେ ମୋତେ ସେତିକି ଭଲ ପାଇବା ଦେଇଛନ୍ତି । ସମୟ ଅନୁସାରେ ଯଦି ଜବ୍‌ର ଆବଶ୍ୟକତା ପଡ଼ିଲା, ତାହେଲେ ମୁଁ ଜବ୍ କରିବା ପାଇଁ ନିଷ୍ପତ୍ତି ନେଇପାରେ । ସେମିତି କିଛି ପ୍ଲାନିଂ କରିନାହିଁ ।

**▲ବଡ଼ ପରଦାରେ ଏଣ୍ଟ୍ରି କଲାବେଳେ ଏକ୍ସାଇଟ୍‌ମେଣ୍ଟ୍ ଅଧିକ ହୋଇଥିଲେ କି ?**

▲ବଡ଼ ପରଦାରେ ଏଣ୍ଟ୍ରି କରିବା ବେଳେ ଯେତିକି ଖୁସି ଲାଗେ, ତାଠାରୁ ଅଧିକ ଭୟ ଲାଗେ । କାରଣ ପ୍ରଥମେ ଏକ ନୂଆ ଦୁନିଆରେ ପାଦ ଦେଲାବେଳେ ଲାଗେ, ଦିଆ ଯାଇଥିବା ଚରିତ୍ରକୁ ସେତିକି ଜଷ୍ଟିସ୍ ଦେଇ ପାରିବି କି ନାହିଁ ।

**▲କେଉଁ ଓଡ଼ିଆ ହିରୋଇନ୍‌କୁ ଆଇଡଲ୍ ବୋଲି ଭାବିବେ ?**

▲ସେମିତି ଜଣେ କେହି ନିର୍ଦ୍ଦିଷ୍ଟ ନାହାନ୍ତି, ସମସ୍ତଙ୍କ ଠାରୁ କିଛି ନା କିଛି ଶିଖିବାକୁ ପଡ଼ିଥାଏ ।

**▲ଜଣେ ରାଇଜିଂ ଷ୍ଟାର୍ ହିସାବରେ କୁହନ୍ତୁ ଓଡ଼ିଆ ସିନେମାର ସ୍ଥିତି ଆଗକୁ କିଭଳି ରହିବ ?**

▲ଓଡ଼ିଆ ସିନେମାର ସ୍ଥିତି ଆଗକୁ ବହୁତ ଭଲ ରହିବ । ମଝିରେ ଏମିତି ଏକ ସମୟ ଥିଲା, ଦର୍ଶକ ଦୂରେଇ ଯାଇଥିଲେ । ଏବେ ନୂଆ କନ୍‌ସେପ୍ଟରେ ସିନେମା ତିଆରି ହେଲାଣି । ତେଣୁ ଦର୍ଶକ ପୂର୍ବଭଳି ପୁଣି ସିନେମାକୁ ଆଦର କରିବେ । ଦର୍ଶକମାନେ ବି ନିଜର ମାତୃଭାଷାକୁ ଭଲ ପାଇ ଓଡ଼ିଆ ସିନେମା ଦେଖିଲେ, ଆଗକୁ ଭଲ ଚାଲି ପାରିବ ।

**▲ସିନେମାକୁ ନେଇ କ୍ୟାରିୟର୍ ସମ୍ଭବ କି ?**

▲ଯଦି ଦର୍ଶକମାନେ ଭଲ ପାଇଲେ, ତାହେଲେ ଜଣେ କାହିଁକି ସୁପର୍‌ଷ୍ଟାର୍ ହୋଇପାରିବ ନାହିଁ ବା ସିନେମାକୁ ନେଇ କ୍ୟାରିୟର୍ କରିପାରିବ ନାହିଁ ।

**▲ଆକ୍ଟିଂକୁ ନେଇ ପ୍ଲାନିଂ କଣ କରୁଛନ୍ତି ?**

▲ଆକ୍ଟିଂକୁ ନେଇ ଅନେକ କିଛି ପ୍ଲାନିଂ ରହିଛି । ଦେଖାଯାଉ ଆଗକୁ କଣ ହେଉଛି ।

**▲ଯୋଡ଼ି ନା ଷ୍ଟାର୍‌କାଷ୍ଟ, ସିନେମା ହିଟ୍ ପାଇଁ କିଏ ଦାୟୀ ?**

▲ଯୋଡ଼ି ତ ନିଶ୍ଚୟ ଭାବରେ ଅନେକ ସମୟରେ ସିନେମାକୁ ହିଟ୍ କରିବାକୁ ସାହାଯ୍ୟ କରେ । ଅନେକ ସମୟରେ କାହାଣୀ ସହିତ ଷ୍ଟାର୍‌କାଷ୍ଟ ବି ସାହାଯ୍ୟ କରେ ।

**▲ଓଡ଼ିଆ ସିନେମା ଲୋକପ୍ରିୟ ହେବାକୁ କେଉଁଟିକୁ ଗୁରୁତ୍ୱ ଦେବାକୁ ପଡ଼ିବ ?**

▲କାହାଣୀ ଓ ଭଲ ସିନେମା ମେକିଂ ଓଡ଼ିଆ ସିନେମାକୁ ଅଧିକ ପପୁଲାର୍ କରିପାରିବ ।

**▲ସିନିୟର୍‌ଙ୍କ ଠାରୁ କେମିତି ସହଯୋଗ ମିଳେ ?**

▲ଯେତେବେଳେ ବି ଯେଉଁ ସିନେମା କରିଛି, ସିନିୟର୍‌ମାନଙ୍କ ସହଯୋଗ ମୋତେ ଆଗକୁ ଯିବାକୁ ସାହାଯ୍ୟ କରିଛି । ସେମାନଙ୍କର ସହଯୋଗ ମୋତେ ଅଧିକ ଉତ୍ସାହିତ କରିଛି ।


# ଲେଖକ ଓ ଲାମିନେସନ୍

ଲେଖକ ସବୁବେଳେ ଭିନ୍ନ ଏକ ଚେତନା ସ୍ତରର ମଣିଷ । କାରଣ ସେ ଅନ୍ୟ ସାଧାରଣ ମଣିଷ ଠାରୁ ବହୁ ଭାବରେ ଭିନ୍ନ ଓ ସ୍ୱତନ୍ତ୍ର । ସେଥିପାଇଁ ସର୍ଜନଶୀଳ ମଣିଷଟି ପ୍ରତି ସମାଜର ଥାଏ ଏକ ଅଲଗା ସମ୍ମାନ । ଜଣେ ଲେଖକ ମାନେ ସେ ବୋଧେ 'ଭଗବାନ' ପର୍ଯ୍ୟାୟର ! ଏମିତି ଏକ ଧାରଣା ମୋର ବି ଥିଲା ବାଳକ ଅବସ୍ଥାରେ । ଯେବେ ଆମେ ସ୍କୁଲ, କଲେଜରେ ସାହିତ୍ୟ ବହିରୁ ଏ ଲେଖକମାନଙ୍କର ଲେଖା (ପାଠ୍ୟ ପୁସ୍ତକରେ ସନ୍ନିବେଶିତ) ପଢୁଥିଲୁ, ସେବେ । ଏପରି ଏକ ଧାରଣା ଆସିବା ସ୍ୱାଭାବିକ । ଲେଖକର ଏପରି ଏକ ସମ୍ମାନାସ୍ପଦ ଭାବମୂର୍ତ୍ତି ଆଜିର ପରିପ୍ରେକ୍ଷୀରେ ଅଛି ? ଆମକୁ ଭାବିବାକୁ ପଡ଼ିବ । ଏକ ଦ୍ୱନ୍ଦ୍ୱାତ୍ମକ ମାନସିକତା ନେଇ ଆମେମାନେ ସତରେ ବିଚଳିତ । ଦିନେ ଯେଉଁ ଲେଖକମାନେ ଆମ ପାଇଁ ଥିଲେ 'ଭଗବାନ' ଶ୍ରେଣୀୟ, ଆମେ କଳ୍ପନା ସୁଦ୍ଧା କରି ପାରୁନଥିଲୁ ସେମାନଙ୍କ ସର୍ଜନଶୀଳତାକୁ, ଆଜି ସେଇ ଲେଖକଗୋଷ୍ଠୀ ପ୍ରତି ସାଧାରଣ ଲୋକଙ୍କ କଥା ଛାଡ଼ନ୍ତୁ, ଖୋଦ୍ ସହ-ଲେଖକଙ୍କର ବି ନାହିଁ ସାମାନ୍ୟ ଆସ୍ଥା ଓ ସମ୍ମାନ । 'ଲେଖକ' ଭାବରେ ପରିଚୟ ଦେବାର ଯେଉଁ ଗୌରବଟି ଥିଲା ଆମର ସମ୍ପଦ ହୋଇ, ତାହା ଯେପରି ଅପହୃତ । ଏବେ ଲେଖକ ସହିତ ଅନେକ ଅପଯଶ, ଅପଖ୍ୟାତ ଏବଂ ଅପକର୍ମର ବିଶେଷଣ ସବୁ ଯୋଡ଼ି ହୋଇଯାଇଛି । ସୁତରାଂ ଲେଖକ ଭାବରେ ପରିଚୟ ପତ୍ର ଧରି ବୁଲିବାକୁ ଲଜ୍ଜାବୋଧ ହେଉଛି, ସତ୍ ଲେଖକ ପାଇଁ ।

ଜଣେ ଲେଖକ ପାଇଁ ଆବଶ୍ୟକ ହୋଇଥାଏ ଦୀର୍ଘସାଧନା । ସେଇ ସାଧନାରୁ ପ୍ରାପ୍ତ ଗଭୀର ଅନ୍ତର୍ଦୃଷ୍ଟି ଓ ସର୍ଜନାତ୍ମକ ଅଭିବ୍ୟକ୍ତି ହିଁ ଜଣେ ଲେଖକକୁ ଉତ୍କର୍ଷତାର ଉପାଦାନରେ ସୁରକ୍ଷିତ କରିଥାଏ । ଏମାନଙ୍କୁ 'ଲାମିନେଟେଡ୍ ଲେଖକ' ଭାବରେ ଆମେ ଅଭିହିତ କରି ପାରିବା । କାରଣ, ଲାମିନେସନ୍ କରିବା ପ୍ରକ୍ରିୟାରେ ଆମେ ଯେମିତି ଆମର ଯେକୌଣସି ବିଶେଷ ନଥିପତ୍ରକୁ ଦୀର୍ଘସ୍ଥାୟୀ କରିପାରୁ, ଠିକ୍ ସେପରି 'ଲାମିନେଟେଡ୍' ଲେଖକମାନେ ସର୍ବକାଳୀନ ସୁରକ୍ଷିତ ଲେଖକ ବୋଲି ବିବେଚନା କରାଯାଇ ପାରିବ । ସେମାନଙ୍କୁ ନା ସମୟ, ନା କୌଣସି ଝଡ଼ଝଂଜା ଅସ୍ତମିତ କରିପାରିବ ନାହିଁ । ସେମାନେ ସତରେ କାଳଜୟୀ ଏବଂ ସେମାନଙ୍କ ଲେଖା କାଳ କାଳ ପାଇଁ ଆମ ଆଗରେ ଜାଜ୍ଜ୍ୱଲ୍ୟମାନ ।

କଥା ହେଉଛି, କେତେବେଳେ ଜଣେ ଲେଖକ 'ଲାମିନେସନ୍'ର ଯୋଗ୍ୟତା ହାସଲ କରେ ! ତାର ସାଧନାର ସିଦ୍ଧି, ତାର ଲେଖାମାନଙ୍କର ଉତ୍କର୍ଷତା ଏବଂ ସର୍ବୋପରି ତାର ଲେଖକୀୟ ଗୁଣାବଳୀର ବୃହଦାକାର ପାଠକୀୟ ଆଦୃତି ପରେ ହିଁ ସେ ଏ ପ୍ରକାର ଏକ 'ସୁରକ୍ଷା କବଚ'ର ହକ୍‌ଦାର୍ ହୋଇପାରେ । କିନ୍ତୁ ସଚରାଚର କ'ଣ ଏପରି ଘଟେ ନା ଘଟୁଛି ? ଆଜିର ସମୟ ଖଣ୍ଡରେ ତ ଗତକାଲି ଭୂମିଷ୍ଠ ହୋଇଥିବା ଲେଖକଟିଏର ଗଳାରେ ଆମେ ଝୁଲାଇ ଦେଉଛୁ ପ୍ରଶସ୍ତିର ବରଣମାଳା । ସିଦ୍ଧିର ସୁମନାସ । ସଫଳତାର ସାର୍ଟିଫିକେଟ୍ । ସୁତରାଂ ସେମାନେ ଆସୁ ଆସୁ ଲେଖକ । ବସୁ ବସୁ ଲେଖକ । ଲେଖୁ ଲେଖୁ ଲେଖକ । ଦୀର୍ଘ ସାଧନାର ଜଟିଳ ଯାତ୍ରାପଥରେ ସେମାନଙ୍କ ପାଦଚିହ୍ନ ନଥାଏ । ନଥାଏ ବି ସେମାନଙ୍କ ଲେଖା ଭିତରେ ଉତ୍କର୍ଷତାର ବିନ୍ଦୁବିସର୍ଗ । ଲେଖକମାନଙ୍କ ଭିତରେ ଆତ୍ମପ୍ରଚାର ଓ ଆତ୍ମବଡ଼ିମାର ମାତ୍ରା ବଢ଼ିଗଲେ ସେମାନଙ୍କ ଲେଖା ହିଁ ସେମାନଙ୍କ ପାଇଁ ବଡ଼ ହୋଇପଡ଼େ, ପାଠକର ରାୟ ହୁଏ ଦୁର୍ବଳ । ନିଜ ଲେଖାର ଗୁଣକୀର୍ତ୍ତନ ବିନା ଆଉ କିଛି ତାକୁ ଭଲ ଲାଗେନା । ଯେପରିକି ସେ ହିଁ ଯାହା ଲେଖିଛି ଏବଂ ସେ ହିଁ ଯେମିତି ତାକୁ ବୁଝିଛି, ଅନ୍ୟ ସମସ୍ତେ ତା'ରି ପରି ବୁଝିବାକୁ ସେ ଅଡ଼ି ବସେ । ଫଳରେ ହୁଏ କ'ଣ ? ସାମ୍ନା ଲେଖକଟି ବା ପାଠକଟି ମିଛରେ 'ହଁ' ବୋଲି ମୁଣ୍ଡ ଟୁଙ୍ଗାରି ସେଠୁ ଛୁ'ମାରେ । ଏଇ ମିଛମିଛର ଖେଳରେ ବିଚରା ସେ ଲେଖକଟି ନିଜର ଗର୍ବ ଓ ଅହଂ ଧରି ଧିରେ ଧିରେ ପହଂଚି ଯାଏ ସେଇ ଶେଷସୀମାରେ, ଯେଉଁଠି ଥାଏ ଲାମିନେସନ୍ ପ୍ରକ୍ରିୟାକରଣର ଛୁ-ମନ୍ତ୍ର । ସେ ଅଚିରେ 'ଲାମିନେଟେଡ୍' ହୋଇ ବାହାରି ପଡ଼େ ସେଇ ଦୁନିଆକୁ, ଯେଉଁଠି ଆମେ ହିଁ ତାକୁ ପୁଣି କୋଳେଇ କାଖେଇ ଧରୁ । ବଡ଼ କରୁ ।

କାହାକୁ ପଚାରିବା ଏହାର ସମାଧାନର ବାଟ ! ଆମ ପାଖରେ କାହାନ୍ତି ଆଉ ଗୋଟେ ଫକୀରମୋହନ କି ଆଉ ଗୋଟେ ରାଧାନାଥ ! କାହାନ୍ତି ଗୋପୀନାଥ, ସୁରେନ୍ଦ୍ର ମହାନ୍ତି କି ଗଡ଼ନାୟକଙ୍କ ପରି 'ଲାମିନେଟେଡ୍ ଲେଖକ' ! ତେଣୁ, ନିଜ ନିଜ ଭିତରେ ଆମେ ହଜିନଯାଇ, ଆମେ ଆମର ସାଧନାର ପର୍ଯ୍ୟାୟକୁ ସେଇ ମାର୍ଗରେ ନେବା, ଯାହାର ଶେଷରେ ଥିବ ସିଦ୍ଧି । ସେଇ ସିଦ୍ଧି ହିଁ ଆମକୁ ପହଞ୍ଚାଇ ଦେବ 'ଲାମିନେଟେଡ୍ ଲେଖକ' ହେବାର ସାହିତ୍ୟ-ପୃଥିବୀରେ । ନିଜର ମାନସିକତାରେ ପରିବର୍ତ୍ତନ ହେଲେ ଯାଇ ଏପରି ଏକ ଲେଖକୀୟ ସିଦ୍ଧି ହାସଲରେ ଆମେ କୃତକାର୍ଯ୍ୟ ହୋଇପାରିବା । ଅନ୍ୟଥା ନିଜର ଦର୍ପ ଓ ଅହଂ ଆମକୁ କେଉଁ ମାର୍ଗରେ ବାଟେଇ ନେବ ତାହା ଆପଣମାନଙ୍କୁ କହିବା ଅନାବଶ୍ୟକ ।






ମୁଁ
ରେବତୀ
ପରିବାରର
ଭବିଷ୍ୟତ
ହେଉ କି
ଓଡ଼ିଶାର
ମୁଁ ଭାବେ, ଭାବିବାକୁ କୁହେ !
ବାର୍ଷିକ ଗ୍ରାହକ ହୁଅନ୍ତୁ ଘରେ ବସି ରେବତୀ ପାଆନ୍ତୁ
ଏକ ବର୍ଷ ପାଇଁ ଟ.୬୦୦.୦୦ (ଛଅଶହ ଟଙ୍କା), ଡାକଖର୍ଚ୍ଚ ମାଗଣା ।
ଏହି ବ୍ୟବସ୍ଥାରେ ପତ୍ରିକା ସାଧାରଣ ଡାକ (ବୁକ୍‌ପୋଷ୍ଟ)ରେ ଯିବ ।
ପତ୍ରିକା ରେଜିଷ୍ଟାର୍ଡ ଡାକ (ନିରାପଦ ଡାକ ବ୍ୟବସ୍ଥା)ରେ ନେବାକୁ ଚାହୁଁଥିଲେ ଟ.୧୦୦୦.୦୦ (ଏକ ହଜାର ଟଙ୍କା) ଦେବାକୁ ପଡ଼ିବ ।
ବାର୍ଷିକ ଦେୟ ରେବତୀ ମିଡିଆ ହାଉସ ପ୍ରା. ଲିଃ. ନାମରେ ଥିବା ବ୍ୟାଙ୍କ ଖାତାକୁ ପଠାଇବେ ।
ନିଜର ସମ୍ପୂର୍ଣ୍ଣ ଠିକଣା ପିନ୍‌କୋଡ୍ ନମ୍ବର ସହ ପଠାଇବେ । ବ୍ୟାଙ୍କ ଖାତା ନମ୍ବର ଫୋନ୍ କଲେ ଜଣାଇ ଦିଆଯିବ ।
ଯୋଗାଯୋଗ : ରେବତୀ କାର୍ଯ୍ୟାଳୟ, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଓଟି ରୋଡ୍, ବାଲେଶ୍ୱର-୧, ଫୋନ : ୭୦୦୮୮୪୫୯୨୦
୪୦/-
ରେବତୀ
ଆମ ମାଟିର ସର
Bank Details
Benificiary Name : Rebati Media House Pvt Ltd.
Bank Name : HDFC BANK (India), Balasore
Account No : 50200033907121
IFSC Code : HDFC0000366

The **REBATI AMA MATIRA SWARA** ● July 2020 Vol - 2 Issue - 9 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2020-2022 ● Rs. 50
Total Page : 108

**SUPRATIK**
**Life Style**



**MULTI FACILITY GYM**



**SWIMMING POOL**



**ROOFTOP GARDEN**



**BANQUET HALL**



**Contact For Booking**
**Call : 73810 36677 & 9040021003**

SUPRATIK INFRAVENTURES

**BRANCH OFFICE :**
**OT Road, Near Laxmi Narayan Temple, Balasore**

**Email : contactus@supratikgroup.com**
**Website : www.supratikgroup.com**

Associate editor : **Krushna Kumar Mohanty**
Editor : **Subasini Jena**